# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଜୁଲାଇ ୧୮/୨୦୧୯ (୨୦ ପୃଷ୍ଠା) Sambalpur, Thursday, July 18 / 2019 ★★

୧୫ଶ ଭାଗ ୨୧୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



Bharat 6
Petrol & Diesel

PRESENTING

SELTOS

BADASS BY DESIGN

| Signature Kia Design | Next-gen AT & MT | 1.4 Turbo GDI with DCT | 37 Connectivity Features |
|---|---|---|---|
| Globally Acclaimed | Petrol & Diesel BS VI Engines | First-in-segment | With Kia UVO Connect |



Pre-book your Seltos today

Visit www.kia.com/in

Book Kia Seltos

Contact your nearest **Kia Dealership today**

@KiaMotorsIN | @KiaMotorsIN | Kia Motors India | @KiaMotorsIN

First-in-segment: Smart 8.0 Head-up Display

Best-in-segment: BOSE Premium 8-speaker Music System with LED Sound Mood Lights

Best-in-segment: 10.25 HD Touchscreen Navigation

First-in-world: Smart Pure Air Purifier with UVO Controls

First-in-India: 360° View Camera with Blind View Monitor (BVM)

UVO Connect: Remote Start and Voice Recognition with 37 Connectivity Features

**26 New Additional Features:**

Signature Tiger Nose Grille | R17 Crystal-cut Alloy Wheels | 6 Airbags | Ventilated Front Seats | Crown Jewel LED Headlamps | Sweeping LED Light Bar | Heartbeat LED DRL | Multi-layer Turn Indicator | Heartbeat LED Tail Lamps | Ice Cube LED Fog Lamps | Electric Sunroof | Dual Trims – GT Line and Tech Line | Dual Muffler Design | Red Brake Caliper | Red Center Cap | Ambient Mood Lighting | Advance 7.0 Colour Display Cluster | Multi-drive Mode | Multi-traction Mode | Front Sensor | 4 Disc Brakes | Rear Sunshade Curtains | Reclining Rear Seats | Solar Glass | Driving Rear View Monitor (DRVM) | 8-way Driver Power Seat

**Close to you, no matter where you are**

Our long term commitment to India is as big as our ambition. That is why we begin our journey in India with a nation-wide network of dealerships and service centres which ensures ready spare parts availability and quick service. So, no matter where you are in India, you are not very far from Kia.

160 City Coverage | 265 Consumer Touchpoints | 206 Sales Points | 192 Service Points

**For more information contact – 1800 108 5000**

T&C Apply. Visit your nearest Kia dealership for more details. The product shown is for representation purpose only, actual features, colours and specifications as shown may not be part of standard fitment and may vary. Segment is defined as Mid SUV whose length lies between 4260-4390mm and width between 1775-1825mm. Kia urges you to follow traffic rules, these are meant to keep you safe on roads.

KIA
The Power to Surprise

FOR INFORMATION CONTACT: BHUBANESHWAR: CENTRAL, PAHAL, PH: 7440002919

INNOCEAN-102/19



"ସୀମାରେ ଭାରତ ଓ ଚାଇନା ସାମ୍ପ୍ରତିକ ବୁଝାମଣାକୁ ସମ୍ମାନ ଦେଇ ଶାନ୍ତିରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି।
-ରାଜନାଥ ସିଂ,
ପ୍ରତିରକ୍ଷାମନ୍ତ୍ରୀ





ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତରେ କୁଳଭୂଷଣ ମାମଲାର ରାୟ ପ୍ରକାଶ ପାଇବାବେଳେ ବିଚାରପତି ବୃନ୍ଦ।



ନେଦରଲାଣ୍ଡସ୍‌ରେ ଭାରତର ରାଷ୍ଟ୍ରଦୂତ ବେଣୁ ରାଜାମୋନି ଓ ବହିର୍ବ୍ୟାପାର ଯୁଗ୍ମ ସଚିବ (ପାକିସ୍ତାନ-ଆଫଗାନିସ୍ତାନ-ଇରାନ ବ୍ୟାପାର) ଦୀପକ ମିତ୍ତଲ ରାୟ ଶୁଣାଣି ବେଳେ ଅନ୍ତର୍ଜାତୀୟ ଅଦାଳତରେ ଉପସ୍ଥିତ।

## ଆଇସିଜେ ରାୟ: ପାକିସ୍ତାନର ପୂର୍ବତନ ପ୍ରଧାନ ବିଚାରପତିଙ୍କ ଭିନ୍ନମତ

# ଭାରତର ବୃହତ୍ ବିଜୟ

ହେଗ୍,୧୭।୭(ପି.ଟି./ଆଇଏଏନ୍‌ଏସ୍)

କୁଳଭୂଷଣ ଯାଦବଙ୍କ ମୃତ୍ୟୁ ଦଣ୍ଡାଦେଶ ଉପରେ ରହିଥିବା ସ୍ଥଗିତାଦେଶକୁ ବୁଧବାର ଅନ୍ତର୍ଜାତୀୟ ଅଦାଲତ ବଳବତ୍ତର ରଖିଛନ୍ତି। ଏହି ହାଇପ୍ରୋଫାଇଲ୍ ମାମଲାର ରାୟ ପ୍ରକାଶ ବେଳେ ଭାରତ ସପକ୍ଷରେ ୧୫ ବିଚାରପତି ମତ ଦେଇଛନ୍ତି। ହେଲେ ଆଇସିଜେରେ ଅସ୍ଥାୟୀ ବିଚାରପତି ଥିବା ପାକିସ୍ତାନର ପୂର୍ବତନ ପ୍ରଧାନ ବିଚାରପତି ତସାଦୁକ୍ ହୁସେନ ଜିଲାନି ଭିନ୍ନମତ ପ୍ରକାଶ କରିଛନ୍ତି। ଏହାସତ୍ତ୍ୱେ ସଂଖ୍ୟାଗରିଷ୍ଠ ମତ ପାକିସ୍ତାନୀ ସେନା କୋର୍ଟ ବିରୋଧରେ ଯାଇଥିବାରୁ ଏହାକୁ ଭାରତର ବୃହତ୍ ବିଜୟ ବୋଲି କୁହାଯାଉଛି।

ମୁମ୍ବାଇର ପୋଓ୍ୱାଇ ନିବାସୀ ୪୯ ବର୍ଷୀୟ କୁଳଭୂଷଣ ସୁଧୀର ଯାଦବ ନୌସେନାରୁ ଅବସର ନେବା ପରେ ବ୍ୟବସାୟ କରୁଥିଲେ। ସେ ଇରାନକୁ ବ୍ୟବସାୟିକ କାମରେ ଯାଇଥିବାବେଳେ ୨୦୧୬ ମାର୍ଚ୍ଚ ୩ରେ ପାକିସ୍ତାନୀ ସୁରକ୍ଷା ବଳ ତାଙ୍କୁ ଅପହରଣ କରି ନେଇଥିଲେ। ଗୁପ୍ତଚର ବୃତ୍ତି ଓ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ ତାଙ୍କୁ ବେଲୁଚିସ୍ତାନରୁ ଗିରଫ କରାଯାଇଥିବା ଦର୍ଶାଇ ପାକିସ୍ତାନ ମାମଲା ରୁଜୁ କରିଥିଲା। ଏହାର ୨୨ ଦିନ ପରେ ଅର୍ଥାତ୍ ମାର୍ଚ୍ଚ ୨୫ରେ ତାଙ୍କ ଗିରଫଦାରି ସମ୍ପର୍କରେ ଭାରତକୁ ଅବଗତ କରାଇଥିଲା। ସେଠାକାର ସାମରିକ କୋର୍ଟ କୁଳଭୂଷଣଙ୍କୁ ଜୋରଜବରଦସ୍ତି ଦୋଷ ସ୍ୱୀକାର କରାଇ ଦୋଷୀ ସାବ୍ୟସ୍ତ କରିବା ସହ ୨୦୧୭ ଏପ୍ରିଲ ୧୦ରେ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲା। କୁଳଭୂଷଣଙ୍କୁ ନୂଆଦିଲ୍ଲୀ ପକ୍ଷରୁ ଉଚ୍ଚାୟୁକ୍ତଙ୍କ ଜରିଆରେ ଆଇନଗତ ସହାୟତା ପ୍ରଦାନ ପାଇଁ ବାରମ୍ବାର ଅନୁରୋଧ କରାଯାଇଥିବାବେଳେ ଇସ୍‌ଲାମାବାଦ ମନା କରିଦେଇଥିଲା। ଫଳରେ ୨୦୧୮ ମେ ୮ରେ ଭାରତ କୁଳଭୂଷଣଙ୍କ ସ୍ୱୀକାରୋକ୍ତିକୁ ନେଇ ଆଇସିଜେରେ ପ୍ରଶ୍ନ ଉଠାଇବା ସହ ପାକିସ୍ତାନ ବିରୋଧରେ ଭିଏନା ଚୁକ୍ତି ଉଲ୍ଲଂଘନ ଅଭିଯୋଗ ଆଣିଥିଲା। ଏହାସହ ତାଙ୍କ ବିରୋଧରେ ପାକିସ୍ତାନ ଦେଇଥିବା ଦଣ୍ଡାଦେଶ ରଦ୍ଦ କରିବା ପାଇଁ ଅନ୍ତର୍ଜାତୀୟ ଅଦାଲତଙ୍କୁ ଅନୁରୋଧ କରିଥିଲା। ୨୦୧୮ ମେ ୧୮ରେ ଆଇସିଜେ ପାକିସ୍ତାନର ରାୟ ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ଆଇସିଜେ ଅଧ୍ୟକ୍ଷ ବିଚାରପତି ଅବ୍‌ଦୁଲକାଓ୍ୱି ଅହମ୍ମଦ ୟୁସୁଫ୍ ଅଧ୍ୟକ୍ଷତା କରୁଥିବା ୧୫ ଜଣିଆ ଖଣ୍ଡପୀଠ ଉଭୟ ପକ୍ଷର ଜବାବ ଓ ପ୍ରତିଜବାବ ଶୁଣିବା ପରେ ଗତ ଫେବୃୟାରୀ ୨୧ରେ ଶୁଣାଣି ଶେଷ କରି ମାମଲାର ରାୟ ସଂରକ୍ଷିତ ରଖିଥିଲେ। ଏହି ମାମଲାର ଶୁଣାଣି ପ୍ରକ୍ରିୟା ୨ ବର୍ଷ ୨ ମାସରେ ଶେଷ ହୋଇଛି। ୧୫ ସଦସ୍ୟତା ବିଶିଷ୍ଟ ଆଇସିଜେରେ ଭାରତ ପକ୍ଷରୁ ଜଷ୍ଟିସ୍ ଦଲବୀର ଭଣ୍ଡାରୀ (ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି) ପ୍ରତିନିଧିତ୍ୱ କରୁଥିବାବେଳେ ପାକିସ୍ତାନର କୌଣସି ସ୍ଥାୟୀ ବିଚାରପତି ନାହାନ୍ତି। ଜଷ୍ଟିସ୍ ଜିଲାନିଙ୍କୁ ସେଠାରେ ଅସ୍ଥାୟୀ ବିଚାରପତି ଭାବେ ନିଯୁକ୍ତ କରାଯାଇଛି। ଜିଲାନି ଏହି ମାମଲାରେ ଭାରତ ବିପକ୍ଷରେ ମତ ରଖିଥିଲେ।

ଫେବୃୟାରୀ ୧୪ରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦର ଆକ୍ରମଣରେ ଜମ୍ମୁ-କଶ୍ମୀରର ପୁଲଓ୍ୱାମାରେ ସୁରକ୍ଷା ବଳ ଉପରକୁ ଆତ୍ମଘାତୀ ଆକ୍ରମଣ ହୋଇଥିଲା। ଏଥିରେ ୪୦ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହି ଆକ୍ରମଣ ପରେ କୁଳଭୂଷଣ ମାମଲାର ୪ ଦିନିଆ ଶୁଣାଣି ହୋଇଥିଲା। ଶୁଣାଣି ବେଳେ ଉଭୟ ଭାରତ ଓ ପାକିସ୍ତାନ ନିଜ ନିଜ ପକ୍ଷ ରଖି ବିସ୍ତୃତ ତଥ୍ୟ ଓ ଯୁକ୍ତି ଉପସ୍ଥାପନ କରିଥିଲେ। ଭାରତ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ହରିସ୍ ସାଲ୍‌ଭେ ଦୁଇଟି ପ୍ରସଙ୍ଗ ଉଠାଇଥିଲେ। ଗୋଟିଏ ହେଉଛି ଭିଏନା ଚୁକ୍ତିର ଉଲ୍ଲଂଘନ ଓ ଅନ୍ୟଟି ପ୍ରସ୍ତାବନାର ପ୍ରକ୍ରିୟା। ପାକିସ୍ତାନର କୁଖ୍ୟାତ୍ ସେନା କୋର୍ଟଗୁଡ଼ିକର କାର୍ଯ୍ୟକାରିତା ଉପରେ ସେ ପ୍ରଶ୍ନ ଉଠାଇ କୁଳଭୂଷଣଙ୍କୁ ଜବରଦସ୍ତ ଦୋଷ ସ୍ୱୀକାର କରିବାକୁ ବାଧ କରାଯାଇଛି। ତେଣୁ ତାଙ୍କ ବିରୋଧରେ ଦିଆଯାଇଥିବା ମୃତ୍ୟୁ ଦଣ୍ଡାଦେଶ ରଦ୍ଦ କରିବାକୁ ସାଲ୍‌ଭେ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ଶୁଣାଣିର ଶେଷ ଦିନରେ ପାକିସ୍ତାନର ଓକିଲ ଖାଓ୍ୱର କୁରେଶୀ ଭାରତର ଦାବିକୁ ପ୍ରତ୍ୟାଖ୍ୟାନ କରି ଗ୍ରହଣଯୋଗ୍ୟ ନୁହେଁ ବୋଲି ଘୋଷଣା କରିବା ପାଇଁ ଆଇସିଜେଙ୍କୁ ଅନୁରୋଧ କରିଥିଲେ।



ଆଇସିଜେ ଅଧ୍ୟକ୍ଷ ଅବ୍‌ଦୁଲକାଓ୍ୱି ଅହମ୍ମଦ ୟୁସୁଫ୍



କୁଳଭୂଷଣ ଯାଦବ

"କୁଳଭୂଷଣ ଯାଦବ ମାମଲାରେ ଆଇସିଜେଙ୍କ ରାୟକୁ ଆମେ ସ୍ୱାଗତ କରୁଛୁ। ସତ୍ୟ ଓ ନ୍ୟାୟର ବିଜୟ ହୋଇଛି। ମାମଲାର ବ୍ୟାପକ ଅନୁଧ୍ୟାନ ଓ ତର୍ଜମା ପରେ ଆଇସିଜେ ରାୟ ଦେଇଥିବାରୁ ଅଭିନନ୍ଦନ ଜଣାଉଛି। ଖୁବଶୀଘ୍ର କୁଳଭୂଷଣଙ୍କୁ ନ୍ୟାୟ ମିଳିବ।'

-ନରେନ୍ଦ୍ର ମୋଦି,
ପ୍ରଧାନମନ୍ତ୍ରୀ



## ଭିଏନା ଚୁକ୍ତି କ'ଣ

କନ୍‌ସୁଲାର ରିଲେସନ୍ ଉପରେ ଭିଏନା ସମ୍ମିଳନୀ ୧୯୬୩ରେ ହୋଇଥିଲା। ଏହା ହେଉଛି ସ୍ୱାଧୀନ ରାଷ୍ଟ୍ରଗୁଡ଼ିକ ମଧ୍ୟରେ କୂଟନୈତିକ ସ୍ତରରେ ଆଇନଗତ ସହାୟତା ଯୋଗାଇଦେବା ଲାଗି ଅନ୍ତର୍ଜାତୀୟ ଚୁକ୍ତି। ଏହାକୁ ୧୮୦ଟି ରାଷ୍ଟ୍ର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଉକ୍ତ ଚୁକ୍ତିନାମାରେ ୭୯ଟି ଅନୁଚ୍ଛେଦ ରହିଛି। ଅନୁଚ୍ଛେଦ ୩୬ରେ ପ୍ରେରକ ରାଷ୍ଟ୍ରର ନାଗରିକ ଏବଂ କନ୍‌ସୁଲାର ଅଫିସରଙ୍କ ମଧ୍ୟରେ ଯୋଗାଯୋଗ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ପ୍ରେରକ ରାଷ୍ଟ୍ରର ନାଗରିକ ସହ ଜଣେ କନ୍‌ସୁଲାର ଅଫିସରଙ୍କର ଯୋଗାଯୋଗ କରିବାର ସ୍ୱାଧୀନତା ଏଥିରେ ପ୍ରଦାନ କରାଯାଇଛି ଏବଂ ଏହା ସେମାନଙ୍କୁ ଯୋଗାଇଦେବାକୁ ହେବ।

## ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରତିଷ୍ଠା ହୋଇଥିଲା ଆଇସିଜେ

ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ (ଆଇସିଜେ)କୁ ବିଶ୍ୱ ଅଦାଲତ ମଧ୍ୟ କୁହାଯାଇଥାଏ। ବିଭିନ୍ନ ରାଷ୍ଟ୍ର ପକ୍ଷରୁ ଦାଏର ଅନ୍ତର୍ଜାତୀୟ ଆଇନଗତ ବିବାଦର ସମାଧାନ କରିବା ହେଉଛି ଆଇସିଜେର ମୁଖ୍ୟ କାର୍ଯ୍ୟ। ଏହା ବ୍ୟତୀତ ଜାତିସଂଘ ପଠାଇଥିବା ଆଇନଗତ ପ୍ରସଙ୍ଗ ଉପରେ ଏହା ପରାମର୍ଶ ଦେଇଥାଏ। ଆଇସିଜେ ମତାମତ ଏବଂ ରାୟକୁ ଅନ୍ତର୍ଜାତୀୟ ଆଇନର ଉତ୍ସ ଭାବେ ଗ୍ରହଣ କରାଯାଏ। ଲିଗ୍ ଅଫ୍ ନେଶନ୍ସ ଦ୍ୱାରା ୧୯୨୦ରେ ସ୍ଥାୟୀ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ପିସିଆଇଜେ) ଗଠନ ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଲିଗ୍ ଅଫ୍ ନେଶନ୍ସ ଜାତିସଂଘରେ ପରିଣତ ହେବା ସହ ପିସିଆଇଜେକୁ ଆଇସିଜେରେ ପରିବର୍ତ୍ତନ କରାଯାଇଥିଲା। ଏହାର ମୁଖ୍ୟ କାର୍ଯ୍ୟାଳୟ ନେଦରଲ୍ୟାଣ୍ଡସର ହେଗ୍‌ଠାରେ ରହିଛି। ଆଇସିଜେରେ ୧୫ ଜଣିଆ ବିଚାରପତି କମିଟି ରହିଛି। ସେମାନେ ଜାତିସଂଘ ସାଧାରଣ ପରିଷଦ ଏବଂ ସୁରକ୍ଷା ପରିଷଦ ଦ୍ୱାରା ୯ ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି।

## ଏନ୍‌ଆଇଏ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

ନୂଆଦିଲ୍ଲୀ,୧୭।୭(ପି.ଟି.)

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଅଧିକ କ୍ଷମତା ଦେବା ପାଇଁ ଅଣାଯାଇଥିବା ବିଲ୍ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଛି। ୧୫ ତାରିଖରେ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ବୁଧବାର ରାଜ୍ୟ ସଭାରେ ବାଚନିକ ଭୋଟରେ ପାରିତ ହୋଇଛି। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ୨୦୦୯ରେ ଏନ୍‌ଆଇଏ ଗଠନ ହୋଇଥିଲା। ବର୍ତ୍ତମାନ ଆତଙ୍କବାଦକୁ ନେଇ ଦେଶ ସମ୍ମୁଖୀନ ହେଉଥିବା ବିଭିନ୍ନ ଚ୍ୟାଲେଞ୍ଜର ସମାଧାନ ଲାଗି ଏନ୍‌ଆଇଏକୁ ଅଧିକ କ୍ଷମତା ଦେବା ଜରୁରୀ ହୋଇପଡିଥିଲା। ସଂଶୋଧିତ ଆଇନ ଅନୁଯାୟୀ ଏନ୍‌ଆଇଏ ଭାରତୀୟ ଏବଂ ବିଦେଶରେ ଥିବା ଭାରତର ସ୍ୱାର୍ଥ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ଏଥିସହିତ ସାଇବର ଅପରାଧ ଏବଂ ମାନବ ଚାଲାଣ ବିରୋଧରେ ମଧ୍ୟ ଏହି ସଂସ୍ଥାକୁ ତଦନ୍ତ କ୍ଷମତା ପ୍ରଦାନ କରାଯାଇଛି। ବିଲ୍ ଉପରେ ଆଲୋଚନା ବେଳେ ରାଜ୍ୟ ପୋଲିସକୁ ତଦନ୍ତରେ ସହାୟତା କରିବା ଲାଗି ଅନୁମତି ଦେବା ଉଚିତ ବୋଲି ବିଭିନ୍ନ ଦଳ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା।

## ୟୁପିରେ ଜମି ବିବାଦରୁ ଗୁଳି

# ୯ ମୃତ, ୨୦ ଆହତ

ସୋନଭଦ୍ରା,୧୭।୭(ପି.ଟି.)

ଉତ୍ତରପ୍ରଦେଶ(ୟୁପି)ର ସୋନଭଦ୍ରା ଜିଲା ଘୋରାଓ୍ୱଲ ଅଞ୍ଚଳରେ ବୁଧବାର ଜମି ବିବାଦରୁ ଗୁଳିକାଣ୍ଡ ଘଟିଛି। ଜଣେ ଗାଁ ମୁଖିଆ ଓ ତାଙ୍କ ସମର୍ଥକଙ୍କ ଗୁଳିମାଡ଼ରେ ୩ ମହିଳାଙ୍କ ସମେତ ୯ ନିହତ ହୋଇଥିବାବେଳେ ୨୦ ଆହତ ହୋଇଛନ୍ତି। ସପାହି ଗ୍ରାମରେ ଘଟିଥିବା ଏହି ଗୁଳିକାଣ୍ଡର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିର୍ଦ୍ଦେଶ ଦେଇଛନ୍ତି।

ୟୁପିର ପୂର୍ବାଞ୍ଚଳସ୍ଥିତ ସପାହି ଗ୍ରାମରେ ଏକ ପୁରୁଣା ଜମି ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଛି। ଦୁଇଗୋଷ୍ଠୀର ଶତାଧିକ ଲୋକଙ୍କ ମଧ୍ୟରେ ଘଣ୍ଟାଏ ଧରି ଗୁଳି ବିନିମୟ ହୋଇଛି। ଗାଁ ମୁଖିଆ ଯଜ୍ଞଦତ୍ତ ଓ ତାଙ୍କ ସମର୍ଥକମାନେ ଲୋକଙ୍କ ଉପରେ ଦେଶୀ ବନ୍ଧୁକରୁ ଗୁଳି ଚଳାଇବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଅପର ପକ୍ଷ ମଧ୍ୟ ଏହାର ଜବାବ ଦେଇଥିଲେ। ଏଥିରେ ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ ଆହତ ହୋଇଥିବା ଜିଲାପାଳ ଅଙ୍କିତ କୁମାର ଅଗ୍ରଓ୍ୱାଲ ସୂଚନା ଦେଇଛନ୍ତି। ଜିଲା ହସ୍ପିଟାଲରେ ଆହତମାନଙ୍କୁ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଆହତଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇଦେବା ପାଇଁ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ଓ ଏସ୍‌ପି ସଲମାନ୍ ତାଜ୍ ପାଟିଲ ଆକ୍ରମଣସ୍ଥଳକୁ ଯାଇ ସ୍ଥିତି ନିୟନ୍ତ୍ରଣ କରିଛନ୍ତି।

## ଭାରତକୁ ମିସାଇଲ ସିଷ୍ଟମ୍ ଯୋଗାଇବ ଇସ୍ରାଏଲ

# ୫୦ ନିୟୁତ ଡଲାର ଚୁକ୍ତି ସ୍ୱାକ୍ଷର

ଜେରୁଜେଲମ୍,୧୭।୭(ପି.ଟି.)

ଇସ୍ରାଏଲ୍ ଏରୋସ୍ପେସ୍ ଇଣ୍ଡଷ୍ଟ୍ରିଜ୍ (ଆଇଏଆଇ) ଭାରତୀୟ ଏବଂ ମାଜାଗନ ଡକ୍ ସିପ୍‌ବିଲ୍ଡର୍ସଙ୍କୁ ମଧ୍ୟମ ଦୂରଗାମୀ ଭୂପୃଷ୍ଠରୁ ଆକାଶକୁ ଟାର୍ଗେଟ କରାଯାଇପାରୁଥିବା ମିସାଇଲ ସିଷ୍ଟମ୍ (ଏମ୍‌ଆର୍‌ଏସ୍‌ଏଏମ୍) ଯୋଗାଇଦେବ। ଏଥିପାଇଁ ୫୦ ନିୟୁତ ଡଲାର ମୂଲ୍ୟର ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ରାଜିନାମା ଏକ ବଡ଼ ଅଗ୍ରଗତି ବୋଲି ଆଇଏଆଇର ସିଷ୍ଟମ୍ସ, ମିସାଇଲ ଏବଂ ସ୍ପେସ୍ ଗ୍ରୁପ୍‌ର ସାଧାରଣ ପରିଚାଳକ ବୋଆଜ ଲେଭି କହିଛନ୍ତି। ଭାରତୀୟ ନୌସେନା ସହିତ ଆଇଏଆଇର ଭାଗିଦାରିତା ଏବଂ ସମ୍ପର୍କ ସୁଦୃଢ଼ ହୋଇଛି।



## [ଇତିହାସର ଆଇନାରେ] ଜୁଲାଇ ୧୮ର ପ୍ରମୁଖ ଘଟଣା

୧୯୪୭ ଜୁଲାଇ ୧୮ରେ ଭାରତର ସ୍ୱାଧୀନତା ଆଇନ କାର୍ଯ୍ୟକାରୀ ହୋଇଥିଲା। ଏହା ବ୍ରିଟେନ୍ ପାର୍ଲାମେଣ୍ଟର ଏକ ଆଇନ ଯାହା ବ୍ରିଟିଶ୍ ଇଣ୍ଡିଆକୁ ଭାରତ ଓ ପାକିସ୍ତାନରେ ବିଭକ୍ତ କରିଥିଲା।

୨୦୧୨ ଜୁଲାଇ ୧୮ରେ ଉତ୍ତର କୋରିଆର ସର୍ବୋଚ୍ଚ ନେତା କିମ୍ ଜଙ୍ଗ-ଉନ୍‌ଙ୍କୁ ମାର୍ଶାଲ ପଦବୀ ପ୍ରଦାନ କରାଯାଇଥିଲା। ଏହା ଉତ୍ତର କୋରିଆ ସେନାବାହିନୀର ସର୍ବୋଚ୍ଚ ପଦବୀ।




## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଉପସ୍ଥିତ ରହିବାକୁ ବାଧ ନୁହନ୍ତି ବିଦ୍ରୋହୀ ବିଧାୟକ

ନୂଆଦିଲ୍ଲୀ,୧୭।୭(ପି.ଟି.)



କେ.ଆର୍. ରମେଶ କୁମାର

- କର୍ନାଟକରେ ଆଜି ଆସ୍ଥାଭୋଟ
- ଇସ୍ତଫା ନିଷ୍ପତ୍ତି ବାଚସ୍ପତି ନେବେ
- ରାୟ ଦଳବଦଳକୁ ପ୍ରୋତ୍ସାହିତ କରିବ: କଂଗ୍ରେସ
- ବିଦ୍ରୋହୀ ବିଧାୟକଙ୍କ ନୈତିକ ବିଜୟ ହୋଇଛି: ୟେଦ୍ୟୁରପ୍ପା

କର୍ନାଟକ ବିଧାନସଭାରେ ଏଚ୍.ଡି. କୁମାରସ୍ୱାମୀ ସରକାର ଗୁରୁବାର ଆସ୍ଥାଭୋଟର ସମ୍ମୁଖୀନ ହେବାକୁ ଯାଉଥିବାବେଳେ ଶାସକ ଦଳର ୧୫ ବିଦ୍ରୋହୀ ବିଧାୟକ ଉପସ୍ଥିତ ରହିବେ କି ନାହିଁ ସେ ନିଷ୍ପତ୍ତି ସେମାନଙ୍କ ଉପରେ ଛାଡିଦେଇଛନ୍ତି ସୁପ୍ରିମକୋର୍ଟ। ବିଦ୍ରୋହୀ ବିଧାୟକମାନେ ଆସ୍ଥାଭୋଟରେ ଭାଗ ନେବେ ନାହିଁ ବୋଲି ସ୍ପଷ୍ଟ କହିସାରିଲେଣି। ଫଳରେ କୁମାରସ୍ୱାମୀ ସରକାରଙ୍କ ପତନର ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଛି।

ଚଳିତ ଅଧିବେଶନରେ କଂଗ୍ରେସ ଓ ଜେଡିଏସ୍‌ର ବିଦ୍ରୋହୀ ବିଧାୟକମାନଙ୍କୁ ଯୋଗଦେବା ଲାଗି ବାଧ କରାଯାଇପାରିବ ନାହିଁ ବୋଲି ବୁଧବାର ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ସେମାନେ ଅଧିବେଶନରେ ଯୋଗଦେବାକୁ ଚାହାଁନ୍ତି କି ନାହିଁ ସେ ନିଷ୍ପତ୍ତି ସେମାନଙ୍କ ଉପରେ ଛାଡ଼ିଦେବା ଲାଗି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ସେହିପରି ୧୫ ବିଧାୟକଙ୍କ ଇସ୍ତଫା ସମ୍ପର୍କରେ ନିଷ୍ପତ୍ତି ବାଚସ୍ପତି କେ.ଆର୍. ରମେଶ କୁମାରଙ୍କ ଉପରେ ଛାଡ଼ିଦିଆଯାଇଛି। ସେ ଉପଯୁକ୍ତ ସମୟ ବାହାର କରି ଇସ୍ତଫା ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ୍, ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷ୍ ରହିଛନ୍ତି। ବିଧାୟକଙ୍କ ଇସ୍ତଫା ସମ୍ପର୍କରେ ନିଷ୍ପତ୍ତି ନେବାର ସ୍ୱାଧୀନତା ବାଚସ୍ପତିଙ୍କର ରହିଛି ଏବଂ ସେଥିରେ କୋର୍ଟ ହସ୍ତକ୍ଷେପ କରିବାକୁ ଚାହାନ୍ତି ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେବା ସହ ନିଷ୍ପତ୍ତି ସମ୍ପର୍କରେ ଜଣାଇବା ଲାଗି କହିଥିଲେ। ସାମ୍ବିଧାନିକ ସନ୍ତୁଳନ ରକ୍ଷା କରିବା ବର୍ତ୍ତମାନ ସ୍ଥିତିରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ବୋଲି ଖଣ୍ଡପୀଠ ମତ ରଖିଥିଲେ।

ସୁପ୍ରିମକୋର୍ଟଙ୍କ ରାୟକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାଜପା ରାୟକୁ ସ୍ୱାଗତ କରିଥିବାବେଳେ ଏହା ରାଜ୍ୟରେ ରାଜନୈତିକ ସଙ୍କଟ ସୃଷ୍ଟି କରିବ ବୋଲି କଂଗ୍ରେସ କହିଛି। ଏହା ଦଳବଦଳକାରୀଙ୍କୁ ସୁରକ୍ଷା ଦେବା ସହ ଘୋଡ଼ାବେପାରକୁ ପ୍ରୋତ୍ସାହିତ କରିବ ବୋଲି କର୍ନାଟକ ପ୍ରଦେଶ କଂଗ୍ରେସ କମିଟି (କେପିସିସି) ସଭାପତି ଦିନେଶ ଗୁଣ୍ଡୁ ରାଓ କହିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ରାୟ ହ୍ୱିପ୍ ଉଲ୍ଲଂଘନ ଲାଗି ବିଦ୍ରୋହୀ ବିଧାୟକଙ୍କୁ ସହାୟତା କରିବ ଏବଂ ସମ୍ବିଧାନର ଧାରା ୧୦ ଅନୁଯାୟୀ ହ୍ୱିପ୍‌ର ମୂଲ୍ୟବୋଧ ପ୍ରତି ଭୁଲ୍ ଉଦାହରଣ ସୃଷ୍ଟି କରିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ କର୍ନାଟକ ଭାଜପା ସଭାପତି ବି.ଏସ୍. ୟେଦ୍ୟୁରପ୍ପା ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରିବା ସହ ଏହା ବିଦ୍ରୋହୀ ବିଧାୟକମାନଙ୍କ ପାଇଁ ନୈତିକ ବିଜୟ ବୋଲି କହିଛନ୍ତି। ୧୫ ବିଧାୟକଙ୍କ ଇସ୍ତଫା ଫଳରେ ରାଜ୍ୟରେ କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାର ଭାଙ୍ଗିବା ସ୍ଥିତିରେ ପହଞ୍ଚିଛି। ଏହି ବିଧାୟକମାନେ ଇସ୍ତଫା ଦେଇସାରିଥିବାରୁ ସେମାନଙ୍କ ବିରୋଧରେ କୌଣସି ଦଳ ହ୍ୱିପ୍ ଜାରିକରିପାରିବେ ନାହିଁ। ସେହିପରି ସେମାନଙ୍କୁ ଗୃହ କାର୍ଯ୍ୟରେ ଭାଗନେବା ଲାଗି ବାଧ କରାଯାଇପାରିବ ନାହିଁ ବୋଲି ୟେଦ୍ୟୁରପ୍ପା କହିଛନ୍ତି। କର୍ନାଟକ ସମ୍ପର୍କରେ ସମସ୍ତ ତଥ୍ୟକୁ ଆଖି ଆଗରେ ରଖି ଅଦାଲତ ଏଭଳି ରାୟ ଦେଇଛନ୍ତି ବୋଲି ଭାଜପା ନେତା କହିଛନ୍ତି।

କଂଗ୍ରେସ-ଜେଡିଏସ୍ ମେଣ୍ଟରୁ ୧୫ ବିଧାୟକ ଇସ୍ତଫା ଦେଇଥିଲେ ହେଁ ବାଚସ୍ପତି ଏହାକୁ ଗ୍ରହଣ କରିବା ନେଇ କାଳକ୍ଷେପଣ ନୀତି ଗ୍ରହଣ କରିଆସୁଥିଲେ। ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି କଂଗ୍ରେସ ବାଚସ୍ପତିଙ୍କୁ ଅନୁରୋଧ କରିବା ପରେ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାର ନ ହେବା ପର୍ଯ୍ୟନ୍ତ ବିଧାୟକଙ୍କ ବିରୋଧରେ କୌଣସି ନିଷ୍ପତ୍ତି ନ ନେବା ଲାଗି ସୁପ୍ରିମକୋର୍ଟ ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଜୁଲାଇ ୧୮/୨୦୧୯ | Sambalpur, Thursday, July 18 / 2019 | ପୃଷ୍ଠା-୧




**ଶୁଟର୍ ଅନିଶ ଭନୱାଲଙ୍କୁ ସ୍ୱର୍ଣ୍ଣ**

ଜର୍ମାନୀର ସୁହଲଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍‌ରେ ଭାରତୀୟ ଶୁଟର୍ ଅନିଶ ଭନୱାଲ ୨୫ ମିଟର ର୍‍ୟାପିଡ୍ ଫାୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ।

୧୭ | ୧୨

**ସ୍ଲିମ୍ ଟ୍ରିମ୍ ମିଶନରେ ଦୀପିକା**

ଦୀପିକା ପାଦୁକୋନ୍ । ସେ ତ ପତଳୀ, ହେଲେ ଏବେ ସେ ଆହୁରି ପତଳା ହେବାକୁ ଚାହୁଁଛନ୍ତି । ସେଥିପାଇଁ ସେ ଏବେ ସ୍ଲିମ୍ ଟ୍ରିମ୍ ମିଶନରେ ବ୍ୟସ୍ତ ଅଛନ୍ତି ।



## ହାଓଡ଼ାରେ ଦୁର୍ଘଟଣା: ୪ ଓଡ଼ିଆ ମୃତ



**ଭଦ୍ରକ ଅଫିସ, ୧୭।୭**

ପଶ୍ଚିମବଙ୍ଗର ହାଓଡା ଡୁଲାଗଡ ଟୋଲପ୍ଲାଜା ନିକଟରେ ବୁଧବାର ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ କ୍ରିକେଟ ଖେଳାଳିଙ୍କ ସମେତ ୪ ଓଡ଼ିଆ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକମାନେ ଭଦ୍ରକ, ଯାଜପୁର ଓ ଖୋର୍ଦ୍ଧା ଜିଲାର। ସେମାନେ ମଙ୍ଗଳବାର ଅପରାହ୍ନରେ ଏକ ବିବାହ ଭୋଜିରେ ଯୋଗଦେବାକୁ କାର୍ ଯୋଗେ କଲିକତା ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ଏକ ଟ୍ରେଲର ଚକ ତଳେ କାର୍ ପଶିଯାଇଥିଲା। ମୃତକଙ୍କ ମଧ୍ୟରେ ଭଦ୍ରକ କୁଆଁସ ଅଞ୍ଚଳର ଦିଗ୍‌ବିଜୟ ଦାସ(୩୫) ଓରଫ୍ ଦୀପୁ ଓ ଅନ୍ୟ ଜଣେ ଯାଜପୁର ଜିଲା ବିଞ୍ଝାରପୁର ବାସିନ୍ଦା ମନୋଜ ମହାନ୍ତି, ଭୁବନେଶ୍ୱର ଚନ୍ଦକା ଅଞ୍ଚଳର ଦିଲୀପ କୁମାର ନାୟକ ଓ ଶହୀଦନଗରର ପି. ତେଜେଶ୍ୱର ରାଓ ବୋଲି ଜଣାପଡ଼ିଛି। ଏହି ୪ ମୃତଦେହକୁ ପଶ୍ଚିମବଙ୍ଗ ପୋଲିସ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ପରେ ହସ୍ତାନ୍ତର କରିଛି। ଏହି ଖବର ପହଞ୍ଚିବା ପରେ ଭଦ୍ରକର କୁଆଁସ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗୁରୁତର ଥିବା ଖୋର୍ଦ୍ଧା ଅଞ୍ଚଳର କ୍ରିଷ୍ଣା ରାଓଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଡୁଲାଗଡ଼ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ ଦିଗ୍‌ବିଜୟ ଜଣେ ଜିଲାସ୍ତରୀୟ କ୍ରିକେଟ ଖେଳାଳି ଥିଲେ।

# କୁଳଭୂଷଣଙ୍କ ମୃତ୍ୟୁ ଦଣ୍ଡାଦେଶ ସ୍ଥଗିତ

**ହେଗ୍, ୧୭।୭ (ପି.ଟି./ଆଇଏଏନ୍‌ଏସ୍)**



କୁଳଭୂଷଣ ଯାଦବ

**ଆଇସିଜେରେ ପାକିସ୍ତାନକୁ ଝଟକା**

- ଭିଏନା ଚୁକ୍ତି ଅନୁସାରେ କନ୍‌ସୁଲାର ରିଲେଶନ୍ସର ଉଲ୍ଲଂଘନ କରିଛି ପାକିସ୍ତାନ
- କୁଳଭୂଷଣଙ୍କୁ ଦିଆଯାଉ ଉଚ୍ଚାୟୁକ୍ତଙ୍କ ଜରିଆରେ ଆଇନଗତ ସହାୟତା
- ପାକିସ୍ତାନୀ ସେନା କୋର୍ଟ ନିଜ ରାୟ ସମୀକ୍ଷା କରୁ

ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ସୁଧୀର ଯାଦବ ମାମଲାରେ ନେଦରଲାଣ୍ଡସ୍‌ର ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ) ପକ୍ଷରୁ ବୁଧବାର ବହୁପ୍ରତୀକ୍ଷିତ ରାୟ ପ୍ରକାଶ ପାଇଛି। ପାକିସ୍ତାନର ଜେଲରେ ଥିବା କୁଳଭୂଷଣଙ୍କ ମୃତ୍ୟୁ ଦଣ୍ଡାଦେଶ ଉପରେ ଆଇସିଜେ ସ୍ଥଗିତାଦେଶ ଜାରି କରିବା ସହ ରାୟ ଉପରେ ଇସ୍‌ଲାମାବାଦ ସମୀକ୍ଷା କରିବା ଜରୁରୀ ବୋଲି ସ୍ପଷ୍ଟ କରିଛନ୍ତି। ଏହାସହ ତାଙ୍କୁ ଭାରତୀୟ ଉଚ୍ଚାୟୁକ୍ତଙ୍କ ଜରିଆରେ ଆଇନଗତ ସହାୟତା (କନ୍‌ସୁଲାର ଆକ୍‌ସେସ୍) ଦେବା ପାଇଁ ପାକିସ୍ତାନକୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତ ସପକ୍ଷରେ ଚାଇନା ସମେତ ଆଇସିଜେର ୧୫ ବିଚାରପତି ମତ ଦେଇଥିବାବେଳେ କେବଳ ପାକିସ୍ତାନର ବିଚାରପତି ବିପକ୍ଷରେ ଭୋଟ ଦେଇଛନ୍ତି। ଏହାକୁ ଭାରତର ବିଜୟ ଓ ପାକିସ୍ତାନ ପାଇଁ ବଡ଼ ଝଟକା ବୋଲି କୁହାଯାଉଛି।

୨୦୧୭ ଏପ୍ରିଲ ୧୦ରେ ପାକିସ୍ତାନୀ ସେନା କୋର୍ଟ କୁଳଭୂଷଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେବା ପରେ ଆଇସିଜେରେ ଭାରତ ଏହାକୁ ଚ୍ୟାଲେଞ୍ଜ କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅନ୍ତର୍ଜାତୀୟ ବିବାଦର ସମାଧାନ ପାଇଁ ପ୍ରତିଷ୍ଠିତ ଜାତିସଂଘର ଏହି ଅଦାଲତରେ କୁଳଭୂଷଣ ମାମଲାର ଶୁଣାଣି ଗତ ଫେବୃୟାରୀ ୨୧ରେ ଶେଷ ହୋଇଥିଲା। ଆଇସିଜେ ଏହାର ରାୟ ସଂରକ୍ଷିତ ରଖିଥିଲେ, ଯାହାକି ୫ ମାସ ପରେ ଆସିଛି। ହେଗ୍‌ର ପିସ୍ ପ୍ୟାଲେସ୍‌ରେ ବୁଧବାର ଭାରତୀୟ ସମୟ ୬ଟା ୩୦ରେ ଆଇସିଜେ ଅଧ୍ୟକ୍ଷ ଅବ୍‌ଦୁଲକାୱି ଅହମ୍ମଦ ୟୁସୁଫ୍ ଏହି ହାଇପ୍ରୋଫାଇଲ ମାମଲାର ରାୟ ପଢ଼ି ଶୁଣାଇଛନ୍ତି। ବିଚାରପତି ଅବ୍‌ଦୁଲକାୱି ପାକିସ୍ତାନର ସମସ୍ତ ଆପତ୍ତିକୁ ଖାରଜ କରି କହିଛନ୍ତି, କୁଳଭୂଷଣଙ୍କ ଗିରଫଦାରି ପରେ ପାକିସ୍ତାନ ତାଙ୍କୁ ଜେଲରେ ରଖିଛି। ତାଙ୍କୁ ଉଚ୍ଚାୟୁକ୍ତଙ୍କ ଜରିଆରେ ଆଇନଗତ ସହାୟତା ପ୍ରଦାନ ପାଇଁ ଭାରତ ପକ୍ଷରୁ ଅନେକ ଥର ଅନୁରୋଧ କରାଯାଇଥିଲା। ହେଲେ ପାକିସ୍ତାନ ଏହି ସୁଯୋଗ ନ ଦେଇ କନ୍‌ସୁଲାର ଭିଜିଟ୍ ଅଧିକାରକୁ ଉଲ୍ଲଂଘନ କରିଛି। କୁଳଭୂଷଣଙ୍କୁ ଭିଏନା ଚୁକ୍ତି ଅନୁସାରେ ଗିରଫ କରି ଅଟକ ରଖାଯାଇଛି ବୋଲି ଭାରତକୁ ଅବଗତ କରାଇବା ପାକିସ୍ତାନ ପାଇଁ ଆଇନତଃ ଜରୁରୀ ଥିଲା, ଯାହାକି କରାଯାଇନାହିଁ। ୨୦୧୬ ମାର୍ଚ୍ଚରେ କୁଳଭୂଷଣଙ୍କୁ ଧରାଯାଇଥିବାବେଳେ ଏହାର ୩ ସପ୍ତାହ ପରେ ତାଙ୍କ ଗିରଫଦାରି ସମ୍ପର୍କରେ ଭାରତକୁ ଜଣାଇବା ଭିଏନା ଚୁକ୍ତିର ଉଲ୍ଲଂଘନ। ଏହାଦ୍ୱାରା ଭାରତ ପଟୁ କରାଯିବାକୁ ଥିବା କେଉଁ ଭୁଲ କାର୍ଯ୍ୟକୁ ପାକିସ୍ତାନ ଏଡାଇପାରିଛି ସେନେଇ ଇସ୍‌ଲାମାବାଦ କିଛି ସ୍ପଷ୍ଟ କରିନାହିଁ। କୁଳଭୂଷଣଙ୍କ ପ୍ରକୃତ ଜାତୀୟତା ନେଇ ଭାରତ ପକ୍ଷରୁ କିଛି ପ୍ରମାଣ ଦିଆଯାଇ ନାହିଁ ବୋଲି ଦର୍ଶାଇ ମାମଲାର ଗ୍ରହଣୀୟତା ଉପରେ ପାକିସ୍ତାନ ଉଠାଇଥିବା ଆପତ୍ତିଗୁଡ଼ିକୁ ରଦ୍ଦ କରାଯାଉଛି।

▪ ଇମ୍ରାନ୍‌ଙ୍କ ଆମେରିକା ଗସ୍ତ ପୂର୍ବରୁ

# ହାଫିଜ ସୟିଦ ଗିରଫ

**ଲାହୋର, ୧୭।୭**



ହାଫିଜ ସୟିଦ

ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ନିଷିଦ୍ଧ ଜମାତ୍-ଉଦ୍-ଦାୱା(ଜେୟୁଡି) ଆତଙ୍କବାଦୀ ସଙ୍ଗଠନର ମୁଖ୍ୟ ହାଫିଜ ସୟିଦଙ୍କୁ ବୁଧବାର ପାକିସ୍ତାନରେ ଗିରଫ କରାଯାଇଛି। ପାକିସ୍ତାନର ପଞ୍ଜାବସ୍ଥିତ ଆତଙ୍କନିରୋଧ ବିଭାଗ(ସିଟିଡି) ପକ୍ଷରୁ ତାଙ୍କୁ ଗିରଫ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୟିଦଙ୍କ ବିରୋଧରେ ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଉଥିବା ଅଭିଯୋଗ ସହ ଅନେକ ମାମଲା ରହିଛି। ବୁଧବାର ସେ ଆତଙ୍କନିରୋଧ ଅଦାଲତ(ଏଟିସି)ରେ ହାଜର ହେବା ଲାଗି ଲାହୋରରୁ ଗୁଜ୍‌ରାନ୍‌ୱାଲା ଯାଉଥିବାବେଳେ ଗିରଫ ହୋଇଥିବା ଜଣାପଡ଼ିଛି। ବିଚାର ବିଭାଗୀୟ ରିମାଣ୍ଡରେ ତାଙ୍କୁ କଡ଼ା ସୁରକ୍ଷାବଳୟରେ ଥିବା କୋଟ୍ ଲଖ୍‌ପତ୍ ଜେଲ୍‌କୁ ପଠାଇ ଦିଆଯାଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଆମେରିକା ଗସ୍ତରେ ଯାଇ

**୧୦ ବର୍ଷର ତଲାସୀ ପରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ତଥାକଥିତ ମାଷ୍ଟରମାଇଣ୍ଡଙ୍କୁ ପାକିସ୍ତାନ ଗିରଫ କରିଛି। ତାଙ୍କୁ ଧରିବା ପାଇଁ ଗତ ୨ ବର୍ଷରେ ବହୁତ ଚାପ ପକାଯାଇଥିଲା।**
**-ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି**

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାର ଦିନକ ପୂର୍ବରୁ ପାକିସ୍ତାନ ଏଭଳି ପଦକ୍ଷେପ ଗ୍ରହଣ କରିଛି। ସୟିଦଙ୍କ ଜେୟୁଡି ଲସ୍କର-ଇ-ତୋଇବା(ଏଲଇଟି) ଆତଙ୍କବାଦୀ ସଙ୍ଗଠନର ଛାମୁଆ ସଙ୍ଗଠନ ବୋଲି କୁହାଯାଉଛି। ☞ପୃଷ୍ଠା-୨

# ଏମ୍‌ସିଆଇ ସ୍ଥାନରେ ଜାତୀୟ ମେଡିକାଲ କମିଶନ

**ଭୁବନେଶ୍ୱର,୧୭।୭(ବ୍ୟୁରୋ)**

**ଜାତୀୟ ମେଡିକାଲ କମିଶନ ବିଲ୍‌କୁ କ୍ୟାବିନେଟ ଅନୁମୋଦନ**

- ଘରୋଇ ମେଡିକାଲ କଲେଜ,ଏକକ ବିଶ୍ୱବିଦ୍ୟାଳୟ ଫି' ନିୟନ୍ତ୍ରଣ କରିବେ
- କମିଶନରେ ରହିବ ୪ଟି ପରିଷଦ

କେନ୍ଦ୍ର କ୍ୟାବିନେଟ୍‌ରେ ଜାତୀୟ ମେଡିକାଲ କମିଶନ ବିଲ୍ ୨୦୧୯କୁ ବୁଧବାର ଅନୁମୋଦନ ମିଳିଛି। ଏଣିକି ମେଡିକାଲ କାଉନସିଲ ଅଫ୍ ଇଣ୍ଡିଆ (ଏମସିଆଇ) ସ୍ଥାନରେ ଜାତୀୟ ମେଡିକାଲ କମିଶନ କାର୍ଯ୍ୟ କରିବ। ସେହିଭଳି ଏହି ବିଲ୍ ବର୍ତ୍ତମାନ ପ୍ରଚଳିତ ଇଣ୍ଡିଆନ୍ ମେଡିକାଲ କାଉନ୍‌ସିଲ ଆଇନ ୧୯୫୬ର ସ୍ଥାନ ନେବ। ସେହିଭଳି ଡାକ୍ତରୀ ସ୍ନାତକ (ଏମ୍‌ବିବିଏସ୍) ପାଠ୍ୟକ୍ରମର ଅନ୍ତିମ ବର୍ଷର ପରୀକ୍ଷା ଜାତୀୟ ପ୍ରସ୍ଥାନ ପରୀକ୍ଷା (ନେକ୍ସଟ) ଭାବେ ପରିଚିତ ହେବ। ଏହା ସ୍ନାତକୋତର ଡାକ୍ତରୀ ପାଠ୍ୟକ୍ରମ ପ୍ରବେଶିକା ପରୀକ୍ଷା ତଥା ବିଦେଶୀ ଡାକ୍ତରୀ ସ୍ନାତକଙ୍କ ପାଇଁ ସ୍କ୍ରିନିଂ ଟେଷ୍ଟ ଭାବେ ବିବେଚିତ ହେବ। ଘରୋଇ ମେଡିକାଲ କଲେଜ ଓ ଏକକ ବିଶ୍ୱବିଦ୍ୟାଳୟର ୫୦% ସିଟ୍‌ରେ ଫି' ଏବଂ ଅନ୍ୟାନ୍ୟ ଖର୍ଚ୍ଚକୁ ଏହି କମିଶନ ନିୟନ୍ତ୍ରଣ କରିବେ। ଦେଶରେ ଗୋଟିଏ ସାଧାରଣ ମାନକ ଲାଗି ନିଟ୍, କମନ କାଉନ୍‌ସେଲିଂ ଏବଂ ନେକ୍ସଟ ଆଦି ଜାତୀୟ ପ୍ରବେଶିକା ପରୀକ୍ଷା ଏମ୍ସ ଭଳି ଜାତୀୟ ଗୁରୁତ୍ୱ ବହନ କରୁଥିବା ସଂସ୍ଥାନରେ ଉପଯୋଗୀ ହେବ।

ଜାତୀୟ ମେଡିକାଲ କମିଶନରେ ୪ଟି ସ୍ୱାୟତ୍ତ ପରିଷଦ ରହିବ। ସେଗୁଡ଼ିକ ହେଲା ସ୍ନାତକ ଡାକ୍ତରୀ ଶିକ୍ଷା ବୋର୍ଡ, ସ୍ନାତକୋତ୍ତର ଡାକ୍ତରୀ ଶିକ୍ଷା ବୋର୍ଡ, ମେଡିକାଲ ଆସେସ୍‌ମେଣ୍ଟ ଓ ରେଟିଂ ବୋର୍ଡ ଏବଂ ନୀତି ଓ ମେଡିକାଲ ପଞ୍ଜୀକରଣ ବୋର୍ଡ। ମେଡିକାଲ ଆସେସ୍‌ମେଣ୍ଟ ଓ ରେଟିଂ ବୋର୍ଡ (ଏମ୍‌ଏଆର୍‌ବି) ମେଡିକାଲ କଲେଜଗୁଡ଼ିକର ଅନୁଧ୍ୟାନ କରିବ। ମେଡିକାଲ କଲେଜଗୁଡ଼ିକୁ ର୍‍ୟାଙ୍କ ପ୍ରଦାନ କରିବା ଲାଗି ଏକ ବ୍ୟବସ୍ଥା କରାଯିବ। ଫଳରେ ଡାକ୍ତରୀ ଛାତ୍ରୀଛାତ୍ରମାନେ ନାମଲେଖା ନିମନ୍ତେ ଉପଯୁକ୍ତ ମେଡିକାଲ କଲେଜ ଚୟନ କରିପାରିବେ। ଏସବୁ ପଦକ୍ଷେପ ଦ୍ୱାରା ନାମଲେଖା ପ୍ରକ୍ରିୟାରେ ସ୍ୱଚ୍ଛତା ଆସିବ ଏବଂ ନାମଲେଖା ଫି' ହ୍ରାସ ପାଇବ। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ଅନୁଷ୍ଠିତ ହୋଇଥିଲା।

# ରାଜ୍ୟରେ ମରୁଡ଼ି ଆଶଙ୍କା

**ଭୁବନେଶ୍ୱର,୧୭।୭(ବ୍ୟୁରୋ)**

**୫ ଜିଲାରେ ୪୦ ପ୍ରତିଶତ କମ୍ ବର୍ଷା**

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଗାଏବ ହୋଇଯାଇଛି। ଗତ ୨ ସପ୍ତାହ ହେବ ନିଅଣ୍ଟିଆ ବର୍ଷା ପରିସ୍ଥିତି ସୃଷ୍ଟି ହୋଇଛି। ଧାନବିଲ ଫାଟି ଆଁ କଲାଣି। ଆସନ୍ତା ସପ୍ତାହକ ମଧ୍ୟରେ ବର୍ଷା ନ ହେଲେ ରାଜ୍ୟରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଚାଷ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ ବୋଲି କୃଷି ବିଶେଷଜ୍ଞମାନେ ଆକଳନ କଲେଣି। ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ଜୁନ୍ ପହିଲାରୁ ଏ ପର୍ଯ୍ୟନ୍ତ ୨୬ ପ୍ରତିଶତ କମ୍ ବର୍ଷା ହୋଇଛି। ଜୁନ ପହିଲାରୁ ଜୁଲାଇ ୧୭ ତାରିଖ ମଧ୍ୟରେ ସ୍ୱାଭାବିକ ଭାବେ ୩୯୩.୩ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ମାତ୍ର ୨୯୦.୧ ମିଲିମିଟର। ୫ ଜିଲାରେ ୪୦ ପ୍ରତିଶତରୁ କମ୍ ବର୍ଷା ହୋଇଥିବା ବେଳେ ଅନ୍ୟ ଜିଲାଗୁଡିକରେ ମଧ୍ୟ ପରିସ୍ଥିତି ଅସମ୍ଭାଳ ହେଲାଣି। ବଲାଙ୍ଗୀର ଜିଲାରେ ୪୧ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ବାଲେଶ୍ୱରରେ ୪୭, ଗଜପତିରେ ୬୦, କନ୍ଧମାଳ ୪୩ ଏବଂ ରାୟଗଡାରେ ୪୪ ପ୍ରତିଶତ କମ୍ ବର୍ଷା ହୋଇଛି। ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି।

**ଆଜିର ସମ୍ପାଦକୀୟ**

ପୋଷାପ୍ରାଣୀ ଓ ଆଲର୍ଜି

**ଆଜିର ମନ୍ତବ୍ୟ**

"୧୯୯୮ରେ ପୋଖରାନ ପରୀକ୍ଷାରେ ସଫଳତା ମିଳିଥିବାରୁ ଭାରତ ପୁନର୍ବାର ଆଣବିକ ପରୀକ୍ଷଣ କରିବା ଅନାବଶ୍ୟକ।
**-ଆର୍. ଚିଦାମ୍ବରମ୍, ଆଣବିକ ଶକ୍ତି କମିଶନ୍‌ର ପୂର୍ବତନ ଅଧ୍ୟକ୍ଷ**

କନ୍‌ଷ୍ଟେବଲଙ୍କ ଠକେଇ ଉଦ୍ୟମ ଧରାପଡ଼ିଲା, ୨ ଗିରଫ
.....
ସମ୍ବଲପୁର ଜିଲାପାଳଙ୍କ ଅଫିସ ଘେରିଲେ ଚାଷୀ
.....
କଲେଜ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ
.......୩.......

# ରାଜ୍ୟ ଗୋଷ୍ଠୀ ଟେବୁଲ ଟେନିସ ଉଦ୍‌ଘାଟିତ

- ପ୍ରଥମ ଦିବସରେ ଭାରତୀୟ ଦଳର ପ୍ରଭାବୀ ପ୍ରଦର୍ଶନ
- ମହିଳା ଦଳ ଶ୍ରୀଲଙ୍କାକୁ ୩-୦ ଓ ଦକ୍ଷିଣ ଆଫ୍ରିକାକୁ ୩-୦ରେ ହରାଇଲା
- ପୁରୁଷ ଦଳ ସ୍କଟଲାଣ୍ଡକୁ ୩-୦ ଓ ସିଙ୍ଗାପୁରକୁ ୩-୦ରେ ହରାଇଲା

**କଟକ ଅଫିସ,୧୭।୭**

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୨୧ତମ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ପ୍ରତିଯୋଗିତା ବୁଧବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଛି। ବର୍ଣ୍ଣାଢ୍ୟ ପରିବେଶ, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ କ୍ରୀଡ଼ାର ଅପୂର୍ବ ମାହୋଲ ମଧ୍ୟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ମେଗା ପ୍ରତିଯୋଗିତାର ଶୁଭାରମ୍ଭ କରିଛନ୍ତି। "ପୂର୍ବରୁ ଅନେକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରି ଭାରତର କ୍ରୀଡ଼ା ରାଜଧାନୀଭାବେ ଓଡ଼ିଶା ନିଜକୁ ପ୍ରମାଣିତ କରି ସାରିଛି। ଏବେ ଏହି ମାଟି ରାଜ୍ୟଗୋଷ୍ଠୀ ଟିଟି ଆୟୋଜନ କରି ସଫଳତା ତାଲିକାରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି । ଏହି ସଫଳତା ଧାରା ବଜାୟ ରହିବ" ବୋଲି ରାଜ୍ୟପାଳ ନିଜ ଅଭିଭାଷଣରେ ପ୍ରକାଶ କରିଛନ୍ତି। ଜଗନ୍ନାଥଙ୍କ ଏହି ମାଟିରେ କ୍ରୀଡ଼ା ଭିତ୍ତିଭୂମି ବିକାଶ ହୋଇଛି। କିଏ ହାରିବ କିମ୍ବା କିଏ ଜିତିବ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ। ଖେଳୁଆଡ ମନୋଭାବ ରଖି ସମସ୍ତେ କ୍ରୀଡ଼ାକ୍ଷେତ୍ରକୁ ଓହ୍ଲାନ୍ତୁ ବୋଲି ରାଜ୍ୟପାଳ କହିଛନ୍ତି । ଟୁର୍ନାମେଣ୍ଟରେ ଭାଗ ନେଇଥିବା ୧୨ଟି ରାଷ୍ଟ୍ରର ଖେଳାଳି ମାର୍ଚ୍ଚପାଷ୍ଟ କରିବା ପରେ ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହୋଇଥିଲା। ରାଜ୍ୟ କ୍ରୀଡ଼ା ଓ ଯୁବ ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଲେ ଯେ, "ଓଡ଼ିଶା ଏପରି ଏକ ଟୁର୍ନାମେଣ୍ଟ ଆୟୋଜନ କରି ସୌଭାଗ୍ୟ ଲାଭ କରିଛି । ୧୨ଟି ରାଷ୍ଟ୍ରର ବଛାବଛା ଖେଳାଳିଙ୍କୁ ଓଡ଼ିଶାବାସୀ ପାଖରେ ପାଇଛନ୍ତି। ଆଗାମୀ ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଏଠାରେ ଅଭ୍ୟାସର ଭଲ ସୁଯୋଗ ମିଳିବ" । ଅନ୍ୟପକ୍ଷରେ ରାଜ୍ୟଗୋଷ୍ଠୀ ଟିଟି ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ପାଇଁ ବେଶ୍ ଉପଯୋଗୀ ହେବ ବୋଲି କହିଥିଲେ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସଭାପତି ଏଲ.ଏନ. ଗୁପ୍ତା । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କ୍ରୀଡ଼ା ଓ ଯୁବ ବିଭାଗ ସଚିବ ବିଶାଲ କୁମାର ଦେବ, ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆର ସାଧାରଣ ସମ୍ପାଦକ ଏମ୍.ପି. ସିଂ, ଫେଡେରେଶନର କାର୍ଯ୍ୟକାରୀ ସଭାପତି ପ୍ରେମଚାନ୍ଦ ବର୍ମା, ସିଟିଏଫଏଫର ଅଧ୍ୟକ୍ଷ ଆଲାନ ରାନସମ୍ ପ୍ରମୁଖ ଉପସ୍ଥିତ ଥିଲେ।



ଦଳଗତ ବିଭାଗରେ ଏକ ମହିଳା ସିଙ୍ଗଲ୍ସ ମ୍ୟାଚରେ ଶ୍ରୀଲଙ୍କାର ବିମାନ୍ଦି ବନ୍ଦରାଙ୍କ ବିପକ୍ଷରେ ଶଟ୍ ଖେଳୁଛନ୍ତି ଭାରତର ମନିକା ବାତ୍ରା। (ଅଧିକ ଖବର ଖେଳ ପୃଷ୍ଠାରେ)

**ଅଭିଯୁକ୍ତଙ୍କ ସହ ପୋଲିସର ଭିତିରି ବୁଝାମଣା**

# ୧୨ ବର୍ଷରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ୧୪୧୭

**ତ୍ରିନାଥ ମହାନ୍ତି**
**ଭୁବନେଶ୍ୱର, ୧୭।୭**

- ଦୁର୍ବଳ ତଦନ୍ତ, ପ୍ରମାଣ ଅଭାବରୁ ଖସି ଯାଉଛନ୍ତି ଅଭିଯୁକ୍ତ
- ୨୦୧୪ରେ ସର୍ବାଧିକ ୨୩୧ ଜଣ
- ବଳାତ୍କାର ମାମଲାରେ ୫୧, ହତ୍ୟାକାଣ୍ଡରେ ୨୮

ରାଜଧାନୀ ଭୁବନେଶ୍ୱରରେ ହତ୍ୟା, ବଳାତ୍କାର, ଲୁଟ୍, ଠକେଇ, ଜମି ହଡପ, ଅପହରଣ ଭଳି ବଡ଼ ବଡ଼ ଅପରାଧ ପ୍ରାୟ ପ୍ରତିଦିନ ଘଟୁଛି। ଏ ସବୁ ଅପରାଧର ତଦନ୍ତ, ପ୍ରମାଣ ଯୋଗାଡ଼ କରିବାରେ କମିଶନରେଟ୍ ପୋଲିସକୁ ଦୀର୍ଘ ସମୟ ଲାଗିଯାଉଛି। ଏହା ପଛରେ ଅଭିଯୁକ୍ତଙ୍କ ସହ ପୋଲିସର ଭିତିରି ବୁଝାମଣା ରହୁଛି। ଫଳରେ ବହୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହେଉଛନ୍ତି। ରାଜଧାନୀରେ ୨୦୦୭ରୁ ୨୦୧୮ ପର୍ଯ୍ୟନ୍ତ ଅର୍ଥାତ୍ ୧୨ ବର୍ଷରେ ୧୪୧୭ ଅଭିଯୁକ୍ତଙ୍କୁ କୋର୍ଟ ପ୍ରମାଣ ଅଭାବରୁ ଦଣ୍ଡ ଦେଇପାରିନାହାନ୍ତି। ଏଥିପାଇଁ ରାଜଧାନୀ ବାସିନ୍ଦାଙ୍କ କେବଳ ପୋଲିସ ନୁହେଁ, ନ୍ୟାୟିକ ବ୍ୟବସ୍ଥା ଉପରୁ ମଧ୍ୟ ଭରସା ତୁଟିଯାଉଛି। ଅନେକଙ୍କୁ ତଳ ସ୍ତରରୁ ଶୀଘ୍ର ପଦୋନ୍ନତି ଦିଆଯାଇ ଥାନା ଅଧିକାରୀଭାବେ ଦାୟିତ୍ୱ ଦିଆଯାଇଛି। ସେମାନଙ୍କ ଅଭିଜ୍ଞତା ଅଭାବରୁ ଠିକ୍ ଭାବେ ତଦନ୍ତ ନ ହେବା ସହ ଦୁର୍ବଳ ଚାର୍ଜଶିଟ୍ ଦାଖଲ ଦ୍ୱାରା ଅଭିଯୁକ୍ତ ଖସିଯାଉଛନ୍ତି। ଅନ୍ୟ ଏକ କାରଣ ହେଲା ପୋଲିସ ଅଧିକାରୀମାନେ କୋର୍ଟକୁ ବିଚାର ପ୍ରକ୍ରିୟାରେ ସହଯୋଗ କରୁନାହାନ୍ତି, ଯଦ୍ୱାରା ମଧ୍ୟ ଦଣ୍ଡ ହାର କମୁଛି। କିଛିମାସ ପୂର୍ବେ ଅତିରିକ୍ତ ଜିଲା ଦୌରାଜଜ(ଦ୍ୱିତୀୟ) ଏସ୍.ଏସ୍. ଦାଶ ୨ଟି ମାମଲାରେ ତଦନ୍ତକାରୀ ଅଫିସରଙ୍କ ବିରୋଧରେ ଜାମିନବିହୀନ ପରୱାନା ଜାରି କରିଛନ୍ତି, ଯାହା କି ନ୍ୟାୟିକ ବ୍ୟବସ୍ଥାରେ ପ୍ରଥମ।

ସୂଚନା ଅଧିକାର ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ୧୨ ବର୍ଷରେ ୧୪୧୭ଜଣ ନିର୍ଦ୍ଦୋଷରେ ମୁକୁଳିଛନ୍ତି। ସେମାନଙ୍କ ମଧ୍ୟରୁ ଚୋରି ଘଟଣାରେ ୧୦୯ ଜଣ ଥିବାବେଳେ ହତ୍ୟାକାଣ୍ଡରେ ୨୮, ଡକାୟତିରେ ୮, ସିନ୍ଧିଚୋରିରେ ୪୭, ଧମକାଇ ଲୁଟ୍ ଘଟଣାରେ ୩୦, ଠକେଇରେ ୫, ଦଙ୍ଗା କରିବା ଘଟଣାରେ ୧୧, ବଳାତ୍କାର ମାମଲାରେ ୫୧, ମୋଟର ଯାନ ଅପରାଧରେ ୩୮ ଓ ମିସ୍‌କେସ୍‌ରେ ସର୍ବାଧିକ ୧୦୯୦ ଜଣ ନିର୍ଦ୍ଦୋଷରେ କୋର୍ଟରୁ ଖସିଯାଇଛନ୍ତି। ଉପରୋକ୍ତ ସମୟ ମଧ୍ୟରେ ୨୦୧୪ରେ ସର୍ବାଧିକ ୨୩୧ଜଣ ଏବଂ ୨୦୧୮ରେ ସର୍ବନିମ୍ନ ୧୯ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି, ପୋଲିସ ଅଫିସର ପୁରୁଣା ତଥା ଚିରାଚରିତ ଢଙ୍ଗରେ ତଦନ୍ତ କରୁଛନ୍ତି। ଫଳରେ ହାଇଟେକ୍ ଅପରାଧୀଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିବାରେ ଫେଲ୍ ମାରୁଛି। ଏହାସହ କୋର୍ଟରେ ମାମଲା ପରିଚାଳନା ଠିକ୍‌ଭାବେ ହେଉନାହିଁ। ଅନେକ କ୍ଷେତ୍ରରେ ପୋଲିସ ଲାଞ୍ଚ ନେଇ ଚାର୍ଜଶିଟ୍‌ରେ ଅଭିଯୁକ୍ତଙ୍କୁ ସୁହାଇଲା ଭଳି ରିପୋର୍ଟ ଦେଉଛନ୍ତି। ଫଳରେ ଅଭିଯୁକ୍ତ କୋର୍ଟରୁ ଖସି ଯାଉଛନ୍ତି।

ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ କହିଛନ୍ତି, ବହୁ ପୋଲିସ ଅଫିସରଙ୍କ ତଦନ୍ତ ପ୍ରକ୍ରିୟାରେ ଜ୍ଞାନ ନାହିଁ। ଏପରିକି ସେମାନେ କୋର୍ଟରେ ଦାଖଲ କରୁଥିବା ଚାର୍ଜଶିଟ୍‌ରେ ଭୁଲ କରୁଛନ୍ତି। ଆଉ ଏଥିପାଇଁ କୋର୍ଟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରୁଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଡିଜିପି ଏକ ସର୍କୁଲାର ଜାରି କରିଛନ୍ତି। ତଦନୁଯାୟୀ ଯେଉଁ ପୋଲିସ ଅଫିସରଙ୍କ ଯୋଗୁ ଅଭିଯୁକ୍ତମାନେ ନିର୍ଦ୍ଦୋଷରେ ଖଲାସ ହେଉଛନ୍ତି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହେଲେ ଗତ ୧୨ ବର୍ଷ ମଧ୍ୟରେ ଏତେ ଜଣ ନିର୍ଦ୍ଦୋଷରେ ଖସିଯାଇଥିଲେ ମଧ୍ୟ କେଉଁ ପୋଲିସ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ଓଡ଼ିଶାରେ ଦଣ୍ଡ ହାର କମୁଥିବା ସମ୍ପର୍କରେ ବୈଠକ କରାଯାଇ ଆଲୋଚନା କରାଯାଇଥିଲା। ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହେବାର ଅନେକ କାରଣ ରହିଛି। ଅନେକ ସମୟରେ ସିଆରପିସି ଧାରା ୧୬୧ ଅନୁଯାୟୀ ପୋଲିସ ବୟାନ ରେକର୍ଡ କରିବା ସମୟରେ ପୀଡ଼ିତା ଯାହା କହିଥାନ୍ତି କୋର୍ଟରେ ତାହାକୁ ବଦଳାଇ ଦେଇଥାନ୍ତି। ଫଳରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖସିଯାଉଥିବା ଦେଖିବାକୁ ମିଳୁଛି। ହେଲେ କିଭଳି ଦଣ୍ଡ ହାର ବଢ଼ାଯିବ ସେନେଇ ଉପଯୁକ୍ତ ବ୍ୟବସ୍ଥା କରାଯିବ ବୋଲି ମହାନ୍ତି କହିଛନ୍ତି।


AIMS COLLEGE
SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY)
PARDHIAPALI, SAMBALPUR
For Admission please Contact:
7873006705, 7873006725, 7978326206, 7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com

NECC NATIONAL EGG CO-ORDINATION COMMITTEE 17.07.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 70 | 119 | 129 |
| DKL | 72 | 122 | 132 |
| BDK | 69 | 118 | 128 |
| BLS | 69 | 118 | 128 |
| ANG | 70 | 119 | 129 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୮ ଜୁଲାଇ, ୨୦୧୯

**କିଛି ତଥ୍ୟ**
୨୦୧୮-୧୯ ଆର୍ଥିକ ବର୍ଷରେ ଭାରତ ଇନ୍ଧନ ଆମଦାନୀ ବାବଦକୁ ୧୧୨ ବିଲିୟନ (୭.୮୩ ଲକ୍ଷ କୋଟି ଟଙ୍କା) ଡଲାର ଖର୍ଚ୍ଚ କରିଛି।
– ପେଟ୍ରୋଲିୟମ ମନ୍ତ୍ରଣାଳୟ



**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ରୋହନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ରାଜ୍ୟ ରକ୍ତ ସଞ୍ଚାଳନ ପରିଷଦ ପରିଚାଳନା କମିଟି ବୈଠକ

# ୨୮ କୋଟି ୭୫ ଲକ୍ଷ ଟଙ୍କାର ବଜେଟ ଅନୁମୋଦିତ

- ୪.୫ ଲକ୍ଷ ୟୁନିଟ୍ ରକ୍ତ ସଂଗ୍ରହ ଉପରେ ଗୁରୁତ୍ୱ
- ରକ୍ତ ସଂଗ୍ରହ ଭ୍ୟାନ୍ ବ୍ୟବସ୍ଥା ପାଇଁ ନିଷ୍ପତ୍ତି
- ଘରୋଇ ଡାକ୍ତରଖାନା ରକ୍ତଭଣ୍ଡାର ସହ ସମନ୍ୱୟ ରଖିବାକୁ ପରାମର୍ଶ

ଭୁବନେଶ୍ୱର, ୧୭।୭(ବ୍ୟୁରୋ)

ରାଜ୍ୟ ରକ୍ତ ସଞ୍ଚାଳନ ପରିଷଦ ୩୧ତମ ପରିଚାଳନା କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୦୧୯-୨୦ ବର୍ଷ ପାଇଁ ୨୮ କୋଟି ୭୫ ଲକ୍ଷ ଟଙ୍କାର ବ୍ୟୟବରାଦ ଅନୁମୋଦିତ ହୋଇଛି। ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମକୁ ଆହୁରି ଅଧିକ ବ୍ୟାପକ କରାଯିବା ସହ ଆବଶ୍ୟକ ପଡୁଥିବା ୪.୫ ଲକ୍ଷ ୟୁନିଟ୍ ରକ୍ତ ସଂଗ୍ରହର ଧାର୍ଯ୍ୟ ଲକ୍ଷ୍ୟ ଶତପ୍ରତିଶତ ହାସଲ କରିବାକୁ ନିଷ୍ପତ୍ତି ହୋଇଛି। ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମକୁ ବିକେନ୍ଦ୍ରୀକରଣ କରାଯାଇ ଏହାକୁ ଅଧିକ ସୁଦୃଢ଼ କରାଯିବ। ୭ଟି ମେଡିକାଲ କଲେଜ ଓ ହସ୍ପିଟାଲ ସମେତ ଆର୍‌ଜିଏଚ୍ ରାଉରକେଲା ଏବଂ ବରଗଡ଼ ହସ୍ପିଟାଲ ପାଇଁ ରକ୍ତସଂଗ୍ରହ ଭ୍ୟାନ୍ ବ୍ୟବସ୍ଥା ହେବ। ଘରୋଇ ଡାକ୍ତରଖାନାଗୁଡ଼ିକରେ ଥିବା ରକ୍ତଭଣ୍ଡାର ସହିତ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ୮୩ଟି ରକ୍ତଭଣ୍ଡାର ରହିଥିବାବେଳେ ସେଥିରୁ ୫୫ଟି ରାଜ୍ୟ ସରକାରଙ୍କ ଅଧୀନରେ ରହିଛି। ୧୬ଟି ରକ୍ତ ଉପାଦାନ ପୃଥକୀକରଣ ୟୁନିଟ୍ କାର୍ଯ୍ୟକରୁଛି। ରାଜ୍ୟ ସରକାର ସରକାରୀ ଡାକ୍ତରଖାନାଗୁଡ଼ିକରେ ଚିକିତ୍ସିତ ରୋଗୀମାନଙ୍କୁ ମାଗଣାରେ ରକ୍ତ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ଏଥିସହ ହେମୋଗ୍ଲୋବିନୋପାଥି ରୋଗୀଙ୍କ ପାଇଁ ଯାତାୟାତ ବାବଦକୁ ୫୦୦ ଟଙ୍କା ପ୍ରଦାନ କରୁଛନ୍ତି। ୨୦୧୮ ମାର୍ଚ୍ଚ ୧ରୁ ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ଏହିଭଳି ୧୧୭୦୬ଜଣ ରୋଗୀ ଉପକୃତ ହୋଇଥିବା ଜଣାପଡ଼ିଛି। ରାଜ୍ୟ ରକ୍ତ ସଞ୍ଚାଳନ ପରିଷଦ କାର୍ଯ୍ୟଧାରାରେ ପରବର୍ତ୍ତନ ଆଣି ସ୍ୱେଚ୍ଛାକୃତ ରକ୍ତ ସଂଗ୍ରହ, କ୍ୟାମ୍ପ ଆୟୋଜନ ଆଦିକୁ ଅଧିକ ସୁଦୃଢ଼ କରିବା ସହିତ ଗୁଣାତ୍ମକ ରକ୍ତ ଯୋଗାଣ ନିମନ୍ତେ ଖସଡ଼ା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଏସ୍‌ବିଟିସି ନିର୍ଦ୍ଦେଶକ ଡା. ମାନସ ସାମନ୍ତରାୟ, ଅର୍ଥ ବିଭାଗର ଅତିରିକ୍ତ ସଚିବ ଗଦାଧର ନନ୍ଦି, ଭେଷଜ ନିୟନ୍ତ୍ରକ ମାମିନା ପଟ୍ଟନାୟକ, ଭିମ୍‌ସାର ଅଧୀକ୍ଷକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ■ ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ପ୍ରସ୍ତାବ

# ‘ଓଡ଼ିଶା ଟୁରିଜମ୍’କୁ ଆବଶ୍ୟକ ସେଲିବ୍ରିଟି ବ୍ରାଣ୍ଡ୍ ଆମ୍ବାସାଡର

- ଜାତୀୟ, ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ବିଜ୍ଞାପନରୁ ମିଳିଲାନି ସୁଫଳ
- ବିଭିନ୍ନ ସମୟରେ ମୁହଁ ଖୋଲିଛନ୍ତି ହୋଟେଲିୟର, ଟୁର୍ ଅପରେଟର

ଭୁବନେଶ୍ୱର,୧୭।୭(ବ୍ୟୁରୋ)

‘ଖୁସ୍‌ବୁ ଗୁଜରାଟ କି’ କ୍ୟାମ୍ପେନ୍ ହେଉ କି ‘ଅସମ୍ ଆସାମ୍’ କ୍ୟାମ୍ପେନ୍। ଅମିତାଭ ବଚ୍ଚନ ଓ ପ୍ରିୟଙ୍କା ଚୋପ୍ରାଙ୍କ ଭଳି ସେଲିବ୍ରିଟି କ୍ୟାମ୍ପେନର୍ ଉଭୟ ଗୁଜରାଟ ଓ ଆସାମ ପର୍ଯ୍ୟଟନକୁ ବେଶ୍ କିଛିପାଦ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ମାତ୍ର ବର୍ଷକ ମଧ୍ୟରେ ଗୁଜରାଟକୁ ପର୍ଯ୍ୟଟକଙ୍କ ଆଗମନ ୧୪ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ପ୍ରିୟଙ୍କା ଚୋପ୍ରାଙ୍କ ପାଇଁ ଆସାମରେ ୧୧ ପ୍ରତିଶତରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ପାଦ ଦେଇଛନ୍ତି। ସେହିଭଳି ମହାରାଷ୍ଟ୍ର, ମଧ୍ୟପ୍ରଦେଶ, କେରଳ, ପଶ୍ଚିମବଙ୍ଗ, ଉତ୍ତରାଖଣ୍ଡ ଓ ଝାଡ଼ଖଣ୍ଡ ଆଦି ରାଜ୍ୟର ପର୍ଯ୍ୟଟନ ସେଲିବ୍ରିଟି ଆମ୍ବାସାଡରଙ୍କ ପାଇଁ ବ୍ୟାପକ ହୋଇପାରିଛି। ମାତ୍ର ଓଡ଼ିଶା ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି। ସେଲିବ୍ରିଟି ବ୍ରାଣ୍ଡ୍ ଆମ୍ବାସାଡର ନ ଥିବାରୁ ଓଡ଼ିଶା ପର୍ଯ୍ୟଟନରେ ସେଭଳି ଆଖିଦୃଶିଆ ଅଭିବୃଦ୍ଧି ହୋଇପାରୁ ନ ଥିବା ନେଇ ହୋଟେଲିୟର ଏବଂ ଟୁର୍ ଅପରେଟରମାନେ ଏନେଇ ବିଭିନ୍ନ ସମୟରେ ଅଭିଯୋଗ ଆଣିଛନ୍ତି। ଏବେ ‘ଓଡ଼ିଶା ଟୁରିଜମ୍’ ପାଇଁ ସେଲିବ୍ରିଟି ବ୍ରାଣ୍ଡ୍ ଆମ୍ବାସାଡର ଆବଶ୍ୟକତା ରହିଛି। ନିକଟରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୫ମ ବିଧାନସଭା ଷ୍ଟାଣ୍ଡିଂ କମିଟି ରିପୋର୍ଟକୁ ଦିଆଯାଇଥିବା ପ୍ରସ୍ତାବରେ ମଧ୍ୟ ଏହା ଉପରେ ଗୁରୁତ୍ୱ ଦିଆଯାଇଛି।

ବିଦେଶୀ ପର୍ଯ୍ୟଟକଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିବାକୁ ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରିନାହିଁ। କମ୍ ସଂଖ୍ୟକ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ଆସିବା ଏବେ ଚିନ୍ତାର ବିଷୟ ହୋଇଛି। ତେବେ ହୋଟେଲିୟର ଏବଂ ଟୁର୍ ଅପରେଟରଙ୍କ କହିବାନୁଯାୟୀ, ଓଡ଼ିଶା ପର୍ଯ୍ୟଟନର ପ୍ରଚାର ପ୍ରସାର ଲାଗି ସେଲିବ୍ରିଟି ବ୍ରାଣ୍ଡ୍ ଆମ୍ବାସାଡର ନାହାନ୍ତି। ବିଭାଗ ପକ୍ଷରୁ ଡିସ୍‌କଭରି, ସିଏନ୍‌ଏନ୍, ଟ୍ରାଭେଲ ଏକ୍ସପି, ଫକ୍ସ ଓ ବିବିସି ଭଳି ଇଣ୍ଟରନ୍ୟାଶନାଲ ଏବଂ ଟାଇମ୍ସ, ଷ୍ଟାର୍, ଭାୟାକମ୍ ଓ ଏବିପି ଭଳି ବିଭିନ୍ନ ଜାତୀୟସ୍ତରୀୟ ପ୍ଲାଟ୍‌ଫର୍ମରେ ବିଜ୍ଞାପନ ଦିଆଯାଉଥିଲେ ମଧ୍ୟ ଏହା ପର୍ଯ୍ୟଟକଙ୍କୁ ସେତେଟା ଆକୃଷ୍ଟ କରିପାରିନି। ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା ଅଧ୍ୟକ୍ଷ ଜେ.କେ. ମହାନ୍ତି ନିକଟରେ କହିଥିଲେ, ବଲିଉଡ୍ କଳାକାର କିମ୍ବା କ୍ରୀଡ଼ା ତାରକାଙ୍କ ଫେସ୍ ଭ୍ୟାଲ୍ୟୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏବେ ଓଡ଼ିଶା ପର୍ଯ୍ୟଟନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର କରିଛି। ଟିଭି ଚ୍ୟାନେଲ ବିଜ୍ଞାପନରେ ଓଡ଼ିଆ ଅଭିନେତ୍ରୀ, ଅଭିନେତାଙ୍କୁ ଦେଖିବାକୁ ମିଳୁଛି। ହେଲେ ଦେଶ କିମ୍ବା ବିଦେଶରେ ଏମାନେ ସେତେଟା ପରିଚିତ ନ ଥିବାରୁ ବିଦେଶୀ ପର୍ଯ୍ୟଟକଙ୍କୁ ଓଡ଼ିଶାକୁ ଆକର୍ଷିତ କରିବାରେ ବିଭାଗ ସଫଳ ହୋଇପାରୁନି।

ଅନ୍ୟପକ୍ଷରେ ଆସାମ ଟୁରିଜମ୍‌ର ବ୍ରାଣ୍ଡ୍ ଆମ୍ବାସାଡର ଥିବା ଗ୍ଲୋବାଲ ଷ୍ଟାର୍ ପ୍ରିୟଙ୍କାଙ୍କ ‘ଅସମ୍ ଆସାମ୍’ କ୍ୟାମ୍ପେନ୍ ପାଇଁ ଆସାମକୁ ୨୦୧୭ ତୁଳନାରେ ୨୦୧୮ରେ ଅଧିକ ୧୧.୭% ପର୍ଯ୍ୟଟକ ଆସିଥିଲେ। ଗୁଜରାଟ ଟୁରିଜମ୍‌ର ବ୍ରାଣ୍ଡ୍ ଆମ୍ବାସାଡର ଅମିତାଭଙ୍କ ‘ଖୁସ୍‌ବୁ ଗୁଜରାଟ କି’ କ୍ୟାମ୍ପେନ୍ ଓ ପଶ୍ଚିମବଙ୍ଗ ପର୍ଯ୍ୟଟନ ବ୍ରାଣ୍ଡ୍ ଆମ୍ବାସାଡର ଶାହାରୁଖ୍ ଖାନ୍‌ଙ୍କ ‘ବ୍ରାଣ୍ଡ୍ ଏସ୍‌ଆର୍‌କେ’ ସେହି ରାଜ୍ୟ ପର୍ଯ୍ୟଟନକୁ ବିଶ୍ୱବ୍ୟାପୀ କରିପାରିଛି। ସେହିଭଳି ଝାଡ଼ଖଣ୍ଡ ଟୁରିଜମ୍‌ର ବ୍ରାଣ୍ଡ ଆମ୍ବାସାଡର ଭାରତୀୟ କ୍ରିକେଟ୍ ଟିମ୍‌ର ଷ୍ଟାର୍ କ୍ରିକେଟର୍ ମହେନ୍ଦ୍ର ସିଂ ଧୋନୀ ଥିବାବେଳେ ଗୋଆ ଟୁରିଜମ୍‌ର ବ୍ରାଣ୍ଡ୍ ଆମ୍ବାସାଡର ଅଛନ୍ତି ପ୍ରାଚୀ ଦେଶାଇ। ନିକଟରେ ଆନ୍ଧ୍ରପ୍ରଦେଶ ସରକାର ଏହାର ପର୍ଯ୍ୟଟନର ପ୍ରଚାର ପ୍ରଚାର ପାଇଁ ଜଣେ ଖ୍ୟାତନାମା ସେଲିବ୍ରିଟିଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର କରିବାକୁ ଯୋଜନା କରିଥିବା ମଧ୍ୟ ସୂଚନା ମିଳିଛି। ଏଭଳିସ୍ଥଳେ ଷ୍ଟାଣ୍ଡିଂ କମିଟି ରିପୋର୍ଟ ମୁତାବକ ଓଡ଼ିଶା ପର୍ଯ୍ୟଟନ ଯଦି ବ୍ରାଣ୍ଡ୍ ଆମ୍ବାସାଡର କନ୍‌ସେପ୍ଟକୁ କେବଳ ଯୋଜନା ମଧ୍ୟରେ ସୀମିତ ରଖେ ତା’ହେଲେ ରାଜ୍ୟ ପର୍ଯ୍ୟଟନର ବିକାଶ ଅସମ୍ଭବ ବୋଲି ମତପ୍ରକାଶ ପାଇଛି।

ପ୍ରଥମ ପୃଷ୍ଠାରୁ

## ହାଫିଜ ସୟିଦ ...

୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଲାଗି ଏହି ସଙ୍ଗଠନ ନିଜକୁ ଦାୟୀ କରିଥିଲା। ଏଥିରେ ୧୬୬ ଲୋକ ପ୍ରାଣ ହରାଇଥିବାବେଳେ ଅନେକ ଆହତ ହୋଇଥିଲେ। ଜାତିସଂଘ ଓ ଆମେରିକା ପକ୍ଷରୁ ସୟିଦଙ୍କୁ ବିଶ୍ୱ ଆତଙ୍କବାଦୀ ବୋଲି ଦର୍ଶାଯିବା ସହ ତାଙ୍କ ସମ୍ପର୍କରେ ସୂଚନା ଲାଗି ୧୦ ନିୟୁତ ଡଲାରର ପୁରସ୍କାର ମଧ୍ୟ ଘୋଷଣା କରିଥିଲା। ବିଶ୍ୱ ସମୁଦାୟର ଚାପ ବଢ଼ିବା ପରେ ପାକିସ୍ତାନ ଅଧିକାରୀ ଜେୟୁଡି, ଏଲ୍‌ଇଟି, ଫଲାହ-ଇ-ଇନ୍‌ସାନିୟତ୍ ଫାଉଣ୍ଡେଶନ(ଏଫ୍‌ଆଇଏଫ୍) ବିରୋଧରେ ତଦନ୍ତ ଆରମ୍ଭ କରିବା ସହ ସେମାନଙ୍କ ପାଣ୍ଠି ସଂଗ୍ରହ ଉତ୍ସ ବିଷୟରେ ଖୋଳତାଡ଼ ଆରମ୍ଭ କରିଛନ୍ତି। ଆତଙ୍କବାଦୀଙ୍କୁ ଏହି ସଙ୍ଗଠନଗୁଡ଼ିକ ଅର୍ଥ , ଅସ୍ତ୍ରଶସ୍ତ୍ର ଆଦି ଯୋଗାଉଥିବା ଜଣାପଡ଼ିଥିଲା। ହାଫିଜ ଓ ତାଙ୍କର ୧୨ ସହଯୋଗୀଙ୍କ ବିରୋଧରେ ୨୩ ମାମଲା ରହିଛି। ଏମାନେ ୫ଟି ଟ୍ରଷ୍ଟ ଗଠନ କରି ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଉଥିବା ଜଣାପଡ଼ିଛି। ବେଆଇନ ଭାବେ ଜମି ଦଖଲ କରି ମଦ୍ରାସା ଚଳାଇବା, ଟେରର୍ ଫାଇନାନ୍ସି, ମନି ଲଣ୍ଡରିଂ ଭଳି ଅନେକ ମାମଲା ହାଫିଜ ସୟିଦଙ୍କ ବିରୋଧରେ ରହିଛି।

## ଆଜି ଯୁକ୍ତ୩ ନାମଲେଖା ପ୍ରଥମ କଟ୍ ଅଫ୍ ମାର୍କ

ଭୁବନେଶ୍ୱର, ୧୭।୭(ବ୍ୟୁରୋ)

ଯୁକ୍ତ ୩ ପ୍ରଥମ ବର୍ଷରେ ନାମଲେଖା ପାଇଁ ଗୁରୁବାର ପ୍ରଥମ ପର୍ଯ୍ୟାୟ କଟ୍ ମାର୍କ ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ରମାନେ ୧୯ରୁ ୨୩ ତାରିଖ ମଧ୍ୟରେ ନାମ ଲେଖାଇବେ। ୧୯ରୁ ୨୪ତାରିଖ ମଧ୍ୟରେ ଆନେକ୍ସର-୭ ଅନ୍‌ଲାଇନ୍‌ରେ ଡିପୋଜିଟ୍ କରିବେ। ୨୫ ତାରିଖରେ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ତଥ୍ୟ ପ୍ରକାଶ ପାଇବ। ଅଗଷ୍ଟ ୫ରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ (କଟ୍ ଅଫ୍ ମାର୍କ) ପ୍ରକାଶ ପାଇବ। ଅଗଷ୍ଟ ୧୨ରେ ଦ୍ୱିତୀୟ ପର୍ଯ୍ୟାୟରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ତଥ୍ୟ ପ୍ରକାଶ ପାଇବ। ଅଗଷ୍ଟ ୨୪ ଯୁକ୍ତ୩ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ଗତ ଜୁନ୍ ୨୪ରୁ ଜୁଲାଇ ୮ ମଧ୍ୟରେ ଯୁକ୍ତ୩ ପ୍ରଥମ ବର୍ଷ ନାମଲେଖା ପାଇଁ ଛାତ୍ରୀଛାତ୍ରମାନେ ଆବେଦନ କରିଥିଲେ। ରାଜ୍ୟରେ ୧୦୪୭ ଡିଗ୍ରୀ କଲେଜରେ ନାମଲେଖା ପାଇଁ ଚଳିତବର୍ଷ ୨,୧୬, ୫୩୪ଜଣ ଛାତ୍ରୀଛାତ୍ର ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨,୧୪,୮୭୩ଜଣ ଛାତ୍ରୀଛାତ୍ର ଅନ୍‌ଲାଇନ୍‌ରେ ଫି’ ଡିପୋଜିଟ୍ କରିଛନ୍ତି।

**classifieds Everyday**
**0674-2580101, 2549302**

**real estate**
**SALE**

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m. ବାସୋପଯୋଗୀ plot 1200sqft. 5,40,000/- immediate possession/ registration. 9937032327, 9583328312. D-66730

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66927

Bhubaneswar-Pitapalli Chhaka ଠାରୁ 100 ମିଟର ଦୂରରେ BDA Plot, Road, Electric, ପାଚେରି ସହିତ ଶସ୍ତାରେ କିଣନ୍ତୁ। Contact: 8144328828, 9348330874. D-13423

**Conversion demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରୋଡ଼ sideରେ 1200sqft. 6,60,000/-. 9437306208.** D-66728

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66729

Newly ready duplex with land area of 1600sqft. and construction area 2800sqft. near housing board colony Nandanvihar road, Patia, Price 95Lakhs (negotiable). Contact: 9439585947, 9937388797. D-67011

**ଭୁବନେଶ୍ୱର ତମାଣ୍ଡୋ କେନ୍ଦ୍ରିୟ ବିହାର ନିକଟରେ BDA yellowzone plot 30’road, ଇଲେକ୍ଟ୍ରିସିଟି ଥାଇ sqft 999/-, ପିପିଲି bypass ପାଖରେ 399/- ରେ ବିକ୍ରିହେବ। 8917502591.** D-66732

2BHK fully furnished with modular kitchen apartment sale at Gudiapokhari near KEC. 15 minutes drive from Bhubaneswar and 40 minutes from Puri. Buyer please contact: 9438109040, 8144658008. D-13402

**SUM hospital କ୍ରିଷ୍ଣାପୁରି କଲୋନି, Patrapada NH ପାଖରେ yellowzone plot ତୁରନ୍ତ ବିକ୍ରିହେବ। 9938991256, 8917502591.** D-66731

**GENERAL**
**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

**to-let**

Tolet service for bachelor, family, girls, all over Bhubaneswar. 6371209927. D-64982

**Shree Hari Kalyana Mandap for Go-down, Institution etc. Nuagaon, Municipality Road, Bhubaneswar-2. 9337129414.** D-13433

**healthcare**

Fully refreshed/ relaxed body massage by expert therapist, Shastri Nagar. 7377984773. D-67312

Rejuvenate and ayurvedic full body massage by smart therapist: 9114402304. D-67311

Full body herbal massage with refreshment, expert therapist. 7381239385, 0674-2540855. D-67313

Experience full body massage with us (expert). Call: 7377048581, 0674-2597822. D-67314

Summer special mesmerizing offer expert therapeutic refreshing massage appointment: 9668374480. D-67307

Ayurvedic full body massage ladies & gents smart therapist. 9040900385. D-66926

Kajal ayurvedic massage club fully relaxed by smart lady, home service available. 9937637219. D-66928

Ayurvedic full body massage ladies/gents smart experts therapist. 9114697517. D-66929

Herbal full body massage by smart/expert therapist. Contact: 8338067247. D-67315

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

I, Hemanta Kumar Rout S/o-Raghunath Rout of Vill-Damodarnali, P.O.-Beltikiri, PS: Sadar, Dist.-Dhenkanal, Army No.14434871OW Retd. Havildar declare that in my Service Record, name of my wife has been wrongly written as Sunada and her date of birth is mentioned as 01.05.1989 instead of Sunanda Rout and her actual date of birth i.e 25.06.1990. My daughter’s name has written as Snehaspradha Rout instead of Sushree Snehaspradha Rout and date of birth of my son Sohan Kumar Rout has been mentioned as 04/03/2013 instead of 04/09/2013. I have executed an affidavit before the Executive Magistrate, Dhenkanal on 11/07/2019 to this effect which will be produced before the competent authority for necessary correction in my Service Book and official records. Hemanta Kumar Rout. D-66810

By the virtue of an affidavit before the Notary Public B.N. Biswal, Bhubaneswar, I, Ipsit Spandan Nayak changed my name to Ipsit Nayak vide affidavit dated 16.07.2019 for all future purpose. D-13445

**ତୃତୀୟ ଜନ୍ମଦିନ ଶୁଭେଚ୍ଛା**



**ସାଇ ସ୍ୱରୁପ୍ (ରୋହନ୍)**
ଆଜି ତୋର ତୃତୀୟ ଜନ୍ମଦିବସରେ ଜଗତର ନାଥ ଶ୍ରୀ ଜଗନ୍ନାଥ ଓ ମା’ ତାରିଣୀଙ୍କ ନିକଟରେ ପ୍ରାର୍ଥନା, ତୋର ଚଲାପଥ ପୁଷ୍ପିତ ହେବା ସଙ୍ଗେ ସଙ୍ଗେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ, ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ ହେଉ।
**ଶୁଭେଚ୍ଛା ସହ:**
ମାମା, ବାବା, ବଡମାମା, ବଡବାବା, ଜେଜେବାପା, ଜେଜେ ମା’, ପିଇସା, ପିଉସୀ, ଅଜା, ଆଇ, ମାମୁ, ମାଇଁ, ମଉସା, ମାଉସୀ, ଭାଇ, ଦିଦି, ସୋନମ୍, ଆରାଧ୍ୟା ଓ ପରିବାରବର୍ଗ।
ଧ-୧୩୪୪୦

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଚନ୍ଦ୍ର ଶ୍ରବଣା ନକ୍ଷତ୍ରରେ ରହିଥିବାରୁ ଆପଣ ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି, କୌଣସିଥିରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି ଦୂରସ୍ଥାନକୁ ଯିବା ପାଇଁ ବାଧହେବେ। ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ ଏବଂ ଆମଦାନୀ କାରବାରରେ ଲାଭବାନ୍ ହେବେ।

**ବୃଷ**
ଚତୁର୍ଥାଧିପତି ଅଷ୍ଟମାଧିପତିଙ୍କ ନକ୍ଷତ୍ରରେ ରହିଥିବାରୁ ପାରିବାରିକ କ୍ଷେତ୍ରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବ୍ୟକ୍ତି ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଆଶାଜନକ ଫଳ ଲାଭକରି ଖୁସି ରହିବେ।

**ମିଥୁନ**
କର୍ମାଧିପ ବୃହସ୍ପତି ଜ୍ୟେଷ୍ଠା ନକ୍ଷତ୍ରରେ ରହିଥିବାରୁ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। କିନ୍ତୁ ବନ୍ଧୁଙ୍କ କାମରେ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। କଳା, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, ରଚନାତ୍ମକ କ୍ଷେତ୍ରରେ ସଫଳତା ମିଳିପାରେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ଭୁଲ୍ କରିପାରନ୍ତି।

**କର୍କଟ**
ବୃହସ୍ପତିଙ୍କ ସ୍ଥାନ ପ୍ରଭାବରେ କୌଣସି ସମସ୍ୟା ସମ୍ବନ୍ଧରେ ଆଲୋଚନାରେ ନିର୍ଯାସ ବାହାରି ନ ପାରେ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇପାରେ।

**ସିଂହ**
ଏକାଦଶସ୍ଥ ଶୁକ୍ରଜନିତ ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ଚତୁର୍ଥ କେନ୍ଦ୍ରାଧିପତି ମଙ୍ଗଳ ଆପଣଙ୍କ ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମାଇବାର ଉପକ୍ରମ କରିବ। କନ୍ୟାଙ୍କ ବିବାହ ପ୍ରସ୍ତାବ ନେଇ ଜଣେ ବ୍ୟକ୍ତି ହଠାତ୍ ଆସିପାରନ୍ତି। କଚେରି ମାମଲା, ପ୍ରଶାସନ, ବ୍ୟବସାୟରେ ସଫଳତା ମିଳିବ।

**କନ୍ୟା**
ଚନ୍ଦ୍ରଙ୍କ ପ୍ରଭାବରୁ ଆପଣଙ୍କ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ବହୁପୂର୍ବରୁ ମନେମନେ ଭାବିଥିବା ନୂତନ କାର୍ଯ୍ୟଟିକୁ ଆରମ୍ଭକରି କୃତକାର୍ଯ୍ୟ ହେବେ। କଠିନ ପରିଶ୍ରମଜନିତ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ସାଧାରଣ କଥାରେ ତର୍କବିତର୍କ କାରଣରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ତୁଳା**
ତୃତୀୟରେ ଶନି ଅବସ୍ଥାନ କରିଥିବାରୁ ବନ୍ଧୁଙ୍କ ସମ୍ମୁଖରେ ମନକଥା ପ୍ରକାଶ କରିପାରିବେ ନାହିଁ । ଧର୍ମାନୁଷ୍ଠାନ ଦିଗରୁ ବନ୍ଧୁଙ୍କ ପ୍ରେରଣା ଆପଣଙ୍କୁ ନୂତନ ଦିଗ୍‌ଦର୍ଶନ ଦେଇପାରେ। କଳା, ସାହିତ୍ୟରେ ସମସ୍ୟା ସମାଧାନ ହେବା ସହ ନୂଆ ନୂଆ କାମ ଯୋଡ଼ିପାରନ୍ତି। ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି।

**ବିଛା**
ଅସୁବିଧାବଶତଃ ସ୍ଥଗିତ ରହିଥିବା କାମ ପ୍ରତି ସମସ୍ୟାର ସରଳ ସମାଧାନ ହୋଇଯିବ। ଚନ୍ଦ୍ର ଶନିକ୍ଷେତ୍ରସ୍ଥ ହୋଇ ମଙ୍ଗଳ ଦୃଷ୍ଟ ଯୋଗୁ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ନିଜ ଲୋକମାନଙ୍କ ସହ ଭଲ ସମ୍ପର୍କ ନ ଥିବାରୁ ପରକଥାକୁ ସତ ମନେକରି ଭୁଲ୍ କରିବେ।

**ଧନୁ**
ଅଟକି ରହିଥିବା କାମକୁ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ସାମାଜିକ ସ୍ତରରେ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି। ମଧ୍ୟାହ୍ନରେ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। କର୍ମକ୍ଷେତ୍ରରେ ସୁଯୋଗର ସଦ୍ ବ୍ୟବହାର କରିପାରିଲେ ଉପକୃତ ହେବେ।

**ମକର**
ଏକାଧିକ ଗ୍ରହ ସପ୍ତମଭାବସ୍ଥ ଯୋଗୁ ବିବାଦରୁ ଦୂରେଇ ରହିବା ଭଲ ହେବ। ବିଭିନ୍ନ ବିଷୟ ନେଇ ଅଯଥା ମାନସିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ମିତ୍ରମାନେ ସହଯୋଗର ହାତ ବଢ଼ାଇବେ। କର୍ମକ୍ଷେତ୍ର ଓ ପରିବାରରେ ପୁରୁଣା ସମସ୍ୟାଗୁଡ଼ିକ ତୁଟିଯାଇଥିଲେ ବି ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେଇପାରେ।

**କୁମ୍ଭ**
କର୍ମସ୍ଥାନରେ ବୃହସ୍ପତି ଆପଣଙ୍କୁ ଏକାଧାରରେ ଧନ ଓ ସମ୍ମାନ ପ୍ରଦାନ କରି ସାମାଜିକ ସମ୍ମାନ ପ୍ରଦାନ କରିବେ। ଆଜିର ଯାତ୍ରା, ପ୍ରଶାସନ, ଆଇନ, କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସହକର୍ମୀ କେହି ଚଞ୍ଚଳତା ପ୍ରଦର୍ଶନ କରିପାରନ୍ତି। ବ୍ୟବସାୟ କିମ୍ବା ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ମୀନ**
ଚନ୍ଦ୍ର ଲାଭ ଭାବରେ ରହିଥିବାରୁ ଆଜି ଯେଉଁ କାମ ଆରମ୍ଭ କରିବେ ସେଥିରେ ନିଶ୍ଚିତ କୃତକାର୍ଯ୍ୟ ହେବେ। ଅସୁବିଧା ନ ଥିଲେ ମଧ୍ୟ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ।

ଆଜି ଶ୍ରାବଣ କୃଷ୍ଣ ଦ୍ୱିତୀୟା ଗୁରୁବାର, ଜୁଲାଇ ୧୮ ତାରିଖ, ମଣ୍ଡେଲା ଦିବସ, ରାଶି ନକ୍ଷତ୍ର-ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଦିବା ଘ୧୧।୦୮ମି. ଗତେ ଘ୧୨।୪୭ମି. ମଧ୍ୟେ, ଘ୨।୨୬ମି. ଗତେ ଘ୪।୦୫ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୦ମି. ମଧ୍ୟେ ଘ୨।୨୬ମି. ଗତେ, ଘ୪।୦୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୩୧ମି. ଗତେ ଘ୩।୦୯ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ଜୁଲାଇ ୧୮/୨୦୧୯



ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉଚ୍ଚତର ଜୀବନ ମିଳେ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### କନଷ୍ଟେବଳଙ୍କ ଠକେଇ ଉଦ୍ୟମ ଧରାପଡ଼ିଲା, ୨ ଗିରଫ

#### ଜମି ନେବା ପାଇଁ କରିଥିଲେ ଷଡ଼ଯନ୍ତ୍ର



ଅଞ୍ଜନ ପ୍ରଧାନ    ବିକାଶ ଜୈନ୍

**ବଲାଙ୍ଗୀର ଅଫିସ, ୧୭।୭:** ବଲାଙ୍ଗୀର ସହରରେ ଜମି ମାଫିଆଙ୍କ କାରବାର ଚର୍ଚ୍ଚାରେ ରହିଛି। ଏନେଇ ଥାନାରେ ମଧ ଏକାଧିକ ମାମଲା ରହିଛି। ଅନ୍ୟପକ୍ଷେ ଜମି ଲୁଟ୍ କାରବାରରେ ଆଦର୍ଶ ଟାଉନ୍ ଥାନାର ଜଣେ ପୋଲିସ କନ୍‌ଷ୍ଟେବଳ ଛନ୍ଦି ହୋଇପଡିଛନ୍ତି। ମଙ୍ଗଳବାର ରାତିରେ ଜଣେ ଆଦିବାସୀ ମହିଳାଙ୍କଠାରୁ ଚକ୍‌ଅକତା କରି ଜମି ଠକେଇ ପାଇଁ ଜୋର ଜବରଦସ୍ତ ଷ୍ଟାମ୍ପ ପେପରରେ ଦସ୍ତଖତ ଉଦ୍ୟମ କରୁଥିଲେ। ହେଲେ ସ୍ଥାନୀୟ ଲୋକେ ତାଙ୍କୁ ଧରି ନିସ୍ତୁକ ମାଡ଼ ମାରିଥିଲେ। ପରେ ଘଟଣାଟି ଲୋକଲୋଚନକୁ ଆସିଥିଲା। ବୁଧବାର ଟାଉନ୍ ଥାନା ପୋଲିସ ଏକ ମାମଲା (ନଂ.୩୫୧/୨୦୧୯) ରୁଜୁ କରି କନ୍‌ଷ୍ଟେବଳ ଅଞ୍ଜନ ପ୍ରଧାନ ଏବଂ ତାଙ୍କ ସହଯୋଗୀ ବିକାଶ ଜୈନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟରେ ଉଭୟଙ୍କୁ ଜାମିନ ମିଳିଥିବା ଜଣାପଡିଛି। ଗତ ୧୬ ତାରିଖ ରାତିରେ ବଲାଙ୍ଗୀର ଟାଉନ୍ ଥାନା କନ୍‌ଷ୍ଟେବଳ ଅଞ୍ଜନ ପ୍ରଧାନ ଗାନ୍ଧୀନଗରପଡ଼ାର ବିଧବା ମହିଳା ଭୁବନେଶ୍ୱରୀ ବେହେରାଙ୍କୁ ଏକ ଜମି ଷ୍ଟାମ୍ପ ପେପରରେ ଦସ୍ତଖତ କରିବାକୁ ବାଧ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଭୁବନେଶ୍ୱରୀଙ୍କ ବାପା ସଂକୀର୍ତ୍ତନ ବାଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତଦନ୍ତ ପରେ ପୋଲିସ କନ୍‌ଷ୍ଟେବଳ ଅଞ୍ଜନ ଏବଂ ତାଙ୍କ ସହଯୋଗୀ ବିକାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବଲାଙ୍ଗୀରରେ ଜମି ଦଲାଲିର ଚେର ଟାଉନ୍ ଥାନା ପର୍ଯ୍ୟନ୍ତ ଲମ୍ବିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

### ଅପହରଣ, ବଳାତ୍କାର ମାମଲାର ରାୟ ପ୍ରକାଶ

#### ଦୋଷୀଙ୍କୁ ୧୦ ବର୍ଷ କାରାଦଣ୍ଡ

**ଭବାନୀପାଟଣା, ୧୭।୭(ଡି.ଏନ.ଏ.):** ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ମାଲଗାଁର ଜଣେ ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଏଡିଜେ କମ୍ ସ୍ପେଶାଲ ଜଜ୍ ରଶ୍ମିତା ଦଲେଇ ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡରେ ଦୋଷୀଙ୍କୁ କୋର୍ଟ ଦଣ୍ଡିତ କରାଯିବ ବୋଲି ରାୟ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଗତ ୧୩।୨।୨୦୧୪ ରିଖ ରାତି ୯ଟାରେ ଭବାନୀପାଟଣା ଟିଭିସେଣ୍ଟର ପଡାର ସୁଶାନ୍ତ ସରାଫ୍ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ମାଲଗାଁର ଜଣେ ନାବାଳିକାଙ୍କୁ ଅପହରଣ କରି କୋକସରା ବ୍ଲକ ଆମପାଣି ଗ୍ରାମକୁ ନେଇଥିଲେ। ସେଠାରେ ଏକ ଘରେ ନାବାଳିକାଙ୍କୁ ରଖି ବଳାତ୍କାର କରିଥିଲେ। କୌଣସି ମତେ ନାବାଳିକା ଜଣକ ୨୦।୩।୨୦୧୪ରେ ସେଠାରୁ ଖସି ଆସି ନିଜ ଗାଁରେ ପହଞ୍ଚି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏ ନେଇ ୩୧।୩।୨୦୧୪ରେ ପୀଡିତା ନାବାଳିକାଙ୍କ ବାପା ଭବାନୀପାଟଣା ସଦର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ସଦର ଥାନା ପୋଲିସ ଏକ ମାମଲା (ନଂ. ୫୮/୧୪) ରୁଜୁ କରିଥିଲା। ପୋଲିସ ଦଫା ୩୬୬, ୩୭୬ (୨) (ଆଇ) (ଏଲ୍) ଆଇପିସି ଓ ଆର୍/ଡବ୍ଲ୍ୟୁ ୬ ପୋକ୍‌ସୋ ଓ ୩(୨)(ଭି)ଏସ୍‌ସି ଏସଟି ପି.ଏ ଦଫାରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାର ରାୟ ବୁଧବାର ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର (ପୋକ୍‌ସୋ) ସୁଶାନ୍ତ କୁମାର ସାହୁ ମାମଲା ପରିଚାଳନା କରିଥିଲେ।

■ସମ୍ବଲପୁର ଜିଲାପାଳଙ୍କ ଅଫିସ ଘେରିଲେ ଚାଷୀ

# ପଦକ୍ଷେପ ନିଅ, ନ ହେଲେ ପରିଣାମ ଭୋଗିବ

**ସମ୍ବଲପୁର, ୧୭।୭ (ବ୍ୟୁରୋ)**

ବୀମା କମ୍ପାନୀ, ରାଜସ୍ୱ ବିଭାଗ, ପରିସଂଖ୍ୟାନ ବିଭାଗ ପକ୍ଷରୁ ୨୦୧୮ ଖରିଫ ଋତୁ ଫସଲ କ୍ଷୟକ୍ଷତି ଆକଳନ କରାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ବୀମା ଟଙ୍କା ଦିଆଯାଇ ନାହିଁ। ଅନ୍ୟପଟେ ଇନ୍‌ପୁଟ ସବ୍‌ସିଡି ବାବଦରେ ଟଙ୍କା ଆସିଛି। ହେଲେ ଚାଷୀଙ୍କୁ ଏହା ମିଳିପାରି ନାହିଁ। ୨୦୧୯ ରବି ଋତୁରେ ଜିଲାରେ ଚାଷୀ ପ୍ରାୟ ୧୦ ହଜାର କୁଇଣ୍ଟାଲ ଧାନ ବିକ୍ରି କରି ପାରିନାହାନ୍ତି। ସେହିପରି ୪ହଜାର ୬୬୫ କୁଇଣ୍ଟାଲ ଧାନ ବିକ୍ରିର ପ୍ରାପ୍ୟ ଟଙ୍କା ଚାଷୀଙ୍କୁ ମିଳିନାହିଁ। ରାଜ୍ୟ ସରକାର ପି-ପାସ୍ ବନ୍ଦ କରି ଦେଇଥିବାରୁ ଏହି ସମସ୍ୟା ହୋଇଛି। ଖୁବ ଶୀଘ୍ର ଏହାର ସମାଧାନ କରାଯାଉ। ନ ହେଲେ ଆଗାମୀ ଦିନରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପରିଣାମ ଭୋଗିବେ। ବୁଧବାର ଚାଷୀମାନେ ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନବେଳେ ଏଭଳି ଚେତାବନୀ ଦେଇଛନ୍ତି।

ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଜିଲାର ପ୍ରାୟ ୧ହଜାର ଚାଷୀ କଚେରି ଛକରୁ ଏକ ରାଲିରେ ଆସି ଜିଲାପାଙ୍କ ଅଫିସ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଜିଲା ଉପସଭାପତି ହରିଶଙ୍କର ପୁରୋହିତ, ସମ୍ପାଦକ ବ୍ୟୋମକେଶ ଠାକୁରଙ୍କ ସମେତ କୁଶଧ୍ୱଜ ଚୌଧୁରୀ, ଚନ୍ଦ୍ରଶେଖର ପଣ୍ଡା, ପ୍ରଦୀପ ପାତ୍ର, ତଥା ପୂର୍ବତନ କୁଚିଣ୍ଡା ବିଧାୟକ ରବି ନାଏକ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ କେନ୍ଦ୍ର ସରକାର ବୀମା କମ୍ପାନୀକୁ ସବୁବେଳେ ସହଯୋଗ କରି ଆସୁଛନ୍ତି। ଚାଷୀଙ୍କ ପ୍ରତି ସରକାରଙ୍କ ଦରଦ ନାହିଁ। ଯଦି ଦରଦ ଅଛି ତାହା ହେଲେ ୨୦୧୮ରେ ଫସଲ ବୀମା ପାଇଁ ହୋଇଥିବା କ୍ଷୟକ୍ଷତି ଆକଳନ ରିପୋର୍ଟ ଚାଷୀଙ୍କୁ ଦିଆଯାଉ। ଇନ୍‌ପୁଟ୍ ସବ୍‌ସିଡି କେତେ ଦିନ ଭିତରେ ମିଳିବ ଘୋଷଣା କରାଯାଉ ବୋଲି ଏମାନେ ଦାବି କରିଥିଲେ। ଜିଲାପାଳ ଶୁଭମ ସକସେନା ପ୍ରତିଶ୍ରୁତି ଦେଲାପରେ ଆନ୍ଦୋଳନରୁ ଓହରିବେ ବୋଲି ସେମାନେ ଜିଦ୍‌ରେ ଅଡି ବସିଥିଲେ। ଏପରି କି ଚାଷୀଙ୍କ ଆନ୍ଦୋଳନ ସମୟରେ ଜିଲାପାଳ ଅଫିସ ସମ୍ମୁଖରେ ପୂର୍ବରୁ କେବେ ବ୍ୟାରିକେଡ୍ ଦିଆଯାଉ ନ ଥିଲା। ହେଲେ ଏଥର ବ୍ୟାରିକେଡ୍ କରାଯାଇଥିଲା। ଏଣୁ ସୁରକ୍ଷା ବ୍ୟବସ୍ଥା ଆଳରେ ଜିଲାପାଳ ଚାଷୀଙ୍କ ପ୍ରତି ଅପମାନ କରିଛନ୍ତି। ତେଣୁ ଜିଲାପାଳଙ୍କୁ ଚାଷୀମାନେ କୃଷକଙ୍କ ସଂପୃକ୍ତି ଥିବା କୌଣସି କାର୍ଯ୍ୟରେ ଏଣିକି ଆଉ ସହଯୋଗ କରିବେ ନାହିଁ ବୋଲି ଏଠାରେ ନିଷ୍ପତ୍ତି ହୋଇଛି। ତେବେ ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା, ଅତିରିକ୍ତ ଏସ୍‌ପି ପ୍ରଦୀପ ମହାପାତ୍ର ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଥିବା ସେମାନେ ସଫେଇ ଦେଇଥିଲେ। ଚାଷୀଙ୍କ ସବୁ ସମସ୍ୟାର ସମାଧାନ କରାଯିବ ବୋଲି ଏହି ଅଧିକାରୀମାନେ ପ୍ରତିଶ୍ରୁତି ଦେଇ କିଛି ଦିନ ସମୟ ମାଗିଥିଲେ। ଏହାପରେ ଚାଷୀମାନେ ଆନ୍ଦୋଳନରୁ ଓହରି ଥିଲେ। ଖୁବ୍ ଶୀଘ୍ର ଜିଲାର ବିଭିନ୍ନ ଚାଷୀ ସଂଗଠନ ତୃଣମୂଳସ୍ତରରେ ବୈଠକ କରି ପରବର୍ତ୍ତୀ ଆନ୍ଦୋଳନାତ୍ମକ ପନ୍ଥା ପାଇଁ ମତ ରଖିବେ। ଏହାପରେ ଜିଲା ସ୍ତରରେ ଏକ ବୈଠକ ଅନୁଷ୍ଠିତ ହୋଇ ଆନ୍ଦୋଳନ ରୂପରେଖ ପ୍ରସ୍ତୁତ କରାଯିବ। ଆବଶ୍ୟକ ପଡିଲେ ହୀରାକୁଦ ଡ୍ୟାମ୍ ଡ୍ୟାମ୍ ଉପରେ ପୂର୍ବରୁ ହୋଇଥିବା ମାନବଶୃଙ୍ଖଳ କରାଯିବ ବୋଲି ଆବାହକ ପ୍ରଧାନ ସୂଚନା ଦେଇଛନ୍ତି।



ବୁଧବାର ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ଶତାଧିକ ଚାଷୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।




## ଦୁର୍ନୀତିକୁ ପ୍ରୋତ୍ସାହନ

ସାରା ରାଜ୍ୟକୁ ଦୁର୍ନୀତିମୁକ୍ତ କରିବା ଲାଗି ରାଜ୍ୟ ସରକାର ବିଭିନ୍ନ ନୀତି ଅବଲମ୍ବନ କରିଛନ୍ତି। ଭଦ୍ରକ ଜିଲାରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳୁଛି। ଦୁର୍ନୀତିଖୋର ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେମାନଙ୍କୁ ପରୋକ୍ଷରେ ପ୍ରୋତ୍ସାହିତ କରାଯାଉଛି। ଜିଲାର ୨୦ରୁ ଊର୍ଦ୍ଧ୍ୱ ଅଫିସର ଦୀର୍ଘ ୧୫ ବର୍ଷ ଧରି ଏଠାରେ କାର୍ଯ୍ୟରତ। ରାଜ୍ୟ ସରକାର ଅନ୍ୟ ଜିଲାକୁ ବଦଳି କଲେ ମଧ ସେମାନେ ଜିଲା ଛାଡ଼ିବାକୁ ନାରାଜ। ମୋଟାଅଙ୍କର ହାତଗୁଞ୍ଜା ଦେଇ ରାଜନେତାଙ୍କୁ ହାତବାରିସି କରି ବଦଳି ଆଦେଶ ବାତିଲ କରିଦେଉଛନ୍ତି। ଏଭଳି ଅଭିଯୋଗର ଅନେକ ଉଦାହରଣ ଜିଲାରେ ଦେଖିବାକୁ ମିଳିଛି। ଧାନ କିଣାଠାରୁ ଚାଉଳ ସଂଗ୍ରହ ଯାଏ ଅନେକ ଦୁର୍ନୀତିର ଗୁମର ଫିଟି ସାରିଥିଲେ ବି ଏହାକୁ ଚାପିଦେବାକୁ ଉଦ୍ୟମ କରାଯାଉଛି। ଶିକ୍ଷାନୁଷ୍ଠାନକୁ ମଧାହ୍ନଭୋଜନ ଚାଉଳ ଯୋଗାଣ ନାଁରେ ସମ୍ପୃକ୍ତ ଠିକାଦାର କମ୍ ଓଜନର ଚାଉଳ ଦେଇ ଠକିବା ଘଟଣା ଦେହସୁହା ହୋଇଗଲାଣି। ସେପଟେ ଖାଉଟିଙ୍କ ଲାଗି ଉଦ୍ଦିଷ୍ଟ ସାଧାରଣ ବଣ୍ଟନ ଚାଉଳ ବା ଟଙ୍କିକିଆ ଚାଉଳ ବାହାରକୁ ଚାଲାଣ ବେଳେ ଧରାପଡ଼ିଥିଲେ ମଧ ନାନା କାରସାଦି କରି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ର୍ୟାକେଟ୍ ଏହାକୁ ଚପାଇ ଦେଉଛି। ଚଳନ୍ତା ଟ୍ରେନରୁ କୋଇଲା ଚୋରି ଘଟଣା ସମସ୍ତଙ୍କ ଆଖି ସାମ୍ନାରେ ଘଟି ଚାଲିଛି। ଚୋରା କୋଇଲାକୁ ରାତାରାତି ଚାଲାଣ ଘଟଣାରେ ପୋଲିସ ଓ ଜଣେ ଅବସରପ୍ରାପ୍ତ ଏସ୍‌ପିଙ୍କ ସମ୍ପୃକ୍ତି ଥିବା ନେଇ ଥାନାରେ ମାମଲା ରୁଜୁ ହେବା ଘଟଣା ଏହି ଜିଲାରେ ମଧ ଘଟିଛି। ବିଭିନ୍ନ ଥାନାକୁ ବଦଳି ହୋଇଯିବା ପାଇଁ ଲକ୍ଷାଧିକ ଟଙ୍କା ହାତଗୁଞ୍ଜା ଦେବାକୁ ପଡୁଥିବାରୁ ସେହି କର୍ମଚାରୀ ପରେ ବିଭିନ୍ନ କ୍ଷେତ୍ରରେ ଚାନ୍ଦା ଆଦାୟରେ ବ୍ୟସ୍ତ ରହୁଥିବା ଅଭିଯୋଗ ହେଉଛି। ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ ନାଁରେ ସରକାରୀ ଅର୍ଥ ହରିଲୁଟ୍ ହେବାର ବିଭିନ୍ନ ଅଭିଯୋଗ ହେଉଛି। ଏକ ପଞ୍ଚାୟତରେ ପାଇଖାନା ବାବଦକୁ ଜାଲିଆତି କରି ୫୦ ଲକ୍ଷ ଟଙ୍କା ଉଠାଇ ନିଆଯିବା ଘଟଣା ଜିଲାରେ ହଟଚମଟ ସୃଷ୍ଟିକରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହୋଇଥିଲେ ମଧ ସେଭଳି କିଛି ସୁଫଳ ମିଳି ନାହିଁ। ନକଲି ସାର୍ଟିଫିକେଟ୍ କାରବାର ମଧ ଜିଲାରେ ବଢ଼ିଚାଲିଛି। ଏଭଳି ନକଲି ସାର୍ଟିଫିକେଟ୍‌ରେ ଶିକ୍ଷକ ନିଯୁକ୍ତି ଓ ପରେ ନିଲମ୍ବନ ଘଟଣା ଖୋଦ୍ ଜିଲାବାସୀ ଦେଖିଛନ୍ତି। ସେହିପରି ଶିକ୍ଷକ ନିଯୁକ୍ତି ପାଇଁ ନକଲି ସାର୍ଟିଫିକେଟ୍‌ରେ ଆବେଦନ କରି ୮ ଜଣ ଧରାପଡ଼ିବା ଭଳି ଘଟଣା ଜିଲାରେ ଘଟିଛି। କୌଣସି ଗୋଟିଏ କ୍ଷେତ୍ରରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଏଯାଏ ନଜୀର ନାହିଁ। ଏଭଳି ସ୍ଥିତି ଦୁର୍ନୀତିଖୋର ଅଧିକାରୀଙ୍କୁ ପରୋକ୍ଷରେ ପ୍ରୋତ୍ସାହିତ କରିବା ଛଡ଼ା ଅନ୍ୟ କିଛି ନୁହେଁ ବୋଲି ଜିଲାବାସୀ ସମାଲୋଚନା କରୁଛନ୍ତି।

– ବିଭୁପ୍ରସାଦ ବେହେରା




### ସ୍ୱାମୀ-ସ୍ତ୍ରୀ କଳହକୁ ନେଇ ଯୁବକଙ୍କ ବିଷ ପିଇ ଆତ୍ମହତ୍ୟା

**ଚିପିଲିମା, ୧୭।୭ (ଡି.ଏନ.ଏ)**

ସମ୍ବଲପୁର ଜିଲା ବୁର୍ଲା ଥାନା ଚିପିଲିମାରେ ସ୍ୱାମୀ ସ୍ତ୍ରୀ କଳହକୁ ନେଇ ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ବୁର୍ଲା ଭିମ୍‌ସାରରେ ଚିକିତ୍ସାଧୀନ ଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମୃତକ ଯୁବକ ଜଣକ ହେଲେ ଚିପିଲିମାର ଆର୍ତ୍ତତ୍ରାଣ ଭୁଏ (୩୮)। ସୋମବାର ରାତିରେ କୌଣସି କାରଣରୁ ନିଜ ସ୍ତ୍ରୀ ସହ ଝଗଡା ହୋଇ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ସେ ଗୁରୁତର ହୋଇଥିଲେ। ସଙ୍ଗେ ସଙ୍ଗେ ଗୁରୁତର ଆର୍ତ୍ତତ୍ରାଣଙ୍କୁ ଉଦ୍ଧାର କରି ବୁର୍ଲା ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଚିପିଲିମା ଫାଣ୍ଡିରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଆର୍ତ୍ତତ୍ରାଣଙ୍କ ବାପା ମାଆ, ସ୍ତ୍ରୀ ସହ ଦୁଇ ପୁଅ ଝିଅ ଅଛନ୍ତି। ସେ ଚିପିଲିମା ଜଳବିଦ୍ୟୁତ ପ୍ରକଳ୍ପରେ ସୁରକ୍ଷା କର୍ମୀ ଭାବରେ କାମ କରି ପରିବାର ଚଳାଉଥିଲେ।




### କଲେଜ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ

**ସମ୍ବଲପୁର/କୁଚିଣ୍ଡା, ୧୭।୭ (ବ୍ୟୁରୋ/ଡି.ଏନ.ଏ.)**

■୧ଅଭିଯୁକ୍ତ ହାଇସ୍କୁଲ ଶିକ୍ଷକ ଫେରାର
■ଭିଡିଓ ଭାଇରାଲ

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀ ବଳାତ୍କାରର ଶିକାର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ହାଇସ୍କୁଲର ଶିକ୍ଷକ ଫେରାର ହୋଇଯାଇଛନ୍ତି। ତାଙ୍କୁ ଗିରଫ ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୯୩/୧୯) ରୁଜୁ ହୋଇଛି। ପୋଲିସର ସୂଚନା ଅନୁଯାୟୀ, ନାବାଳିକା ଜଣକ ହାଇସ୍କୁଲରେ ପଢୁଥିବା ସମୟରେ ସେହି ଶିକ୍ଷକଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ହାଇସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ କଲେଜକୁ ଆସିବା ପରେ ବି ଶିକ୍ଷକଙ୍କ ସହ ତାଙ୍କର ସମ୍ପର୍କ ରହିଥିଲା। ଗତ ୧୧ ତାରିଖ ତେଲିଡିଲେଇମାଲ ଓ ଗୋଛରା ଗ୍ରାମ ମଧରେ ଥିବା ଜଙ୍ଗଲ ରାସ୍ତା ଦେଇ ଛାତ୍ରୀ ଜଣକ ଯାଉଥିବା ସମୟରେ ତାଙ୍କୁ ବଳାତ୍କାର କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନାବାଳିକାଙ୍କ ବୟାନ ରେକର୍ଡ କରିଛି। ଅନ୍ୟପକ୍ଷେ ନାବାଳିକା ଓ ଶିକ୍ଷକଙ୍କୁ ନେଇ ଏକ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ଏହି ଭିଡିଓରେ କେତେଜଣ ଯୁବକ ଶିକ୍ଷକ ଓ ନାବାଳିକା ଛାତ୍ରୀଙ୍କୁ ଗାଳି କରୁଛନ୍ତି। ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ସଞ୍ଜୀବ ଆରୋରାଙ୍କୁ ପଚାରିବାରୁ ବଳାତ୍କାର ଅଭିଯୁକ୍ତ ଶିକ୍ଷକଙ୍କୁ ଖୁବଶୀଘ୍ର ଗିରଫ କରାଯିବ। ଭିଡିଓ ଭାଇରାଲର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତ ଶିକ୍ଷକ ନାବାଳିକା ଛାତ୍ରୀଙ୍କୁ ବାଇକରେ ନେଇ ଗତ ୧୧ ତାରିଖ ଦିନ ତିଲେଇମାଲ ଓ ଗୋଛରା ଗ୍ରାମ୍ୟ ରାସ୍ତାରେ ଯାଉଥିଲେ। ସେମାନେ ଏକ ନିଛାଟିଆ ସ୍ଥାନରେ ଅଟକିଥିବା ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ସେଠାରେ ପହଞ୍ଚିଥିଲେ। ସେହି ଯୁବକମାନେ ଶିକ୍ଷକ ଓ ଛାତ୍ରୀଙ୍କ ପ୍ରାୟ ୨ ମିନିଟର ଭିଡିଓ ଉତ୍ତୋଳନ କରିଥିଲେ। ଅଭିଯୁକ୍ତ ଶିକ୍ଷକ ଓ ନାବାଳିକା ଭିଡିଓ ନ କରିବାକୁ ଯୁବକମାନଙ୍କୁ ଅନୁରୋଧ କରିଥିଲେ। ପରିବାର ଲୋକଙ୍କୁ ଏହି ଭିଡିଓ ଦିଆଯିବ ବୋଲି କହି ଯୁବକମାନେ ନିଜ କାମ ଜାରି ରଖିଥିଲେ। ଏପରିକି ଭିଡିଓରେ ସେମାନେ ଅଭଦ୍ର ଭାଷା କହୁଥିବା ଶୁଣିବାକୁ ମିଳିଛି। ଏହି ଭିଡିଓ ଉତ୍ତୋଳନ ହେବାର ୪ ଦିନ ପରେ ଭାଇରାଲ ହୋଇଛି। ଭାଇରାଲ ହେବାର ୨ ଦିନ ପରେ ଏହି ଅଭିଯୋଗ ଥାନାରେ ପହଞ୍ଚିଛି।




## ରାଜ୍ୟର ଦୁଇ ତୃତୀୟାଂଶ ଶୀତଳଭଣ୍ଡାର ଅଚଳ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ)**

କେବଳ ଧାନକୁ ଛାଡ଼ିଦେଲେ ରାଜ୍ୟରେ ପନିପରିବା ଚାଷର କୌଣସି ଉନ୍ନତି ନାହିଁ। ପରିବା ଓ ଡାଲି ଜାତୀୟ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ଉତ୍ପାଦିତ ପରିବା, ଆଳୁ, ପିଆଜ ରଖିବାକୁ କୌଣସି ବ୍ୟବସ୍ଥା ନାହିଁ। ଅନେକ ସମୟରେ ଚାଷୀ ପନିପରିବା ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଆଉ କେତେବେଳେ ଶୀତଳଭଣ୍ଡାର ଅଭାବରୁ ଉତ୍ପାଦିତ ଶସ୍ୟ ପଚିଶଢ଼ି ନଷ୍ଟ ହୋଇଯାଉଛି। ଏଥିଯୋଗୁ ଆଳୁ, ପିଆଜ ଓ ପନିପରିବା ଦର ଅନେକ ସମୟରେ ଆକାଶ ଛୁଆଁ ହେଉଛି। ରାଜ୍ୟ ସରକାର ପ୍ରତ୍ୟେକ ପଞ୍ଚାୟତରେ ଶୀତଳ ଭଣ୍ଡାର କରିବାକୁ କୃଷି ନୀତିରେ ଯୋଜନା କରିଥିଲେ। ଆଳୁ ମିଶନରେ ମଧ ଘରୋଇ ସଂସ୍ଥାକୁ ସବ୍‌ସିଡ ଦେଇ ଶୀତଳଭଣ୍ଡାର ନିର୍ମାଣ କରିବାକୁ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଥିଲା। ହେଲେ ଶୀତଳଭଣ୍ଡାର କ୍ଷତିରେ ଚାଲୁଥିବାରୁ ରାଜ୍ୟର ପ୍ରାୟ ଦୁଇ ତୃତୀୟାଂଶ ଶୀତଳଭଣ୍ଡାର ଅଚଳ ହୋଇଗଲାଣି।

ବୁଧବାର ପ୍ରଶ୍ନୋତ୍ତର ବେଳେ ବିଜେଡି ସଭ୍ୟ ପ୍ରଦୀପ ମହାରଥୀ ରାଜ୍ୟରେ କେତେ ଶୀତଳଭଣ୍ଡାର ଅଛି, ସେଥିରୁ କେତେ ସଚଳ ଅଛି। ଶୀତଳଭଣ୍ଡାର ବନ୍ଦ ହେବାର କାରଣ କ'ଣ। ଶୀତଳଭଣ୍ଡାରଗୁଡିକୁ ରିହାତି ଦରରେ ବିଜୁଳି ଯୋଗାଇ ଦେବାର ବ୍ୟବସ୍ଥା କରିବେ କି ବୋଲି କୃଷିମନ୍ତ୍ରୀଙ୍କ ବଦଳରେ ଉତ୍ତର ଦେଉଥିବା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଗୁଡ଼େଇ ଗୁଡ଼େଇ ପଚାରିଥିଲେ। ମନ୍ତ୍ରୀ ଉତ୍ତରରେ କହିଥିଲେ ଆପଣ କୃଷିମନ୍ତ୍ରୀ ଥିଲେ। ଶୀତଳଭଣ୍ଡାର ରାଜ୍ୟରେ କେତେ ଅଛି, ସେଗୁଡିକର ଅବସ୍ଥା କ'ଣ ଆପଣ ସେ ବିଷୟରେ ପିଏଚ୍‌ଡି କରିଛନ୍ତି। ରାଜ୍ୟରେ ୧୨୮ଟି ଶୀତଳଭଣ୍ଡାର ରହିଛି। ସେଥିରୁ ମାତ୍ର ୪୮ଟି କାର୍ଯ୍ୟକ୍ଷମ ଥିବା ବେଳେ ୮୦ଟି ଅଚଳ ହୋଇପଡିଛି। ତେବେ ଶୀତଳଭଣ୍ଡାରର ପୁନରୁଦ୍ଧାର ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ସେ ବିଷୟରେ ମନ୍ତ୍ରୀ କିଛି କହି ନ ଥିଲେ। ମହାରଥୀ କୃଷିମନ୍ତ୍ରୀ ଥିବା ବେଳେ ଅଚଳ ଶୀତଳଭଣ୍ଡାରକୁ ଘରୋଇ ସଂସ୍ଥାକୁ ଦେଇ ପୁନଃ କାର୍ଯ୍ୟକ୍ଷମ କରିବାକୁ ଯୋଜନା କରିଥିଲେ। ମାତ୍ର କୌଣସି ଘରୋଇ ସଂସ୍ଥା ଏଥିପ୍ରତି ଆଗ୍ରହ ଦେଖାଇ ନ ଥିଲେ।

“ଯୁଗ ଯୁଗର ଭାରତବର୍ଷ ମରିଯାଇ ନାହିଁ। କିମ୍ବା ସେ ତା'ର ଶେଷ ସୃଜନାତ୍ମକ ଶବ୍ଦଟି କହି ସାରିନାହିଁ। ସେ ବଞ୍ଚିଛି। ଏବଂ ନିଜ ପାଇଁ ଓ ମଣିଷମାନଙ୍କ ପାଇଁ ତା'ର କିଛି କରିବାର ଅଛି।
-ଶ୍ରୀଅରବିନ୍ଦ



# ପୋଷାପ୍ରାଣୀ ଓ ଆଲର୍ଜି



## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ମୁଁ ଅନେକ ମାଆଙ୍କୁ ଭେଟିଛି ଯେଉଁମାନେ ନିଜ ପିଲାଙ୍କୁ ଖାଲି ପାଦରେ ଘରେ, ବାହାରେ ବା ପାର୍କରେ ଚାଲିବାକୁ, ଗେଣ୍ଡାଶାମୁକା ଛୁଇଁବାକୁ, ମାଟିକାଦୁଅ ହବାକୁ, ମୌସୁମୀ ବର୍ଷାରେ ଭିଜିବାକୁ, ପଶୁପକ୍ଷୀଙ୍କ ପାଖକୁ ଯିବାକୁ ବା କୌଣସି ପ୍ରାଣୀକୁ ପୋଷିବାକୁ ଦିଅନ୍ତି ନାହିଁ, କାରଣ ସେମାନଙ୍କର ଭୟ କାଳେ ସେଇ ବାଟ ଦେଇ ଜୀବାଣୁ ଆସିଯିବେ। ସେମାନଙ୍କ ପିଲା ବର୍ଷସାରା ମୋଜା ପିନ୍ଧନ୍ତି। ଘର ଭିତରେ ଚାଙ୍ଗୁଡ଼ିରେ ରଖା ହୋଇଥିବା ଫୁଲ କେଉଁ ଗଛରୁ ଆସିଛି, ସେ ବିଷୟରେ ସେମାନଙ୍କର କିଛି ଧାରଣା ନ ଥାଏ। ଏତେ ସୁରକ୍ଷା ଭିତରେ ଥାଇ ମଧ୍ୟ ଏହି ପିଲାମାନେ ଅନ୍ୟ ପିଲାଙ୍କଠାରୁ ବେଶି ରୋଗରେ ପଡ଼ନ୍ତି।

ଅନେକ ଦଶନ୍ଧି ଧରି ଶିଶୁରୋଗ ଚିକିତ୍ସକମାନେ ମାଆମାନଙ୍କୁ ଚେତାବନୀ ଦେଇ ଆସୁଛନ୍ତି, ନିଜ ପିଲାଙ୍କୁ ଯଦି ଆଲର୍ଜିଠାରୁ ଦୂରରେ ରଖିବାକୁ ଚାହୁଁଛ, ତେବେ ପଶୁମାନଙ୍କୁ ଘର ବାହାରେ ରଖ। କିନ୍ତୁ ୨୦୦୦ ଦଶକ ପ୍ରାରମ୍ଭ ସୁଦ୍ଧା ଅନେକ ଗବେଷଣାରୁ ଠିକ୍ ତା'ର ଓଲଟା କଥା ଜଣାପଡ଼ିଛି- ପିଲାମାନେ କଅଁଳ ବୟସରେ ପ୍ରାଣୀମାନଙ୍କ ସଂସ୍ପର୍ଶରେ ଆସିଲେ ସେମାନେ ଆଲର୍ଜିକ୍ ରାଇନାଇଟିସ୍ (ହେ ଫିଭର), ଆଜ୍ମା (ଶ୍ୱାସରୋଗ) ଓ ଏକ୍‌ଜିମା (ବିଇଞ୍ଚ) ପରି ରୋଗଠାରୁ ଅଧିକ ସୁରକ୍ଷା ପାଇଥାନ୍ତି। ୨୦୧୧ରେ ଏହିପରି ୯ଟି ଅନୁଧ୍ୟାନର ବିଶ୍ଳେଷଣ କରିବାରୁ ସେଥିରୁ ୬ଟି କ୍ଷେତ୍ରରେ ଜଣାପଡ଼ିଲା ଯେ ଜନ୍ମ ପରେ ପରେ କୁକୁର ଓ ବିରାଡ଼ିଙ୍କ ସଂସ୍ପର୍ଶରେ ଆସିଥିବା ପିଲାମାନଙ୍କଠାରେ ଇମ୍ୟୁନୋଗ୍ଲୋବ୍ୟୁଲିନ୍ ଇ ଆଣ୍ଟିବଡିର ସ୍ତର କମ୍ ଥାଏ ଏବଂ ସେମାନଙ୍କୁ ୧୫ରୁ ୨୧ ପ୍ରତିଶତ କମ୍ ଏକ୍‌ଜିମା ହୋଇଥାଏ।

ବିଂଶ ଶତାବ୍ଦୀରୁ ଆଲର୍ଜି ହାର ବଢ଼ି ବଢ଼ି ଚାଲିଛି। ଏପରି କି ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ସନର ତଥ୍ୟ ଅନୁସାରେ ଆମେରିକା ପରି ଦେଶରେ, ଯେଉଁଠି ପିଲାମାନେ କେବେ ବି ଅପପୁଷ୍ଟିର ଶିକାର ହୁଅନ୍ତିନି, ସେଠାରେ ୮ରୁ ୧୦ ପ୍ରତିଶତ ପିଲାଙ୍କଠାରେ ଆଜ୍ମା ରହିଥାଏ। ଆଜ୍ମା ହେଉଛି ଏକ କ୍ରନିକ୍ ଫୁସ୍‌ଫୁସ୍ ରୋଗ, ଯାହା ଫୁଲିଯାଇ ଶ୍ୱାସନଳୀର ବାଟକୁ ସଂକୀର୍ଣ୍ଣ କରିଦିଏ। ଏଥିରୁ ଶ୍ୱାସ, କାଶ, ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ, ଧଇଁ ପେଲିହେବା ପରି ଲକ୍ଷଣ ପ୍ରକାଶ ପାଏ। ପାରମ୍ପରିକ ଜ୍ଞାନ କହୁଛି ଯେ, ଘରେ ଆଲର୍ଜିକାରକ ଉପାଦାନଗୁଡ଼ିକର ମାତ୍ରା କମେଇଦେଲେ ଆଜ୍ମାର ଲକ୍ଷଣ ମଧ୍ୟ ହ୍ରାସ ପାଇବ।

ତେବେ ନ୍ୟାଶ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଲର୍ଜି ଆଣ୍ଡ ଇନ୍‌ଫେକ୍‌ଶିୟସ୍ ଡିଜିଜେସ୍ (NIAID)ର ଆର୍ଥିକ ସହାୟତାରେ କରାଯାଇଥିବା ସହରୀ ପରିବେଶ ଓ ଶୈଶବ ଆଜ୍ମା (URECA) ଅଧ୍ୟୟନରୁ ଜଣାପଡ଼ିଛି ଯେ, ଆଜ୍ମା ଆରମ୍ଭ ହେବା ପୂର୍ବରୁ ପିଲାମାନେ କେତେକ ଆଲର୍ଜିକାରକ ଓ ବୀଜାଣୁ ସଂସ୍ପର୍ଶରେ ଆସିଲେ ପରବର୍ତ୍ତୀ ସମୟରେ ସେମାନେ ଆଜ୍ମାର ଶିକାର କମ୍ ହିଁ ହୋଇଥାନ୍ତି। ସେମାନଙ୍କର ଏହି ଅନୁଧ୍ୟାନର ଫଳାଫଳ ୨୦୧୭ର ଜର୍ନାଲ ଅଫ୍ ଆଲର୍ଜି ଆଣ୍ଡ କ୍ଲିନିକାଲ୍ ଇମ୍ୟୁନୋଲୋଜିରେ ପ୍ରକାଶ ପାଇଛି।

ଏହି ଅଧ୍ୟୟନରେ ୪୪୨ ଜଣ ପିଲାଙ୍କୁ ନିଆଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ ୧୩୦ ଜଣଙ୍କୁ (୨୯%) ୭ ବର୍ଷ ବୟସରେ ଆଜ୍ମା ହୋଇଥିଲା। ଆଶ୍ଚର୍ଯ୍ୟର କଥା ଯେଉଁମାନଙ୍କୁ ଆଜ୍ମା ହୋଇ ନ ଥିଲା, ୩ ମାସରୁ ୩ ବର୍ଷ ବୟସ ପର୍ଯ୍ୟନ୍ତ ସେମାନଙ୍କ ଘର ପରିବେଶର ବାଲି ଓ ଧୂଳିର ନମୁନାରୁ ଅଧିକ ପରିମାଣର ଅସରପା, ମୂଷା ଓ ବିରାଡ଼ି/କୁକୁରଙ୍କଠାରେ ଦେଖାଯାଉଥିବା ଜୀବାଣୁ ମିଳିଥିଲା। ତେଣୁ URECAର ମୁଖ୍ୟ ଗବେଷକ କହିଛନ୍ତି ଯେ ତାଙ୍କ ପର୍ଯ୍ୟବେକ୍ଷଣ ଅନୁସାରେ ଛୋଟ ବୟସରେ ପିଲାଙ୍କ ଘରୋଇ ପରିବେଶରେ ଅଧିକ ପରିମାଣରେ ଆଲର୍ଜିକାରକ ଓ ବୀଜାଣୁ ଥିଲେ ସେହି ପିଲାମାନେ ପରବର୍ତ୍ତୀ ସମୟରେ ଆଜ୍ମା ଭୋଗିବାର ସମ୍ଭାବନା କମ୍ ଥାଏ। କାରଣ ଏହି ବୀଜାଣୁମାନଙ୍କ ସଂସ୍ପର୍ଶରେ ଆସିଲେ ପିଲାଙ୍କଠାରେ ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି ପାଏ।

ଫିନ୍‌ଲାଣ୍ଡର କୋପିଓ ୟୁନିଭର୍ସିଟି ହସ୍ପିଟାଲର ଗବେଷକମାନେ ପେଡିୟାଟ୍ରିକ୍ସ ପତ୍ରିକାରେ ଲେଖିଛନ୍ତି ଯେ ଯେଉଁ ପିଲମାନେ ଘରେ କୁକୁର ବା ବିରାଡ଼ିଙ୍କ ସହ ବଢ଼ିଥାନ୍ତି, ସେମାନେ ପୋଷାପଶୁ-ବିହୀନ ଘରର ପିଲାଙ୍କ ଅପେକ୍ଷା କମ୍ ଆଲର୍ଜିର ଶିକାର ହୁଅନ୍ତି। ପୋଷାପଶୁ ଥିବା ଘରର ପିଲାମାନେ ଅପେକ୍ଷାକୃତ ସୁସ୍ଥ ରହନ୍ତି ବୋଲି ସେମାନେ ଗବେଷଣାରୁ ଜାଣିପାରିଛନ୍ତି। ସେମାନେ ପୁଣି ଲେଖିଛନ୍ତି ଯେଉଁମାନଙ୍କ ପୋଷାପଶୁ କେବଳ ଘର ଭିତରେ ରହନ୍ତି, ସେମାନଙ୍କ ଅପେକ୍ଷା ଯେଉଁମାନଙ୍କ ପୋଷାପଶୁ ବାହାରକୁ ଯାଇ ଅଧିକ ଜୀବାଣୁ ସଂସ୍ପର୍ଶରେ ଆସି ଘରକୁ ଫେରନ୍ତି, ସେହି ଘରର ପିଲାମାନେ ଅଧିକ ସୁସ୍ଥ ରହନ୍ତି।

ମାଇକ୍ରୋବାୟୋମ୍ ପତ୍ରିକାରେ ପ୍ରକାଶିତ ଆଲବର୍ଟା ବିଶ୍ୱବିଦ୍ୟାଳୟର ଗବେଷଣା ତଥ୍ୟ ଅନୁସାରେ ଯେଉଁ ଶିଶୁମାନେ ଧୂଳି, ଧୂସ ଓ ପୋଷାପଶୁଙ୍କ ବୀଜାଣୁଙ୍କ ସଂସ୍ପର୍ଶରେ ଅଧିକ ଆସନ୍ତି ସେମାନଙ୍କ ପାକସ୍ଥଳୀରେ ଦୁଇପ୍ରକାର ଅଣୁଜୀବ ଦେଖାଯାନ୍ତି, ଯେଉଁମାନଙ୍କର କମ୍ ଆଲର୍ଜି ଓ କମ୍ ମେଦବହୁଳତା ସହ ସମ୍ବନ୍ଧ ରହିଛି। ଏହି ଗବେଷକମାନେ ପୁଣି ଜଣାଇଛନ୍ତି ଯେ ଯେଉଁମାନଙ୍କ ଘରେ ପୋଷାପଶୁ ଥାନ୍ତି, ସେ ଘରର ମାଆମାନେ ଗର୍ଭାବସ୍ଥାରେ ଷ୍ଟ୍ରେପ୍ ସଂକ୍ରମଣର ଶିକାର କମ୍ ହୁଅନ୍ତି। ଏହି ସଂକ୍ରମଣଯୁକ୍ତ ମାଆମାନଙ୍କ ନବଜାତ ଶିଶୁ ନ୍ୟୁମୋନିଆରେ ପୀଡ଼ିତ ହେବାର ଦେଖାଯାଏ।

ସାନ୍ ଡିଏଗୋ ନାଇଟ୍ ଲାବ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ମଣିଷଙ୍କଠାରେ ଦେଖାଯାଉଥିବା ଅଣୁଜୀବଙ୍କ ଉପରେ ସବୁଠାରୁ ବଡ଼ ଗବେଷଣା କରୁଛନ୍ତି। ସେମାନେ କହିଛନ୍ତି ଯେ ଯେଉଁ ଘରେ କୁକୁର ଥାନ୍ତି, ସେ ଘରର ଲୋକମାନେ ଜୀବାଣୁଙ୍କଠାରୁ ଅଧିକ ସୁରକ୍ଷା ପାଆନ୍ତି। ଜୀବାଣୁମାନଙ୍କ ସଂସ୍ପର୍ଶରେ ଆଦୌ ନ ଆସିଲେ ମଣିଷର ଶରୀର ଉପକାରୀ ଓ କ୍ଷତିକାରକ ଜୀବାଣୁଙ୍କ ଭିତରେ ଥିବା ଫରକ ଜାଣିପାରେ ନାହିଁ। ଏକ ଡଜନରୁ ଅଧିକ ଅନୁଧ୍ୟାନ ପରେ ଗବେଷକମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି।

୨୦୧୦ରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଯେଉଁ ଘରେ କୁକୁର ଥାନ୍ତି, ସେ ଘରେ ଅଧିକ ଜୀବାଣୁ ଥାନ୍ତି। ସେହି ଘରର ଧୂଳି ସଂସ୍ପର୍ଶରେ ଆସୁଥିବା ମୂଷାମାନେ ଆଲର୍ଜିକାରକଗୁଡ଼ିକଠାରୁ ଅଧିକ ସୁରକ୍ଷା ପାଉଥିବାର ଦେଖାଯାଇଛି। ୨୦୧୬ରେ ବୈଜ୍ଞାନିକମାନେ ୩୦୮ ଶିଶୁଙ୍କ ମଳ ପରୀକ୍ଷା କରି ଦେଖିଲେ ଯେ, ଯେଉଁ ଶିଶୁଙ୍କ ଘରେ କୁକୁର ନାହିଁ, ସେମାନଙ୍କ ମଳରେ ଆଲର୍ଜି ଓ ଆଜ୍ମାକାରକ ଜୀବାଣୁ ଅଧିକ ସଂଖ୍ୟାରେ ରହିଛନ୍ତି। ସ୍ୱିଡେନର ଗୋଟେନ୍‌ବର୍ଗ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଆଉ ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଯେଉଁ ଘରେ ଅଧିକ ସଂଖ୍ୟକ ପୋଷାପଶୁ ରହିଛନ୍ତି, ସେମାନଙ୍କ ପିଲା ଅଧିକ ରୋଗମୁକ୍ତ ରହିଥାନ୍ତି। ଏଥିରୁ ଜଣାପଡୁଛି ଯେ ଘରେ ଏକରୁ ଅଧିକ ପୋଷାପଶୁ ରଖିବା ଦ୍ୱାରା ପିଲାମାନଙ୍କ ରୋଗନିରୋଧକ କ୍ଷମତା ବୃଦ୍ଧି ପାଇଥାଏ।

ଘରେ ପୋଷାପଶୁ ରଖିବା ଗର୍ଭବତୀ ମାଆମାନଙ୍କ ପେଟରେ ବଢୁଥିବା ଶିଶୁ ପାଇଁ ଲାଭଦାୟକ ହୁଏ କି? ୨୦୦୯ରେ ୟୁରୋପରେ କରାଯାଇଥିବା ଏକ ଗବେଷଣାରୁ ଏହାର ଅସ୍ତିବାଚକ ଉତ୍ତର ମିଳିଛି। ଗବେଷକମାନେ ଫାର୍ମ ପଶୁଙ୍କ ସଂସ୍ପର୍ଶରେ ଆସୁଥିବା ମାଆମାନଙ୍କ ଗର୍ଭସ୍ଥ ଶିଶୁଙ୍କ ନାହିନାଡ଼ର ରକ୍ତ ପରୀକ୍ଷା କରି ଦେଖିଛନ୍ତି ଯେ, ଏଥିରେ ଅଧିକ ସକ୍ରିୟ ରୋଗନିରୋଧକ କ୍ଷମତାବିଶିଷ୍ଟ କୋଷ ରହିଛି। ଏଥିରୁ ଜଣାପଡୁଛି ଯେ ଏହି ମାଆମାନଙ୍କ ପେଟରେ ଥିବା ଅଣୁଜୀବମାନେ ପିଲାର ଉପକାର କରୁଛନ୍ତି।

ଆମେ ଅନେକ ବର୍ଷ ହେଲା ଜାଣିଛୁ ଯେ ଘରେ କୁକୁର ରଖିବା ପିଲାର ମାନସିକ ସ୍ୱାସ୍ଥ୍ୟ ପାଇଁ ଭଲ। ବର୍ତ୍ତମାନ ଆମେ ଜାଣିଲୁ ଯେ ଏହା ଶାରୀରିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଭଲ। ପୋଷାଜୀବମାନେ ଆଲର୍ଜିଠାରୁ ପିଲାଙ୍କୁ ଦୂରରେ ରଖନ୍ତି। ପ୍ରାଣୀଙ୍କ ସଂସ୍ପର୍ଶରେ ଆସିଲେ ପିଲାର ରୋଗନିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଆପଣ ପିଲାକୁ ଯେତେ କୁକୁର ବା ବିରାଡ଼ିଙ୍କ ସଂସ୍ପର୍ଶରେ ଆଣିବେ, ପିଲା ସେତେ ଆଜ୍ମା, ଏକ୍‌ଜିମା, ହେ ଫିଭର (ଆଲର୍ଜିକ ରାଇନାଇଟିସ୍) ପ୍ରଭୃତିଠାରୁ ଦୂରରେ ରହିପାରିବ।

Email: gandhim@nic.in

## ଏଇ ଭାରତରେ

ମଧ୍ୟପ୍ରଦେଶ ଇନ୍ଦୋରର ଏକ ମରାଠୀ ଦମ୍ପତି କିଛି ବର୍ଷ ହେବ ଆବୁଧାବିରେ ରହି ଆସୁଛନ୍ତି। ସେମାନେ ନିକଟରେ ଇନ୍ଦୋର ଆସି ତାଙ୍କ ପୁଅ ସହ ୮ ବର୍ଷ ଝିଅର ମଧ୍ୟ ବ୍ରତୋପନୟନ କରିଛନ୍ତି। ସାଧାରଣତଃ ହିନ୍ଦୁ ପରମ୍ପରା ଅନୁଯାୟୀ କେବଳ ପୁଅମାନଙ୍କର ବ୍ରତୋପନୟନ କରାଯାଉଥିବା ବେଳେ ଝିଅର ବ୍ରତୋପନୟନ କରିଥିବାରୁ ସେମାନେ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସେମାନେ ଏଥିପାଇଁ ୨ ବର୍ଷ କାଳ ଶାସ୍ତ୍ର ଅଧ୍ୟୟନ କରି ଏହାର ଶାସ୍ତ୍ରରେ ତା'ର ଉଦାହରଣ ଥିବା ଦର୍ଶାଇଛନ୍ତି। ସେମାନଙ୍କ କହିବାନୁଯାୟୀ, ଏଥିରେ ଝିଅପୁଅଙ୍କ ମଧ୍ୟରେ ଭେଦଭାବ ଠିକ୍ ନୁହେଁ। ଇନ୍ଦୋର ବାସିନ୍ଦା ଏହି ଦମ୍ପତି ହେଉଛନ୍ତି ଯୋଗେଶ କୁଲକର୍ଣ୍ଣୀ ଓ ମାଣିକ କୁଲକର୍ଣ୍ଣୀ। ଏମାନେ ୮ ବର୍ଷର ଝିଅ ଶମିକାଙ୍କୁ ତାଙ୍କ ଯାଆଁଳା ଭାଇ ଶନ୍ୟାଙ୍କ ସହ ବ୍ରତୋପନୟନ କରାଇଛନ୍ତି। ଯୋଗେଶ ୪ ବର୍ଷ ପୂର୍ବେ ପୁଣେରେ ଜଣେ ଝିଅଙ୍କ ବ୍ରତୋପନୟନ କଥା ଶୁଣିଥିଲେ। ଏହାପରେ ସେ ତାଙ୍କ ଝିଅର ମଧ୍ୟ ବ୍ରତୋପନୟନ କରିବାକୁ ସ୍ଥିର କରିଥିଲେ। ଏହାକୁ ନେଇ ସେ ଶାସ୍ତ୍ର ବିଶାରଦଙ୍କ ସହ ଆଲୋଚନା କରି ଏ ସମ୍ପର୍କିତ ବହୁ ପୁରୁଣା ପୁସ୍ତକ ଅଧ୍ୟୟନ କରିଥିଲେ। ସେ ଋଷିକନ୍ୟା ଗାର୍ଗି ଓ ଲୋପାମୁଦ୍ରାଙ୍କ ଉଦାହରଣ ପାଇଥିଲେ। ଏମାନଙ୍କର ବ୍ରତୋପନୟନ କରାଯାଇଥିଲା। ଏହାପରେ ସେ ତାଙ୍କ ଗୁରୁଙ୍କ ସହ ଏ ବିଷୟରେ ଆଲୋଚନା କରି ସମସ୍ତଙ୍କ ସହମତିରେ ଝିଅର ବ୍ରତୋପନୟନ କରିଥିବା ପ୍ରକାଶ କରିଛନ୍ତି।

## ଚିରନ୍ତନୀ

ପଥହୀନ ଅନ୍ଧକାରେ ଏକା ସେହି
ଆଲୋକ ପ୍ରତ୍ୟକ୍ଷ
ସକଳ ବିଶ୍ୱର ଯେହୁ ଏକମାତ୍ର
ଚିରନ୍ତନ ଲକ୍ଷ୍ୟ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | 6 | 2 | | C | | 8 | | 5 | | | | | |
| | | C | 8 | | | A | | | 1 | | | | 3 | |
| D | 0 | | 3 | | 4 | | | | 6 | | | 1 | | 8 |
| 7 | | | 9 | | D | | E | | | | 4 | | | 5 |
| | | | | | | B | | | | E | | | | D |
| | | D | | | 8 | | 3 | | | 0 | | | 4 | |
| 3 | | 2 | 6 | | B | | | D | | C | E | A | | 0 |
| | 4 | | | | 9 | | | 8 | | | | 6 | | |
| | | | C | | | 9 | | | | | 2 | | | B |
| C | 9 | 1 | E | | | | | | | | | 5 | 2 | |
| 2 | | 0 | 7 | C | | | | | | 6 | 3 | | D | |
| | | | | | 5 | | 2 | | | 8 | | B | 1 | |
| B | 5 | | | | 2 | | | A | 9 | | 7 | | | |
| | 6 | 7 | 0 | | 3 | | | | | 1 | | C | | |
| | | | | | | | | | D | | | E | | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 4 | C | 2 | 3 | 6 | 5 | 7 | A | B | 9 | E | D | 0 | 1 |
| D | 9 | 0 | C | 8 | 7 | 1 | B | 3 | A | 2 | 6 | 5 | 4 | E |
| A | 6 | 5 | E | 9 | B | 2 | D | 0 | 1 | 4 | 7 | 3 | 8 | C |
| 7 | 3 | 2 | 0 | 1 | A | C | E | 4 | 5 | D | 8 | 6 | 9 | B |
| B | E | 1 | 4 | D | 5 | 9 | 6 | 8 | 3 | 0 | C | 2 | 7 | A |
| 4 | 1 | B | A | 2 | 3 | 8 | 5 | 9 | D | E | 0 | C | 6 | 7 |
| 3 | D | 6 | B | 4 | E | 0 | A | 2 | C | 7 | 9 | 1 | 5 | 8 |
| 0 | 7 | A | 1 | C | 8 | 6 | 3 | D | 4 | 5 | 2 | E | B | 9 |
| 5 | C | 9 | 6 | 7 | D | E | 1 | B | 8 | 3 | A | 0 | 2 | 4 |
| 2 | 8 | E | 9 | 5 | 0 | 7 | 4 | C | 6 | B | 1 | A | D | 3 |
| E | A | 8 | 7 | B | 2 | D | 0 | 5 | 9 | 1 | 3 | 4 | C | 6 |
| 1 | 5 | 4 | 3 | A | 9 | B | 8 | 6 | 2 | C | D | 7 | E | 0 |
| 6 | B | 7 | 5 | 0 | C | 3 | 2 | 1 | E | 8 | 4 | 9 | A | D |
| 9 | 0 | D | 8 | 6 | 1 | 4 | C | E | 7 | A | 5 | B | 3 | 2 |
| C | 2 | 3 | D | E | 4 | A | 9 | 7 | 0 | 6 | B | 8 | 1 | 5 |

ଗତକାଲିର ଉତ୍ତର

# ସାତଘଣ୍ଟିଆ ଗୁଣବତ୍ତା



ଡ. ସୁବାସ ଚନ୍ଦ୍ର ପାତ୍ର

ଅନିଲ କପୁର ଅଭିନୀତ ଏକ ପୁରୁଣା ହିନ୍ଦୀ ଫିଲ୍ମର ନାମ ଥିଲା 'ୱ ସାତଦିନ'। ଏବେ ଉଚ୍ଚଶିକ୍ଷା ବିଭାଗରେ ସାତଦିନ ନୁହେଁ, ସାତଘଣ୍ଟିଆ କଥାକୁ ନେଇ ବେଶ୍ ଚର୍ଚ୍ଚା ଅର୍ଥାତ୍ ଅଧ୍ୟାପକମାନେ ଏଣିକି କଲେଜରେ ସାତଘଣ୍ଟା ରହିବେ। କିଛି ଲୋକ ଏ ନେଇ ବେଶ୍ ଉଲ୍ଲସିତ, ଶିକ୍ଷାଦାନର ତଥାକଥିତ ଗୁଣାତ୍ମକତା ବୃଦ୍ଧିକୁ ନେଇ ନୁହେଁ ବରଂ ଅଧ୍ୟାପକମାନଙ୍କୁ ସରକାର ପାନେ ଦେଇଛନ୍ତି ଭାବି। ଉଲ୍ଲାସ ଓ ପ୍ରତ୍ୟାଶା ତା' ଜାଗାରେ ଥାଉ, କିନ୍ତୁ ଏହି ସାତଘଣ୍ଟା ରହଣି ପାଇଁ ନିର୍ଦ୍ଦେଶ ଯେ ଖାଲି ହଟଚମଟ ସୃଷ୍ଟି ପାଇଁ ଉଦ୍ଦିଷ୍ଟ ନିମ୍ନଲିଖିତ ଆଲୋଚନାରୁ ତାହା ଜଣାପଡ଼ିବ। ଅନେକେ ତ ଏହାକୁ ଏକ ପ୍ରସାଧନୀ କାର୍ଯ୍ୟକ୍ରମ ବୋଲି ଭାବୁଛନ୍ତି।

ସ୍ଥୂଳଭାବରେ ଦେଖିଲେ ସରକାରୀ ବା ଅନୁଦାନପ୍ରାପ୍ତ ବେସରକାରୀ କଲେଜର ଅଧ୍ୟାପକମାନେ କରଦାତାଙ୍କ ଅର୍ଥରୁ ଦରମା ପାଆନ୍ତି, ତେଣୁ ୭ଘଣ୍ଟା ହେଉ ବା ୧୦ଘଣ୍ଟା, ସରକାର ଦୈନିକ କାର୍ଯ୍ୟର ଅବଧି ବିଷୟରେ ଯେଉଁ ନିର୍ଦ୍ଦେଶଦେବେ, ତାହା ସେମାନେ ମାନିବାକୁ ବାଧ୍ୟ। ଶିକ୍ଷକମାନେ କିନ୍ତୁ ଅନ୍ୟ କର୍ମଚାରୀଙ୍କ ଭଳି ନୁହନ୍ତି। ସେମାନଙ୍କର ସ୍ଥିତି ଛାତ୍ରକେନ୍ଦ୍ରିକ। ଯଦି ସେମାନଙ୍କ ବର୍ଦ୍ଧିତ ରହଣି ଛାତ୍ରୀଛାତ୍ରଙ୍କ କାମରେ ନ ଆସେ, ଯଦି ସେମାନଙ୍କର ଆଗ୍ରହାନ୍ୱିତ ବୌଦ୍ଧିକସେବା ନିମନ୍ତେ ଉପଭୋକ୍ତା ନ ମିଳନ୍ତି ତା'ହେଲେ ଏ ନିର୍ଦ୍ଦେଶନାମାର ମୂଲ୍ୟ କ'ଣ? ବର୍ଷ ବର୍ଷ ଧରି ଉଚ୍ଚଶିକ୍ଷାନୁଷ୍ଠାନର ବିଭିନ୍ନ ଅଙ୍ଗକୁ ଦୁର୍ବଳ କରି, ସମଗ୍ର ଶରୀରକୁ ପଙ୍ଗୁ କରି ହଠାତ୍ ସରକାର ଏହି ସାତଘଣ୍ଟିଆ ଔଷଧ ନେଇ ଚେଇଁ ଉଠିଲେ କ'ଣ ହେବ? ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ମଣିଷର ଶରୀର ପରି ଏକ ସୁସଂହତ ବ୍ୟବସ୍ଥା, ଏକ ଜୈବସତ୍ତା। ଶରୀରର ଗୋଟିଏ ଅଙ୍ଗ ଦୁର୍ବଳ, ରୋଗାକ୍ରାନ୍ତ ହେଲେ ସମଗ୍ର ଶରୀର କ୍ଷତିଗ୍ରସ୍ତ ହେଲା ଭଳି ଗୋଟିଏ ଶିକ୍ଷାନୁଷ୍ଠାନର ଶିକ୍ଷାଦାନ ବ୍ୟବସ୍ଥା, ପରୀକ୍ଷାଗାର, ପାଠାଗାର, ବଗିଚା, ପରିମଳ ବ୍ୟବସ୍ଥା, ନିରାପତ୍ତା- ଏହା ଭିତରୁ କୌଣସି ଗୋଟିଏ ଅଙ୍ଗ ଦୁର୍ବଳ ହେଲେ ତାହା ସମଗ୍ର ବ୍ୟବସ୍ଥାକୁ ପ୍ରଭାବିତ କରେ। ଶିକ୍ଷକ ପଦବୀ ଖାଲି। ଡେମୋନଷ୍ଟ୍ରେଟର ଏବଂ ଲାଇବ୍ରେରିଆନ୍‌ଙ୍କ ଅନୁପସ୍ଥିତିରେ କଲେଜଗୁଡ଼ିକର ପରୀକ୍ଷାଗାର ଓ ପାଠାଗାର ବିପର୍ଯ୍ୟସ୍ତ। ବଗିଚା ପ୍ରସ୍ତୁତି ପାଇଁ ମାଳୀ ନାହିଁ, ପରିଚ୍ଛନ୍ନତା ପାଇଁ ସଫେଇ କର୍ମଚାରୀ ନାହାନ୍ତି, କଲେଜର ସମ୍ପତ୍ତି ରକ୍ଷଣାବେକ୍ଷଣ ଭଗବାନଙ୍କ ହାତରେ। ବୃହତ୍ ପରିସର ଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛନ୍ତି। ଶିକ୍ଷାଦାନ ସହିତ ବିଭିନ୍ନ ଦୃଷ୍ଟିରୁ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ଦୁର୍ବଳ ଓ ଅନାକର୍ଷଣୀୟ କରି ପରୋକ୍ଷରେ ଘରୋଇ ଅନୁଷ୍ଠାନ ଗଢ଼ିବାରେ ସହାୟକ ହୋଇ, ଅଧ୍ୟାପକମାନଙ୍କର ସାତଘଣ୍ଟିଆ ରହଣି ମାଧ୍ୟମରେ ସରକାର କି ବାର୍ତ୍ତା ଦେବାକୁ ଚାହାନ୍ତି? ଦୀର୍ଘ ବର୍ଷର ଅବହେଳା ଓ ଉଦାସୀନତା ଯୋଗୁ ଛାତ୍ର ଓ ଅଭିଭାବକମାନେ ସରକାରୀ ବା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନଠୁ ଆଖି ଫେରେଇ ନେଉଥିବାବେଳେ, ନାମକୁ ମାତ୍ର ଆଡମିଶନ କରି ସେମାନେ ନିଜର ପୁଅଝିଅଙ୍କ ସମାନ୍ତରାଳ ଶିକ୍ଷାଗ୍ରହଣର ବ୍ୟବସ୍ଥା କରୁଥିଲାବେଳେ, ଅପରାହ୍ଣ ୨ଟା ପରେ କଲେଜଗୁଡ଼ିକ ଛାତ୍ରୀଛାତ୍ରଙ୍କ ଉପସ୍ଥିତି ଦୃଷ୍ଟିରୁ ମରୁଭୂମି ପାଲଟି ଯାଉଥିଲାବେଳେ, ଏ ସାତଘଣ୍ଟିଆ କାର୍ଯ୍ୟକ୍ରମ କି ଉଦ୍ଦେଶ୍ୟ ସାଧନ କରିବ?

ପରିବର୍ତ୍ତିତ ପରିସ୍ଥିତିରେ ଆଉ କିଛି ହେଉ ନ ହେଉ ଯଦି ଶିକ୍ଷାଦାନ ବ୍ୟବସ୍ଥାର ଗୁଣାତ୍ମକତା ରକ୍ଷା କରାଯାଇପାରନ୍ତା, ଓଡ଼ିଆ ପିଲା ସର୍ବଭାରତୀୟ ପରୀକ୍ଷାରେ ଅଧିକ ସଫଳ ହୁଅନ୍ତେ। ବହୁଳ ମାତ୍ରାରେ ଅଧ୍ୟାପକ ପଦବୀ ଖାଲି ପଡ଼ିଥିବା ବେଳେ, ଯେଉଁ କିଛି ମେଧାବୀ, ଯୋଗ୍ୟ ଶିକ୍ଷକ ଅଛନ୍ତି ସେମାନଙ୍କର ମେଧା ତଥା ଦକ୍ଷତାର ଯଦି ଯଥାଯଥ ଉପଯୋଗ ହୁଅନ୍ତା, ଛାତ୍ରସମାଜ ଅନେକ ଉପକାର ପାଆନ୍ତେ। ଓଡିଶାରେ କିନ୍ତୁ ତା'ର ବିପରୀତ କାର୍ଯ୍ୟ। ସମସ୍ତ କଲେଜରେ ଭାରପ୍ରାପ୍ତ ଅଧ୍ୟକ୍ଷ ବ୍ୟବସ୍ଥା ଚଳେଇ ଏବଂ ସେମାନଙ୍କୁ ପ୍ରଶାସନିକ କାର୍ଯ୍ୟ ସହ କ୍ଲାସ୍ ନେବାକୁ ବାଧ୍ୟ କରାଇ ସେମାନଙ୍କ ମେଧାର ଅପଚୟ କରାଯାଉଛି। ସେହିପରି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭାରପ୍ରାପ୍ତ ପରୀକ୍ଷା ନିୟନ୍ତ୍ରକ ବ୍ୟବସ୍ଥା ପ୍ରଚଳନ ମାଧ୍ୟମରେ ଜଣେ ବରିଷ୍ଠ ଅଧ୍ୟାପକଙ୍କ ସମୟ ଓ ଶକ୍ତିର ଅପବ୍ୟବହାର କରାଯାଉଛି। ଖାଲି ଏ ଦୁଇଟି କ୍ଷେତ୍ର ନୁହେଁ। ଏବେ ଅଧିକାଂଶ ସରକାରୀ ତଥା ବେସରକାରୀ ମହାବିଦ୍ୟାଳୟରେ ଶିକ୍ଷକମାନେ କକ୍ଷଚ୍ୟୁତ, ଧ୍ୟାନଚ୍ୟୁତ। ଅଧ୍ୟାପନା ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ବୌଦ୍ଧିକ ଦିଗ୍‌ଦର୍ଶନ ଦେବା ସେମାନଙ୍କର ମୁଖ୍ୟ କାମ ନୁହେଁ। କିପରି ନାକ୍ ସେଲ୍ଫ ଷ୍ଟଡି ରିପୋର୍ଟ ପ୍ରସ୍ତୁତ ହେବ, କିପରି ବିଶ୍ୱବ୍ୟାଙ୍କ ଅନୁଦାନ ପାଇଁ ଉଦ୍ଦିଷ୍ଟ ଦସ୍ତାବିଜ୍ ପ୍ରସ୍ତୁତ ହେବ, କିପରି କମ୍ୟୁନିଟି କଲେଜ ପରିଚାଳିତ ହେବ, କଲେଜରେ କିପରି ନୂତନ କୋଠାବାଡ଼ି ନିର୍ମିତ ହେବ, ବାଳିକାମାନେ କିପରି ଆତ୍ମରକ୍ଷା ତାଲିମ ନେବେ ଏବଂ ସେମାନଙ୍କୁ କିପରି ଜଳଖିଆ ଦିଆଯିବ, ସେ ନେଇ କାଗଜପତ୍ର ପ୍ରସ୍ତୁତ କରିବା ବର୍ତ୍ତମାନ ସେମାନଙ୍କର ମୁଖ୍ୟ କାମ। ଅଧ୍ୟାପକମାନେ ସାକ୍ଷାତରେ ବା ଫୋନରେ ପାଠ ବିଷୟରେ ଆଲୋଚନା ନ କରି କଲେଜର ଏହି ଆଭ୍ୟନ୍ତରୀଣ ରିପୋର୍ଟ ପ୍ରସ୍ତୁତି ସମ୍ବନ୍ଧରେ ଅଧିକ ଆଲୋଚନା କରୁଛନ୍ତି।

ଯୋଗ୍ୟ ଶିକ୍ଷକମାନଙ୍କୁ ଅଯଥା କର୍ମରେ ନିୟୋଜିତ କରି ସେମାନଙ୍କ ପ୍ରତିଭା ତଥା ଦକ୍ଷତା ନଷ୍ଟ କରାଯାଉଥିବା ବେଳେ ଏଣେ ଉଚ୍ଚାକାଂକ୍ଷୀ ଜାତୀୟ ସିଲାବସ ପ୍ରଚଳନର ଡିଣ୍ଡିମ ପିଟାଯାଉଛି। ତା' ସହିତ ଶିକ୍ଷକମାନେ କିପରି ଗବେଷଣାମନସ୍କ ହେବେ ତା' ଉପରେ ଭାଷଣବାଜି ଚାଲିଛି। ଅଥଚ ସମାନ୍ତରାଳ ଭାବରେ ଗବେଷଣା ବିରୋଧୀ ବ୍ୟବସ୍ଥା କରାଯାଉଛି। ସ୍ନାତକୋତ୍ତର ଶିକ୍ଷାଦାନ କରୁଥିବା ବିଭାଗଗୁଡ଼ିକରେ ଅଧ୍ୟାପକମାନେ କେବଳ ଗବେଷକ ହୋଇପାରିବେ ବୋଲି ୟୁଜିସିର ନିୟମ ଥିଲାବେଳେ ଏବଂ ଅଧ୍ୟାପକ ନିଯୁକ୍ତିରେ ଅଧ୍ୟାପକମାନଙ୍କର ଭୂମିକା ନ ଥିଲାବେଳେ ଅନେକ ଯୋଗ୍ୟ ଗବେଷକ ସ୍ନାତକୋତ୍ତର ଶିକ୍ଷାଦାନ ବ୍ୟବସ୍ଥା ନ ଥିବା ମହାବିଦ୍ୟାଳୟରେ ଶଢୁଛନ୍ତି। ଅଥଚ ସେମାନଙ୍କଠୁ ନିକୃଷ୍ଟ ଏବଂ କନିଷ୍ଠ ତଥାକଥିତ ଗବେଷକମାନେ ସେମାନଙ୍କ ନିଯୁକ୍ତିଜନିତ ଫାଇଦା ନେଉଛନ୍ତି। ଅନେକ କ୍ଷେତ୍ରରେ ସେତିକ ବି ନାହିଁ। ଏଣେ ପ୍ରାକ୍-ଗବେଷଣା କୋର୍ସ ସାରି ଯୁବ ଗବେଷକମାନେ ତତ୍ତ୍ୱାବଧାରକ ଅପେକ୍ଷାରେ ବର୍ଷ ପରେ ବର୍ଷ ଅନାଇ ରହୁଛନ୍ତି। ତେଣେ ଚାକିରିର ବୟସ ଚାଲିଯାଉଛି।

କଲେଜରେ ଶିକ୍ଷକମାନଙ୍କର ଅଧିକ ସମୟ ରହଣିକୁ କେହି ବିରୋଧ କରନ୍ତି ନାହିଁ, କିନ୍ତୁ ସେମାନଙ୍କୁ ଶିକ୍ଷକ ଉପଯୋଗୀ କର୍ମରେ ନିଯୁକ୍ତି କରାଯାଉ। ପିଲାମାନେ କିପରି କଲେଜମନସ୍କ ହେବେ, ଟ୍ୟୁଶନ ଛାଡ଼ି କଲେଜ ଶିକ୍ଷାକୁ ଅଧିକ ଗ୍ରହଣ କରିବେ, ଆନୁଷ୍ଠାନିକ ଶିକ୍ଷା ବିକଳ୍ପ ଘରୋଇ ଶିକ୍ଷାଦାନଠୁ କିପରି ଉନ୍ନତତର ତଥା ଉଚ୍ଚମାନର ହେବ, ଶିକ୍ଷକମାନେ କିପରି ଅଧିକ ସମୟ ପାଠାଗାର ବା ପରୀକ୍ଷାଗାରରେ କଟେଇବେ, ଏ ସବୁ ବିଷୟରେ ଗଭୀର ଚିନ୍ତା ନ କରି ଏବଂ ସେ ବାବଦରେ ବ୍ୟବସ୍ଥା ନ କରି ଖାଲି ସାତଘଣ୍ଟା ରହିବାକୁ କାହାକୁ ବାଧ୍ୟ କଲେ ବ୍ୟବସ୍ଥାର କ'ଣ ଉନ୍ନତି ହେବ? ଏଣେ ଘରୋଇ ମହାବିଦ୍ୟାଳୟରେ ଦିଆଯାଉଥିବା ଦରମାର ତାରତମ୍ୟ, ଦରମା ସହିତ ଘରଭଡ଼ା ନ ଦେବାର ବ୍ୟବସ୍ଥା, ଇତିମଧ୍ୟରେ ଅନ୍ୟ ସରକାରୀ କର୍ମଚାରୀମାନେ କଲେଜ ଶିକ୍ଷକମାନଙ୍କଠୁ ଅଧିକ ୨୪ଦିନର ଛୁଟି (ଦ୍ୱିତୀୟ ଓ ଚତୁର୍ଥ ଶନିବାର ଜନିତ) ପାଇବାର ବ୍ୟବସ୍ଥା ଏବଂ ଶିକ୍ଷକମାନଙ୍କୁ ସେହି ଅନୁପାତରେ ଅଧିକ ଅର୍ଜିତ ଛୁଟି (ଇ.ଏଲ୍) ଦେବାର ବ୍ୟବସ୍ଥା ନ କରିବା ଯୋଗୁ କିଛି ଅଧ୍ୟାପକ ଗୋଷ୍ଠୀ ଆନ୍ଦୋଳିତ ହୋଇଛନ୍ତି। ସରକାର ସମସ୍ତଙ୍କୁ ଏକ ସମତଳକୁ ଆଣନ୍ତୁ, ଶିକ୍ଷକମାନଙ୍କୁ ବିଶ୍ୱାସକୁ ନିଅନ୍ତୁ, ସେମାନଙ୍କୁ କାରଖାନାରେ କାମ କରୁଥିବା ଘଣ୍ଟାୱାରୀ ଶ୍ରମିକ ଭଳି ନ ଦେଖନ୍ତୁ। ଶିକ୍ଷକମାନେ ସବୁବେଳେ କର୍ତ୍ତବ୍ୟ ସଚେତନ, କିନ୍ତୁ ପାରସ୍ପରିକ ଭରସାର ଅଭାବ ହିଁ ମୂଳ ସମସ୍ୟା।

ମୋ-୯୪୩୭୩୭୬୨୧୯

## ସାଉଁଟା ଅନୁଭୂତି ଓ ବ୍ୟାବହାରିକ ଜ୍ଞାନ



ଡ. କୁମରବର ଦାସ

ଗାନ୍ଧୀ, ଗୋପବନ୍ଧୁ, ବିବେକାନନ୍ଦ, ରାମକୃଷ୍ଣ କିମ୍ବା ଟାଗୋର, ଅରବିନ୍ଦଙ୍କ ଜୀବନଯାତ୍ରାର ସଫଳତା କଥା ଆମେ ଜାଣୁ। ସେମାନଙ୍କ ଜୀବନୀ ପଢିଛୁ। କିନ୍ତୁ ଆଧୁନିକତାର ପ୍ରବାହରେ ଆମ ଯୁବସମାଜ ସେମାନଙ୍କ ଉପଦେଶ ଦ୍ୱାରା ଆଜିକାଲି ବିଶେଷ ପ୍ରଭାବିତ ହେଉନାହାନ୍ତି। ସେମାନଙ୍କର ଭାଷଣ ଶୁଣିବାକୁ କିମ୍ବା ବହି ପଢ଼ିବାକୁ ଧୈର୍ଯ୍ୟ ନାହିଁ। ପରୀକ୍ଷା ପାଇଁ ବହିର ସବୁ ଅଧ୍ୟାୟ ମଧ୍ୟ ସେମାନେ ପଢ଼ନ୍ତିନି। ସବୁବେଳେ ଜ୍ଞାନ ଆହରଣର ସହଜ ଓ ସରଳ ଉପାୟ ଖୋଜୁଛନ୍ତି। ଠିକ୍ ସେହିପରି ଅର୍ଥ ଉପାର୍ଜନର ଖୁବ୍ ସହଜ ଉପାୟ ମାଧ୍ୟମରେ ଆକସ୍ମିକ ଭାବେ ଧନୀ ହେବାକୁ ଆମ ଯୁବପିଢ଼ି ଖୁବ୍ ଲାଳାୟିତ। ସଫଳତା ପ୍ରାପ୍ତିର ପ୍ରବଣତା ଯେତିକି ବଢ଼ିଛି, ସାଧନା ଓ ଧୈର୍ଯ୍ୟ ସେଇ ପରିମାଣରେ କମିଛି। ସେବକାର ଦିନ ପରି ବୃଥାରେ ସମୟ ନଷ୍ଟ କରିବାକୁ କେହି ଚାହେଁ ନାହିଁ। ଇଣ୍ଟର୍‌ନେଟ୍ ଓ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମରେ ବଟନ ଚିପିଲା ମାତ୍ରେ ନୂତନ ଜ୍ଞାନର ପସରା। ଅଭୂତପୂର୍ବ ଲୋକପ୍ରିୟତା ହାସଲ କରିଥିବା ଗୁଗଲ୍ସ, ଫେସ୍‌ବୁକ ଓ ହ୍ୱାଟ୍‌ସଆପ୍‌ରେ ଆଜି ତୁହାକୁତୁହା ଜ୍ଞାନର ବର୍ଷା।

ଆପଣଙ୍କର କୌଣସି ଉପଲବ୍ଧି କ୍ଷଣକର ହେଇଥାଉ ବା ଅନେକବର୍ଷର ଏଇ ବୈଦ୍ୟୁତିକ ମାଧ୍ୟମରେ ଛାଡିଦେଲେ ସେଗୁଡ଼ିକ ସଙ୍ଗେ ସଙ୍ଗେ ଚିରନ୍ତନ ସତ୍ୟଭଳି ସବୁ ଦିଗକୁ ପ୍ରସାରିତ ହୋଇଯିବେ। ଯଦିଓ ଏହି ତଥ୍ୟଗୁଡ଼ିକର ସତ୍ୟତାର ଜୀବନକାଳ ସ୍ୱଳ୍ପ, ତେଣୁ ଆପଣଙ୍କୁ ଯାହା ବି ଏକ ଯୁଗାନ୍ତକାରୀ ସତ୍ୟ ଭଳି ଉପଲବ୍ଧ ହେଲା, ତୁରନ୍ତ ଏହି ଦୁଇ ମାଧ୍ୟମରେ ଛାଡ଼ିଦିଅନ୍ତୁ। ଦେଖିବେ ଅନ୍ୟମାନେ ସେଗୁଡ଼ିକ ବ୍ରହ୍ମ ସତ୍ୟ ଭଳି ମାନିନେଇ ସେଥିରେ ଆଉ କିଛି କିଛି ମନ୍ତବ୍ୟ ମଧ୍ୟ ଯୋଡ଼ିଦେବେ। ସେଇ ମାଧ୍ୟମ ଜରିଆରେ ଜ୍ଞାନ ଅର୍ଜନ ପାଇଁ ଆଜିର ଯୁଗରେ ବୁଦ୍ଧଙ୍କର କୃଚ୍ଛ୍ର ସାଧନା ଦରକାର ନାହିଁ କିମ୍ବା ବାଲ୍ମୀକିଙ୍କ ତପସ୍ୟାର ଆବଶ୍ୟକତା ନାହିଁ।

ଆଜିର ଇଣ୍ଟର୍‌ନେଟ୍ ଯୁଗରେ ଅନେକ ମ୍ୟାନେଜ୍‌ମେଣ୍ଟ ଗୁରୁ ଜନ୍ମ ନେଇଛନ୍ତି। ସେମାନେ ତାଙ୍କର ଅକାଟ୍ୟ ମତଗୁଡ଼ିକୁ ସ୍ୱଚ୍ଛନ୍ଦରେ ପରିବେଷଣ କରନ୍ତି। ଉଦାହରଣ ସ୍ୱରୂପ ଆମେ ଏଠି ଦୁଇଟି ଉଦାହରଣ ଦେଇପାରିବା। ପ୍ରଥମ କଥା ବ୍ୟବସାୟରେ ସଫଳତା ହାସଲ କରିବା ପାଇଁ ବିକ୍ରେତା ନିଜ ଉପଭୋକ୍ତାର ମନ କିଣିନେବାକୁ ଚେଷ୍ଟା କରିବା ଉଚିତ। ଗରାଖର ଆଶାଠାରୁ ଗୋଟେ ପାଦ ଆଗକୁ ଯାଇ କିଛି ବିତରଣ କରିବା ଉଚିତ। ଥରେ ଜାପାନର କ୍ୟୋଟୋ ସହରରେ ଏକ ଜୁସ୍ କାଫେରେ ଜୁସ୍ ପିଇସାରିଲା ପରେ ସେ ଦୋକାନୀ ଆମ ଦୁଇବନ୍ଧୁଙ୍କୁ ଦୁଇଟି କମଳା ଦେଲେ। ମୁଁ ବୁଝିପାରିଲି ନାହିଁ। କମଳା ପାଇଁ ପଇସା ଦେବାରୁ ସେ ମନାକଲେ। ଏହି କଥାଟି ବ୍ୟବସାୟୀ ବନ୍ଧୁମାନେ ଶିଖିଲେ ତାଙ୍କର ଗରାଖ ତାଙ୍କୁ ଛାଡି ଅନ୍ୟ ଦୋକାନକୁ ଯିବାକୁ ଆଦୌ ମନ ବଳାନ୍ତେ ନାହିଁ। ଭଲ ବ୍ୟବହାର ସମସ୍ତଙ୍କୁ ଭଲ ଲାଗେ। ଏ କଥାରୁ ଶିକ୍ଷକମାନେ ମଧ୍ୟ ଶିଖିବା ଉଚିତ। ଛାତ୍ରମାନେ ଆଶା କରୁଥିବାଠାରୁ ଅନ୍ତତଃ ଗୋଟେ ପାଦ ଆଗକୁ ଯାଇ ଶିକ୍ଷା ବିତରଣ କରିବା ଉଚିତ। ଡାକ୍ତରମାନେ ଠିକ୍ ସେହିପରି ରୋଗୀ ଯାହା ଆଶା କରୁଛି ତା'ଠାରୁ ଗୋଟେ ପାଦ ଅଧିକ ଯାଇ ସ୍ୱାସ୍ଥ୍ୟସେବା ବିତରଣ କରିବା ଉଚିତ। ତେବେ ଯାଇ ସେମାନେ ସଫଳ ଗୁରୁ ଓ ସଫଳ ଡାକ୍ତର ହୋଇପାରିବେ। ରାଜନୀତି ଓ ସମାଜସେବା ଦିଗରେ ସଫଳତା ପାଇବା ଲାଗି ଅନେକ ଘାତପ୍ରତିଘାତ ଅତିକ୍ରମ କରିବାକୁ ହୁଏ। ଅନେକ ପ୍ରତିକୂଳ ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼େ। ଏଭଳି ସ୍ଥିତିରେ ସେମାନେ ଭାଙ୍ଗି ନ ପଡ଼ି ନିଜର ବିଶେଷ ଗୁଣମାନର ବିକାଶ ଘଟାଇଲେ କିମ୍ବା ନିରବଚ୍ଛିନ୍ନ ଭାବେ ନିଜର କାର୍ଯ୍ୟ ଜାରି ରଖିଲେ ସଫଳ ହୋଇପାରିବେ।

ଏହା ସବୁ ତାତ୍କାଳିକ ଜ୍ଞାନ। ଏସବୁ ଖୁବ୍ ଶିକ୍ଷଣୀୟ କଥା। ଆଜିର ଯୁବପିଢ଼ିକୁ ବିବେକାନନ୍ଦ କିମ୍ବା ଗାନ୍ଧୀଙ୍କ କଥା ଭଲ ଲାଗେନା। ଟାଗୋର କିମ୍ବା ଗୋପବନ୍ଧୁଙ୍କ କଥାର ଉଦାହରଣ ଦେଲେ ସେମାନେ ବିଶେଷ ପ୍ରଭାବିତ ହୁଅନ୍ତି ନାହିଁ। କିଛି ନୀତି ଆଦର୍ଶ କଥା କହିଲେ ସେମାନେ ସେଠୁ ଶୀଘ୍ର ଉଠି ପଳାଇଯାଆନ୍ତି। ସଚିନ, ଶାହରୁଖ, ଐଶ୍ୱର୍ଯ୍ୟାଙ୍କ ଉଦାହରଣ ଦେଲେ ମୁଗ୍ଧହୋଇ ଶୁଣନ୍ତି। ନିତିଦିନିଆ ଘଟଣା କିମ୍ବା ସାଧାରଣ ଭାବେ ଅଙ୍ଗେ ନିଭାଉଥିବା କଥାକୁ ଆଧାରକରି କିଛି କହିଲେ ସେମାନେ ଉତ୍ସାହିତ ହୁଅନ୍ତି। ବହି ପଢ଼ି ପଢ଼ି ଯେଉଁ ଜ୍ଞାନ ଆହରଣ କରାଯାଏ, ସେ ସବୁ ପରୀକ୍ଷା ପାଇଁ ଦରକାର। ସେ ସବୁ ଜ୍ଞାନ ଜୀବନରେ ଆଦୌ ଆବଶ୍ୟକ ହୁଏ ନାହିଁ। ଆଉ ଜୀବିକା ନିର୍ବାହରେ କିମ୍ବା କିଛି ପେସାରେ ନିପୁଣତା ପ୍ରାପ୍ତିରେ ସେଇ ପୁସ୍ତକଗତ ବିଦ୍ୟା କିଛି କାମରେ ଆସେ କି ନାହିଁ ସନ୍ଦେହ। ମାତ୍ର ୧୦% ଜ୍ଞାନ ବହିରୁ, ସ୍କୁଲ, କଲେଜରୁ ମିଳିଥାଏ। ବାକି ୯୦% ଜ୍ଞାନ ବିଭିନ୍ନ ପ୍ରକାର ଅନୁଭୂତିରୁ ମିଳିଥାଏ। ବ୍ୟାବହାରିକ ଜ୍ଞାନ ସମସ୍ତ ସୂତ୍ରରୁ ମିଳିଥାଏ। ଛୋଟ ଛୋଟ ଅନୁଭୂତିରୁ ଜୀବନ ମହନୀୟ ହୋଇଉଠେ। ବ୍ୟାବହାରିକ ଜ୍ଞାନ ହିଁ ପ୍ରକୃତ ଜ୍ଞାନ। ପୋଥି ବାଇଗଣ ଓ ବାଡ଼ି ବାଇଗଣର ପ୍ରଭେଦ ଥାଏ। ବାଡ଼ି ବାଇଗଣର ସ୍ୱାଦ ପ୍ରକୃତରେ ଆମେ ପାଉ। ତେଣୁ ଛାତ୍ରମାନଙ୍କୁ, ଆଜିର ଯୁବ ସମାଜକୁ କୌଣସି ସଜୀବ ନିର୍ଜୀବ ବସ୍ତୁକୁ ଆଧାର କରି, ଆଜିର ସମାଜରେ ଘଟୁଥିବା ଛୋଟ ଛୋଟ ଘଟଣାକୁ ଆଧାର କରି ପ୍ରେରଣାଦାୟକ ଉପଦେଶ ଦିଆଯାଇପାରନ୍ତା। ଆଜିର ଇଣ୍ଟର୍‌ନେଟ୍ ଯୁଗରେ ଏହା ଖୁବ୍ ସହଜ।

drkumardas@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଜୁଲାଇ ୧୯୯୪

- ବିଶ୍ୱକପ୍ ଫୁଟ୍‌ବଲ ଚାମ୍ପିୟନଶିପ୍ ଫାଇନାଲରେ ଇଟାଲୀକୁ ୪-୨ ଗୋଲରେ ପରାସ୍ତ କରି ବ୍ରାଜିଲ ଚତୁର୍ଥଥର ପାଇଁ ବିଶ୍ୱକପ୍ ଚାମ୍ପିୟନ।
- ଜମ୍ମୁ-କଶ୍ମୀରରେ ଉଗ୍ରପନ୍ଥୀ ଓ ସୀମା ସୁରକ୍ଷା ବାହିନୀର ଯବାନଙ୍କ ମଧ୍ୟରେ ସଂଘର୍ଷ ଘଟି ୨୧ ନିହତ।

## ପାଠକ ଶ୍ରେଷ୍ଠ ବିଚାରକ

### ବନ୍ୟା ମୁକାବିଲା ପ୍ରସ୍ତୁତି

ମହାଶୟ,

ଏବେ ବର୍ଷା ନାହିଁ। ପରେ ଲଗାଣ ବର୍ଷା ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ। ରାଜ୍ୟରେ ବନ୍ୟାର ଅବ୍ୟବହିତ ପୂର୍ବରୁ ପ୍ରାକ୍ ପ୍ରସ୍ତୁତି ରହିବା ଆବଶ୍ୟକ। ଗତ ଫନୀରେ ଅଭାବନୀୟ ପରିସ୍ଥିତି ଉପୁଜିଥିଲା। ପ୍ରଶାସନ ସଚେତନ ହୋଇ ଅତ୍ୟାବଶ୍ୟକ ଦ୍ରବ୍ୟ ଚୁଡା, ଗୁଡ଼, ଅଟା ଇତ୍ୟାଦି ମହଜୁଦ ରଖି ନ ଥିଲେ। ବର୍ତ୍ତମାନ ସୁଦ୍ଧା ବହୁ ପ୍ରପୀଡ଼ିତ ଲୋକ ଅନାହାରରେ କାଳାତିପାତ କରୁଛନ୍ତି। ଏବେଠାରୁ ସେପରି ବ୍ୟତିକ୍ରମ ପ୍ରତି ଯଥେଷ୍ଟ ସତର୍କତା ଦରକାର। ଦୁର୍ବଳ ନଦୀବନ୍ଧଗୁଡିକ ମରାମତି କରି ତଳିଆ ଅଞ୍ଚଳ ପ୍ରତି ଗୁରୁତ୍ୱ ଦିଆଯାଉ। ନ ହେଲେ ବାହାଘର ବେଳେ ବାଇଗଣ ରୁଆ ସଦୃଶ ହେବ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ଇପିଏଫ୍ ନାମକୁ ମାତ୍ର

କେନ୍ଦ୍ରରେ ୨୦୧୯-୨୦ ପାଇଁ ଯେଉଁ ବଜେଟ ଉପସ୍ଥାପନ କରାଯାଇଛି, ତାକୁ ସରକାର ଭଲ କହିବା ଓ ବିରୋଧୀ ଦଳ ବିରୋଧରେ କହିବା ସ୍ୱାଭାବିକ। କିନ୍ତୁ କ'ଣ ହୋଇଥିଲେ ଭଲ ହୋଇଥାନ୍ତା ତାହା କେହି କହୁ ନାହିଁ। ପବ୍ଲିକ୍ ସେକ୍ଟରରେ ଦୀର୍ଘ ୨୫-୩୦ ବର୍ଷ କାର୍ଯ୍ୟକରି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍)ର ଜଣେ ୧୦୦୦ ଟଙ୍କା ପେନ୍‌ସନ ପାଉଛି। କିନ୍ତୁ ଜଣେ ବ୍ୟକ୍ତିର ପରିଣତ ବୟସରେ ଔଷଧ ଖର୍ଚ୍ଚ ଦିନକୁ ୧୦୦ ଟଙ୍କାରୁ ଅଧିକ ହେଲାଣି। ଧାନର ଏମ୍‌ଏସ୍‌ପି ଅଧିକ ବଢ଼ାଇଥିଲେ ସମସ୍ତ ଚାଷୀ ଉପକୃତ ହୋଇଥାନ୍ତେ। ଅର୍ଥନୀତିଜ୍ଞମାନେ ବି ପକ୍ଷପାତମୂଳକ ବିବୃତି ଦେଉଛନ୍ତି।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ସବୁ ସ୍କୁଲ ପାଠାଗାରକୁ ପୁସ୍ତକ ଯୋଗାଇ ଦେବେ ସରକାର

ଖର୍ଚ୍ଚ ହେବ ୪୫.୬୨ କୋଟି

**ଭୁବନେଶ୍ୱର, ୧୭।୭(ବ୍ୟୁରୋ):** ରାଜ୍ୟରେ ଚଳିତ ବର୍ଷ ସବୁ ସ୍କୁଲ ପାଠାଗାରକୁ ପୁସ୍ତକ ଯୋଗାଇ ଦିଆଯିବ। ସେଥିପାଇଁ ରାଜ୍ୟ ସରକାର ୪୫ କୋଟି ୬୨ ଲକ୍ଷ ୯୫ ହଜାର ଟଙ୍କାର ବ୍ୟୟବରାଦ କରିଛନ୍ତି। ପ୍ରୋଜେକ୍ଟ ଆପ୍ରୁଭାଲ ବୋର୍ଡ(ପିଏବି) ଅନୁମୋଦନ ପରେ ପୁସ୍ତକ କ୍ରୟ ପାଇଁ ପଦକ୍ଷେପ ନିଆଯିବ। ୨୦୧୯-୨୦ ଆର୍ଥିକ ବର୍ଷରେ ୩୦ଟି ଜିଲା ପାଇଁ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ୪୯ ହଜାର ୪୨୫ ଖଣ୍ଡ ବହି ଯୋଗାଇ ଦେବା ନିମନ୍ତେ ୭.୭୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ହାଇସ୍କୁଲଗୁଡ଼ିକ ପାଇଁ ୫୫୮୮ ପୁସ୍ତକ ବାବଦରେ ୩୭.୮୭ କୋଟି ଟଙ୍କା ଯୋଗାଇଦେବାକୁ ବ୍ୟୟବରାଦ କରାଯାଇଛି। ତେବେ ପ୍ରାଥମିକ ହାଇସ୍କୁଲ ପାଇଁ ରାଜ୍ୟ ସରକାର ୫୫୦୧୩ ଖଣ୍ଡ ପୁସ୍ତକ ଯୋଗାଇବା ବାବଦରେ ୪୫.୬୨କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ବଦଳରେ ବିଧାନସଭା ପ୍ରଶ୍ନକାଳ ବେଳେ ଏଭଳି ଉତ୍ତର ଦେଇଛନ୍ତି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା।

# ମନ୍ତ୍ରୀ, ବିଧାୟକଙ୍କ ଅନୁପସ୍ଥିତିକୁ ନେଇ ବିଧାନସଭାରେ ହଙ୍ଗାମା



- ଲକ୍ଷ୍ୟଭ୍ରଷ୍ଟ ବିରୋଧୀ
- ବଦଳ ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ବିରୋଧୀ
- ଗୃହ ମୁଲତବୀ
- ରୁଲ୍ ବୁକ୍ ଅନୁଯାୟୀ ଗୃହ ଚାଲୁନି: କଂଗ୍ରେସ
- ଆମେ ଘର ଜଗିଛୁ: ଭାଜପା

ଭୁବନେଶ୍ୱର,୧୭।୭(ବ୍ୟୁରୋ)

ଷୋଡ଼ଶ ବିଧାନସଭାରେ ବିରୋଧୀ ଲକ୍ଷ୍ୟଭ୍ରଷ୍ଟ ହୋଇଛନ୍ତି। ଲୋକମାନଙ୍କ ସମସ୍ୟାକୁ ଉତ୍ଥାପନ କରିବା ବଦଳରେ ଉଭୟ ଭାଜପା ଓ କଂଗ୍ରେସ ପରସ୍ପର ଗୋହି ଖୋଳାଖୋଳିରେ ମାତିଛନ୍ତି। ଚଳିତ ବିଧାନସଭାରେ ଭାଜପାକୁ ମୁଖ୍ୟ ବିରୋଧୀ ଦଳ ମାନ୍ୟତା ମିଳିଛି। କଂଗ୍ରେସ ତୃତୀୟ ସ୍ଥାନକୁ ଖସିଆସିଛି। ପଞ୍ଚଦଶ ବିଧାନସଭାରେ କଂଗ୍ରେସ ମୁଖ୍ୟ ବିରୋଧୀ ଦଳ ଥିଲା। ଉଭୟ ଦଳ ମିଳିମିଶି ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗକୁ ଗୃହରେ ଉଠାଉଥିଲେ। ମାତ୍ର ଚଳିତ ଅଧିବେଶନରେ ଦୁଇ ବିରୋଧୀ ଦଳ ଦୁଇଫାଳ ହୋଇଯାଇଛନ୍ତି। କାହା ସହ କାହାର ତାଳମେଳ ନାହିଁ। ବିଧାନସଭାରେ ବିରୋଧୀ ଦଳ ସତେ ଯେମିତି ଦିଗହରା ହୋଇଯାଇଛନ୍ତି। ଭାଜପା ଓ କଂଗ୍ରେସ ଭିନ୍ନ ଭିନ୍ନ ପ୍ରସଙ୍ଗ ଉଠାଇ ଗୃହରେ ହଟ୍ଟଗୋଳ କରୁଛନ୍ତି। ସରକାରଙ୍କୁ ଘେରିବା ପରିବର୍ତ୍ତେ ପରସ୍ପର ମଧ୍ୟରେ କଥା କଟାକଟିରେ ମାତି ଯାଉଛନ୍ତି। ଦୁଇ ଦଳଙ୍କ ଦିଶାହୀନ ପ୍ରତିବାଦ ଏବଂ ନାରାବାଜିରେ ବରବାଦ ହୋଇଯାଉଛି ଗୃହକାର୍ଯ୍ୟ। ଗତ ଦୁଇଦିନ ଧରି ଉଭୟ ଦଳର ଏତାଦୃଶ ଆଚରଣ ପାଇଁ ଶୂନ୍ୟକାଳ ନଷ୍ଟଭ୍ରଷ୍ଟ ହୋଇଯାଇଛି। ବୁଧବାର ମଧ୍ୟ ଅନୁରୂପ ଅବସ୍ଥା ଗୃହରେ ଦେଖିବାକୁ ମିଳିଥିଲା। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଗୃହରେ ଶେଷ ହେବା ପରେ ଉଭୟ ଦଳ ଚାଷୀ ପ୍ରସଙ୍ଗ ଓ ମନ୍ତ୍ରୀ ଏବଂ ବିଧାୟକଙ୍କ ଅନୁପସ୍ଥିତିକୁ ନେଇ ସରକାରଙ୍କୁ ଘେରିଥିଲେ। ନିଜ ନିଜ ପ୍ରସଙ୍ଗକୁ ଆଗକୁ ନେବା ଲାଗି ଉଭୟ ଭାଜପା ଓ କଂଗ୍ରେସ ମଧ୍ୟରେ ଜୋର୍‌ଦାର ପ୍ରତିଯୋଗିତା ହୋଇଥିଲା। ଗତ କିଛିଦିନ ହେବ ଶାସକ ଦଳର ଅଧିକାଂଶ ଆସନ ଖାଲି ପଡୁଛି। ଉତ୍ତର ଠିକ୍‌ରେ ମିଳୁ ନାହିଁ। ଅନ୍ୟ ବିଭାଗ ମନ୍ତ୍ରୀ ଉତ୍ତର ଦେଉଛନ୍ତି। ଏହାକୁ ନେଇ ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଉଭୟ ଦଳ ଗୃହର ମଧ୍ୟଭାଗରେ ହୋ-ହଲ୍ଲା କରିଥିଲେ। ଫଳରେ ଶୂନ୍ୟକାଳରେ କୌଣସି ଆଲୋଚନା ସମ୍ଭବ ହୋଇ ନ ଥିଲା।

ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକଙ୍କୁ କହିବା ପାଇଁ ଅନୁମତି ଦେଇଥିଲେ। ବିରୋଧୀ ଦଳ ନେତା କହିଥିଲେ ଯେ, ପାଟକୁରା ନିର୍ବାଚନକୁ ଦେଖି ମୁଖ୍ୟମନ୍ତ୍ରୀ ବାର୍ଦ୍ଧକ୍ୟ ଭତ୍ତା ବାଣ୍ଟିବା ବ୍ୟବସ୍ଥା କରିଛନ୍ତି। ଗୃହରେ ମନ୍ତ୍ରୀ ଓ ବିଧାୟକମାନେ ଅନୁପସ୍ଥିତ ରହୁଛନ୍ତି। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ଦୁଇଦିନ ପୂର୍ବରୁ କହିଥିଲେ ଯେ, ୨୦ ତାରିଖ ପାଟକୁରା ନିର୍ବାଚନ ସରିବା ଯାଏ ବିଧାନସଭାକୁ ବନ୍ଦ ରଖାଯାଉ। ସେ ଠିକ୍ କଥା କହିଥିଲେ। ପ୍ରଶ୍ନୋତ୍ତର ବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅନୁପସ୍ଥିତିରେ ଅର୍ଥ ବିଭାଗ ମନ୍ତ୍ରୀ ଏବଂ ଗଣଶିକ୍ଷା ମନ୍ତ୍ରୀଙ୍କ ଅନୁପସ୍ଥିତିରେ ଯୋଜନା ଓ ସଂଯୋଜନା ମନ୍ତ୍ରୀ ଉତ୍ତର ଦେଉଛନ୍ତି। ସଦସ୍ୟମାନେ ପ୍ରଶ୍ନ ପଚାରିଲେ କେବଳ ଲେଖା ଉତ୍ତର ପଢ଼ି ଶୁଣାଉଛନ୍ତି। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ନଷ୍ଟ କରିବା ଲାଗି ଏଭଳି ଷଡ଼ଯନ୍ତ୍ର କରାଯାଇଛି। ବାର୍ଦ୍ଧକ୍ୟ ଭତ୍ତା ଯଦି ଦେବା କଥା ତେବେ ୧୫ ତାରିଖ ପୂର୍ବରୁ ଦିଆଯାଇପାରିଥାନ୍ତା। ସାମୂହିକ ଢଙ୍ଗରେ ବିଜେଡି ଏହି କାର୍ଯ୍ୟ କରୁଛି। ଆଚରଣବିଧି ଲାଗୁହେବା ପରେ କୌଣସି କାର୍ଯ୍ୟ କରାଯାଇ ପାରିବ ନାହିଁ। ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନକୁ ବନ୍ଦ ନ କଲେ ଭାଜପା ରାସ୍ତାକୁ ଓହ୍ଲାଇବ ବୋଲି ପ୍ରଦୀପ୍ତ କହିଥିଲେ। ଏହି ସମୟରେ ବାଚସ୍ପତି କଂଗ୍ରେସ ଦଳ ନେତା ନରସିଂହ ମିଶ୍ରଙ୍କୁ କହିବାକୁ ଅନୁମତି ଦେଇଥିଲେ। ସେ କହିଥିଲେ, ବିଧାନସଭା କାର୍ଯ୍ୟବିଧି ଅନୁଯାୟୀ ଗୃହ ଚାଲୁନାହିଁ। ମଙ୍ଗଳବାର ଜଳସମ୍ପଦ ବିଭାଗ ଆଲୋଚନା ବେଳେ ମନ୍ତ୍ରୀ କେବଳ ଲେଖାଯାଇଥିବା ଉତ୍ତର ପଢ଼ି ଶୁଣାଇଦେଲେ। ଯଦି ନିଜ ଇଚ୍ଛାରେ ଗୃହ ଚାଲିବ ତେବେ ଗୃହ ପରିଚାଳନା ରୁଲ୍ ବୁକ୍ କାହିଁକି ରହିଛି ବୋଲି ସେ ପ୍ରଶ୍ନ କରିଥିଲେ। ଯଦି ବିରୋଧୀ ଦଳଙ୍କୁ ଉତ୍ତର ମିଳିବ ନାହିଁ ତେବେ ଅଯଥାରେ ସମୟ ନଷ୍ଟ କରିବାର କିଛି ମାନେ ନାହିଁ। ଏହା ଗଣତାନ୍ତ୍ରିକ ପରମ୍ପରା ନୁହେଁ। ବିଜନେସ୍ ଆଡ୍‌ଭାଇଜରି କମିଟି ଡାକି ଏ ବିଷୟରେ ଆଲୋଚନା କରି ଗୃହ ଚଳାଇବା କଥା। ମାତ୍ର ତାହା କରାଯାଉନାହିଁ। ଯିଏ ଯେତେବେଳେ ଚାହିଁଲେ ପଏଣ୍ଟ ଅଫ୍ ଅର୍ଡର ଜରିଆରେ ପ୍ରସଙ୍ଗ ଉଠାଉଛନ୍ତି। ବିଧାନସଭାରେ କୌଣସି ଗୃହ ପରିଚାଳନା ନିୟମକୁ ଅନୁସରଣ କରାଯାଉନାହିଁ। ଏ ନେଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ନରସିଂହ। ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ପାଇଁ ରାଜ୍ୟ ସରକାର ହିତାଧିକାରୀମାନଙ୍କ ତାଲିକା କେନ୍ଦ୍ର ସରକାରଙ୍କ ପୋର୍ଟାଲରେ କାହିଁକି ପକାଉନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ରାଜ୍ୟ ସରକାର କାଳିଆ ଯୋଜନାରେ ୫୧ ଲକ୍ଷ ୫ହଜାର ୨୯୦ ପରିବାରକୁ ୫ହଜାର ଟଙ୍କା ଯୋଗାଉଛନ୍ତି। ଆଗାମୀ ଦିନରେ ୭୫ ଲକ୍ଷକୁ ବଢ଼ାଇବେ ବୋଲି କହିଛନ୍ତି। ମଙ୍ଗଳବାର ରାଜ୍ୟ ସରକାର ୩୦ଲକ୍ଷ ଚାଷୀଙ୍କ ତାଲିକା ଦେଇଥିବା କୁହାଯାଉଛି। ଏପର୍ଯ୍ୟନ୍ତ ରାଜ୍ୟ ସରକାର କେଉଁମାନେ ଭାଗ ଚାଷୀ, କ୍ଷୁଦ୍ର ଚାଷୀ ଓ ନାମମାତ୍ର ଚାଷୀ ତାହା ବର୍ଗୀକରଣ କଲେଣି କି? ଶ୍ରୀଜଗନ୍ନାଥଙ୍କ ଅନ୍ୟନାମ କାଳିଆ। ଜଗନ୍ନାଥଙ୍କର ଯେମିତି କୌଣସି ଆକାର କିମ୍ବା ଆଦି ଅନ୍ତ ନ ଥାଏ। ରାଜ୍ୟ ସରକାରଙ୍କ କାଳିଆ ଯୋଜନାର ସେଭଳି ଆଦି ଅନ୍ତ ନାହିଁ। ନିର୍ବାଚନ ପାଇଁ ମନ୍ତ୍ରୀ, ବିଧାୟକ ପାଟକୁରା ଯାଇଛନ୍ତି। ବାଚସ୍ପତି, ଉପବାଚସ୍ପତି ଏବଂ କେତେଜଣ ଅଧିଷ୍ଠାତା ବିଧାନସଭାରେ ରହୁଛନ୍ତି। ଆମେ ବିରୋଧୀ ଦଳ ଘର ଜଗି ରହିବା ଭଳି ରହିଛୁ। କେନ୍ଦ୍ର ସରକାରଙ୍କ ପୋର୍ଟାଲରେ ଏପର୍ଯ୍ୟନ୍ତ କେତେ ଚାଷୀଙ୍କ ନାମ ଅପ୍‌ଲୋଡ କରାଯାଇଛି ସେ ବିଷୟରେ ମନ୍ତ୍ରୀ ଗୃହକୁ ଜଣାନ୍ତୁ ବୋଲି ସେ କହିଛନ୍ତି। ବିଜେଡି ସଭ୍ୟ ଅନନ୍ତ ଦାସ ବର୍ଷା ଅଭାବରୁ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ଧାନବୁଣା ହୋଇ ନ ଥିବା କଥା ଉଠାଇଥିଲେ। ମରୁଡ଼ି ଆଶଙ୍କା ଥିବାରୁ ସରକାର ଏ ବିଷୟରେ ପଦକ୍ଷେପ ନିଅନ୍ତୁ ବୋଲି ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଭାଜପା ସଭ୍ୟ ଜୟନାରାୟଣ ମିଶ୍ର ଶୂନ୍ୟକାଳରେ ସମ୍ବଲପୁର ଓ କଳାହାଣ୍ଡି ଜିଲାରେ ଚାଷୀମାନେ ଧାନ ବିକ୍ରି କରିପାରୁ ନ ଥିବା ଏବଂ ସେମାନଙ୍କର ଗତବର୍ଷ ଧାନ ବିକ୍ରି ଟଙ୍କା ମିଳି ନ ଥିବା ପ୍ରସଙ୍ଗ ଉଠାଇଥିଲେ। ତୁରନ୍ତ ଚାଷୀଙ୍କ ବକେୟା ଟଙ୍କା ଦେବା ସହ ଧାନ ସରକାର କିଣନ୍ତୁ ବୋଲି ସେ କହିଥିଲେ। ଏହି ସମୟରେ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ରମେଶ ଜେନା ଏବଂ ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ବିଧାନସଭା ପାଇଁ ଆଇନ କାହିଁକି ରହିଛି? ଆପଣ ଅନେକଥର ଜିତିଛନ୍ତି ଏବଂ ମନ୍ତ୍ରୀ ହୋଇଛନ୍ତି। ଆଇନ ବିଷୟରେ ଆପଣଙ୍କୁ କ'ଣ ଅଜଣା। କାର୍ଯ୍ୟ ପରାମର୍ଶଦାତା କମିଟି ବୈଠକ ଡାକି ତୁରନ୍ତ ଏ ବିଷୟରେ ଆଲୋଚନା କରାଯାଉ ବୋଲି ଦାବିକରି ଗୃହରେ ହଟ୍ଟଗୋଳ କରିଥିଲେ। କଂଗ୍ରେସ ଓ ଭାଜପା ସଦସ୍ୟମାନେ ଚାଷୀ ପ୍ରସଙ୍ଗକୁ ନେଇ ଗୃହର ମଧ୍ୟଭାଗକୁ ଆସି ହୋ-ହଲ୍ଲା କରିଥିଲେ। ଉଭୟ ଦଳର ସଦସ୍ୟମାନଙ୍କ ହଟ୍ଟଗୋଳକୁ ନେଇ ବିଧାନସଭା ଫାଟିପଡ଼ିଥିଲା। ହଟ୍ଟଗୋଳ ପ୍ରବଳ ହେବାରୁ ବାଚସ୍ପତି ଗୃହକୁ ୧୨ଟା ୦୬ରେ ପର୍ଯ୍ୟାୟ କ୍ରମେ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

# ଧାନକୁ ଛାଡ଼ି ସବୁ ଆମଦାନୀ ପଡ଼ୋଶୀ ରାଜ୍ୟରୁ

## ■ ଆଳୁ ମିଶନ ଫେଲ୍: ପଶ୍ଚିମବଙ୍ଗ ଭରସା

ଭୁବନେଶ୍ୱର,୧୭।୭(ବ୍ୟୁରୋ)

ରାଜ୍ୟରେ କୃଷକମାନଙ୍କ ଆୟ ୨ଗୁଣା ହୋଇଛି। କୃଷି ଉତ୍ପାଦନ ବଢ଼ିଯାଇଛି। ୫ଥର ରାଜ୍ୟକୁ କୃଷିକର୍ମଣ ପୁରସ୍କାର ମିଳିଲାଣି। ଧାନ ଚାଷରେ ବଡ଼ ବଡ଼ ରାଜ୍ୟକୁ ଓଡ଼ିଶା ପଛରେ ପକାଇ ଦେଇଛି। ବିଧାନସଭାଠାରୁ ଆରମ୍ଭକରି ନିର୍ବାଚନ ପ୍ରଚାରରେ ମଧ୍ୟ ରାଜ୍ୟ ସରକାର ଓ ଶାସକ ଦଳ ଏମିତି ବାହୁସ୍ଫୋଟ ମାରୁଛନ୍ତି। ବାସ୍ତବରେ ଦେଖିବାକୁ ଗଲେ କେବଳ ଧାନକୁ ଛାଡ଼ିଦେଲେ ଅନ୍ୟ କୌଣସି ଚାଷରେ ଓଡ଼ିଶା ସ୍ୱାବଲମ୍ବୀ ନୁହେଁ। ଏ କଥା ରାଜ୍ୟ ସରକାର ମଧ୍ୟ ସ୍ୱୀକାର କରିଛନ୍ତି। କୃଷି ଓ କୃଷକଙ୍କ ଉନ୍ନତି ପାଇଁ କୃଷି ବଜେଟ, କୃଷି କ୍ୟାବିନେଟ ଏବଂ ଆଳୁ ଉତ୍ପାଦନ ବୃଦ୍ଧି ଲାଗି ଆଳୁ ମିଶନ ଆଉ କେତେକ'ଣ ବ୍ୟବସ୍ଥା କରାଯାଇଛି। ଡାଲି, ତେଲ, ଆଳୁ, ପିଆଜ ଓ ଚିନି ଇତ୍ୟାଦି ଅନ୍ୟାନ୍ୟ ଖାଉଟି ସାମଗ୍ରୀ ପାଇଁ ଅନ୍ୟ ରାଜ୍ୟ ଉପରେ ଓଡ଼ିଶାକୁ ନିର୍ଭର କରିବାକୁ ପଡୁଛି। ବୁଧବାର ବିଧାନସଭା ପ୍ରଶ୍ନକାଳରେ ଭାଜପା ସଭ୍ୟ ମୋହନ ଚରଣ ମାଝି ରାଜ୍ୟରେ କେଉଁ କେଉଁ ଖାଉଟି ସାମଗ୍ରୀର ବାର୍ଷିକ ଚାହିଦା କେତେ, ସେଥିରୁ ରାଜ୍ୟରେ କେତେ ଉତ୍ପାଦନ ହେଉଛି ଓ ରାଜ୍ୟ ବାହାରୁ କେତେ ଆମଦାନୀ ହେଉଛି ସେ ବିଷୟରେ ଜାଣିବା ପାଇଁ ଚାହିଁଥିଲେ। ପାଟକୁରା ନିର୍ବାଚନରେ ବ୍ୟସ୍ତଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅନୁପସ୍ଥିତିରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ, ଓଡ଼ିଶା ଏକ ଖାଉଟି ରାଜ୍ୟ। ଚାଉଳ ବ୍ୟତୀତ ଗହମ, ଡାଲି, ଖାଇବା ତେଲ, ଆଳୁ, ପିଆଜ ଓ ଚିନି ଇତ୍ୟାଦି ପାଇଁ ଓଡ଼ିଶାକୁ ପଡୋଶୀ ରାଜ୍ୟ ମହାରାଷ୍ଟ୍ର, ଛତିଶଗଡ଼, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଆଦି ଉପରେ ନିର୍ଭର କରିବାକୁ ପଡୁଛି। ରାଜ୍ୟରେ ଗହମର ଚାହିଦା ବାର୍ଷିକ ୫.୨୬ ଲକ୍ଷ ମେଟ୍ରିକ ଟନ୍ ଥିବାବେଳେ ଉତ୍ପାଦନ ହେଉଛି ମାତ୍ର ୦.୦୭ ଲକ୍ଷ ମେଟ୍ରିକ ଟନ୍। ଅବଶିଷ୍ଟ ୫.୧୯ ଲକ୍ଷ ମେଟ୍ରିକ ଟନ୍ ଗହମ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ବିହାରରୁ ଆମଦାନୀ କରାଯାଉଛି। ସେହିପରି ଡାଲି ଓ ଡାଲିଜାତୀୟ ଶସ୍ୟ ରାଜ୍ୟର ବାର୍ଷିକ ଆବଶ୍ୟକତା ୨.୮୩ ଲକ୍ଷ ମେଟ୍ରିକ ଟନ୍ ଥିବାବେଳେ ରାଜ୍ୟରେ ଉତ୍ପାଦନ ହେଉଛି ୮.୦୧ ଲକ୍ଷ ମେଟ୍ରିକ୍ ଟନ୍। ଅଧିକ ଉତ୍ପାଦନ ହେଲେ ମଧ୍ୟ ବଳକା ଡାଲି କୁଆଡେ ଯାଉଛି ସେ ନେଇ ମନ୍ତ୍ରୀ କିଛି କହି ନାହାନ୍ତି। ତେବେ ଆବଶ୍ୟକ ସ୍ଥଳେ ମହାରାଷ୍ଟ୍ର, ଛତିଶଗଡ଼ ଓ ତେଲେଙ୍ଗାନାରୁ ଡାଲି ଆମଦାନୀ କରାଯାଉଛି। ରାଜ୍ୟରେ ଖାଇବା ତେଲର ଚାହିଦା ୨.୪୮ ଲକ୍ଷ ମେଟ୍ରିକ୍ ଟନ୍ ଥିବାବେଳେ ଉତ୍ପାଦନ ହେଉଛି ୨.୨୮ ଲକ୍ଷ ମେଟ୍ରିକ୍ ଟନ୍। ଅବଶିଷ୍ଟ ୦.୨୦ ଲକ୍ଷ ମେଟ୍ରିକ୍ ଟନ୍ ରାଜସ୍ଥାନ, ଗୁଜରାଟ, ଉତ୍ତରପ୍ରଦେଶ ଏବଂ ଆନ୍ଧ୍ରପ୍ରଦେଶରୁ ଆମଦାନୀ କରାଯାଉଛି। ରାଜ୍ୟରେ ଆଳୁର ଯଥେଷ୍ଟ ଅଭାବ ରହିଛି। ଆଳୁ ଉତ୍ପାଦନ ପାଇଁ ରାଜ୍ୟ ସରକାର ଆଳୁ ମିଶନ ଆରମ୍ଭ କରିଥିଲେ ମଧ୍ୟ ତାହା ଅକାମୀ ହୋଇଛି। ରାଜ୍ୟ ପାଇଁ ବାର୍ଷିକ ୧୨.୭୦ ଲକ୍ଷ ମେଟ୍ରିକ୍ ଟନ୍ ଆଳୁର ଆବଶ୍ୟକତା ଥିବା ବେଳେ ଉତ୍ପାଦନ ହେଉଛି ମାତ୍ର ୨.୯୪ ଲକ୍ଷ ମେଟ୍ରିକ୍ ଟନ୍। ଅବଶିଷ୍ଟ ୯.୭୬ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ପଶ୍ଚିମବଙ୍ଗରୁ ଆମଦାନୀ କରାଯାଉଛି।ସେହିପରି ରାଜ୍ୟରେ ପିଆଜର ଚାହିଦା ୩.୪୧ ଲକ୍ଷ ମେଟ୍ରିକ୍ ଟନ୍ ଥିବାବେଳେ ଉତ୍ପାଦନ ହେଉଛି ୩.୭୪ ଲକ୍ଷ ମେଟ୍ରିକ୍ ଟନ୍। ନିଅଣ୍ଟିଆ ବେଳେ କର୍ନାଟକ, ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶରୁ ପିଆଜ ଅଣାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# କୃଷି ବିଭାଗ ଖର୍ଚ୍ଚଦାବି ଗୃହୀତ

## ■ ବ୍ୟୟ ଅଟକଳ ୮୮ ୭୪,୪୪,୫୪,୦୦୦ ଟଙ୍କା

ଭୁବନେଶ୍ୱର,୧୭।୭(ବ୍ୟୁରୋ)

ଷୋଡଶ ବିଧାନସଭାର ପ୍ରଥମ ଅଧିବେଶନରେ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଖର୍ଚ୍ଚଦାବି ବୁଧବାର ଗୃହୀତ ହୋଇଯାଇଛି। ଏହାର ପରିମାଣ ୮୮୭୪ କୋଟି ୪୪ ଲକ୍ଷ ୫୪ ହଜାର କୋଟି ଟଙ୍କା ରହିଛି। କୃଷି ମନ୍ତ୍ରୀ ଅରୁଣ ସାହୁଙ୍କ ଅନୁପସ୍ଥିତିରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଖର୍ଚ୍ଚ ଦାବି ଉପସ୍ଥାପନ କରିବା ସହ ବକ୍ତବ୍ୟ ରଖିଥିଲେ। ଖର୍ଚ୍ଚଦାବି ଆଲୋଚନା ସମୟରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ରଖା ନ ଯିବାରୁ ପ୍ରଥମେ ଭାଜପା ଏବଂ ପରେ କଂଗ୍ରେସ ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ।

ନିରଞ୍ଜନ କହିଥିଲେ ଯେ, ରାଜ୍ୟର ୬୨ ପ୍ରତିଶତ ଜନସାଧାରଣ ପ୍ରତ୍ୟକ୍ଷ ଭାବେ କୃଷି ଉପରେ ନିର୍ଭରକରି ଚଳିଥାନ୍ତି। ୨୦୧୮-୧୯ରେ ରାଜ୍ୟର ମୋଟ ଘରୋଇ ଉତ୍ପାଦର ଶତକଡା ୧୮.୯ ପ୍ରତିଶତ ହେଉଛି କୃଷିର ଅବଦାନ। ୨୦୦୨-୦୩ରୁ ୨୦୧୨-୧୩ ମଧ୍ୟରେ ରାଜ୍ୟରେ ଥିବା କୃଷକଙ୍କ ଆୟ ପ୍ରାୟ ଦ୍ୱିଗୁଣ ହୋଇଥିବା ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ସେହିପରି ୨୦୦୨-୦୩ରୁ ୨୦୧୫-୧୬ ମଧ୍ୟରେ ଓଡ଼ିଶା ଚାଷୀଙ୍କ ସାଧାରଣ ଆୟ ଚକ୍ରବୃଦ୍ଧି ହାରରେ ୧୬.୫ ପ୍ରତିଶତ ରହିଥିଲା। ଏହା ସାରା ଦେଶର ସର୍ବାଧିକ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଓ ୧୦ ବର୍ଷ ଅବଧିରୁ କମ୍ ଅଣଧାନ ବିହନ କିସମକୁ ପ୍ରାଧାନ୍ୟ ଦେଇ ରାଜ୍ୟ ସରକାର ବିହନ ସଂରକ୍ଷଣ ନୀତି ପ୍ରଣୟନ କରିଛନ୍ତି। ଆଧୁନିକ ଯନ୍ତ୍ରପାତି ବ୍ୟବହାର ପାଇଁ ୧୮୨ କୋଟି ୪୪ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାର ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ୯,୩୬,୧୩୯ ଯୋଗ୍ୟ ଚାଷୀଙ୍କୁ ପିଏମ୍-କିଷାନ ପ୍ରଥମ ପର୍ଯ୍ୟାୟ ରାଶି ପ୍ରଦାନ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ୩୨,୨୯,୨୦୩ ଜଣ ଯୋଗ୍ୟ ଚାଷୀଙ୍କ ତାଲିକା ଏନ୍ଆଇସିର ପିଏମ୍-କିଷାନ ପୋର୍ଟାଲରେ ଦାଖଲ କରାଯାଇଛି। ଆଦିବାସୀ ଅଧ୍ୟୁଷିତ ୧୨ ଜିଲାର ୪୦ ଅନୁନ୍ନତ ବ୍ଲକକୁ ନେଇ କୃଷି ଉତ୍ପାଦନ କ୍ଲଷ୍ଟର ପ୍ରୋତ୍ସାହନ ଯୋଜନା ପ୍ରଣୟନ କରାଯାଇଛି। ସେହିପରି ଧାନ ସମେତ ମୁଗ, ବିରି,ସୂର୍ଯ୍ୟମୁଖୀ, ମାଣ୍ଡିଆ ଏବଂ କପା ଆଦି ଚାଷୀମାନଙ୍କଠାରୁ ସିଧା କିଣାଯାଇଥିବା ନିରଞ୍ଜନ କହିଥିଲେ।

**ପ୍ରାପ୍ତେଷୁ,**
ଶ୍ରୀ ନିରଞ୍ଜନ ସିଂ,
ଗ୍ରା/ପୋ-କୁଲିଅଣା "ବି", ଥାନା-ବଡ଼ସାହି,
ଜିଲ୍ଲା-ମୟୂରଭଞ୍ଜ।

**ବିଷୟ : ସାମୟିକ ଛୁଟିରୁ ଅନଧିକାର ଅବୈଧ ରହଣି କରିବା ସମ୍ବନ୍ଧେ।**

ଆପଣ ପାଟଣା ଦମକଳ କେନ୍ଦ୍ରରୁ ଗତ ତା.୧୧.୦୨.୨୦୧୯ରିଖ ପୂର୍ବାହ୍ନଠାରୁ ଅନଧିକାର ଭାବରେ କୌଣସି ସୂଚନା ନଦେଇ ସାମୟିକ ଛୁଟିରୁ ଅବୈଧ ରହଣି କରିଛନ୍ତି। ଆପଣଙ୍କୁ ବାରମ୍ବାର କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କ ଅବସ୍ଥିତି ସମ୍ପର୍କରେ କୌଣସି ସୂଚନା ଏହି କାର୍ଯ୍ୟାଳୟ ନିକଟରେ ନାହିଁ।

ଏତଦ୍ୱାରା ଆପଣଙ୍କୁ ଏହି ବିଜ୍ଞାପନ ପ୍ରକାଶନର ୦୭ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଗଲା। ଆପଣ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟରେ ଯୋଗ ନଦେଲେ ଆପଣଙ୍କୁ ଚାକିରିରୁ ବରଖାସ୍ତ (Dismiss) କରାଯିବା ନିମନ୍ତେ ଏକ ବିଭାଗୀୟ କାର୍ଯ୍ୟବିଧି (Departmental Proceeding) ଆଗତ କରାଯିବ।

**ସ୍ୱା./- ଅଗ୍ନିଶମାଧିକାରୀ**
**ଉତ୍ତରାଞ୍ଚଳ, ସମ୍ବଲପୁର**

GANGADHAR MEHER UNIVERSITY
AMRUTA VIHAR, SAMBALPUR-768004
NOTICE
No.3449 / GMU / 2- A-3 / 2019-20 DT : 17.07.2019
WALK-IN-INTERVIEW
Interested eligible candidates are invited to attend a Walk-in-interview for the engagement of Guest Faculty purely on temporary basis scheduled to be held in the University as per details given below.

| Sl. No. | SUBJECTS | Date & Time of Interview | Remuneration |
|---|---|---|---|
| 1 | Physics, Chemistry, Botany, Zoology & Environmental Science, Mathematics, Economics, Pol. Science | 20.07.2019 from 11.00 A.M | Rs.500/ per class of one hour duration and a maximum of Rs.25,000/- per month |
| | Integrated B.Ed., Commerce, Philosophy, Sanskrit, Psychology | 20.07.2019 from 2.00 P.M | |
| 2 | Education, Engilish, Hindi, History, Odia, Computer Science & MCA | 21.07.2019 from 11.00 A.M | |
| | Anthropology, Sociology, Biotechnology and Library & Information Science, Statistics Geography | 21.07.2019 from 2.00 P.M | |

Candidates are required to come with their CV along with two passport size photographs and a set of photocopies of all certificates along with original certificates and testimonials. Candidates may also visit the University website www.gmuniversity.ac.in for details.
Sd./- REGISTRAR

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ପଞ୍ଚକୁଣ୍ଡୀୟ ରୁଦ୍ରଚଣ୍ଡି ମହାଯଜ୍ଞ, ଗୋପାଳମାଲ, ସକାଳ ୮ଟା।

**ନୂଆପଡା**
- ବିଶ୍ୱ ଯୁବ କୌଶଳ ଦିବସ ପାଳନ, ତ୍ରିନାଥ ଟ୍ରେନିଙ୍ଗ ଇନଷ୍ଟିଚ୍ୟୁଟ, ପୂର୍ବାହ୍ନ ୧୦ଟା ।

### ରାଜ୍ୟର ୩ ଜିଲାରେ ନାହିଁ ସରକାରୀ ମହାବିଦ୍ୟାଳୟ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ):** ରାଜ୍ୟର ୩ ଜିଲା କେନ୍ଦ୍ରାପଡ଼ା, ଝାରସୁଗଡ଼ା ଏବଂ ଜଗତ୍‌ସିଂହପୁରରେ ସରକାରୀ ମହାବିଦ୍ୟାଳୟ ନାହିଁ । ଅବଶିଷ୍ଟ ୨୭ ଜିଲାରେ ସରକାରୀ ମହାବିଦ୍ୟାଳୟ ଅଛି। ହେଲେ ଉପରୋକ୍ତ ୩ ଜିଲାରେ ସରକାରୀ ମହାବିଦ୍ୟାଳୟ ଖୋଲିବା ପାଇଁ ସରକାରଙ୍କ ନିକଟରେ ବର୍ତ୍ତମାନ କୌଣସି ପ୍ରସ୍ତାବ ନାହିଁ ବୋଲି ଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ବିଧାୟକ ସାଲୁଗା ପ୍ରଧାନଙ୍କ ଏକ ତାରକା ପ୍ରଶ୍ନ ଉପରେ ଲିଖିତ ଉତ୍ତର ରଖି ମନ୍ତ୍ରୀ ସାହୁ ଏହା ସ୍ପଷ୍ଟ କରିଛନ୍ତି।

ORISSA WATER SUPPLY & SEWERAGE BOARD
Office of the project Engineer, project Management Unit-1, OWSSB
Satya nagar, Bhubaneswar-7, Odisha
Ph. 0674-2571365 (O), Email : pepmu10wssb@gmail.com
NOTICE
NOTICE NO. 2982 / PMU-I / OWSSB / OF DATED 16.7.2019
ପ୍ରାପ୍ତେଷୁ-
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମେନ୍ତ ଜଣାଇ ଦିଆଯାଉଛି ଯେ, ମୌଜା ରାଜାରାଣୀ ଭୁବନେଶ୍ୱର ଠାରେ ପରିମଳ ବିଶୋଧନ ପ୍ରକଳ୍ପ ନିର୍ମାଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥିପାଇଁ ଖୋର୍ଦ୍ଧା ଜିଲ୍ଲାର ରାଜାରାଣୀ ଠାରେ ବେସରକାରୀ ଜମିର ଆବଶ୍ୟକତା ଅଛି । ଯାହା ପାଇଁ ଏକ ବୈଠକ ତା-୦୩.୦୭.୨୦୧୯ ରେ ଜିଲ୍ଲାପାଳଙ୍କ ସମ୍ମିଳନୀ ପ୍ରକୋଷ୍ଠରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଜମିର ମାଲିକାନା ଭୁବନେଶ୍ୱର ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଛି । ଉକ୍ତ ଜମି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ,ଓଡିଶା ସରକାରଙ୍କ ତରଫରୁ ପ୍ରକଳ୍ପ ଯନ୍ତ୍ରୀ, ପ୍ରକଳ୍ପ ପରିଚାଳନା ୟୁନିଟ୍-୧ ଓଡିଶା ଜଳ ଯୋଗାଣ ପରିମଳ ପରିଷଦ ଭୁବନେଶ୍ୱରଙ୍କ ଦ୍ୱାରା ଜମିମାଲିକଙ୍କଠାରୁ ସିଧାସଳଖ କ୍ରୟ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ବିଜ୍ଞପ୍ତି ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଯଦି କାହାର ଜମି ମାଲିକାନା ଉପରେ ଆପତ୍ତି କିମ୍ବା ଅଭିଯୋଗଥାଏ, ତେବେ ୭ (ସାତ) ଦିନ ମଧ୍ୟରେ (ବିଜ୍ଞପ୍ତି ପ୍ରକାଶନ ତାରିଖଠାରୁ) ନିମ୍ନଲିଖିତ ଠିକଣାରେ ଜଣାଇ ପାରିବେ ।
୧. ପ୍ରକଳ୍ପ ଯନ୍ତ୍ରୀ, ପ୍ରକଳ୍ପ ପରିଚାଳନା ୟୁନିଟ-୧ ଓଡିଶା ଜଳଯୋଗାଣ ଓ ପରିମଳ ପରିଷଦ,
ସତ୍ୟନଗର, ଭୁବନେଶ୍ୱର ବେସରକାରୀ ଜମି ସମ୍ବନ୍ଧୀୟ ବିବରଣୀ, ମୌଜା- ରାଜାରାଣୀ, ୟୁନିଟ ନଂ- ୩୬, ଥାନା- ନିୟୁ କ୍ୟାପିଟାଲ, ତହସିଲ- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା।

| କ୍ରମିକ ସଂଖ୍ୟା | ଖାତା ନଂ | ପ୍ଲଟ ନଂ | କିସମ | ପ୍ରଜାଙ୍କ ନାମ, ବାସସ୍ଥାନ ଠିକଣା | ପ୍ଲଟର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକ ରକବା (ଏକରରେ) |
|---|---|---|---|---|---|---|
| ୧ | ୬୦୪ / ୩୬୮ | ୧୫୨ / ୨୧୧୯ / ୧୫୩ / ୨୨୨୦ | ଶାରଦ (ଦୁଇ) | ସଚ୍ଚିକାନ୍ତ ବସ୍ତିଆ, ପି- କୈଳାସ ଚନ୍ଦ୍ର ବସ୍ତିଆ, ହରଚଣ୍ଡି ସାହି, ଥାନା-ଲିଙ୍ଗରାଜ, ଜିଲ୍ଲା-ଖୋର୍ଦ୍ଧା | ଏ୦.୦୦୫ଡି, ୦.୦୦୫ଡି | ଏ୦.୦୦୫ ଡି ୦.୦୦୫ ଡି |

ଭରତ ଚନ୍ଦ୍ର ଦଳାଇ
ପ୍ରକଳ୍ପ ଯନ୍ତ୍ରୀ-୧, ଓଡିଶା ଜଳଯୋଗାଣ ଓ ପରିମଳ ପରିଷଦ, ଭୁବନେଶ୍ୱର

ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା, କଟକ
No.: 42-KK
SAMS
Student Academic Management System
ରାଜ୍ୟରେ ସରକାରୀ ଓ ବେସରକାରୀ ଆଇଟିଆଇ ଗୁଡିକରେ 2019-20 ବର୍ଷରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ବିଜ୍ଞାପନ ।
ଆଇଟିଆଇ ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀ ମାନଙ୍କୁ ସୁଚାଇଦିଆଯାଉଅଛି ଯେ ୨୦୧୯-୨୦ ବର୍ଷରେ ରାଜ୍ୟର ସରକାରୀ ଓ ବେସରକାରୀ ଆଇଟିଆଇ ମାନଙ୍କରେ SAMS ଅନଲାଇନ ପଦ୍ଧତି ରେ **ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା** ପାଇଁ ଅନଲାଇନ ଆବେଦନପତ୍ର ଗ୍ରହଣ କରାଯାଉଅଛି ।
**ନାମଲେଖା ପ୍ରଣାଳୀ:**
କ) ଆବେଦନକାରୀ ତା1.8.2019ରିଖ ସୁଦ୍ଧା 14 ବର୍ଷ ବୟସର ହୋଇଥିବେ କିନ୍ତୁ ସର୍ବାଧିକ ବୟସ ସୀମା କିଛି ନାହିଁ ।
ଖ) ମାଟ୍ରିକ ଟ୍ରେଡ ପାଇଁ ଗଣିତ ଓ ବିଜ୍ଞାନ ବିଷୟ ଥାଇ ୧୦ମ ଶ୍ରେଣୀ ପାସ କରିଥିବେ କିମ୍ବା ଅଣ ମାଟ୍ରିକ ଟ୍ରେଡ ପାଇଁ ଅଷ୍ଟମ ପାସ ହୋଇ ସ୍କୁଲ ଛାଡି ଥିବେ କିମ୍ବା ୧୦ ମ ଫେଲ ହୋଇଥିବେ ।
ଗ) SAMS ପୋର୍ଟାଲ www.samsodisha.gov.in ବା www.dtetodisha.gov.in ରେ ଲଗିନ କରି ତା 18.07.2019 ରୁ ତା 30.07.2019 ମଧ୍ୟରେ onlineରେ ଆବେଦନ କରିବେ ।
ଘ) ସୂଚନାଯୋଗ୍ୟଯେ, ପ୍ରଚଳିତ SAMS ଅନଲାଇନ ନାମଲେଖା ପ୍ରଣାଳୀରେ ମାଟ୍ରିକ ମାର୍କ ଓ ଜାତିଗତ ପ୍ରମାଣ ପତ୍ରର ଅଟୋ ଭାଲିଡେସନର ସୁବିଧା ଆବେଦନକାରୀ ମାନେ ନେବେ । ଅଟୋ ଭାଲିଡେସନ କରିପାରୁନଥିବା ଆବେଦନକାରୀମାନେ ନିକଟସ୍ଥ ଯେକୌଣସି ସରକାରୀ ଆଇଟିଆଇ ନୋଡାଲ ସେଣ୍ଟରରେ ନିଜ ନିଜର ପ୍ରମାଣ ପତ୍ର ଭାଲିଡେସନ କରିପାରିବେ ।
ଙ) ଅଧିକ ବିବରଣୀ ନିମିତ୍ତ, **ପ୍ରାର୍ଥୀ ସହାୟତା ଟୋଲ ଫ୍ରି ନମ୍ବର - ସଂଯୋଗ Helpline- ୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦** ବା ନିକଟସ୍ଥ ସରକାରୀ ଆଇଟିଆଇ ଗୁଡିକରେ ଯୋଗାଯୋଗ କରି କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗର ଭରପୁର ଫାଇଦା ନିଅନ୍ତୁ ।
ସ୍ୱା/-
14004/11/0009/1920 ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା

### ନିମ୍ନ ଅଦାଲତ ରାୟକୁ ଚାଲେଞ୍ଜ

# ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ହାଇକୋର୍ଟଙ୍କ ଦ୍ୱାରସ୍ଥ

**କଟକ ଅଫିସ,୧୭।୭**

ନିମ୍ନ ଅଦାଲତଙ୍କ ଆଜୀବନ କାରାଦଣ୍ଡାଦେଶ ରାୟକୁ ଚ୍ୟାଲେଞ୍ଜ କରି ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପିଟିଶନରେ ସେ ଦର୍ଶାଇଛନ୍ତି, ପୋଲିସ ତାଙ୍କ ବିରୋଧରେ ଯେଉଁସବୁ ଅଭିଯୋଗ ଆଣିଛି ତାହାର କୌଣସି ଆଧାର ନାହିଁ। ଆବଶ୍ୟକ ପ୍ରମାଣ ନ ଥାଇ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ତେଣୁ ନିମ୍ନ ଅଦାଲତଙ୍କ ଉକ୍ତ ରାୟକୁ ରଦ୍ଦ କରିବା ପାଇଁ ସବ୍ୟସାଚୀ ନିଜ ପିଟିଶନରେ ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ଜୁନ୍‌ରେ ସବ୍ୟସାଚୀ ବ୍ରହ୍ମପୁର ବଡ଼ବଜାର ଅଞ୍ଚଳର ଜଣଙ୍କ ଘରେ ରହୁଥିବା ପୋଲିସ ଖବରପାଇ ଚଢାଉ କରିଥିଲା। ଘରର କବାଟ ଭିତର ପଟୁ ବନ୍ଦ ଥିବାରୁ ପୋଲିସ କବାଟ ତାଡ଼ି ଘର ଭିତରକୁ ପଶିଥିଲା। ଏହି ସମୟରେ ସବ୍ୟସାଚୀ ଘର ଭିତରୁ ପୋଲିସ ଉପରକୁ ଗୁଳି ମାଡ଼ କରିଥିଲେ। କୌଣସିମତେ ପୋଲିସ ସବ୍ୟସାଚୀଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ପୋଲିସ ୨ ଲକ୍ଷ ୨୦ ହଜାର ଟଙ୍କା, ୭ଟି ମୋବାଇଲ ଫୋନ, ୧୭ଟି ମୋବାଇଲ୍ ସିମ୍‌କାର୍ଡ ଓ କିଛି ଗୁଳି ସହିତ ଏକ ଲାପ୍‌ଟପ୍ ଜବତ କରିଥିଲା। ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ନିମ୍ନ ଅଦାଲତ ସବ୍ୟସାଚୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ପିଟିଶନରେ ସବ୍ୟସାଚୀ ଉଲ୍ଲେଖ କରିଛନ୍ତି, ନିମ୍ନ ଅଦାଲତରେ ଏହି ମାମଲାରେ ୧୩ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ୬ଜଣ ତାଙ୍କ ବିରୋଧରେ କିଛି କହି ନ ଥିଲେ। ଠିକ୍ ସେହିପରି ପୋଲିସ ପାଖରେ ମଧ୍ୟ ତାଙ୍କ ବିରୋଧରେ କୌଣସି ଠୋସ୍ ପ୍ରମାଣ ନାହିଁ। ଏପରି କି ପୋଲିସର ବୟାନରେ ତାଳମେଳ ରହୁ ନ ଥିଲା। ତେଣୁ ନିମ୍ନ ଅଦାଲତଙ୍କ ରାୟକୁ ରଦ୍ଦ କରିବାକୁ ସେ ଆବେଦନ କରିଛନ୍ତି। ସବ୍ୟସାଚୀଙ୍କ ପକ୍ଷରୁ ଆଡଭୋକେଟ ମାନସ ଚାନ୍ଦ ଏହି ମାମଲା ପରିଚାଳନା କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗାଁ ବାହାରେ ଘର;**
**ଚୋର, ନିଆଁକୁ ଡର ।**

ସାଇପଡ଼ିଶା ପାଖ ଛାଡ଼ି ଗାଁ ମୁଣ୍ଡର ଏକୁଟିଆ ସ୍ଥାନରେ ଘରକରି ରହିଲେ ନାନା ଆଶଙ୍କା ମନକୁ ସର୍ବଦା ଆନ୍ଦୋଳିତ କରିଥାଏ । ନିଛାଟିଆ ସ୍ଥାନରେ ରହିଥିବା ହେତୁ ମନ ମଧ୍ୟରେ ଚୋରି ହେବାର ଭୟ ରହିଥାଏ । ସେହିପରି ଅଘଟଣବଶତଃ ନିଆଁ ଲାଗିଗଲେ ନିଆଁକୁ ଆୟତ୍ତ କରିବା ପାଇଁ ସାଇପଡ଼ିଶାଙ୍କ ସାହାଯ୍ୟ ମିଳିବା ଦୁରୂହ ବ୍ୟାପାର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଗାଈ ଘିନିବ ଘର୍ ।**
**ବଳଦ ଘିନିବ ଅର୍ ।**

ଗଉଡ଼ ଗାଈ ପାଳିଥାଏ । କ୍ଷୀର ବିକି ଜୀବିକା ନିର୍ବାହ କରିଥାଏ । ଗଉଡ଼ ପକ୍ଷେ ଦୁହାଁଳିଆ ଗାଈ ଲାଭପ୍ରଦ ହୋଇଥାଏ । ସେହିପରି ଚାଷକାର୍ଯ୍ୟ ପାଇଁ ବଳଦର ଆବଶ୍ୟକତା ପଡ଼ିଥାଏ । ଚଞ୍ଚଳ ଚାଲୁଥିବା ବା କାମିକା ବଳଦ ଚାଷ ପାଇଁ ବିଶେଷ ସହାୟକ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ସରକାରୀ ଯୋଜନା ବାଟବଣା

# ପରଶାସନିକ ଅବହେଳାର ଶିକାର ଗୁଞ୍ଜି ଚନ୍ଦନ

**ତୁମେଶ୍ୱର ସାହୁ**
**କେସିଙ୍ଗା, ୧୭।୭ (ଡି.ଏନ୍.ଏ)**


ନିଜର ଦଦ୍‌ରା ଘର ଆଗେ ବିଧବା ଗୁଞ୍ଜି ଚନ୍ଦନ ।

କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖି, ଭୂମିହୀନ, ବାସହୀନମାନକୁ ଆବାସ ଯୋଜନାରେ ଘର ଯୁଗେଇ ଦେଉଛନ୍। ହେଲେ ଅନେକ ଜାଗାରେ ସରକାରୀ ବାବୁମାନକର ଖାମ୍‌ଖିଆଲି ମନ୍‌ଭାବ ଲାଗି ଅନେକ୍ ଗରିବ୍ ଦୁଖି ଯୋଜନାର ଲାଭ ପାଏବାରୁ ବଁଚିତ୍ ହେଉଛନ୍। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କନ୍ତେଶିର ପଁଚେତ୍ ଅଧୀନ ଗେଟିପଡ଼ାରେ।

ସୂଚନା ଅନ୍‌ସାରେ ଗେଟିପଡ଼ାର ବାସିନ୍ଦା ହେଉଛନ୍ ନିସାହା ବିଧବା ମହିଲା ଗୁଞ୍ଜି ଚନ୍ଦନ(୬୮)। ସେ ଚଲତି ବଛର ଜାନୁୟାରୀ ମାସେ ଆପନେ ନଟ ଚନ୍ଦନକୁଁ ହରେଇ ଏହେଦେ ନିସାହା ଜୀବନ୍ ବିତଉଛନ୍। ହେଲେ ତାକର ୩ଟା ପୁଓ ବି ରହିଛନ୍। ବଡ଼ପୁଓ ୩ ବଛର ହେଲା ମାନ୍‌ସିକ ରୋଗ୍‌ରେ ପୀଡ଼ିତ ହେଇ କେନ୍‌ଆଡ଼େ ପଲେଇଯାଇଛନ୍। ସେନ୍ତା ବାକି ଦୁଇ ପୁଓ ଉତ୍ତର ଚନ୍ଦନ(୫୬) ଆର ମଟିନ ଚନ୍ଦନ(୫୧) କେନ୍ତେଶିର ଗାଁରେ ନିଜର ପରିବାର ଧରି ରହୁଛନ୍। ଜାଗାଠାନ୍ ଅଭାବୁ ଦୁଇ ବୁଢ଼ାବୁଢ଼ି ଗାଁନୁ ଖଁଡ଼େ ଦୂରେ ଥିବାର ଗେଟିପଡ଼ାରେ ଗୁଟେ ଝାଟିମାଟିର କୁରିଆ କରି ଆଏଜ୍‌କେ ୪୦ ବଛର ହେଲା ରହିଆସୁଥିଲେ। ହେଲେ ନଟ ଚାଲିଗଲା ଉତାରୁ ଏହେଦେ ଗୁଞ୍ଜି ଏକଲା ହେଇଯାଇଛନ୍। ଗେଟିପଡ଼ାରେ ରହିଥିବାର ତାକର କୁରିଆର ଅବସ୍ତା ଗୁଟେ ଗାଈ ଗୁହାଲ ଠାନୁ ବି ଆହୁରି ହୀନ୍। ଇଆଡ଼େ ସରକାରୀ ସାହାଯ୍ କହେଲେ ଗୁଞ୍ଜି ମାସିକ୍ ପାଉଥିବାର ୫ଶହ ଟଁକା ଭତା ଆର ୫ କେ.ଜି. ଚାଉଲ ନ ସାହାଭରସା। ବେଲବୁଡ଼ଲେ ବିଜଲିବତୀ ଅଭାବୁ ପଡ଼ାଟା ଅଁଧାର ଗିଲ୍‌ଗିଲ୍ ହେଇଯାଉଛେ। ସେନ୍ତା ପଡ଼ାର ଅଲପ ଦୂରେ ଝାର ଜଂଗଲ ଲାଗି ଜୀବ୍‌ଜଁତୁକର ଆକ୍ରମନ୍ ଭଏ ବି ରହୁଛେ। କେସିଙ୍ଗା ତହସିଲ ତରଫୁ ଗଲା ୨୦୦୦ ସାଲେ ନଟ ଚନ୍ଦନ ୪ ଡେସିମିଲ ଜାଗାର ପଟ୍ଟା ପାଇଛନ୍। ହେଲେ ପରଶାସନ୍ ଆଏଜ୍‌ତକ ସେ ଜାଗା ଚିନ୍‌ହଁଟ କରି ହିତାଧିକାରୀକୁଁ ଜମିର ଦଖଲ ନାଇଁଦେଇ। ସେନ୍ତା ଏସ୍‌ଇସିସି ତାଲିକାରେ ନାଁ ଥିଲେ ବି ଗୁଞ୍ଜି ଆବାସ ଯୋଜନାରେ ଘରଖଁଡ଼େ ପାଏବାରୁ ବଁଚିତ୍ ହେଇ ରହିଛନ୍। ଖାଲି ଗୁଞ୍ଜି ନୁହଁନ୍ ଗେଟିପଡ଼ାର ଅଖଣ୍ଡ ସାହୁ, ବୈଦେହୀ ମାଝିକଁର ଲେଖେଁ ଅନେକ ଗରିବ୍ ହିତାଧିକାରୀ ସରକାରୀ ଯୋଜନାରେ ୪ ଡେସିମିଲ ଜାଗା ପାଇଥିଲେ ବି ଆବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଇ ବାବ୍‌ଦେ ଥାନୀୟ ସରପଁଚ୍ ଜିତେନ୍ଦ୍ର ବ୍ରହ୍ମାକୁଁ ପଚରାଲାରୁ ପରକୁତରେ ସେ ଆବାସ ଯୋଜନାର ଲାଗି ହକ୍‌ଦାର ଆଏ ବଲି କହିଥିଲେ। ସେନ୍ତା ଇ ବାବ୍‌ଦେ କେସିଙ୍ଗା ବିଡିଓ ଭୀମସେନ ଶବରକୁଁ ପଚରାଲାରୁ ମୁଇଁ ଘଟନାର ତଦଁତ୍ କରି ପଦକ୍ଷେପ ନେମି ବଲି ସେ କହିଥିଲେ।

# ଏଟିଏମ୍ ଠକେଇ, ଅଭିଯୁକ୍ତ ଗିରଫ

**ବରଗଡ଼ ଅଫିସ୍,୧୭।୭**

ବରଗଡ଼ ସହରସ୍ଥିତ ଷ୍ଟେଟବ୍ୟାଙ୍କର ଏକ ଏଟିଏମ କାଉଣ୍ଟରରୁ ମଙ୍ଗଳବାର ସ୍ଥାନୀୟ ଜଣେ ବ୍ୟାଙ୍କ ଉପଭୋକ୍ତା ଅକ୍ଷୟ କୁମାର ନାଥଙ୍କ ଏଟିଏମ କାର୍ଡ଼କୁ ଚତୁରତାର ସହିତ ନେଇ ୨୦ହଜାର ଟଙ୍କା ଉଠାଇନେବା ଘଟଣାର ପର୍ଦ୍ଦାଫାଶ ହୋଇଛି। ବରଗଡ଼ ଟାଉନ ଥାନା ପୋଲିସ ଉକ୍ତ ଘଟଣାର ଅଭିଯୁକ୍ତ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ନଅଗାଁର ମୂଳବାସିନ୍ଦା ତଥା ବର୍ତ୍ତମାନ ବରଗଡ଼ରେ ରହୁଥିବା ନାରାୟଣ ସାହୁଙ୍କୁ ଗିରଫ କରିଛି। ତାଙ୍କ ପାଖରୁ ୧୯ହଜାର ୫୦୦ ଟଙ୍କା ଜବତ ହୋଇଛି । ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବରଗଡ଼ ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ସ୍ଥାନୀୟ ଟାଉନ ଥାନାରେ ଦଫା ୪୨୦ ଆଇପିସିରେ ଏକ ମାମଲା(ନଂ.୩୨୪/୧୯) ରୁଜୁ ହୋଇଛି। ପ୍ରକାଶ, ଅକ୍ଷୟ ବରପାଲିର ଏକ ସରକାରୀ ସଂସ୍ଥାରେ କାମ କରନ୍ତି। ମଙ୍ଗଳବାର ସେ ବରଗଡ଼ ସହରର ଷ୍ଟେଟବ୍ୟାଙ୍କ ଏଟିଏମ କାଉଣ୍ଟରକୁ ଟଙ୍କା କାଢ଼ିବା ପାଇଁ ଯାଇଥିଲେ। ମାତ୍ର ସେ ଏଟିଏମ ବ୍ୟବହାର ଜାଣି ନ ଥିବା ଯୋଗୁ ସେହି କାଉଣ୍ଟରରେ ଛିଡ଼ା ହୋଇଥିବା ନାରାୟଣଙ୍କୁ ନିଜ ଏଟିଏମ କାର୍ଡ଼ ଓ ପାସ୍‌ୱାର୍ଡ଼ ଦେଇ ଟଙ୍କା କାଢ଼ିଦେବାକୁ ଅନୁରୋଧ କରିଥିଲେ । ଅଭିଯୁକ୍ତ ଜଣକ ଅକ୍ଷୟଙ୍କ କାର୍ଡ଼କୁ ଏଟିଏମରେ ପୂରାଇ କାଢ଼ି ଆଣିଥିଲେ ଏବଂ ଟଙ୍କା ବାହାର କରିବା ବଦଳରେ ଏଟିଏମ ଚାଲୁନାହିଁ କହି ତାଙ୍କୁ ଫେରାଇ ଦେଇଥିଲେ । ଏହାପରେ ଅକ୍ଷୟ ସେହି ଏଟିଏମ କାଉଣ୍ଟରରୁ ଚାଲି ଯାଇଥିଲେ ଏବଂ ନାରାୟଣ ପାସୱାର୍ଡ଼ ଦେଇ ୨୦ହଜାର କାଢ଼ି ସେଠାରୁ ଖସି ଯାଇଥିଲେ। ତାଙ୍କ ଆକାଉଣ୍ଟରୁ ୨୦ହଜାର ଟଙ୍କା ଉଠିଥିବା ନେଇ ଜାଣିବା ପରେ ଅକ୍ଷୟ ଟାଉନ ଥାନାରେ ଏତଲା ଦେଇଥିଲେ ଏବଂ ପୋଲିସ ତନାଘନା ଚଳାଇ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ ସୂଚନା ଦେଇଛନ୍ତି।


## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବ୍ଲକ୍- ନୂଆଗାଁ, ଜିଲ୍ଲା- ସୁନ୍ଦରଗଡ଼

**ବିଜ୍ଞାପନ ସଂଖ୍ୟା: 981(A), ତାରିଖ: ୧୫।୦୭।୧୯:** ଏତଦ୍ୱାରା ନୂଆଗାଁ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତରେ କାର୍ଯ୍ୟ କରୁଥିବା ଜବ୍‌କାର୍ଡ଼ଧାରୀମାନଙ୍କୁ ଅବଗତ କରି ଜଣାଇ ଦିଆଯାଉଅଛି ଯେ, ୨୦୧୮-୧୯ ଆର୍ଥିକ ବର୍ଷ ତା୦୧।୦୪।୨୦୧୮ରିଖଠାରୁ ତା୩୧।୦୩।୨୦୧୯ରିଖ ମଧ୍ୟରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ଶତପ୍ରତିଶତ ମଷ୍ଟରରୋଲ ଯାଞ୍ଚ ଓ ଅଣକୁଶଳୀ ଶ୍ରମିକମାନଙ୍କର ନାମ ପଞ୍ଜୀକରଣ, ଜବ୍‌କାର୍ଡ଼ ପ୍ରଦାନ ଇତ୍ୟାଦି ସମ୍ପର୍କରେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ସାମାଜିକ ସମୀକ୍ଷା ତଥା ଜନଶୁଣାଣି କାର୍ଯ୍ୟକ୍ରମ କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି। ଏଣୁ ଉକ୍ତ ବୈଠକରେ ସମସ୍ତ କୁଶଳୀ, ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ ଜବ୍‌କାର୍ଡ଼ଧାରୀମାନେ ଆଲୋଚନାରେ ଅଂଶଗ୍ରହଣ ନିମନ୍ତେ ଅନୁରୋଧ କରାଗଲା।

ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ

| କ୍ର. ନଂ. | ଗ୍ରା.ପ.ର ନାମ | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | ପଞ୍ଚାୟତସ୍ତରୀୟ ଜନଶୁଣାଣି | ବ୍ଲକସ୍ତରୀୟ ଜନଶୁଣାଣି |
|---|---|---|---|---|---|
| ୧ | ଅଙ୍କୁରପାଲୀ | ୧୯।୦୭।୧୯ | ୦୧।୦୮।୧୯ | ୦୨।୦୮।୧୯ | ୩୦।୧୧।୧୯ |
| ୨ | ବଡ଼ଯୋଦା | ୧୯।୦୭।୧୯ | ୦୧।୦୮।୧୯ | ୦୨।୦୮।୧୯ | ୩୦।୧୧।୧୯ |
| ୩ | ବାଗଡେଗା | ୧୭।୦୯।୧୯ | ୩୦।୦୯।୧୯ | ୦୧।୧୦।୧୯ | ୩୦।୧୧।୧୯ |
| ୪ | ବାରିଲେପଟା | ୨୨।୦୭।୧୯ | ୦୪।୦୮।୧୯ | ୦୫।୦୮।୧୯ | ୩୦।୧୧।୧୯ |
| ୫ | ଚିତାପେଢ଼ି | ୨୨।୦୭।୧୯ | ୦୪।୦୮।୧୯ | ୦୫।୦୮।୧୯ | ୩୦।୧୧।୧୯ |
| ୬ | ହାତୀବାରୀ | ୨୫।୦୭।୧୯ | ୦୭।୦୮।୧୯ | ୦୮।୦୮।୧୯ | ୩୦।୧୧।୧୯ |
| ୭ | ଜାହାରିଟୋଲୀ | ୨୫।୦୭।୧୯ | ୦୭।୦୮।୧୯ | ୦୮।୦୮।୧୯ | ୩୦।୧୧।୧୯ |
| ୮ | କନ୍ଦରକେଲା | ୦୫।୦୮।୧୯ | ୧୮।୦୮।୧୯ | ୧୯।୦୮।୧୯ | ୩୦।୧୧।୧୯ |
| ୯ | କରଡେଗା | ୦୫।୦୮।୧୯ | ୧୮।୦୮।୧୯ | ୧୯।୦୮।୧୯ | ୩୦।୧୧।୧୯ |
| ୧୦ | କର୍କଟନାଶା | ୦୮।୦୮।୧୯ | ୨୧।୦୮।୧୯ | ୨୨।୦୮।୧୯ | ୩୦।୧୧।୧୯ |
| ୧୧ | ଖୁଣ୍ଟଗାଁ | ୦୮।୦୮।୧୯ | ୨୧।୦୮।୧୯ | ୨୨।୦୮।୧୯ | ୩୦।୧୧।୧୯ |
| ୧୨ | କୋକେରମା | ୧୨।୦୮।୧୯ | ୨୫।୦୮।୧୯ | ୨୬।୦୮।୧୯ | ୩୦।୧୧।୧୯ |
| ୧୩ | ଲିମିଡ଼ା | ୧୨।୦୮।୧୯ | ୨୫।୦୮।୧୯ | ୨୬।୦୮।୧୯ | ୩୦।୧୧।୧୯ |
| ୧୪ | ଲୁକ୍ରମବେଡ଼ା | ୨୨।୦୮।୧୯ | ୦୪।୦୯।୧୯ | ୦୫।୦୯।୧୯ | ୩୦।୧୧।୧୯ |
| ୧୫ | ମେନମେନା | ୨୨।୦୮।୧୯ | ୦୪।୦୯।୧୯ | ୦୫।୦୯।୧୯ | ୩୦।୧୧।୧୯ |
| ୧୬ | ନୂଆଗାଁ | ୨୪।୦୮।୧୯ | ୦୬।୦୯।୧୯ | ୦୭।୦୯।୧୯ | ୩୦।୧୧।୧୯ |
| ୧୭ | ପୁରୁଣାପାଣି | ୨୪।୦୮।୧୯ | ୦୬।୦୯।୧୯ | ୦୭।୦୯।୧୯ | ୩୦।୧୧।୧୯ |
| ୧୮ | ସୋରୋଡ଼ା | ୨୯।୦୮।୧୯ | ୧୧।୦୯।୧୯ | ୧୨।୦୯।୧୯ | ୩୦।୧୧।୧୯ |
| ୧୯ | ତେତେରକେଲା | ୨୯।୦୮।୧୯ | ୧୧।୦୯।୧୯ | ୧୨।୦୯।୧୯ | ୩୦।୧୧।୧୯ |
| ୨୦ | ଉମେଇ | ୧୭।୦୯।୧୯ | ୩୦।୦୯।୧୯ | ୦୧।୧୦।୧୯ | ୩୦।୧୧।୧୯ |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୂଆଗାଁ

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଲହୁଣୀପଡ଼ା

**ବିଜ୍ଞାପନ ସଂଖ୍ୟା.୧୧୪୯** **ତାରିଖ.୧୫।୦୭।୨୦୧୯**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଲହୁଣୀପଡ଼ା ବ୍ଲକ ଅଧୀନରେ ଥିବା ସମସ୍ତ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୨୦୧୮-୧୯ ଆର୍ଥିକ ବର୍ଷର ଦ୍ୱିତୀୟ ଏମଏଏମଏଜେଆଇକେଏ ବୈଠକ ନିମ୍ନକାର୍ଯ୍ୟ ସୂଚୀ ପ୍ରକାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଅଛି। ଏଥିରେ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ୨୦୧୮-୧୯ ଆର୍ଥିକ ବର୍ଷର (ତା ୦୧।୦୪।୨୦୧୮ ରୁ ତା ୩୧।୦୩।୨୦୧୯ରିଖ) ମଧ୍ୟରେ ହୋଇଥିବା ସମସ୍ତ ପ୍ରକଳ୍ପଗୁଡିକର ସତ୍ୟାସତ୍ୟ ତଦାରଖ ସହିତ ମଷ୍ଟରରୋଲ ଯାଞ୍ଚ ସମ୍ପୃକ୍ତି ବ୍ଲକ ପଞ୍ଚାୟତ, ସଦର ମହକୁମାର ନିମ୍ନସୂଚୀ ପ୍ରକାରେ ଅନୁଷ୍ଠିତ ହେବ। ଏଥିସହ ନାମ ପଞ୍ଜୀକରଣ, ଜବକାର୍ଡ ପ୍ରଦାନ କାର୍ଯ୍ୟ ପାଇଁ ଦରଖାସ୍ତ ଏବଂ କର୍ମ ଯୋଜନାର ପ୍ରଦାନ ଇତ୍ୟାଦି ବିଷୟରେ ଆଲୋଚନା କରାଯିବ। ଏଣୁ ଏହି କାର୍ଯ୍ୟକ୍ରମରେ ସମସ୍ତ ଜବକାର୍ଡଧାରୀ, ଶ୍ରମିକ, ସମସ୍ତ ନିର୍ବାଚିତ ଲୋକପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଭିଜିଲାନ୍ସ ମନିଟରିଙ୍ଗ କମିଟିର ସଭ୍ୟ/ସଭ୍ୟା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବା ସହ ସ୍ୱ ମତାମତ ଦେବା ନିମନ୍ତେ ଅନୁରୋଧ କରାଯାଉଛି। ଏଣୁ ଆପଣମାନଙ୍କୁ ଅନୁରୋଧ କରାଗଲା କି ଯେ, ନିମ୍ନ ପ୍ରଦତ୍ତ ତାରିଖ ଓ ସ୍ଥାନ ଏବଂ ସମୟ ସକାଳ ୧୦.୦୦ଘଟିକାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିବାହେବେ।

**ସାମାଜିକ କାର୍ଯ୍ୟସୂଚୀ**

| କ୍ର. ନଂ. | ଗ୍ରାମପଞ୍ଚାୟତ | ସାମାଜିକ ସମୀକ୍ଷାର ଆରମ୍ଭ ତାରିଖ | ସାମାଜିକ ସମୀକ୍ଷାର ଶେଷ ତାରିଖ ଜନଶୁଣାଣି | ଜନ ଶୁଣାଣି ସ୍ଥାନ | ସମୟ |
|---|---|---|---|---|---|
| ୧ | ବଡ଼ ପୁରୁଣାପାଣି | ୧୯।୦୭।୨୦୧୯ | ୦୧।୦୮।୨୦୧୯ | ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ | ପୂର୍ବାହ୍ନ ୧୦ ଘଣ୍ଟା |
| ୨ | ଲହୁଣୀପଡ଼ା | ୧୯।୦୭।୨୦୧୯ | ୦୧।୦୮।୨୦୧୯ | | |
| ୩ | କଲେଇପୋଷ | ୨୨।୦୭।୨୦୧୯ | ୦୪।୦୮।୨୦୧୯ | | |
| ୪ | ଭୂତୁଡ଼ା | ୦୫।୦୮।୨୦୧୯ | ୧୮।୦୮।୨୦୧୯ | | |
| ୫ | କୁଢେଇକଲା | ୦୫।୦୮।୨୦୧୯ | ୧୮।୦୮।୨୦୧୯ | | |
| ୬ | କୁର୍ଡ଼ା | ୧୨।୧୦।୨୦୧୯ | ୨୧।୧୦।୨୦୧୯ | | |
| ୭ | ତଲେଇଶରୀ | ୦୮।୦୮।୨୦୧୯ | ୨୧।୦୮।୨୦୧୯ | | |
| ୮ | ଖୁଣ୍ଟଗାଁ | ୨୨।୦୮।୨୦୧୯ | ୦୪।୦୯।୨୦୧୯ | | |
| ୯ | ମହୁଲପଡା | ୨୨।୦୮।୨୦୧୯ | ୦୪।୦୯।୨୦୧୯ | | |
| ୧୦ | ଦର୍ଜିଂ | ୨୪।୦୮।୨୦୧୯ | ୦୬।୦୯।୨୦୧୯ | | |
| ୧୧ | ରାଜାମୁଣ୍ଡା | ୧୧।୦୯।୨୦୧୯ | ୨୪।୦୯।୨୦୧୯ | | |
| ୧୨ | ଶଙ୍ଖପୋଷ | ୧୧।୦୯।୨୦୧୯ | ୨୪।୦୯।୨୦୧୯ | | |
| ୧୩ | ହଲଦିକୁନ୍ଦର | ୧୩।୦୯।୨୦୧୯ | ୨୬।୦୯।୨୦୧୯ | | |
| ୧୪ | କୁଲିପୋଷ | ୧୯।୦୭।୨୦୧୯ | ୦୧।୦୮।୨୦୧୯ | | |
| ୧୫ | ଶସ୍ୟକଲା | ୧୯।୦୭।୨୦୧୯ | ୦୧।୦୮।୨୦୧୯ | | |
| ୧୬ | ଫୁଲଝର | ୨୨।୦୭।୨୦୧୯ | ୦୪।୦୮।୨୦୧୯ | | |
| ୧୭ | ତାଲବାହାଲି | ୦୫।୦୮।୨୦୧୯ | ୧୮।୦୮।୨୦୧୯ | | |

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଲହୁଣୀପଡ଼ା


# କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୭।୭(ବ୍ୟୁରୋ)**

୨୦୧୯-୨୦ ଆର୍ଥିକ ବର୍ଷର ବଜେଟ୍‌ରେ ଦେଶର ସବୁ ଘରେ ୨୦୨୪ ସୁଦ୍ଧା ଜଳ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ଜଳ ଶକ୍ତି ଏବଂ ଇସ୍ପାତ ମନ୍ତ୍ରଣାଳୟ ଏକାଠି ହୋଇ ମିଶନ ମୋଡରେ କାମ କଲେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଦେଶର ସମସ୍ତ ଘରକୁ ପାଣି ପହଞ୍ଚାଇବାର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର କେନ୍ଦ୍ର ଜଳ ଶକ୍ତିମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କୁ ଚିଠି ଲେଖି ଏହି ପରାମର୍ଶ ଦେଇଛନ୍ତି। ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି, ଉଭୟ ମନ୍ତ୍ରଣାଳୟ ମଧ୍ୟରେ ଭଲ ସହଯୋଗ ରଖିବା ପାଇଁ ଇସ୍ପାତ ମନ୍ତ୍ରଣାଳୟର ଅଧିକାରୀଙ୍କୁ ଜଣାଇଛି। ଜଳ ଶକ୍ତି ମନ୍ତ୍ରଣାଳୟର ଅଧିକାରୀଙ୍କ ସହ ସମ୍ପର୍କରେ ରହି କାମ କରିବାକୁ ନିର୍ଦ୍ଦେଶ ଦେଇଛି । ଜଳ ସଂରକ୍ଷଣ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଧାରଣ ନାଗରିକଙ୍କୁ ସଚେତନ ହୋଇ ଜନଶକ୍ତି ପାଇଁ ଜଳଶକ୍ତି ଅଭିଯାନ ପାଇଁ ଆହ୍ୱାନ କରିଛନ୍ତି। ଜଳ ଜୀବନ ମିଶନରେ ଇସ୍ପାତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କାରଣ, ସବୁ ସ୍ତରରେ ଜଳରୁ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ନେବାକୁ ହେଲେ ଇସ୍ପାତ ଭଳି ପଦାର୍ଥର ଆବଶ୍ୟକ ରହିଥାଏ । ଫଳରେ ଜଳର ଲିକେଜ୍ କମ୍ ହେବା ସହ ରକ୍ଷଣାବେକ୍ଷଣ ଖର୍ଚ୍ଚକୁ ମଧ୍ୟ କମ୍ କରାଯାଇପାରିବ । ଷ୍ଟିଲ ପାଇପର ବ୍ୟବହାର ସୁବିଧାଦାୟକ ତଥା ଷ୍ଟିଲରେ ପ୍ରତିରୋଧକ କ୍ଷମତା ଅଧିକ ରହିଥାଏ। ଏହାବ୍ୟତୀତ ଷ୍ଟିଲ ବ୍ୟବହାର ଦ୍ୱାରା ଖର୍ଚ୍ଚ ମଧ୍ୟ କମ୍ ହୋଇଥାଏ । ଇସ୍ପାତ୍‌ର ବ୍ୟବହାର ଜଳସେଚନ ଉଦ୍ଦେଶ୍ୟରେ ମଧ୍ୟ କରାଯାଇପାରେ । ପାଣି ଟାଙ୍କି ଓ ଜଳ ଭଣ୍ଡାର ପ୍ରଭୃତି ଏ ସମ୍ବନ୍ଧିତ କ୍ଷେତ୍ରରେ ଷ୍ଟିଲ ଉପକରଣ ସହାୟକ ହୋଇଥାଏ। ସେହିପରି ଜଳ କ୍ଷେତ୍ରରେ ଇସ୍ପାତର ବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟସେବାକୁ ମଧ୍ୟ ଲାଭ ହେବ । ଇସ୍ପାତ୍ ମାଧ୍ୟମରେ କମ୍ ଲିକେଜ୍ ହେବା ଯୋଗୁ ଜଳବାହିତ ରୋଗ କମିବ । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଦିଲ୍ଲୀରେ ଜଳ ପରିବହନ ବିତରଣରେ ୪୫ ପ୍ରତିଶତ ଲିକେଜ୍ ହେଉଛି । ଷ୍ଟିଲ୍ ଦ୍ୱାରା ଏହାକୁ ରୋକାଯାଇପାରିବ । ଇସ୍ପାତ୍ ମନ୍ତ୍ରଣାଳୟ "ହର୍ ଘର ଜଳ" ମିଶନରେ ସମସ୍ତ ପ୍ରକାର ସହଯୋଗ ଓ ସମର୍ଥନ ଦେବ । ଇସ୍ପାତ୍ ଏବଂ ଜଳ ଶକ୍ତି ମନ୍ତ୍ରଣାଳୟ ଏହାକୁ ଏକ ମିଶନ ମୋଡରେ ନେଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି।


# CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

See Color Display Classified on every Tuesday & Friday


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର

## ସଂକ୍ଷେପରେ

### କାବ୍ୟ, କବିତା, ସାହିତ୍ୟ ଆଲୋଚନାଚକ୍ର

**ଦେବଗଡ,୧୭।୭ (ଡି.ଏନ.ଏ.)**- ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ କାବ୍ୟ, କବିତା, ସାହିତ୍ୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁମୁଦବନ୍ଧୁ ପୃଷ୍ଟିଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଆଶୁକବି ପ୍ରଦୀପ କୁମାର ଜେନା ଉପସ୍ଥିତ ରହି ଛାତ୍ରୀମାନଙ୍କ ସହ କାବ୍ୟ, କବିତା, ସାହିତ୍ୟ କ୍ଷେତ୍ରରେ ଆଲୋଚନା କରିଥିଲେ। ଛାତ୍ରୀମାନଙ୍କୁ କବିତା ଶୁଣାଇ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷୟିତ୍ରୀ,ଶିକ୍ଷକ ଉପସ୍ଥିତ ଥିଲେ।

### ଚୋରି ଗାଡ଼ି ସହ ୨ ଅଭିଯୁକ୍ତ ଗିରଫ

**ସମ୍ବଲପୁର,୧୭। ୭ (ବ୍ୟୁରୋ)**- ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ଚୋରି ଗାଡି ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ତାଳଭଟା ପଡାର ସୁମନ୍ତ ସୁନା (୧୯) ଓ କୈଳାସ ତାଣ୍ଡି (୧୯) । ଏ ନେଇ ଥାନାରେ କେସନଂ ୧୭୬ /୧୯ରେ ଏକ ମାମଲା ରୁଜୁ ହୋଇଛି। ବାଲିଜୀ କଲୋନୀର ହିତେଶ କୁମାର ଉପାଧ୍ୟାୟ ଅଭିଯୋଗ କରିଥିଲେ ଯେ, ଗତ ୧୧ ତାରିଖ ତାଙ୍କ ଏକ୍ଟିଭା (ନଂ ଓଆର -୧୫ ଏନ-୬୭୮୯) ଚୋରି ହୋଇଯାଇଥିଲା । ପୋଲିସ ଏ ନେଇ ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି ଗାଡି ଜବତ କରିଛି।

### ଭାଗବତ୍ ସପ୍ତାହ ଉଦ୍‌ଯାପିତ

**ସମ୍ବଲପୁର, ୧୭।୭ (ବ୍ୟୁରୋ)**
ସମ୍ବଲପୁର ଦୁର୍ଗାପାଲି ସ୍ଥିତ ଦୟାମଣି ବୃଦ୍ଧାଶ୍ରମରେ ଶ୍ରୀମଦ୍ ଭାଗବତ୍ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି । ବୃଦ୍ଧାଶ୍ରମ ଅଧକ୍ଷା ତଥା ପୂର୍ବତନ ରାଜ୍ୟସଭା ସଦସ୍ୟା ପ୍ରମିଳା ବହିଦାର ଓ ହେମନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆଧାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା । ବରଗାଁର ସୂର୍ଯ୍ୟ କୁମାର ପାଢ଼ୀ ବ୍ୟାସ ଦାୟିତ୍ୱ ନିର୍ବାହ କରି ଭାଗବତ ପାରାୟଣ କରିଥିଲେ । ଏଥିରେ ରଘୁନନ୍ଦନ ପଣ୍ଡା, ସଞ୍ଜୟ କୁମାର ପାଢ଼ୀ, ଗୋବିନ୍ଦ ପଣ୍ଡା ଓ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ସହଯୋଗ କରିଥିଲେ । ସାକ୍ଷୀପଡ଼ା ନିବାସୀ ସ୍ନେହଲତା ପତି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତମାନଙ୍କ ଦ୍ୱାରା ୧୦୮ ଶ୍ରୀଗୋପାଳ ସହସ୍ର ନାମ ସ୍ତୋତ୍ର ପାଠ କରାଯାଇଥିଲା। ଏଥିସହ ଭଜନ କୀର୍ତ୍ତନ ମଧ ହୋଇଥିଲା । ପ୍ରଫେସର ମୀନକେତନ ପୁରୋହିତ ଓ ପ୍ରଫେସର ଶଙ୍କର ପ୍ରସାଦ ପତି ଉପସ୍ଥିତ ଥିଲେ।

# ନାଟକର ନାଁ 'ସନ୍ଥକବି ଭୀମ ଭୋଇ'



ବୁଧବାର ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ମଞ୍ଚସ୍ଥ ନାଟକ 'ସନ୍ଥକବି ଭୀମ ଭୋଇ'ରେ ଅଭିନୟ କରିଥିବା କଳାକାରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

**ସମ୍ବଲପୁର, ୧୭।୭ (ବ୍ୟୁରୋ)**

ଭୀମ ଭୋଇ ସନ୍ଥ ହେବା ସହ କବି ମଧ୍ୟ। ସେ ଶାରୀରିକ, ସାମାଜିକ ପୃଷ୍ଠଭୂମିଠାରୁ ଆତ୍ମବିଶ୍ୱାସ ଓ ମନୋବଳକୁ ଦୃଢ଼ କରିଥିଲେ । ଘାତ, ପ୍ରତିଘାତ, ସାମାଜିକ ତାଡନା ତାଙ୍କ ସଫଳତାରେ ପ୍ରତିବନ୍ଧକ ହୋଇ ଛିଡା ହୋଇ ପାରି ନ ଥିଲା । ଦୃଢ଼ ମନୋବଳ ଆଗରେ ସମସ୍ତ ଘାତ, ପ୍ରତିଘାତ ଅପସରି ଯାଇଥାଏ । ତେଣୁ ସେ ସନ୍ଥକବି ଭୀମ ଭୋଇ ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ଏହି କଥାବସ୍ତୁକୁ ନେଇ ନାଟ୍ୟକାର ଅତିଶ କୁମାର ଶତପଥୀଙ୍କ ସମ୍ବଲପୁରୀ ଭାଷାର ନାଟକ 'ସନ୍ଥକବି ଭୀମ ଭୋଇ' ବୁଧବାର ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ମଞ୍ଚସ୍ଥ ହୋଇଛି। ସମ୍ବଲପୁର ଅଦୃଶ୍ୟ ନାଟ୍ୟ ଆଶ୍ରମ କଳାକାର ପ୍ଲାବନ ମିଶ୍ର, ନରେନ୍ଦ୍ର ବେହେରା, ଦଧିବାମନ ପଣ୍ଡା, ଅର୍ଜୁନ ମାଝୀ, ଅନୀଲ କୁମାର ସଙ୍ଖାରୀ, ଆଦିତ୍ୟ ସାହା, ରାଜୁ ନସ୍କର, ରାଜ ମେହେର, ଗିରିଜା ଶଙ୍କର ମିଶ୍ର, ରବୀନ୍ଦ୍ର ପଣ୍ଡା, ଆଙ୍କାକ୍ଷା ଡନସନା, ସୁମିତ୍ରା ମହାକୁର, ଶୁଭମ ମେହେର, ସୁବ୍ରତ କୁମାର ଅମାତ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ । ଭୀମ ଭୋଇଙ୍କ ରଚିତ ଭଜନ ଗୁଡିକୁ ମଧ ନାଟକରେ ସ୍ଥାନ ପାଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି ଓ ସରକାରୀ ମହିଳା କଲେଜ ଅଧ୍ୟାପକ ଅଖିଳ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ । ନାଟ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା ସମଲେଶ୍ୱରୀଙ୍କ ଫଟୋଚିତ୍ରଠାରେ ନାରୀକେଳ ଅର୍ପଣ କରିଥିଲେ । ମୀନା ବୋଷ ଅତିଥି ସ୍ୱାଗତ କରିଥିଲେ । ରାମାଶିଷ ତ୍ରିପାଠୀ, ପ୍ରୟାଗରାଜ ବେହେରା, ଘନଶ୍ୟାମ ମେହେର, ଗଣପତି ପାଣିଗ୍ରାହୀ, ବିଦ୍ୟାଧର ପଣ୍ଡା, ସୁବଳ ବାଗ ପ୍ରମୁଖ କାର୍ଯ୍ୟକ୍ରମ ସହଯୋଗ କରିଥିଲେ । ସଂଗୀତ ନାଟକ ଏକାଡେମୀ ସହଯୋଗ କରିଥିଲା।





ବୁଧବାର ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ମଞ୍ଚସ୍ଥ ନାଟକ 'ସନ୍ଥକବି ଭୀମ ଭୋଇ'ର ଦୃଶ୍ୟ ।

# ପ୍ରବଳ ବର୍ଷା ସହ ବଜ୍ରପାତ
## ବହୁ ଛପର କ୍ଷତି, ଦୁଇ ବଳଦ ମୃତ

**ରିଆମାଳ, ୧୭।୭ (ଡି.ଏନ.ଏ.)**

ରିଆମାଳ ବ୍ଲକର ବିଭିନ୍ନ ଅଞ୍ଚଳରେ ଆଜି ଦିନ ଦୁଇଟାରେ ପ୍ରବଳ ପବନ, ବର୍ଷା ସହ ବଜ୍ରପାତ ହେବା ଫଳରେ ବ୍ଲକର ବିଭିନ୍ନ ଅଞ୍ଚଳରେ ଅନେକ ଘର ଛପର ଉଡ଼ିଯାଇଥିବା ବେଳେ ବଜ୍ରପାତରେ ଦୁଇବଳଦ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବ୍ଲକର ରିଆମାଳ ଗ୍ରାମ ପଞ୍ଚାୟତର ଡିମୁର ଗ୍ରାମରେ ରିଙ୍ଗରାଜ ସାହୁ, ସୁଶୀଳ ସାହୁ, ଲମ୍ବୋଦର ସାହୁ, ଅମି ବେହେରା, ଅଜିତ ପ୍ରଧାନଙ୍କ ଘର ସଂପୂର୍ଣ୍ଣ ଉଡ଼େଇ ନେଇଥିବା ବେଳେ ୪୦ରୁ ଉର୍ଦ୍ଧ୍ୱ ଘର ଆଶିଂକ କ୍ଷୟ ହୋଇଥିବା ରିଆମାଳ ସରପଞ୍ଚ ତରଣୀ ସେନ ପ୍ରଧାନ ପ୍ରକାଶ କରିଛନ୍ତି। ପରେ ଘଟରାସ୍ଥଳରେ ରିଆମାଳ ତହସିଲ ରାଜସ୍ୱ ପରିଦର୍ଶକ ଅନିଲ ନାୟକ ଓ ରିଆମାଳ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ସହକାରୀ ରାଜସ୍ୱ ନିରୀକ୍ଷକ ରୁଚିଶ୍ରୀ ବେହେରା ଘଟଣା ସ୍ଥଳରେ ପହଞ୍ଚି ତଦାରଖ କରି କ୍ଷୟକ୍ଷତି ହୋଇଥିବା ଲୋକଙ୍କୁ ପାଲ ବଣ୍ଟନ କରିଥିଲେ। ଗୁଣ୍ଡିଆପାଲି ଗ୍ରାମ ପଞ୍ଚାୟତର କଲୋନୀ ସାହିରେ ଗୋକୁଳା ନାଏକଙ୍କ ପୁଅ ବିନୋଦ ନାଏକଙ୍କ ପାଳ ଭାଡ଼ିରେ ବନ୍ଧା ହୋଇଥିବା ଦୁଇ ବଳଦକୁ ବଜ୍ରପାତ ମାରିବା ଫଳରେ ଦୁଇ ବଳଦଙ୍କର ମୃତ୍ୟୁ ଘଟିଛି। ପରେ ଘଟଣାସ୍ଥଳରେ ପଶୁ ଚିକିତ୍ସାଳୟର ଭିଏସ ସପ୍ନେଶ୍ୱର ନାୟକ ପହଞ୍ଚି ବଦଳକୁ ବ୍ୟବଚ୍ଛେଦ କରି ପୋତି ଦେଇଥିବା ଜଣାପଡ଼ିଛି।

# ଶିରିଡ଼ି ସାଇବାବାଙ୍କ ପାଲିଙ୍କି ଶୋଭାଯାତ୍ରା

**ଦେବଗଡ,୧୭।୭ (ଡ଼ି.ଏନ.ଏ.)**

ସ୍ଥାନୀୟ ପ୍ରଧାନପାଟସ୍ଥିତ ସାଇଧାମ ପକ୍ଷରୁ ପବିତ୍ର ଗୁରୁପୂର୍ଣ୍ଣିମା ଉତ୍ସବ ମଙ୍ଗଳବାର ଧୁମଧାମରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମନ୍ଦିରରୁ ଏକ ବିଶାଳ ଶୋଭାଯାତ୍ରାରେ ବାବାଙ୍କ ପ୍ରତିମାକୁ ସୁସଜ୍ଜିତ ଏକ ପାଲିଙ୍କିରେ ଶଙ୍ଖ ହୁଳହୁଳି, ସଂକୀର୍ତ୍ତନ ମଣ୍ଡଳୀ, ବାଜାର ତାଳେ ତାଳେ ବିଭିନ୍ନ ସାହି ପରିକ୍ରମା କରାଯାଇ ମନ୍ଦିର ପର୍ଯ୍ୟନ୍ତ ଅଣାଯାଇଥିଲା। ଏହି ଶୋଭାଯାତ୍ରାରେ ଶତାଧିକ ମହିଳା ଓ ପୁରୁଷ ଭକ୍ତ ମୂଳରୁ ଶେଷ ପର୍ଯ୍ୟନ୍ତ ପାଲିଙ୍କି ବୋହିଥିଲେ। ପରେ ମନ୍ଦିରରେ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଭୋଗ ତଥା ବାବାଙ୍କ ପ୍ରସାଦ ବଣ୍ଟନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ସାଇଧାମ ଟ୍ରଷ୍ଟର ସଭାପତି ଧର୍ମେନ୍ଦ୍ର ଦେବତା ତତ୍ତ୍ୱାବଧାନ କରିଥିଲେ। ସ୍ୱାମୀ ଶେଖରାନନ୍ଦ ସରସ୍ୱତୀ, ସମ୍ପାଦକ ହଟକିଶୋର ପାଣିଗ୍ରାହୀ, କୋଷାଧ୍ୟକ୍ଷ ଦୀପକ ନନ୍ଦ, ପୂଜକ ବିଜୟ ମହାପାତ୍ର, ପ୍ରଫୁଲ୍ଲ କୁମାର ନାୟକ, ସଞ୍ଜିବ ଅଗ୍ରୱାଲ, ପ୍ରଦୀପ ଛତ୍ରିଆ, ଅଶୋକ ଆଚାର୍ଯ୍ୟ, ମନୋଜ କୁମାର ପ୍ରଧାନ, ସୂର୍ଯ୍ୟକାନ୍ତ ଭାଟି, ଜଗା ନାୟକ, ମୁନା ସାହୁ, ଶିବାଶିଷ ଝାଙ୍କର, ବେଣୁଧର ଗଡନାୟକ, ସନ୍ଦେଶ ସାହୁ, ବାଦଲ ଦାସଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଶୋଭାଯାତ୍ରାରେ ବାବାଙ୍କ ପ୍ରତିମାକୁ ସୁସଜ୍ଜିତ ପାଲିଙ୍କିରେ ନିଆଯାଉଛି।

# ଚିକିତ୍ସାଧୀନ ନାବାଳିକାଙ୍କୁ ଭେଟିଲେ ବିଜେଡି କର୍ମକର୍ତ୍ତା

**ରେଙ୍ଗାଲି, ୧୭।୭ (ଡି.ଏନ.ଏ.)**

ରେଙ୍ଗାଲି ବ୍ଲକ କତରବଗା ଥାନା ଅନ୍ତର୍ଗତ ବାସୁପାଲି ଗ୍ରାମର ପୁଟଲ ବଗିଚାରୁ ମୁମୁର୍ଷୁ ଅବସ୍ଥାରେ ଉଦ୍ଧାର ଜଣେ ନାବାଳିକା ବୁର୍ଲା ଭିମ୍ସାରରେ ଚିକିତ୍ସିତ ହେଉଛନ୍ତି। ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ, ବରିଷ୍ଠ ବିଜେଡି ନେତା ଶଶିଭୂଷଣ ସାହୁ ଏବଂ ମୋତିଲାଲ ତନ୍ତି ସମ୍ପୃକ୍ତ ନାବାଳିକାଙ୍କୁ ମେଡିକାଲରେ ଦେଖିବା ସହ ତାଙ୍କ ଘର ଲୋକଙ୍କ ସହ କଥାବାର୍ତ୍ତା ହୋଇଛନ୍ତି। କିପରି ଭଲ ଭାବରେ ଉନ୍ନତ ପ୍ରଣାଳୀରେ ଚିକିତ୍ସା କରାଯିବ, ସବୁ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇ ଦିଆଯାଇ ପାରିବ ଏବଂ ଆର୍ଥିକ ସହାୟତା ମିଳିବ ସେ ବ୍ୟବସ୍ଥା କରାଯିବା କ୍ଷେତ୍ରରେ ସହଯୋଗ କରାଯିବ ବୋଲି ଏମାନେ ପ୍ରତିଶ୍ରୁତି ଦେଇଛନ୍ତି।



ଭିମ୍ସାରରେ ଚିକିତ୍ସାଧୀନ ନାବାଳିକାଙ୍କୁ ରେଙ୍ଗାଲି ବ୍ଲକ୍ ବିଜେଡି କର୍ମକର୍ତ୍ତା ଭେଟୁଛନ୍ତି।

### ବାମଣ୍ଡା ବ୍ରାହ୍ମଣ ସମାଜର ସଭା

**ଦେବଗଡ଼, ୧୭।୭ (ଡି.ଏନ.ଏ)**

ସ୍ଥାନୀୟ ଶ୍ରୀ ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ବାମଣ୍ଡା ବ୍ରାହ୍ମଣ ସମାଜର ସଭା ସଭାପତି ପ୍ରତାପଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସୁରେଶଚନ୍ଦ୍ର ଶତପଥୀ ମଙ୍ଗଳାଚରଣ ପାଠ କରିବାପରେ ପୂର୍ଣ୍ଣଚନ୍ଦ୍ର ମିଶ୍ର ସଭାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବ୍ରାହ୍ମଣ ସମାଜର ସଂସ୍କାର ଓ ଉନ୍ନତି ସକାଶେ ସହଯୋଗ କାମନା କରାଯାଇଥିଲା । ଏହି ସଭାରେ ସମାଜର କୋଷାଧ୍ୟକ୍ଷ ଯୁଧିଷ୍ଠିର ଦାଶ, ବରିଷ୍ଠ ସଦସ୍ୟ ଟିକେଶ୍ୱର ଆଚାର୍ଯ୍ୟ, କରୁଣାକର ଦାଶ, ନବୀନ ପାଣି, ସୁଶୀଳ କର, ମେଘନାଦ ପାଣି, ଇନ୍ଦୁଭୂଷଣ ଗୁରୁ, ସୁଦର୍ଶନ ଦାଶ, ପ୍ରମୁଖ ଉପସ୍ଥିତ ଥିଲେ।

# ରେଳ ଓଭରବ୍ରିଜ କାମ ସାରିବାକୁ ପ୍ରଶାସନକୁ ଦାବିପତ୍ର

**ବ୍ରଜରାଜନଗର, ୧୭।୭ (ଡି.ଏନ.ଏ.)**

ରାଜପୁର ପଞ୍ଚାୟତ ଦେଇ ଝାରସୁଗୁଡାରୁ ଏନଟିପିସିକୁ ଯାଇଥିବା ରେଳ ଲାଇନର ରାଜପୁରଠାରେ ନିର୍ମାଣ ହୋଇଥିବା ଓଭର ବ୍ରିଜ ଅଧାପନ୍ତରିଆ ଭାବରେ ପଡି ରହିଛି। ଗତବର୍ଷ ଅଗଷ୍ଟ ୨୩ ତାରିଖରେ ଉକ୍ତ ରେଳ ଲାଇନରେ ଦୁର୍ଘଟଣା ଘଟି ଜୀବନହାନୀ ହୋଇଥିଲା। ସେ ସମୟରେ ଅଞ୍ଚଳବାସୀଙ୍କୁ ଏହି ରେଳ ଓଭରବ୍ରିଜ କାମ ୩ମାସ ମଧ୍ୟରେ ସାରିବାକୁ ପ୍ରତିଶ୍ରୁତି ମଧ ଲିଖିତ ଆକାରରେ ଦିଆଯାଇଥିଲା। ହେଲେ ରେଳ ବିଭାଗ ରେଳଲାଇନ ଉପରେ ଜଣେ ୱାଚମ୍ୟାନଙ୍କୁ ନିଯୁକ୍ତି ଦେଇ ଚୁପଚାପ ବସିଛି। ବିପଦ ସଙ୍କୁଳ ଅବସ୍ଥାରେ ରେଳ ଚାଲିଛି । ଏ ନେଇ ପଞ୍ଚାୟତବାସୀ ଝାରସୁଗୁଡା ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ରେଳ ଓଭର ବ୍ରିଜ କାମ ଶେଷ କରିବା ସହିତ ଉକ୍ତ ପିଡବ୍ଲୁଡି ରାସ୍ତାକୁ ସମ୍ପ୍ରସାରଣ କରିବାକୁ ଦାବି କରାଯାଇଛି। ଜିଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରୁ ନ ଚେତ ୩୦ ଦିନ ପରେ ପଞ୍ଚାୟତବାସୀ ରେଳ ଲାଇନ ସହିତ ପିଡବ୍ଲୁଡି ରାସ୍ତାକୁ ମଧ ଅବରୋଧ କରିବେ । ସମିତି ସଭ୍ୟ ଗଣେଶରାମ ବାଗ, ଜିଲା ପରିଷଦ ସଭ୍ୟ ହର୍ଷ ଜଗତଙ୍କ ସହିତ ବିଭିନ୍ନ ସଂଗଠନର ଯୁବକମାନେ ସାମିଲ ଥିଲେ।

## କୋଇଲା ପରିବହନ ନେଇ ୨ ଟ୍ରକ୍ ମାଲିକ ସଂଘ ମଧ୍ୟରେ ବିବାଦ
# ଆଜି ଜିଲାପାଳଙ୍କ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ଆଲୋଚନା

**ଝାରସୁଗୁଡାଅଫିସ/ଲଖନପୁର, ୧୭।୭ (ଡି.ଏନ୍.ଏ.)**

■ ଫେଡେରଶନ୍ ସପକ୍ଷରେ ହାଇକୋର୍ଟଙ୍କ ରାୟ
■ ମାସକୁ ୧୫ଦିନ ଲେଖାଏ ପରିବହନ ପାଇଁ ନିର୍ଦ୍ଦେଶ

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ)ଲଖନପୁର କ୍ଷେତ୍ରରୁ ଟ୍ରକ୍‌ରେ ରୋଡ୍‌ସେଲ୍ କୋଇଲା ପରିବହନ ପାଇଁ ୨ଟ୍ରକ୍ ମାଲିକ ସଂଘ ମଧ୍ୟରେ ବିବାଦ ଦେଖା ଦେଇଛି । ହାଇକୋର୍ଟ ଏହାର ବିଚାର କରି ୨ଟ୍ରକ୍ ମାଲିକ ସଂଘକୁ ମାସକୁ ୧୫ଦିନ ଲେଖାଏ କୋଇଲା ପରିବହନ ପାଇଁ ଅତିରିକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଇବା ପରେ ୟୁନାଇଟେଡ୍ ଟ୍ରକ୍ ମାଲିକ ଫେଡେରଶନ୍ କୋଇଲା ପରିବହନ ପାଇଁ ପ୍ରସ୍ତୁତି ଚଳାଇଛି। ଏହା ଜଣା ପଡିବାପରେ ମା ସମଲେଇ ଟ୍ରକ୍ ମାଲିକ ସଂଘ ଏହାକୁ ବିରୋଧ କରି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛି। ଏଣୁ ଉଭୟ ଟ୍ରକ୍ ମାଲିକ ସଂଘ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖା ଦେଇଛି। ଏହାର ସମାଧାନ କରିବାକୁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଗୁରୁବାର ସାଢେ ୩ଟାରେ ଉଭୟ ଟ୍ରକ୍ ମାଲିକ ସଂଘକୁ ଆଲୋଚନା ପାଇଁ ଡାକିଛନ୍ତି। ଏକମାତ୍ର ମା ସମଲେଇ ଟ୍ରକ୍ ମାଲିକ ସଂଘ ଏମ୍‌ସିଏଲ୍‌ରୁ ରୋଡ୍‌ସେଲ୍ କୋଇଲା ପରିବହନ ପାଇଁ ନିଯୁକ୍ତ ହୋଇଛି। ଏହି ସଂଘରେ ସଦସ୍ୟତା ଗ୍ରହଣକୁ ନେଇ କେତେକ ବିବାଦ ଦେଖା ଦେଇଛି। ଫଳରେ ଅସନ୍ତୋଷ ଟ୍ରକ୍ ମାଲିକମାନେ ୟୁନାଇଟେଡ୍ ଟ୍ରକ୍ ମାଲିକ ଫେଡେରଶନ୍ ନାମରେ ୨୦୧୭ରେ ଆଉ ଏକ ନୂଆ ସଂଘ ଗଠନ କରିଛନ୍ତି। ଉଭୟ ସଂଘ କିଭଳି କୋଇଲା ପରିଚାଳନା କରିବେ ସେ ନେଇ ଟ୍ରାନ୍ସପୋର୍ଟ ଆସୋସିଏଶନ୍ ସହିତ ୨ଟ୍ରକ୍ ମାଲିକ ସଂଘର ଗତ ଜୁନ୍ ୬ତାରିଖରେ ଏକ ଚୁକ୍ତିନାମା ହୋଇଥିଲା। ଏଥିରେ ଉଭୟ ସଂଘ ମାସକୁ ୧୫ଦିନ ଲେଖାଏ କୋଇଲା ପରିବହନ ପାଇଁ ସହମତି ପ୍ରକାଶ କରିଥିଲେ। ହେଲେ ଜିଲାପାଳ ଫେଡେରଶନ୍‌ର ଏହି ରେଜିଷ୍ଟ୍ରେଶନ୍‌କୁ ଅଗ୍ରାହ୍ୟ କରି ଦେଇଥିଲେ। ଫଳରେ କୋଇଲା ପରିବହନରୁ ଫେଡେରଶନ୍ ବଞ୍ଚିତ ହୋଇଥିଲା। ଏହାକୁ ନେଇ ଫେଡେରଶନ୍ ତରଫରୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା । ହାଇକୋର୍ଟ ଏବେ ଫେଡେରଶନ୍ ରେଜିଷ୍ଟ୍ରେଶନକୁ ସ୍ୱୀକୃତି ଦେଇଥିବାବେଳେ ଉଭୟ ସଂଘକୁ ମାସକୁ ୧୫ଦିନ ଲେଖା କୋଇଲା ପରିବହନ ପାଇଁ ନର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ନିର୍ଦ୍ଦେଶକୁ ଜିଲା ପ୍ରଶାସନ ସମ୍ମାନ ଜଣାଇ କୋଇଲା ପରିବହନକୁ ସୁପରିଚାଳନା କରିବା ପାଇଁ ଫେଡେରଶନ୍ ଦାବି କରିଛି।

# ଓପିଜିସି ଇଟା ଫ୍ୟାକ୍ଟ୍ରି: ଯାନ୍ତ୍ରିକ ତ୍ରୁଟିରୁ ଉତ୍ପାଦନ ବନ୍ଦ

**ଲଖନପୁର,୧୭।୭ (ଡି.ଏନ୍.ଏ)**

ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ(ଓପିଜିସି)ର ବନହରପାଲିସ୍ଥିତ ଇବ୍‌ଥର୍ମାଲ ପରିସରରେ କମ୍ପାନୀର ଏକ ଇଟା ଫ୍ୟାକ୍ଟ୍ରି ରହିଛି। ଏହି ଫ୍ୟାକ୍ଟ୍ରିରେ ସିମେଣ୍ଟ, ପାଉଁଶ ଓ ବାଲି ମିଶ୍ରଣରେ ତିଆରି ହେଉଥିବା ଇଟା ପ୍ରକଳ୍ପର ବିଭିନ୍ନ ନିର୍ମାଣ କାମରେ ଲାଗିଥାଏ। ଏହାର ପରିଚାଳନା ପାଇଁ କମ୍ପାନୀ ଟେଣ୍ଡର ମାଧ୍ୟମରେ ଠିକାଦାର ନିଯୁକ୍ତ କରିଛି । ଏହି ଫ୍ୟାକ୍ଟ୍ରିକୁ ଏବେ ଠିକାଦାର ପରିଚାଳନା କରୁଛନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଗତ ୨୯ତାରିଖରୁ ଏହି ଫ୍ୟାକ୍ଟ୍ରିରୁ ସମ୍ପୂର୍ଣ୍ଣ ଉତ୍ପାଦନ ବନ୍ଦ ରହିଛି । ଏ ନେଇ ଠିକାଦର ପ୍ରସନ୍ନ ପ୍ରଧାନ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି। ତଥାପି ମରାମତି କରାଯାଉନାହିଁ । ଏଭଳି ଅନେକ ସମୟରେ ମେଶିନ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଉଛି । ଏଥିପାଇଁ ମାସ ମାସ ଧରି ଫ୍ୟାକ୍ଟ୍ରି ବନ୍ଦ ରହୁଛି। ଏ ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି ଠିକାଦର ପ୍ରଧାନ ଅଭିଯୋଗ କରିଛନ୍ତି। ଏ ନେଇ ଫ୍ୟାକ୍ଟ୍ରି ପରିଚାଳନା ଦାୟିତ୍ୱରେ ଥିବା କମ୍ପାନୀ ଅଧିକାରୀ ବିଜୟ ମିଶ୍ର କହିଛନ୍ତି ଯେ, ଯାନ୍ତ୍ରିକ ତ୍ରୁଟି ପାଇଁ ୧ ସପ୍ତାହ ହେଲା ଫ୍ୟାକ୍ଟ୍ରି ବନ୍ଦ ରହିଛି । ଏହାର ମରାମତି ପାଇଁ ବାହାରୁ ମିସ୍ତ୍ରୀ ଡକା ଯାଇଛି । ମିସ୍ତ୍ରୀ ଆସିଲେ ମରାମତି କରାଯିବ। ସୂଚନାଯୋଗ୍ୟ, ପ୍ରକଳ୍ପରୁ ବହୁପରିମାଣରେ ନିର୍ଗତ ହେଉଥିବା ପାଉଁଶ ସବୁକୁ ଗଚ୍ଛିତ ରଖିବା କମ୍ପାନୀ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି । ଏହାକୁ କିଭଳି ବ୍ୟବହାର କରାଯାଇପାରିବ କମ୍ପାନୀ ତରଫରୁ ଉଦ୍ୟମ ଜାରି ରହିଛି । ଏଥିମଧ୍ୟରେ କମ୍ପାନୀ ଏହି ପାଉଁଶରୁ ସିମେଣ୍ଟ ମିଶ୍ରିତ ଇଟା ତିଆରି କରିବାପାଇଁ ଏକ ନିଜସ୍ୱ ଇଟା ଫ୍ୟାକ୍ଟ୍ରିନିର୍ମାଣ କରିଛି । ଏହି ଫ୍ୟାକ୍ଟ୍ରିରୁ ବାହାରୁ ଥିବା ଇଟା ପ୍ରକଳ୍ପ ନିର୍ମାଣରେ ବ୍ୟବହାର କରାଯାଉଛି। ଖାଲି ପ୍ରକଳ୍ପରେ ନୁହେଁ ପେରିଫେରି ଅଞ୍ଚଳରେ ନିର୍ମାଣ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାମରେ ମଧ୍ୟ ବ୍ୟବହାର କରଯାଉଛି।



ଅଚଳ ହୋଇପଡିଥିବା ଇଟା ତିଆରି ମେଶିନ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ

**ଦେବଗଡ଼, ୧୭।୭ (ଡ଼ି.ଏନ.ଏ.)**

ଜିଲାର ତିଳେଇବଣି ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଚୟନ ହୋଇଥିବା ହିତାଧିକାରୀଙ୍କୁ ମଙ୍ଗଳବାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଡ଼ିଆରଡ଼ିଏର ପ୍ରକଳ୍ପ ନିର୍ଦ୍ଦେଶକ ଭୀମ୍‌ସେଣ୍ଟ ପୁନମକାନ୍ତ ଏକ୍କା, ତିଳେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣଚନ୍ଦ୍ର ଦଳପତି, ଏବିଡ଼ିଓ ସୁନୀଲ କୁମାର ଗୁରୁ, ଏପିଓ ସୁମନ୍ତ କୁମାର ଦ୍ୱିବେଦୀ ଉପସ୍ଥିତ ରହିଥିଲେ।

ତିଳେଇବଣି ବ୍ଲକ ଅଧିନସ୍ଥ ୨୦ଟି ଗ୍ରାମ ପଞ୍ଚାୟତରୁ ସମୁଦାୟ ୨୩୩ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ବଣ୍ଟନ ଉତ୍ସବରେ ଜିଲା ପରିଷଦ ସଭ୍ୟାସଭ୍ୟ, ସରପଞ୍ଚ, ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସମେତ ଏନ୍‌ଆର୍‌ଇଜିଏ ଆସିଷ୍ଟାଣ୍ଟ ଶୁଭଙ୍କର ଦେବତା, ମାନସ ଟାଲି, ବିପିସି ସଦାନନ୍ଦ ଶତପଥି, ବିପିଏ ବିଦ୍ୟାଧର ସିଂ, କମ୍ପ୍ୟୁଟର ପ୍ରୋଗ୍ରାମର ସ୍ନେହଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି।

ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ୧୮ ଜୁଲାଇ,୨୦୧୯



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି

**ଦେବଗଡ଼,୧୭।୭(ଡ଼ି.ଏନ.ଏ):** ସହରରେ ଟ୍ରାଫିକ୍ ଓ ଡ୍ରେନ ବ୍ୟବସ୍ଥା ସୁଧାରିବା ପାଇଁ ଦେବଗଡ ମ୍ୟୁନିସିପାଲିଟି ତରଫରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ମଙ୍ଗଳବାର ଆରମ୍ଭ ହୋଇଥିବାବେଳେ ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପ୍ରଥମ ଦିନରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେଥିପାଇଁ ବୁଧବାର ପୋଲିସ ଫୋର୍ସ ମୁତୟନ କରି ରାସ୍ତା ଦୁଇପାର୍ଶ୍ୱରେ ପୋଲିସ ଛିଡା ହୋଇ ଗାଡିମୋଟର ବନ୍ଦକରି ଉଛେଦ କରିଥିଲେ। ଆଗାମୀ ଦିନରେ ଏହି ଉଚ୍ଛେଦ ପ୍ରକ୍ରିୟାକୁ ବଳବତର ରଖାଯିବ ବୋଲି ସୂଚନା ମିଳିଛି। ପୌରପରିଷଦ ଅଧିନ ନାଳନର୍ଦ୍ଦମା ଡ୍ରେନ ଉପରେ ଜବରଦଖଲ କାରଣରୁ ସହରର ଡ୍ରେନେଜ ବ୍ୟବସ୍ଥା ପ୍ରାୟ ସ୍ଥାନରେ ଠିକ ନଥିବାରୁ ରାସ୍ତା ଉପରେ ଡ୍ରେନପାଣି ଉଛୁଳିରାସ୍ତା ଉପରେ ଅଳିଆ ଆବର୍ଜନା ପଡିରହେ। ମ୍ୟୁନିସିପାଲିଟି ଡାକଯନ୍ତ୍ରରେ ଡାକିଦେଇ ଉଛେଦ କରିବା ଏବଂ କଉ ଜାଗାଟା ଉଛେଦ ହେବ ଚିହ୍ନଟ ନକରିବା କେତେ ଦୂର ଠିକ୍ । ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଂଜବନ ପ୍ରଧାନ, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ଦିବ୍ୟଶଙ୍କର ଜୟପୁରୀୟାଙ୍କ ସମତେ ଅନ୍ୟ ସରକାରୀ କର୍ମଚାରୀ,ପୋଲିସ ପ୍ରମୁଖ ଉପସ୍ଥିତ ରହି ଜେସିବି ଗାଡ଼ି ସହ ଉଚ୍ଛେଦ ଅଭିଯାନ ଆରମ୍ଭ କରିଛନ୍ତି।

# ସେଲ୍ ଘରୋଇକରଣ ବିରୋଧରେ ସିଆଇଟିୟୁର ବିକ୍ଷୋଭ

**ରାଉରକେଲା ଅଫିସ,୧୭।୭**

କେନ୍ଦ୍ରରେ ଭାଜପା ଦ୍ୱିତୀୟ ଥର ସରକାର ଗଠନ କରିବା ପରେ ବଜେଟ ଆଗତ ହୋଇ ସାରିଛି। ଏଥିରେ ସାଧାରଣ ବର୍ଗ, ଶ୍ରମିକ, କୃଷକ ଓ ବେକାର ଯୁବତୀ ଯୁବକଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଶିଳ୍ପ ଓ କୃଷିର ବିକାଶ ପାଇଁ ଆଦୌ ଧ୍ୟାନ ଦିଆଯାଇନି। ୪୬ଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ୧୦୦ଦିନ ମଧ୍ୟରେ ଘରୋଇକରଣ କରିବାକୁ ସରାରଙ୍କ ନିଷ୍ପତ୍ତି ନେଇଛନ୍ତି। ଏହା ନିନ୍ଦନୀୟ ବୋଲି କହିଛନ୍ତି ସିଆଇଟିୟୁ ନେତୃମଣ୍ଡଳୀ।

ଏହାର ପ୍ରତିବାଦରେ ବୁଧବାର ବିର୍ସା ଛକରେ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଯୋଗଦେଇଥିବା ନେତୃମଣ୍ଡଳୀ ଅଭିଯୋଗ କରି କହିଥିଲେ, କେନ୍ଦ୍ର ସରକାର ମନଇଚ୍ଛା ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇକରଣ କରିବା ଦେଶବିରୋଧୀ ପଦକ୍ଷେପ। ଏତିକି ନୁହେଁ, ସରକାର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅଧୀନରେ ରହିଥିବା ଜମି ମଧ ପୁଞ୍ଜିପତିଙ୍କ ହାତରେ ଟେକିଦେବାକୁ ବସିଛନ୍ତି। ବହୁ ଆନ୍ଦୋଳନ ସଂଘର୍ଷ ଫଳରେ ଶ୍ରମିକଙ୍କୁ ମିଳିଥିବା ୪୪ଟି ଶ୍ରମ ଆଇନକୁ ମାତ୍ର ୪ଟି କୋଡ୍‌ରେ ପରିଣତ କରିବାକୁ ବସିଛନ୍ତି ସରକାର। ଏହାଦ୍ୱାରା ଶ୍ରମିକଙ୍କୁ ଗୋଲାମ ବନାଇବାକୁ ଷଡ଼ଯନ୍ତ୍ର ରଚାଯାଇଥିବା ଏଥିରେ ଅଭିଯୋଗ କରାଯାଇଥିଲା। ଦୀର୍ଘ ୭୦ ବର୍ଷ ଧରି ସାଧାରଣ ଜନତାଙ୍କ ଟିକସରେ ଗଢ଼ି ଉଠିଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଶାଗମାଛ ଦରରେ ବିଦେଶୀ କମ୍ପାନୀ ହାତରେ ଟେକିଦେବା ଫଳରେ ଶିଳ୍ପ ଉଦ୍ୟୋଗ ଧ୍ୱସ୍ତ ହୋଇଯିବ। ଚାକିରି ହରାଇବେ କୋଟିଏରୁ ଅଧିକ କର୍ମଚାରୀ। ଦେଶ ବିକାଶର ମେରୁଦଣ୍ଡ କୁହାଯାଉଥିବା ସେଲ୍ ଘରୋଇକରଣ ନିଷ୍ପତ୍ତି ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ମଧ୍ୟରୁ ଅନ୍ୟତମ। ଇତିମଧ୍ୟରେ ଏଏସ୍‌ପି, ସାଲେମ ଓ ଭଦ୍ରାବତି ପ୍ଲାଣ୍ଟକୁ ଘରୋଇକରଣ ନେଇ ପଦକ୍ଷେପ ନିଆସରିଛି। ଏହି ବଜେଟରେ ୧ଲକ୍ଷ ୫ ହଜାର କୋଟି ଟଙ୍କାର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅଂଶଧନ ବିକ୍ରି ଯୋଜନା ଦେଶକୁ ତଳିତଳାନ୍ତ କରିଦେବ। ଆସନ୍ତା ୫ ବର୍ଷ ମଧ୍ୟରେ ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଧ୍ୱଂସ କରିବା ସରକାରଙ୍କ ମୂଳ ଉଦ୍ଦେଶ୍ୟ ପାଲଟିଛି। ଖଣି, କୋଇଲା, ଷ୍ଟକୟାର୍ଡ, ଟାଉନଶିପ ଓ ମେଡିକାଲକୁ ମଧ ଘରୋଇକରଣ କରାଯିବ। ଯଦି ସେଲ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନ ରହେ ତେବେ ଏନ୍‌ଜେସିଏସ୍‌ର ଭବିଷ୍ୟତ କ'ଣ ହେବ ବୋଲି ସିଆଇଟିୟୁ ନେତୃମଣ୍ଡଳୀ ପ୍ରଶ୍ନ ଉଠାଇଛନ୍ତି। ଦୀର୍ଘ ୩୧ମାସ ପରେ ବି ଏନ୍‌ଜେସିଏସ୍ ବୈଠକ ବସିପାରୁନି। ଚୁକ୍ତିନାମା ସତ୍ତ୍ୱେ ପେନସନ ସ୍କିମ ଲାଗୁ ହୋଇପାରୁନି। ଏପରି ଅବସ୍ଥାରେ ଶ୍ରମିକଙ୍କ ସାମାଜିକ ସୁରକ୍ଷା ବିପନ୍ନ ହେବାରେ ଲାଗିଛି। ସହର ହେଉ କି ସ୍ୱାସ୍ଥ୍ୟସେବା, ସବୁ କ୍ଷେତ୍ରରେ ଅବସ୍ଥା ଦୟନୀୟ ହୋଇପଡ଼ିଛି। ଅବସର ପରେ ମେଡିକ୍ଲେମ ସୁବିଧା ପାଉଥିବା ଶ୍ରମିକ କର୍ମଚାରୀ ହନ୍ତସନ୍ତ ହେଉଛନ୍ତି। ଚଳିତ ଆର୍ଥିକବର୍ଷରେ ସେଲ୍ ଲାଭ କରିବା ସତ୍ତ୍ୱେ ଶ୍ରମିକଙ୍କ ସୁବିଧା ପ୍ରତି କର୍ତ୍ତୃପକ୍ଷ ଆଖି ବୁଜିଦେବା ନିନ୍ଦନୀୟ ଘଟଣା। ଏନ୍‌ଜେସିଏସ୍ ଚୁକ୍ତି ଖିଲାପ କରାଯାଇ ବିଜୁଳି, ପାଣି ଓ ଘର ଭଡ଼ା ବୃଦ୍ଧି ହେବାରେ ଲାଗିଛି। ବ୍ୟାପକ ଘର ଓ ଜାଗା ଖାଲି ସତ୍ତ୍ୱେ ଶ୍ରମିକଙ୍କୁ ଏହା ଦିଆଯାଉନି। କେନ୍ଦ୍ର ସରକାରଙ୍କ ଭୁଲ ନିଷ୍ପତ୍ତି ଯୋଗୁ ସ୍ଥାୟୀ ବଦଳରେ ଠିକା ଶ୍ରମିକ ନିଯୁକ୍ତି ଦିଆଯାଉଛି। ଉତ୍ପାଦନ କ୍ଷେତ୍ରରେ ମଧ ଠିକା ଶ୍ରମିକ ନିଯୁକ୍ତି ଦିଆଯାଉଥିବା ବେଳେ ଏମାନଙ୍କୁ କେନ୍ଦ୍ରୀୟ ବେତନ ବଦଳରେ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ପାଉଣା ଦିଆଯାଉଛି। କାର୍ଯ୍ୟ କ୍ଷେତ୍ରରେ ମୃତ୍ୟୁବରଣ କରୁଥିବା ଶ୍ରମିକଙ୍କ ପରିବାରକୁ ଅନୁକମ୍ପା ନିଯୁକ୍ତି ଦେବାରେ କର୍ତ୍ତୃପକ୍ଷ ଚଞ୍ଚକତା କରୁଛନ୍ତି। ପ୍ରତି କ୍ଷେତ୍ରରେ ଘରୋଇକରଣ ନିଶା ଘାରିଛି ସରକାରଙ୍କୁ। ଏହାଦ୍ୱାରା ଦେଶର କଳକାରଖାନା ଧ୍ୱସ୍ତ ହେବାକୁ ବସିଛି। ଶ୍ରମିକଙ୍କ ସୁଖ ସୁବିଧା କାଟ ପାଇଁ ଷଡ଼ଯନ୍ତ୍ର ରଚନା କରିଛି ଭାଜପା ସରକାର। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରାଯିବ ବୋଲି ଏଥିରେ ଉପସ୍ଥିତ ନେତୃମଣ୍ଡଳୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସିଆଟିୟୁ ନେତା ବିମାନ ମାଇତି, ଜାହାଙ୍ଗୀର ଅଲ୍ଲି, ସୁରେନ୍ଦ୍ର ଦାସ, ରବି ଭଞ୍ଜ, ଅଜୟ ଦାସ ଓ ବାବୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।




ବିଭିନ୍ନ ଦାବି ନେଇ ସିଆଇଟିୟୁ ପକ୍ଷରୁ ବିର୍ସା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ମ୍ୟୁନିସିପାଲ କଲେଜ ସମ୍ମୁଖ ରାସ୍ତାରେ ଜମିରହିଛି କାଦୁଅ ପାଣି।

## କଲେଜ ସମ୍ମୁଖ ରାସ୍ତା କର୍ଦ୍ଦମାକ୍ତ

**ରାଉରକେଲା ଅଫିସ,୧୭।୭**

ସାରନା ପୂଜାସ୍ଥଳ ନିକଟ ମ୍ୟୁନିସିପାଲ କଲେଜ ରାସ୍ତା ଯାତାୟାତ ଅନୁପଯୋଗୀ ହୋଇପଡ଼ିଛି। ସ୍ୱେରେଜ ଲାଇନ କାମ ଜାରି ରହିଥିବାରୁ ରାସ୍ତା ଅବସ୍ଥା ସମ୍ପୂର୍ଣ୍ଣ ବେହାଲ ହୋଇଛି। ଏହା ସହରର ଏକ ପ୍ରମୁଖ ରାସ୍ତା। ଏହି ରାସ୍ତାରେ ଆର୍‌ଏମ୍‌ସି, ମ୍ୟୁନିସିପାଲ ଲକେଜ ଓ ପାର୍କି ଅଞ୍ଚଳ ରହିଛି। ଏପରି ଅବସ୍ଥାରେ ରାସ୍ତାରେ ପାଣି ଜମି ରହିବା ସହ ସମ୍ପୂର୍ଣ୍ଣ କର୍ଦ୍ଦମାକ୍ତ ହୋଇପଡ଼ିଛି। ପାଣି କାଦୁଆରେ ପଶି ଯାତାୟାତ କରୁଛନ୍ତି ଜନସାଧାରଣ, ଛାତ୍ରୀଛାତ୍ର। ଦୀର୍ଘଦିନ ଧରି ଏହି ଅବସ୍ଥା ଲାଗି ରହିଛି। କେବେ ସୁଧୁରିବ ରାସ୍ତା ଅବସ୍ଥା ସେ ନେଇ କାହା ପାଖରେ ଖବର ନାହିଁ। ଆଗକୁ ବର୍ଷା ଲାଗି ରହିଲେ ଛାତ୍ରୀଛାତ୍ର ହନ୍ତସନ୍ତ ହେବା ସମ୍ଭାବନା ସୃଷ୍ଟି ହୋଇଛି। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।




ରଘୁନାଥପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୌରୀଶଙ୍କର ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି।

## କର୍ମବୀର ଗୌରୀଶଙ୍କରଙ୍କ ଜୟନ୍ତୀ

**ରାଉରକେଲା ଅଫିସ,୧୭।୭**

ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଓଡ଼ିଆ ଭାଷା ବିକାଶ ମଞ୍ଚ ଓ ରଘୁନାଥପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ ବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ବିଜୟିନୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି କୁଞ୍ଜବିହାରୀ ରାଉତ ମୁଖ୍ୟଅତିଥି ଓ ମଞ୍ଚ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କର୍ମବୀରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜେନା ଅତିଥି ପରିଚୟ ପ୍ରଦାନ ପରେ କର୍ମବୀରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଲେ, ଓଡ଼ିଆ ଭାଷା ଓ ସାହିତ୍ୟର ରକ୍ଷକ ହେଉଛନ୍ତି ଗୌରୀଶଙ୍କର। ଓଡ଼ିଆ ଭାଷାର ବିପର୍ଯ୍ୟୟ ସମୟରେ ଜାତୀୟ ଜୀବନକୁ ଏକତ୍ରିତ କରିବାରେ ଯେଉଁ କେତେଜଣ ସଚେତନ ଓଡ଼ିଆ ନେତୃତ୍ୱ ନେଇଥିଲେ ସେମାନଙ୍କ ମଧ୍ୟରେ କର୍ମବୀର ଥିଲେ ଅନ୍ୟତମ। ବହୁ ଜନହିତକର କାର୍ଯ୍ୟରେ ତାଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା। ମୁଖ୍ୟଅତିଥି ରାଉତ କହିଥିଲେ, କର୍ମବୀର ଗୌରୀଶଙ୍କର ସର୍ବଦା ସାହିତ୍ୟ ମନସ୍କ ରହୁଥିଲେ। ସେ ଉତ୍କଳ ଦୀପିକା ପ୍ରକାଶ କରି ଓଡ଼ିଆ ଭାଷାର ବିକାଶ ଦିଗରେ ନିଃସ୍ୱାର୍ଥ ଉଦ୍ୟମ କରିଥିଲେ। ଗୌରୀଶଙ୍କରଙ୍କ ବ୍ୟକ୍ତିତ୍ୱ ଥିଲା ବହୁମୁଖୀ। ଉତ୍କଳ ସମ୍ମିଳନୀ, ଉତ୍କଳ ସଭା ଓ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟଧାରାକୁ ବିସ୍ତାରିତ କରିବାରେ ତାଙ୍କ ଭୂମିକା ଥିଲା ପ୍ରଶଂସନୀୟ। ଗୌରୀଶଙ୍କର ଥିଲେ ଓଡ଼ିଆ ଜନଜୀବନର ଯଥାର୍ଥ ଅଗ୍ରଦୂତ ଓ ମାର୍ଗଦର୍ଶକ। ମୁଖ୍ୟବକ୍ତା ମହାପାତ୍ର କହିଥିଲେ, ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ନୂତନ ଓଡ଼ିଶା ପ୍ରଦେଶ ଗଠନ ଦିଗରେ ସେ ପ୍ରଗତିଶୀଳ ଆଭିମୁଖ୍ୟ ପ୍ରଦର୍ଶନ କରିଥିଲେ। ଓଡ଼ିଆ ନୃତ୍ୟ, ସଙ୍ଗୀତ ଓ ନାଟକର ସେ ଥିଲେ ପରମ ଉପାସକ। ନାରୀ ଶିକ୍ଷା ପ୍ରସାରରେ ତାଙ୍କ ପ୍ରଚେଷ୍ଟା ସର୍ବଦା ସ୍ମରଣୀୟ। ତାଙ୍କ ଦୃଷ୍ଟିଭଙ୍ଗୀ ଆଧୁନିକ ଓଡ଼ିଶା ନିର୍ମାଣରେ ଯଥେଷ୍ଟ ସହାୟକ ହୋଇଛି ବୋଲି ମହାପାତ୍ର କହିଥିଲେ। ଓଡ଼ିଶାରେ ଜାତୀୟତାର ଗଙ୍ଗା ପ୍ରବାହରେ ଗୌରୀଶଙ୍କର ଭଗୀରଥ ସାଜିଥିଲେ ବୋଲି ବରିଷ୍ଠ ଶିକ୍ଷୟିତ୍ରୀ ଅପର୍ଣ୍ଣା ସାମଲ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ସବିତା ବସ୍ତିଆ, ଛାତ୍ର ତରୁଣ ସମାସୀ, ମୋନାଲିସା ସାହୁ ଓ ଖୁସି ଦାସ ପ୍ରମୁଖ ଗୌରୀଶଙ୍କରଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଠିକ୍ ଉତ୍ତରଦାତାଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ବୀଣାପାଣି ମହାନ୍ତି, ବାସନ୍ତୀ ସ୍ୱାଇଁ, ସୀମନ୍ତିନୀ ରାଉଳ, ଅରୁଣା ନାୟକ, ଦେବେନ୍ଦ୍ର କୁମାର ସାହୁ, ଲୀତାଞ୍ଜଳି ସାହୁ, ସାଗରିକା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କ୍ରିୟାଯୋଗ ଧ୍ୟାନ କେନ୍ଦ୍ର ପକ୍ଷରୁ ଗୁରୁପୂର୍ଣ୍ଣିମା

**ରାଉରକେଲା ଅଫିସ,୧୭।୭**

ଜଗଦାସ୍ଥିତ କ୍ରିୟାଯୋଗ ଧ୍ୟାନ କେନ୍ଦ୍ର ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ପରମହଂସ ଆତ୍ମାନନ୍ଦଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସକାଳ ସାଢ଼େ ୫ଟାରେ ମଙ୍ଗଳ ଆଳତି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ୬ଟାରେ ବାଟ ଗଣେଶ, ହନୁମାନ, ତ୍ରିଶୂଳ ଓ ଶିବ ପୂଜନ ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ କ୍ରିୟା ଯୋଗ ପରମ୍ପରାରେ ପୂଜାପାଠ କରାଯାଇଥିଲା। ଶିବଶଙ୍କରଙ୍କ ଅଭିଷେକ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୦ଟାରେ କ୍ରିୟାଯୋଗ ଦୀକ୍ଷାଦାନ କରାଯାଇଥିଲା। ପରମହଂସ ଏହି ଦୀକ୍ଷା ପ୍ରଦାନ କରିଥିଲେ। ଯୋଗାଚାର୍ଯ୍ୟ ବେଣୁଧର ତ୍ରିପାଠୀ ସହଯୋଗ କରିଥିଲେ। ସନ୍ଧ୍ୟା ସାଢ଼େ ୬ଟାରେ ଆରତି ପରେ ଗୁରୁବନ୍ଦନା ଓ ଭଗବତ ବନ୍ଦନା କରାଯାଇଥିଲା। ଏହି ଅବସରରେ ପରମହଂସ ସ୍ୱସ୍ତିବଚନ ପ୍ରଦାନ କରିଥିଲେ।

## ଏସ୍‌ଡିଜେମ୍‌ଙ୍କ ବଦଳି ଦାବିରେ ଓକିଲ ସଂଘର କୋର୍ଟ ବର୍ଜନ

**ରାଉରକେଲା ଅଫିସ,୧୭।୭**

ଏସ୍‌ଡିଜେଏମ୍‌ଙ୍କ ବଦଳି ଦାବିରେ ରାଉରକେଲା ଓକିଲ ସଂଘ ପକ୍ଷରୁ କୋର୍ଟ ବର୍ଜନ କରାଯାଇଛି। ଗତ ୨୭ ତାରିଖରେ ଏସ୍‌ଡିଜେଏମ୍‌ଙ୍କ କୋର୍ଟ ଦ୍ୱାରା ପ୍ରଦାନ କରାଯାଇଥିବା ଏକ ଆଦେଶ ବିରୋଧରେ ଏଭଳି ନିଷ୍ପତ୍ତି ନିଆଯାଇଛି। ସଂଘ ପକ୍ଷରୁ କୁହାଯାଇଛି, ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଓକିଲ ସଂଘ ପକ୍ଷରୁ ମାସ ଶେଷ ୩ ଦିନ ନିୟମିତ କୋର୍ଟ କାର୍ଯ୍ୟ ବର୍ଜନ କରାଯାଇଥାଏ। ଏପରି ଅବସ୍ଥାରେ କୋର୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ଅଚଳ ରହିଥାଏ। ତେବେ ଏସ୍‌ଡିଜେଏମ୍ କିପରି ଫଇସଲା ଶୁଣାଇଲେ ସେ ନେଇ ସଂଘ ପକ୍ଷରୁ ପ୍ରତିକ୍ରିୟା ବ୍ୟକ୍ତ କରାଯାଇଛି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଏକ ଜରୁରୀ ଆବଶ୍ୟକତା। ଏହି ଦାବି ଅଞ୍ଚଳବାସୀଙ୍କ ଭାବାବେଗ ସହ ଜଡ଼ିତ। ଏହାକୁ କେବଳ ରାଉରକେଲା କି ସୁନ୍ଦରଗଡ଼ ନୁହେଁ, ବରଂ ସମଗ୍ର ପଶ୍ଚିମ ଓଡ଼ିଶାବାସୀଙ୍କ ସମର୍ଥନ ରହିଛି। ଏ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ସଚେତନ ଅଛନ୍ତି। ହାଇକୋର୍ଟ ସ୍ଥାୟୀ ବେଞ୍ଚ ସହ ଅନ୍ୟ ଦାବି ପୂରଣ ନେଇ ଅହେତୁକ ବିଳମ୍ବ ବିଭିନ୍ନ ମହଲରେ ପ୍ରତିକ୍ରିୟା ସୃଷ୍ଟି କରିଛି। ଏହି ଦାବି ନେଇ ରାଉରକେଲା ଓକିଲ ସଂଘ ଦୀର୍ଘ ଏକ ଦଶନ୍ଧି ହେବ ଆନ୍ଦୋଳନ ଜାରି ରଖିଛି। ଏମିତି ଅବସ୍ଥାରେ ଏସ୍‌ଡିଜେଏମ୍‌ଙ୍କ ପକ୍ଷରୁ ରାଉରକେଲାବାସୀ, ଓକିଲ ସଂଘ ଆନ୍ଦୋଳନ ବା ଦାବି ପ୍ରତି ସମ୍ମାନ ନ ରହିବା ପରିତାପର ବିଷୟ। ପଶ୍ଚିମ ଓଡ଼ିଶାବାସୀଙ୍କୁ କିପରି ଦ୍ୱରିତ ନ୍ୟାୟ ମିଳିବ ସେ ନେଇ ଆଇନଜୀବୀମାନେ ନିଜ ଜୀବନ ଜୀବିକାକୁ ଗୌଣ କରି ଆନ୍ଦୋଳନ ଚଳାଇ ଆସୁଛନ୍ତି। ଓକିଲ ସଂଘ ସଂକଳ୍ପକୁ ବିଭିନ୍ନ କୋର୍ଟରେ କାର୍ଯ୍ୟରତ ବିଚାରପତି ସମ୍ମାନ ଜଣାଇ କୌଣସି ଆଦେଶ ପ୍ରାୟ ଦେଇ ନ ଥାନ୍ତି। ବିଡ଼ମ୍ବନା ଏହା ଯେ ରାଉରକେଲା ଏସ୍‌ଡିଜେଏମ୍ ସଂଘ ସଂକଳ୍ପକୁ ଭୃକ୍ଷେପ କରିନାହାନ୍ତି। ଏହା ଆଇନଜୀବୀଙ୍କ ଭାଗାବେଗକୁ ଆଘାତ ଦେଇଛି। ହାଇକୋର୍ଟ ତଥା ସରକାରଙ୍କ ଦୃଷ୍ଟି ଆକର୍ଷଣ ନେଇ ଆରମ୍ଭ କରାଯାଇଥିବା ଏହି ଦୀର୍ଘ ଆନ୍ଦୋଳନ ପ୍ରତି ସବୁ ବର୍ଗର ସମ୍ମାନ ରହିଛି। ଏମିତି ଅବସ୍ଥାରେ ଏସ୍‌ଡିଜେଏମ୍‌ଙ୍କ ଆଚରଣ ଆଇନଜୀବୀଙ୍କ ମନୋବଳକୁ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏପରି ଅବସ୍ଥାରେ ଗତ ୯ତାରିଖରୁ ରାଉରକେଲା ଓକିଲ ସଂଘ ଏସ୍‌ଡିଜେଏମ୍‌ଙ୍କ କୋର୍ଟ ବର୍ଜନ କରିବାକୁ ବାଧ ହୋଇଥିବା କୁହାଯାଇଛି। ଏହି ଅବସରରେ ସମ୍ପୃକ୍ତ ବିଚାରପତିଙ୍କ କାର୍ଯ୍ୟକଳାପ ନେଇ ସଂଘ ପ୍ରଶ୍ନ ଉଠାଇଛି। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିବା ସୂଚନା ଦିଆଯାଇଛି। ତେବେ ଆଜିପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସଂଘ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ବୁଧବାର ସଂଘ ବୈଠକରେ ଏଜ୍‌ଡିଜେଏମ୍‌ଙ୍କ ବଦଳି ଦାବି କରାଯାଇଛି। ଏ ସମ୍ପର୍କରେ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଆସନ୍ତା ୩ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଓକିଲ ସଂଘ କୋର୍ଟ ମୁଖ୍ୟ ଫାଟକରେ ଧାରଣା ଦେବ ବୋଲି ଏକ ବିବୃତିରେ କୁହାଯାଇଛି।

## ଓଭର ଲୋଡିଂ କରି ଜରିମାନା ଦେଲେ ୫ ହାଇୱା

**ଲଖନପୁର,୧୭।୭(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ତହସିଲ କୁମ୍ଭାରବନ୍ଧ ଆର୍‌ଆଇ ସର୍କଲ ଅଧୀନ ଚାରପାଲି ପିଡବ୍ଲୁଡି ରାସ୍ତାରେ ବୁଧବାର ସକାଳ ସାଢେ ୧୦ଟାରେ ୫ଟି ହାଇୱା ମାତ୍ରାଧିକ ବାଲି ବୋଝେଇ କରି ଓପିଜିସିର ନିର୍ମାଣାଧୀନ ପାଉଁଶ ପୋଖରୀକୁ ଯାଉଥିବାବେଳେ ଜରିମାନା ଗଣିଛନ୍ତି। ହାଇୱା ଉପରେ ପଲିଥିନ ଢଙ୍କା ଯାଇ ନ ଥିବାରୁ ବାଲି ଉଡି ଲୋକଙ୍କ ଆଖି, କାନ ଓ ନାକରେ ପଶିଥିଲା। ଏଣୁ ସ୍ଥାନୀୟ ଲୋକେ ହାଇୱାଗୁଡିକୁ ଚାରପାଲି ଛକରେ ଅଟକାଇଥିଲେ। ଖବରପାଇ ତିଳିଆ ସରପଞ୍ଚ ଠଣସୁନ୍ଦର ସାହୁ, ରମ୍ଭେଲାର ପୂର୍ବତନ ସରପଞ୍ଚ ବିଦ୍ୟାଧର ନାୟକ, ଗୌତମ ସେଠ୍ ପ୍ରମୁଖ ପହଞ୍ଚି ତହସିଲଦାର ଓ କୁମ୍ଭାରବନ୍ଧ ଆର୍‌ଆଇଙ୍କୁ ଜଣାଇଥିଲେ। ତହସିଲଦାର ଜ୍ୟୋସ୍ନାରାଣି ସାହୁଙ୍କ ନିର୍ଦ୍ଦେଶକ୍ରମେ କୁମ୍ଭାରବନ୍ଧ ଭାରପ୍ରାପ୍ତ ଆର୍‌ଆଇ ସଞ୍ଜୟ ବାଖର ପହଞ୍ଚି ଯାଞ୍ଚ କରିଥିଲେ। କୌଣସି ହାଇୱାରେ ବାଲି ଚାଲଣର 'କେ'ଫର୍ମ ନ ଥିଲା । ସବୁ ହାଇୱାରେ ଆବଶ୍ୟକତାରୁ ମାତ୍ରାଧିକ ବାଲି ବୋଝେଇ ହୋଇଥିଲା। ଏହା ଜଣା ପଡିବା ପରେ ହାଇୱାଗୁଡିକୁ କୁମ୍ଭାରବନ୍ଧ ଫାଣ୍ଡିକୁ ନେବା ପାଇଁ ଭାରପ୍ରାପ୍ତ ଆର୍‌ଆଇ ବାଖର ଡ୍ରାଇଭର୍‌ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡ୍ରାଇଭରମାନେ ହାଇୱା ଧରି ଫାଣ୍ଡିକୁ ଆସୁଥିବାବେଳେ ଭୟରେ ରାସ୍ତାରେ ଛାଡି ଜଙ୍ଗଲ ଭିତରେ ଫେରାର୍ ହୋଇ ଯାଇଥିଲେ। ଭାରପ୍ରାପ୍ତ ଆର୍‌ଆଇ ବାଖର କୁମ୍ଭାରବନ୍ଧ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ଏହା ପରେ ପ୍ରତି ହାଇୱାକୁ ୧୦ହଜାର ଟଙ୍କାଲେଖା ଜରିମାନା କରାଯାଇଥିଲା। ଜରିମାନା ଦେଲା ପରେ ହାଇୱାଗୁଡିକୁ ଛାଡି ଦିଆଯାଇଛି।

■ ଚନ୍ଦ୍ରଗ୍ରହଣ ଏକ ମହାଜାଗତିକ ପ୍ରକ୍ରିୟା

## ନିର୍ଭୟରେ କଲେ ରାତ୍ରିଭୋଜନ

**ରାଉରକେଲା ଅଫିସ,୧୭।୭**

ମଙ୍ଗଳବାର ବିଳମ୍ବିତ ରାତିରେ ଚନ୍ଦ୍ରଗ୍ରହଣ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଉକ୍ତଦିନ ଅପରାହ୍ନ ପ୍ରାୟ ସାଢ଼େ ୪ଟାରୁ ପାକତ୍ୟାଗ ରହିଥିଲା। ହେଲେ ଚନ୍ଦ୍ରଗ୍ରହଣ ଏକ ମହାଜାଗତିକ ପ୍ରକ୍ରିୟା। ଏହି ସମୟରେ ପାକତ୍ୟାଗ କରିବା ଏକ ଅନ୍ଧବିଶ୍ୱାସ। ତେଣୁ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ପାଇଁ ମଙ୍ଗଳବାର ରାତି ସାଢ଼େ ୯ଟାରେ ଚନ୍ଦ୍ରଗ୍ରହଣର ଅବ୍ୟବହିତ ପୂର୍ବରୁ ସର୍ଭିସ ଟୁ ହ୍ୟୁମାନିଟି ଫାଉଣ୍ଡେଶନ, ଜଗଦା ଆଶ୍ରମବାସୀ ଶ୍ରଦ୍ଧାର ସହିତ ତଥା ନିର୍ଭୟରେ ରାତ୍ରିଭୋଜନ କରିଥିଲେ। ବିଜ୍ଞାନ ପଢ଼ି ସେମାନେ ଜାଣିପାରିଛନ୍ତି, ଚନ୍ଦ୍ରଗ୍ରହଣ ବା ସୂର୍ଯ୍ୟପରାଗ ସମୟରେ ଯେଉଁ ପ୍ରଚଳିତ କଥା ରହିଛି ଯେ ରାହୁ ଓ କେତୁ ଚନ୍ଦ୍ର, ସୂର୍ଯ୍ୟଙ୍କୁ ଗ୍ରାସ କରିଦିଅନ୍ତି, ତାହା ଅନ୍ଧବିଶ୍ୱାସ। ଏହା କେବଳ ମାତ୍ର ଏକ ମହାଜାଗତିକ ପ୍ରକ୍ରିୟା। ପ୍ରତ୍ୟେକ ପୂର୍ଣ୍ଣିମା ଦିନ ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟରେ ପୃଥିବୀ ଏକ ସରଳରେଖାରେ ଅବସ୍ଥାନ କରେ। ହେଲେ ଯେଉଁ ପୂର୍ଣ୍ଣିମା ଦିନ ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟରେ ପୃଥିବୀ ଏକ ସରଳରେଖା ତଥା ଏକ ସମତଳରେ ଅବସ୍ଥାନ କରେ ସେ ଦିନ ଚନ୍ଦ୍ରଗ୍ରହଣ ହୁଏ। ପୃଥିବୀର ଛାଇ ଚନ୍ଦ୍ର ଉପରେ ପଡ଼େ। ତେଣୁ ଚନ୍ଦ୍ର ଦେଖାଯାଏ ନାହିଁ। ଏହା ସବୁଦିନ ପରି ଏକ ସ୍ୱାଭାବିକ ପ୍ରକ୍ରିୟା। ଏଥିପାଇଁ ପାକତ୍ୟାଗ କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ଡ. ଶଶୀକାନ୍ତ ଆଚାର୍ଯ୍ୟ ଏବଂ ହେମନ୍ତ ତାଣ୍ଡିଆ ପିଲାମାନଙ୍କୁ ସମ୍ୟକ ଭାବେ ବୁଝାଇ ଦେଇଥିଲେ। ସମାଜରେ ପ୍ରଚଳିତ ଅନ୍ୟ ଅନ୍ଧବିଶ୍ୱାସ ସମ୍ପର୍କରେ ମଧ ଆଚାର୍ଯ୍ୟ ଓ ତାଣ୍ଡିଆ ସୂଚନା ଦେଇ ସେଗୁଡ଼ିକୁ ଦୂର କରିବା ପାଇଁ ପିଲାମାନଙ୍କୁ ପ୍ରେରଣା ଦେଇଥିଲେ। ଏହାବ୍ୟତୀତ ଡ. ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ମାନବ ସେବା ପ୍ରତିଷ୍ଠାନ, ଝୁଡ୍ଡ଼ା, ଭଦ୍ରକର ମାନବ ସେବା କନ୍ୟାଶ୍ରମ ଏବଂ ଜଗତସିଂପୁର ଶିଶୁ ଆଶ୍ରମରେ ମଧ ପିଲାମାନେ ରାତି ୯ଟାରେ ଭୋଜନ କରିଥିବା ସେ ସୂଚନା ଦେଇଥିଲେ।

■ ରାଜ୍ୟସ୍ତରୀୟ ସିଆଇଏସ୍‌ସିଇ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା

## ସିନିୟର ବିଭାଗରେ ଝାରସୁଗୁଡ଼ା ଜୋନ୍ ଚାମ୍ପିୟନ

**ବେଲପାହାଡ଼,୧୭।୭ (ଡ଼ି.ଏନ୍.ଏ)**

ରାଜ୍ୟସ୍ତରୀୟ ସିଆଇଏସ୍‌ସିଇ (କାଉନସିଲ ଅଫ୍ ଇଣ୍ଡିୟାନ ସ୍କୁଲ ସାର୍ଟିଫିକେଟ ଏକ୍‌ଜାମିନେଶନ ) ବିଦ୍ୟାଳୟ ସମୂହର ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଗତ ୧୩ ଓ ୧୪ ତାରିଖ ଦୁଇ ଦିନ ଧରି ରାଉରକେଲା ଇସ୍ପାତ ଇନଡ଼ୋର ଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜୋନ୍‌ରୁ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ଝାରସୁଗୁଡ଼ା ଜୋନ ସିନିୟର ବିଭାଗ ଦଳ ଫାଇନାଲ ମ୍ୟାଚରେ ରାଉରକେଲା ଜୋନ ଦଳକୁ ୨-୦ ସେଟରେ ପରାଜିତ କରି ଚାମ୍ପିୟନ ଟ୍ରଫି ହାସଲ କରିଛି । ସେହିପରି ଝାରସୁଗୁଡ଼ା ଜୋନର ଜୁନିୟର ବିଭାଗ ଦଳ ଭୁବନେଶ୍ୱର ଜୋନ ଦଳଠାରୁ ୧-୨ ସେଟରେ ପରାଜିତ ହୋଇ ରନର୍ସଅପ ହୋଇଛି । ଝାରସୁଗୁଡ଼ା ଜୋନ ପକ୍ଷରୁ ବେଲପାହାଡ଼ ଇଂଲିଶ ମିଡ଼ିୟମ ସ୍କୁଲର ଛାତ୍ର ବରୁଣ ମିଶ୍ର, ଶଶାଙ୍କ ଆଇଚ୍, ପ୍ରତ୍ୟୁଷ ସାହୁ, ଦେବବ୍ରତ ସୋଲାଙ୍କି, ଶିଭମ ଦେ ଏବଂ ଝାରସୁଗୁଡ଼ା ସେଣ୍ଟମ୍ୟାରି ଛାତ୍ର ସନୱିତ ଯୋଶି ଓ ମୋହିତ ଲାମା ପ୍ରତିନିଧିତ୍ୱ କରିଥିଲେ । ଦଳ ସହିତ କୋଚ୍ ଭାବରେ ବେଲପାହାଡ଼ ଇଂଲିଶ ମିଡ଼ିୟମ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ହମିଦ ମହାପାତ୍ର ଓ ମନୋଜ ବିନ୍ଧାଣି ପ୍ରତିଯୋଗିତାରେ ଯୋଗ ଦେଇଥିଲେ । ଝାରସୁଗୁଡ଼ା ଜୋନ ଦଳର ସଫଳତା ପାଇଁ ବିଇଏମ ବିଦ୍ୟାଳୟ ଅଧ୍ୟକ୍ଷା ରମା କାର୍ତ୍ତିକ, ଉପାଧ୍ୟକ୍ଷା ମିନିତି ମହାପାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟି ସମସ୍ତ ସଦସ୍ୟ ଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ରାଜ୍ୟସ୍ତରୀୟ ସିଆଇଏସଏସିଇ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ଚାମ୍ପିୟ ହୋଇଥିବା ଝାରସୁଗୁଡ଼ା ଜୋନର ଛାତ୍ର ଓ କୋଚ୍ ଟ୍ରଫି ସହିତ।



ସମୀର କୁମାର ପାଢ଼ୀଙ୍କୁ ସଂଯୋଗୀ ସାହିତ୍ୟ ମିତ୍ର ସମ୍ମାନରେ ସମ୍ମାନିତ କରାଯାଉଛି।

## ଶିଶୁ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା

**ଟେନ୍‌ସା, ୧୭।୭ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଟେନ୍‌ସାରୁ ପ୍ରକାଶ ପାଉଥିବା ତ୍ରୈମାସିକ ଶିଶୁକିଶୋର ପତ୍ରିକା ଶୁଆଶାରୀର ସମ୍ପାଦକ ତଥା ଶିଶୁ ସାହିତ୍ୟିକ ସମୀର କୁମାର ପାଢ଼ୀଙ୍କୁ ରାଜ୍ୟ ଗବେଷଣା ପ୍ରଶିକ୍ଷଣ ତରଫରୁ ଶ୍ରେଷ୍ଠ ସମ୍ପାଦକ ଭାବେ ପୁରସ୍କୃତ କରାଯାଇଛି । ଅନ୍ୟ ପକ୍ଷରେ ଗତ ରବିବାର କେନ୍ଦୁଝର ଜିଲା ଘଟଗାଁ ସ୍ଥିତ ମାତାରିଣୀ କଲ୍ୟାଣ ମଣ୍ଡପଠାରେ ସଂଯୋଗୀ ସଜଫୁଲ ତରଫରୁ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ ସମାରୋହରେ ପାଢ଼ୀଙ୍କୁ ସଂଯୋଗୀ ସାହିତ୍ୟ ମିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୫୦୦ରୁ ଊର୍ଦ୍ଧ୍ୱ କବି, କବୟିତ୍ରୀ, ଲେଖିକା, ଲେଖକ, ଶିକ୍ଷାବିତ ଯୋଗଦେଇଥିଲେ।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



**ସଂକ୍ଷେପରେ**

## ରାମଜୀ ମନ୍ଦିରରେ ଗୁରୁପୂର୍ଣ୍ଣିମା

**ସୁନ୍ଦରଗଡ, ୧୭।୭ (ଡି.ଏନ.ଏ):** ସ୍ଥାନୀୟ ରାମଜୀ ମନ୍ଦିରରେ ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀଜୀ ମହାରାଜଙ୍କ ଶିଷ୍ୟ ମାନଙ୍କ ଦ୍ୱାରା ଗୁରୁପୂର୍ଣ୍ଣିମା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଶିଷ୍ୟମାନଙ୍କ ଦ୍ୱାରା ଗୁରୁପୂଜନ ଓ ଭଜନ କୀର୍ତ୍ତନ କରାଯାଇ ୩୧ଜଣ ବ୍ରାହ୍ମଣଙ୍କୁ ପୂଜାର୍ଚ୍ଚନା ସହ ଉପଢୌକନ ପ୍ରଦାନ କରି ସେବା କରିଥିଲେ। ଶେଷରେ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା। ପଟ୍ଟଶିଷ୍ୟ ବେଣୁମାଧବ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡର ସମସ୍ତ କର୍ମକାଣ୍ଡି ବ୍ରାହ୍ମଣ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜଗତଗୁରୁଙ୍କ ଶିଷ୍ୟ ଦେବାଶୀଷ ତ୍ରିପାଠୀ, କୁଳଦୀପ ଦେଓ, ମନୋଜ ପଣ୍ଡା, ନରେନ୍ଦ୍ର ସିଂ, ଆର୍ତ୍ତନାରାୟଣ ସିଂଦେଓ, ମନୋଜ ଶେଖର ଦେଓ, ନରେଶ ଯୋଶୀ, ରଜନୀକାନ୍ତ ତ୍ରିପାଠୀ, ପ୍ରଭାତ ତ୍ରିପାଠୀ ପ୍ରମୁଖ ଶତାଧିକ ଉପସ୍ଥିତ ଥିଲେ।

■ ମେଗା ସେଚ ପ୍ରକଳ୍ପର ଜଳ ଯୋଗାଣ ପାଇପ ବିଛାଇବା ପାଇଁ ଚାଷ ଜମି ଖୋଳିଦେବା ଘଟଣା

# ବିଡିଓଙ୍କୁ ଦାବିପତ୍ର ଦେଲେ ଚାଷୀ

**ବଡ଼ଗାଁ, ୧୭।୭ (ଡି.ଏନ.ଏ)**

ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ଗାଁ ନିକଟ ସଫେଇ ନଦୀରେ ନିର୍ମାଣଧିନ ମେଗା ସେଚ ପ୍ରକଳ୍ପର ଜଳ ଯୋଗାଣ ପାଇପ ବିଛାଇବା ପାଇଁ ଚାଷ ଜମି ଖୋଳିଦେବା ଘଟଣାରେ ଚାଷୀଙ୍କ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକଳ୍ପ କାର୍ଯ୍ୟ ଦାୟୀତ୍ୱରେ ଥିବା କର୍ମଚାରୀମାନେ ଫୁଲବାରୀ, ଛାମୁଣ୍ଡା, ବଡଗାଁ, ଚାରପାଲି, ବରପାଲି, କଣ୍ଟିଆମୁରା ଆଦି ବିଭିନ୍ନ ଗ୍ରାମରେ ଚାଷ ଜମି ଖୋଳି ଓ ହିଡ ଭାଙ୍ଗିଦେଇଥିଲେ। ସେତେବେଳେ ଚାଷୀମାନଙ୍କୁ ମରାମତି ଶୀଘ୍ର କରିଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୨ ବର୍ଷ ବିତିଗଲା ପରେ ମଧ ଠକି ଚାଲିଥିବାରୁ ଚାଷୀମାନେ କ୍ଷୁବ୍ଧ ହୋଇ ଉଠିଛନ୍ତି। ଏ ନେଇ ସେମାନେ ନିରାଶ ହେବା ପରେ ବୁଧବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଅଭିଯୋଗପତ୍ର ଦେଇଛନ୍ତି। ଏହି ଅଞ୍ଚଳର ଚାଷୀ ଦିବ୍ୟଶଙ୍କର ସା, କୁଳମଣୀ ସା, ପୁରୁଷୋତ୍ତମ ସା, ପୁଷ୍ପଲତା ସା, ରାଜୁ କିଷାନ, ଅରୁଣ ପୃଷେଟ, ନିଳାଦ୍ରି ସା, ଧନୁର୍ଯ୍ୟୟ ପୃଷେଟ ପ୍ରମୁଖ ଚାଷୀଙ୍କ ଦସ୍ତଖତ ଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ସଫେଇ ନଦୀରେ ମେଗା ସେଚ ପ୍ରକଳ୍ପ ନିର୍ମାଣ କାମ ଚାଲିଛି। ବିଲକୁ ଜଳ ଯୋଗାଣ କରିବାକୁ ପାଇପ ବିଛାଇବା ପାଇଁ ପ୍ରକଳ୍ପ କର୍ମଚାରୀ କୃଷକମାନଙ୍କ ଚାଷ ଜମିର ହିଡ ଭାଙ୍ଗିବା ସହ ଜମି ଭିତରେ ଗାତ ଖୋଳି ଦେଇଛନ୍ତି। ୨ବର୍ଷ ପୂର୍ବେ ମରାମତି କରିଦେବୁ କହିଥିଲେ ମଧ କରୁନାହାନ୍ତି। ଫଳରେ ଚାଷ ଜମିର ସେହି ସବୁ ସ୍ଥାନରେ ଚାଷ କରିପାରୁନାହୁଁ। ଜମିର ମୃତ୍ତିକା ମଧ କ୍ଷୟ ହୋଇଚାଲିଛି। ଏଭଳି ମନମୁଖି କାର୍ଯ୍ୟକୁ ଆମେ କେତେ ଦିନ ଆଉ ବରଦାସ୍ତ କରିବୁ ବୋଲି ଉଲ୍ଲେଖ କରିଛନ୍ତି। ତେବେ ଏ ସମ୍ପର୍କରେ ଚାଷୀମାନେ ତଲସରା ବିଧାୟକ ଭବାନୀଶଙ୍କର ଭୋଇଙ୍କୁ ମଧ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଜାଙ୍ଗଲି ଗ୍ରାମରେ ଚାଷୀଙ୍କ ଜମି ଖୋଳି ମରାମତି ନ କରିବାରୁ ଗତବର୍ଷ ଅନେକ ଚାଷୀ କ୍ଷତିରେ ପଡିଥିଲେ। କେତେକ ଚାଷୀ ବାଧହୋଇ ୧୦ରୁ ୧୫ ହଜାର ଟଙ୍କା ଖର୍ଚ୍ଚ କରି ହିଡ ଦେବା ଓ ଖାଲ ଭର୍ତ୍ତି କରିବାରେ ଖର୍ଚ୍ଚ କରିଛନ୍ତି। ଏପରିକି ଉଠାଜଳସେଚନ ପଏଣ୍ଟର ପାଇପ ଲାଇନଗୁଡିକୁ ମଧ ଭାଙ୍ଗି ଦେଇଛନ୍ତି। ମେଗା ପ୍ରକଳ୍ପ କର୍ମଚାରୀଙ୍କୁ ବହୁବାର ଜଣାଇ ନିରାଶ ହେବାରୁ ଜାଙ୍ଗଲି ଗ୍ରାମର ପୁରୁଷୋତ୍ତମ ସା ଥାନାରେ ଲିଖିତ ଜଣାଇଥିଲେ। ଏହାସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ୮ଟି ଗ୍ରାମର ଚାଷୀ ଏଥିଯୋଗୁଁ ପ୍ରଭାବିତ ହୋଇଥିବା ଓ ଅସନ୍ତୋଷ ଲାଗି ରହିଥିବାରୁ ଯେ କୌଣସି ସମୟରେ ଏହି ଘଟଣା ଭିନ୍ନ ରୂପ ନେବା ଆଶଙ୍କା କରାଯାଉଛି।



ବିଡିଓ କ୍ଷମାନିଧି ଭୋଇଙ୍କୁ ଚାଷୀମାନେ ଅଭିଯୋଗପତ୍ର ଦେଉଛନ୍ତି।




ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସମ୍ପର୍କିତ ସଚେତନତା ପ୍ରଶିକ୍ଷଣ କର୍ମଶାଳାରେ ମଞ୍ଚାସୀନ ଏନ୍‌ଡିଆର୍‌ଏଫ୍ ଅଧିକାରୀ, ଅଧ୍ୟାପକ।

## ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସଚେତନତା କର୍ମଶାଳା

**ସୁନ୍ଦରଗଡ଼, ୧୭।୭ (ଡି.ଏନ୍.ଏ.)**

ହେମଗିର ବ୍ଲକ ଡୁଡୁକାସ୍ଥିତ ଭେଷଜ ପଟେଲ ମହାବିଦ୍ୟାଳୟରେ ବୁଧବାର ଏନ୍‌ଡିଆର୍‌ଏଫ୍ କଟକ ଶାଖା ଅନୁକୂଲ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସମ୍ପର୍କୀତ ଏକ ସଚେତନତା ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶୀଲ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଡିଆର୍‌ଏଫ୍‌ର ଇନ୍‌ସପେକ୍ଟର ସୁନୀଲ କୁମାର ଶାନ୍ତି ଓ ପି.କେ. ବେହେରା ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ବନ୍ୟା, ଭୂମିକମ୍ପ, ବାତ୍ୟା ବିପତ୍ତି ଭଳି ପ୍ରାକୃତିକ ବିପର୍ଯ୍ୟୟ ସହ ହୃଦଘାତ ଓ ଅଗ୍ନିସୁରକ୍ଷା ସମ୍ପର୍କରେ ଛାତ୍ରୀ, ଛାତ୍ରମାନଙ୍କୁ ମୁକାବିଲା ପାଇଁ ବିଭିନ୍ନ କୌଶଳ ସମ୍ବନ୍ଧରେ ପ୍ରଶିକ୍ଷଣ ମାଧ୍ୟମରେ ବୁଝାଇଥିଲେ। ଏଥିରେ ମହାବିଦ୍ୟାଳୟ ଜାତୀୟ ସେବାସଂସ୍ଥାର ଉଭୟ ବାଳିକା ଓ ବାଳକ ବିଭାଗ ସଂଯୋଜକ ଫଣୀନ୍ଦ୍ର କୁମାର ପଟେଲ, ପଦ୍ମିନୀ ପଟେଲ, ଯୁବ ରେଡକ୍ରସ ସୋସାଇଟି ସଂଯୋଜକ ସେଲେଷ୍ଟିନ କୁଜୁର, ଦିପ୍ତୀମୟୀ ସେଠଙ୍କ ସମେତ ଅଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ଅଶୋକ କୁମାର ନାଏକ, ଅଶ୍ୱିନୀ କୁମାର ମିଶ୍ର, ଅଧ୍ୟାପିକା ସୌଦାମିନୀ ତ୍ରିପାଠୀ, ଅଧ୍ୟାପିକା ମିନତୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ କର୍ମଶାଳାକୁ ପରିଚାଳନା କରିଥିଲେ।

## ଗ୍ୟାସ୍ ପାଇପ ବିଛାଇବାରେ ବ୍ୟବହୃତ ଗାଡ଼ି ନଷ୍ଟ କଲା ରାସ୍ତା

**ବଡ଼ଗାଁ, ୧୭।୭ (ଡି.ଏନ.ଏ)**

ବଡଗାଁ ବ୍ଲକ ଅଞ୍ଚଳରେ ହେଉଥିବା ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟରେ କର୍ମଚାରୀଙ୍କ ମନମୁଖି, ଦାୟିତ୍ୱହୀନତା, ଅନିୟମିତତାର ଯଥେଷ୍ଟ ଦୃଷ୍ଟାନ୍ତ ଥିଲାବେଳେ ଆଉ ଏକ ଘଟଣା ଦୃଷ୍ଟିକୁ ଆସିଛି। ଗତ ବର୍ଷେ ପୂର୍ବେ ପାରାଦୀପରୁ ପାଇପ ଯୋଗେ ଗ୍ୟାସ ନେବା ପାଇଁ ବଡଗାଁ ବ୍ଲକର ଫୁଲବାରୀ ପଞ୍ଚାୟତର କେତେକ ଗ୍ରାମ ଦେଇ ପାଇପ ବିଛାଇବା କାମ ହେଉଛି। ଏହି କାମ କରିବା ପାଇଁ ବ୍ୟବହୃତ ଚେନ ଲାଗିଥିବା ଗାଡି ଓ ଭାରିଯାନ ଚଳାଚଳ ଯୋଗୁ ଭୋଇପାଲି ଗାଁ ଦେଇ ଯାଉଥିବା ନିର୍ମାଣଧିନ ପ୍ରଧାନମନ୍ତ୍ରୀ ଗ୍ରାମ ସଡକରୁ ପିଚୁ ଉଠି ନଷ୍ଟ ହେବାକୁ ବସିଲାଣି। ଗ୍ରାମବାସୀ ଏଭଳି ଗାଡି ଓ ଭାରିଯାନ ନେବାକୁ ବିକଳ୍ପ ଉପାୟ କରିବାକୁ ବାରମ୍ବାର ଜଣାଇଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ରାସ୍ତା ନିର୍ମାଣ ଶେଷ ହେବା ପୂର୍ବରୁ ନଷ୍ଟ ହେଲାଣି। ଗୋଟିଏ ପଟେ ଗ୍ୟାସ ପାଇପ ଲାଇନ ବିଛାଇ ବିକାଶ ଧାରାକୁ ଆଗେଇ ନିଆଯାଉଥିବା କୁହାଯାଉଛି। ଅନ୍ୟପଟେ ବ୍ୟୟ ବହୁଳ ରାସ୍ତାକୁ ବିନାଶ ଧାରାରେ ନିଆଯାଉଛି। ଦୁର୍ଭାଗ୍ୟର ବିଷୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀମାନେ ମଧ କ୍ଷତିକୁ ଦେଖି ନିରବଦ୍ରଷ୍ଟା ସାଜିଛନ୍ତି। ଏ ସମ୍ପର୍କରେ ସୋମବାର ବଡଗାଁ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, କୃଷକ ସଙ୍ଗଠନର କର୍ମକର୍ତ୍ତା ରବୀନ୍ଦ୍ର ପଟେଲ, ବିଡିଓ କ୍ଷେମାନିଧି ଭୋଇଙ୍କୁ ଲିଖିତ ଅଭିଯୋଗ ଜଣାଇଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ବଡଗାଁରୁ ଭୋଇପାଲି ଦେଇ ଯାଇଥିବା ପିଚୁରୁଡି ରାସ୍ତା ଯାହାକି ହାଲୁକା ଯାନ ଯିବା କ୍ଷମତାସମ୍ପନ୍ନ ନିର୍ମାଣ ହେଉଛି। ସେଥିରେ ଭାରିଯାନ ନେବା ଦ୍ୱାରା ରାସ୍ତା ନିର୍ମାଣ ଶେଷ ହେବା ପୂର୍ବରୁ ନଷ୍ଟ ହୋଇଛି। ଏହା ଉପରେ ଗମ୍ଭିରତାର ସହିତ ବିଚାର କରି ଶୀଘ୍ର ପଦକ୍ଷେପ ନେବାକୁ ଦାବି କରାଯାଇଛି।



ନଷ୍ଟ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ।

## ହାତରେ ବାଣ ଫୁଟି ଯୁବକ ଆହତ

**ବଡ଼ଗାଁ, ୧୭।୭ (ଡି.ଏନ.ଏ.)**

ବଡ଼ଗାଁ ବନଖଣ୍ଡ ଅଧୀନକୁ ଆସିଥିବା ହାତୀପଲ ରବିବାର ବଡ଼ଗାଁ ନିକଟ ମକୁନ୍ଦପୁର ଗ୍ରାମ ଜଙ୍ଗଲକୁ ଆସିଛନ୍ତି। ମକୁନ୍ଦପୁର ଓ ଆଖପାଖ ଗ୍ରାମର ଚାଷ ଜମିରେ ମାଡ଼ିଦେଇ ଚାଷ ନଷ୍ଟ କରିଥିଲେ। ସୋମବାର ରାତିରେ ଝଣ୍ଟେଲବୁଡ଼ ଓ ମକୁନ୍ଦପୁର ଗାଁ ନିକଟ ପାହାଡ଼ରେ ରହିଥିଲେ। ସୋମବାର ରାତି ସାଢେ ୮ଟାରେ ହାତୀପଲ ପାହାଡ଼ରୁ ଓହ୍ଲାଉଥିବା ସୂଚନା ପାଇ ଝଣ୍ଟେଲବୁଡ଼ ଗ୍ରାମର କେତେକ ବ୍ୟକ୍ତି ଘଉଡ଼ାଇବାକୁ ଯାଇଥିଲେ। ସାମୁଏଲ ଟପ୍ପୋ (୨୪) ବାଣ ଫୁଟାଇ ଘଉଡ଼ାଇବାକୁ ଚେଷ୍ଟା କଲାବେଳେ ତାଙ୍କ ହାତରେ ବାଣ ଫୁଟି ଯିବାରୁ ୨ଟି ଆଙ୍ଗୁଠି ଛିଣ୍ଡି ଯାଇଛି। ସାମୁଏଲଙ୍କୁ ବଡ଼ଗାଁ ଡାକ୍ତରଖାନାରେ ଚିକିତ୍ସା କରି ସୁନ୍ଦରଗଡ଼ ମେଡ଼ିକାଲ ପଠାଯାଇଥିଲା। ସେଠାରୁ ତାଙ୍କୁ ରାଉରକେଲା ଡାକ୍ତରଖାନା ନିଆଯାଇଛି।




ବନମହୋତ୍ସବ ଅବସରରେ ସ୍କାନଷ୍ଟିଲ କାରଖାନା ଅଧିକାରୀ, କର୍ମଚାରୀ, ବନ ବିଭାଗ କର୍ମଚାରୀ ଉପସ୍ଥିତ।

■ ସ୍କାନଷ୍ଟିଲ କାରଖାନା ପରିସରରେ ବନ ମହୋତ୍ସବ

## ୩୦ ହଜାର ଗଛ ଲଗାଇବା ଲକ୍ଷ୍ୟ ଧାର୍ଯ୍ୟ

**ରାଜଗାଙ୍ଗପୁର, ୧୭।୭ (ଡି.ଏନ.ଏ)**

ରାଜଗାଙ୍ଗପୁର ବ୍ଲକ ରମାବାହାଲଠାରେ ଥିବା ସ୍କାନ ଷ୍ଟିଲ ପରିସରରେ ମଙ୍ଗଳବାର ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବର ଆରମ୍ଭରେ ସ୍କାନ ଷ୍ଟିଲ ପରିସରରେ ରାଜଗାଙ୍ଗପୁର ତହସିଲଦାର ରିନା ନାଏକ ଓ ଜିଲା ବନ ଅଧିକାରୀ ଡ. ଅରୁଣ କୁମାର ମିଶ୍ର ଦୁଇଟି ଗଛ ଲଗାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଲାଇଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ନରସିଂହ ମିଞ୍ଜ, କୁତ୍ରା ବନ ଅଧିକାରୀ ଚନ୍ଦ୍ରିକା କାଲୋ, କାରଖାନା ଡାଇରେକ୍ଟର ବିନୟ ଗୋୟଲ, କାରଖାନା ମ୍ୟାନେଜର ବିନିତ ଗାଗୋଡିଆ, କାରଖାନା ପବ୍ଲିକ ରିଲେସନ ମ୍ୟାନେଜର ସୁବ୍ରତ କୁମାର ନାଏକ, ସେଫ୍ଟି ମ୍ୟାନେଜର ପ୍ରଜ୍ଞା ନାଥ, କାରଖାନା କର୍ମଚାରୀ ବିକାଶ ସାହୁ, ମିରାଜ ଅହମ୍ମଦ, ଜେକେ ପଟ୍ଟନାୟକ, ପି.କେ ମିଶ୍ର, କେ.କେ ମିଶ୍ର, ଅନୀଲ ଗାଗୋଡିଆ, ଗୋବିନ୍ଦ ନାଏକ, ସୁରେନ୍ଦ୍ର ରାଉତରାୟ, ଧରଣୀଧର ପ୍ରସାଦ ପ୍ରମୁଖ ଗୋଟାଏ ଲେଖାଏଁ ଗଛ ଲଗାଇ କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲେ। ପରେ କାରଖାନା ପରିସରରେ ଥିବା ଖାଲି ଜାଗାରେ ପାଖାପାଖି ଏକ ହଜାର ଶାଗୁଆନ ଗଛ ଲଗାଯାଇଥିଲା। ଗଛ ଲଗା କାର୍ଯ୍ୟକ୍ରମ ସରିଲା ପରେ କାରଖାନା ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ କାରଖାନା ଡାଇରେକ୍ଟର ବିନୟ ଗୋୟଲ ଯୋଗଦେଇ ଏହି ଅଞ୍ଚଳରେ ପ୍ରଦୂଷଣ କରୁଥିବାରୁ ତଥା କାରଖାନା ପରିସରକୁ ସବୁଜିମା କରିବା ପାଇଁ ଏକ ୭ ଦିନିଆ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ପ୍ରକାଶ କରିଥିଲେ। ଏହି ଯୋଜନା ମୁତାବକ ସ୍କାନଷ୍ଟିଲ ରମାବାହାଲ ୟୁନିଟ, ସ୍କାନଷ୍ଟିଲ ଗଙ୍ଗାଜଳ ୟୁନିଟ ଓ ସ୍କାନ ଷ୍ଟିଲ ବାଇବାଏ ୟୁନିଟରେ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ୩୦ ହଜାର ଗଛ ଲଗାଇବାର କାର୍ଯ୍ୟକ୍ରମ ରହିଥିବା ପ୍ରକାଶ କରିଥିଲେ। ବନ ଅଧିକାରୀ ବିଭିନ୍ନ ସ୍କୁଲ, କଲେଜରେ ଗଛ ଲଗାଇବାର ସଚେତନ କାର୍ଯ୍ୟକ୍ରମ, ଦେଶର ବିଭିନ୍ନ ପାର୍କ ସମ୍ବନ୍ଧରେ ଏକ ଫିଲ୍ମ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମର ଶେଷ ଭାଗରେ କାରଖାନାର କର୍ମଚାରୀମାନେ କମ୍ପାନୀ ଦ୍ୱାରା ୩୦ ହଜାର ଗଛ ଲଗାଇବା କାର୍ଯ୍ୟକ୍ରମକୁ ସଫଳ କରିବା ସାଙ୍ଗକୁ ନିଜ ଘରେ ମଧ ଗୋଟାଏ ଲେଖାଏଁ ଗଛ ଲଗାଇବା ପାଇଁ ଶପଥ ନେଇଥିଲେ।

■ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ

## ଆଦିବାସୀ ବିଶ୍ୱବିଦ୍ୟାଳୟରେ ପରିଣତ ପ୍ରସ୍ତାବକୁ ସ୍ୱାଗତ

**ସୁନ୍ଦରଗଡ଼, ୧୭।୭ (ଡି.ଏନ୍.ଏ)**

ଆଦିବାସୀ ବହୁଳ ସୁନ୍ଦରଗଡ ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟକୁ ଆଦିବାସୀ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ ସ୍ଥାନୀୟ ବିଧାୟିକା କୁସୁମ ଟେଟେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କୁ ସାକ୍ଷାତ କରି ପ୍ରସ୍ତାବ ରଖିଛନ୍ତି। ବିଧାୟିକାଙ୍କ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇ ପ୍ରଶଂସା କରାଯାଇଛି। ଏହି ଖବର ପ୍ରସାରିତ ହେବାପରେ ସରକାରୀ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀ, ଛାତ୍ର, ଅଭିଭାବକ ତଥା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ବୁଧବାର ଅପରାହ୍ନରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ କିଶୋର କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଯୋଗଦେଇ ବିଧାୟିକାଙ୍କ ଏହି ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି। ଏଥିସହ ବୈଠକରେ ବିଧାୟକଙ୍କ ଏଭଳି ପଦକ୍ଷେପ ପାଇଁ ଏକ ଧନ୍ୟବାଦ ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଛି। ସ୍ଥାନୀୟ ଅଧିବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ କେନ୍ଦ୍ର ସରକାର ମଧ୍ୟ ଏ ଦିଗରେ ଅନୁକୂଳ ମନୋଭାବ ପୋଷଣ କରିବେ ବୋଲି ଅଧ୍ୟକ୍ଷ ଡଃ ଦାଶ ମତପ୍ରକାଶ କରିଛନ୍ତି।



ମହାବିଦ୍ୟାଳୟରେ ଅନୁଷ୍ଠିତ ବୈଠକରେ ଅଧକ୍ଷ, ଅଧାପିକା, ଅଧାପକ ଓ ଅନ୍ୟ କର୍ମଚାରୀ।

## ଶିକ୍ଷୟିତ୍ରୀ ଶିକ୍ଷକ ୨ମାସର ଦରମା ପାଇବାରୁ ବଞ୍ଚିତ

**ବାଲିଶଙ୍କରା, ୧୭।୭ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକର କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକ ୨ ମାସ ହେବ ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାଦ୍ୱାରା ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଏହି ବ୍ଲକରେ ୪୦୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟ କରିଥାନ୍ତି। ସେମାନେ ଅଭିଯୋଗ କରିଛନ୍ତି କି ଆଷାଢ଼ ମାସରେ ରଥଯାତ୍ରା ସମୟେ ପିଲାଛୁଆ ମାନଙ୍କୁ କପଡା କିଣାଯାଇଥାଏ। ଏଥିରୁ ବଞ୍ଚିତ ବାକିଆ ଦୋକାନୀ ମାନେ ବିଳମ୍ବ ହେଉଥିବାରୁ ବାକିଆ ଦେବାପାଇଁ ବାରଣ କରୁଛନ୍ତି। ଏପରି ସ୍ଥଳେ କିପରି ପରିବାର ଚଳାଇବେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଚିନ୍ତାରେ ଅଛନ୍ତି। ତୁରନ୍ତ ଦରମା ଦେବା ପାଇଁ ସେମାନେ ଦାବି କରିଛନ୍ତି।

## ବିଦ୍ୟାଳୟ କ୍ରୀଡ଼ା ସମୀକ୍ଷା ବୈଠକ

**ଲେଫ୍ରିପଡା,୧୭।୭(ଡି.ଏନ.ଏ)**

ଲେଫ୍ରିପଡା ଜୟରାମ ହାଇସ୍କୁଲଠାରେ ବିଦ୍ୟାଳୟ କ୍ରୀଡା ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟରାମ ହାଇସ୍କୁଲ ପ୍ରଧାନଶିକ୍ଷକ ଦେବେନ୍ଦ୍ର ସା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ଜିଲା ଶାରିରୀକ ନୀରିକ୍ଷକ ବିଦ୍ୟାଧର ପ୍ରଧାନ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଲେଫ୍ରିପଡା ବ୍ଲକ୍ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ ଯୋଗଦାନ କରି ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ କ୍ରୀଡା ମଧ୍ୟରେ ରହିଥିବା ନୀବିଡ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ବୈଠକରେ ବିଗତ ବର୍ଷରୁ ବିଦ୍ୟାଳୟଗୁଡ଼ିକରେ କେଉଁ କେଉଁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ କ୍ରୀଡାର ବିକାଶ କେତେ ଦୂର ହୋଇଛି ଉକ୍ତ ବୈଠକରେ ସମୀକ୍ଷା କରାଯାଇଥିଲା। ଏଥିରେ ଟାଙ୍ଗରପାଲି, ହେମଗିର ଏବଂ ଲେଫ୍ରିପଡା ବ୍ଲକରେ ଥିବା ସମସ୍ତ ହାଇସ୍କୁଲର ଖେଳ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ।




ବିଦ୍ୟାଳୟ କ୍ରୀଡ଼ା ସମୀକ୍ଷା ବୈଠକରେ ମଞ୍ଚାସୀନ ଅଧିକାରୀ, ଅତିଥି।

## ବାଇକ୍ -ସାଇକେଲ ଧକ୍କା : ୪ ଗୁରୁତର

**ବଡଗାଁ, ୧୭।୭ (ଡି.ଏନ.ଏ)**

ବଡଗାଁ ଥାନା ଅନ୍ତର୍ଗତ ଗରିଆମାଲ ଗାଁ ନିକଟ ଏସ୍‌ଏଚ-୧୦ ଗଡାଣିଠାରେ ବୁଧବାର ରାତି ୯ଟାରେ ଦୁର୍ଘଟଣା ଘଟିଛି। ବିପରିତ ରାସ୍ତାରେ ବାଇକରେ ଯାଉଥିବା ବାଇକ ଚାଳକ ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବାଇକ ଚାଳକ ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ମହୁଲପାଲି ଗ୍ରାମର ବାବୁଲାଲ ଧାନ (୨୦), ଆରୋହୀ ଜ୍ଞାନ ପ୍ରକାଶ ମାଝୀ (୨୧) ଓ ସାଇକେଲ ଚାଳକ ବଡଗାଁ ଥାନା ଗଙ୍ଗାଜଳ ଗ୍ରାମର ଡମ୍ବରୁଧର ନାଏକ (୨୨) ଓ ଆରୋହୀ ଗଡପୋଷ ଗ୍ରାମର ହେମନ୍ତ ଚୌଧୁରୀ। ଏମାନେ ଗରିଆମାଲ ସ୍ଥିତ ଏକ କାରଖାନାରେ କାମ ସାରି ଫେରୁଥିଲା ବେଳେ ଦୁର୍ଘଟଣା ହୋଇଥିଲା। ବଡଗାଁରେ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ ମେଡିକାଲ ପଠାଯାଇଛି।

■ ସୀମାନ୍ତରେ ଫୁଟବଲ ପ୍ରତିଯୋଗିତା

# ଛତିଶଗଡ଼ର ଟପକରା ଦଳ ବିଜୟୀ

**ବାଲିଶଙ୍କରା, ୧୭।୭ (ଡି.ଏନ.ଏ.)**

ବାଲିଶଙ୍କରା ବ୍ଲକର ଲୁଲକିଡିହି ଗ୍ରାମରେ ନିୟୁ ୟଥ କ୍ଲବ ତରଫରୁ ସୀମାନ୍ତ ଫୁଟବଲ ପ୍ରତିଯୋଗିତା ବୁଧବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ୮ଟି ଦଳ ମଧରେ ଖେଳ ହୋଇଥିବାବେଳେ ପ୍ରଥମ ମ୍ୟାଚ ଲୁଲକିଡ଼ିହି ଏକାଦଶ ଓ ଛତିଶଗଡ଼ର ଟପକରା ଦଳ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟପକରା ଦଳ ଲୁଲକିଡ଼ିହିକୁ ୨ ଗୋଲ ଦେଇ ବିଜୟୀ ହୋଇଥିଲା। ଓଡ଼ିଶା ସୀମାନ୍ତରେ ହେଉଥିବା ଏହି ଫୁଟବଲ ପ୍ରତିଯୋଗିତାରେ ଓଡ଼ିଶା, ଛତିଶଗଡ, ଝାଡ଼ଖଣ୍ଡର ୩୨ଟି ଫୁଟବଲ ଦଳ ଭାଗ ନେବେ। ୪ଦିନ ଧରି ଖେଳ ହୋଇ ୨୧ରେ ଫାଇନାଲ ଖେଳ ହେବ। ବୁଧବାର ପ୍ରଥମ ଦିବସ ଖେଳକୁ ନିୟୁ ୟଥ କ୍ଲବର ସଭାପତି ତଥା ସାମାଜିକ କର୍ମୀ ଅରୁଣ କୁମାର ଗୁପ୍ତା ଉଦ୍‌ଘାଟନ କରିଥିଲେ। ଖେଳ ଦ୍ୱାରା ରାଜ୍ୟ ରାଜ୍ୟଭିତରେ ଭାଇଚାରା ବୃଦ୍ଧି ପାଇଥାଏ ବୋଲି ସେ କହିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ବୀରେନ୍ଦ୍ର ମାଝି, ସରୋଜ ମାଝି, ଆଶିଷ ସୋରେଙ୍ଗ, ବସନ୍ତ ଦୁଆ, ପ୍ରମୁଖ ଯୋଗଦେଇଥିଲେ। ଶାନ୍ତିଶୃଙ୍ଖଳା ସହ ଖେଳିବାକୁ ପରାମର୍ଶ ଦେଇଥିଲେ। ଖେଳ ପରିଚାଳନା କରିଥିଲେ ପ୍ରଦୀପ ମାଝି, ସୁଶାନ୍ତ ଖାଲଖୋ, ଆଶିଷ ମିଞ୍ଜ। ଏହା ସୀମାନ୍ତ ଅଞ୍ଚଳରେ ପ୍ରଥମ ହେଉଥିବାରୁ ୩ ପଞ୍ଚାୟତ ବାସୀ ଖେଳ ଦେଖିବାକୁ ଭିଡ଼ ଜମାଇଛନ୍ତି।




ଅତିଥିଙ୍କ ଗହଣରେ ଲୁଲକିଡ଼ିହି ଏକାଦଶ ଓ ଟପକରା ଦଳର ଖେଳାଳିମାନେ।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ

## ସଂକ୍ଷେପରେ

### ସ୍କୁଲ ପଙ୍ଖା ଚୋରି କରିନେଲେ ଦୁର୍ବୃତ୍ତ

**ବରଗଡ଼ ଅଫିସ୍, ୧୭।୭:** ବରଗଡ଼ ଟାଉନ ଥାନା ପୋଲିସ ସହର ଉପକଣ୍ଠ ତୋରା ହାଇସ୍କୁଲର ପଙ୍ଖା ଚୋରି ଘଟଣାର ପର୍ଦ୍ଦାଫାଶ କରିଥିବାବେଳେ ପୋଲିସକୁ ଚ୍ୟାଲେଞ୍ଜ କଲା ଭଳି ମଙ୍ଗଳବାର ରାତ୍ରିରେ ସ୍ଥାନୀୟ ମାଷ୍ଟରଟିକ୍ରା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରୁ ୫ଟି ପଙ୍ଖା ଚୋରି ହୋଇଛି। ବୁଧବାର ଏହି ଘଟଣା ଜଣାପଡିବା ପରେ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ତ୍ରିପାଠୀ ଏ ନେଇ ଟାଉନ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି । ପ୍ରଧାନଶିକ୍ଷୟିତ୍ରୀଙ୍କଠାରୁ ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତନାଘନା ଚଳାଇଛି । ତେବେ ରିପୋର୍ଟ ଲେଖାହେବା ସୁଦ୍ଧା (ରାତି ସାଢେ ୧୦ଟା) ଚୋରି ଅଭିଯୁକ୍ତ ଗିର ହୋଇନାହାନ୍ତି କି ଚୋରି ସାମଗ୍ରୀ ଉଦ୍ଧାର ହୋଇନାହିଁ । ପ୍ରକାଶଥାଉକି, ପୂର୍ବରୁ ଉକ୍ତ ସ୍କୁଲରୁ ମଧ୍ୟାହ୍ନଭୋଜନ ପାଇଁ ରହିଥିବା ୨୨ପ୍ୟାକେଟ୍ ଚାଉଳ ଚୋରି ହୋଇଥିବା ବେଳେ ଦୁର୍ବୃତ୍ତମାନେ ପାଇପ୍ ଲାଇଟ୍ କାଟି ନେଇ ଯାଇଥିଲେ। ବର୍ତ୍ତମାନ ସୁଦ୍ଧା ଏହି ଘଟଣାର ଅଭିଯୁକ୍ତମାନେ ଧରାପଡ଼ି ନାହାନ୍ତି। ଏଭଳି ଚୋରି ଘଟଣା ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି ।

### ଶିରିଡ଼ି ସାଇ ମନ୍ଦିରରେ ବିବିଧ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୭।୭(ବ୍ୟୁରୋ):** ସମ୍ବଲପୁର ଶାନ୍ତିନଗରସ୍ଥିତ ଶ୍ରୀ ସାଇଚରଣ ମନ୍ଦିରରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାତଃରେ କାକଡ଼ ଆରତି, ମହାଭିଷେକ ପୂଜା, ଷୋଡ଼ଶ ଉପଚାର ପୂଜା, ଭିକ୍ଷା, ନାରାୟଣ ସେବା, ଗୁରୁ ଭାଗବତ ପାଠ ଓ ଭଜନ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଅନାଥାଶ୍ରମ ବାଳିକା ବାଳକମାନଙ୍କୁ ପାଠ୍ୟପୁସ୍ତକ, ସ୍କୁଲ ପୋଷାକ, ଛତା ବଣ୍ଟନ କରାଯାଇଥିଲା। ମନ୍ଦିର ଟ୍ରଷ୍ଟର ସ୍ୱାଗତା ଷଡ଼ଙ୍ଗୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଗୁରୁ ଗୋପାଳ ଚରଣ ନାୟକଙ୍କ ପରିଚାଳନା ଓ ସୁରେନ୍ଦ୍ର ବାଗଙ୍କ ସହଯୋଗରେ ଭଜନ ସମାରୋହ ହୋଇଥିଲା। ଏଥିରେ ସହରର ବିଭିନ୍ନ ଅଞ୍ଚଳରୁ ଭକ୍ତଙ୍କ ସମାଗମ ହୋଇଥିଲା।

### ଗୁରୁପୂର୍ଣ୍ଣିମା ଉତ୍ସବ

**ସମ୍ବଲପୁର, ୧୭।୭(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଛି। ଏଥିରେ ଗୌରାଙ୍ଗ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁରୁଶିଷ୍ୟ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରତାପ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଜ୍ଞାନେନ୍ଦ୍ରୀୟ ଦାସ, ବୈକୁଣ୍ଠ ନାଗ, ରଞ୍ଜନ ଦାଶ, ମମତା ଗଉଡ଼, ସଙ୍ଗୀତା ଚୌଧୁରୀ, ସ୍ୱାଗତିକା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ରେଙ୍ଗାଲି, ୧୭।୭(ଡି.ଏନ୍.ଏ.):** ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଗୁରୁପୂର୍ଣ୍ଣିମା ପାଳନ କରାଯାଇଛି। ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପରିସରରେ ବରିଷ୍ଠ ନାଗରିକ ପରିଷଦ ସଭାପତି ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱ ତଥା ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣିଙ୍କ ସଞ୍ଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭଗବାନ ଶିବଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ବ୍ୟାସଦେବଙ୍କ ବାଣୀ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୁଧାସାଗର ପ୍ରଧାନ, ଦିବ୍ୟ ବେହେରା, ରାଜାରାମ ମାହାଣା, ବିହାରୀ କୁମାର, ସାଲେଗ୍ରାମ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବିଫଳତା ହିଁ ସଫଳତା ଆଣିଦିଏ

**ସମ୍ବଲପୁର, ୧୭।୭ (ବ୍ୟୁରୋ)**

ଜୀବନରେ ବିଫଳତା ଆସିଥାଏ। ବିଫଳତାକୁ ବିଶ୍ଳେଷଣ କରିବା ଜରୁରୀ। ବିଶ୍ଳେଷଣ ପରେ ସଫଳତା ନିଶ୍ଚୟ ମିଳିଥାଏ । ତେଣୁ ଛାତ୍ରୀମାନେ ବିଫଳତାକୁ ନେଇ ହତୋତ୍ସାହିତ ନ ହୋଇ କଠିନ ପରିଶ୍ରମ ଓ ବିଶ୍ଳେଷଣ ବଳରେ ସଫଳତାର ସ୍ୱାଦ ଚାଖିବାକୁ ଲକ୍ଷ୍ୟ ରଖିବା ଉଚିତ । ସମ୍ବଲପୁର ସରକାରୀ ମହିଳା କଲେଜ ୬୧ତମ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଏହା କହିଛନ୍ତି । ଛାତ୍ରୀମାନେ କଠିନ ପରିଶ୍ରମ, ଏକାଗ୍ରତା, ମନୋଭାବ, ଧର୍ଯ୍ୟ ରଖି କ୍ଷଣକ୍ରୋଧରୁ ଦୂରେଇବା, ଆତ୍ମକେନ୍ଦ୍ରୀ ନ ହୋଇ ଦଳଗତ ପ୍ରତି ନିଷ୍ଠାବାନ ହେଲେ ମେଧାବି ହୋଇପାରିବେ। ତେବେଯାଇ ସଫଳତାର ଶୀର୍ଷ ପାହାଚରେ ପହଞ୍ଚି ପାରିବେ ବୋଲି ସେ ପରାମର୍ଶ ଦେଇଛନ୍ତି। ଅପରପକ୍ଷେ ପଶ୍ଚିମ ଓଡିଶାର ସର୍ବପୁରାତନ ସରକାରୀ ମହିଳା କଲେଜକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ଲାଗି ସମସ୍ତ ସ୍ତରରେ ଉଦ୍ୟମ ଆବଶ୍ୟକତା ରହିଛି। ଏଥିସହ ନିଜେ କୁଳପତି ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରଫେସର ବେହେରା କହିଛନ୍ତି ।

କଲେଜ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ଉତ୍ସବରେ ଅଧକ୍ଷତା କରି କହିଥିଲେ ଯେ, ୧୯୫୯ ମସିହାରେ ନାରୀ ଶିକ୍ଷାକୁ ଦୃଷ୍ଟିରେ ରଖି ଏହି କଲେଜ ସ୍ଥାପିତ ହୋଇଥିଲା । ତେଣୁ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଯୁକ୍ତିଯୁକ୍ତ। ଏଥିପାଇଁ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ସହରର ବୁଦ୍ଧିଜୀବୀ, ଶିକ୍ଷାବିତଙ୍କ ସହଯୋଗ ଜରୁରୀ ବୋଲି ସେ ମତପ୍ରକାଶ କରିଥିଲେ । ଏହି ଅବସରରେ ଯୁକ୍ତ ୨ କଳା ବିଭାଗ ଛାତ୍ରୀ ସୁଶ୍ରୀ ଦିବ୍ୟା ସା, ବିଜ୍ଞାନ ଛାତ୍ରୀ ତନୁଶ୍ରୀ ବଡ଼େଇ, ବାଣିଜ୍ୟ ଛାତ୍ରୀ ନିଧି ସିଂ, ଯୁକ୍ତ ୩ କଳା ଛାତ୍ରୀ ମନ୍ଦାକିନୀ ବାଦି ଓ ବିଜ୍ଞାନ ଛାତ୍ରୀ ବବିତା ମେହେରଙ୍କୁ ପୁରସ୍କୃତ କରିବା ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଡ. ଉମାଶଙ୍କର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ. ଅନ୍ନପୂର୍ଣ୍ଣା ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରି ଧନ୍ୟବାଦ ଅର୍ପଣ କରିଥିଲେ । ରାଜକିରନ ମିଶ୍ର ଓ ଅନ୍ନପୂର୍ଣ୍ଣ ଆଚାର୍ଯ୍ୟ ମନ୍ତ୍ରପାଠ କରିଥିଲେ। ଯୋଗେଶ ଚନ୍ଦ୍ର ଭୋଇ ମାନପତ୍ର ପାଠ କରିଥିବା ବେଳେ ଅଧ୍ୟାପକ ଅଖିଳ ବିଶ୍ୱାଳ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । କଲେଜର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଶଶାଙ୍କଶେଖର ନନ୍ଦ, ଡ. ସନ୍ତୋଷ କୁମାର ଦାସ, ସ୍ମୃତିସୁଦ୍ଧା ତ୍ରିପାଠୀ, ଡ. ନନ୍ଦକିଶୋର ଦେବତା, ଅଧ୍ୟାପକ ପ୍ରଫୁଲ୍ଲ ହୋତା, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ହେମ କୁମାର ନାୟକ, ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ପ୍ରଶାସକ ରଘୁନାଥ ମିଶ୍ର, ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ ଅଧକ୍ଷ ଡ. ହରିଶଙ୍କର ସାହୁ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।





ସମ୍ବଲପୁର ସରକାରୀ ମହିଳା କଲେଜ ପ୍ରତିଷ୍ଠା ଦିବସ ଉତ୍ସବରେ ବୁଧବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି (ବାମ) । କଲେଜ ପ୍ରତିଷ୍ଠା ଦିବସ ଉତ୍ସବରେ ଛାତ୍ରୀମାନେ ମନ୍ତ୍ରପାଠ କରୁଛନ୍ତି ।

**ସରକାରୀ ମହିଳା କଲେଜ ପ୍ରତିଷ୍ଠା ଦିବସ**

ନାବାଳିକାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

## ବାଳସୁଧାର ଗୃହ ଗଲେ ଅଭିଯୁକ୍ତ ନାବାଳକ

**ସମ୍ବଲପୁର, ୧୭।୭(ବ୍ୟୁରୋ)**

ସମ୍ବଲପୁର ଜିଲା କତବଗା ଥାନା ଅଞ୍ଚଳର ଏକ ଗ୍ରାମରେ ଜଣେ ନାବାଳିକାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଜୁଭେନାଲ ଜଷ୍ଟିସ କୋର୍ଟରେ ହାଜର ହୋଇଥିବା ଅଭିଯୁକ୍ତ ନାବାଳକଙ୍କୁ ବୁଧବାର ରାଉରକେଲା ବାଳ ସ୍ୱଧାର ଗୃହକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ଜିଲା ରେଡକ୍ରସ ସଂପାଦକ ଜୟ ଜର୍ଜ, ସଦସ୍ୟା ପ୍ରମିଳା ବେହେରା, ପ୍ରଶାନ୍ତ ପଣ୍ଡା ପ୍ରମୁଖ ନାବାଳିକାଙ୍କୁ ଭେଟି ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଦେଇଛନ୍ତି ।

ଗତ ସୋମବାର ନାବାଳିକା ଜଣକ ତାଙ୍କ ବାପାଙ୍କ ସହ ନିଜ ପୋଟଳ ବାରିକୁ ଯାଇଥିଲେ। କିଛି ସମୟ ଗଲାପରେ ବାପା ବ୍ୟାଙ୍କ କାମ ଅଛି କହି ଚାଲି ଆସିଥିଲେ । ମାଆ ପୋଟଳ ବାରିକୁ ଗଲାପରେ ସେଠାରେ ଝିଅକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖିବାକୁ ପାଇଥିଲେ। ପ୍ରଥରେ ରେଙ୍ଗାଲି ମେଡିକାଲ ଓ ପରେ ବୁର୍ଲା ମେଡିକାଲ ନେଇଥିଲେ। ପରିବାର ବର୍ଗଙ୍କ ଅଭିଯୋଗ କ୍ରମେ କତରବଗା ଥାନାରେ ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ନାବାଳିକା ସୁସ୍ଥ ହେବା ପରେ ବୟାନ ରେକର୍ଡ କରାଯିବ । ଘଟଣା ସ୍ଥଳରେ ମଙ୍ଗଳବାର ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରି ବିଭିନ୍ନ ନମୁନା ସଂଗ୍ରହ କରିଛନ୍ତି। ରକ୍ତ ଭିଜା ପଥର ଉଦ୍ଧାର ହୋଇଛି। ଏଠାରେ ପ୍ରକାଶଯୋଗ୍ୟ, ୧୭ ବର୍ଷିୟା ନାବାଳକ ଜଣକ ନାବାଳିକାଙ୍କୁ ଏକୁଟିଆ ଦେଖି ବଳତ୍କାର ଉଦ୍ୟମ କରିଥିଲେ। ହେଲେ ନାବଳିକା ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ନାବାଳକ ତାଙ୍କୁ ପଥରରେ ଛେଚି ଆକ୍ରମଣ କରିଥିଲେ । ଏହି ଘଟଣାରେ ପୋଲିସ ପୂର୍ବରୁ ଦଫା ୩୦୭ରେ ମାମଲା (ନଂ.୯୬/୧୯) ରୁଜୁ କରିଥିଲା। ଏବେ ଏଥିରେ ଦଫା ନଂ ୩୭୬, ୫୧୧, ୯ (ଆର) ପୋକ୍ସୋ ଆକ୍ଟ ଯୋଡି ହୋଇଛି।

### ଡିଡିୟୁଜିକେୱାଇ ପ୍ରସ୍ତୁତି ବୈଠକ

**ରେଢ଼ାଖୋଲ, ୧୭।୭(ଡି.ଏନ.ଏ.)**

ରେଢ଼ାଖୋଲ ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (ଡିଡିୟୁଜିକେୱାଇ)ର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷା କବିତା ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୩୦ ତାରିଖ ବ୍ଲକରେ ଅନୁଷ୍ଠିତ ହେବାକୁ ଥିବା ବ୍ଲକସ୍ତରୀୟ ନିଯୁକ୍ତି ଶିବିର ପାଇଁ ଏଥିରେ ଆଲୋଚନା କରାଯାଇଥିଲା। ବିଡିଓ ପରିକ୍ଷୀତ ସାହୁ, ସମ୍ବଲପୁର ଓରମାସର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମନ୍ତ ହୋତା, ଜିଲା ଦକ୍ଷତା କୌଶଳ ସଂଯୋଜକ ରଶ୍ମିରଞ୍ଜନ ପତି, ପ୍ରଗତି ସହାୟକ କିଶୋର କୁମାର ପାତ୍ର, ବ୍ଲକ ସଂଯୋଜକ ଆଶିଷ ଚାନ୍ଦ, ବିଜୁ ଯୁବ ବାହିନୀ ସଂଯୋଜକ ଭକ୍ତବନ୍ଧୁ ବେହେରା, ସରପଞ୍ଚ, ଭିଆରପି, ଜିଆରଏସ, ବିଜୁ ଯୁବବାହିନୀ ସଦସ୍ୟ ଉପସ୍ଥିତ ଥିଲେ ।



ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ସମଶାଦ ଅଲ୍ଲିଙ୍କୁ ପୁରସ୍କୃତ କରୁଛନ୍ତି।

### ରେଳ କର୍ମଚାରୀ ପୁରସ୍କୃତ

**ସମ୍ବଲପୁର, ୧୭।୭(ବ୍ୟୁରୋ)**

ସମ୍ବଲପୁର ରେଳମଣ୍ଡଳ ଡୁଙ୍ଗୁରିପାଲି ଷ୍ଟେଶନରେ କାର୍ଯ୍ୟରତ ଟ୍ରାକ୍ ମେଣ୍ଟେନର୍ ସମଶାଦ୍ ଅଲ୍ଲିଙ୍କୁ ପୁରସ୍କୃତ କରାଯାଇଛି। ନିରାପତ୍ତା ପ୍ରତି ସଚେତନତା ଓ କାର୍ଯ୍ୟପ୍ରତି ସମର୍ପଣ ଯୋଗୁ ସେ ଏକ ମାଲବାହୀ ଟ୍ରେନର ହଟ୍ ଆକ୍ସିଲକୁ ଚିହ୍ନଟ କରିପାରିଥିଲେ। ଫଳରେ ଏକ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥିଲା। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ତାଙ୍କୁ ପ୍ରଶଂସାପତ୍ର, ଅର୍ଥରାଶି ଦେଇ ପୁରସ୍କୃତ କରିଛନ୍ତି।

## ପତଞ୍ଜଳି ଯୋଗ କେନ୍ଦ୍ରରେ ଗୁରୁପୂର୍ଣ୍ଣିମା

**ସମ୍ବଲପୁର, ୧୭।୭(ବ୍ୟୁରୋ)**

ହୀରାକୁଦ କଲୋନୀସ୍ଥିତ ପତଞ୍ଜଳି ଯୋଗ କେନ୍ଦ୍ରରେ ଗୁରୁପୂର୍ଣ୍ଣିମା ଉତ୍ସବ ସମ୍ବଲପୁର ପାଳିତ ହୋଇଯାଇଛି। ସକାଳ ସାଢ଼େ ୫ଟାରେ ହୋମଯଜ୍ଞ, ୬ଟାରେ ସାମୂହିକ ଯୋଗ, ୮ଟାରେ ଯୋଗାଭ୍ୟାସ ହୋଇଥିଲା। ଯୋଗକେନ୍ଦ୍ର ପ୍ରଶିକ୍ଷିକା ତଥା ପତଞ୍ଜଳି ଯୋଗ ସମିତି ରାଜ୍ୟ ପ୍ରଭାରୀ ଜେ. ଗିରିଜାଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୋଗଗୁରୁ ରାମଦେବଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରାଯାଇଥିଲା। ଡା. କ୍ଷୀରୋଧର ନାୟକ ମୁଖ୍ୟ ଅତିଥି, ରୋଟାରି କ୍ଲବ ସମ୍ପାଦକ ଚନ୍ଦ୍ରଶେଖର ସାହା, ମାରୱାଡି ମହିଳା ସମିତି ଅଧକ୍ଷା ଅରୁଣା ସାହା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଦ୍ମିନୀ ମୁଣ୍ଡା, ପ୍ରଶାନ୍ତ ମେହେର, ପରୀ ଅଗ୍ରୱାଲ, ସୁସ୍ମିତା ଓରାମଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଶାନ୍ତ ସାହୁ, ପଙ୍କଜିନୀ ରାଓତ, ସୂର୍ଯ୍ୟ ସାହୁ, ମୁନୁକାନ୍ତି ପଟେଲ, ରିଙ୍କି ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସମ୍ବଲପୁର ପତଞ୍ଜଳି ଯୋଗ କେନ୍ଦ୍ରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳନ କରାଯାଉଛି।

ଗିରିପାଲି ଏସ୍‌ଟି ବାଳକ ହଷ୍ଟେଲ କୋଠା ନିର୍ମାଣ

## ୭ ବର୍ଷ ପରେ ବି ସରୁନି କାମ

**ସମ୍ବଲପୁର, ୧୭।୭(ବ୍ୟୁରୋ)**

ଯୁଯୁମୁରା ବ୍ଲକ କୁକୁଡ଼ାପାଲି ପଞ୍ଚାୟତ ଗିରିପାଲି ଗ୍ରାମରେ ୨୦୧୨ରେ ଏସ୍‌ଟି ବାଳକମାନଙ୍କ ପାଇଁ ଏକ ହଷ୍ଟେଲ ନିର୍ମାଣ କାମ ଆରମ୍ଭ କରାଯାଇଥିଲା। ଡିଆର୍‌ଡିଏ ପକ୍ଷରୁ କାମ ହାତକୁ ନିଆଯାଇଥିଲା। ହେଲେ ଇତିମଧ୍ୟରେ ୭ ବର୍ଷ ବିତିଯାଇଥିଲେ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇନାହିଁ। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଠିକାଦାର ମନମୁଖି କାମ ଓ ଅଧିକାରୀଙ୍କ ଅବହେଳା ଯୋଗୁ କାମ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ଏପରି କି ନିମ୍ନ ମାନର କାମ କରାଯାଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଏବେ ଏହା ଭୂତକୋଠି ଭଳି ପଡ଼ିରହିଛି। ଏହାର ଚାରିପାଖ ଅନାବନା ଗଛଲତାରେ ପରିପୂର୍ଣ୍ଣ ହେଲାଣି। କବାଟ, ଝରକା ଲଗାଯାଇଥିଲେ ମଧ୍ୟ ତାହାର ସ୍ଥିତି ଠିକ୍ ନାହିଁ। ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି କୋଠା ନିର୍ମାଣ ହେଲେ ଏଠାରେ ୧୦୦ ଛାତ୍ର ରହି ପାଠ ପଢ଼ିପାରିବେ। କୁସମପୁରି, ଲଖମନୀ, କୁକୁଡ଼ାପାଲି, ବର୍ଷାପାଲି, ଢୁମାଳପଦର ସହ ବ୍ଲକର ବିଭିନ୍ନ ସ୍ଥାନରୁ ପିଲାମାନେ ରହି ପାଠ ପଢ଼ିବା ସୁବିଧା ପାଇପାରିବେ। ଏହା ସହ ସରକାର ଦେଉଥିବା ଅନ୍ୟାନ ସୁବିଧା ଲାଭ କରିପାରିବେ। ହେଲେ କାମ ସରୁ ନ ଥିବାରୁ ପାଠପଢ଼ାରେ ସମସ୍ୟା ହେଉଛି। ଏହି ସ୍କୁଲରେ ଏବେ ୧୧୨ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ହଷ୍ଟେଲ ହେଲେ ସେମାନଙ୍କ ମଧ୍ୟରୁ ମଧ୍ୟ କେତେଜଣ ଛାତ୍ର ହଷ୍ଟେଲରେ ରହି ପାଠ ପଢ଼ିବେ।

ସୂଚନାଯୋଗ୍ୟ, ଲୋକଙ୍କ ଦୀର୍ଘଦିନର ଦାବି ପରେ ସ୍କୁଲ ପରିସରରେ ଏହି ହଷ୍ଟେଲ ନିର୍ମାଣ ଆରମ୍ଭ କରାଯାଇଥିଲା। ଏଥିପାଇଁ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିଲା। ଟେଣ୍ଡର କରାଯାଇ ଠିକାଦାର ନିଯୁକ୍ତ ହୋଇଥିଲେ। ହେଲେ ଆରମ୍ଭରୁ ନିର୍ମାଣ କାମ ବିଳମ୍ବ ହୋଇଥିଲା। କୋଠାର କିଛି ଅଂଶ କାମ କରି ଠିକାଦାର କାମ ବନ୍ଦ କରିଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପରେ ପୁଣି କାମ ଆରମ୍ଭ କରାଯାଇଥିଲା। ଛାତ ପକାଇ କବାଟ, ଝରକା ଲଗାଯାଇଥିଲା। ପାଣି ଯୋଗାଣ ପାଇଁ ପାଇପ୍ ସଂଯୋଗ ହୋଇଥିଲା। ହେଲେ ଏବେ କାମ ପୁଣି ବନ୍ଦ ହୋଇରହିଛି। ଏ ସମ୍ପର୍କରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀଙ୍କୁ ପଚାରିବାରୁ କହିଲେ, ଡିଆର୍‌ଡିଏ ପକ୍ଷରୁ ପ୍ରକଳ୍ପ ପାଇଁ ଅନୁଦାନ ମଞ୍ଜୁର ହୋଇଛି। ବ୍ଲକ ପ୍ରଶାସନ ଟେଣ୍ଡର କରି କାମର ତଦାରଖ କରୁଛି। କାମ ବିଳମ୍ବ ହେବା ଉଚିତ ନୁହେଁ। ତେବେ ବିଳମ୍ବ ପଛରେ କି କାରଣ ରହିଛି ତାହା ଯାଞ୍ଚ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତ୍ରିପାଠୀ କହିଥିଲେ।



ସମ୍ବଲପୁର ଜିଲା ଗିରିପାଲି ହାଇସ୍କୁଲ ପରିସରରେ ଅସମ୍ପୂର୍ଣ୍ଣ ହଷ୍ଟେଲ କୋଠା।

## ଫଟୋରେ ଖବର







ସମ୍ବଲପୁର ସାଇମନ୍ଦିରରେ ପିଲାମାନଙ୍କୁ ପାଠ୍ୟପୁସ୍ତକ, ଛତା ବଣ୍ଟନ କରାଯାଉଛି (ବାମ)। ସମ୍ବଲପୁର ଶାନ୍ତିନଗର ସାଇମନ୍ଦିରରେ ପ୍ରସାଦ ବଣ୍ଟନ କରାଯାଉଛି (ମଝି)। ସମ୍ବଲପୁର ନାରୀବନ୍ଦୀ ନିକେତନରେ ଏଡ୍‌ସ ପରୀକ୍ଷା ଓ ସଚେତନତା ଶିବିର ଚାଲିଛି।

## ସଂକ୍ଷେପରେ

### ବଜ୍ରପାତରେ ଦମ୍ପତି ସମେତ ୩ ମୃତ, ଜଣେ ଗୁରୁତର

କେନ୍ଦୁଝର/ଢେଙ୍କିକୋଟ, ୧୭।୭ (ସ୍ୱ.ପ୍ର.) ହରିଚନ୍ଦନପୁର ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ଅପରାହ୍ଣରେ ବଜ୍ରପାତ ଘଟି ଏକ ଦମ୍ପତି ସମେତ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବୁଧବାର କେତେକ ମହିଳା ଓ ପୁରୁଷ ଚାଷୀ ବିଲକୁ କାମ କରିବାକୁ ଯାଇଥିଲେ। ହଠାତ ବର୍ଷା ହେବା ପରେ ବଜ୍ରପାତ ହେବାରୁ ବିଲରେ କାମ କରୁଥିବା ବଡଶିଆଡିମାଳ ଗ୍ରାମର ଚୈତନ୍ୟ ମହାନ୍ତ (୫୦) ଓ ତାଙ୍କ ସ୍ତ୍ରୀ ମୀନା ମହାନ୍ତ (୪୫) ଟଳି ପଡିଥିଲେ। ଖବର ପାଇ ଅଗ୍ନିସେବାବାହିନୀ ସେମାନଙ୍କୁ ଉଦ୍ଧାର କରି ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଠାକୁରପଡ଼ା ଗ୍ରାମରେ ଅପରାହ୍ଣ ପ୍ରାୟ ୨ଟାରେ ବିଲରେ କାମ କରୁଥିବାବେଳେ ବର୍ଷା ହେବାରୁ କାମ କରୁଥିବା ମହିଳା ମାନେ ଘରକୁ ପଳାଇଯାଉଥିବା ବେଳେ ଜୟନ୍ତୀ ମହାନ୍ତ (୪୫) ଯାଇପାରି ନ ଥିଲେ। ଫଳରେ ବଜ୍ରପାତ ହେବାରୁ ତାଙ୍କୁ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଜଣେ କମଳାଙ୍ଗି ଗ୍ରାମର ଲାବଣ୍ୟବତୀ ମହାନ୍ତ ଆହତ ହୋଇ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଥିବା ଜଣାପଡିଛି। ପାଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବାସହ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଧନୀଙ୍କ ପସନ୍ଦ ଦୁବାଇ

## ସିଧା ବିମାନ ସେବା ପାଇଁ ଓଡ଼ିଶା ଆଗ୍ରହୀ

ଭୁବନେଶ୍ୱର,୧୭।୭(ବ୍ୟୁରୋ)

ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ର ପ୍ରମୁଖ ସହର ଦୁବାଇର ଦୃଢ଼ ଆର୍ଥିକ ବ୍ୟବସ୍ଥା, ଉଚ୍ଚତମ ଅଟ୍ଟାଳିକା, ଉନ୍ନତମାନର ଅନ୍ତଃରାଷ୍ଟ୍ରୀୟ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ, ସୌନ୍ଦର୍ଯ୍ୟଭରା ସମୁଦ୍ରକୂଳ, ବିକଶିତ ରାଷ୍ଟ୍ର ସହ ସମକକ୍ଷ ସାମାଜିକ ବିଧିବ୍ୟବସ୍ଥା ଗତ କିଛି ବର୍ଷ ହେଲା ଭାରତର ଧନିକ ଗୋଷ୍ଠୀକୁ ବେଶ୍ ଆକୃଷ୍ଟ କରିପାରିଛି। ବିଶେଷକରି ସୁନା ଓ ହୀରା ଅଳଙ୍କାର ବ୍ୟବସାୟ କ୍ଷେତ୍ରରେ ଦୁବାଇ ସାରା ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ସେଠାରେ ବ୍ୟବସାୟ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ବିଭିନ୍ନ ସୁବିଧା ମିଳିପାରୁଛି। ୨୦୦୪-୦୬ରେ ୟୁଏଇ ସରକାର ରିୟଲ ଇଷ୍ଟେଟ ବ୍ୟବସାୟରେ ବିଦେଶ ପୁଞ୍ଜି ନିବେଶକୁ ଅନୁମତି ପ୍ରଦାନ କରିଥିଲେ। ଆଉ ସେବେଠାରୁ ରିୟଲ୍ ଇଷ୍ଟେଟରେ ପୁଞ୍ଜି ନିବେଶ କରିବାପାଇଁ ଭାରତୀୟ ବେଶ୍ ଆଗ୍ରହ ପ୍ରକାଶ କରୁଛନ୍ତି। କାରଣ ଦୁବାଇ ସହରର ମୁଖ୍ୟ ସ୍ଥଳରେ ୧କକ୍ଷ ବିଶିଷ୍ଟ ଅତ୍ୟନ୍ତ ବିଳାସପୂର୍ଣ୍ଣ ଫ୍ଲାଟ ଭାରତୀୟ ମୁଦ୍ରା ୪୫ରୁ ୫୦ଲକ୍ଷ ମଧ୍ୟରେ ମିଳିଯାଇପାରୁଛି, ଯାହାକି ଭାରତର ମେଟ୍ରୋ ସହରରେ ମିଳୁଥିବା ଘର ମୂଲ୍ୟଠାରୁ ମଧ୍ୟ କମ୍। ରିୟଲ ଇଷ୍ଟେଟ ବ୍ୟବସାୟରେ କିପରି ପଶ୍ଚିମ ଏସୀୟ ରାଷ୍ଟ୍ରଗୁଡ଼ିକ ଅଧିକରୁ ଅଧିକ ପୁଞ୍ଜି ନିବେଶ କରିପାରିବେ ସେଥିପାଇଁ ଓଡ଼ିଶାରେ ମଧ୍ୟ ବିଭିନ୍ନ ବିଜ୍ଞାପନ ଓ ହୋର୍ଡିଂ ମାଧ୍ୟମରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ଦୁବାଇକୁ ବୁଲିବାକୁ ଯିବାକୁ ମଧ୍ୟ ଭାରତୀୟଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ୨୦୧୮ରେ ୨ନିୟୁତରୁ ଊର୍ଦ୍ଧ୍ୱ ଭାରତୀୟ ସେଠାକୁ ଗସ୍ତ କରିଥିବା ଜଣାପଡ଼ିଛି। ଏପରି କି ଦୁବାଇର ମୋଟ ଜନସଂଖ୍ୟାର ୩୫ପ୍ରତିଶତ କେବଳ ଭାରତୀୟ



ଅଛନ୍ତି। ମିଳିଥିବା ତଥ୍ୟ ଅନୁସାରେ ୨୦୧୩ରୁ ୨୦୧୭ ମଧ୍ୟରେ ୧,୩୮୭ ଭାରତୀୟ ନାଗରିକ ୟୁଏଇରେ ରିୟଲ ଇଷ୍ଟେଟରେ ପୁଞ୍ଜି ନିବେଶ କରିଛନ୍ତି। ସେଠାରେ ଭାରତୀୟଙ୍କ ସମ୍ପତ୍ତିର ମୂଲ୍ୟ ପ୍ରାୟ ଦେଢ଼ ହଜାର କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ୟୁଏଇରେ ଆୟକର ବ୍ୟବସ୍ଥା ନାହିଁ। ସେଥିପାଇଁ ସେଠାରେ ଚାକିରି ଓ ବ୍ୟବସାୟ କରିବା ପାଇଁ ସାରା ବିଶ୍ୱରୁ ଲୋକେ ଆଗ୍ରହ ଦେଖାଉଛନ୍ତି। ଏକ୍ଷେତ୍ରରେ ଭାରତ, ପାକିସ୍ତାନ, ବାଂଲାଦେଶର ନାଗରିକଙ୍କ ସଂଖ୍ୟା ଅପେକ୍ଷାକୃତ ଅଧିକ। ବିଶେଷକରି ପୁଞ୍ଜି ନିବେଶ କରିଥିବା ଭାରତୀୟଙ୍କ ମଧ୍ୟରେ ଅଧିକାଂଶ ବ୍ୟବସାୟୀ, ସିନେ ଜଗତ ସହ ସମ୍ପୃକ୍ତ ବ୍ୟକ୍ତିବିଶେଷ। ସେମାନେ ଆୟକର ଛାଡ଼ କିମ୍ବା କଳାଧନକୁ ଲୁଚାଇବା ପାଇଁ ୟୁଏଇକୁ ସୁରକ୍ଷିତ ସ୍ଥାନ ମଣୁଛନ୍ତି। ଏପରି କି ଦୈନିକ ୧ନିୟୁତ ଡଲାର ଭାରତୀୟ ମୁଦ୍ରା ଦୁବାଇକୁ ଯାଉଥିବା ଜଣାପଡ଼ିଛି। କିନ୍ତୁ ଭାରତୀୟମାନେ ଦୁବାଇରେ କରୁଥିବା କାରବାର ସମ୍ପର୍କରେ ଏବେ ଭାରତର ଆୟକର ବିଭାଗ ନଜର ରଖିବା ଆରମ୍ଭ କଲାଣି। ୨୦୧୮ରେ ପ୍ରାୟ ୭,୫୦୦ ଭାରତୀୟ ଦୁବାଇରେ ସମ୍ପତ୍ତି କ୍ରୟ କରିଥିବା ଭାରତୀୟ ଆୟକର ବିଭାଗ ପକ୍ଷରୁ ଜଣାପଡ଼ିଛି।

ଦୁବାଇରେ ରିୟଲ ଇଷ୍ଟେଟ, ସୁନା, ହୋଟେଲ, ପର୍ଯ୍ୟଟନ ଆଦି ବିଭିନ୍ନ କ୍ଷେତ୍ରରେ ଭାରତୀୟଙ୍କ ବିପୁଳ ପୁଞ୍ଜି ନିବେଶ ରହିଥିବାବେଳେ ସେଠାକୁ ଯିବା ପାଇଁ ଉତ୍ତମ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି। ଏଭଳି କ୍ଷେତ୍ରରେ ଓଡ଼ିଶା ସରକାର ଦୁବାଇକୁ ସିଧା ବିମାନ ସେବା ପାଇଁ ମଧ୍ୟ ଆଗ୍ରହ ଦେଖାଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ପତ୍ର ଲେଖି ଜଣାଇଛନ୍ତି। ସିଧାସଳଖ ବିମାନ ସେବା ଦ୍ୱାରା ଓଡ଼ିଶା ଶିଳ୍ପର ବିକାଶ ସେଭଳି କିଛି ହେବା ଭଳି ମନେ ହେଉନାହିଁ। କାରଣ ଏଠାରୁ ଲୋକମାନେ ଦୁବାଇ ଗସ୍ତ କରୁଛନ୍ତି ହେଲେ ସେଠାକାର ଲୋକ ସେହିଭଳି ଏଠାକୁ ଆସୁ ନ ଥିବାରୁ ପର୍ଯ୍ୟଟନ ଶିଳ୍ପର ମଧ୍ୟ ଉନ୍ନତି ହେବ ନାହିଁ। ଅପରପକ୍ଷରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ କିଛି ବର୍ଷ ହେଲା ସୁନା ଚୋରା କାରବାର ବୃଦ୍ଧି ପାଇବାରେ ଲାଗିଛି। ତେଣୁ ସାଧାରଣରେ ଏହି ଧାରଣା ସୃଷ୍ଟି ହେଉଛି ଯେ, ଦୁବାଇକୁ ଯଦି ସିଧା ବିମାନ ସେବା ଉପଲବ୍ଧ ହେବ ତେବେ ସେଠାରେ ରିୟଲ୍ ଇଷ୍ଟେଟ ଓ ଅନ୍ୟ କେତେକ କାରବାରରେ କଳାଧନ ନିୟୋଜନର ପର୍ଯ୍ୟାପ୍ତ ସୁଯୋଗକୁ ଅଧିକ ସହାୟକ ହେବ। ଏପରି କି ବିଦେଶରୁ ଓଡ଼ିଶାକୁ ବେଆଇନ ସୁନା ଆମଦାନୀ ମଧ୍ୟ ବୃଦ୍ଧି ପାଇବାର ସମ୍ଭାବନା ମଧ୍ୟ ରହିଛି।

■ ଚର୍ଚ୍ଚାରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ

# ଷ୍ଟିଚ୍ ବେଳେ ରହିଗଲା ଛୁଞ୍ଚ

କେନ୍ଦ୍ରାପଡା ଅଫିସ, ୧୭।୭



ଅଞ୍ଜନା ଓ ତାଙ୍କ ଭାଇ ସରୋଜ।

ଏକ ଅଭାବନୀୟ ଘଟଣା ପାଇଁ ଚର୍ଚ୍ଚାକୁ ଆସିଛି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ। ପ୍ରସୂତିକାଳୀନ ଷ୍ଟିଚ୍ ପରେ ମହିଳାଙ୍କ ଗୋପନୀୟ ଅଙ୍ଗରେ ଛୁଞ୍ଚ ରହିଯିବା ଭଳି ଏକ ଘଟଣା ବୁଧବାର ଲୋକଲୋଚନକୁ ଆସିଛି। ଏ ନେଇ ସମ୍ପୃକ୍ତ ମହିଳାଙ୍କ ଭାଇ ଆଳି ବଜାରଟଙ୍କା ଗ୍ରାମର ସରୋଜ କୁମାର ନାଥଶର୍ମା ଅଭିଯୋଗ କରିବା ପରେ ସିଡିଏମ୍ଓ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଅଭିଯୋଗକାରୀ ସରୋଜଙ୍କ କହିବା ଅନୁସାରେ, ଗତ ୧୪ ତାରିଖରେ ରାଜନଗର ଥାନା ବଜାର ଡେରାବିଶ ଗ୍ରାମର ଗଦାଧର ଶର୍ମାଙ୍କ ସ୍ତ୍ରୀ ଅଞ୍ଜନା ପ୍ରସବ ବେଦନା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୂର୍ବାହ୍ଣ ୧୦ଟା ୨୦ରେ ସେ ଏକ ଶିଶୁ ଜନ୍ମ ଦେଇଥିବା ବେଳେ ସେହି ସମୟରେ କୌଣସି ଡାକ୍ତର ଉପସ୍ଥିତ ନ ଥିଲେ। ଫଳରେ ନର୍ସମାନେ ପ୍ରସୂତିକାଳୀନ ପ୍ରକ୍ରିୟାକୁ ସମ୍ଭାଳିବା ସହ ଗୋପନୀୟ

### ଅଭିଯୋଗ ପରେ ତଦନ୍ତ ନିର୍ଦ୍ଦେଶ ଦେଲେ ସିଡିଏମ୍ଓ

ଅଙ୍ଗ ଷ୍ଟିଚ୍ କରିଥିଲେ। ଏହାପରେ ଅଞ୍ଜନା ଦୁଇ ଦିନ ମେଡିକାଲରେ ରହିବା ପରେ ଘରକୁ ଯାଇଥିଲେ। ହେଲେ ଷ୍ଟିଚ୍ ହୋଇଥିବା ସ୍ଥାନରେ ପ୍ରବଳ ଯନ୍ତ୍ରଣା ହେବାରୁ ବିଳମ୍ବିତ ରାତିରେ ପରିବାର ଲୋକେ ପୁଣି ମେଡିକାଲକୁ ଆଣିଥିଲେ। ତେବେ ଡାକ୍ତର ଷ୍ଟିଚ୍ ସ୍ଥାନରୁ ଛୁଞ୍ଚ ବାହାର କରିବା ପରେ ଯନ୍ତ୍ରଣା କମ୍ ହୋଇଥିଲା। ଏ ନେଇ ସରୋଜ ସିଡିଏମ୍ଓ ଡା. ଊର୍ମିଳା ମିଶ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସିଡିଏମ୍ଓ ଡା. ମିଶ୍ରଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ତଦନ୍ତ କରାଯିବ ବୋଲି କହିଛନ୍ତି।

# ସିରିଜ କବ୍ଜା କଲା ଭାରତ-ଏ'

## ପାଣ୍ଡେ, ପାଣ୍ଡ୍ୟାଙ୍କ କମାଲ

ନର୍ଥ ସାଉଣ୍ଡ (ଆଣ୍ଟିଗୁଆ), ୧୭।୭ (ପି.ଟି.)

ଅଧିନାୟକ ମନୀଷ ପାଣ୍ଡେଙ୍କ ଦମ୍ଦାର ଶତକ ସାଙ୍ଗକୁ ସ୍ପିନର କ୍ରୁନାଲ ପାଣ୍ଡ୍ୟାଙ୍କ ୫ ଉଇକେଟ୍ ସଫଳତା ବଳରେ ଏଠାରେ ଅନୁଷ୍ଠିତ ୩ୟ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌ରେ ଭାରତ-ଏ ୧୪୮ ରନରେ ଘରୋଇ ୱେଷ୍ଟଇଣ୍ଡିଜ-ଏ'କୁ ପରାସ୍ତ କରିଛି। ଏହି ବିଜୟ ସହ ଭ୍ରମଣକାରୀ ଭାରତ-ଏ ୫ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ଆଗୁଆ ୩-୦ରେ କବ୍ଜା କରିନେଇଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଓ ୨ୟ ମ୍ୟାଚ୍‌କୁ ଭାରତ ୬୫ ରନର ସମାନ ବ୍ୟବଧାନରେ ଜିତିନେଇଥିଲା। ସିରିଜର ୪ର୍ଥ ମ୍ୟାଚ୍ ଶୁକ୍ରବାର ଖେଳାଯିବ।

ସ୍ଥାନୀୟ ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ-ଏ ଅଧିନାୟକ ପାଣ୍ଡେ (୧୦୦ ରନ, ୮୭ ବଲ, ୬ ଚୌକା, ୫ ଛକା)ଙ୍କ ଶତକ ସାଙ୍ଗକୁ ଯୁବ ଓପନର୍ ଶୁବମନ ଗିଲ୍ (୭୭) ଓ ଶ୍ରେୟାସ ଆୟାର (୪୭)ଙ୍କ ଉଲ୍ଲେଖନୀୟ ଇନିଂସ ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ୍ ହରାଇ ୨୯୫ ରନ ସଂଗ୍ରହ କରିଥିଲା। ଉଭୟ ଗିଲ୍ ଓ ଆୟାର ୨ୟ ଉଇକେଟ୍ ଯୋଡ଼ିରେ ମହତ୍ତ୍ୱପୂର୍ଣ୍ଣ ୧୦୯ ରନର ଭାଗୀଦାରି କରିଥିଲେ। ଗିଲ୍ ଆଉଟ୍ ହେବାପରେ ପାଣ୍ଡେ ଇନିଂସକୁ ଆଗେଇ ନେଇଥିଲେ। ଚତୁର୍ଥ ଉଇକେଟ୍‌ରେ ପାଣ୍ଡେ ଓ ହନୁମା ବିହାରୀ (୨୯ ରନ) ୧୧୦ ରନ ସଂଗ୍ରହ କରିଥିଲେ। ଜବାବରେ ୨୯୬ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରି ୱେଷ୍ଟଇଣ୍ଡିଜ-ଏ ବାମହାତୀ ସ୍ପିନର କ୍ରୁନାଲ ପାଣ୍ଡ୍ୟାଙ୍କୁ ସାମ୍ନା କରି ନ ପାରି ୩୪.୨ ଓଭରରେ ୧୪୭ ରନରେ ସୀମିତ ରହିଥିଲା। ୧୦ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା କେମୋ ପଲ୍ ସର୍ବାଧିକ ୩୪ ଓ ଓପନର୍ ସୁନୀଲ ଆମ୍ବ୍ରିସ ୩୦ ରନ କରିଥିଲେ। ପାଣ୍ଡ୍ୟା ୭ ଓଭରରେ ୨୫ ରନ ବ୍ୟୟରେ ସର୍ବାଧିକ ୫ ଉଇକେଟ୍ ଅକ୍ତିଆର କରିଥିଲେ। ଶତକୀୟ ଇନିଂସ ଲାଗି ମନୀଷଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।



ମନୀଷ ପାଣ୍ଡେଙ୍କ କ୍ୟାଚ୍ ଡ୍ରପ୍ କରୁଛନ୍ତି ରୋଭମାନ ପାୱେଲ।

**ସଂକ୍ଷିପ୍ତ ସ୍କୋର-**

**ଭାରତ-ଏ:** ୨୯୫/୬, ୫୦ ଓଭର (ପାଣ୍ଡେ ୧୦୦, ଗିଲ୍ ୭୭, ଈଶାନ କିଶାନ ୨୪, ରକିମ କ୍ରନୱାଲ ୨/୩୭)।

**ୱେଷ୍ଟଇଣ୍ଡିଜ-ଏ:** ୧୪୭/୧୦, ୩୪.୨ ଓଭର (ପଲ୍ ୩୪, ଜନ୍ କ୍ୟାମ୍ପବେଲ୍ ୨୧, ରୋଷ୍ଟନ ଚେଜ୍ ୧୫, ପାଣ୍ଡ୍ୟା ୫/୨୫, ବିହାରୀ ୨/୨୩)।

### ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

ଉଦଳା,୧୭।୭(ଡି.ଏନ୍.ଏ.): ମୟୂରଭଞ୍ଜ ଉଦଳା ଥାନା କୁଟଲିଂ ଜଙ୍ଗଲରୁ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ବୁଧବାର ପୋଲିସ୍ ଉଦ୍ଧାର କରିଛି। ତାଙ୍କ ପରିଚୟ ଜଣା ପଡି ନାହିଁ। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି। ପୋଲିସ୍ ସୂଚନା ଅନୁଯାୟୀ, ଜଙ୍ଗଲରେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ଥାନାକୁ ଖବର ଦେବାରୁ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ମୃତଦେହ ନିକଟରୁ ଏକ ସାବୁନ୍ ମିଳିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ କେହି ହତ୍ୟା କରିଥିବା ପୋଲିସ୍ ସନ୍ଦେହ କରୁଛି। ବାରିପଦାରୁ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ ଚଳାଇଥିଲେ ମଧ୍ୟ କୌଣସି ସୁରାକ ପାଇ ପାରି ନାହାନ୍ତି। ମହିଳା ଜଣକ ଜଙ୍ଗଲକୁ କିପରି ଆସିଲେ ଏବଂ ସେଠାରେ ତାଙ୍କୁ କିଏ ହତ୍ୟା କଲା ସେନେଇ ପୋଲିସ୍ ଖୋଳତାଡ଼ ଜାରି ରଖିଛି।

# ମିଲର୍ସଙ୍କୁ ଧାନ ବିକି କ୍ଷତି ସହିଲେ ଚାଷୀ

■ସରକାରଙ୍କୁ ଦାୟୀ କଲେ
■କ୍ଷତିପୂରଣ ଦାବି କଲେ

ବରଗଡ଼ ଅଫିସ୍,୧୭।୭

ବରଗଡ଼ ଜିଲାରେ ଧାନ ବିକ୍ରି ନ ସରୁଣୁ ମଣ୍ଡିଗୁଡ଼ିକୁ ବନ୍ଦ କରି ଦିଆଯାଇଥିଲା। ଫଳରେ ଅନେକ ଚାଷୀ ଧାନ ବିକ୍ରି ପାଇଁ ଖୁବ୍ ହଟହଟାରେ ସମ୍ମୁଖୀନ ହୋଇଥିଲେ। ଏପରିକି ଶେଷରେ ଧାନର ଅଭାବୀ ବିକ୍ରି ହୋଇଥିଲା ଏବଂ ଏଥିପାଇଁ ଚାଷୀଙ୍କୁ ଯଥେଷ୍ଟ କ୍ଷତି ସହିବାକୁ ପଡ଼ିଥିଲା। ଏଭଳି ଏକ ଅଭିଯୋଗ ନେଇ ବୁଧବାର ଜିଲାର ଭେଡ଼େନ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ଗନ୍ଧିଆଟିକ୍ରା ନିବାସୀ ଜଣେ ଚାଷୀ ଶୈଳ ପ୍ରଧାନ ଜିଲାପାଳ ଅଫିସକୁ ଆସିଥିଲେ। ସେ ଏ ନେଇ ଜିଲାପାଳ ଅଫିସରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ସେ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି, ଗତ ରବିଋତୁରେ ସେ ୧୧.୨୫ ଡେସିମିଲ



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ।

ଜମିରେ ଧାନ ଚାଷ କରିଥିଲେ । ଏହି କ୍ରମରେ ସେ ଚାଷୀ ପରିଚୟ ପତ୍ର ପଞ୍ଜୀକରଣ କରିଥିଲେ । ପଞ୍ଜିକୃତ ପରିଚୟ ପତ୍ର ଅନୁସାରେ ୨୬୨ କୁଇଣ୍ଟାଲ ଧାନ ବିକ୍ରି କରି ପାରିବେ ବୋଲି ଉଲ୍ଲେଖ ରହିଛି । ମାତ୍ର ତାଙ୍କଠାରୁ ମଣ୍ଡିରେ କେବଳ ଶହେ କୁଇଣ୍ଟାଲ ଧାନ କିଣାଯାଇଥିଲା ଏବଂ ବାକି ୧୬୨ କୁଇଣ୍ଟାଲ ଧାନକୁ କିଣାଯାଇ ନ ଥିଲା । ଅନ୍ୟପଟେ ମଣ୍ଡିକୁ ବନ୍ଦ କରି ଦିଆଯାଇଥିଲା । ଫଳରେ ସେହି ବଳକା ଧାନକୁ ସେ ଜଣେ ମିଲର୍ସଙ୍କ ପାଖରେ ବିକିଥିଲେ ଏବଂ ସେଥିପାଇଁ ତାଙ୍କୁ ୯୦ହଜାର ଟଙ୍କା କ୍ଷତି ସହିବାକୁ ପଡ଼ିଛି ବୋଲି ଶୈଳ ଅଭିଯୋଗ କରିଛନ୍ତି। ସେହି କ୍ଷତିପୂରଣ ତାଙ୍କୁ ଯୋଗାଇ ଦେବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଶୈଳ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

କେନ୍ଦ୍ର ରେଳ ଓ ଜଳସମ୍ପଦ ବିଭାଗ ମନ୍ତ୍ରୀଙ୍କୁ ଭେଟିଲେ ସୁନ୍ଦରଗଡ ବିଧାୟିକା

# ଝାରସୁଗୁଡାରୁ ସୁନ୍ଦରଗଡ ଦେଇ ଅମ୍ବିକାପୁର ରେଳ ସଂଯୋଗ ହେଉ

ସୁନ୍ଦରଗଡ଼, ୧୭।୭ (ଡି.ଏନ୍.ଏ)-ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ବୁଧବାର ନୂଆଦିଲ୍ଲୀରେ ପାର୍ଲାମେଣ୍ଟ ଭବନରେ କେନ୍ଦ୍ର ରେଳମନ୍ତ୍ରୀ ପୀୟୁଷ ଗୋଏଲ ଓ ଜଳସମ୍ପଦ ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ସିଂ ଶେଖାୱତଙ୍କୁ ସାକ୍ଷାତ କରି ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ଝାରସୁଗୁଡା ଠାରୁ ଭାୟା ସୁନ୍ଦରଗଡ ଦେଇ ଅମ୍ବିକାପୁର ପାଇଁ ରେଳ ସଂଯୋଗ ହେଉ ବୋଲି ଦାବି କରିଛନନ୍ତି। ଏହା ସହିତ ହେମଗିର ବ୍ଲକର ସରଡେଗାଠାରୁ ଲେଫ୍ରିପଡା ବ୍ଲକର ଦର୍ଲିପାଲି ଦେଇ ଝାରସୁଗୁଡା ପାସେଞ୍ଜର ଟ୍ରେନ୍ ଏବଂ ଡୁଡୁକା ଠାରୁ ହେମଗିର ପର୍ଯ୍ୟନ୍ତ ପାସେଞ୍ଜର ଟ୍ରେନ୍ ଚଳାଚଳ ପାଇଁ ବିଧାୟିକା ଟେଟେ କେନ୍ଦ୍ର ରେଳ ମନ୍ତ୍ରୀଙ୍କ ଠାରେ ଦାବିକରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ଉପସ୍ଥିତିରେ ବିଧାୟିକା ଟେଟେ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ରାଜେନ୍ଦ୍ର ସିଂ ଶେଖାୱତଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ସୁନ୍ଦରଗଡବାସୀଙ୍କ ଜୀବନରେଖା କୁହାଯାଉଥିବା ଇବ୍ ନଦୀ ଉପରେ ବ୍ରିଜ୍ ଓ ବ୍ୟାରେଜ ନିର୍ମାଣ କରିବା ପାଇଁ ଦାବି କରିଥିଲେ। ଏଥିସହିତ ରାଜ୍ୟ ସରକାରଙ୍କ ମେଗା ଉଠା ଜଳସେଚନ ଯୋଜନା ଯୋଗୁ ସେପ୍ଟେମ୍ବର ମାସ ପରେ ଚାଷୀମାନେ ଆଉ ଏହି ପ୍ରକଳ୍ପରୁ ପାଣି ପାଇପାରୁ ନ ଥିବାରୁ ସୁନ୍ଦରଗଡ ଇବ୍ ନଦୀ ଉପରେ ୬ଟି ବ୍ୟାରେଜ୍ .ସଫେଇ ନଦୀରେ ୪ବ୍ୟାରେଜ, ଇଚ୍ଛା ନଦୀରେ ୩ଟି ବ୍ୟାରେଜ ଏବଂ ବସୁନ୍ଧରା ନଦୀରେ ୪ଟି ବ୍ୟାରେଜ ସହିତ ବ୍ରିଜ ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ଏଥିସହିତ ଜଳସମ୍ପଦ ବିଭାଗ ଦ୍ୱାରା ସର୍ଭେ ହୋଇଥିବା ୩୩ଟି ଜଳଉତ୍ସ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟକାରୀ କରାଗଲେ ଚାଷୀଙ୍କୁ ୧୨ମାସ ପାଣି ମିଳିପାରିବ। ଏଣୁ ଏଦିଗରେ କେନ୍ଦ୍ର ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ବିଧାୟିକା ଦାବି କରିଥିଲେ । ବିଧାୟିକାଙ୍କ ସହ ଇଂ ଦିଲ୍ଲୀପ ପଟେଲ, ଯୁବନେତା ଅଜୟ ପଟେଲ, ବିଶ୍ୱଜିତ ତନ୍ତୀ ଓ ରୂପେଶ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦାବିରେ ସ୍ମାରକପତ୍ର

ବରଗଡ଼ ଅଫିସ୍,୧୭।୭

ବରଗଡ଼ ଜିଲା ମେଲଛାମୁଣ୍ଡା ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ନ ଥିବାରୁ ପାଠପଢ଼ା ବ୍ୟାହତ ହୋଇ ପଡ଼ିଛି। ଫଳରେ ଖାଲି ପଡ଼ିଥିବା ଏହି ପଦବୀରେ ଜଣେ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦେବା ପାଇଁ ସ୍କୁଲ କମିଟି ଓ ଅଭିଭାବକମାନେ ବୁଧବାର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗତ ସାଧାରଣ ନିର୍ବାଚନ ସମୟରେ ଉକ୍ତ ସ୍କୁଲର ବିଜ୍ଞାନ ଶିକ୍ଷକ ପ୍ରିୟବ୍ରତ ସାହୁ ପ୍ରିଜାଇଡ଼ିଂ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ମାତ୍ର ନିର୍ବାଚନ ପରିଚାଳନାରେ ତ୍ରୁଟି ଥିବା ଦର୍ଶାଇ ସେତେବେଳେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ସେହିଦିନଠାରୁ ସାହୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗଦେଇ ଉପସ୍ଥାନ ଦେଉଛନ୍ତି । ଅନ୍ୟପଟେ ଏପର୍ଯ୍ୟନ୍ତ ତାଙ୍କ ସ୍ଥାନରେ ଉକ୍ତ ସ୍କୁଲରେ କୌଣସି ବିଜ୍ଞାନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇନାହିଁ । ଫଳରେ ଛାତ୍ରଛାତ୍ରୀଙ୍କ ବିଜ୍ଞାନ ପାଠ୍ୟକ୍ରମ ପଢ଼ା ବାଧାପ୍ରାପ୍ତ ହୋଇଛି । ଅନ୍ୟପଟେ ଉକ୍ତ ସ୍କୁଲ ଗତ ମାଟ୍ରିକ ପରୀକ୍ଷାରେ ୯୭ପ୍ରତିଶତ ସଫଳତା ପାଇଥିବାବେଳେ ୨ଜଣ ଛାତ୍ର ଗ୍ରେଡ୍-ଏରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ମାତ୍ର ଗତ ଏପ୍ରିଲ ୧୯ତାରିଖରୁ ଶିକ୍ଷକ ସାହୁଙ୍କୁ ନିଲମ୍ବିତ କରାଯାଇ ତାଙ୍କ ସ୍ଥାନରେ ଅନ୍ୟ କାହାରିକୁ ଅବସ୍ଥାପିତ କରାଯାଇନାହିଁ ଏବଂ ପାଠପଢ଼ା ବ୍ୟାହତ ହେଉଥିବା ଯୋଗୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ହୋଇ ପଡ଼ିଛି । ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବା ସହିତ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦେବାକୁ ରମୋ ସାହୁ, ସୁବାଷ ବାଗ, କିଶୋର ଦେବତା ପ୍ରମୁଖ ଦାବି କରିଛନ୍ତି ।

■ ଇଣ୍ଟରନେଟ୍, ସୋସିଆଲ ମିଡିଆ, ୟୁପିଆଇ ଆଇଡିକୁ ନେଇ ଠକେଇ

# ସଚେତନମୂଳକ ପରାମର୍ଶ ଜାରି କଲା କ୍ରାଇମବ୍ରାଞ୍ଚ

କଟକ ଅଫିସ,୧୭।୭

ରାଜ୍ୟରେ ଦିନକୁ ଦିନ ଅନ୍‌ଲାଇନ ଠକେଇ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଅନ୍‌ଲାଇନ ବ୍ୟାଙ୍କିଙ୍ଗ, ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍), ଭଳି ଟଙ୍କା ଦେଣନେଣ ହେଉଥିବା ଅନ୍‌ଲାଇନ ଆପ୍ ଜରିଆରେ ଲୋକମାନେ ଠକାମିର ଶିକାର ହେଉଛନ୍ତି। କେତେକ କ୍ଷେତ୍ରରେ ସୋସିଆଲ ମିଡିଆରେ ଅଚିହ୍ନା ବ୍ୟକ୍ତିମାନେ ସମ୍ପର୍କ ସ୍ଥାପନ କରି ଲୋକମାନଙ୍କଠାରୁ ଠକେଇ କରୁଛନ୍ତି। ନିକଟ ଅତୀତରେ ଏଭଳି କିଛି ଠକେଇ ନଜରକୁ ଆସିବା ପରେ ବୁଧବାର କ୍ରାଇମବ୍ରାଞ୍ଚ ପକ୍ଷରୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସଚେତନ ମୂଳକ ପରାମର୍ଶ ଜାରି କରାଯାଇଛି।

ୟୁପିଆଇ ଆଇଡିର ମୋବାଇଲ ନମ୍ବର, ୱାନ ଟାଇମ୍ ପାସ୍‌ୱାର୍ଡ(ଓଟିପି) ସହାୟତାରେ ଦଲାଲ ତଥା ହ୍ୟାକର୍‌ମାନେ ଉପଭୋକ୍ତାଙ୍କୁ ଠକେଇ କରୁଛନ୍ତି। ହ୍ୟାକର୍‌ମାନେ ଉପଭୋକ୍ତାଙ୍କୁ ଏସ୍‌ଏମ୍‌ଏସ୍ ପଠାଇଥାନ୍ତି। ଏହି ଏସ୍‌ଏମ୍‌ଏସ୍‌କୁ ସେମାନେ ଦେଇଥିବା ଏକ ନମ୍ବରକୁ ପଠାଇବା ପାଇଁ ମେସେଜ ମାଧ୍ୟମରେ ଜଣାଇଥାନ୍ତି। ଉପଭୋକ୍ତାମାନେ ଉକ୍ତ ଏସ୍‌ଏମ୍‌ଏସ୍‌କୁ ସେହି ନମ୍ବରକୁ ପଠାଇବା ପରେ ହ୍ୟାକର୍‌ମାନେ ତାଙ୍କ ମୋବାଇଲ ନମ୍ବର, ଟ୍ରାଞ୍ଜାକସନ ଆଇଡି ଆଦି ସମ୍ପର୍କରେ ସୂଚନା ପାଇ ଠକେଇ କରୁଛନ୍ତି। ଏପରିସ୍ଥଳେ ବ୍ୟାଙ୍କ ପାସ୍‌ୱାର୍ଡ କାହାକୁ ନ କହିବା ସହ ଏହାକୁ ନିଜ ମୋବାଇଲରେ ରଖିବା ପାଇଁ ମନା କରାଯାଇଛି। ସେହିପରି ୟୁପିଆଇ ପିନ୍, ଡେବିଟ୍ କାର୍ଡ, କ୍ରେଡିଟ୍ କାର୍ଡ, ସିସିଭି, ଏକ୍ସପାଏରି ଡେଟ୍, ଓଟିପି, ଏଟିଏମ୍ ପିନ୍ ଏବଂ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧରେ କୌଣସି ସୂଚନା କାହାକୁ ନ ଦେବା ପାଇଁ କୁହାଯାଇଛି। ଅନ୍‌ଲାଇନ ପେମେଣ୍ଟ ଆପ୍ ବ୍ୟବହାର ଅବା ଡାଉନଲୋଡ୍ କରିବା ପାଇଁ କୌଣସି ଅଜଣା ବ୍ୟକ୍ତିଙ୍କ ପରାମର୍ଶ ନେବାକୁ ମନା କରାଯାଇଛି। ଅଜଣା ନମ୍ବରରୁ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧରେ ଆସୁଥିବା ମେସେଜ୍‌ଗୁଡ଼ିକୁ ଅଣଦେଖା କରିବା, ପେମେଣ୍ଟ ଆପ୍‌ଗୁଡ଼ିକୁ ମୋବାଇଲରେ ଆପ୍ ଲକ୍ କରି ରଖିବା ଓ ଅଜଣା ନମ୍ବରରୁ ଆସୁଥିବା ଫୋନକଲ୍‌କୁ ଅଣଦେଖା କରିବାକୁ କୁହାଯାଇଛି। ସବୁ ପରେ ଯଦି କୌଣସି ଅସୁବିଧା ଦେଖାଯାଉଛି ତେବେ ସଙ୍ଗେ ସଙ୍ଗେ ନିକଟସ୍ଥ ବ୍ୟାଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

ଏଟିଏମ୍ କାଉଣ୍ଟର ଭିତରେ ଟଙ୍କା ଉଠାଣ ବେଳେ ଅଜଣା ବ୍ୟକ୍ତିଙ୍କ ଚଳପ୍ରଚଳ ଉପରେ ନଜର ରଖିବା ସହିତ ସେଠାରେ ଜାମର ଲାଗିଛି କି ନାହିଁ ଲକ୍ଷ୍ୟ କରିବାକୁ ଅନୁରୋଧ କରାଯାଇଛି। କାହାରିକୁ ନିଜର ବ୍ୟାଙ୍କ, ଇନ୍‌କମ ଟ୍ୟାକ୍ସ, ଇନ୍‌ସ୍ୟୁରାନ୍ସ ଆକାଉଣ୍ଟର ତଥ୍ୟ ଫୋନ, ମେସେଜ୍ ଏବଂ ଇ-ମେଲ୍ ମାଧ୍ୟମରେ ନ ଦେବା ଉଚିତ। ଏଟିଏମ୍ କାର୍ଡ ହଜିଗଲେ ତାହାକୁ ତୁରନ୍ତ ବ୍ଲକ କରିବା ସହ ଏ ନେଇ ବ୍ୟାଙ୍କକୁ ଜଣାଇବାକୁ କୁହାଯାଇଛି।

ସେହିପରି ସୋସିଆଲ ମିଡିଆ ବ୍ୟବହାର କରିବା ଉପରେ ସତର୍କନାମା ଜାରି କରାଯାଇଛି। ସୋସିଆଲ ମିଡିଆ ବ୍ୟବହାର କରିବା ପୂର୍ବରୁ ୱେବସାଇଟ୍‌ର ପ୍ରାଇଭେସି ପଲିସ ଏବଂ ଥାର୍ଡ ପାର୍ଟି ଆପ୍ଲିକେଶନ ଉପରେ ଧ୍ୟାନ ଦେବାକୁ ହେବ। ସୋସିଆଲ ମିଡିଆ ମାଧ୍ୟମରେ ଅତ୍ୟନ୍ତ ଗୋପନୀୟ ତଥ୍ୟ ନ ଦେବା ଓ କୌଣସି ଅଜଣା ପୁରୁଷ ଏବଂ ମହିଳାଙ୍କ ସହ ସମ୍ପର୍କ ନ ବଢାଇବା ଉଚିତ। ଗୋଟିଏ ନାମରେ ଅଧିକ ଆକାଉଣ୍ଟ ନ ଖୋଲିବାକୁ ପରାମର୍ଶ ଦିଆଯାଇଛି। ମାଗଣା ୱାଇଫାଇରେ ସୋସିଆଲ ମିଡିଆ ଏବଂ ଅନ୍‌ଲାଇନ ଟଙ୍କା ଦେଣନେଣ ନ କରିବାକୁ ପରାମର୍ଶ ଦିଆଯାଇଛି।

ଛୋଟ ପିଲାମାନଙ୍କ ଇଣ୍ଟରନେଟ୍‌ର ବ୍ୟବହାର ଉପରେ ଧ୍ୟାନଦେବାକୁ ସେମାନଙ୍କ ପରିବାର ଲୋକଙ୍କୁ କୁହାଯାଇଛି। କମ୍ପ୍ୟୁଟରକୁ ସମସ୍ତେ ଚଳପ୍ରଚଳ କରୁଥିବା ସ୍ଥାନରେ ରଖିବାକୁ କୁହାଯାଇଛି। କମ୍ପ୍ୟୁଟର ତଥା ମୋବାଇଲରେ ପ୍ୟାରେଣ୍ଟାଲ କଣ୍ଟ୍ରୋଲ ସଫ୍ଟୱେର ଡାଉନଲୋଡ କରିବା ସହ ତାହାଦ୍ୱାରା ଅଶ୍ଳୀଳ ୱେବସାଇଟ୍‌ଗୁଡ଼ିକୁ ବନ୍ଦ କରିବାକୁ ପରାମର୍ଶ ଦିଆଯାଇଛି। ନିୟମିତ ଭାବରେ କମ୍ପ୍ୟୁଟର ଓ ମୋବାଇଲରେ ସଫ୍ଟୱେର, ଆଣ୍ଟି ଭାଇରସକୁ ଅପ୍‌ଡେଟ୍ କରିବାକୁ କୁହାଯାଇଛି।

# 'ଫରଗସଙ୍କ ପ୍ରଶିକ୍ଷଣ ପ୍ରଦର୍ଶନରେ ଫରକ ଆଣିବ'

ବେଙ୍ଗାଲୁରୁ, ୧୭।୭

ଆସନ୍ତା ନଭେମ୍ବରରେ ଅଲିମ୍ପିକ ଯୋଗ୍ୟତା ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଭାରତୀୟ ମହିଳା ହକି ଦଳର ଡିଫେଣ୍ଡରମାନେ ଦୁଇଥରର ବିଶ୍ୱବିଜେତା ଅଷ୍ଟ୍ରେଲିଆର ଫରଗସ କାଭାନଘଙ୍କ ନିକଟରୁ ଗୋଟିଏ ସପ୍ତାହ ପ୍ରଶିକ୍ଷଣ ନେବେ। ହକି ଇଣ୍ଡିଆ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ଅଲିମ୍ପିକ ଯୋଗ୍ୟତା ହାସଲ କରିବା ଦିଗରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ଓ ତାଙ୍କ ସହ କାର୍ଯ୍ୟ କରିବା ଦ୍ୱାରା ଆମ ପ୍ରଦର୍ଶନରେ ଫରକ ଆସିବ ବୋଲି ଭାରତୀୟ ଦଳର ଅଭିଜ୍ଞ ଓଡ଼ିଆ ଡିଫେଣ୍ଡର ଦୀପଗ୍ରେସ ଏକ୍କା କହିଛନ୍ତି। କାଭାନାଘ ଗତ ସପ୍ତାହରେ ବେଙ୍ଗାଲୁରୁରେ ପହଞ୍ଚି ପୁରୁଷ ହକି ଦଳ ଡିଫେଣ୍ଡରଙ୍କ ପାଇଁ ଅନୁଷ୍ଠିତ ସ୍ୱତନ୍ତ୍ର କ୍ୟାମ୍ପରେ ଯୋଗ ଦେଇଥିଲେ। ଏହାପରେ ସେ ଏଠାରେ ଆଉ ଗୋଟିଏ ସପ୍ତାହ ରହି ଭାରତୀୟ ମହିଳା ଡିଫେଣ୍ଡରଙ୍କୁ ପ୍ରଶିକ୍ଷଣ ଦେବେ। ଏହି ସ୍ୱତନ୍ତ୍ର ଶିବିର ଦଳ ପାଇଁ ବେଶ୍ ଉପଯୋଗୀ ହେଉଛି। ଗତ ଡିସେମ୍ବରରେ କିମ୍ବଦନ୍ତୀ ଷ୍ଟ୍ରାଇକର ଗ୍ଲେନ ଟର୍ନର ଗୋଟିଏ ସପ୍ତାହ ଆମକୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ଆମେ ସର୍କଲ ଭିତରେ ଆମର ପୋଜିଶନିଂକୁ ନେଇ କାର୍ଯ୍ୟ କରିଥିଲୁ ବୋଲି ଦୀପଗ୍ରେସ କହିଛନ୍ତି। ଏହାର ପ୍ରଭାବ ପରବର୍ତ୍ତୀ ସମୟରେ ସ୍ପେନ, ମାଲେସିଆ, କୋରିଆ ରିପବ୍ଲିକ ତଥା ହିରୋସୀମାରେ ଅନୁଷ୍ଠିତ ଏଫଆଇଏଚ ସିରିଜ ଫାଇନାଲ୍ସ ଆଦି ପ୍ରତିଯୋଗିତାରେ ପଡ଼ିଥିଲା। ତେଣୁ ଫରଗସଙ୍କ ସହ କାର୍ଯ୍ୟ କରିବା ପରେ ତାହାର ପ୍ରଭାବ ନିଶ୍ଚିତ ପଡ଼ିବ ବୋଲି ଦୀପଗ୍ରେସ କହିଛନ୍ତି। ଏହି ଶିବିରରେ ଫରଗସ ଟ୍ୟାକଲିଂ, ମ୍ୟାନ ଟୁ ମ୍ୟାନ ମାର୍କିଂ ଏବଂ ବିଶେଷ କରି ଜଣେ ଡିଫେଣ୍ଡର ଭାବେ ମ୍ୟାଚର ଶେଷ ପର୍ଯ୍ୟନ୍ତ କିଭଳି ଭଲ ପ୍ରଦର୍ଶନ କରିପାରିବେ ତାହା ଉପରେ ଗୁରୁତ୍ୱ ଦେବେ। ଫରଗସ, ଟର୍ନରଙ୍କ ଭଳି ଅଭିଜ୍ଞ ଖେଳାଳି ଏବେ ଖେଳରେ ସକ୍ରିୟ ରହିଛନ୍ତି ଏବଂ ସେମାନେ ଆମ ଦୁର୍ବଳତା ସମ୍ପର୍କରେ ଭଲ ଭାବେ ଜାଣିଛନ୍ତି। ତେଣୁ ଏହିଭଳି ଖେଳାଳିଙ୍କ ସହ କାର୍ଯ୍ୟ କରିବା ପରେ ଆମର ପ୍ରଦର୍ଶନରେ ନିଶ୍ଚିତ ଉନ୍ନତି ହେବ ବୋଲି ସେ କହିଛନ୍ତି। ଭାରତୀୟ ଦଳ ଅଗଷ୍ଟ ୧୭ରୁ ଜାପାନରେ ଆରମ୍ଭ ହେବାକୁ ଥିବା ଅଲିମ୍ପିକ ଟେଷ୍ଟ ଇଭେଣ୍ଟରେ ଅଂଶଗ୍ରହଣ କରିବ। ଭାରତ ଏଥିରେ ଜାପାନ, ଚାଇନା ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ।

## ସେଲ୍ଫି ପାଇଁ


କ୍ୟାଟ୍ରିନା

**ସେ**ଲ୍ଫି ପାଇଁ ନିକଟରେ 'ଭାରତ'ର ନାୟିକା କ୍ୟାଟ୍ରିନା କୈଫଙ୍କୁ ହଟହଟା ହେବାକୁ ପଡ଼ିଥିଲା। ଥରେ ସେ ଏହାର ପ୍ରମୋ ପାଇଁ ଏକ ପ୍ରେକ୍ଷାଳୟକୁ ଯାଇଥିଲେ। ସେଠାରେ ଉପସ୍ଥିତ ତାଙ୍କର ପ୍ରଶଂସକ ତାଙ୍କ ସହ ସେଲଫି ନେବାକୁ ଚାହିଁଥିଲେ। ଏହାକୁ ବା ସେ କିପରି ଏଡାଇ ଦେଇ ପାରିଥାଆନ୍ତେ? ତେଣୁ ଜଣ ଜଣ କରି ପ୍ରଶଂସକଙ୍କ ସହ ସେ ସେଲ୍ଫି ଦେବାରେ ବ୍ୟସ୍ତ ରହିଲେ। ତା' ଭିତରେ କେତେ ବେଳେ ଦେଢ଼ ଘଣ୍ଟା ବିତିଗଲାଣି ସେ ଜାଣିପାରିଲେ ନାହିଁ। କାରଣ ସେହି ପ୍ରେକ୍ଷାଳୟରେ ସେ ଅଧ ଘଣ୍ଟାଏ ରହି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାମରେ ଯାଇଥାଆନ୍ତେ। ହେଲେ ଶେଷକୁ ସେଲ୍ଫି ପାଇଁ ସେହି କାମକୁ କ୍ୟାଟ୍ରିନା କ୍ୟାନସେଲ କରିଥିଲେ।

ରିଲିଜ ଅପେକ୍ଷାରେ

## ବୈଶାଳୀ

**ଓ**ଡ଼ିଆ ସିନେମା 'ବୈଶାଳୀ' ଚଳିତ ମାସ ୧୯ରେ ପରଦା ଉପରକୁ ଆସୁଛି। ଏହି ଫିଲ୍ମରୁ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରୁଛନ୍ତି ନବାଗତ ଡ. ପ୍ରୀତ୍। କେବଳ ସେ ନୁହନ୍ତି ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିବା ସୁମନପ୍ରିୟା ମଧ୍ୟ ନବାଗତା। ନିଜର ପ୍ରଥମ ସିନେମା ବିଷୟରେ ଡ. ପ୍ରୀତ୍ କହନ୍ତି, 'ପିଲାଟି ଦିନରୁ ମୋର ସଙ୍ଗୀତ ପ୍ରତି ଆଗ୍ରହ ଥିଲା। ଏମବିବିଏସ୍ ପଢୁଥିବା ବେଳେ ମୁଁ ଏକ ବ୍ୟାଣ୍ଡ ଗଠନ କରିଥିଲି। ବର୍ତ୍ତମାନ ମୁଁ ସର୍ଜରୀରେ ଏମଏସ କରୁଛି, ହେଲେ ସଙ୍ଗୀତ ସହ ଅଭିନୟକୁ ମୋ' କ୍ୟାରିୟର ସହ ଯୋଡ଼ିଛି। 'ବୈଶାଳୀ' ଫିଲ୍ମରେ ମୋତେ ଚାନ୍ସ ମିଳିବା ପରେ ତାହାକୁ ଏକ ଚ୍ୟାଲେଞ୍ଜ ଭାବରେ ନେଇଥିଲି। ଏହାର ମୁଖ୍ୟ ଭୂମିକାରେ ମୁଁ ଅଭିନୟ କରିଛି ଏବଂ ଆଶା ରଖିଛି ଫିଲ୍ମଟି ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ। ଅଜୟ ସାମଲଙ୍କ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହୋଇଛି। ଏକ ଭିନ୍ନ ଧରଣର କାହାଣୀକୁ ନେଇ ବୈଶାଳୀ ପ୍ରଡକ୍ସନ ବ୍ୟାନରରେ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ସୁଧୀର ଜୈନ। ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦେଉଛନ୍ତି ଆଶୁତୋଷ ଦାସ (ବାବୁ ଦା')। ଖାସ୍ କଥା ହେଲା, ପ୍ରଥମ ଫିଲ୍ମରେ ସୁମନପ୍ରିୟା ଡବଲ ରୋଲ୍‌ରେ ଦେଖାଦେବେ, ଯାହାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଏହି ନବାଗତା। ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମ୍‌ଦାର। ଡ. ପ୍ରୀତ୍-ସୁମନପ୍ରିୟାଙ୍କ ବ୍ୟତୀତ ଅଭିଷେକ, ବିଜୟ ମହାନ୍ତି, ଅପରାଜିତା ମହାନ୍ତି, ପୃଥ୍ୱୀରାଜ, ପ୍ରତିଭା ପଣ୍ଡା, ହରିହର ମହାପାତ୍ର, ରବି ମିଶ୍ର, ମନୀଷା ମିଶ୍ର, ଅସିତ୍ ପତି ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଅଭିଜିତ୍ ମଜୁମଦାରଙ୍କ ସ୍ୱର ସଂଯୋଜନାରେ ଏଥିରେ ସଂଯୋଜିତ ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି ଉଦିତ୍ ନାରାୟଣ, ପାମେଲା ଜୈନ, ହ୍ୟୁମନ ସାଗର, ଅରବିନ୍ଦ, ମଣ୍ଟୁ ଛୁରିଆ, ଦୀପ୍ତିରେଖା, ଅମ୍ରିତା ଏବଂ ସୋହିନୀ। ତେବେ ଫିଲ୍ମଟି ଏହି ନବାଗତ ଯୋଡିଙ୍କୁ କେତେ ମାଇଲେଜ ଦେଉଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।


ଚଳଚ୍ଚିତ୍ର 'ବୈଶାଳୀ'ରେ ଡ.ପ୍ରୀତ୍-ସୁମନପ୍ରିୟା

ପରଦା ପଛରେ

## ଶ୍ରୀଧର ଯାହା ଚାହୁଁଥିଲେ..



**ଜ**ଣେ ପ୍ରଯୋଜକ ସିନେମାଟିଏ ନିର୍ମାଣ କରିବା ପୂର୍ବରୁ ଅନେକ କିଛି ଚିନ୍ତା କରିଥାଆନ୍ତି। ହେଲେ ଏ ପର୍ଯ୍ୟନ୍ତ ଦୁଇଟି ସିନେମା- 'କଥା ଦେଲି ମଥା ଛୁଇଁ' ଏବଂ 'ଯୋଗୀ' ପ୍ରଯୋଜନା କରିବା ପରେ ତାଙ୍କ ମନରେ ରହିଛି ଅନେକ ନୂଆ ଯୋଜନା। ଆଉ ସେଥିରୁ ଅନେକାଂଶକୁ ସେ ରୂପାୟିତ କରିଛନ୍ତି ରିଲିଜ ଅପେକ୍ଷାରେ ଥିବା ଦ୍ୱିଭାଷୀ ଫିଲ୍ମ 'ପାଟଣାଗଡ଼'ରେ। ସେ ହେଲେ ପ୍ରଯୋଜକ ଶ୍ରୀଧର ମାର୍ଥା। ନିଜର ଆଭିମୁଖ୍ୟ ସମ୍ପର୍କରେ ସେ କହନ୍ତି, 'କେବଳ ପ୍ରଯୋଜକ ହେବା ପରେ ନୁହେଁ, ପୂର୍ବରୁ ମୁଁ ଅନେକ ଓଡ଼ିଆ ସିନେମା ଦେଖି ଚଳଚ୍ଚିତ୍ରଟିଏ ପ୍ରଯୋଜନା କରିବା ପୂର୍ବରୁ କେଉଁ ବିଷୟକୁ ଅଧିକ ଗୁରୁତ୍ୱ ଦିଆଯିବା ଦରକାର ତାହା ଶିଖିଛି। ମାର ତାଳି ଉଠା ଥାଳି ମାନସିକତା ନେଇ ମୁଁ ପ୍ରଯୋଜକ ହେବାକୁ ଆସିନି। ଏଭଳି ଓଡ଼ିଆ ସିନେମା ନିର୍ମାଣ କରିବି ଯାହାକୁ ଦର୍ଶକ ମନେ ରଖିବେ। ତେଣୁ ଏକ ସାମ୍ପ୍ରତିକ ଘଟଣାକୁ ନେଇ 'ପାଟଣାଗଡ' ପ୍ରସ୍ତୁତ ହୋଇଛି। ପୂର୍ବରୁ ଯେଉଁ ଦୁଇଟି ସିନେମା ନିର୍ମାଣ କରିଛି ସେଥିରୁ ଅନେକ କିଛି ଶିଖିଛି। ତେଣୁ ଆଗାମୀ ସିନେମାକୁ କିପରି ସରସ ସୁନ୍ଦର କରାଯାଇପାରିବ ତା' ଉପରେ ନିଶ୍ଚୟ ଗୁରୁତ୍ୱ ଦେବି।' ଶ୍ରୀଧରଙ୍କ ହୋମ୍ ବ୍ୟାନର ରେଞ୍ଜ ରୟାଲ ସିନେ ଲ୍ୟାବ୍‌ରେ ପ୍ରସ୍ତୁତ 'ପାଟଣାଗଡ଼'ର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଜାତୀୟ ପୁରସ୍କାରପ୍ରାପ୍ତ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ରାଜେଶ ଟଚ୍‌ରିଭର। ଚିତ୍ରଟିର ବିଭିନ୍ନ ଭୂମିକାରେ ମନୋଜ ମିଶ୍ର, ବଲିଉଡ୍ ଅଭିନେତା ଅତୁଲ କୁଲକର୍ଣ୍ଣି, ଅନୁ ଚୌଧୁରୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

## ଆଶାରେ ସବ୍ୟସାଚୀ

**କ**ଥାରେ ଅଛି-ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ମନରେ ଅସୁମାରୀ ଆଶା। କେମିତି ଟିକେ ବଡ଼ ପରଦାରେ ମୁହଁ ଦେଖାନ୍ତି? ତାହା ପୂରଣ କରିବାକୁ ସେ ନିଜେ ଅଣ୍ଟା ଭିଡ଼ିଛନ୍ତି। ଅର୍ଥାତ୍, ନିଜେ ଫିଲ୍ମ ନିର୍ମାଣ ପରି ଗୁରୁଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। କେବଳ ସେତିକି ନୁହେଁ, ପ୍ରସ୍ତୁତି ପଥେ ଥିବା ଏହି ଫିଲ୍ମରେ ସେ ନିଜେ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରିବେ। ସେ ହେଲେ ନବାଗତ ଅଭିନେତା ତଥା ପ୍ରଯୋଜକ ସବ୍ୟସାଚୀ ଅମାତ (ଗୁଡୁ)। ନିଜର ଯୋଜନା ସମ୍ପର୍କରେ ସବ୍ୟସାଚୀ କହନ୍ତି, 'ମୁଁ ଜାଣିଛି ସିନେମାଟିଏ ପ୍ରଯୋଜନା କରିବା ଏକ ସହଜ କଥା ନୁହେଁ। ହେଲେ ମନରେ ସାହସ ଏକଜୁଟ୍ କରି ଆଗଉଛି। ମୋ ପ୍ରଥମ ଫିଲ୍ମରେ ନବାଗତମାନଙ୍କୁ ପ୍ରାଥମିକତା ଦେବି। ବର୍ତ୍ତମାନ ପ୍ରଥମ ସିନେମାର ପ୍ରାରମ୍ଭିକ କାମ ଚାଲିଛି।' ତେବେ କେବଳ ଜଣେ ଯୁବ ପ୍ରଯୋଜକ ନୁହନ୍ତି ଜଣେ ଅଭିନେତା ଭାବରେ ସେ କେତେ ବାଜିମାତ କରୁଛନ୍ତି ତାହା ଆଗାମୀ ସମୟ ହିଁ କହିବ।



## ଦୀପିକାଙ୍କ ସ୍ଲିମ୍ ଟ୍ରିମ୍ ମିଶନ



**ଦୀ**ପିକା ପାଦୁକୋନ୍-ପୁଣି ସେ ସ୍ଲିମ୍ ଟ୍ରିମ ମିଶନରେ ବ୍ୟସ୍ତ। ଏହାକୁ ଅନେକ ସହଜରେ ହଜମ କରିପାରିବେ ନାହିଁ। କାରଣ ସେମିତି ଦେଖିବାକୁ ସେ ତ ପତଳୀ। ପୁଣି ସେଥିରେ ଆହୁରି ପତଳା ହେବାକୁ ଚାହୁଁଛନ୍ତି? କଥାଟି ସତ। ନିକଟରେ ସେ ଏକ ଅନଟାଇଟଲଡ ଫିଲ୍ମ ସାଇନ୍ କରିଛନ୍ତି ଯେଉଁଥିପାଇଁ ତାଙ୍କୁ ଓଜନ କମାଇବାକୁ ପଡ଼ିବ। ଏଥିପାଇଁ ସେ ପୂରାଦମ୍‌ରେ ଲାଗି ପଡି ଛନ୍ତି। କାରଣ ଅଳ୍ପଦିନ ଭିତରେ ତାଙ୍କୁ ଏହି କାମ ଶେଷ କରିବାକୁ ପଡ଼ିବ। ତେଣୁ ଡାଏଟିଂ ଉପରେ ଅଧିକ ଧ୍ୟାନ ଦେବା ସହ ଜିମ୍‌ରେ ଅଧିକ ସମୟ କଟାଉଛନ୍ତି। ସୂଚନାଯୋଗ୍ୟ ବର୍ତ୍ତମାନ କପିଳ ଦେବଙ୍କ ବାୟୋପିକ୍‌ରେ ପତିଦେବ ରଣବୀର ସିଂଙ୍କ ଅପୋଜିଟ୍‌ରେ ସେ ରୋମି ଚରିତ୍ରରେ ଅଭିନୟ କରୁଛନ୍ତି।

## ଶେଷରେ ବୁଝିଲେ

**ସି**ନେମାଟିଏ ସାଇନ୍ କରିବା ପୂର୍ବରୁ ଶାହରୁଖ ଜୋକ୍ କରିବାକୁ ପସନ୍ଦ କରିଥାଆନ୍ତି। ଭାରତୀୟ ହକି ଟିମ୍ ଉପରେ ନିର୍ମିତ ଚଳଚ୍ଚିତ୍ର 'ଚକ୍ ଦେ ଇଣ୍ଡିଆ'ର କୋଚ୍ ଭୂମିକାରେ ସେ ଅଭିନୟ କରିଥିଲେ। ହେଲେ ଫିଲ୍ମଟି ସାଇନ୍ କରିବା ସମୟରେ ଏକ ମଜାଦାର ଘଟଣା ଘଟିଥିଲା। ଏହି କୋଚ୍ ଭୂମିକା ପାଇଁ ଜଣେ ନାୟିକା ହିଁ ଫିଟ୍ ବୋଲି ସେ କହିଥିଲେ। ଏହା ଶୁଣି କେବଳ ପ୍ରଯୋଜକ ନୁହନ୍ତି ନିର୍ଦ୍ଦେଶକ ମଧ୍ୟ ଅଡୁଆରେ ପଡିଯାଇଥିଲେ। ହେଲେ କିଛି ସମୟ ପରେ ନିଜେ ଶାହରୁଖ ଏହା ଉପରୁ ପରଦା ହଟାଇ କହିଲେ ଯେ ସେ ଏପରି ଏକ ଭଲ ଭୂମିକାକୁ ନେଇ ଜୋକ୍ କରୁଥିଲେ। ଏହି ଫିଲ୍ମଟି ସୁପରହିଟ୍ ହେବା ସହ ଟାଇଟଲ ଗୀତଟି ମଧ୍ୟ ବେଶ୍ ଶ୍ରୋତାଦୃତ ହୋଇଥିଲା।


ଶାହରୁଖ

## ଦେଖା ହେଲା ପ୍ରେମ ହେଲା

**ପ୍ରେ**ମ କେତେବେଳେ କେଉଁଠି ହୁଏ ତାହା ଆକଳନ କରିବା କଷ୍ଟକର। ତେବେ ଅନେକ ସମୟରେ ପ୍ରଥମ ଦେଖାରେ ହିଁ ପ୍ରେମ ହୋଇଯାଏ। ସେହି ପ୍ରେମକୁ ଆଗେଇ ନେବା ସମୟରେ ଅନେକ ପରସ୍ଥିତିର ସାମନା କରିବାକୁ ପଡିଥାଏ। ସେଭଳି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଦେଖା ହେଲା ପ୍ରେମ ହେଲା'। ନିଜ କାହାଣୀକୁ ଆଧାର କରି ଚଳଚ୍ଚିତ୍ରଟିର ପ୍ରଯୋଜନା କରିଛନ୍ତି ରମେଶ ବାରିକ। ଆର.ଆର. ଇଭେଣ୍ଟସ ଆଣ୍ଡ ପ୍ରଡକ୍ସନ ବ୍ୟାନରରେ ଚିତ୍ରର ସଂଳାପ ରଚନା କରିଛନ୍ତି ଅଜୟ ସାମଲ। ନିର୍ଦ୍ଦେଶନା ଦାୟିତ୍ୱ ଟି. ଗଣେଶ ତୁଲାଇଥିବା ବେଳେ ଚିତ୍ରୋତ୍ତଳନ କରିଛନ୍ତି ଆର. ଭଗତ ସିଂ। ଏହାର ମୁଖ୍ୟ ଭୂମିକାରେ ଅଭିଷେକ ରଥ, ଶୁଭାଶିଷ ଶର୍ମା (ମଣ୍ଟୁ) ଅଭିନୟ କରିଛନ୍ତି ଏବଂ ଫିମେଲ ଲିଡ୍‌ରେ ଅଛନ୍ତି ବୁଲବୁଲି ରାଗିଣୀ। ଖାସ୍ କଥା ହେଲା ନବାଗତ ତପି ମିଶ୍ର ଏଥିରେ ଖଳନାୟକ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି। ଫିଲ୍ମଟି ଚଳିତବର୍ଷ ଗଣେଶ ପୂଜାରେ ରିଲିଜ ହେବାର ଯୋଜନା ରହିଛି ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ ରମେଶ।


ଅଭିଷେକ-ରାଗିଣୀ-ମଣ୍ଟୁ

ଅତୀତରୁ...

## ରୋଲ୍‌ସ ଟୁ ଏଇଟ୍

**୧୯**୫୧ରେ ରିଲିଜ ହୋଇଥିବା ସାମାଜିକ କଥାବସ୍ତୁକୁ ଆଧାରକରି ନିର୍ମିତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ରୋଲ୍‌ସ ଟୁ ଏଇଟ୍'। ୧୯୫୧ରେ ଉକ୍ତ ସିନେମା ପରଦା ଉପରକୁ ଆସିଥିଲା। ଏହାର ଟାଇଟଲ ପଛରେ ଏକ ରୋମାଞ୍ଚକର କଥା ଲୁଚିରହିଛି ବୋଲି କୁହାଯାଏ। ରକ୍ତତୀର୍ଥ ଇରମର ଜମିଦାର ମୁକ୍ତିକାନ୍ତ ପାଢ଼ୀଙ୍କ ପୁଅ ରତିକାନ୍ତ କଲେଜରେ ପଢ଼ିବା ସମୟରେ ଜଣେ ସହପାଠୀଙ୍କୁ ଏକତରଫା ପ୍ରେମ କରି ବିଫଳ ହୋଇଥିଲେ। ଉକ୍ତ କଲେଜ ଛାତ୍ରୀଙ୍କର ରୋଲ୍ ନମ୍ବର ଥିଲା ୨୮। ଯେତେବେଳେ ରତିକାନ୍ତ ଓଡ଼ିଆ ଚଳଚ୍ଚିତ୍ରଟିଏ ନିର୍ମାଣ କରିବାକୁ ଯୋଜନା କଲେ ସେତେବେଳେ ଏ କଥା ତାଙ୍କ ମନକୁ ଆସିଲା। ନିଜ ପ୍ରେମିକାଙ୍କ ରୋଲ୍ ନମ୍ବର ଅନୁସାରେ ଚିତ୍ରଟିର ଟାଇଟଲ ରଖିଥିଲେ 'ରୋଲ୍ ଟୁ ଏଇଟ୍'। ଏହାର ନିର୍ଦ୍ଦେଶନା ଦେଇଥିଲେ 'ସପ୍ତଶଯ୍ୟା'ର ନିର୍ଦ୍ଦେଶକ କଲ୍ୟାଣ ଗୁପ୍ତା। ରତିକାନ୍ତଙ୍କ ନାୟିକା ଭୂମିକାରେ ଅଭିନୟ କରିଥିଲେ କମଳା ସେନ୍। ଅନ୍ୟପକ୍ଷରେ ଅନିମା ପେଦିନୀ, ପଙ୍କଜ ଲୋଚନ ନନ୍ଦଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା। ଏହି ଚଳଚ୍ଚିତ୍ରଟି ନିର୍ମାଣ କରିବା ପୂର୍ବରୁ ରତିକାନ୍ତ ନାୟକ ସାଜିବାକୁ ମନ ବଳାଇଥିଲେ। ହେଲେ ଇଣ୍ଟରଭ୍ୟୁରେ ବିଫଳ ହେବା ପରେ ନିଜେ ଚଳଚ୍ଚିତ୍ରଟିଏ ନିର୍ମାଣ କରି ତାହାର ନାୟକ ଭୂମିକାରେ ଅଭିନୟ କରିଥିଲେ। ଖାସ୍ କଥା ହେଲା ରତିକାନ୍ତ ପାଢ଼ୀ ଏହାର ପ୍ରଯୋଜନା କରିବା ସହ ନିଜେ ନାୟକ ସାଜିଥିଲେ।

# କୋରିଓଗ୍ରାଫର ରୋଶନ


ରୋଶନ ସାହୁ।

ଯୁବ ପ୍ରତିଭା

"ରୋଶନ ସାହୁ। ବୟସ ୨୯। ସମସ୍ତଙ୍କ ପାଖରେ ରୋଶନ ନାମରେ ସେ ପରିଚିତ। ସୁନ୍ଦରଗଡ଼ ରଙ୍ଗାଢ଼ିପାର ଏହି ଯୁବକଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ନିଷ୍ଠାପର ଉଦ୍ୟମ ତାଙ୍କୁ ସଫଳତା ଦେଇଛି। ବାପା ଗୌରୀଶଙ୍କର ସାହୁ ଓ ମା' ସରସ୍ୱତୀଙ୍କ ଅଳିଅଳ ପୁଅ ରୋଶନ ଜଣେ କୋରିଓଗ୍ରାଫର ହେଉ ଏ କଥା ବୋଧେ କେହି ଚାହୁଁ ନ ଥିଲେ। ହେଲେ ନିଜ ପ୍ରତିଭାକୁ ରୋଶନ ଜୀବନ୍ତ ରୂପ ଦେଇ ଏ କଥା ପ୍ରମାଣିତ କରିଛନ୍ତି । ଆଜି ସୁନ୍ଦରଗଡ଼ର ଜଣେ ଯୁବ କୋରିଓଗ୍ରାଫର ଭାବେ ସେ ପରିଚୟ ପାଇଛନ୍ତି । ପିଲାଟି ଦିନରୁ ନାଚିବା ଓ ଅନ୍ୟକୁ ନାଚ ଶିଖାଇବା ତାଙ୍କର ନିଶା ଥିଲା। ସେହି ସ୍ୱପ୍ନକୁ ସାର୍ଥକ କରିବା ପାଇଁ ସେ ଲାଗିପଡିଥିଲେ। ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ସ୍କୁଲର ବାର୍ଷିକ ଉତ୍ସବରେ ତାଙ୍କୁ ସେହି ସୁଯୋଗ ମିଳିଥିଲା। ଏହାପରେ ତାଙ୍କୁ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ମଧ୍ୟ ଦେଖିବାକୁ ମିଳିଲା। ତାଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଯେଉଁଦିନ ଏକ ଗ୍ରୁପ ଡ୍ୟାନ୍ସ ପରିବେଷଣ ହେଲା ତା'ପରଠୁ ରୋଶନ ଜଣେ କୋରିଓଗ୍ରାଫର ବନିଗଲେ। ଏବେ ସେ ଜଣେ ଜଣାଶୁଣା କୋରିଓଗ୍ରାଫର । କୌଣସି ସ୍କୁଲ,କଲେଜର ବାର୍ଷିକ ଉତ୍ସବ ହେଉ କିମ୍ବା ବିଭିନ୍ନ ସ୍ଥାନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ ପାଇଁ ରୋଶନଙ୍କୁ ଖୋଜାପଡ଼େ। ବିଭିନ୍ନ ଲୋକନୃତ୍ୟ ସହ ଆଧୁନିକ ନୃତ୍ୟର ନିର୍ଦ୍ଦେଶନା ଦେବାରେ ସିଦ୍ଧହସ୍ତ ରୋଶନ । ନିଜେ ପିସ୍ ମେକର ଡ୍ୟାନ୍ସ ଏକାଡେମୀ ନାମରେ ଏକ ନୃତ୍ୟ ପ୍ରଶିକ୍ଷଣ ଅନୁଷ୍ଠାନ ଗଠନ କରିଛନ୍ତି। ଯୁବପିଢ଼ିଙ୍କୁ ନୂଆନୂଆ ଶୈଳୀର ନୃତ୍ୟ ଶିକ୍ଷା ଓ ନିର୍ଦ୍ଦେଶନା ଦେଇ ସେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏପରିକି ୟୁଟ୍ୟୁବରେ ଶୂନ ଜରା, ଲଭ ବୁକ୍ ଆଦି ଓଡ଼ିଆ ଓ ସମ୍ବଲପୁରୀ ଆଲବମ୍‌ରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ରୋଶନ। ଆଗକୁ କୋରିଓଗ୍ରାଫିରେ ଆହୁରି ନାଁ କରିବାକୁ ତାଙ୍କର ଇଚ୍ଛା । କିଭଳି ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ସେ ପ୍ରବେଶ କରି ନିଜର ପ୍ରତିଭାର ପରିଚୟ ଦେଖାଇବେ ସେଥିପାଇଁ ସେ ଉଦ୍ୟମ ଜାରି ରଖିଥିବା କହିଛନ୍ତି ।"

ରିପୋର୍ଟ
ଜୟ ନାରାୟଣ ମେଣ୍ଡୁଲୀ


ନୃତ୍ୟ ଶିକ୍ଷା କରୁଥିବା ଛାତ୍ରୀମାନଙ୍କ ସହ ରୋଶନ।

# ପେଟ୍ରୋଲ ପମ୍ପରେ ରାତି କଟିଥିଲା

ମୋ ଅନୁଭୂତି

**ଚଲିଉଡ ଚଳଚ୍ଚିତ୍ର ମ୍ୟୁଜିକ ମ୍ୟାଜିକ ମାଧ୍ୟମରେ ମନୋରଞ୍ଜନ ଦୁନିଆରେ ପାଦ ଥାପିଥିଲେ ପୁରୀରେ ଜନ୍ମିତ ସୁଧାଂଶୁ ନାରାୟଣ। ପରେ ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଫିଲ୍ମ 'ହେଲୋ' ତାଙ୍କ ପାଇଁ ଓଡ଼ିଆ ଚଳଚ୍ଚିତ୍ର ଦୁନିଆରେ ପଦାର୍ପଣ ଥିଲା। ଲଭ ୟୁ ଜେସିକା ଚଳଚ୍ଚିତ୍ରରେ ମଧ ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ସାନୁ ନାମରେ ପରିଚିତ ସୁଧାଂଶୁ ଓଡ଼ିଆ ମ୍ୟୁଜିକ ଭିଡିଓ ତଥା ୟୁଟ୍ୟୁବରେ ବେଶ ଚର୍ଚ୍ଚାରେ। ଇସ୍କ, ବାଟବଣା ହେଲା ମୋ ପ୍ରେମ, ଆଶାର ଆକାଶ ଭଳି ଅନେକ ହିଟ ଗୀତରେ ଅଭିନୟ କରିଛନ୍ତି। ଏହାଛଡ଼ା ପ୍ରଥମ ଓଡ଼ିଆ ୱେବ ସିରିଜ ରାବଣ ପୋଡ଼ିରେ ମଧ ସେ ମୁଖ୍ୟ ଭୂମିକାରେ ଥିଲେ। ଏଥର ତାଙ୍କ ଅନୁଭୂତିର କଥା...**



ଟାମିଳନ ଚଳଚ୍ଚିତ୍ରର ଶୁଟିଂ ଅଧାରୁ ଅଧିକ ସରିଯାଇଥାଏ। ଚଳଚ୍ଚିତ୍ରର ଗୋଟିଏ ରୋମାଣ୍ଟିକ ଗୀତ ହାଏରେ ଆଲ୍ଲା ବିଶାଖାପାଟଣାରେ ଶୁଟିଂ ହେବ ବୋଲି ସ୍ଥିର ହେଲା। ସୁରୁଖୁରୁରେ ସେଠାରେ ଶୁଟିଂ ଶେଷ ହେଲା। ପୂର୍ବରୁ ସାମୁଦ୍ରିକ ବାତ୍ୟା ତିତଲୀ ହେବ ବୋଲି ସୂଚନା ପାଇଥିଲୁ। ଆମର ଯୋଜନା ଥିଲା ଯେତେଶୀଘ୍ର ସମ୍ଭବ ଓଡ଼ିଶା ଫେରି ଆସିବୁ। ମାତ୍ର ଆନ୍ଧ୍ରପ୍ରଦେଶ ଅତିକ୍ରମ କରି ଓଡ଼ିଶା ସୀମାରେଖାରେ ପହଞ୍ଚିଛୁ ତ ପବନ ଏତେ ବେଗରେ ହେଉଥିଲା ଯେ ଗାଡି ଚଳାଇବା ମୁସ୍କିଲ ହୋଇପଡ଼ିଲା। ଗୋଟିଏ କାରରେ ମୁଁ, ଅଭିନେତ୍ରୀ ଅର୍ଚ୍ଚିତା, ନିର୍ଦ୍ଦେଶକ ମୂରଲୀକ୍ରିଷ୍ଣା ଓ ପ୍ରଯୋଜକ ଥାଉ। ବାଟରେ ଗଛ ପଡ଼ିଥିବା ଶୁଣିବାରୁ ଏକ ପେଟ୍ରୋଲ ପମ୍ପ ଭିତରକୁ ଗାଡ଼ି ନେଇଥିଲୁ। ହେଲେ ସେଠାରେ ପବନର ଯେଉଁ ତାଣ୍ଡବ ଦୃଶ୍ୟ ଦେଖିଥିଲୁ ତାହା ସାରା ଜୀବନ ମନେ ରହିବ। ଏହା ହେଉଛି ଓଡ଼ିଆ ସିନେ ଜଗତର ନବାଗତ ନାୟକ ସୁଧାଂଶୁ ନାରାୟଣଙ୍କ ଅନୁଭୂତିରୁ କିଛି। ସେ କହିଥିଲେ ଯେ, କିଛି ସମୟ ପେଟ୍ରୋଲ ପମ୍ପରେ ଛିଡ଼ା ହେବା ପରେ ପମ୍ପର ଛାତ ସମ୍ପୂର୍ଣ୍ଣ ଭାବେ ଉଡ଼ି ଯାଇଥିଲା। ବୁଦ୍ଧି, ବାଟ ଦିଶୁ ନଥାଏ କଣ କରିବୁ, କୁଆଡେ ଯିବୁ। ପମ୍ପରେ ୩ଜଣ କର୍ମଚାରୀ ଥାନ୍ତି। ସେମାନେ ଗୋଟିଏ ରୁମ୍‌ରେ କବାଟ ବନ୍ଦ କରି ବସିଥାନ୍ତି। ଆମେ ସେ ରୁମ୍‌ରେ ରହିବା ବି ଅସମ୍ଭବ ଥିଲା। ଭଗବାନଙ୍କୁ ସ୍ମରଣ କରିକରି ରାତି କଟିଥିଲା। ସକାଳେ ଝଡ଼ ଥମିବା ପରେ ଓଡ଼ିଶା ଫେରିଥିଲୁ ବୋଲି ସୁଧାଂଶୁ କହିଛନ୍ତି।

ରିପୋର୍ଟ: କୁମାରଶ୍ରୀ ସାହୁ

# ଖାଦ୍ୟରୁଚି

## ମାଟିହାଣ୍ଡି ମଟନ



ବର୍ତ୍ତମାନ ସମସ୍ତ ହୋଟେଲ ଓ ରେଷ୍ଟୁରାଣ୍ଟ ସ୍ଥାନୀୟ ଖାଦ୍ୟ ଓ ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ଭିନ୍ନ ଭିନ୍ନ ଡିସ୍ ପରଷୁଛନ୍ତି। ତେବେ ମୟୂରଭଞ୍ଜ ଆସିଲେ ଲୋକେ ଖାସି ମାଂସ ଖାଇବାକୁ ଭଲ ପାଇଥାନ୍ତି। କାରଣ ଏଠାକାର ମଟନର ସ୍ୱାଦ ନିଆରା। ପୁଣି ଏହା ମାଟିପାତ୍ରରେ ହୋଇଥିବାରୁ ଏହାର ସ୍ୱାଦ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ବାରିପଦା କେସି ସର୍କଲ ସ୍ଥିତ ହୋଟେଲ ମୟୂରଭଞ୍ଜ ଆଣ୍ଡ୍ ରେଷ୍ଟୁରାଣ୍ଟ ପକ୍ଷରୁ ଏକ ବର୍ଷ ପୂର୍ତ୍ତି ଅବସରରେ ସମ୍ପୂର୍ଣ୍ଣ ଦେଶୀ ପଦ୍ଧତିରେ ପ୍ରସ୍ତୁତ ସ୍ୱତନ୍ତ୍ର ଡିସ 'ମାଟିହାଣ୍ଡି ମଟନ' ଗ୍ରାହକଙ୍କୁ ଦିଆଯାଉଛି । ମାଟି ହାଣ୍ଡିରେ ରୋଷେଇ କରି ମାଟିପାତ୍ରରେ ଏହି ଡିସ୍‌କୁ ପରଷାଯାଉଛି। ଏହି ଡିସ୍‌ର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ହୋଟେଲର ମାଷ୍ଟର ସେଫ ରିଜବାନ ଅହମ୍ମଦ ଅଲି ଖାନ ଯାହା କୁହନ୍ତି...

ରିପୋର୍ଟ: ରବି ନାରାୟଣ ଚଲାନ

### ଆବଶ୍ୟକ ସାମଗ୍ରୀ

- ଖାସି ମାଂସ–୨୫୦ ଗ୍ରାମ୍
- ଆଳୁ–୧୦୦ ଗ୍ରାମ୍
- ପିଆଜ–୧୫୦ ଗ୍ରାମ୍
- ଅଦା/ରସୁଣ ପେଷ୍ଟ–୭୫ ଗ୍ରାମ୍
- ସୋରିଷ ତେଲ–୧୫୦ ଗ୍ରାମ୍
- ଆବଶ୍ୟକ ଅନୁସାରେ ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଗରମ ମସଲା(ମିକ୍ସ), କଶ୍ମୀରୀ ଲଙ୍କା ପାଉଡର
- ସ୍ୱାଦ ଅନୁସାରେ ଲୁଣ
- କିଛି ଡାଲଚିନି, ଲବଙ୍ଗ, ତେଜପତ୍ର, ଧନିଆ ପତ୍ର, କଞ୍ଚା ଲଙ୍କା ଓ ଦେଶୀ ଘିଅ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗ୍ୟାସ କିମ୍ବା ଚୁଲାକୁ ଲଗାନ୍ତୁ। ତା' ଉପରେ ଏକ ମାଟି ହାଣ୍ଡିକୁ ବସାଇବେ। ହାଣ୍ଡି ଗରମ ହେବା ପରେ ସେଥିରେ ତେଲ ପକାଇବେ। ତେଲ ଗରମ ହେବା ପରେ ଡାଲଚିନି, ତେଜପତ୍ର, ଲବଙ୍ଗକୁ ପକାଇ ଭଲକରି ଭାଜିବେ। ଏହା ଉପରେ ପୂର୍ବରୁ ଛୋଟ ଛୋଟ କାଟି ରଖିଥିବା ପିଆଜକୁ ପକାଇ ଲାଇଟ୍ ବ୍ରାଉନ ହେବା ପର୍ଯ୍ୟନ୍ତ ଭାଜନ୍ତୁ। କିଛି ସମୟ ପରେ ମାଂସକୁ ହାଣ୍ଡିରେ ପକାଇବା ପରେ କଟା ଆଳୁ ମଧ ପକାଇ ଦିଅନ୍ତୁ। ଅଳ୍ପ ପାଣି ଦେଇ ମାଂସକୁ ସିଝିବା ପାଇଁ ଛାଡ଼ି ଦିଅନ୍ତୁ। ମାଂସ ଭଲ ଭାବେ ସିଝିଲା ପରେ ଆବଶ୍ୟକ ଅନୁସାରେ କଞ୍ଚା ଲଙ୍କା, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଗରମ ମସଲା (ମିକ୍ସ), ଲୁଣ ଓ କଶ୍ମୀରୀ ପାଉଡର ପକାଇ ମସଲାକୁ ଭଲ ଭାବେ ମାଂସ ସହ ଗୋଳାଇ ଦିଅନ୍ତୁ। ଅଳ୍ପ ସମୟ ପାଇଁ ଘାଣ୍ଟନ୍ତୁ। ଏବେ ତିଆରି ହୋଇଗଲା ମାଟିହାଣ୍ଡି ମଟନ। ଏହାକୁ ଏକ ମାଟି ପାତ୍ରରେ ଢାଳି କିଛି ଧନିଆ ପତ୍ର ଓ ଅଳ୍ପ ଦେଶୀ ଘିଅ ଉପରେ ପକାଇ ଗାର୍ନିସିଂ କରିଦିଅନ୍ତୁ। ଏହି ଡିସ୍‌କୁ ଆରାମରେ ନିଜେ ଘରେ ତିଆରି କରି ପାରିବେ। ନିଜେ ଖାଇ ଅନ୍ୟମାନଙ୍କୁ ବି ଖୁଆନ୍ତୁ।


ମାଷ୍ଟର ସେଫ
ରିଜବାନ ଅହମ୍ମଦ ଅଲି ଖାନ

# ସେଲ୍‌ଫି କର୍ନର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)


@ ମନୋଜ


@ ଦେବରାଜ


@ ଭବାନୀ


@ ସରୋଜ


@ ଜ୍ୟୋତି


@ ଉପସିତ୍


@ ସୁଶାନ୍ତ



@ ଅଭିଳାଷ

$ Dollar 68.82 (11) | Sensex 39,215.64 (84.60) | Nifty 11,687.50 (24.90) | Gold 35,500.00 (`70) | Silver 40,190.00 (`660)

## ସଂକ୍ଷେପରେ

### ବ୍ଲୁମ୍‌ବର୍ଗ ବିଲିୟନେୟାର ଇଣ୍ଡେକ୍ସ
### ଗେଟ୍ସଙ୍କୁ ପଛରେ ପକାଇ ଆର୍ନଲ୍ଟ ଦ୍ୱିତୀୟ ଶୀର୍ଷ ଧନୀ

**ନୂଆଦିଲ୍ଲୀ,୧୭-୭:** ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କ ଠାରୁ ବିଶ୍ୱର ଦ୍ୱିତୀୟ ଶୀର୍ଷ ଧନୀ ମୁକୁଟ ହଟିଯାଇଛି। ପ୍ରକାଶ ପାଉଥିବା ବ୍ଲୁମ୍‌ବର୍ଗ ବିଲିୟନେୟାର ଇଣ୍ଡେକ୍ସ ତାଲିକାରେ ସେ ତୃତୀୟ ସ୍ଥାନକୁ ଖସିଯାଇଛନ୍ତି। ତାଙ୍କ ସ୍ଥାନ ନେଇଛନ୍ତି ଫ୍ରାନ୍ସର ବର୍ନାଡ ଆର୍ନଲ୍ଟ। ସେ ତୃତୀୟ ସ୍ଥାନରୁ ଦ୍ୱିତୀୟକୁ ଉଠି ଆସିଛନ୍ତି। ଗତ ୭ ବର୍ଷ ହେବ ଗେଟ୍‌ସ ଇଣ୍ଡେକ୍ସର ୨ୟ ସ୍ଥାନରେ ରହିଥିଲେ। ଲକ୍‌ଜ୍ୟୁରୀ ଗୁଡ଼ସ କମ୍ପାନୀ ଏଲ୍‌ଭିଏମ୍‌ଏଚ୍(ଲୁଇ ଭିଟନ ମୋଏଟ ହେନେସୀ)ର ଅଧ୍ୟକ୍ଷ ତଥା ସିଇଓ ଭାବେ ୭୦ ବର୍ଷର ଆର୍ନଲ୍ଟ କାର୍ଯ୍ୟ କରୁଛନ୍ତି। ଏହି କମ୍ପାନୀ ଫ୍ରାନ୍ସରେ ବେଶ ଚର୍ଚ୍ଚିତ। ଫୋର୍ବ୍ସ ପତ୍ରିକା ଅନୁଯାୟୀ ଆର୍ନଲ୍ଟ ୧୯୮୪ରେ ଲକ୍‌ଜ୍ୟୁରୀ ଗୁଡ଼ସ ମାର୍କେଟରେ ପାଦ ଥାପିଥିଲେ। ଏହାପରେ ସେ ଟେକ୍ସଟାଇଲ ଗ୍ରୁପ୍‌କୁ ଅଧିଗ୍ରହଣ କରିଥିଲେ। ବ୍ଲୁମ୍‌ବର୍ଗ ଦ୍ୱାରା ବୁଧବାର ଜାରି ତଥ୍ୟ ଅନୁଯାୟୀ, ତାଙ୍କର ମୋଟ ସମ୍ପତ୍ତିର ପରିମାଣ ୧୦୮ ବିଲିୟନ ଡଲାର। ସେହିପରି ବିଲ୍ ଗେଟ୍‌ସଙ୍କର ୧୦୭ ବିଲିୟନ ଡଲାର ସମ୍ପତ୍ତି ରହିଛି। ଟ୍ୟାଗ୍ ହାୟର, ଡି ବିୟର୍ସ, ବୁଲଗାରୀ, ଥମାସ ପିଙ୍କ, ଫେଣ୍ଡି ଭଳି ନାମୀଦାମୀ କମ୍ପାନୀ ସମେତ ପ୍ରାୟ ୭୦ ବ୍ରାଣ୍ଡର ମାଲିକ ହେଉଛନ୍ତି ଅର୍ନଲ୍ଟ। ସେ ନେଟ୍‌ଫ୍ଲିକ୍ସ ଓ ବ୍ଲୁ କ୍ୟାପିଟାଲରେ ମଧ ନିବେଶ କରିଛନ୍ତି। ତେବେ ଇ-କମର୍ସ କମ୍ପାନୀ ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍ ଶୀର୍ଷରେ ରହିଛନ୍ତି। ତାଙ୍କର ମୋଟ ସମ୍ପତ୍ତି ପରିମାଣ ୧୨୫ ବିଲିୟନ ଡଲାର।

### ମୁକେଶ ଅମ୍ବାନୀ ୧୩ତମ ସ୍ଥାନରେ

ବ୍ଲୁମ୍‌ବର୍ଗ ବିଲିୟନେୟାର ଇଣ୍ଡେକ୍ସରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ମାଲିକ ତଥା ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଭାରତୀୟ ଶୀର୍ଷ ଧନୀ ହୋଇଥିବା ବେଳେ ବିଶ୍ୱରେ ସେ ୧୩ ତମ ସ୍ଥାନରେ ରହିଛନ୍ତି। ତାଙ୍କର ମୋଟ ସମ୍ପତ୍ତିର ମୂଲ୍ୟ ୫୧.୮ ବିଲିୟନ ଡଲାର ବୋଲି ଇଣ୍ଡେକ୍ସରୁ ଜଣାପଡିଛି। ଏହି ତାଲିକାରେ ମୁକେଶଙ୍କ ସମେତ ୧୮ ଭାରତୀୟ ଧନୀ ସ୍ଥାନ ପାଇଛନ୍ତି। ମୁକେଶଙ୍କ ପରେ ୱିପ୍ରୋ ପ୍ରତିଷ୍ଠାତା ତଥା ସିଏମ୍‌ଡି ଅଜିମ ପ୍ରେମ୍‌ଜୀ(୪୮ତମ, ୨୦.୫ ବିଲିୟନ ଡଲାର), ଶିବ ନାଦାର(୯୨ ତମ, ୧୪.୫ ବିଲିୟନ ଡଲାର) ତୃତୀୟ ଓ ଉଦୟ କୋଟାକ(୯୭ତମ, ୧୩.୮ ବିଲିୟନ ଡଲାର)ଚତୁର୍ଥ ସ୍ଥାନରେ ରହିଛନ୍ତି।

### ଜିପିଏଫ୍ ସୁଧ ହାର ୭.୯%କୁ ହ୍ରାସ

**ନୂଆଦିଲ୍ଲୀ,୧୭-୭:** ମୋଦି ସରକାର ସରକାରୀ କର୍ମଚାରୀଙ୍କୁ ଝଟକା ଦେଇ ଜେନେରାଲ ପ୍ରୋଭିଡେଣ୍ଟ ଫଣ୍ଡ(ଜିପିଏଫ୍) ଓ ଏଥିସହିତ ଜଡ଼ିତ ଅନ୍ୟ ଫଣ୍ଡ ଉପରେ ମିଳୁଥିବା ସୁଧ ହାରରେ ୧୦ ବେସିସ୍ ପଏଣ୍ଟ ହ୍ରାସ କରିଛନ୍ତି। ଗତ ତିନୋଟି ତ୍ରୈମାସରେ ଜିପିଏଫ୍ ଉପରେ ୮ ପ୍ରତିଶତ ସୁଧ ହାର ମିଳୁଥିବା ବେଳେ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସ ଲାଗି ସୁଧ ହାର ୭.୯% ଘୋଷଣା କରାଯାଇଛି। ସୁଧ ହାର ହ୍ରାସ ଯୋଗୁ କେନ୍ଦ୍ର ସରକାରୀ, ରେଲୱେ ଓ ପ୍ରତିରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ଲକ୍ଷ ଲକ୍ଷ କର୍ମଚାରୀଙ୍କୁ କ୍ଷତି ହେବ। ନୂଆ ସୁଧ ହାର ଜୁଲାଇ ପହିଲାରୁ ଲାଗୁ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, କେନ୍ଦ୍ର ସରକାରୀ କର୍ମଚାରୀ ନିଜର ପିଏଫ୍ ଅର୍ଥାତ ଭବିଷ୍ୟନିଧି ପାଣ୍ଠିରେ ବେତନର ଏକ ଅଂଶବିଶେଷ ଜମା କରିଥାନ୍ତି। ଅବସର ପରେ ସେମାନଙ୍କୁ ସେହି ଅର୍ଥ ପ୍ରଦାନ କରାଯାଇଥାଏ। ୨୦୦୩, ଡିସେମ୍ବର ୩୧ ପୂର୍ବରୁ ନିଯୁକ୍ତ ସମସ୍ତ ସରକାରୀ କର୍ମଚାରୀଙ୍କୁ ଜିପିଏଫ୍ ସୁବିଧା ମିଳୁଛି। ଜିପିଏଫ୍ ସମେତ ଅନ୍ୟ କେତେକ ଫଣ୍ଡ ଯଥା: କଣ୍ଟ୍ରିବ୍ୟୁଟୋରୀ ପ୍ରୋଭିଡେଣ୍ଟ ଫଣ୍ଡ(ଇଣ୍ଡିଆ), ଅଲ୍ ଇଣ୍ଡିଆ ସର୍ଭିସେସ୍ ପ୍ରୋଭିଡେଣ୍ଟ ଫଣ୍ଡ, ଷ୍ଟେଟ୍ ରେଲୱେ ପ୍ରୋଭିଡେଣ୍ଟ ଫଣ୍ଡ, ଜେନେରାଲ ପ୍ରୋଭିଡେଣ୍ଟ ଫଣ୍ଡ(ଡିଫେନ୍ସ ସର୍ଭିସେସ୍), ଇଣ୍ଡିଆନ ଅର୍ଡିନାନ୍ସ ଡିପାର୍ଟମେଣ୍ଟ ପ୍ରୋଭିଡେଣ୍ଟ ଫଣ୍ଡ, ଇଣ୍ଡିଆନ ଅର୍ଡିନାନ୍ସ ଫ୍ୟାକ୍ଟରିଜ ୱର୍କମେନ୍ସ ପ୍ରୋଭିଡେଣ୍ଟ ଫଣ୍ଡ, ଇଣ୍ଡିଆନ ନାଭାଲ ଡକ୍‌ୟାର୍ଡ ୱର୍କମେନ୍ସ ପ୍ରୋଭିଡେଣ୍ଟ ଫଣ୍ଡ, ଡିଫେନ୍ସ ସର୍ଭିସେସ୍ ଅଫିସର୍ସ ପ୍ରୋଭିଡେଣ୍ଟ ଫଣ୍ଡ ଏବଂ ଆର୍ମଡ ଫୋର୍ସେସ୍ ପର୍ସନାଲ ପ୍ରୋଭିଡେଣ୍ଟ ଫଣ୍ଡର ସୁଧ ହାର ମଧ ହ୍ରାସ ପାଉଛି। ଏଥିପୂର୍ବରୁ ୨୦୧୮ ଅକ୍ଟୋବରରେ ଜିପିଏଫ୍ ସୁଧ ହାରରେ ପରିବର୍ତ୍ତନ କରାଯାଇ ସୁଧ ହାର ୦.୪% ବୃଦ୍ଧି କରାଯାଇଥିଲା। ଏହା ସେବେଠାରୁ ୮% ରହିଥିଲା। ସୂଚନାଥାଉ କି, କେନ୍ଦ୍ର ସରକାର ଗତ ମାସରେ ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ, ନ୍ୟାସନାଲ ସେଭିଙ୍ଗସ ସାର୍ଟିଫିକେଟ ସମେତ ସମସ୍ତ ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାର ୦.୧% ହ୍ରାସ କରିଥିଲେ।



ଦେଶର ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ଟ୍ରାଭେଲ ପୋର୍ଟାଲ ଯାତ୍ରାକୁ ଅଧିଗ୍ରହଣ କରିଛି ଇବିକ୍ସ ଗ୍ରୁପ୍।
– ରବୀନ ରାଇନା, ଇବିକ୍ସ ଅଧ୍ୟକ୍ଷ



ବହୁ ଅନିଶ୍ଚିତତା ସତ୍ତ୍ୱେ ମାଇଣ୍ଡଟ୍ରି ତା'ର ଫଳାଫଳ ଭଲ କରିଛି। ଚଳିତ ଆର୍ଥିକ ବର୍ଷରେ କମ୍ପାନୀ ଆହୁରି ଭଲ ଫଳାଫଳ କରିବ ବୋଲି ଆଶା ରହିଛି।
– ରୋଷ୍ଟୋ ରାଭାନନ୍, ମାଇଣ୍ଡଟ୍ରି ଏମ୍‌ଡି ତଥା ସିଇଓ

# ଥରକରେ ସରକାରଙ୍କୁ ମିଳିବନି ବଳକା ଅର୍ଥ

## ଜଲାନ କମିଟି ରିପୋର୍ଟ ଚୂଡ଼ାନ୍ତ



### ୩-୫ବର୍ଷ ମଧ୍ୟରେ ହସ୍ତାନ୍ତର ଲାଗି ହୋଇପାରେ ସୁପାରିସ

ନୂଆଦିଲ୍ଲୀ,୧୭-୭

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ବିମଳ ଜଲାନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ପଡି ରହିଥିବା ବଳକା ପୁଞ୍ଜିକୁ ନେଇ ନିଜର ରିପୋର୍ଟ ଚୂଡ଼ାନ୍ତ କରିସାରିଛନ୍ତି। ବୁଧବାର ଏ ସମ୍ପର୍କରେ ସୂଚନା ମିଳିଛି। ମିଡିଆ ରିପୋର୍ଟ ଅନୁସାରେ ଆର୍‌ବିଆଇର ବଳକା ଅର୍ଥକୁ ପର୍ଯ୍ୟାୟକ୍ରମେ ସରକାରଙ୍କୁ ହସ୍ତାନ୍ତର କରାଯିବ। ଏକାଥରକେ ସରକାରଙ୍କୁ ବଳକା ପୁଞ୍ଜି ପ୍ରଦାନ ନ କରିବାକୁ କମିଟି ସୁପାରିସ କରିଥିବା ପ୍ରାପ୍ତ ସୂତ୍ରରୁ ପ୍ରକାଶ। ଜଲାନ କମିଟି ଏକ ନିର୍ଦ୍ଧାରିତ ଅର୍ଥକୁ ଆସନ୍ତା ୩ରୁ ୫ ବର୍ଷ ମଧ୍ୟରେ କିସ୍ତିରେ ପ୍ରଦାନ କରିବାକୁ ସୁପାରିସରେ କୁହାଯାଇଛି।

ତେବେ ଆର୍‌ବିଆଇ ନିଜର ବଳକା ଅର୍ଥରୁ କେତେ ସରକାରଙ୍କୁ ଦେବ ଏହା ସ୍ଥିର କରାଯାଇନାହିଁ। ଜଲାନଙ୍କ ଅଧ୍ୟକ୍ଷତାରେ ୬ ସଦସ୍ୟଙ୍କୁ ନେଇ କମିଟି ଗଠନ କରାଯାଇଛି। ଏହି କମିଟି ଆର୍‌ବିଆଇ ନିକଟରେ କେତେ ବଳକା ପୁଞ୍ଜି ରହିବା ଦରକାର ଓ କେତେ ପରିମାଣ ଅର୍ଥ ସରକାରଙ୍କୁ ପ୍ରଦାନ କରାଯିବା ଉଚିତ୍ ସେ ସମ୍ପର୍କରେ ସୁପାରିସ କରିବେ। ଏହି ବିବାଦ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଛି। କାରଣ ସରକାରୀ କେନ୍ଦ୍ରୀୟ ବ୍ୟାଙ୍କ ଠାରୁ ବଳକା ପୁଞ୍ଜି ଚାହୁଁଥିବା ବେଳେ ଏହାକୁ ଆର୍‌ବିଆଇ ଓ ବହୁ ଅର୍ଥନୈତିକ ବିଶେଷଜ୍ଞ ବିରୋଧ କରୁଛନ୍ତି। ଆର୍‌ବିଆଇ ବିଶ୍ୱ ସ୍ତରରେ ଆପଣାଯାଉଥିବା ସର୍ବଶ୍ରେଷ୍ଠ ପଦ୍ଧତିକୁ ଆପଣାଉ ବୋଲି ସରକାର ଚାହୁଁଛନ୍ତି। ନିଜ ବ୍ୟବହାର ପାଇଁ ପୁଞ୍ଜି ରଖି କେନ୍ଦ୍ରୀୟ ବ୍ୟାଙ୍କ ବଳକା ଅର୍ଥ କେନ୍ଦ୍ରକୁ ଦେଉ ବୋଲି ସରକାର ଯୁକ୍ତି ଦର୍ଶାଇଛନ୍ତି। ତେବେ ଦେଶରେ ଜରୁରିକାଳୀନ ଆର୍ଥିକ ପରିସ୍ଥିତି ଲାଗି ବଳକା ପୁଞ୍ଜିର ଆବଶ୍ୟକତା ଦର୍ଶାଇ ଆର୍‌ବିଆଇ ଏହାକୁ ବିରୋଧ କରୁଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କମିଟି ପକ୍ଷରୁ ରିପୋର୍ଟକୁ ଚୂଡ଼ାନ୍ତ କରାଯାଇଥିଲେ ହେଁ ସରକାରଙ୍କୁ ହସ୍ତାନ୍ତରିତ ହେବାକୁ ଥିବା ଅର୍ଥ ସମ୍ପର୍କରେ କିଛି ସୁପାରିସ କରାଯାଇନାହିଁ। ତେବେ ଆର୍‌ବିଆଇ ବଳକା ଅର୍ଥକୁ ଏକାଥରକେ ନ ଦେଇ ୩ରୁ ୫ ବର୍ଷ ଭିତରେ ପର୍ଯ୍ୟାୟକ୍ରମେ ଦେଉ ବୋଲି ସୁପାରିସ କରାଯାଇଛି।

### ରିପୋର୍ଟ ପ୍ରଦାନର ଦିନ ଧାର୍ଯ୍ୟ ହୋଇନି

ଜଲାନ କମିଟି କେଉଁ ଦିନ ତାଙ୍କର ରିପୋର୍ଟ ଦେବେ ସେ ସମ୍ପର୍କରେ ତାରିଖ ଧାର୍ଯ୍ୟ ହୋଇନି। ତେବେ ରିପୋର୍ଟ ସମ୍ପାଦନ ପରେ ଆର୍‌ବିଆଇକୁ ଏହା ହସ୍ତାନ୍ତର ଲାଗି ତାରିଖ ମଗାଯିବ ବୋଲି ପ୍ରାପ୍ତ ସୂତ୍ରରୁ ପ୍ରକାଶ। ବୁଧବାର ବୈଠକ ଶେଷ ହେବା ପରେ ଆଉ କୌଣସି ବୈଠକ ହେବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଏହି ବୈଠକରେ ସରକାରଙ୍କ ପକ୍ଷରୁ କେତେକ ପ୍ରସଙ୍ଗରେ ବିରୋଧ କରାଯାଇଥିଲା ବୋଲି ଉକ୍ତ ସୂତ୍ର କହିଛି। ସୂଚନାଥାଉ କି, ରିଜର୍ଭ ବ୍ୟାଙ୍କର ପୂର୍ବତନ ଡେପୁଟି ଗଭର୍ନର ରାକେଶ ମୋହନ କମିଟିର ଉପାଧ୍ୟକ୍ଷ ଥିବା ବେଳେ ଅନ୍ୟ ସଦସ୍ୟମାନେ ହେଲେ ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ, ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ଏନ୍.ଏସ୍.ବିଶ୍ୱନାଥନ, ଦୁଇ କେନ୍ଦ୍ରୀୟ ବ୍ୟାଙ୍କ ବୋର୍ଡ ସଦସ୍ୟ ଭରତ ଦୋଷୀ ଏବଂ ସୁଧୀର ମଙ୍କଡ।

### ଆର୍‌ବିଆଇ ନିକଟରେ ୯ ଲକ୍ଷ କୋଟିର ବଳକା ଅର୍ଥ

ରିଜର୍ଭ ବ୍ୟାଙ୍କ ନିକଟରେ ୯ ଲକ୍ଷ କୋଟି ଟଙ୍କା ବଳକା ଅର୍ଥ ରହିଛି ବୋଲି କୁହାଯାଉଛି। ଏ ସମ୍ପର୍କରେ କେନ୍ଦ୍ରୀୟ ବ୍ୟାଙ୍କ କିମ୍ବା କେନ୍ଦ୍ର ସରକାର କିଛି ସ୍ପଷ୍ଟ କରିନାହାନ୍ତି। ତତ୍କାଳୀନ ଗଭର୍ନର ଡ.ଉର୍ଜିତ ପଟେଲଙ୍କ ସହ ଏହାକୁ ନେଇ କେନ୍ଦ୍ର ସରକାରଙ୍କ ବିବାଦ ସୃଷ୍ଟି ହୋଇଥିଲା।

### ପୂର୍ବରୁ ଗଠିତ ହୋଇଛି ୩ କମିଟି

ପୂର୍ବରୁ ରିଜର୍ଭ ବ୍ୟାଙ୍କର ବଳକା ପୁଞ୍ଜିକୁ ନେଇ ତିନୋଟି କମିଟି ଗଠନ କରାଯାଇଥିଲା। ୧୯୯୭ରେ ବି.ସୁବ୍ରମଣ୍ୟମ କମିଟି, ୨୦୦୪ରେ ଉଷା ଥୋରାଟ କମିଟି ଏବଂ ୨୦୧୩ରେ ମାଲେଗାଓଁ କମିଟି ଏହାର ସମୀକ୍ଷା କରିଥିଲେ। ସୁବ୍ରମଣ୍ୟମ କମିଟି ଆକସ୍ମିକ ସଂରକ୍ଷିତ ପାଣ୍ଠି ୧୨%ରେ ରଖିବା ଲାଗି ପ୍ରସ୍ତାବ ଦେଇଥିଲେ। ତେବେ ଥୋରାଟ କମିଟି ଏହାକୁ ୧୮%କୁ ବୃଦ୍ଧି କରିଥିଲେ। ତେବେ ରିଜର୍ଭ ବ୍ୟାଙ୍କ ଥୋରାଟ କମିଟିର ସୁପାରିସକୁ ଅଗ୍ରାହ୍ୟ କରି ସୁବ୍ରମଣ୍ୟମ କମିଟି ସୁପାରିସକୁ ଜାରି ରଖିଥିଲେ। ତେବେ ମାଲେଗାଓଁ କମିଟି କୌଣସି ନିଶ୍ଚିତ ସଂଖ୍ୟା ଜଣାଇ ନ ଥିଲେ। ରିଜର୍ଭ ବ୍ୟାଙ୍କ ନିଜ ଲାଭର ଏକ ଉପଯୁକ୍ତ ରାଶି ସରକାରଙ୍କୁ ଦେବା ଉଚିତ୍ ବୋଲି କମିଟି ସୁପାରିସ କରିଥିଲେ।

## କ୍ୟାବିନେଟ ନିଷ୍ପତ୍ତି

### ୧୫ତମ ଅର୍ଥ ଆୟୋଗଙ୍କ କାର୍ଯ୍ୟକାଳ ବୃଦ୍ଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୁଧବାର ୧୫ତମ ଅର୍ଥ ଆୟୋଗଙ୍କ କାର୍ଯ୍ୟକାଳକୁ ଏକ ମାସ ବୃଦ୍ଧି କରିଛନ୍ତି। ଏଣିକି ଆୟୋଗଙ୍କ କାର୍ଯ୍ୟକାଳ ନଭେମ୍ବର ୩୦ରେ ଶେଷ ହେବ। ପ୍ରତିରକ୍ଷା ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ଲାଗି ପାଣ୍ଠିକୁ ଆୟୋଗ ପରିସରଭୁକ୍ତ କରିବା ଆଗତ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି। ୨୦୧୭ ନଭେମ୍ବର ୨୭ରେ ଏନ.କେ. ସିଂଙ୍କ ଅଧ୍ୟକ୍ଷତାରେ ୧୫ତମ ଅର୍ଥ ଆୟୋଗ ଗଠନ ହୋଇଥିଲା। ଆୟୋଗ ଅନ୍ୟ ପ୍ରସଙ୍ଗ ସହିତ ୨୦୨୦ ଏପ୍ରିଲ ପହିଲାରୁ ୫ ବର୍ଷ ଲାଗି ରାଜ୍ୟଗୁଡ଼ିକୁ ପ୍ରଦାନ କରାଯିବାକୁ ଥିବା ପାଣ୍ଠି ସମ୍ପର୍କରେ ଫର୍ମୁଲା ପ୍ରସ୍ତାବ ଦେବେ।

### ଆଇବିସି ଆଇନରେ ୭ ସଂଶୋଧନକୁ ମଞ୍ଜୁରୀ

କେନ୍ଦ୍ର କ୍ୟାବିନେଟ ଋଣ ସମାଧାନ ଅକ୍ଷମତା ସଂହିତା(ଆଇବିସି)ରେ ୭ଟି ସଂଶୋଧନକୁ ମଞ୍ଜୁରୀ ପ୍ରଦାନ କରିଛି। ଆଇବିସିରେ ଥିବା ତ୍ରୁଟିବିଚ୍ୟୁତିକୁ ଦୂରକରିବା ଏହାର ଲକ୍ଷ୍ୟ। ଏହାଦ୍ୱାରା ସମାଧାନ ପ୍ରକ୍ରିୟାରେ ସର୍ବାଧିକ ମୂଲ୍ୟ ହାସଲ କରାଯାଇପାରିବ। ସରକାର ନିର୍ଦ୍ଧାରିତ ସମୟସୀମାକୁ କଡ଼ାକଡି ଭାବେ ପାଳନ କରିବାକୁ ସଂଶୋଧନରେ କୁହାଯାଇଛି।

### କମ୍ପାନୀ ଆଇନ ବିଲ୍ ସଂଶୋଧନକୁ ଅନୁମୋଦନ

କେନ୍ଦ୍ର କ୍ୟାବିନେଟ ବୁଧବାର କମ୍ପାନୀ ଆଇନ, ୨୦୧୩ ବିଲ୍‌ରେ ସଂଶୋଧନକୁ ଅନୁମୋଦନ କରିଛନ୍ତି। ଏହି ବିଲ୍ ୨୦୧୯ରେ ଜାରି ଅଧ୍ୟାଦେଶର ସ୍ଥାନ ନେବ। ଆନୁଷ୍ଠାନିକ ବିଜ୍ଞପ୍ତି ଅନୁସାରେ ପ୍ରସ୍ତାବିତ ସଂଶୋଧନ ଦ୍ୱାରା କାରବାର ସୁଗମତା ଆହୁରି ବଢ଼ିବ ତଥା ରାଷ୍ଟ୍ରୀୟ କମ୍ପାନୀ ବିଧି ନ୍ୟାୟାଧିକରଣ ଏବଂ ସ୍ୱତନ୍ତ୍ର ଅଦାଲତରେ ଚାଲୁଥିବା ମକଦ୍ଦମା ବୋଝ ଅନେକାଂଶରେ କମିବ। ଏହାଦ୍ୱାରା ଆଇନର ଉଲ୍ଲଂଘନ ସଂକ୍ରାନ୍ତ ମାମଲାର ଶୁଣାଣି ଉପରେ ଅଧିକ ଜୋର୍ ଦିଆଯିବ। ଏହାଛଡ଼ା କମ୍ପାନୀ ପକ୍ଷରୁ ଆଇନ ପାଳନ ଅଧିକ ସୁବ୍ୟବସ୍ଥିତ ହେବ।

# କୋଲ୍ ଇଣ୍ଡିଆକୁ ଭାଙ୍ଗି ଗଠନ ହେବ ୫ ସହଯୋଗୀ କମ୍ପାନୀ

ନୂଆଦିଲ୍ଲୀ,୧୭-୭



କୋଇଲା ଖନନ କ୍ଷେତ୍ରରେ କାର୍ଯ୍ୟରତ ବିଶ୍ୱର ସର୍ବବୃହତ କୋଇଲା କମ୍ପାନୀ କୋଲ୍ ଇଣ୍ଡିଆ ଲିମିଟେଡକୁ ଭାଙ୍ଗି ୫ ସହଯୋଗୀ କମ୍ପାନୀ ଭାବେ ଏହାକୁ ଷ୍ଟକ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କରିବାକୁ ସରକାର ବିଚାର କରୁଛନ୍ତି। ଏହାଦ୍ୱାରା ସରକାର ଏଥିରୁ ଅଧିକ ପୁଞ୍ଜି ଆଦାୟ କରିପାରିବେ। ଅର୍ଥ ମନ୍ତ୍ରଣାଳୟ ଅଧୀନ ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟ ପକ୍ଷରୁ ଏ ସମ୍ପର୍କରେ ଏକ ପ୍ରସ୍ତାବ ଦିଆଯିବା ପରେ କୋଲ୍ ଇଣ୍ଡିଆ ଏବଂ କୋଇଲା ମନ୍ତ୍ରଣାଳୟ ଏନେଇ ବିଚାର ଆଲୋଚନା ଚଳାଇଛି। ତେବେ ସରକାର କେବେ ସୁଦ୍ଧା ଏହାକୁ ନେଇ ନିଷ୍ପତ୍ତି ନେବେ ତାହା ଜଣାପଡିନାହିଁ। କୋଲ୍ ଇଣ୍ଡିଆର ମୋଟ କୋଇଲା ଉତ୍ପାଦନ କରୁଥିବା ମହାନଦୀ କୋଲ୍‌ଫିଲ୍ଡସ, ସାଉଥ ଇଷ୍ଟର୍ନ କୋଲ୍‌ଫିଲ୍ଡସ, ନର୍ଦର୍ନ କୋଲ୍‌ଫିଲ୍ଡସ ଏବଂ ସେଣ୍ଟ୍ରାଲ କୋଲ୍‌ଫିଲ୍ଡସକୁ ତାଲିକାଭୁକ୍ତ କରାଯିବ। ଏଥିସହିତ ୫ମ ୟୁନିଟ ଭାବେ ସେଣ୍ଟ୍ରାଲ ମାଇନ୍ ପ୍ଲାନିଂ ଆଣ୍ଡ ଡିଜାଇନ ଇନ୍‌ଷ୍ଟିଚ୍ୟୁଟ୍‌କୁ ମଧ ତାଲିକାଭୁକ୍ତ ହୋଇପାରେ। ୨୦୧୭ରେ ନୀତି ଆୟୋଗ ମଧ କୋଲ୍ ଇଣ୍ଡିଆକୁ ଭାଙ୍ଗି ଦେବା ଲାଗି ସୁପାରିସ୍ କରିଥିଲେ। ଏହାଦ୍ୱାରା ପ୍ରତ୍ୟେକ ୟୁନିଟ୍ ପରସ୍ପର ସହ ପ୍ରତିଯୋଗିତାରେ ସାମିଲ ହୋଇପାରିବ ବୋଲି ସେତେବେଳେ ଯୁକ୍ତି ଦର୍ଶାଯାଇଥିଲା। ତତ୍କାଳୀନ କୋଇଲା ମନ୍ତ୍ରୀ ପୀୟୂଷ ଗୋୟଲ ଏହି ପ୍ରସ୍ତାବକୁ ସେତେବେଳେ ଖାରଜ କରିଦେଇଥିଲେ। ଚଳିତ ଆର୍ଥିକ ବର୍ଷରେ ବିଭିନ୍ନ ରାଷ୍ଟ୍ରାୟତ୍ତ ସଂସ୍ଥାର ସମ୍ପତ୍ତି ବିକି ସରକାର ପ୍ରାୟ ୧.୦୫ ଲକ୍ଷ କୋଟି ଟଙ୍କା ଆଦାୟ କରିବାକୁ ବଜେଟରେ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ତାଙ୍କ ବଜେଟ ଭାଷଣରେ ଧାର୍ଯ୍ୟ ଲକ୍ଷ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସୂଚନାଥାଉ କି, କୋଲ୍ ଇଣ୍ଡିଆ ଗତ କିଛି ବର୍ଷ ହେବ କୋଇଲା ଉତ୍ପାଦନ କ୍ଷେତ୍ରରେ ଲକ୍ଷ୍ୟଠାରୁ ପଛେଇ ଯାଇଛି। ୨୦୧୭-୧୮ରେ ଏହା ରେକର୍ଡ ୬୦୭ ମିଲିୟନ ଟନ କୋଇଲା ଉତ୍ପାଦନ କରିଥିଲେ ସୁଦ୍ଧା ଏହା ଧାର୍ଯ୍ୟ ଲକ୍ଷ୍ୟ ଠାରୁ ୨୨% କମ୍ ଥିଲା।

# ସମ୍ପୂର୍ଣ୍ଣ ହଟିବନି ପେଟ୍ରୋଲ, ଡିଜେଲ ଯାନ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୧୭-୭



ପେଟ୍ରୋଲ, ଡିଜେଲ ଯାନଗୁଡିକୁ ସରକାର ସମ୍ପୂର୍ଣ୍ଣ ନିଷେଧ କରିବେ ନାହିଁ। ଏ ନେଇ ସରକାର ବର୍ତ୍ତମାନ କୌଣସି ଯୋଜନା ଧାର୍ଯ୍ୟ କରି ନାହାନ୍ତି। ମାତ୍ର ପରିବେଶ ସୁରକ୍ଷା ଏବଂ ତୈଳ ଆମଦାନୀ ବିଲ୍‌କୁ କମାଇବା ଲାଗି ସରକାର ଇ-ଯାନକୁ ପ୍ରୋତ୍ସାହିତ କରିବେ। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସୂଚନା ଦେଇଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଦେଶର ମୋଟ ଶକ୍ତି ଚାହିଦାରେ କୋଇଲା ଏବଂ ତୈଳର ଅଂଶ ୮୦% ରହିଛି। ଦେଶର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେଉଥିବାରୁ ଏହି ଚାହିଦା ମଧ ବଢୁଛି। ଇ-ଯାନକୁ ସରକାର ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ବର୍ଦ୍ଧିତ ଚାହିଦା ପୂରଣ ଲାଗି ବିଏସ୍-୬ ମାନକଯୁକ୍ତ ପେଟ୍ରୋଲ ଡିଜେଲ ମିଶ୍ରଣ, ସିଏନ୍‌ଜି ଏବଂ ବାୟୋଫୁଏଲ ବ୍ୟବହାର ଉପରେ ଜୋର ଦିଆଯାଉଥିବା ଖବରଦାତାଙ୍କୁ ସେ ଏହା କହିଛନ୍ତି।

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER^CM ,CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

# ବାସ୍ତବ ଆର୍ଥିକ ଯୋଜନାର ଆବଶ୍ୟକତାକୁ ବୁଝନ୍ତୁ

■ **ମୁଁ ବିବାହିତ ଓ ବୟସ ୩୪ବର୍ଷ, ୨ଟି ଝିଅ (୧ ବର୍ଷ ଓ ୮ବର୍ଷ ବୟସ) ଅଛନ୍ତି। ଗତ ବର୍ଷେ ହେବ ଏକ ଘରୋଇ କମ୍ପାନୀରେ କାମ କରୁଛି। ନିଜ ପାଇଁ ଆର୍ଥିକ ଯୋଜନା ନିଜେ କରିବା ଠିକ୍ ହେବ କି? ଏ କ୍ଷେତ୍ରରେ ଜଣେ ଆର୍ଥିକ ଯୋଜନାକାରୀଙ୍କ ପରାମର୍ଶ ନେଲେ କ'ଣ ସୁବିଧା ମିଳିବ?**

**– ସଂଗ୍ରାମ ସାହୁ, ନୟାଗଡ଼**

ନିଜ ଅର୍ଥ ବା ସମ୍ପତ୍ତିକୁ ସୁପରିଚାଳନା କରିବା, ସମ୍ପତ୍ତି ସୃଷ୍ଟି ପାଇଁ ଚେଷ୍ଟା, ପରିବାରର ଭବିଷ୍ୟତ ଆର୍ଥିକ ସୁରକ୍ଷାକୁ ସୁରକ୍ଷିତ କରିବା ସହ ଆପଣଙ୍କ ଜୀବନର ସମସ୍ତ ଆର୍ଥିକ ଲକ୍ଷ୍ୟ କିମ୍ବା ନିବେଶ ଲକ୍ଷ୍ୟ ସବୁ ହାସଲ କରିବା ପାଇଁ ଏକ ଫଳପ୍ରଦ ଓ ବାସ୍ତବ ଆର୍ଥିକ ଯୋଜନା ପ୍ରସ୍ତୁତିର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ଜଣେ ଆର୍ଥିକ ଯୋଜନାକାରୀଙ୍କ ପରାମର୍ଶ ନେବା ଉଚିତ ହେବ। ଏହା ଏକ ମୂଲ୍ୟଯୁକ୍ତ ପଦକ୍ଷେପ।

ଆର୍ଥିକ ପରିଚାଳନା ନିଜେ କରି ପାରିବେ ବୋଲି ପ୍ରାୟ କିଛି ବ୍ୟକ୍ତି ଭାବି ନିଅନ୍ତି। ଏହାର ଆବଶ୍ୟକତା ନାହିଁ ବୋଲି ହୁଏତ କେତେକେ ବ୍ୟକ୍ତି ଭାବି ପାରନ୍ତି। କିନ୍ତୁ ପ୍ରାୟତଃ ଅଧିକାଂଶ ବ୍ୟକ୍ତି ନିଜ ନିଜ କ୍ୟାରିୟର କିମ୍ବା ବ୍ୟବସାୟରେ ବ୍ୟସ୍ତ ରହୁଥିବାରୁ ଜଣେ ଆର୍ଥିକ ଯୋଜନାକରୀଙ୍କ ପରାମର୍ଶ ନେଲେ ଏହା ବ୍ୟକ୍ତିଙ୍କର ଜୀବନକାଳ ମଧ୍ୟରେ ଅନେକ କିଛି ଭଲ ପ୍ରଭାବ ପକାଇବ। ଅର୍ଥାତ ସେ ଅନେକ କିଛି ସୁବିଧା ପାଇପାରିବେ।

ଆମର ପରାମର୍ଶ ଆପଣ ଜଣେ ଚାର୍ଟାର୍ଡ ୱେଲଥ୍ ମ୍ୟାନେଜର, ସାର୍ଟିଫାଏଡ୍ ଫାଇନାନ୍‌ସିଆଲ ପ୍ଲାନରଙ୍କୁ ସାକ୍ଷାତ କରି ପରାମର୍ଶ ନିଅନ୍ତୁ। ଆପଣଙ୍କର ନିବେଶ ସମ୍ପର୍କିତ ପ୍ରଶ୍ନର ଉତ୍ତର ଓ ଉଚିତ ପଦକ୍ଷେପ ପାଇଁ ତାଙ୍କୁ ସାକ୍ଷାତ କରିବା ବୁଦ୍ଧିମାନର କାର୍ଯ୍ୟ ହେବ।

## ଆର୍ଥିକ ଯୋଜନାକାରୀଙ୍କ ପରାମର୍ଶ ନେବାର ୫ କାରଣ

***ଉଦ୍ଦେଶ୍ୟ:*** ନିବେଶ କରିବା ଆଗରୁ ଏହାର ପ୍ରକୃତ ଉଦ୍ଦେଶ୍ୟକୁ ବୁଝିବାକୁ ହେବ। ନିବେଶ ଉଦ୍ଦେଶ୍ୟକୁ ନ ଜାଣିବା ଯୋଗୁ ନିବେଶକଙ୍କୁ ଅନେକ କ୍ଷତି ସହିବାକୁ ହୁଏ। ଫଳରେ ନିବେଶ ପୋର୍ଟଫୋଲିଓରେ ଲାଭ କମ୍ ମିଳେ। କ୍ଷତି ସହିବା କିମ୍ବା ମୂଳଧନ ସବୁ ବୁଡିଯାଏ। ଅଧିକାଂଶ ନିବେଶକାରୀ ନିବେଶ ବେଳେ ଆବେଗକୁ ଦୃଷ୍ଟି ଦିଅନ୍ତି। ଏହାକୁ ବାଦ୍ ଦେଲେ ଭଲ ହେବ। ଠିକ୍ ଭାବେ ନିବେଶ ନ କରିବାରୁ ବର୍ଷ ବର୍ଷର କଷ୍ଟାର୍ଜିତ ନିବେଶ ରାଶି ବୁଡିଯାଏ। ଏଥିଯୋଗୁ ଅନେକ ଚିନ୍ତାଗ୍ରସ୍ତ କିମ୍ବା ଆତଙ୍କିତ ହୋଇପଡନ୍ତି। ଏପରି ସ୍ଥିତିରେ ଜଣେ ପେସାଦାର ଆର୍ଥିକ ଯୋଜନାକାରୀ ଆପଣଙ୍କୁ ନିବେଶ ଉଦ୍ଦେଶ୍ୟ ସମ୍ପର୍କରେ ଜଣାଇବା ଲାଗି ସାହାଯ୍ୟ କରନ୍ତି। ସେ ନିବେଶକଙ୍କୁ ନିବେଶ ସମ୍ପର୍କିତ ତଥ୍ୟ ପ୍ରଦାନ, ଆବଶ୍ୟକତା ଅନୁଯାୟୀ ପରାମର୍ଶ, ସକାରାତ୍ମକ ନିବେଶ ସମ୍ପର୍କିତ ନିଷ୍ପତ୍ତି ନିଅନ୍ତି। କୌଣସି ଆବେଗର ପ୍ରଭାବ ବିନା ଆର୍ଥିକ ପରାମର୍ଶଦାତା ନିଷ୍ପତ୍ତି ନିଅନ୍ତି। ପୁଞ୍ଜିବଜାର ନିମ୍ନଗାମୀ ହେବା ସମୟରେ ଏହା ଅନେକ ପ୍ରାଧାନ୍ୟ ରଖିଥାଏ।

***ପୂରା ସମୟ ପେସାଗତ କାର୍ଯ୍ୟ:*** ଆର୍ଥିକ ଯୋଜନାକାରୀ ଜଣେ ପୂରା ସମୟ ପେସାଗତ ଯୋଜନାକାରୀ। ସେ ନିବେଶ ସମ୍ପର୍କିତ ତାଲିମ, ଶିକ୍ଷା, ଜ୍ଞାନ, ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ପ୍ରଦାନ କରିବାରେ ସହାୟତା କରିବେ। କୌଣସି ବ୍ୟକ୍ତିଙ୍କ କ୍ଷେତ୍ରରେ ଏହା କରିବା କଷ୍ଟକର କିମ୍ବା ଏହି ଧରଣର ଆର୍ଥିକ ପରାମର୍ଶ ସ୍ତର ହାସଲ କରିବା ମଧ ଏତେ ସହଜ ନୁହେଁ। ତଥ୍ୟ ଭିତ୍ତିକ ନିବେଶ ନିଷ୍ପତ୍ତି ନେବା ହେଉଛି ସବୁଠାରୁ ଫଳପ୍ରଦ ଉପାୟ। ଉକ୍ତ ନିଷ୍ପତ୍ତି ନେବାରେ ଆର୍ଥିକ ଯୋଜନାକାରୀ ନିବେଶକଙ୍କୁ ସାହାଯ୍ୟ କରନ୍ତି। ଅଧିକାଂଶ ଆର୍ଥିକ ଯୋଜନାକାରୀ ଶିକ୍ଷାଗତ ଯୋଗ୍ୟତା ସହ ୧୦ରୁ ୧୫ ବର୍ଷର ନିବେଶ ଅଭିଜ୍ଞତା ଓ ଆର୍ଥିକ ପରିଚାଳନା ଅଭିଜ୍ଞତା ଲାଭ କରିଥାନ୍ତି। ଏହା ହିଁ ସେମାନଙ୍କ ଖ୍ୟାତି। ଜଣେ ଆର୍ଥିକ ଯୋଜନାକାରୀଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ପରେ ହିଁ ପରାମର୍ଶ ନେବା ପାଇଁ ଯିବା ଉଚିତ୍ ହେବ।

***ଆୟକର ପ୍ରଭାବ:*** ନିବେଶ ଉପରେ ଆୟକର ପ୍ରଭାବ କ'ଣ ରହିବ ତାକୁ ବିଚାର କରିବା ବୁଦ୍ଧିମାନର କାର୍ଯ୍ୟ ହେବ। ଉକ୍ତ ବିଷୟକୁ ନ ଜାଣି ନିବେଶ କରିବା ଏକ ବଡ ଭୁଲ। ନିବେଶ ରାଶି ଉପରେ ଆୟକର ପ୍ରଭାବ ଯୋଗୁଁ ଫଳପ୍ରଦ ଲାଭ କମିଯାଏ। ଆୟକର ନିୟମ ପ୍ରତି ବର୍ଷ ପରିବର୍ତ୍ତନ ହେଉଥାଏ। ଏହାର ପରିବର୍ତ୍ତନ ଫଳରେ ଆସନ୍ତା ୩୦-୪୦ ବର୍ଷ ଧରି ନିବେଶ ରାଶି ଉପରେ କ'ଣ ପ୍ରଭାବ ରହିବ ? ଜଣେ ଆର୍ଥିକ ଯୋଜନାକାରୀ ହିଁ ଏହି ସବୁ ଦିଗକୁ ଦୃଷ୍ଟି ଦେଇ ପରାମର୍ଶ ଦିଅନ୍ତି। ଆପଣଙ୍କ ଆୟକର ପାଇଁ ରାଶି କମ୍ କରିବାରେ କିମ୍ବା ଆୟକର ନିୟମର ସାମ୍ପ୍ରତିକ ପରିବର୍ତ୍ତନ ଅନୁଯାୟୀ ନିବେଶ ପୋର୍ଟଫୋଲିଓର ଦୀର୍ଘକାଳୀନ ଲାଭ ପାଇଁ ପରିବର୍ତ୍ତନ କରିବା ସହିତ ଯୋଜନା କରିବାରେ କାର୍ଯ୍ୟଦକ୍ଷତା ସବୁରେ ପରାମର୍ଶଦାତା ସାହାଯ୍ୟ କରନ୍ତି।

***ଗବେଷଣା:*** ଜଣେ ପେସାଦାର ଆର୍ଥିକ ଯୋଜନାକାରୀ ତାଙ୍କ ସମୟର ଅଧିକାଂଶ ସମୟ ନିବେଶ ସମ୍ପର୍କିତ ଗବେଷଣା କରିବାରେ ନିବେଶ କରନ୍ତି। ଯେତେବେଳେ ସେ ଆପଣଙ୍କ ଆର୍ଥିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିବେଶ ସ୍କିମ୍ ଚୟନ କରନ୍ତି ସେତେବେଳେ ସବୁଠାରୁ ଭଲ ନିବେଶ ସୁଯୋଗକୁ ଚୟନ କରିଥାନ୍ତି, ଯାହାକି ନିବେଶକାରୀଙ୍କ ଆବଶ୍ୟକତା ଅନୁଯାୟୀ ସ୍ଥିର କରାଯାଏ। ପ୍ରାୟତଃ ଜଣେ ପେସାଦାର ଆର୍ଥିକ ଯୋଜନାକାରୀ ନିୟମିତ ଭାବରେ ଗବେଷଣ କରନ୍ତି ଓ ନିଜର ଶିକ୍ଷାଗତ ଯୋଗ୍ୟତାକୁ ବୃଦ୍ଧି କରନ୍ତି। ଯାହାଦ୍ୱାରା ସେମାନେ ନିଜର ଜ୍ଞାନ ଯଥା- ପୁଞ୍ଜିବଜାର, ଶିଳ୍ପ, ନିୟମ କାନୁନ ଓ ଆୟକର ନିୟମ ଉପରେ ପରାମର୍ଶ ପ୍ରଦାନ କରିପାରିବେ।

***ବିଶ୍ରାମ:*** ଜଣେ ପେସାଦାର ଆର୍ଥିକ ଯୋଜନାକାରୀ ଏକ ବିଶ୍ରାମ ପାଇଁ ସୁଯୋଗ ପ୍ରଦାନ କରିପାରିବେ। ଜୀବନରେ ଶାନ୍ତି ଆସିପାରିବ। ଆର୍ଥିକ ଯୋଜନାକାରୀଙ୍କ ପରାମର୍ଶ ମିଳିବା ଦ୍ୱାରା ଆପଣ ନିବେଶ ଦୃଷ୍ଟିରୁ ଉପଯୁକ୍ତ ଭାବରେ ବିଶ୍ରାମ ବା ଶାନ୍ତି ପାଇପାରିବେ। ନିବେଶ ସମ୍ପର୍କିତ ସମସ୍ତ ଆହ୍ୱାନକୁ ସଫଳତାର ସହିତ ମୁକାବିଲା କରିବା କ୍ଷେତ୍ରରେ ସେ ସାହାଯ୍ୟ କରିବେ।

■ **ମୁଁ ସୁନା ଗହଣା ବୀମା କ୍ଷେତ୍ରରେ କିଛି ତଥ୍ୟ ଆବଶ୍ୟକ କରୁଛି। ଏହି ପ୍ରକାରର ବୀମା ବଜାରରେ ଉପଲବ୍ଧ କି ?**

**– ରୋଜି ମିଶ୍ର, ବଲାଙ୍ଗୀର**

ସୁନା ଗହଣା ସବୁ 'ହାଉସ୍ ହୋଲ୍ଡ଼ର ପଲିସ' ଭିତରେ ବୀମା କରାଯାଇ ପାରିବ। ସାଧାରଣ ବୀମା କମ୍ପାନୀ ସବୁ ଏହା ପ୍ରଦାନ କରିଥାନ୍ତି। ବିଭିନ୍ନ କମ୍ପାନୀର ବୀମା ପ୍ରିମିୟମ ରାଶି ମୂଲ୍ୟ ଅଲଗା ଅଲଗା ରହିଥାଏ। ବୀମା ପଲିସର ବୀମା ସୁରକ୍ଷା ରାଶି ଉପରେ ଏହା ନିର୍ଭର କରିଥାଏ।

■ **ମୋ ବୁଢ଼ା ବୟସ ପାଇଁ "ଅଟଳ ପେନ୍‌ସନ ଯୋଜନା" ନେବା ଉଚିତ ହେବ କି ? ଏହା କ'ଣ ଭଲ ସ୍କିମ ? ମୋର ବୟସ ୩୫ ବର୍ଷ। ୧୦୦୦ ଟଙ୍କା ମାସିକ ପେନ୍‌ସନ ପାଇବା ପାଇଁ କେତେ ଟଙ୍କା ସଞ୍ଚୟ କରିବାକୁ ପଡ଼ିବ ? ମୋର ସ୍ୱଳ୍ପ ରୋଜଗାର ପାଇଁ ଏହା ଭଲ ହେବ କି ?**

**– ସୁଦାମ ମାଝି, ବାରିପଦା**

'ଅଟଳ ପେନ୍‌ସନ ଯୋଜନା' ସ୍କିମ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଓ ଏହା ସୁରକ୍ଷିତ। ମାସିକ ୧୦୦୦ ଟଙ୍କା ପେନ୍‌ସନ ପାଇଁ ମାସିକ ୧୮୧ ଟଙ୍କା ଦେବାକୁ ହେବ। ୨୫ ବର୍ଷ ସଞ୍ଚୟ କରିବାକୁ ପଡ଼ିବ। ଆପଣଙ୍କ ୬୦ ବର୍ଷ ବୟସ ବେଳକୁ ମାସିକ ୧୦୦୦ ଟଙ୍କା ପେନ୍‌ସନ ଆରମ୍ଭ ହେବା ସହ ୧.୭୦ ଲକ୍ଷ ଟଙ୍କା ପାଇବେ। ଏହି ସ୍କିମ ୧,ଜୁନ ୨୦୧୫ ମସିହା ଠାରୁ ଆରମ୍ଭ କରାଯାଇଛି। ସ୍ୱଳ୍ପ ରୋଜଗାର କରୁଥିବା ବ୍ୟକ୍ତିଙ୍କ ପାଇଁ ଏହା ଭଲ ସ୍କିମ୍।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦**



"ପାକିସ୍ତାନ ସିନିୟର କ୍ରିକେଟ୍ ଖେଳାଳି ଠିକ୍ ସମୟରେ ଅବସର ଗ୍ରହଣ କରୁନାହାନ୍ତି। ତେଣୁ ବୋର୍ଡ ଫିଟ୍‌ନେସ ଓ ଫର୍ମ ସହିତ ବୁଝାମଣା ନ କରୁ।

-ୱାକର ୟୁନିସ, ପ୍ରାକ୍ତନ ପାକିସ୍ତାନ କ୍ରିକେଟର



"ବିଶ୍ୱକପ୍ ଫାଇନାଲର ସୁପର୍ ଓଭର ଯଦି ଟାଇ ରହିଲା ତେବେ ବିଜେତା ଚୟନ ପାଇଁ ବାଉଣ୍ଡାରୀ ନିୟମ ପରିବର୍ତ୍ତେ ଆଉ ଏକ ସୁପର୍ ଓଭର ରହିବା ଉଚିତ।

-ସଚିନ ତେନ୍ଦୁଲକର, କିମ୍ବଦନ୍ତୀ କ୍ରିକେଟର





କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ନିକଟରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥିବୃନ୍ଦ ଉପସ୍ଥିତ ଅଛନ୍ତି।

# ଭାରତର ବିଜୟ ଅଭିଯାନ

**ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଆରମ୍ଭ**

**କଟକ ଅଫିସ,୧୭।୭**

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୨୧ତମ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ଦଳଗତ ଇଭେଣ୍ଟର ପ୍ରଥମ ଦୁଇଟି ଯାକ ରାଉଣ୍ଡ ଜିତି ବିଜୟ ଅଭିଯାନ ଆରମ୍ଭ କରିଛି ଭାରତ। ଏଥି ସହ ଭାରତ ଦ୍ୱିତୀୟ ରାଉଣ୍ଡ ତଥା ସୁପର ଏଇଟ୍‌ରେ ପ୍ରବେଶ କରିଛି। ପ୍ରତ୍ୟେକ ରାଉଣ୍ଡରେ ଭାରତୀୟ ଖେଳାଳିମାନେ ବିଜୟ ହାସଲ କରିଥିବା ବେଳେ ମାତ୍ର ୨ଟି ଗେମରେ ଭାରତୀୟ ଖେଳାଳି ପରାଜୟର ସମ୍ମୁଖୀନ ହୋଇଛନ୍ତି। ସିଙ୍ଗାପୁର ବିପକ୍ଷରେ ଶରଥ କମଲ ଓ ଶ୍ରୀଲଙ୍କା ବିପକ୍ଷରେ ଆହିକା ମୁଖାର୍ଜୀ ଗୋଟିଏ ଗୋଟିଏ ଗେମରେ ହାରିଥିଲେ। ଗ୍ରୁପ-ବିରେ ସ୍ଥାନ ପାଇଥିବା ଭାରତୀୟ ପୁରୁଷ ଦଳର ପ୍ରଥମ ମୁକାବିଲା ହୋଇଥିଲା ସ୍କଟଲାଣ୍ଡ ବିପକ୍ଷରେ। ସ୍କଟଲାଣ୍ଡକୁ ୩-୦ ସେଟରେ ଭାରତ ହରାଇଥିଲା। ଜି ସାଥିୟାଁ, ଅଚନ୍ତ ଶରଥ କମଲ, ହରମିତ ଦେଶାଇ ଭାରତ ପକ୍ଷରୁ ଏହି ରାଉଣ୍ଡରେ ପ୍ରତିନିଧିତ୍ୱ କରୁଥିଲେ। ଦ୍ୱିତୀୟ ରାଉଣ୍ଡରେ ଏହି ୩ ଖେଳାଳିଙ୍କୁ ନେଇ ଭାରତ ୩-୦ ସେଟରେ ଶକ୍ତିଶାଳୀ ସିଙ୍ଗାପୁରକୁ ପରାସ୍ତ କରିଥିଲା। ପୁରୁଷ ବିଭାଗରେ ଇଂଲଣ୍ଡ ଉଭୟ ସାଇପ୍ରସ ଓ ଶ୍ରୀଲଙ୍କାକୁ ୩-୦ ସେଟରେ, ଅଷ୍ଟ୍ରେଲିଆ ୱେଲସ ଓ ଦକ୍ଷିଣ ଆଫ୍ରିକାକୁ ୩-୦ ସେଟରେ, ନାଇଜେରିଆ ୩-୦ ସେଟରେ ବାଂଲାଦେଶକୁ ପରାସ୍ତ କରିଥିବା ଜଣାପଡ଼ିଛି। ସେହିପରି ଭାରତୀୟ ମହିଳା ଖେଳାଳିମାନେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଛନ୍ତି। ପ୍ରଥମ ରାଉଣ୍ଡରେ ଦଳ ଶ୍ରୀଲଙ୍କାକୁ ୩-୦ ସେଟରେ ହରାଇଥିଲା। ମନିକା ବାତ୍ରା, ଅର୍ଚ୍ଚନା କାମଥ ଓ ଆହିକା ମୁଖାର୍ଜୀ ଏହି ରାଉଣ୍ଡରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରୁଥିଲେ। ଦ୍ୱିତୀୟ ରାଉଣ୍ଡରେ ଭାରତ ୩-୦ ସେଟରେ ଦକ୍ଷିଣ ଆଫ୍ରିକାକୁ ହରାଇଛି। ଅର୍ଚ୍ଚନା କାମଥ, ମାଧୁରିକା ପାଟେକର ଓ ସୁତୀର୍ଥ ମୁଖାର୍ଜୀ ଏହି ରାଉଣ୍ଡରେ ଭାଗ ନେଇଥିଲେ। ମହିଳା ବିଭାଗରେ ସିଙ୍ଗାପୁର ଦଳ ୩-୦ ସେଟରେ ସ୍କଟଲାଣ୍ଡ ଓ ୱେଲସକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ପ୍ରଥମ ରାଉଣ୍ଡରେ ୩-୦ ସେଟରେ ସାଇପ୍ରସକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ରାଉଣ୍ଡରେ ମାଲେସିଆ ଠାରୁ ୩-୧ ସେଟରେ ହାରିଥିଲା। ନାଇଜେରିଆ ମଧ୍ୟ ପ୍ରଥମ ରାଉଣ୍ଡରେ ବାଲାଂଦେଶକୁ ୩-୦ ସେଟରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ଇଂଲଣ୍ଡ ଠାରୁ ୩-୧ ସେଟରେ ପରାସ୍ତ ହୋଇଛି।

## ମିଳିଲା ସ୍ୱୀକୃତି: ଆସିବେ ଉଗାଣ୍ଡା, ଗୁୟାନା

ସରକାରୀ ସ୍ୱୀକୃତି ମିଳି ପାରୁ ନ ଥିବାରୁ ଉଗାଣ୍ଡା ଓ ଗୁୟାନା ଏହି ବିଗ ଗେମରେ ଭାଗ ନେଇ ପାରୁ ନାହାନ୍ତି ବୋଲି ଭାରତୀୟ ଟିଟି ଫେଡେରେଶନ ପକ୍ଷରୁ ଘୋଷଣା କରାଯାଇଥିଲା। ମାତ୍ର ଏବେ ଏହି ଦୁଇ ଦଳ ଖୁବଶ୍ରୀଘ ଭାରତ ଆସିବେ ବୋଲି ଫେଡେରେଶନ ପକ୍ଷରୁ କୁହାଯାଇଛି। ଦଳଗତ ଇଭେଣ୍ଟରେ ଉଭୟ ଦଳ ଅନୁପସ୍ଥିତ ରହିଥିବା ବେଳେ ସିଙ୍ଗିଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଏମାନେ ଯୋଗ ଦେବେ। ଉଗାଣ୍ଡାର ୫ଜଣିଆ ଓ ଗୁୟାନାର ୩ଜଣିଆ ଦଳ ଅଳ୍ପ ଦିନ ମଧ୍ୟରେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବେ। ସୂଚନା ଥାଉକି, ଆସନ୍ତା ୨୦ ତାରିଖରୁ ସିଙ୍ଗିଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ଇଭେଣ୍ଟରେ ମୁକାବିଲା ହେବ। ପ୍ରତିଯୋଗିତାରେ ଦଳ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି।



ସିଙ୍ଗାପୁରର ୟୁ ଏନ କୋନ୍ ପାଙ୍ଗଙ୍କ ବିପକ୍ଷରେ ଖେଳିବା ଅବସରରେ ଭାରତର ଜି. ସାଥିୟାଁ।



ଦକ୍ଷିଣ ଆଫ୍ରିକାର ପାଲେସା ମିଶୋଲିବେଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି ଭାରତର ମଧୁରିକା ପାଟକର।

## ଗ୍ୟାଲେରିରେ ଆହିକା-ସୁତୀର୍ଥଙ୍କ ମାତାପିତା



**କଟକ ଅଫିସ,୧୭।୭**

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୨୧ତମ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚ୍‌କୁ ଉପଭୋଗ କରିବାପାଇଁ ଭାରତୀୟ ମହିଳା ଦଳର ଖେଳାଳି ଆହିକା ମୁଖାର୍ଜୀ ଓ ସୁତୀର୍ଥ ମୁଖାର୍ଜୀଙ୍କ ମାତାପିତାଙ୍କୁ ଗ୍ୟାଲେରିର ୧୦ନଂ ବ୍ଲକରେ ବସିଥିବା ଦେଖିବାକୁ ମିଳିଥିଲା। ଉଭୟ ଖେଳାଳିଙ୍କ ମାତାପିତା ପାଖାପାଖି ବସିବା ସହ ନିଜ ଝିଅର ଖେଳକୁ ଉପଭୋଗ କରୁଥିଲେ। ପ୍ରତିଯୋଗିତାରେ ଭାରତ ଚାମ୍ପିୟନ ହେବ ବୋଲି ସେମାନେ ବେଶ୍ ଆଶାବାଦୀ। ଆହିକା ମୁଖାର୍ଜୀଙ୍କ ପିତା ଗୌତମ ମୁଖାର୍ଜୀ ଓ ମା ସୌମା ମୁଖାର୍ଜୀ କହିଥିଲେ ଯେ, ଆହିକା ପିଲା ବେଳେ ମୋଟୀ ଥିଲା। ଯାହା ସେମାନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଥିଲା। ଏଣୁ ସାଢ଼େ ୩ବର୍ଷ ବୟସରେ ଟିଟି ଖେଳରେ ଆହିକାଙ୍କୁ ଭର୍ତ୍ତି କରାଯାଇଥିଲା। ପରେ ଆହିକା ନିଜେ ଭାରତୀୟ ଦଳରୁ ଦିନେ ଖେଳିବେ ବୋଲି କହିଥିଲେ। ଏହାପରଠାରୁ ପରିବାରର ଯାହା କର୍ତ୍ତବ୍ୟ ତାହା ଆମେ କରିଛୁ। ପିତା ଗୌତମ ବିଏସ୍‌ଏଫରେ ଯବାନ ଥିଲେ ମଧ୍ୟ କେବଳ ଆହିକାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଭିଆର୍‌ଏସ୍ ଜରିଆରେ ଚାକିରି ଛାଡ଼ିଥିଲେ। ଅଲିମ୍ପିକ ଖେଳିବାର ସ୍ୱପ୍ନ ଦେଖିଥିବା ଆହିକା ଏହାକୁ ନିଶ୍ଚିତ ପୂରଣ କରିବେ ବୋଲି ତାଙ୍କ ମାତାପିତା କହିଛନ୍ତି। ପାଖରେ ବସିଥିବା ସୁତୀର୍ଥଙ୍କ ପିତା ଅଭିଜିତ ମୁଖାର୍ଜୀ ଓ ମାତା ନୀତା ମୁଖାର୍ଜୀଙ୍କ ମତ ମଧ୍ୟ ପ୍ରାୟ ସମାନ ଥିଲା। ପିଲା ବେଳେ ଓଜନ ଅଧିକ ଥିବାରୁ ସୁତୀର୍ଥଙ୍କୁ ଟିଟି ଖେଳରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଜଣେ ସମ୍ପର୍କୀୟ ଟିଟି ଖେଳିବାକୁ ପରାମର୍ଶ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ସୁତୀର୍ଥ ଭଲ ପ୍ରଦର୍ଶନ କରିବେ ଓ ଭାରତ ଚାମ୍ପିୟନ ହେବ ବୋଲି ଏହି ଦମ୍ପତି ମଧ୍ୟ କହିଛନ୍ତି।



ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଦଳର ମାର୍ଚ୍ଚପାଷ୍ଟ୍।



ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମର ବିଭିନ୍ନ ବ୍ଲକରେ ଛାତ୍ରୀଛାତ୍ରମାନେ ଖେଳ ଉପଭୋଗ କରୁଛନ୍ତି।

## 'ଭାରତ, ଇଂଲଣ୍ଡ ପାଇଁ ରହିଛି ସ୍ୱତନ୍ତ୍ର ଗେମ୍‌ପ୍ଲାନ'

ବର୍ତ୍ତମାନ ସୁଦ୍ଧା ସମସ୍ତ ଦଳର ପ୍ରଦର୍ଶନ ଭଲ ରହିଛି। ଆମେ ବି ଟୁର୍ନାମେଣ୍ଟରେ ଟାଇଟଲ ଜିତିବାକୁ ଲକ୍ଷ୍ୟ ରଖିଛୁ। ହେଲେ ଆମର ଗେମପ୍ଲାନ ତାଲିକାରେ ଭାରତ ଓ ଇଂଲଣ୍ଡ ଦଳ ନିମନ୍ତେ ସ୍ୱତନ୍ତ୍ର ଯୋଜନା ରହିଛି ବୋଲି କହିଛନ୍ତି ଅଷ୍ଟ୍ରେଲିଆ ଦଳର ପ୍ରମୁଖ ଖେଳାଳି କେନ ଟାଉନସେଣ୍ଡ। ଏହି ବାମହାତୀ ପ୍ରତିଭାବାନ ଖେଳାଳି ଜଣଙ୍କ ଅଷ୍ଟ୍ରେଲିଆର କି ପ୍ଲେୟାର ମଧ୍ୟ। ଟାଉନସେଣ୍ଡଙ୍କ ସହ ସାକ୍ଷାତକାର..



କେନ ଟାଉନସେଣ୍ଡ

ପ୍ର- ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କରେ ଆପଣଙ୍କ ମତ କ'ଣ?

ଉ- ଏହିଭଳି ଆୟୋଜନ କରିବା କଷ୍ଟସାଧ ବୋଲି ମୁଁ ଭାବେ। ସ୍ଥାନୀୟ ପ୍ରଶାସନ ଓ ସରକାରଙ୍କ ଏହି ପ୍ରଚେଷ୍ଟାକୁ ପ୍ରଶଂସା କରାଯିବା ଉଚିତ। ଖେଳର ଏପରି ମାହୋଲ ଆକୃଷ୍ଟ କରୁଛି।

ପ୍ର- ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ପ୍ରସ୍ତୁତି କିପରି କରିଛନ୍ତି?

ଉ- ଏବେ ଅଷ୍ଟ୍ରେଲିଆ ଓପନ ଶେଷ ହୋଇଛି। ଏଣୁ ଆମ ଦଳର ସମସ୍ତ ଖେଳାଳିଙ୍କ ଅଭ୍ୟାସ ଭଲ ରହିଛି। ପ୍ରତ୍ୟେକ ମ୍ୟାଚ୍‌କୁ ଆମେ ଜିତିବାକୁ ଚେଷ୍ଟା କରିବୁ। ପ୍ରଥମ ମ୍ୟାଚ୍‌ରେ ୱେଲସ ବିପକ୍ଷରେ ଜିତି ଆମର ଅଭିଯାନ ଶୁଭାରମ୍ଭ କରିଛୁ।

ପ୍ର- କେଉଁ ଦଳ ବିପକ୍ଷରେ ଅଧିକ ସାବଧାନ ରହିବେ?

ଉ- ପ୍ରତ୍ୟେକ ଦଳ ନିମନ୍ତେ ଆମର ଗେମପ୍ଲାନ ତିଆରି ହୋଇଛି। ଏପରିକି ପ୍ରତ୍ୟେକ ଖେଳାଳିଙ୍କୁ ଆମେ ଟାର୍ଗେଟ କରି କିଛି ପ୍ଲାନ କରିଛୁ। ତଥାପି ଇଂଲଣ୍ଡ ଓ ଆୟୋଜକ ଭାରତ ପାଇଁ କିଛି ସ୍ୱତନ୍ତ୍ର ପ୍ଲାନ କରାଯାଇଛି।

ପ୍ର- ଓଡ଼ିଶା ପୂର୍ବରୁ ଆସିଥିଲେ?

ଉ- ଭାରତ ପୂର୍ବରୁ ୨ଥର ଆସିଛି। ୨୦୦୮ ଓ ୨୦୧୫ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲି। ଓଡ଼ିଶା ପ୍ରଥମଥର ଆସିଛି। ହେଲେ ଲୋକଙ୍କ ଭଲପାଇବା ପାଇ ଖୁସି ମିଳୁଛି। ଏଠାକାର ଲୋକ ଖେଳକୁ ଏତେ ମାତ୍ରାରେ ଭଲପାଆନ୍ତି, ତାହା ସବୁଠାରୁ ବଡ଼ କଥା।

ପ୍ରସ୍ତୁତି : କୁମାରଶ୍ରୀ

## ସଂକ୍ଷେପରେ

### ଶୁଟର୍ ଅନିଶଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୧୭।୭ (ପି.ଟି.): ଜର୍ମାନୀର ସୁହଲଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍‌ରେ ଯୁବ ଭାରତୀୟ ଶୁଟର୍ ଅନିଶ ଭନୱାଲ ୨୫ ମିଟର ର୍‍ୟାପିଡ୍ ଫାୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୫୮୪ ସ୍କୋର ସହ ଯୋଗ୍ୟତା ପର୍ଯ୍ୟାୟରେ ପ୍ରଥମ ସ୍ଥାନ ହାସଲ କରିଥିବା ଭନୱାନ ଫାଇନାଲରେ ୨୯ ଶୁଟ୍ କରି ପୋଡିୟମ ଶୀର୍ଷରେ ରହିଥିଲେ। ଅନ୍ୟ ୨ ଭାରତୀୟ ଶୁଟର୍ ଆଦର୍ଶ ସିଂ ଓ ଅଗ୍ନେୟ କୌଶିକ ଯଥାକ୍ରମେ ୪ର୍ଥ ଓ ୬ଷ୍ଠ ସ୍ଥାନ ଲାଭ କରିଥିଲେ। ଆଦର୍ଶ ୧୭ ଓ କୌଶିକ ୯ ସ୍କୋର କରିଥିଲେ। ପ୍ରତିଯୋଗିତାରେ ଭାରତ ବର୍ତ୍ତମାନ ସୁଦ୍ଧା ୮ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଜିତିସାରିଛି।

### ଭାରତୀୟ ଦଳରେ ଓଡ଼ିଶାର ୧୩ ପ୍ରତିଯୋଗୀ

ଭୁବନେଶ୍ୱର, ୧୭।୭(କ୍ରୀଡ଼ା ପ୍ରତିନିଧି)- ମାଲେସିଆର କୁଚିଙ୍ଗଠାରେ ଡିସେମ୍ବର ୨ରୁ ୭ ପର୍ଯ୍ୟନ୍ତ ୨୧ତମ ଏସିଆନ ମାଷ୍ଟର୍ସ ଆଥଲେଟିକ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଓଡ଼ିଶାର ୧୩ ପ୍ରତିଯୋଗୀ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏଥିରେ ଏକମାତ୍ର ମହିଳା ସ୍ୱର୍ଣ୍ଣପ୍ରଭା ମହାନ୍ତି ସାମିଲ ଅଛନ୍ତି। ଓଡ଼ିଶା ମାଷ୍ଟର୍ସ ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ବିଭିନ୍ନ ଇଭେଣ୍ଟ ପାଇଁ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯାଇଛି। ମନୋନୀତ ଆଥଲେଟ୍‌ମାନେ ଓଡ଼ିଶା ମାଷ୍ଟର୍ସ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସନ୍ତୋଷ କୁମାର ଦାସଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ମନୋନୀତ ଓଡ଼ିଶା ଆଥଲେଟ୍‌ମାନେ ହେଲେ ରାଜେନ୍ଦ୍ର ସାହୁ(୩୫+, ଡିସକସ୍ ଥ୍ରୋ), ସଞ୍ଜୟ କୁମାର ମହାରଣା(୩୫+, ଜାଭେଲିନ ଥ୍ରୋ), ଟୁକୁ ସେଠୀ(୩୫+, ୧୦୦, ୨୦୦ ମିଟର), ମଦନ କୁମାର ଶର୍ମା(୪୦+, ଜାଭେଲିନ୍ ଥ୍ରୋ), ଅରୁଣ କୁମାର ପାତ୍ର(୪୫+, ୫ କିମି ଚାଲି), ଛୋଟୁ ସିଂ(୪୫+, ୩୦୦୦ ମିଟର ଷ୍ଟିପଲ ଚେଜ୍, ୫୦୦୦ ମିଟର), ବି.ଏସ.କେ. ସାମଲ(୪୫+, ୧୦୦, ୨୦୦, ୪୦୦ ମିଟର), ଆନନ୍ଦ ଏକ୍କା(୫୫+, ଟ୍ରିପଲ ଜମ୍ପ), କିଶୋର ଚନ୍ଦ୍ର(୫୫+, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ୧୦୦ ମିଟର), ସୁଦର୍ଶନ ସେଠୀ(୫୫+, ହାମର ଥ୍ରୋ), ଲକ୍ଷ୍ମଣ ସାହୁ(୭୦+, ୨୦୦ ମିଟର), ଦେବାନନ୍ଦ ପାତ୍ର(୮୫+, ୧୫୦୦ ମିଟର, ୪୦୦ ମିଟର, ୮୦୦ ମିଟର), ସ୍ୱର୍ଣ୍ଣପ୍ରଭା ମହାନ୍ତି (୬୦+, ୮୦ ମିଟର ହର୍ଡଲ୍ସ, ଟ୍ରିପଲ ଜମ୍ପ)।

### ଆତ୍ରାଚାଲି ଯୁ ମୁମ୍ବା ଅଧିନାୟକ

ମୁମ୍ବାଇ,୧୭।୭(ପି.ଟି.)- ଆସନ୍ତା ୨୦ ତାରିଖରୁ ହାଇଦ୍ରାବାଦଠାରେ ଆରମ୍ଭ ହେବାକୁ ଯାଉଛି ପ୍ରୋ କବାଡି ଲିଗ (ପିକେଏଲ)ର ୭ମ ସଂସ୍କରଣ। ଏଥିଲାଗି ଯୁ ମୁମ୍ବା ଫ୍ରାଞ୍ଚାଇଜ ବୁଧବାର ଇରାନ ଖେଳାଳି ଫାଜେଲ ଆତ୍ରାଚାଲିଙ୍କୁ ଦଳର ଅଧିନାୟକ ଭାବେ ଘୋଷଣା କରିଛି। ତାଙ୍କ ଡେପୁଟି ଭାବେ ସନ୍ଦୀପ ନରୱାଲଙ୍କୁ ମନୋନୀତ କରାଯାଇଛି। ସେହିଭଳି ପୁନେରୀ ପଲ୍‌ଟନ ସୁର୍‌ଜିତ୍ ସିଂଙ୍କୁ ଚଳିତ ସିଜନ ଲାଗି ଦଳର ନେତୃତ୍ୱ ପ୍ରଦାନ କରିଛି।

> ଯଦି ଖେଳାଳିଙ୍କ ସହ ମୁଁ ସବୁବେଳେ ଗସ୍ତ କରିବି ତେବେ ଆମେ ଆଉ ଜଣେ ପି.ଭି. ସିନ୍ଧୁ ବାହାର କରିପାରିବା ନାହିଁ। ତେଣୁ ଆମକୁ ଅଧିକ କୋଚ୍‌ଙ୍କ ଆବଶ୍ୟକତା ରହିଛି।
> –ପୁଲେଲା ଗୋପିଚାନ୍ଦ, ବ୍ୟାଡ୍‌ମିଣ୍ଟନ କୋଚ୍



> ବିଶ୍ୱକପ୍ ଫାଇନାଲରେ ଇଂଲଣ୍ଡ ନିକଟରୁ ହୃଦୟ ବିଦାରକ ପରାଜୟବରଣ ପରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନଙ୍କ ଗରିମାପୂର୍ଣ୍ଣ କୃପା ଓ ୪୮ ଘଣ୍ଟା ଧରି ମୌନ ରହିବା ଉଲ୍ଲେଖନୀୟ ।
> –ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ୍ କୋଚ୍



# କୋଚ୍ ଚୟନ: ଆଡହକ କମିଟି ସର୍ବାଗ୍ରେ

ନୂଆଦିଲ୍ଲୀ,୧୭।୭(ପି.ଟି.)



ପୂର୍ବତନ ଅଧିନାୟକ କପିଳଦେବଙ୍କ ଅଧ୍ୟକ୍ଷତାରେ ଗଠିତ ଆଡ୍‌ହକ୍ କମିଟି ଟିମ୍ ଇଣ୍ଡିଆର ନୂଆ କୋଚ୍ ନିଯୁକ୍ତ କରିବା ପ୍ରକ୍ରିୟା ଦୌଡ଼ରେ ସବୁଠାରୁ ଆଗରେ ରହିଛି। କପିଳଙ୍କ ସମେତ ପୂର୍ବତନ କ୍ରିକେଟର ଅଂଶୁମାନ ଗାଏକ୍‌ୱାଡ୍ ଓ ଶାନ୍ତା ରଙ୍ଗାସ୍ୱାମୀଙ୍କୁ ନେଇ ଗଠିତ ଆଡହକ୍ କମିଟି ପୂର୍ବରୁ ଗତ ଡିସେମ୍ବରରେ ପୂର୍ବତନ କ୍ରିକେଟର ଡବ୍ଲ୍ୟୁ.ଭି. ରମଣଙ୍କୁ ଭାରତୀୟ ମହିଳା କ୍ରିକେଟ ଦଳର କୋଚ୍ ନିଯୁକ୍ତ କରିଥିଲା। ଏବେ ମୁଖ୍ୟ ଦଳର କୋଚ୍ ନିଯୁକ୍ତ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରସ୍ତାବ ଦେଇଛି ବୋଲି କମିଟିର ଜଣେ ସଦସ୍ୟ ସୂଚନା ଦେଇଛନ୍ତି। ତେବେ ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣି ପରେ ଯାଇ ଏହି ଆଡହକ କମିଟି ଗଠନ ଉପରେ ଅନ୍ତିମ ନିଷ୍ପତ୍ତି ନିଆଯିବ ବୋଲି କ୍ରିକେଟ ପ୍ରଶାସକ କମିଟି (ସିଓଏ) ସୂଚନା ଦେଇଛି। ପୁଣି ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି ଓ ଭିଭିଏସ୍ ଲକ୍ଷ୍ମଣଙ୍କୁ ନେଇ ଗଠିତ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ପୂର୍ବପରି କାର୍ଯ୍ୟ ଚାଲୁରଖିବା ନେଇ ସିଓଏ କୋର୍ଟଙ୍କ ନିକଟରେ ଆବେଦନ କରିଛି। ଯଦି କୋର୍ଟଙ୍କ ନିକଟରୁ ସିଏସି ଚାଲୁ ରହିବା ନେଇ କୌଣସି ନିର୍ଦ୍ଦେଶ ନ ଆସେ ତାହେଲେ ସିଓଏ ଆଡହକ୍ କମିଟିକୁ କୋଚ୍ ଚୟନ ଦାୟିତ୍ୱ ଦେବା ଛଡ଼ା ଅନ୍ୟ ରାସ୍ତା ରହିବ ନାହିଁ। ଅର୍ଥାତ୍ ଅନ୍ୟପଟେ କହିବାକୁ ଗଲେ ପରବର୍ତ୍ତୀ ଶୁଣାଣି ନ ହେବା ପର୍ଯ୍ୟନ୍ତ କୌଣସି ପ୍ୟାନେଲ ବା କମିଟି ଗଠିତ ହେବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଇ ନ ପାରେ। ଏହା ହେଲେ ସିଓଏ ପୁଣି ଦୁଇ ଭାଗରେ ବିଭକ୍ତ ହେବା ଆଶଙ୍କା ସୃଷ୍ଟି ହେବ। ଏବେ ସବୁ କିଛି କୋର୍ଟଙ୍କ ଶୁଣାଣି ଉପରେ ନିର୍ଭର କରୁଛି।

ପୂର୍ବରୁ ଅଧ୍ୟକ୍ଷ ବିନୋଦ ରାଏ ଓ ପୂର୍ବତନ ମହିଳା କ୍ରିକେଟ ଅଧିନାୟିକା ଡାଏନା ଇଦୁଲଜୀଙ୍କୁ ନେଇ ଗଠିତ ଦୁଇଜଣିଆ ସିଓଏ ମହିଳା କୋଚ୍ ନିଯୁକ୍ତି ପ୍ରକ୍ରିୟାକୁ ଅଣସାମ୍ବିଧାନିକ ବୋଲି କହିଥିଲେ। କେବଳ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) କୋଚ୍ ନିଯୁକ୍ତି ଦେଇପାରିବ ବୋଲି ସେତେବେଳେ ଇଦୁଲଜୀ କହିଥିଲେ। ଏବେ ସିଓଏରେ ଆଉ ଜଣେ ନୂଆ ସଦସ୍ୟ ଯୋଗ ଦେଇଛନ୍ତି। ଲ୍ୟୁଟ୍‌ନାଣ୍ଟ ଜେନେରାଲ

## ପରବର୍ତ୍ତୀ ଶୁଣାଣି ପରେ ଅନ୍ତିମ ନିଷ୍ପତ୍ତି ନିଆଯିବ

ରବି ଥୋଡଗେ ଗତ ଫେବୃୟାରୀରେ ସିଓଏରେ ଯୋଗ ଦେଇଛନ୍ତି। ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି ଓ ଭିଭିଏସ୍ ଲକ୍ଷ୍ମଣଙ୍କୁ ନେଇ ଗଠିତ ସିଏସିର ଭବିଷ୍ୟତ ନେଇ ଏବେ ସଂଶୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଆଡହକ୍ କମିଟିକୁ ଦାୟିତ୍ୱ ଦିଆଯିବା ଏକ ଚତୁର ପଦକ୍ଷେପ ବୋଲି ସିଓଏ ତରଫରୁ କୁହାଯାଇଛି।

ଇତିମଧ୍ୟରେ ତେନ୍ଦୁଲକର କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ବା ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗରୁ ମୁକ୍ତ ହୋଇଛନ୍ତି। ପୁଣି ଗାଙ୍ଗୁଲି ଓ ଲକ୍ଷ୍ମଣଙ୍କୁ ମଧ୍ୟ ବିସିସିଆଇ ସମ୍ବିଧାନ ଅନୁଯାୟୀ ଏକାଧିକ ପଦ ଛାଡି ଗୋଟିଏ ପଦରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଓଏ ଏ ସଂକ୍ରାନ୍ତରେ ଅନ୍ତିମ ନିଷ୍ପତ୍ତି ନେଇ ନାହିଁ। କପିଳ ଓ ରଙ୍ଗାସ୍ୱାମୀ ମଧ୍ୟ ସ୍ୱାର୍ଥ ନିହତ ଦ୍ୱନ୍ଦ୍ୱ ଅଭିଯୋଗର ସମ୍ମୁଖୀନ ହୋଇଛନ୍ତି। ବିସିସିଆଇ ସମ୍ବିଧାନ ଅନୁସାରେ ଏହି ଦୁଇଜଣ ପ୍ଲେୟାର୍ସ ଆସୋସିଏଶନ ଗଠନ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।

ମଙ୍ଗଳବାର ବିସିସିଆଇ ନୂଆ ହେଡ କୋଚ୍ ଓ ସପୋର୍ଟ ଷ୍ଟାଫ୍ ନିଯୁକ୍ତ ନେଇ ଦରଖାସ୍ତ ଆହ୍ୱାନ କରିଥିଲା। ହେଡ କୋଚ୍ ପ୍ରାର୍ଥୀଙ୍କ ବୟସ ୬୦ରୁ କମ୍ ହେବା ସହିତ ତାଙ୍କର ଅତିକମ୍‌ରେ ଅନ୍ତର୍ଜାତୀୟ କ୍ରିକେଟରେ ଦୁଇବର୍ଷ ଅଭିଜ୍ଞତା ରହିବା ଜରୁରୀ ବୋଲି କୁହାଯାଇଥିଲା। ଜୁଲାଇ ୩୦କୁ ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ହେଡ୍ କୋଚ୍ ରବି ଶାସ୍ତ୍ରୀଙ୍କ ସମେତ ଏବେକାର ସପୋର୍ଟ ଷ୍ଟାଫ୍‌ରେ ବୋଲିଂ କୋଚ୍ ଭାରତ ଅରୁନ, ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗର ଓ ଫିଲ୍ଡିଂକୋଚ୍ ଆର. ଶ୍ରୀଧର ସାମିଲ ରହିଛନ୍ତି। ବିଶ୍ୱକପ ପରେ ଏମାନଙ୍କ କାର୍ଯ୍ୟକାଳକୁ ଆହୁରି ୪୫ ଦିନକୁ ବୃଦ୍ଧି କରାଯାଇଛି। ଫଳରେ ରବି ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଭାରତ ଅଗଷ୍ଟ ୩ରୁ ସେପ୍ଟେମ୍ବର ୩ ତାରିଖ ମଧ୍ୟରେ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇ ସିରିଜ ଖେଳିବ। ଉଲ୍ଲେଖଥାଉ କି, ଚୟନ ପ୍ରକ୍ରିୟାରେ ଶାସ୍ତ୍ରୀଙ୍କ ସମେତ ସବୁ ସପୋର୍ଟ ଷ୍ଟାଫ୍ ସ୍ୱତଃ ସାମିଲ ହେବେ ବୋଲି କୁହାଯାଇଛି।

V-GUARD
Switches that go TIK-TOK no matter what.
Modular Switches
Contact : 9937038335

### କେକେଆର କୋଚ୍ ହେଲେ ଟ୍ରେଭର ବେଲିସ

ମୁମ୍ବାଇ,୧୭।୭

ଦୁଇ ଥର ଆଇପିଏଲ ଚାମ୍ପିୟନ ଦଳ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଇଂଲଣ୍ଡ ବିଶ୍ୱକପ୍ ଚାମ୍ପିୟନ ଦଳର କୋଚ୍ ଟ୍ରେଭର ବେଲିସଙ୍କୁ ମୁଖ୍ୟ କୋଚ୍ ପଦରେ ନିଯୁକ୍ତ କରିଛି। ବେଲିସଙ୍କୁ ପୂର୍ବତନ ନ୍ୟୁଜିଲାଣ୍ଡ ଅଧିନାୟକ ତଥା ବର୍ତ୍ତମାନ ଭାଷ୍ୟକାର ବ୍ରେଣ୍ଡନ ମ୍ୟାକ୍‌କୁଲମ ସହାୟତା କରିବେ। ମ୍ୟାକ୍‌କୁଲମଙ୍କୁ ବ୍ୟାଟିଂ କୋଚ୍ ଓ ମେଣ୍ଟର ଦାୟିତ୍ୱ ଦିଆଯାଇଛି। ଏହି ପଦରେ ପୂର୍ବରୁ କିମ୍ବଦନ୍ତୀ ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର ଜ୍ୟାକ କାଲିସ ଥିଲେ। ରବିବାର ଲର୍ଡ୍ସଠାରେ ବିଶ୍ୱକପ୍ ଫାଇନାଲରେ ଖେଳାଯାଇଥିବା ଶ୍ରେଷ୍ଠ ଦିନିକିଆ ମ୍ୟାଚ୍‌ରେ ଦୁଇ ଦଳ ସହ ଟ୍ରେଭର ଓ ମ୍ୟାକ୍‌କୁଲମ ଜଡ଼ିତ ଥିଲେ। ବେଲିସ ପୂର୍ବରୁ ୨୦୧୧ରୁ ୨୦୧୪ ପର୍ଯ୍ୟନ୍ତ କେକେଆର ଦଳର କୋଚିଂ ଷ୍ଟାଫରେ ଥିଲେ। ତାଙ୍କ କାର୍ଯ୍ୟକାଳରେ ଦଳ ଦୁଇ ଥର ଚାମ୍ପିୟନ ହୋଇଥିଲା। ଏହାବାଦ୍ ତାଙ୍କ ତତ୍ତ୍ୱାବଧାନରେ ଶ୍ରୀଲଙ୍କା ୨୦୧୧ ବିଶ୍ୱକପ୍ ଫାଇନାଲ ଖେଳିଥିଲା। ୨୦୧୫ରେ ସେ ଇଂଲଣ୍ଡ ଦଳ ସହ ଯୋଡ଼ି ହୋଇଥିଲେ। ୫୬ ବର୍ଷୀୟ ବେଲିସ ଚଳିତ ବର୍ଷ ଆଶେସ ସିରିଜ୍ ପରେ କେକେଆର ଦଳରେ ଯୋଗଦେବେ। ଅନ୍ୟପକ୍ଷରେ ମ୍ୟାକ୍‌କୁଲମ ଏବେ ଭାଷ୍ୟକାର ଭାବେ ବ୍ୟସ୍ତ। ବିସ୍ଫୋରକ ଉଇକେଟକିପର ବ୍ୟାଟ୍ସମ୍ୟାନ କୋଲକାତା ଦଳ ପାଇଁ ୨୦୦୮ରେ ପଦାର୍ପଣ କରି ୧୫୮ ରନ୍‌ର ଇନିଂସ ଖେଳିଥିଲେ।

# ଇଞ୍ଜାମାମଙ୍କ ଇସ୍ତଫା

କରାଚୀ,୧୭।୭(ପି.ଟି.)



ପାକିସ୍ତାନ ମୁଖ୍ୟ ଚୟନକର୍ତ୍ତା ପଦରୁ ପୂର୍ବତନ ଅଧିନାୟକ ଇଞ୍ଜାମାମ୍ ଉଲ୍ ହକ୍ ବୁଧବାର ଇସ୍ତଫା ଦେଇଛନ୍ତି। ତେବେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଯେଉଁ ଦାୟିତ୍ୱ ଦେବ ତାହାକୁ ଗ୍ରହଣ କରିବାକୁ ସେ ରାଜି ବୋଲି ସେ ସ୍ପଷ୍ଟ କରିଛନ୍ତି। ଜୁଲାଇ ୩୧ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାବେଳେ ପଦରେ ଅଧିକ ଦିନ ରହିବାକୁ ଇଞ୍ଜାମାମ ଅନିଚ୍ଛୁକ ବୋଲି ପୂର୍ବରୁ କହିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ୩ ବର୍ଷ କାର୍ଯ୍ୟ କରିବା ପରେ ମୁଁ ଚୁକ୍ତିର ନବୀକରଣ ଚାହୁଁନାହିଁ ବୋଲି ସେ କହିଛନ୍ତି।

ଆସନ୍ତା ସେପ୍ଟେମ୍ବରରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ଚାମ୍ପିୟନଶିପ୍ ଖେଳାଯିବାର କାର୍ଯ୍ୟକ୍ରମ ଥିବାବେଳେ ଆସନ୍ତାବର୍ଷ ଟି୨୦ ବିଶ୍ୱକପ୍ ମଧ୍ୟ ଆୟୋଜନ ହେବ। ସେହିପରି ୨୦୨୩ରେ ଭାରତରେ ପରବର୍ତ୍ତୀ ଦିନିକିଆ ବିଶ୍ୱକପ୍ ମଧ୍ୟ ଆୟୋଜନ ହେବ। ତେଣୁ ଏଭଳି ପରିସ୍ଥିତିରେ ପିସିବି ଜଣେ ନୂଆ ମୁଖ୍ୟ ଚୟନକର୍ତ୍ତା ନିଯୁକ୍ତି ଦେବାର ଠିକଣା ସମୟ ଉପନୀତ ହୋଇଛି। ଏ ସଂକ୍ରାନ୍ତରେ ପିସିବି ଅଧ୍ୟକ୍ଷ ଏହସାନ ମାନି ଓ ମ୍ୟାନେଜିଂ ଡାଇରେକ୍ଟର ୱାସିମ ଖାଁଙ୍କୁ ପୃଥକ ପୃଥକ ଭାବେ ଅବଗତ କରାଇଛି ବୋଲି ବୋଲି ସେ କହିଛନ୍ତି। ଏଥିସହିତ ସେ ଏମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ୨୦୧୬ରେ ନିଯୁକ୍ତ ହୋଇଥିବା ଚୟନ କମିଟିରେ ଇଞ୍ଜାମାମଙ୍କ ସମେତ ୱାସିମ ହାଇଦର, ତୌସିଫ୍ ଅହମ୍ମଦ ଓ ୱାଜାହାତୁଲ୍ଲା ୱାସି ସ୍ଥାନ ପାଇଥିଲେ। ସଦ୍ୟସମାପ୍ତ ବିଶ୍ୱକପ୍‌ରେ ପାକିସ୍ତାନ ସେମିକୁ ଉଠିବାରେ ବିଫଳ ହେବା ପରେ ଇଞ୍ଜାମାମଙ୍କ ସମେତ ଚୟନ କମିଟି ସମାଲୋଚନାର ଶିକାର ହୋଇଥିଲେ। ଇଞ୍ଜାମାମ ତାଙ୍କ କ୍ୟାରିୟରରେ ୧୨୦ଟି ଟେଷ୍ଟ, ୩୭୮ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି।

# ଟୀରନ୍ଦାଜ ଦୀପିକାଙ୍କୁ ରୌପ୍ୟ

ଟୋକିଓ,୧୭।୭(ପି.ଟି.)

ଦେଶର ଶୀର୍ଷ ର୍‍ୟାଙ୍କ ଟୀରନ୍ଦାଜ ଦୀପିକା କୁମାରୀ ବୁଧବାର ୨୦୨୦ ଟୋକିଓ ଅଲିମ୍ପିକ୍ ଗେମ୍ସର ଟେଷ୍ଟ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। କୋରିଆର ୧୮ ବର୍ଷୀୟା ଆନ ସାନଙ୍କଠାରୁ ସିଧାସଳଖ ସେଟ୍‌ରେ ପରାଜୟ ବରଣ କରିବାରୁ ଭାରତୀୟ ଟୀରନ୍ଦାଜଙ୍କୁ ରୌପ୍ୟପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ନିକଟରେ ବର୍ଲିନଠାରେ ଅନୁଷ୍ଠିତ ବିଶ୍ୱକପ୍‌ର ୪ର୍ଥ ପର୍ଯ୍ୟାୟରେ ଡବଲ ସ୍ୱର୍ଣ୍ଣ ପଦକ ଜିତିଥିବା ସାନ ପ୍ରଥମ ସେଟ୍‌କୁ ଏକ ପଏଣ୍ଟ ବ୍ୟବଧାନରେ ଜିତିଥିଲେ। ଦ୍ୱିତୀୟ ସେଟ୍‌କୁ ୨୯–୨୫ ବ୍ୟବଧାନରେ ଜିତିବା ପରେ ତୃତୀୟ ସେଟ୍‌ରେ କ୍ରମାଗତ ତିନୋଟି ଶଟ୍‌ରେ ୧୦ ପଏଣ୍ଟ ହାସଲ କରିଥିଲେ। ମୁଁ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିଲି। କିନ୍ତୁ ଫାଇନାଲରେ ନିଜ ଦକ୍ଷତା ଅନୁଯାୟୀ ପ୍ରଦର୍ଶନ କରିପାରି ନ ଥିଲି। ନିକଟରେ ମୋର ଟେକନିକ୍‌ରେ ପରିବର୍ତ୍ତନ କରିଛି। ଏଥିଯୋଗୁ ମୋ ସ୍କୋରିଂରେ ଭିନ୍ନତା ଦେଖିବାକୁ ମିଳୁଛି। ମୁଁ ଏଠାରୁ ବହୁତ କିଛି ଶିକ୍ଷା କରିଛି। ମୁଁ ଆହୁରି ଉନ୍ନତର ଟୀରନ୍ଦାଜ ହେବି ବୋଲି ଦୀପିକା କହିଛନ୍ତି।

# ସିନ୍ଧୁ, ଶ୍ରୀକାନ୍ତଙ୍କ ବିଜୟ ଅଭିଯାନ

ଜାକର୍ତ୍ତା,୧୭।୭

ଦେଶର ଷ୍ଟାର ଶଟଲର ପି. ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ଇଣ୍ଡୋନେସିଆ ଓପନ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ଏକ ମାସ ଧରି କୋର୍ଟରୁ ଦୂରେଇ ରହିବା ପରେ ସିନ୍ଧୁ ଓ ଶ୍ରୀକାନ୍ତ ଯଥାକ୍ରମେ ଜାପାନିଜ ବ୍ୟାଡ୍‌ମିଣ୍ଟନ ଖେଳାଳିଆୟର ଓହରି ଓ କେଣ୍ଟା ନିଶିମୋଟୋଙ୍କୁ ନିଜ ନିଜ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ହରାଇଛନ୍ତି। ଚଳିତ ସିଜନରେ ପ୍ରଥମ ଟାଇଟଲ ଅପେକ୍ଷାରେ ଥିବା ୫ମ ସିଡ୍ ସିନ୍ଧୁ ମହିଳା ସିଙ୍ଗଲ୍ସ ବର୍ଗରେ ୧୧–୨୧, ୨୧–୧୫, ୨୧–୧୫ ଗେମ୍‌ରେ ମ୍ୟାଚ୍ ଜିତି ନେଇଥିଲେ। ସେହିଭଳି ଇଣ୍ଡିଆ ଓପନ ଫାଇନାଲିଷ୍ଟ ୮ମ ସିଡ୍ ଶ୍ରୀକାନ୍ତ ୨୧–୧୪, ୨୧–୧୩ ଗେମ୍‌ରେ ନିଶିମୋଟାଙ୍କୁ ପରାସ୍ତ କରିଥିଲେ। ପରବର୍ତ୍ତୀ ରାଉଣ୍ଡରେ ଏହି ଦୁଇ ଭାରତୀୟ କାହାକୁ ଭେଟିବେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ବି. ସାଇ ପ୍ରଣୀଥ ପରାଜୟ ସହ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ପ୍ରଣୀଥ ୧୫–୨୧, ୨୧–୧୩, ୧୦–୨୧ ଗେମ୍‌ରେ ହଂକଂର ୱଙ୍ଗ ୱିଙ୍ଗ କି ଭିନସେଣ୍ଟଙ୍କଠାରୁ ହାରିଯାଇଥିଲେ।

# ଓଡ଼ିଶା ମହିଳା, ପୁରୁଷ ଦଳ ଘୋଷିତ

## ଜାତୀୟ ସିନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୭।୭(କ୍ରୀଡ଼ା ପ୍ରତିନିଧି)

ବିହାରର ପାଟନାସ୍ଥିତ ପାଟଳିପୁତ୍ର ଷ୍ଟାଡିୟମରେ ଜାତୀୟ ସିନିୟର ରଗ୍‌ବୀ ସେଭେନ୍ସ (ମହିଳା/ପୁରୁଷ) ଚାମ୍ପିୟନଶିପ୍ ଚଳିତମାସ ୧୯ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ମହିଳା ଓ ପୁରୁଷ ଦଳ ଘୋଷିତ ହୋଇଛି। ଏଥିରେ କେବଳ ରାଜ୍ୟ ଦଳ ଗୁଡ଼ିକ ଅଂଶଗ୍ରହଣ କରିବା ନିୟମ ରହିଛି। ଜାତୀୟ ସିନିୟର ରଗ୍‌ବୀ ୩୬ତମ ନ୍ୟାଶନାଲ ଗେମ୍ସ ପାଇଁ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟଭାବେ ପରିଚିତ। ଏହା ବ୍ୟତୀତ ଏସିଆ ରଗ୍‌ବୀ ସେଭେନ୍ସ ଟ୍ରଫି ପାଇଁ ଭାରତୀୟ କ୍ୟାମ୍ପକୁ ଏହି ପ୍ରତିଯୋଗିତାରୁ ଖେଳାଳି ଚୟନ ହେବା କାର୍ଯ୍ୟକ୍ରମ ରହିଛି। ଏସିଆ ରଗ୍‌ବୀ ସେଭେନ୍ସ (ମହିଳା/ପୁରୁଷ) ପ୍ରତିଯୋଗିତା ଅଗଷ୍ଟ ୧୦ ଓ ୧୧ ତାରିଖ ଦୁଇଦିନଧରି ଅନୁଷ୍ଠିତ ହେବ।

**ମହିଳା ଦଳ:** ମଞ୍ଜୁଲତା ପ୍ରଧାନ, ପୁନମ ସିଂ, ରଜନୀ ଶବର, ସୋନି ମନ୍ଦାଙ୍ଗି, ପାର୍ବତୀ କିସ୍କୁ, ଜେନାମଣି ନାୟକ, ସୁମିତ୍ରା ନାୟକ, ହୁପି ମାଝି(ଅଧିନାୟିକା), ଦୁମୁନି ମାରାଣ୍ଡି, ତନୟା ଶବର, ବାସନ୍ତୀ ପାଙ୍ଗି, ମମତା ପାତ୍ରୋ।

**ପୁରୁଷ ଦଳ:** ମୁନା ମୁର୍ମୁ, ନାରାୟଣ ସାହୁ, ସୁଶାନ୍ତ ବେହେରା, ବିକ୍ରାନ୍ତ କୁମାର ରାଉତ (ଅଧିନାୟକ), ବିଭୂତି ଭୂଷଣ ସେଠୀ, ରତ୍ନାକର ହେମ୍ବ୍ରମ, ଶାନାୱାଜ ଅହମଦ, ଶଶାଙ୍କ ଶେଖର ତ୍ରିପାଠୀ, ବଳରାମ ନାୟକ, ରାଜକିଶୋର ମୁର୍ମୁ, ସୁଗୁଧା ମାଝି, ସମୀର ମଳିକ।



ଜାତୀୟ ସିନିୟର ରଗ୍‌ବୀ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ମହିଳା ଓ ପୁରୁଷ ଦଳ।

ମନେ ପଡ଼ନ୍ତି

In Memorium

ANKITA
When someone you love becomes a memory, the memory becomes a treasure. Miss you Ankita.
Lots of love from:
Babal, Mama and all your dear people.
D-13443

ପଞ୍ଚମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ରଜନୀକାନ୍ତ ସାହୁ
ଜଗନ୍ନାଥପ୍ରସାଦ, ସମ୍ବଲପୁର
ଆବିର୍ଭାବ– ୦୨.୦୪.୧୯୬୩
ତିରୋଭାବ– ୧୪.୦୭.୨୦୧୪
(ଶ୍ରାବଣ, ଦ୍ୱିତୀୟା)
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ, ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ, ଆମ ପ୍ରେରଣାର ଉତ୍ସହେଉ । ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାସହ ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା । ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ ।
ଧ–୧୩୪୪୭

ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାହୁ
ଗୌଡ଼ବାଡ଼ ସାହି, ପୁରୀ
ଆବିର୍ଭାବ: ୦୫।୦୬।୧୯୭୪
ତିରୋଧାନ: ୧୮।୦୭।୨୦୦୭
ଚାହୁଁ ଚାହୁଁ ଦ୍ୱାଦଶ ବର୍ଷ ବିତିଗଲା। ତୁମର ଆଦର୍ଶ, ଅନୁଶାସନ, ପରୋପକାର, ସ୍ନେହ, ଶ୍ରଦ୍ଧା ଅତୁଳା ହୋଇ ରହିଛି। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ଧର୍ମପତ୍ନୀ, ଝିଅ– ଗୁଡି, ଲାଡି ଓ ପରିବାରବର୍ଗ
ଧ–୬୩୭୮୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ସଂଗ୍ରାମ କେଶରୀ ପଟ୍ଟନାୟକ
K-29, Khandagiri Plaza, Kolathia, Bhubaneswar-19
ଆବିର୍ଭାବ: ୧୭।୧୧।୧୯୪୦
ତିରୋଧାନ: ୨୯।୦୭।୨୦୧୮
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆମେ ପରିବାରବର୍ଗ ଆପଣଙ୍କ ଆତ୍ମାର ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣତଳେ ବିନମ୍ର ପ୍ରାର୍ଥନା ଜଣାଉଛୁ।
ଶ୍ରଦ୍ଧାଞ୍ଜଳି ସହ:
ମୁନା, ବୁବୁନ୍, ଶାମୀ ଓ ସମସ୍ତ ପରିବାରବର୍ଗ
ଧ–୬୫୬୬୮

ପଞ୍ଚମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ରମାକାନ୍ତ ସାହୁ
ଜଗନ୍ନାଥପ୍ରସାଦ, ସମ୍ବଲପୁର
ଆବିର୍ଭାବ– ୦୧.୧୦.୧୯୫୧
ତିରୋଭାବ– ୧୪.୦୭.୨୦୧୪
(ଶ୍ରାବଣ, ଦ୍ୱିତୀୟା)
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ, ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ, ଆମ ପ୍ରେରଣାର ଉତ୍ସହେଉ । ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାସହ ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା । ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ ।
ଧ–୧୩୪୪୬

ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଆନନ୍ଦ ସାହୁ
ଅର୍ତ୍ତିଆକୁସୁନପୁର, ଧର୍ମଶାଳା, ଯାଜପୁର
ଆବିର୍ଭାବ: ତା.୧୨।୦୮।୧୯୩୭ରିଖ
ତିରୋଧାନ: ତା.୮।୦୭।୨୦୧୯ରିଖ
ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇଦେଇ ଆରପାରିକୁ ଚାଲିଗଲେ। ଯେଉଁଠି ଥାଆନ୍ତୁ, ଭଲରେ ଥାଆନ୍ତୁ। ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ମାତୃଦେବୀ– ପାଲୁଣୀ ସାହୁ, ପତ୍ନୀ– ମୁକ୍ତା, ପୁତ୍ର– ବାସୁଦେବ, ଦଶରଥ, କାଶୀନାଥ, ଋଷିନାଥ, ବୋହୂ– ପ୍ରଭାତୀ, ମିନତୀ, ଗୀତା, ଟୁମ୍‌କି, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ–୧୩୪୪୪

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅବହେଳା: ବିଡିଓଙ୍କୁ ଅର୍ଥଦଣ୍ଡ

ସ୍ଥାୟୀ ଲୋକ ଅଦାଲତଙ୍କ ନିର୍ଦ୍ଦେଶ

**କଟକ ଅଫିସ,୧୭।୭:** କେନ୍ଦ୍ରାପଡ଼ା ଜିଲା ମହାକାଳପଡା ଅଞ୍ଚଳର ସହଦେବ ସେଠୀ ନାମକ ଜଣେ ବ୍ୟକ୍ତି ନିଜର ଚାଳଘର ଛପର କରିପାରି ନ ଥିଲେ। ଏହାପରେ ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିଜକୁ ଅନ୍ତର୍ଭୁକ୍ତ କରିବା ପାଇଁ ମହାକାଳପଡ଼ା ବ୍ଲକରେ ଦରଖାସ୍ତ ଜରିଆରେ ଆବେଦନ କରିଥିଲେ। କିନ୍ତୁ ବ୍ଲକ କର୍ତ୍ତୃପକ୍ଷ କୌଣସି ଅନୁସନ୍ଧାନ ନ କରି ତାଙ୍କ ଦରଖାସ୍ତକୁ ଅଗ୍ରାହ୍ୟ କରିଦେଇଥିଲେ। ଏହାପରେ ସହଦେବ ସ୍ଥାୟୀ ଲୋକ ଅଦାଲତ (ଜନୋପଯୋଗୀ ସେବା) ନିକଟରେ ଦରଖାସ୍ତ କରିଥିଲେ। ଅଦାଲତର ବାରମ୍ବାର ନୋଟିସ ସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲାପାଳ ଅଥବା ମହାକାଳପଡ଼ା ବିଡିଓ ଅଦାଲତଙ୍କ ନିକଟରେ ହାଜର ହୋଇ ନ ଥିଲେ। ଅନ୍ୟପକ୍ଷରେ ବିଡିଓ ନିଜ ଜବାବ ଦାଖଲରେ ଟାଳଟୁଳ ନୀତି ଅବଲମ୍ବନ କରି ସମୟ ଗଡ଼ାଇ ଚାଲିଥିଲେ। ଶେଷରେ ଏହି ମାମଲାର ବିଚାର କରି ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ପ୍ରେମରାଜ ବହିଦାର, ସଦସ୍ୟ ତପନ କୁମାର ମଣ୍ଡଳ ଓ ପ୍ରଦୀପ କୁମାର ପଟ୍ଟନାୟକ ଆବେଦନକାରୀଙ୍କୁ ୧ ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରି ବାସଗୃହ ଯୋଗାଇଦେବା ପାଇଁ ମହାକାଳପଡ଼ା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲା ବିଚାରରେ ବିଡିଓଙ୍କ ଟାଳଟୁଳ ନୀତି, ଦାୟିତ୍ୱହୀନ କାର୍ଯ୍ୟ ତଥା ଆବେଦନକାରୀଙ୍କୁ ବାରମ୍ବାର ଦୌଡାଇ ହଇରାଣ କରିଥିବା ନେଇ ଅସନ୍ତୋଷ ପ୍ରକାଶ କରି ୫୦୦୦ ଟଙ୍କା ଅର୍ଥଦଣ୍ଡରେ ବିଡିଓଙ୍କୁ ଦଣ୍ଡିତ କରାଯାଇଛି। ଏଥିସହିତ ଆବେଦନକାରୀ ଜଣେ କୁଷ୍ଠରୋଗୀ ହୋଇଥିବାରୁ ତାଙ୍କୁ ବିକଳାଙ୍ଗ ଭତ୍ତା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରି ପଡ଼ିକାର୍ଡ ଯଥାଶୀଘ୍ର ଯୋଗାଇଦେବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

# ଝି' ପୁଅର ପାଠପଢ଼ା ଲାଗି ଭିଖ୍ ମାଗୁଛନ୍ ବାପା

ହୃଷୀକେଶ ଖମାରୀ
ଅତାବିରା, ୧୭।୭ (ଡି.ଏନ୍.ଏ)

କେନ୍ଦ୍ର ଆର ରାଏଜ୍ ସରକାର ଶିକ୍ଷାରେ ସଂସ୍କାର ଆନବାର ଲାଗି ଅନେକ୍ ଯୋଜନା କାଯ୍‌କାରୀ କରୁଛନ୍। କେନ୍‌ଥେଇ ସଭେ ସୁବିଧାରେ ଭଲ ପାଠ୍ ପଢ଼ିପାରବେ ସେଥିର ଲାଗି ବେବସ୍‌ତା କରୁଛନ୍। ହେଲେ ଆଏଜ୍ ବି ଆମର ସମାଜରେ ଏନ୍‌ତା ଗରିବ୍ ଦୁଖି ଅଛନ୍ ଯେନ୍‌ମାନେ ଅନେକ କାରନ୍‌ରୁ ଛୁଆପିଲାକୁ ପାଠ୍ ପଢ଼େଇ ନାଇଁ ପାରବାର। ଆଏଜ୍‌କାଲି ସବୁ ମା'ବାପ୍ ପାଠ୍‌ପଢ଼ାର ଗୁରୁତ୍‌କେ ବୁଝୁଛନ୍। ସେମାନେ ନିଜେ ନାନା ଦୁଖ୍ ଯାତନା ଭୁଗି ପିଲାଛୁଆକୁ ପାଠ୍ ଦୁଇ ଅଖର ପଢ଼େଇ ମୁନୁଷ୍ କରବାର ଚେଷ୍‌ଟା କରୁଛନ୍। ଏନ୍‌ତା ଗୁଟେ ହୁରୁଦ୍ ତରଲି ଗଲା ଲେଖେଁ ଘଟ୍‌ନା ଦେଖିବାକେ ମିଳିଛେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକରେ।

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ଅଧୀନ ବେତରାପଢ଼ାର ମୂଳ ବାସିନ୍ଦା ହେଉଛନ୍ ବୈକୁଣ୍ଠ ନାଏକ(୬୦)। ପରିବାର କହେଲେ ମାଏକିନା, ଝି' ତ୍ରିଲୋଚନା(୧୬) ଆର ପୁଓ ବୀରେନ୍ଦ୍ର(୧୧)କେ ନେଇ ତାକର ସଁସାର। ପରିବାରଟା ନିହାତି ଗରିବ୍



ଝି'ର ପାଠ୍‌ପଢ଼ା ଲାଗି ବୈକୁଣ୍ଠ ଉଦେପୁରରେ ଭିଖ୍ ମାଗୁଛନ୍।

ହେଇଥିଲାବେଲେ ଗୋଲାପଢ଼ାରେ ଝନ୍‌କର ଜାଗାଥି କୁରିଆଟେ କରି କୁଟୁମବସିଆ ଆଶ୍‌ରେ ନେଇଛନ୍। ଇଆଡ଼େ ବୈକୁଣ୍ଠକଁର ମାଏକିନା ଝନେ ମାନ୍‌ସିକ ରୁଗୀ। ସେନ୍‌ତା ବଛର କେତେଟା ତଲେ ବୈକୁଣ୍ଠ ଗଛୁପଡ଼ି ଅଦରବା ହେଇଯାଇଛନ୍। ଏନ୍‌ତାଥି ଯୁକ୍ତ ଦୁଇ ପହେଲା ବଛର ପଢ଼ି ସାରିଥିବାର ଝି' ତ୍ରିଲୋଚନା ଆର ଷଷ୍ଠ ଶ୍ରେଣୀଥି ପଢୁଥିବାର ପୁଓ ବୀରେନ୍ଦ୍ରର ପାଠ୍‌ପଢ଼ା ଚିନ୍‌ତା ତାହାକୁ ଘାରୁଛେ। ଇଆଡ଼େ ଅଭାବ ଅନାଟନ ଲାଗି ବୈକୁଣ୍ଠ ଝି'ପୁଓର ପାଠ୍‌ପଢ଼ା ଖରଚ୍ ତୁଲାବାକେ ସକ୍ଷମ ହେଇ ନାଇଁପାରବାର। ଯେନ୍‌ଥିରଲାଗି ବୈକୁଣ୍ଠ ବୁଧୁବାର ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍ ଉଦେପୁର ଗାଁରେ ଝି'ର ପାଠ୍‌ପଢ଼ା ପରମାନପତର ଧରି ଘର ଘର ବୁଲି ଲୁକ୍‌କୁ ଭିଖ୍ ମାଗୁଥିଲାବେଲେ ଥାନୀୟ ଧରିତ୍ରୀ ପରତିନିଧି ତାହାକୁ ଭେଟିଥିଲେ। ପରତିନିଧି ବୈକୁଣ୍ଠକୁଁ ତାକର ଦୁଖ୍ ଦୁରଦଶା ବାବ୍‌ଦେ ପଚାରି ବୁଝିଥିଲେ। ବୈକୁଣ୍ଠକଁର କହେବାର ହେଲା ସେ ଝି'ପୁଓର ପାଠ୍‌ପଢ଼ା ଲାଗି ଭିନେ ଭିନେ ସମିଆରେ ନେତା, ମନ୍ତ୍ରୀ, ସରକାରୀ ଅଧିକାରୀମାନକୁ ଭେଟି ନିରାଶ ହେଇଛନ୍। ଏନ୍‌ତାକି ଝି' ମାଟ୍ରିକ ପାସ୍ କଲା ଉତାରୁ କଲେଜରେ ନାଁ ଲେଖାବାର ଲାଗି ବୈକୁଣ୍ଠ ଜିଲାର ଝନେ ଟାନୁଆ ନେତାକୁ ଗୁହାରି କରିଥିଲେ। ହେଲେ ସେ ମୁଇଁ ତମର ନେତା ନୁହେ, ତମର ବିଧାୟକକେ ଗୁହାରି କର ବଲି ରୋକ୍‌ଠୋକ୍ ମନା କରିଥିଲେ। ହେଲେ ଦୁଖର କଥା ମୁଇଁ ଆଏଜ୍‌ତକ ଥାନୀୟ ବିଧାୟକ୍‌କୁଁ ନାଇଁ ଭେଟି ପାରି ବଲି ସେ କହିଛନ୍। ଗଲା ବଛର କଲେଜରେ ଝି'ର ନାଁ ଲେଖା ଲାଗି ଅନେକ ଲୁକ୍‌କରନୁ ସାହାଯ୍ ମାଗିଛେଁ। ବିନିକାର ପୂରବର ବିଡିଓ ୧ ହଜାର ଟଁକା ଦେଇଥିଲାବେଲେ ସୋନପୁରର ଜୟନାରାୟଣ ନେଗୀ, ଚୂଡ଼ାମଣି ନାୟକକଁର ଲେଖେଁ କେତେ ସହୁରୁଦ୍ ଲୋକ୍ ସାହାଯ୍ ଦେଇଥିଲେ। ସେ ଟଁକାରେ ମୁଇଁ ଝି'ର ନାଁ ବୌଦ୍ଧ ଜିଲା ବାଉଁଶୁଣୀ କଲେଜରେ ଲେଖେଇଥିଲି। ହେଲେ ଏହେଦେ ଝି'ର ନାଁ ଯୁକ୍ତ ଦୁଇ ଦୁତୀଅ ବଛରରେ ଲେଖାବାକେ ପଡ଼ବା। ସେଥିରଲାଗି ଗାଁ ଗାଁ ବୁଲି ଭିଖ୍ ମାଗି ପଏସା ଠୁଲଉଛେଁ ଆଗିଆଁ ବଲି ସେ କହିଥିଲେ। ସରକାର ଶିକ୍ଷାର ପରଚାର ପରସାର, ସଂସ୍କାର ଲାଗି ଯୋଜନା ଉପରେ ଯୋଜନା କରୁଛନ୍। ହେଲେ ଆମର ରାଏଜେ ଆଏଜ୍‌ବି ଅନେକ ବୈକୁଣ୍ଠ ଅଛନ୍ ଯେନ୍‌ମାନେ ଅଭାବ ଅନାଟନ ଲାଗି ନିଜର ପିଲାଛୁଆକୁ ପାଠ୍ ପଢ଼େଇ ନାଇଁ ପାରବାର। ସୁବର୍ଣ୍ଣପୁର ଜିଲା ପରଶାସନ ଇ ଦୁଖି ପରିବାର ଉପରେ ଦୁରୁଷ୍‌ଟି ଦେଇ ତ୍ରିଲୋଚନାର ପାଠ୍‌ପଢ଼ା ଖରଚ୍ ତୁଲାବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।

# ଜୟପୁରରେ ଏନ୍‌କାଉଣ୍ଟର

ଜୟପୁର,୧୭।୭(ନି.ପ୍ର.)

**ମୋଷ୍ଟ ୱାଣ୍ଟେଡ କାବୁଲ ଗୋଡ଼ରେ ବାଜିଛି ଗୁଳି**

କୋରାପୁଟ ଜିଲା ଜୟପୁର ସହରରେ ବୁଧବାର ଭୋର୍‌ରେ ହୋଇଥିବା ଏନକାଉଣ୍ଟରରେ ଏକାଧିକ ମାମଲାରେ ଅଭିଯୁକ୍ତ ଥିବା କାବୁଲ ଖରା ପୋଲିସ ଗୁଳିରେ ଆହତ ହୋଇଛନ୍ତି। ୨୦୧୪ରୁ ଅପରାଧିକ କାର୍ଯ୍ୟକଳାପ ଚଳାଇ ମୋଷ୍ଟ ୱାଣ୍ଟେଡ୍ ଥିବା ଏହି ଅଭିଯୁକ୍ତ ଶେଷରେ ପୋଲିସ ହାତରେ ଧରାପଡ଼ିଛନ୍ତି। ଘଟଣାସ୍ଥଳରୁ ୨ଟି ଜୀବନ୍ତ ଗୁଳି, ଗୋଟିଏ ଖୋଳା, ୭ ଏମ୍‌ଏମ୍‌ର ପିସ୍ତଲ, ମୋବାଇଲ ଓ ସ୍ୱିଫ୍ଟ ଡିଜାୟାର କାର୍ ଜବତ ହୋଇଛି। କାବୁଲଙ୍କ ନାଁରେ କୋରାପୁଟ ଓ ନବରଙ୍ଗପୁର ଜିଲାର ବିଭିନ୍ନ ଥାନାରେ ଅନେକ ସଙ୍ଗୀନ ମାମଲା ରହିଛି।

ସୂଚନା ଅନୁଯାୟୀ, ଜୟପୁର ପୋଲିସ ବୁଧବାର ପାଟ୍ରୋଲିଂ କରୁଥିବା ବେଳେ ଖବର ଆସି ପହଞ୍ଚିଲା ଯେ କାବୁଲ ଖରା ଧଳାରଙ୍ଗର ଏକ କାର୍‌ରେ ଜୟପୁର ଅଞ୍ଚଳରେ ବୁଲୁଛନ୍ତି। ଏହି ଖବର ଆଧାରରେ ପୋଲିସ ତଲାସି ଚଳାଇ ଭୋର୍ ସାଢ଼େ ୪ଟା ବେଳେ ହାତୀଶାଳ ନିକଟରେ ଏକ ନମ୍ବରବିହୀନ ଧଳାକାର୍‌କୁ ଚିହ୍ନଟ କରିଥିଲା। ସ୍ୱିଫ୍ଟ ଡିଜାୟାର ମଡେଲର ସେହି କାର୍‌ରେ ଯାଉଥିବା କାବୁଲ ଖରା ପୋଲିସକୁ ଦେଖିବା ପରେ ଗାଡ଼ି ଦ୍ରୁତଗତିରେ ସେଠାରୁ ନେବା ପାଇଁ ଉଦ୍ୟମ କରିଥିଲେ। ଏହାସହ ପୋଲିସ ଉପରକୁ ୨ ରାଉଣ୍ଡ ଗୁଳି ମଧ୍ୟ ଚଳାଇଥିଲେ। ଜୟପୁର ପୋଲିସ କାବୁଲଙ୍କ ଉପରକୁ ପାଲଟା ୩ ରାଉଣ୍ଡ ଗୁଳି ଚଳାଇଥିଲା। ଏଥିରେ ଡାହାଣ ଗୋଡ଼ରେ ଗୁଳି ବାଜି କାବୁଲ ଆହତ ହେବା ଯୋଗୁ ପୋଲିସ ତାଙ୍କୁ କାବୁ କରିଥିଲା। ସେ ଗୁରୁତର ଥିବାରୁ ତାଙ୍କୁ ଜୟପୁର ସ୍ଥିତ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୋଡ଼ରୁ ଗୁଳି କଢ଼ାଯିବା ପରେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ପୋଲିସ ସୂଚନା ଦେଇଛି।

## ୧୯ରୁ 'ତନେରା' ପକ୍ଷରୁ ଶାଢ଼ି ପ୍ରଦର୍ଶନୀ

**ଭୁବନେଶ୍ୱର,୧୭।୭(ବ୍ୟୁରୋ):** ଟାଇଟାନ୍‌ର ନୂତନ ବ୍ରାଣ୍ଡ 'ତନେରା' ପକ୍ଷରୁ ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ସ୍ଥାନୀୟ ସ୍ୱସ୍ତି ପ୍ରିମିୟମ ହୋଟେଲ୍‌ରେ ହାତ ତିଆରି ଶାଢ଼ି ପ୍ରଦର୍ଶନୀ ଓ ସେଲ୍ ଆୟୋଜିତ ହେବ। ପ୍ରଦର୍ଶନୀରେ ତନେରାର ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଶାଢ଼ି ପ୍ରଦର୍ଶିତ ହେବ। ସିଲ୍କ, କଟନ, ଚନ୍ଦେରି ସହ ମାହେଶ୍ୱରୀ, ସଫ୍ଟ କଟନ ବେଙ୍ଗଲ ଜାମଦାନି, କାଞ୍ଜିବରମ୍ ଓ ବନାରସୀ ସିଲ୍କ ଭଳି ପାରମ୍ପରିକ ଟସର, ଇକ୍କତ୍ ଓ ସାଉଥ୍ ସିଲ୍କ ଶାଢ଼ି ଏହାର ପ୍ରମୁଖ ଆକର୍ଷଣ ରହିବ। ଏନେଇ ତନେରାର ବିଜ୍‌ନେସ୍ ହେଡ୍ ଶ୍ୟାମଲା ରମଣନ୍ କହିଛନ୍ତି, ହସ୍ତତନ୍ତ ଓ ଭାରତର ଦକ୍ଷ କାରିଗରଙ୍କ ବାସସ୍ଥଳୀ ହେଉଛି ଓଡ଼ିଶା। ସାରା ଭାରତରେ ଥିବା ପାରମ୍ପରିକ ଓ ପ୍ରାକୃତିକ ତନ୍ତ ଶାଢୀକୁ ଆମେ ଭୁବନେଶ୍ୱର ଆଣୁଥିବାରୁ ବହୁତ ଖୁସି। ଏଠାକାର ମହିଳାମାନେ ନିଶ୍ଚୟ ଏହି ଶାଢୀକୁ ପସନ୍ଦ କରିବେ ବୋଲି ସେ କହିଛନ୍ତି। ଭୁବନେଶ୍ୱର ପ୍ରଦର୍ଶନୀରେ ବିଭିନ୍ନ ପ୍ରକାର ସମ୍ଭାର ଗ୍ରାହକଙ୍କ ପସନ୍ଦ ପାଇଁ ସୁଯୋଗ ସୃଷ୍ଟି କରିବ। ତନେରାରେ ନୂତନ ଭାବେ ସାମିଲ ହୋଇଥିବା ରାଜସ୍ଥାନର ସାଙ୍ଗେନେରି ବ୍ଲକ୍ ପ୍ରିଣ୍ଟସ୍, ବିଭିନ୍ନ ପ୍ରକାର ଇକ୍କତ ଶାଢୀ, ବାଗ୍ ଏବଂ ଆଜ୍ରାଖ ବ୍ଲକ୍ ପ୍ରିଣ୍ଟ, କମ୍ପାନୀ ଦ୍ୱାରା ଡିଜାଇନ୍ କରାଯାଇଥିବା ଟସର ଓ ଜାମଦାନି ତନେରା ଆଦି ମୁଖ୍ୟ ଆକର୍ଷଣ ରହିବ। ଏହାବ୍ୟତୀତ ବିଭିନ୍ନ ଡ୍ରେସ୍ ମାଟେରିଆଲ୍, ରେଡି ଟୁ ଓୟାର ବ୍ଲାଉଜ୍, ଷ୍ଟୋଲ୍, ଓଢଣା ଆଦି ଏଠାରୁ ପାଇପାରିବେ ଗ୍ରାହକ।

## କଲେଜ ଛାତ୍ରୀ ଗଣବଳାତ୍କାର ମାମଲା | ୩ ସହପାଠୀ ଛାତ୍ର ଗିରଫ

ସୁନ୍ଦରଗଡ଼,୧୭।୭ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଅଞ୍ଚଳର ଏକ କଲେଜର ଜନୈକା ଛାତ୍ରୀଙ୍କୁ ହୋଇଥିବା ଗଣବଳାତ୍କାର ଘଟଣାରେ ସଦର ଥାନା ପୋଲିସ ୩ ସହପାଠୀ ଛାତ୍ରଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଲଳିନ୍ଦ୍ର ଓରାମ (୨୦), ରଞ୍ଜିତ ଓରାମ (୨୦) ଓ କିଶୋର ଏକ୍କା (୨୦)। ପୋଲିସ ଏମାନଙ୍କ ବିରୋଧରେ ସଦର ଥାନାରେ ଏକ ବଳାତ୍କାର ମାମଲା (ନଂ. ୧୨୬।୨୦୧୯) ରୁଜୁ କରିଛି। ଏହି ଘଟଣାରେ ଆଉ ଜଣେ ଛାତ୍ର ଫେରାର ଥିବା ପୋଲିସ ପ୍ରକାଶ କରିଛି। ପୀଡିତା ଛାତ୍ରୀ ଜଣକ ଜୁନ ୨୬ରେ କଲେଜରୁ ତାଙ୍କର ଜଣେ ସହପାଠୀ ଛାତ୍ରଙ୍କ ସହ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ସଦର ଥାନା ଲଇକେରା ନିକଟବର୍ତ୍ତୀ ରାସ୍ତା ପାର୍ଶ୍ୱସ୍ଥ ଏକ ଜଙ୍ଗଲ ମଧ୍ୟରେ ୪ଜଣ ଛାତ୍ର ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ପୀଡିତା ଛାତ୍ରୀ ଜଣକ ଦୀର୍ଘ ୨୦ଦିନ ପରେ ସଦର ଥାନାରେ ଆସି ଅଭିଯୋଗ କରିଥିଲେ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଆର୍‌ଏସ୍‌ଏସ୍‌ର ଗୁରୁପୂଜନ ଉତ୍ସବ

**ଟିକ୍ରାପଡ଼,୧୭।୭(ଡି.ଏନ୍.ଏ.):** ବଲାଙ୍ଗିର ଜିଲା ସଇଁତଲା ବ୍ଲକ କରମତଲା ପଞ୍ଚାୟତ ଛନଛଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆନୁକୂଲ୍ୟରେ ଗୁରୁପୂଜନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପୁରୁଷୋତ୍ତମ ପଣ୍ଡା ସଭାରେ ସଂଯୋଜନା କରିଥିଲେ । ଗୋକୁଳ ଅଗ୍ରୱାଲ ସଭାରେ ଅଧ୍ୟକ୍ଷତା କରିଥିଲେ। ନାରାୟଣ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗୁରୁ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଧରଣୀଧର ରଣା ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ୧୧ କେଭି ବିଦ୍ୟୁତ୍ ତାରରେ ଲାଗି ଯୁବକଙ୍କ ମୃତ୍ୟୁ

**ଗୁଡ଼ଭେଲା,୧୭।୭(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ମଧ୍ୟମ କ୍ଷୁଦ୍ରଜଳସେଚନ ବିଭାଗ ପକ୍ଷରୁ ତୁଷୁରା ସହରସ୍ଥିତ ସୋନଗଡ଼ ନଦୀରେ ଜଳସ୍ତର ମାପୁ ଥିବାବେଳେ ୧୧ କେଭି ବିଦ୍ୟୁତ୍ ତାରରେ ଲାଗି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଗଲପୁର ବ୍ଲକ ଅଧୀନ ଗୁଡୁରୁମୁଣ୍ଡା ଗ୍ରାମର ଧୀରେନ ସାହୁ (୨୮)। ମିଳିଥିବା ସୂଚନା ମୁତାବକ, ଉପର ମୁଣ୍ଡରେ ହୋଇଥିବା ବର୍ଷା ପରିମାଣ ଆକଳନ କରିବା ପାଇଁ ଅତିରିକ୍ତ ଯନ୍ତ୍ରୀ ଖଗେଶ୍ୱର ରାଉତଙ୍କ ଉପସ୍ଥିତିରେ ବୁଧବାର ପୂର୍ବାହ୍ନ ୧୦ଟାରେ ତୁଷୁରା ସହରସ୍ଥିତ ସୋନଗଡ଼ ନଦୀରେ କେତେଜଣ ଯୁବକ କାର୍ଯ୍ୟ କରୁଥିଲେ। ସେତିକିବେଳେ ଧୀରେନ ଏକ ୨୦ଫୁଟ ଲମ୍ବର ଲୁହା ରଡରେ ନଦୀର ଜଳସ୍ତର ମାପ କରୁଥିଲେ। ହେଲେ ଲୁହା ରଡଟି ପାଖରେ ଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ କରେଣ୍ଟ ଲାଗି ଧୀରେନ ଅଚେତ ହୋଇପଡିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ତୁଷୁରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅପରାହ୍ନ ପ୍ରାୟ ୧ଟାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଖବର ପାଇ ତୁଷୁରା ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ହେଲେ ସନ୍ଧ୍ୟା ସାଢେ ୬ଟାରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ତୁଷୁରା ଡାକ୍ତରଖାନା ଚିକିତ୍ସା ଅଧିକାରୀ ରଞ୍ଜିତ ରାଉତଙ୍କୁ ପଚାରିବାରୁ ସେ କହିଥିଲେ ଯେ, କିଛି ଘଟଣାରେ ମୃତଦେହ ସନ୍ଧ୍ୟା ପରେ ମଧ୍ୟ ବ୍ୟବଚ୍ଛେଦ କରାଯାଇଥାଏ ବୋଲି କହିଥିଲେ। ଅନ୍ୟପକ୍ଷେ ଧୀରେନଙ୍କ ସ୍ତ୍ରୀ ଓ ୩ ବର୍ଷର ଶିଶୁ କନ୍ୟା ଅଛନ୍ତି। ଏନେଇ ତୁରନ୍ତ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଟ୍ରେଲର ଚାପାରେ ସାଇକେଲ ଆରୋହୀ ମୃତ

## ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

**ବଲାଙ୍ଗୀର ଅଫିସ, ୧୭।୭**

ବଲାଙ୍ଗୀର-ଭବାନୀପାଟଣା ୨୬ ନମ୍ବର ଜାତୀୟ ରାଜପଥର ସିନଖମନ ଛକ ନିକଟରେ ଏକ ମାଲବୋଝେଇ ଟ୍ରେଲର ଚାପାରେ ଜଣେ ସାଇକେଲ ଆରୋହୀଙ୍କ ବୁଧବାର ମୃତ୍ୟୁ ଘଟିଥିଲା। ସେ ହେଲେ ଭାନପୁର ଗ୍ରାମର ସୁବାସ ମାଝି। ମିଳିଥିବା ସୂଚନା ମୁତାବକ, ସୁବାସ ଘରୁ ସାଇକେଲ ଧରି କୌଣସି ଏକ କାମରେ ଯାଉଥିଲେ। ହେଲେ ସିନଖମନ ପୋଲ ଉପରେ ପଛପଟୁ ଆସୁଥିବା ଏକ ମାଲ ବୋଝେଇ ଟ୍ରେଲର ଭାରସାମ୍ୟ ହରାଇ ସାଇକେଲକୁ ଧକ୍କା ଦେଇ ପୋଲ ତଳକୁ ଖସି ପଡିଥିଲା। ଫଳରେ ସୁବାସ ଟ୍ରଲର ତଳେ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ଦୀର୍ଘ ସମୟ ଧରି ସୁବାସଙ୍କ ମୃତଦେହ ଉଦ୍ଧାର ହୋଇପାରି ନ ଥିଲା। ଏନେଇ ସିନ୍‌ଖମନ ଛକରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା । ଏପରି କି ଆନ୍ଦୋଳନକାରୀମାନେ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ସହ ବେପରୁଆ ଗାଡି ଚାଳନା ବନ୍ଦ କରିବାକୁ ଦାବି କରିଥିଲେ। ପୂର୍ବାହ୍ନ ୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଚାଲିଥିଲା। ସଦର ଥାନା ପୋଲିସ ଓ ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ରାସ୍ତାରୋକୋ ପ୍ରତ୍ୟାହାର କରାଯାଇଥିଲା ।



ସିନ୍‌ଖମନ ରାସ୍ତାରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରୁଛନ୍ତି।

### ନୌସେନାର ଜାହାଜ ଭିଆଇପିଙ୍କ ସୁରକ୍ଷାରେ ମୁତୟନ ପ୍ରସଙ୍ଗ

## 'ଅଭିଯୋଗର କୌଣସି ଭିତ୍ତି ନାହିଁ'

**ବଲାଙ୍ଗୀର ଅଫିସ, ୧୭।୭**

ଭାରତୀୟ ନୌସେନାର ବିମାନବାହୀ ଜାହାଜ ଆଇଏନ୍‌ଏସ୍ ବିରାଟ ସହିତ ଅନ୍ୟ ସମସ୍ତ ଜାହାଜଗୁଡିକର ମୁତୟନ ଭିଆଇପିଙ୍କ ସୁରକ୍ଷା ପାଇଁ କରାଯାଏ ନାହିଁ ବୋଲି ଭାରତୀୟ ସେନାର ସମନ୍ୱିତ ମୁଖ୍ୟାଳୟରୁ ସୂଚନା ଅଧିକାର ଆଇନ ବଳରେ ସୂଚନା ମିଳିଥିବା ଜଣାପଡିଛି। ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ମିଳିଥିବା ସୂଚନାରୁ ଏହା ଜଣାପଡିଛି। ଗତ ନିର୍ବାଚନ ପ୍ରଚାର ସମୟରେ ଏକ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୌସେନାର ବିମାନବାହୀ ଜାହାଜ ଆଇଏନ୍‌ଏସ୍ ବିରାଟକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ନିଜ ପରିବାରର ଛୁଟି କାଟିବା ପାଇଁ ବ୍ୟବହାର କରିଥିଲେ ବୋଲି ଅଭିଯୋଗ କରିବା ପରେ ସମଗ୍ର ଦେଶରେ ଏହାକୁ ନେଇ ଜୋର୍‌ଦାର ଚର୍ଚ୍ଚା ହୋଇଥିଲା । ଏପରି କି ଦେଶର ନିରାପତ୍ତା ସହିତ ଉପହାସ କରାଯାଇଥିବା କଥା ମଧ୍ୟ ଅଭିଯୋଗ ହୋଇଥିଲା। ଏହା ଏକ ଗୁରୁତର ବିଷୟ ହୋଇଥିବାରୁ ସୂଚନା କର୍ମୀ ପଣ୍ଡା ଏହାର ସତ୍ୟାସତ୍ୟ ନେଇ ଭାରତୀୟ ସେନାର ସମନ୍ୱିତ ମୁଖ୍ୟାଳୟସ୍ଥିତ ନୌସେନା କାର୍ଯ୍ୟାଳୟକୁ ଆଇଏନ୍‌ଏସ୍ ବିରାଟ ସହିତ ଆଏନ୍‌ଏସ୍ ଭିକ୍ରମାଦିତ୍ୟ ଜାହାଜ ଏବଂ ଅନ୍ୟ ଜାହାଜଗୁଡିକର ମୁତୟନ ସମ୍ପର୍କୀୟ ସମସ୍ତ ତଥ୍ୟ ଏବଂ କେଉଁ କେଉଁ ଭିଆଇପିଙ୍କ କାର୍ଯ୍ୟରେ ନୌସେନା ଜାହାଜଗୁଡିକୁ କେବେ ବ୍ୟବହାର କରାଯାଇଛି ଏହି ସମ୍ପର୍କରେ ସବିଶେଷ ତଥ୍ୟ ମାଗିଥିଲେ । ନୌସେନା ପକ୍ଷରୁ ଦିଆଯାଇଥିବା ତଥ୍ୟରେ ଆଇଏନ୍‌ଏସ୍ ବିରାଟକୁ ୨୦୧୭ ମାର୍ଚ୍ଚ ୬ ତାରିଖରେ ସେବାରୁ ପ୍ରତ୍ୟାହାର କରାଯାଇଥିବା ତଥ୍ୟ ପ୍ରଦାନ କରାଯାଇଥିବା ବେଳେ ମୁତୟନ କୌଣସି ଜାହାଜକୁ ଦେଶର ଭିଆଇପିଙ୍କ ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇଥିବା ତଥ୍ୟ ସମ୍ପୃକ୍ତ ବିଭାଗରେ ନାହିଁ ବୋଲି ତଥ୍ୟ ପ୍ରଦାନ କରିଥିବା ଜଣାଇଛନ୍ତି । ଏହା ସହ ଆଇଏନ୍‌ଏସ୍ ବିରାଟକୁ ଭାରତ ମହାସାଗର ଅଞ୍ଚଳରେ ମୁତୟନ କରାଯାଇଥିଲା ବୋଲି ସୂଚନା ପ୍ରଦାନ କରାଯାଇଛି। ଏନେଇ ସୂଚନା କର୍ମୀ ପଣ୍ଡା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

### ମୋବାଇଲ ଦୋକାନରୁ ଚୋରି ଘଟଣା: ୩ କୋର୍ଟଚାଲାଣ

**ଭବାନୀପାଟଣା,୧୭।୭(ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ କେଗାଁ ଥାନା ଅନ୍ତର୍ଗତ ବୋର୍ଡାଠାରେ ଗତ ମାସରେ ଏକ ମୋବାଇଲ ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଥିଲା। ଏହି ଘଟଣାରେ ବୋର୍ଡା ପୋଲିସ ୩ ଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନଙ୍କଠାରୁ ଚୋରିରେ ବ୍ୟବହୃତ ଏକ ଶାବଳ, ୧୨ଟି ଦାମି ମୋବାଇଲ ପୋଲିସ ଜବତ କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବାରୁ ତାଙ୍କୁ ଜୁଭେନାଇଲ କୋର୍ଟକୁ ପଠାଯାଇଥିବା ବେଳେ ଅନ୍ୟ ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ବୋର୍ଡା ଫାଣ୍ଡି ଅଧିକାରୀ ଗୌରୀ ଶଙ୍କର ଦାଶ ପ୍ରକାଶ କରିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ମାସରେ ବୋର୍ଡାରେ ଥିବା ଶକ୍ତି ମୋବାଇଲ ଏଣ୍ଡ ଏଲେକ୍ଟ୍ରିକାଲ୍ସ ଦୋକାନରୁ କାନ୍ଥ ଭାଙ୍ଗି ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ବୋର୍ଡା ଗାଁର ମୁନା ନାଏକ, ସାରୁ ବାଗ ଓ ଜଣେ ନାବାଳକଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସେମାନେ ଦୋଷ ସ୍ୱୀକାର କରିଥିଲେ।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

**ବେଲପଡ଼ା,୧୭।୭(ଡି.ଏନ.ଏ.)**

ବେଲପଡ଼ା ବ୍ଲକରେ ବୁଧବାର ମଣ୍ଡଳ, ଧୁମାଭଟା, ଯୁବା ପଞ୍ଚାୟତର ୩୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି ଅବସରରେ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚଙ୍କ ଉପସ୍ଥିତିରେ ବେଲପଡ଼ା ବିଡିଓ ବିଜୟ କୁମାର ହୋତା, ବ୍ଲକ ଅଧକ୍ଷା ବୈଜନ୍ତୀ ପାଣିଗ୍ରାହୀ, ବିଧାୟକଙ୍କ ପ୍ରତିନିଧି ଦୁର୍ଯ୍ୟୋଧନ କୁମ୍ଭାର ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ବିଧାୟକଙ୍କ ପ୍ରତିନିଧି କୁମ୍ଭାର ୪ମାସ ମଧ୍ୟରେ କାମ ସମ୍ପୂର୍ଣ୍ଣ କରି ସରକାରଙ୍କ ଦ୍ୱାରା ପ୍ରଦତ୍ତ ୨୦ହଜାର ଟଙ୍କା ଲାଭ ଉଠାଇବାକୁ ହିତାଧିକାରୀଙ୍କୁ କହିଥିଲେ। ଏପରିକି କାହାରିକୁ ଲାଞ୍ଚ ନ ଦେବାକୁ ହିତାଧିକାରୀଙ୍କୁ ଜଣାଇଥିଲେ।



ଅତିଥିମାନେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

### ବୀମା ସମ୍ପର୍କିତ ସୂଚନାରୁ ବଞ୍ଚିତ ଚାଷୀ

**ଦେଓଗାଁ,୧୭।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ପ୍ରାୟ ଚାଷୀ ଗତ ବର୍ଷ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ପଞ୍ଚାୟତ ଏବଂ ଜନସେବାକେନ୍ଦ୍ରରେ ଅନଲାଇନରେ ଚାଷ ଜମିକୁ ବୀମାଭୁକ୍ତ କରାଇଥିଲେ। ଚଳିତ ବର୍ଷ ସରକାର କୃଷି ବିଭାଗର ରିପୋର୍ଟକୁ ଆଧାର କରି ବିଭିନ୍ନ ପଞ୍ଚାୟତକୁ ମରୁଡି ଘୋଷଣା କରିଥିଲେ । ମରୁଡି ଘୋଷିତ ପଞ୍ଚାୟତର ଚାଷୀମାନେ ବୀମାରାଶି ପାଇବାକୁ ନେଇ ବେଶ୍ ଆଶାବାଦୀ ରହିଥିବା ବୀମା ରାଶି ସମ୍ପର୍କରେ କୌଣସି ସୂଚନା ନ ପାଇ ଚାଷୀମାନେ ସମ୍ପୂର୍ଣ୍ଣ ଅନ୍ଧାର ରହିଥିବା ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ କିଛି ଦିନ ହେଲା କେତେକ ଦଲାଲ ଗାଁକୁ ଆସି ଚାଷୀଙ୍କ ତାଲିକା ଧରି ସମ୍ପୃକ୍ତ ବୀମାଭୁକ୍ତ ଚାଷୀଙ୍କୁ ବୀମାରାଶିର ୩୦ ପ୍ରତିଶତ ଟଙ୍କା ଅଗ୍ରିମ ଦେଲେ ଆକାଉଣ୍ଟକୁ ବୀମା ଟଙ୍କା ପଠାଯିବ ବୋଲି କହୁଥିବା ସିଂହାମୁଣ୍ଡା, ଦେଷଣ୍ଡ ଆଦି ପଞ୍ଚାୟତର ଚାଷୀମାନେ ଅଭିଯୋଗ କରିଛନ୍ତି। ଏଠାରେ ପ୍ରଶ୍ନଉଠୁଛି, ଦଲାଲମାନେ ଚାଷୀଙ୍କ ତାଲିକା କେଉଁଠୁ ପାଉଛନ୍ତି ଓ କାହାର ନିର୍ଦ୍ଦେଶରେ ଟଙ୍କା ଆଦାୟ କରୁଛନ୍ତି ତାହା ତଦନ୍ତ ସାପେକ୍ଷ । ସମ୍ପୃକ୍ତ କମ୍ପାନୀ କର୍ମଚାରୀ ତଥା ଏକ ର୍ୟାକେଟ କାମ କରୁଥିବା ଚାଷୀ ମହଲରେ ଅଭିଯୋଗ ହେଉଛି । ଏ ନେଇ ଦେଓଗାଁ ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ କୁମାର ନାଏକଙ୍କୁ ପଚାରିବାରୁ ବୀମା ସମ୍ପର୍କରେ କୌଣସି ସୂଚନା କାର୍ଯ୍ୟାଳୟକୁ ଆସି ନାହିଁ । ଅନ୍ୟପକ୍ଷେ ଚାଷୀମାନେ କୌଣସି ଦଲାଲଙ୍କ କଥାରେ ନ ପଡି ସଚେତନ ହେବାକୁ ପରାମର୍ଶ ଦେଇଥିଲେ।

### ପଢ଼ିବାକୁ ଯାଇ ଦଶମ ଶ୍ରେଣୀ ଛାତ୍ରୀ ଫେରାର

**ଦେଓଗାଁ,୧୭।୭(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଜରାସିଂହାର ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀ ସ୍କୁଲକୁ ପଢିବାକୁ ଯାଇ ଫେରାର ହୋଇଯାଇଥିବା ନେଇ ଦେଓଗାଁ ଥାନାରେ ବୁଧବାର ଏକ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ନାବାଳିକା ଛାତ୍ରୀ ଜଣକ ମଙ୍ଗଳବାର ସ୍ଥାନୀୟ ହାଇସ୍କୁଲକୁ ପଢ଼ିବାକୁ ଆସିଥିଲେ। ଅପରାହ୍ନରେ କିଛି ସମୟ ସ୍କୁଲ ଗେଟ୍ ଖୋଲା ହୋଇଥିଲା। ସେତିକିବେଳେ କାହାକୁ ନ ଜଣାଇ ଛାତ୍ରୀ ଜଣକ କୁଆଡେ ଫେରାର ହୋଇଯାଇଥିଲେ। ଏହା ଜାଣି ପ୍ରଧାନ ଶିକ୍ଷକ ନାବାଳିକା ଛାତ୍ରୀଙ୍କ ବାପାଙ୍କୁ ସ୍କୁଲକୁ ଡକାଇ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଛାତ୍ରୀଙ୍କୁ ଖୋଜାଖୋଜି କରାଯାଇଥିଲା। ହେଲେ ଛାତ୍ରୀଙ୍କ କୌଣସି ପତ୍ତା ମିଳି ନ ଥିଲା। ଏନେଇ ଦେଓଗାଁ ଥାନାରେ ଛାତ୍ରୀଙ୍କ ବାପା ଓ ହାଇସ୍କୁଲର ପ୍ରଧାନ ଶିକ୍ଷକ ଲିଖିତ ଭାବେ ଏକ ଅଭିଯୋଗ କରିଥିଲେ। ପରିବାର ଲୋକଙ୍କ କହିବା ମୁତାବକ, ଯୁବକ ଜଣକ ଜରାସିଂହାରେ କିଛି ମାସହେଲା ଏକ ଚା ଦୋକାନ କରିଛନ୍ତି। ଯୁବକ ଜଣକ ତାଙ୍କ ଝିଅଙ୍କ ପଛରେ ପଡିଥିଲେ। ସମ୍ପୃକ୍ତ ଯୁବକ ଜଣକ ତାଙ୍କ ଝିଅକୁ ଅପହରଣ କରି ନେଇଥିବା ପରିବାର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ତୁରନ୍ତ ପୋଲିସ ପ୍ରଶାସନ ନାବାଳିକ ଝିଅଙ୍କୁ ଉଦ୍ଧାର କରିବାକୁ ପରିବାର ଲୋକେ ନିବେଦନ କରିଛନ୍ତି। ପ୍ରକାଶଯେ, କିଛି ମାସ ତଳେ ସ୍ଥାନୀୟ କଲେଜକୁ ପଢିବାକୁ ଯାଇ ଅନ୍ୟ ଜଣେ ଛାତ୍ରୀ ଫେରାର ହୋଇଯାଇଥିଲେ। ପରେ ଛାତ୍ରୀ ଜଣକ ଯୁବକକୁ ପ୍ରେମ ବିବାହ କରି ଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିଲା ।




ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିରରେ ଉପସ୍ଥିତ ଅତିଥିମାନେ।

### ଦକ୍ଷତା ବୃଦ୍ଧି ତାଲିମ ଶିବିର

**ଖପ୍ରାଖୋଲ,୧୭।୭(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ୱାଇସିଡିଏ ଏବଂ ନାବାର୍ଡର ମିଳିତ ଉଦ୍ୟମରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୱାଇସିଡିଏ ପ୍ରୋଗ୍ରାମ ମ୍ୟାନେଜର ଅଜିତ ବସ୍ତିଆ ଅଧ୍ୟକ୍ଷତା କରିଥିବା ବେଳେ ତାଲିମ ଦାତା ଭାବେ ନାବାର୍ଡ ଏଜିଏମ୍ ଲକ୍ଷ୍ମଣ ସାଏ, ଧଣ୍ଡାମୁଣ୍ଡା ୟୁଜିବି ମ୍ୟାନେଜର ରଜରାଜ ପାଣିଗ୍ରାହୀ, ବିଏଲ୍‌ସି ପ୍ରଶାନ୍ତ ନନ୍ଦ, ମାଖୁନୁ ଷାଣ୍ଢ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଶିବିରରେ ଖପ୍ରାଖୋଲ ବିଡିଓ ତରଣୀ ସୁନା, ଜିପିଇଓ ସୁଶାନ୍ତ ପାଣି, ଏପିଓ ପୁଷ୍ପାଞ୍ଜଳୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ଏବଂ ସ୍ୱୟଂ ସହାୟକ ଦଳର ଭୂମିକା ଉପରେ ଆଲୋକପାତ କରିଥିଲେ। ହେମବତୀ ନନ୍ଦନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଦାନନ୍ଦ ବାଗ, ଉମେଶ ଗୁପ୍ତା, ଭୋଜରାଜ ବରିହାଙ୍କ ସମେତ ୪୦ଟି ସ୍ୱୟଂ ସହାୟକ ଦଳର ୭୨ଜଣ ମହିଳା ଯୋଗ ଦେଇଥିଲେ।

### କୋଶଳ କଳାମଣ୍ଡପରେ ସଫେଇ କାର୍ଯ୍ୟକ୍ରମ

**ବଲାଙ୍ଗୀର ଅଫିସ, ୧୭।୭**

ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ସ୍ଥାନୀୟ କୋଶଳ କଳାମଣ୍ଡପ ପଡ଼ିଆରେ ବୁଧବାର ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକାରୀ ସଭ୍ୟ ଗୋପଭୂଷଣ ନାଥ, ମନୋରଞ୍ଜନ ପୁରୋହିତଙ୍କ ଉଦ୍ୟମ କ୍ରମେ କମିଟି ସଦସ୍ୟମାନେ ପଡ଼ିଆରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବଲାଙ୍ଗୀର ଜିଲାପାଳ ଅରବିନ୍ଦ ଡାକୁଆ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ ଉପସ୍ଥିତ ରହି କମିଟି ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ଉପସଭାପତି ନିତ୍ୟାନନ୍ଦ ମିଶ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ନରେଶ କୁମାର ଦାସ, ପର୍ଶୁରାମ ନାଏକ, ଛବିଲାଲ ବେହେରା, ଗୋପ ପୁରୋହିତ, ବରିଷ୍ଠ ସଭ୍ୟ ଦୁର୍ଗାମାଧବ ହୋତା, ଇଂ କିଶୋର ମିଶ୍ର, ଡ. ଚକ୍ରପାଣି ଦାସ, ବ୍ରଜରାଜ ପୁରୋହିତ, ଇନ୍ଦ୍ରମଣି ରଥ, ଶୁଭେନ୍ଦୁ ତ୍ରିପାଠୀ, ବାଦଲ ମହାକୁର, ମନୋରଞ୍ଜନ ଦେହୁରିଆଙ୍କ ସହ ଅନ୍ୟ ସଭ୍ୟମାନେ ଅଂଶଗ୍ରହଣ କରିଥିଲେ।



କୋଶଳ କଳାମଣ୍ଡଳ ପଡ଼ିଆରେ ସଫେଇ କାର୍ଯ୍ୟକ୍ରମ କରାଯାଉଛି।

■ ଆପ୍‌ନେ ଆର ପୁଓ ଆରପାରେ

## ନିଜର ଭାଏଗ୍‌କେ ନିନ୍ଦୁଁଛନ୍ ଶାଶ୍ ବହ

**ଲୋଇସିଂହା,୧୭।୭ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ ବାଦିବାହାଲ ଗାଁର ବୁଢ଼ୁଧ୍ ବିଧବା ସଖୀ ମେହେର। ବଛରେ ଭିତରେ ସେ ପୁଓ ଆର ଆପ୍‌ନେକେ ହରେଇଛନ୍। ଏହେଦେ ଘରେ ନିସାହା ବିଧବା ବହ ଆର ୩ ବଛର୍‌ର ନାତି ରହିଛନ୍। ଇଆଡ଼େ ଖାଏଦ୍ ପାଏନ୍ ଅଭାବୁ ନାତିର ଦିହିପା ଠିକ୍ ନାଇଁ ରହିବାର। ଟଁକ ପଏସା ଅଭାବୁ ସେମାନେ ଛୁଆର ଚିକିତ୍ସା ବି କରେଇ ନାଇଁ ପାରବାର। ଇଥିରଲାଗି ଥାନୀୟ ଜନପରତିନିଧି ଆର ବ୍ଲକ ପରଶାସନର ଉଦାସୀନତା ଦାଇ ବଲି ଗାଁର ପୁରଖା ଲୋକ୍ ତପି ଭୋଇ ଆର ଉନିଆମାନେ ଅଭିଯୋଗ କରିଛନ୍।

ବାଦିବାହାଲ ସଦର ଗାଁର ମେହେରପଡ଼ାରେ ସଖୀ ମେହେରକଁର ଘର। ଏହେଦେ ବହୁ ପୁଷ୍ପକାନ୍ତୀ ଆର ନାତି ଚନ୍ଦ୍ରକାନ୍ତକୁଁ ନେଇ ସଖୀକଁର ସଁସାର। ପୁଓ ପ୍ରଭୁଦତ୍ତ ମଜୁରି କରି ଟଁକା ରୁଜଗାର କରୁଥିଲେ। ସେନ୍‌ତା ଆପ୍‌ନେ କଷ୍ଟ ମେହେର ରାକ୍ଷୀ ତିଆରି ଗାଁ ଗାଁ ବିକି ଦୁଇ ପଏସା କମଉଥିଲେ। ହେଲେ ୩ ବଛର ତଳେ କଷ୍ଟ ପକ୍ଷାଘାତ ରୋଗ୍‌ରେ ପଡ଼ଲେ। ଇ ସମିଆରେ ପୁଓ ପ୍ରଭୁଦତ୍ତର ଗୁଟେ ପୁଓ ହେଲା। ହେଲେ ଛୁଆଟା ଜନ୍‌ମୁ ଦୁରବଲିଆ ଥିଲା। ଇଆଡ଼େ ଅଭାବ ଅନାଟନ ଲାଗି ବାପା ଆର ପୁଓର ଚିକିତ୍ସା କରେଇ ନାଇଁପାରି ପ୍ରଭୁଦତ୍ତ ସବୁବେଲେ ମାନସିକ୍ ଚାପ୍‌ରେ ରହୁଥିଲେ। ଏନ୍‌ତା ଘଡ଼ିସଁଧି ସମିଆରେ କେହେନ୍‌ସି କାରନ୍‌ରୁ ପ୍ରଭୁଦତ୍ତକଁର ମୁର୍‌ତୁ ହେଲା। ପରିବାରଟା ଦୁଖରେ ଭାଂଗି ପଡ଼ଲେ। ସେନ୍‌ତା ଗଲା ୩ ମାସ ତଲେ ପକ୍ଷାଘାତରେ ପୀଡ଼ିତ କଷ୍ଟ ବି ଆଏଁଖ୍ ମୁଜିଦେଲେ। ଏହେଦେ ୩ ବଛର୍‌ର ଛୁଆ ଚନ୍ଦ୍ରକାନ୍ତକେ ନେଇ ଶାଶ୍ ବହ ବଡ଼ା ଗୁଲ୍‌ଗୁଲା ହେଇ ଦିନ୍ ବିତଉଛନ୍। ବାପ୍‌ପୁଓକଁର ଚାଲିଗଲା ଉତାରୁ ପରିବାରଟା ପଁଚେତ୍‌ରୁ ପାଉଥିବାର ଚାଉଲ୍ କୁଟା ବି କମିଯାଇଛେ। ଏହେଦେ ଇ ଦୁଖି ପରିବାର ପଁଚେତ୍‌ରୁ ମାସିକ ୧୦ କେଜି ଚାଉଳ ପାଉଥିଲାବେଲେ ସଖୀ ୫ଶହ ଟଁକା ଭତା ପାଉଛନ୍। ହେଲେ ଆଏଜ୍‌କାଲି ଏତ୍‌କିରେ ଗୁଟେ ପରିବାର ମାସେ ଚଲବାରଟା ସମ୍‌ଭବ ନୁହେ। ଇଆଡ଼େ ପ୍ରଭୁଦତ୍ତକଁର ମୁର୍‌ତୁକେ ବଛରେ ବିତିଯାଇଥିଲେ ବି ପୁଷ୍ପକାନ୍ତୀ ବିଧବା ଭତା ଆର ପରିବାର ମଙ୍ଗଳ ଯୋଜନାର ସାହାଯ୍ ଟଁକା ପାଏବାରୁ ବଁଚିତ୍ ହେଇ ରହିଛନ୍। ଇ ବାବ୍‌ଦେ ଥାନୀୟ ସରପଁଚ୍‌କୁଁ ପଚରାଲାରୁ ସବୁ କାଗଜପତର ବ୍ଲକରେ ଦାଖଲ କରାଯାଇଛେ ବଲି ସେ କହିଥିଲେ। ସେନ୍‌ତା ଲୋଇସିଂହା ବିଡିଓ ରାମଚନ୍ଦ୍ର ଖାଡିଆକୁଁ ପଚରାଲାରୁ ଯଦି ପରିବାର ମଙ୍ଗଲ ଯୋଜନାରେ ସେ ଆବେଦନ କରିଥିବେ ତ ନିହାତି ସାହାଯ୍ ପାଏବେ। ତାକର ବିଧବା ଭତା କେନ୍‌ଠାନେ ଅଟ୍‌କିଛେ ପର୍‌ରେଇ ବୁଝୁନ୍। ବ୍ଲକ ପରଶାସନ ତରଫୁ ଆର କେନ୍‌ପରକାର ସାହାଯ୍ ଦିଆଯାଇପାରବା ସେଟା କହେଲେ ସେ ଦିଗେ ବି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।

### ସରକାରୀ ସାହାଯ୍ୟକେ ଆଶ୍



ନାତି ଚନ୍ଦ୍ରକାନ୍ତ, ବହ ପୁଷ୍ପକାନ୍ତୀର ସଂଗେ ସଖୀ ।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ବରପାଲି ହାଇସ୍କୁଲରେ ବନ ମହୋତ୍ସବ

**ବରପାଲି, ୧୭।୭ (ଡି.ଏନ.ଏ):** ବରପାଲି ହାଇସ୍କୁଲ ପରିସରରେ ବୁଧବାର ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷକ ଶଙ୍କର ପ୍ରସାଦ ମାଝୀ ଅଧକ୍ଷତା କରିଥିବା ବେଳେ ଡ. ଘନଶ୍ୟାମ ପାଣିଗ୍ରାହୀ, ପ୍ରକୃତିବନ୍ଧୁ ତେଜରାଜ ଭୋଇ, ଜେଠୁ ଭୋଇ ଓ କମିଟି ସଭାପତି ଯଦୁମଣି ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ବୃକ୍ଷରୋପଣ ଉପରେ ଆଲୋକପାତ କରି ଏହାର ଉପକାରିତା ଓ ଆବଶ୍ୟକତା ଉପରେ ବୁଝାଇଥିଲେ । ପରେ ଉପସ୍ଥିତ ଛାତ୍ରମାନଙ୍କ ଦ୍ୱାରା ସାମୂହିକ ବୃକ୍ଷରୋପଣ କରାଯାଇଥିଲା। କ୍ରୀଡା ଶିକ୍ଷକ ମନୋଜ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରମାନେ ଶପଥ ନେଇଥିଲେ । ଶିକ୍ଷକ ନିରଦ କର, ଗଣେଷ ମେହେର ପ୍ରମୁଖ ସାମିଲ ହୋଇଥିଲେ ।

### ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ

**ପଦ୍ମପୁର, ୧୭।୭ (ଡି.ଏନ.ଏ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁରଠାରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି । ଶିଶୁ ମନ୍ଦିର ପରିସରରେ ପ୍ରଧାନଆଚାର୍ଯ୍ୟ ଯୁବରାଜ ପଧାନ ଉଦ୍ଦେଶ୍ୟଜ୍ଞାପନ କରିଥିଲେ । ରଞ୍ଜିତା ଗୁରୁମା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମିନତୀ ପଟ୍ଟନାୟକ ବୌଦ୍ଧିକ ପ୍ରଦାନ କରିଥିଲେ। ସଞ୍ଜୀବ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବିଦ୍ୟାମନ୍ଦିର ପରିସରରେ ବିଦ୍ୟାମନ୍ଦିର ପ୍ରମୁଖ ଚୈତନ୍ୟ ଗୁରୁଜୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ କଲ୍ୟାଣୀ ଗୁରୁମା ବୌଦ୍ଧିକ ପ୍ରଦାନ କରିଥିଲେ । ସୁଷମା ଗୁରୁମା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଦେବରାଜ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ସର୍ବସାଧାରଣ ଶୌଚାଳୟ କାର୍ଯ୍ୟକ୍ଷମ ହେଉନି

**ଜାମଟିକ୍ରା, ୧୭।୭ (ଡି.ଏନ.ଏ):** ଅତାବିରା ଏନଏସି ଅଞ୍ଚଳରେ ସର୍ବସାଧାରଣ ଶୌଚାଳୟ ନିର୍ମାଣ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ । ଗତ ଅକ୍ଟୋବର ମାସରେ ଅତାବିରା ଏନଏସିକୁ ବାହ୍ୟ ମଳମୁକ୍ତ ସହର ଭାବେ ଘୋଷଣା କରାଯାଇଥିଲା । ସହରର ବିଭିନ୍ନ ସ୍ଥାନରେ ୪ ଲକ୍ଷ ୫୦ ହଜାର ଟଙ୍କାରେ ସର୍ବସାଧାରଣ ଶୌଚାଳୟ ନିର୍ମାଣ କରାଯାଇଥିଲେ ମଧ କାର୍ଯ୍ୟକ୍ଷମ ହେଉନି। ଫଳରେ ଏବେବି ଏନଏସିବାସୀ ବାହାରେ ଶୌଚ କରୁଛନ୍ତି। ଏନଏସି ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁ ତାହା କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ଅତାବିରାବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଅତାବିରା ଏନଏସି ଇଓ ତପସ୍ୱିନୀ ଗୁରୁଙ୍କୁ ପଚାରିବାରୁ ଖୁବଶୀଘ୍ର ଉକ୍ତ ଶୌଚାଳୟ କାର୍ଯ୍ୟକ୍ଷମ କରାଯିବ ବୋଲି କହିଥିଲେ ।

### ଭାଗବତ ଟୁଙ୍ଗି ପ୍ରତିଷ୍ଠା ଉତ୍ସବ

**ପଦ୍ମପୁର, ୧୭।୭ (ଡି.ଏନ.ଏ):** ପଦ୍ମପୁର ନିକଟସ୍ଥ କନସିଂହା ଗ୍ରାମରେ ମଙ୍ଗଳବାର ନବନିର୍ମିତ ଭାଗବତଟୁଙ୍ଗିର ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି। ଏଥିରେ ଆଖପାଖ ଅଞ୍ଚଳର ହଜାର ହଜାର ଭାଗବତ ପ୍ରେମୀ ଯୋଗଦାନ କରିଥିଲେ । ଶତାଧିକ ମହିଳା ଏକ କଳସ ଶୋଭାଯାତ୍ରାରେ ପୁଷ୍କରଣୀରୁ ପାଣି ଆଣି ପୂଜାସ୍ଥଳରେ ସ୍ଥାପନ କରିଥିଲେ। ଲୁପ୍ତ ପ୍ରାୟ ଭାଗବତ ଟୁଙ୍ଗି ପୁଣି ଲୋକମନରେ ଶାନ୍ତି ଓ ଜୀବନଚର୍ଯ୍ୟାରେ ପରିବର୍ତ୍ତନ ଆଣିବ । ଏକ ସୁସ୍ଥ ମାନସିକତା ସୃଷ୍ଟି କରିବାରେ ଭାଗବତ ଟୁଙ୍ଗିର ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ବୟୋବୃଦ୍ଧମାନେ ମତପୋଷଣ କରିଥିଲେ। ପଣ୍ଡିତ ରାଧେଶ୍ୟାମ ଶତପଥି ପୂଜାର୍ଚ୍ଚନା କରିଥିବା ବେଳେ ଭୂମିସୁତା ବରିହା ଓ ସାଗର ପରିହା ଦମ୍ପତ୍ତି ମୁଖ୍ୟକର୍ତ୍ତା ଥିଲେ ।

### ଗୁରୁପୂର୍ଣ୍ଣିମାରେ ଭଗବତ ଗୀତା ପଠନ

**ବରଗଡ଼ ଅଫିସ୍,୧୭।୭:** ବରଗଡ଼ ସହରର ଶ୍ୟାମାକାଳୀ ମନ୍ଦିର କଲ୍ୟାଣ ମଣ୍ଡପରେ ଗୁରୁପୂର୍ଣ୍ଣିମା ସମାରୋହ ଅନୁଷ୍ଠିତ ହୋଇଯାଇଛି । ପୀଠ ପରିଷଦ ଆନନ୍ଦ ବାହିନୀ, ଆଦିତ୍ୟ ବାହିନୀ, ବରଗଡ଼ ଶାଖା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ଅବସରରେ ଗୁରୁ ବନ୍ଦନା, ଭାଗବତ ଗୀତା ପଠନ ହୋଇଥିଲା। ଘନଶ୍ୟାମ ସାହୁ ପ୍ରବଚନ ଦେଇଥିଲେ। ବିଜୟ କୁମାର ମିଶ୍ର, ବିଜୟକୃଷ୍ଣ ମିଶ୍ର, ସବିତା ପଣ୍ଡା, ରବିନାରାୟଣ ମିଶ୍ର, ଶାନ୍ତନୁ ପାଣିଗ୍ରାହୀ, ଚନ୍ଦ୍ର ପ୍ରଧାନ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଚାଷୀଙ୍କୁ ମିଳୁନି ଚିନାବାଦାମ ବିହନ

**ବରଗଡ଼ ଅଫିସ୍,୧୭।୭**

ପାଗ ପରିବର୍ତ୍ତନ ତଥା ସ୍ୱଳ୍ପ ବୃଷ୍ଟିପାତ, ରୋଗପୋକ ଉପଦ୍ରବ ଯୋଗୁ କ୍ରମାଗତ ବରଗଡ଼ ଜିଲାରେ ଧାନ ଫସଲ ଉଜୁଡ଼ି ଯାଉଛି। ଏଭଳି ଫସଲକ୍ଷତି ଯୋଗୁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭୁଶୁଡ଼ି ପଡୁଛି। ଏଭଳି ସ୍ଥଳେ କୃଷିବିଭାଗ ଚାଷୀଙ୍କୁ ତୈଳବୀଜ ତଥା ଡାଲିଜାତୀୟ ଫସଲ କରିବାକୁ ପରାମର୍ଶ ଦେଇ ଆସୁଛି। ଏଭଳି ଚାଷ ସକାଶେ ସରକାରଙ୍କ ପକ୍ଷରୁ ଚାଷୀଙ୍କ ପାଇଁ ବହୁବିଧ ଯୋଜନା ତଥା ପ୍ରୋତ୍ସାହନ ବ୍ୟବସ୍ଥା ମଧ୍ୟ ରହିଛି। ମାତ୍ର ବିଭାଗୀୟ ଉଦାସୀନତା ତଥା ଇଚ୍ଛାଶକ୍ତି ଅଭାବରୁ ଚାଷୀଙ୍କ ପାଖକୁ ସେହି ଯୋଜନାର ସୁଫଳ ଅପହଞ୍ଚ ହୋଇ ପଡୁଛି। ଜିଲାରେ ଚାଲିଥିବା ବିହନ ଗ୍ରାମ ଯୋଜନାର କାର୍ଯ୍ୟକାରତାରୁ ଏହା ସ୍ପଷ୍ଟ ହୋଇଛି।

ବିହନ ଗ୍ରାମ ଯୋଜନାରେ ଜିଲାର ଚାଷୀଙ୍କୁ ଚିନାବାଦାମ ବିହନ ଯୋଗାଇବା ବ୍ୟବସ୍ଥା ରହିଛି। ଜିଲାର ଅଣଜଳସେଚିତ ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ପାଇକମାଳ ବ୍ଲକରେ ସର୍ବାଧିକ ୪୦୦, ପଦ୍ମପୁର ୧୫୦, ଝାରବନ୍ଧ ୧୦୦, ଗାଇସିଲେଟ୍ ୧୦୦ ଏବଂ ବିଜେପୁର ବ୍ଲକରେ ୫୦ହେକ୍ଟର ଚିନାବାଦାମ (ମୁଗଫଳି) ଚାଷ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି କ୍ରମରେ ହେକ୍ଟର ପ୍ରତି ୫୦ କି.ଗ୍ରା ହାରରେ ସମୁଦାୟ ଜିଲାକୁ ବିହନ ନିଗମ ୧୨ଶହ କୁଇଣ୍ଟାଲ ଚିନାବାଦାମ ବିହନ ଯୋଗାଇଛି। ବିହନ ଯୋଗାଣ ହେବା କଥା ସତ। ମାତ୍ର ତାହା ପ୍ରକୃତରେ ଅନେକ ଇଚ୍ଛୁକ ଚାଷୀଙ୍କ ପାଖକୁ ପହଞ୍ଚି ପାରି ନାହିଁ । ଅନ୍ୟପଟେ ବିହନ ଯୋଗାଣରେ ହେରଫେର୍ ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ବୁଧବାର ପାଇକମାଳ ବ୍ଲକ ଲଖମରା ପଞ୍ଚାୟତ ଅନ୍ତର୍ଗତ ସାପଲହର, ବାଦିକଟା ଆଦି ଅଞ୍ଚଳର ଚାଷୀମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ପାଇଁ ଆସିଥିବା ଚିନାବାଦାମ ବିହନକୁ ତାଙ୍କୁ ଦିଆ ନ ଯାଇ ଅନ୍ୟତ୍ର ବିକ୍ରି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତ। ଏଭଳି ଅଭିଯୋଗ ନେଇ ଚାଷୀମାନେ ଜିଲା କୃଷି ଉପନିର୍ଦ୍ଦେଶକ (ଡିଡିଏ) ଦୀନବନ୍ଧୁ ଗାନ୍ଧୀଙ୍କୁ ମଧ୍ୟ ଭେଟିଥିଲେ। ସେମାନଙ୍କ ପାଇଁ ଆସିଥିବା ଚିନାବାଦାମ ବିହନ ଯୋଗାଣରେ ବ୍ୟାପକ ଅନିୟମିତତା ହୋଇଥିବା ସେମାନେ ଅଭିଯୋଗ କରିଥିଲେ। ଏପରିକି ବିହନ ଆସିଥିବା ସମ୍ପର୍କରେ ସ୍ଥାନୀୟ କୃଷି ଅଧିକାରୀମାନେ ଚାଷୀଙ୍କ ଜଣାଇ ନ ଥିବା କିମ୍ବା ଫୋନ କଲେ ମଧ୍ୟ ସେମାନେ ଫୋନ ରିସିଭ୍ କରୁ ନ ଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏଭଳି ଅଭିଯୋଗ ପାଇବା ପରେ ସେ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଜିଲା କୃଷି ଉପନିର୍ଦ୍ଦେଶ କହିଥିଲେ। ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ଗାନ୍ଧୀଙ୍କୁ ପଚାରିବାରୁ ସେ କହିଥିଲେ, ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଜିଲାର ୫ଟି ବ୍ଲକ ପାଇକମାଳ, ପଦ୍ମପୁର, ଝାରବନ୍ଧ, ଗାଇସିଲେଟ ଓ ବିଜେପୁରକୁ ବିହନ ଯୋଗାଇ ଦିଆଯାଇଛି। ଜଣେ ଚାଷୀ ୫୦କିଗ୍ରା ବିହନ କିଣିଲେ, ତାଙ୍କୁ ଆହୁରି ଶହେ କିଗ୍ରା ବିହନ ମାଗଣାରେ ଦିଆଯାଉଛି। ଲାଇସେନ୍ସପ୍ରାପ୍ତ ଡିଲରଙ୍କ ମାଧ୍ୟମରେ ବିହନ ଯୋଗାଇ ଦିଆଯାଉଛି। ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ ପରେ ତାହା ଯୋଗାଇ ଦିଆଯାଉଛି । ବିହନ ପ୍ରାମାଣିକ ସଂସ୍ଥା ମଧ୍ୟ ଫସଲ ଥିବା ସମୟରେ ୩ ଥର କ୍ଷେତ୍ର ପରିଦର୍ଶନ କରିବା ବ୍ୟବସ୍ଥା ରହିଛି। ଅମଳ ଚିନାବାଦାମ ବିହନ ନିଗମରେ ବିକିଲେ ସେଥିରେ ମଧ୍ୟ ଅଧିକ ପ୍ରୋତ୍ସାହନ ବ୍ୟବସ୍ଥା ରହିଛି। ଯଦିଏଥିରେ ଅନିୟମିତତା ହୋଇଛି, ସେ ଦିଗରେ ତଦନ୍ତ କରାଯିବ ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ସେ ନେବେ ବୋଲି ଡିଡିଏ ଗାନ୍ଧୀ କହିଛନ୍ତ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ।

### ସ୍କୁଲ ପଙ୍ଖା ଚୋରି କରିନେଲେ ଦୁର୍ବୃତ୍ତ

**ବରଗଡ଼ ଅଫିସ୍,୧୭।୭**

ବରଗଡ଼ ଟାଉନ ଥାନା ପୋଲିସ ସହର ଉପକଣ୍ଠ ତୋରା ହାଇସ୍କୁଲର ପଙ୍ଖା ଚୋରି ଘଟଣାର ପର୍ଦ୍ଦାଫାଶ କରିଥିବାବେଳେ ପୋଲିସକୁ ଚ୍ୟାଲେଞ୍ଜ କଲା ଭଳି ମଙ୍ଗଳବାର ରାତ୍ରିରେ ସ୍ଥାନୀୟ ମାଷ୍ଟରଟିକ୍ରା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରୁ ୫ଟି ପଙ୍ଖା ଚୋରି ହୋଇଛି। ବୁଧବାର ଏହି ଘଟଣା ଜଣାପଡିବା ପରେ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ତ୍ରିପାଠୀ ଏ ନେଇ ଟାଉନ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି । ପ୍ରଧାନଶିକ୍ଷୟିତ୍ରୀଙ୍କଠାରୁ ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତନାଘନା ଚଳାଇଛି । ତେବେ ରିପୋର୍ଟ ଲେଖାହେବା ସୁଦ୍ଧା (ରାତି ସାଢେ ୧୦ଟା) ଚୋରି ଅଭିଯୁକ୍ତ ଗିରଫ ହୋଇନାହାନ୍ତି କି ଚୋରି ସାମଗ୍ରୀ ଉଦ୍ଧାର ହୋଇନାହିଁ । ପ୍ରକାଶଥାଉକି, ପୂର୍ବରୁ ଉକ୍ତ ସ୍କୁଲରୁ ମଧ୍ୟାହ୍ନଭୋଜନ ପାଇଁ ରହିଥିବା ୨୨ପ୍ୟାକେଟ୍ ଚାଉଳ ଚୋରି ହୋଇଥିବା ବେଳେ ଦୁର୍ବୃତ୍ତମାନେ ପାଇପ୍ ଲାଇଟ୍ କାଟି ନେଇ ଯାଇଥିଲେ। ବର୍ତ୍ତମାନ ସୁଦ୍ଧା ଏହି ଘଟଣାର ଅଭିଯୁକ୍ତମାନେ ଧରାପଡ଼ି ନାହାନ୍ତି। ଏଭଳି ଚୋରି ଘଟଣା ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି ।

## କ୍ରିକେଟ ଟୁର୍ନାମେଣ୍ଟ: ଲୋହାରପାଲି ଚାମ୍ପିୟନ

**ପଦ୍ମପୁର, ୧୭।୭ (ଡି.ଏନ.ଏ)**

ପଦ୍ମପୁର ଉପଖଣ୍ଡ ବରଭାଟାଠାରେ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ୮ଟି କ୍ରିକେଟ ଟିମ୍ ଯୋଗଦାନ କରିଥିଲେ। ଫାଇନାଲ ମ୍ୟାଚ ଲୋହାରପାଲି ବନାମ ଧୁମାଭଟା ଦଳ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋହାରପାଲି ଦଳ ଚାମ୍ପିୟନ ହୋଇଥିଲେ। ମନ ନେଗୀ, ବଳରାମ ବରିହା ମ୍ୟାଚ୍ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ସଭାରେ ନରେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଆକାଶ ପ୍ରଧାନ, ବିପିନ ଛତର, ଇନ୍ଦ୍ରମଣି ବରିହା, ସୁରେଶ ଛତର, ବୀରେନ୍ଦ୍ର ପ୍ରଧାନ, କିଶୋର ପାତ୍ର ପ୍ରମୁଖ ନେତୃମଣ୍ଡଳୀ ମଞ୍ଚାସୀନ ଅତିଥି ଥିଲେ। ମନ ନେଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ନାମେଣ୍ଟରେ ବରଭଟା କ୍ରିକେଟ ଟିମ୍‌କୁ ଶୃଙ୍ଖଳାଗତ ଦଳ ଭାବେ ପୁରସ୍କୃତ କରାଯାଇଥିଲା ।

### ସାଲନା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

**ଅତାବିରା, ୧୭।୭ (ଡି.ଏନ.ଏ)**

ବରଗଡ ଜିଲା ଭେଡେନ ବ୍ଲକ ସାଲନା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ୭୦ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସାଲନା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସାନନ୍ଦ କୁମାର ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭେଡେନ ବିଡିଓ ମୁରଲୀଧର ନାୟକ ମୁଖ୍ୟଅତିଥି, ମୁଖ୍ୟବକ୍ତା ପର୍ବତାରୋହୀ ଲିପିକା ସେଟ, ସମ୍ମାନିତ ଅତିଥି ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋରାସାଗର, ସାମାଜିକ କର୍ମୀ ଜୀବନ କୁମାର ଦାଶ, ସୁବ୍ରତ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ମଞ୍ଚାସୀନ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ବାବୁଲା ପ୍ରଧାନ। ଡୋଲାମଣି ବିଶି, ରାଜ କିଶୋର କେରକେଟା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା । ଛାତ୍ର ଅନିଶ କୁମାର ତ୍ରିପାଠୀ, ସୋମନାଥ ଦାଶ, ସନତ କୁମାର ପୁରୋହିତ, ଛାତ୍ରୀ ବୈଷ୍ଣବୀ ଦାଶ କୃତିତ୍ୱ ହାସଲ କରି ପୁରସ୍କୃତ ହୋଇଥିଲେ । ବିଦ୍ୟାଳୟ ପରିସରରେ ମୁଖ୍ୟଅତିଥି, ମୁଖ୍ୟବକ୍ତା, ଛାତ୍ରୀ ଛାତ୍ର ମାନେ ବୃକ୍ଷରୋପଣ କରିଥିଲେ।

**ଛାତ୍ରୀଛାତ୍ର କଲେ ବୃକ୍ଷରୋପଣ**



ବୃକ୍ଷରୋପଣ କରିଥିବା ଜାଗୃତି ଶାଖାର କର୍ମକର୍ତ୍ତା, ସଭ୍ୟାବୃନ୍ଦ।

### ଜାଗୃତି ଶାଖାର ବୃକ୍ଷରୋପଣ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୧୭।୭**

ବରଗଡ଼ ମାରୱାଡ଼ି ଯୁବାମଞ୍ଚ ଜାଗୃତି ଶାଖା ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ, ବ୍ରହ୍ମବିହାରସ୍ଥିତ ରାମମନ୍ଦିର ନିକଟ, ବ୍ରଜଧାମ ଆଦି ସ୍ଥାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବଉଳ, କୃଷ୍ଣଚୂଡ଼ା, ରାଧାଚୂଡ଼ା, ଆମ୍ବ, ଜାମୁ ଆଦି ବୃକ୍ଷଚାରା ରୋପଣ କରିଥିଲେ। ଏଥିରେ ଜାଗୃତି ଶାଖାର ସଭାନେତ୍ରୀ ଅନୁରାଧା ଅଗ୍ରୱାଲ, ସମ୍ପାଦିକା ପ୍ରିତି ଅଗ୍ରୱାଲ, ଆବାହିକା ରଶ୍ମି ବଲୋଦିଆ, ଅଞ୍ଜୁ ଅଗ୍ରୱାଲ ଓ ଅନ୍ୟ ସଭ୍ୟାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ବିକାଶ ପଲିଟେକ୍ନିକ୍ ଛାତ୍ରୀଛାତ୍ରଙ୍କ ସଫଳତା

**ବରଗଡ଼ ଅଫିସ୍,୧୭।୭**

ୱେଷ୍ଟ କାଉନସିଲ ଅଫ ଟେକ୍ନିକାଲ ଏଜୁକେଶନ ଏଣ୍ଡ୍ ଭୋକେଶନାଲ ଟ୍ରେନିଂ ଦ୍ୱାରା ପରିଚାଳିତ ଡିପ୍ଲୋମା ପାଠ୍ୟକ୍ରମର ୨୦୧୮-୧୯ ଷଷ୍ଠ ସେମିଷ୍ଟାର ପରୀକ୍ଷାରେ ବିକାଶ ପଲିଟେକ୍ନିକ୍‌ର ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଛନ୍ତି । ଉକ୍ତ ଅନୁଷ୍ଠାନର ୯ଜଣ ଛାତ୍ରୀଛାତ୍ର ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବାବେଳେ ସମସ୍ତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। କମ୍ପ୍ୟୁଟର ସାଇନ୍ସ ବିଭାଗରେ ଅନିମେଶ ବେହେରା ୮୯ ପ୍ରତିଶତ ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି ଏହି ବିଭାଗର ଇଲା ସାହୁ ୮୭ ଓ ପ୍ରଭାତ କୁମାର ବୋଷ ୮୫ ପ୍ରତିଶତ ମାର୍କ ରଖିଛନ୍ତି। ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ଉମାକାନ୍ତ ବିଭାର ୮୬, ସିଭିଲ ଇଞ୍ଜିନିୟରିଂ ବିଭାଗର ଇଶ୍ୱର୍ଦନ ବାରିକ ୮୪, ମେକାନିକାଲ ଇଞ୍ଜିନିୟରିଂ ବିଭାଗର ଜିତେଶ ସାହୁ ୮୪, ରୁଦ୍ରପ୍ରତାପ ପ୍ରଧାନ ୮୩, ସୁଦାମ ସାହୁ ୮୨, ଚନ୍ଦ୍ରଶେଖର ଗହୀର ୮୦ ପ୍ରତିଶତ ମାର୍କ ରଖି ସଫଳତାର ଶୀର୍ଷରେ ରହିଛନ୍ତି। ଏଭଳି ସଫଳତାକୁ ନେଇ ଅନୁଷ୍ଠାନର ଚେୟାରମ୍ୟାନ ଡି.ମୂରଲୀକ୍ରୀଷ୍ଣା, ଡାଇରେକ୍ଟର(ଏଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ବିକାଶ ପଲିଟେକ୍ନିକ୍‌ର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର, ଏଡ଼ମିନିଷ୍ଟ୍ରେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ର ସମସ୍ତ ବିଭାଗର ମୁଖ୍ୟ, ଏକାଡ଼େମିକ କୋ ଅର୍ଡ଼ିନେଟର, ଅଧ୍ୟାପିକା ଅଧ୍ୟାପକଙ୍କୁ ପ୍ରଶଂସା କରିବା ସହିତ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



ଚନ୍ଦ୍ରଶେଖର ଗହୀର।



ଅନିମେଶ ବେହେରା।



ଇଶ୍ୱର୍ଦନ ବାରିକ ।



ପ୍ରଭାତ କୁମାର ବୋଷ ।



ଉମାକାନ୍ତ ବିଭାର ।



ଇଲା ସାହୁ ।

### ନାଟ୍ୟଗୁରୁଙ୍କୁ ସଂସ୍କାର ଭାରତୀର ସମ୍ବର୍ଦ୍ଧନା

**ବରଗଡ଼ ଅଫିସ୍,୧୭।୭**

ବରଗଡ଼ ଜିଲା ସଂସ୍କାର ଭାରତୀ ପକ୍ଷରୁ ବରପାଲି ନିବାସୀ କୁମ୍ଭାରୀ ଗ୍ରାମରେ ଗୁରୁପୂର୍ଣ୍ଣିମା ମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ସଂସ୍କୃତି, ପରମ୍ପରା ଅନୁସାରେ ନାଟ୍ୟଗୁରୁ ଭାଗବତ ପ୍ରଧାନଙ୍କୁ ସଂସ୍କାର ଭାରତୀ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାଙ୍କ ବାସଭବନରେ ନାଟ୍ୟଗୁରୁ ପ୍ରଧାନଙ୍କୁ ପଦଧୌତ ସହିତ ଫୁଲ, ଚନ୍ଦନ ଦେଇ ମାନପତ୍ର ପ୍ରଦାନ କରାଯାଇଥିଲା। ସଂସ୍କାର ଭାରତୀ ପଶ୍ଚିମ ପ୍ରାନ୍ତର ମୁଖ୍ୟ ତଥା ସଂଯୋଜକ ଜୟନ୍ତ କୁମାର ମହାରଣା, ସଭାପତି ଗଣେଶ ଚନ୍ଦ୍ର ଦାଶ, ଉପସଭାପତି ଦାମୋଦର ସାହୁ, ଅଶୋକ ପଶାୟତ, ରାଧେଶ୍ୟାମ ଭେସ୍ରା, ସଞ୍ଜୟ ଶତପଥି, ଦୟାନିଧି ମହାପାତ୍ର, ପଞ୍ଚାନନ ବିର୍ଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

■ ଦିବ୍ୟାଙ୍ଗ ଦମ୍ପତିଙ୍କୁ ମିଳବା ଆବାସ ଘର

## କାଗଜପତର ଠୁଲଉଛନ୍ ପଁଚେତ୍ କତ୍ତୁରପକ୍ଷ

**ଅତାବିରା,୧୭।୭(ଡି.ଏନ୍.ଏ.)**

ଗଲା ଜୁଲାଇ ୮ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ‘ସରକାରୀ ସାହାଯ୍ୟରୁ ବଁଚିତ୍ ଦିବ୍ୟାଙ୍ଗ ଦମ୍ପତି’ ଶୀରଷକ୍‌ରେ ଗୁଟେ ଖବର ବାହାରିଥିଲା। ଇ ଖବର ବାହାରଲା ଉତାରୁ ଦିବ୍ୟାଙ୍ଗ ଦମ୍ପତିଙ୍କୁ ଆବାସ ଯୋଜନାରେ ଘର ଖଁଡ଼େ ଯୁଗେଇ ଦେବାକେ ଥାନୀୟ ପରଶାସନ କାଗଜପତର ଠୁଲଉଥିବାର ଜନାଯାଇଛେ। ଇଥିରଲାଗି ଭେଡ଼େନ ବିଡିଓ ମୂରଲୀଧର ନାୟକ ଦରକାରୀ କାଗଜପତର ଠୁଲେଇ ବ୍ଲକରେ ଦାଖଲ କରବାକେ ପଁଚେତ୍ କତ୍ତୁରପକ୍ଷଙ୍କୁ ନିରଦେଶ ଦେଇଛନ୍। ଇ ବାବ୍‌ଦେ ଦେଶଭଟିଲି ସରପଁଚ୍ ସର୍ମିଷ୍ଠା ସାହୁ ଆର ଗ୍ରାମରୋଜଗାର ସେବକ ବାଳମୁକୁନ୍ଦ ସେଣଙ୍କୁ ପଚରାଲାରୁ ଆବାସ ଘର ଲାଗି ଦରକାରୀ କାଗଜପତର ଦିବ୍ୟାଙ୍ଗ ଉତ୍ତରାଙ୍କର ଭାଇ ପବିତ୍ର ଝାଙ୍କର ଦେଇଛନ୍। ୧୦ରୁ ୧୫ ଦିନ୍ ଭିତରେ ଉତ୍ତରାଙ୍କୁ ଆବାସ ଘର ତିଆରି ଲାଗି କାର୍ଯ୍ୟାଦେଶ ଦିଆଯିବା ବଲି ସେମାନେ କହିଛନ୍। ସେନ୍‌ତା ମାନସିକ୍ ରୋଗ୍‌ରେ ପୀଡ଼ିତ ଉତ୍ତରାଙ୍କର ମାଏକିନା ତାରାଙ୍କର ଭୋଟ ପରିଚଏ ପତର ନାଇଁଥାଇ। ଇ ବାବ୍‌ଦେ ଧରିତ୍ରୀରେ ଖବର ବାହାରଲା ଉତାରୁ ବିଏଲ୍‌ଓ ମଙ୍ଗଲବାର ତାରାଙ୍କର ଭୋଟର ପରିଚଏ ପତର ଆନି ଉତ୍ତରାଙ୍କୁ ଦେଇଛନ୍। ଏନ୍‌ତା କି ତାରା ଝନେ ମାନସିକ୍ ରୁଗୀ ହେଇଥିଲାବେଲେ ଭୋଟ ପରିଚଏ ପତର ଅଭାବୁ ସେ ଭତାରୁ ବଁଚିତ୍ ହେଇ ରହିଛନ୍। ଏହେଦେ ଦିବ୍ୟାଙ୍ଗ ଦମ୍ପତିଙ୍କୁ ସରକାରୀ ନିୟମ ହିସାବେ ସବୁପରକାର ସୁବିଧା ସୁଯୋଗ ଯୁଗେଇ ଦିଆଯିବା ବଲି ପଁଚେତ୍ ତରଫୁ କୁହାଯାଇଛେ।

**ଧରିତ୍ରୀ ପ୍ରଭାବ**

■ ତୁଟିନି ଓକିଲ-ପୋଲିସ ବିବାଦ

## ଡିଆଇଜିଙ୍କୁ ଭେଟିବ ଓକିଲ ସଂଘ

**ବରଗଡ଼ ଅଫିସ୍,୧୭।୭**

ବରଗଡ଼ ଜିଲା ଓକିଲ ସଂଘର ଜଣେ ସଭ୍ୟ ବିନୟ ଯୋଷୀଙ୍କୁ ସ୍ଥାନୀୟ ସଦର ଥାନା ଆଇଆଇସି କଲ୍ୟାଣି ବେହେରା ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ଘଟଣାକୁ ନେଇ ଓକିଲ-ପୋଲିସ ବିବାଦ ତେଜିବାରେ ଲାଗିଛି। ମଙ୍ଗଳବାର ଆଇଆଇସି ବେହେରାଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି ହେବା ପରେ ଏହି ବିବାଦ ଥମିପାରେ ବୋଲି ଆଶା କରାଯାଉଥିଲା। ମାତ୍ର ବୁଧବାର ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ନାଗରିକ କମିଟି ବୈଠକରେ ଆଇଆଇସି ବେହେରାଙ୍କ ସେଭଳି ବଦଳିକୁ ନାପସନ୍ଦ କରାଯାଇଥିଲା। ତାଙ୍କୁ ଜିଲା ବାହାରକୁ ବଦଳି କରାଯାଉ ବୋଲି ବୈଠକରେ ଉପସ୍ଥିତ ଜନତା ଦାବି କରିଥିଲେ। ଏ ନେଇ ସ୍ଥାନୀୟ ନାଗରିକ କମିଟି, ଓକିଲ ସଂଘ ସମ୍ବଲପୁର ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ଭେଟି ସେହି ଦାବି ଉପସ୍ଥାପନ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିପରି ଦାବି ପୂରଣ ନ ହେବା କିମ୍ବା ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବ ବୋଲି ସୂଚନା ଦିଆଯାଇଥିଲା।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ. ଓକିଲ ସଂଘ କାର୍ଯ୍ୟାଳୟରେ ଅପରାହ୍ନ ପ୍ରାୟ ୪ଟାରେ ନାଗରିକ କମିଟି ବୈଠକ ବସିଥିଲା। ବୈଠକରେ ସଂଘର ସଭାପତି ବେଲାଲସେନ ସରାଫ, ସମ୍ପାଦକ ହେମନ୍ତ ପୁରୋହିତ, ଉପସଭାପତି ସରୋଜ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ବିଭିନ୍ନ ରାଜନୈତିକ ଦଳ ତଥା ଅନୁଷ୍ଠାନର କର୍ମକର୍ତ୍ତା ତଥା ଦେବବ୍ରତ ମିଶ୍ର, ବିମଳ ଦେବତା, ରବି ନାରାୟଣ ଦାଶ, ରମେଶ ପତି, ହରଦୀପ ସିଂ ତଥା ନାଗରିକ କମିଟିର ସଭ୍ୟବୃନ୍ଦ ବୈଠକରେ ଯୋଗ ଦେଇଥିଲେ। ଏହା ସହିତ ପଦ୍ମପୁର, ଭଟଲି, ଭେଡ଼େନ ଓ ଅତାବିରା ଓକିଲ ସଂଘର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ। ଓକିଲଙ୍କୁ ଆଇଆଇସି ବେହେରାଙ୍କ ଦୁର୍ବ୍ୟବହାର ପ୍ରଦର୍ଶନ ଅଭିଯୋଗ ଘଟଣାକୁ ନେଇ ବିସ୍ତୃତ ଆଲୋଚନା ହୋଇ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିଲା। ପ୍ରକାଶଥାଉକି, ଗତ ୧୦ତାରିଖ ଓକିଲ ଯୋଶୀ କୌଣସି ଏକ ମାମଲା କାମରେ ସଦର ଥାନାକୁ ଯାଇଥିବାବେଳେ ସେଠାରେ କାର୍ଯ୍ୟରତ ଆଇଆଇସି ବେହେରା ଓ ତାଙ୍କ ସହକର୍ମୀ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଘଟଣାଦିନ ସନ୍ଧ୍ୟାରେ ଜିଲା ଓକିଲ ସଂଘ ପକ୍ଷରୁ ବରଗଡ଼ ସଦର ଥାନା ଆଗରେ ଧାରଣା ଦେଇଥିଲା। ସେହିପରି ଘଟଣା ଉପରେ ଠୋସ୍ କାର୍ଯ୍ୟାନୁଷ୍ଠାନ ଦାବି କରି ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛି। ତେବେ ଏହି ଘଟଣାର ତ୍ୱରିତ ସମାଧାନ କରା ନ ଗଲେ ଆନ୍ଦୋଳନ ଆହୁରି ତୀବ୍ର ହେବାର ଆଶଙ୍କା ରହିଛି।



ବୈଠକରେ ମଞ୍ଚାସୀନ ଓକିଲ ସଂଘର କର୍ମକର୍ତ୍ତାବୃନ୍ଦ ।

■ମୁଖ୍ୟାଳୟ ବଦଳିକୁ ନାପସନ୍ଦ
■ଜିଲା ବାହାରକୁ ବଦଳି ଦାବି
■କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି



ଗୋଟିଏ ମାତ୍ର ଗୁଣବାନ ଓ ବିଦ୍ୱାନ ପୁତ୍ର ହଜାରେ ଗୁଣହୀନ ଓ ନିଷ୍କର୍ମା ପୁତ୍ରମାନଙ୍କଠାରୁ ଶ୍ରେୟସ୍କର।

- ଚାଣକ୍ୟ



## ସଂକ୍ଷେପରେ

### ବାଲି ଚୋରାଚାଲାଣ

**ମନମୁଣ୍ଡା, ୧୭।୭ (ଡି.ଏନ.ଏ):** ମନମୁଣ୍ଡା ତେଲନଦୀ ପୋଲ ତଳ ଘାଟରୁ ବିନା ରୟାଲଟିରେ ଦିବାଲୋକରେ ବାଲି ଚୋରା ଚାଲାଣ ହେଉଛି । ଏହି ବାଲି ନେଉଥିବା ଗାଡିଗୁଡିକ ଯାତାୟାତ କରିବା ଦ୍ୱାରା ରାସ୍ତା ଖରାପ ହେଉଥିବା ସମ୍ପର୍କିତ ଖବର ବାହାରିବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି । ଏହି କ୍ରମରେ ବୁଧବାର ସକାଳେ ନଦୀ ଘାଟରେ ତହସିଲ ପ୍ରଶାସନ ଚଢାଉ କରିଥିଲେ । ମାତ୍ର ଚଢାଉ ପୂର୍ବରୁ ସୂଚନା ପାଇ ୩ଟି ଟ୍ରାକ୍ଟର ବାଲି ଅନଲୋଡ କରି ପଳାଇ ଯାଇଥିଲେ । ଫଳରେ ବିଭାଗୀୟ କର୍ମଚାରୀଙ୍କୁ ଖାଲି ହାତରେ ଫେରିବାକୁ ପଡିଛି ।

### ଦଧିବାମନ ମନ୍ଦିରରେ ସଂକ୍ରାନ୍ତି ପୂଜା

**ମନମୁଣ୍ଡା, ୧୭।୭ (ଡି.ଏନ.ଏ):** ମନମୁଣ୍ଡା ଶ୍ରୀ ଦଧିବାମନ ଜୀଉ ମନ୍ଦିରରେ ସଂକ୍ରାନ୍ତି ପୂଜା କରାଯାଇଛି । ଏହି ଉପଲକ୍ଷେ ଭକ୍ତମାନେ କଙ୍କାଳୀ ଘାଟ (ତେଲନଦୀ)ରୁ ପୂର୍ଣ୍ଣ ଜଳ କଳସ ଆଣି ମନ୍ଦିରରେ ସ୍ଥାପନ କରିଥିଲେ । ମୁଖ୍ୟ ପୂଜକ ଗୋପିନାଥ ହୋତାଙ୍କ ସମେତ ବ୍ରାହ୍ମଣ ଜ୍ୟୋତି ପଣ୍ଡା ପୂଜାର୍ଚ୍ଚନା କରିଥିଲେ । ଗଣେଷ ଲୋଇ, ସ୍ୱୀ ଦୀପା ଲୋଇ ଏବଂ କିର୍ତ୍ତି ମେହେର, ପୁଷ୍ପାଞ୍ଜଳି ମେହେର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ସବିତା ହୋତା ମୁଖ୍ୟ ସହଯୋଗ କରିଥିଲେ ।

### ଆନନ୍ଦ ମାର୍ଗ ଆଶ୍ରମରେ ତ୍ରିଦିବସୀୟ ଯୋଗ ଶିବିର

**ଜହ୍ନାପଙ୍କ, ୧୭।୭ (ଡି.ଏନ.ଏ):** ବୌଦ୍ଧ ବ୍ଲକ ବୁରକଟା ଛକ ସ୍ଥିତ ଆନନ୍ଦ ମାର୍ଗ ଆଶ୍ରମରେ ତ୍ରିଦିବସୀୟ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ପ୍ରଶିକ୍ଷକ ଭାବେ ଆଚାର୍ଯ୍ୟ ପରିତୋଷନନ୍ଦ ଅବଧୂତ, ଆଚାର୍ଯ୍ୟ ଲୀଳାଭାଷାନନ୍ଦ ଅବଧୂତ, ଆଚାର୍ଯ୍ୟ ଗୁରୁଧାନାନନ୍ଦ ଅବଧୂତ, ଆଚାର୍ଯ୍ୟ ଚିରଞ୍ଜିବାନନ୍ଦ ଅବଧୂତ, ଅବଧୂତିକା ଆଚାର୍ଯ୍ୟା ପୂର୍ଣ୍ଣପ୍ରାଣା, ଆଚାର୍ଯ୍ୟା ଆନନ୍ଦ କିସଲୟା ଯୋଗ ଦେଇଥିଲେ। ଆଚାର୍ଯ୍ୟ ଜପକ୍ରିଷ୍ଣାନନ୍ଦ ଅବଧୂତ ଏହି ଆଶ୍ରମରେ ୧୫ ଦିନ ରହି ଅଞ୍ଚଳର ବିଭିନ୍ନ ଗ୍ରାମକୁ ଯାଇ ଯୋଗର ପ୍ରଚାରପ୍ରସାର କରିଥିଲେ। ଆଚାର୍ଯ୍ୟ ପରିତୋଷାନନ୍ଦ ଅବଧୂତ ସାମ୍ପ୍ରତିକ ପରିସ୍ଥିତିରେ ସମାଜରେ ଯୋଗର ଆବଶ୍ୟକତା, ସାମାଜିକ ଆର୍ଥିକ ସ୍ଥିରତା ସମ୍ପର୍କରେ ଶିକ୍ଷା ଦେଇଥିଲେ। ଏହି ଶିବିରରେ ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ବ୍ଲକର ଛାତ୍ରୀଛାତ୍ର, ଯୁବତୀଯୁବକ, ମହିଳାପୁରୁଷମାନେ ଯୋଗ ଦେଇଥିଲେ। ସନ୍ତୋଷ କୁମାର ସାହୁ, ବିଦ୍ୟାଧର ସ୍ୱାଇଁ, ଆକୁଳ ଚରଣ ସ୍ୱାଇଁ, ବ୍ରଜେଶ ସ୍ୱାଇଁ, କେଦାର ନାଥ ସାହୁ, ଶଙ୍କର ସ୍ୱାଇଁ, ବିରୁପାକ୍ଷ ସ୍ୱାଇଁ, ତନ୍ମୟ ସାହୁ, କଂସୁକ ଦେବ ପ୍ରମୁଖ ସହଯୋଗ କରିଥିଲେ।



ପାଣି ଅଭାବରୁ ଚାଷଜମି ଫାଟି ଆଁ କଲାଣି ।



ମେଗା ଜଳସେଚନ ପଏଣ୍ଟ କାମ କରୁନି ।

# କାମକୁ ଆସୁନି ମେଗା ପଏଣ୍ଟ

**ଘଣ୍ଟାପଡା, ୧୭।୭ (ଡି.ଏନ.ଏ)**

■ମୌସୁମୀ ଗାଏବ, ଚିନ୍ତାରେ ଚାଷୀ
■ଗଜା ମରୁଡି ଆଶଙ୍କା

ଆଷାଢ଼ ସରି ଶ୍ରାବଣ ଆସିଲା । ବର୍ଷାର ନାଁ ଗନ୍ଧ ନାହିଁ । ମେଘକୁ ଚାତକ ପରି ଚାହିଁ ବସିଛନ୍ତି ଚାଷୀକୂଳ। ମୌସୁମୀ ଆସିବା ପରେ ଚାଷୀ ଧାନ ବୁଣା, ତଳିପକା ଆରମ୍ଭ କରିଦେଲେ। ହେଲେ ବର୍ଷା ଗାଏବ ହୋଇଗଲା। ବର୍ଷା ଅଭାବରୁ ଗୁଳୁଗୁଳିରେ ଲୋକେ ଆଉଟୁ ପାଉଟୁ ହୋଇଗଲେଣି। ଅନ୍ୟପକ୍ଷେ ବୌଦ୍ଧ ଜିଲା କଣ୍ଟାମାଳ ଅଞ୍ଚଳରେ ଚାଷଜମିକୁ ଜଳଯୋଗାଣ ପାଇଁ ବୃହତ୍ତ ପାର୍ବତୀ ଗିରି ମେଗା ପଏଣ୍ଟ ସ୍ଥାପନ କରାଯାଇଛି । କିନ୍ତୁ ଏହି ଯୋଜନା ଯୋଜନାରେ ହିଁ ରହିଯାଇଛି। ତମ୍ବାସିନା ଓ ରେକଡୋଲରେ ସ୍ଥାପିତ ଦୁଇଟି ମେଗା ପଏଣ୍ଟ ଦୀର୍ଘ ୫ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇପାରି ନାହିଁ। ବର୍ଷେ ତଳେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ତରବରିଆ ଭାବେ ଏହାକୁ ଉଦଘାଟନ କରାଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କାର୍ଯ୍ୟ ସମାପ୍ତ ହୋଇପାରିନାହିଁ। ଉପର ମୁଣ୍ଡରେ ଥିବା ଚାଷଜମିକୁ ପାଣି ଯାଇପାରୁନାହିଁ। ଏଭଳି ସ୍ଥଳେ ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି। ଚାଷୀମାନେ ମେଗା ପଏଣ୍ଟ ଅଫିସ ଓ ଜିଲାପାଳଙ୍କୁ ଅଭିଯୋଗ କଲେ ମଧ୍ୟ କିଛି ଫଳ ନାହିଁ । ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ସନ୍ତୋଷ ପାଣ୍ଡେଙ୍କୁ ପଚାରିବାରୁ ସେ କହିଲେ, ମେଗା ପଏଣ୍ଟର ଲାଇନ ଖରାପ ଅଛି। ଦିନେ ଦୁଇ ଦିନ ପରେ ଲାଇନ ଆସିଲେ ସବୁ ଠିକ୍ ହୋଇଯିବ। ଯଦି ଦିନେ ଦୁଇ ଦିନ ଭିତରେ ଚାଷଜମିକୁ ଜଳଯୋଗାଣ ନ ହେବ ତେବେ ମେଗା ଅଫିସରେ ତାଲା ପକାଇବାକୁ ସୂର୍ଯ୍ୟ କୁମାର ଦେହୁରୀ, ହେମରାଜ ରଣା, ମହେଶ୍ୱର ରଣା, ଉଚ୍ଛେଇ ବାରିକ, ବଂଶୀଧର ମାଝୀ ପ୍ରମୁଖ ଚାଷୀମାନେ ଚେତାବନୀ ଦେଇଛନ୍ତି ।

# ଶିମିଳିପଦର-ଘିକୁଣ୍ଡି ପ୍ରଧାନମନ୍ତ୍ରୀ ସଡ଼କ ଶୋଚନୀୟ

**ମନମୁଣ୍ଡା, ୧୭।୭ (ଡି.ଏନ.ଏ)**

କଣ୍ଟାମାଳ ବ୍ଲକ ଶିମିଳିପଦରରୁ ଘିକୁଣ୍ଡି ପ୍ରଧାନମନ୍ତ୍ରୀ ସଡକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି । ପ୍ରାୟ ୪ କିମି ବ୍ୟାପି ଏହି ରାସ୍ତା ଆଜିକୁ ପ୍ରାୟ ୮ବର୍ଷ ତଳେ ନିର୍ମାଣ ହୋଇଥିଲା। ମାତ୍ର କେଇଟା ବର୍ଷରେ ରାସ୍ତାର ପିଚୁ ଉଠି ମେଟାଲ, ଚିପ୍ସ ବାହାରକୁ ବାହାରି ଅବସ୍ଥା ଖରାପ ହୋଇଯାଇଛି। ବାଇକ, ସାଇକେଲରେ ଯିବା ବେଳେ ଅନେକ ଦୁର୍ଘଟଣା ଘଟୁଛି। ଚାଲିକରି ଯିବା ଅତ୍ୟନ୍ତ ମୁସ୍କିଲ ହୋଇପଡୁଛି। ଛାତ୍ରୀଛାତ୍ରମାନେ ସାଇକେଲରେ ପାଠପଢ଼ି ଯିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ନୂତନ ରାସ୍ତା ନିର୍ମାଣ କରିବାକୁ ମନମୁଣ୍ଡା ମଣ୍ଡଳ ଭାଜପା ସଭାପତି ନିରଞ୍ଜନ କର୍ଣ୍ଣ, ଶିମିଳିପଦର ବିନାୟକ କ୍ଷେତି, କୃପାସିନ୍ଧୁ ସୁନା, ଘିକୁଣ୍ଡିର ସନ୍ତୋଷ ମହାକୁଡ, ଗୋବିନ୍ଦ ସାହୁ ପ୍ରମୁଖ ଦାବି ଜଣାଇଛନ୍ତି।



ଶିମିଳିପଦର-ଘିକୁଣ୍ଡି ରାସ୍ତାରୁ ଗେଟଇ ଉଠିଗଲାଣି ।





କର୍ମଚାରୀମାନେ ଧାରଣାରେ ବସିଛନ୍ତି ।

## ଡାଏରୀ ଫାର୍ମର ଅସ୍ଥାୟୀ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଧାରଣା

**ବୌଦ୍ଧ,୧୭।୭(ସ୍ୱ.ପ୍ର)**

ବୌଦ୍ଧ ଡାଏରୀ ଫାର୍ମର ଅସ୍ଥାୟୀ ଚତୁର୍ଥଶ୍ରେଣୀ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ୧୯୯୦ ମସିହା ଠାରୁ ଫାର୍ମରେ ଦିନ ମଜୁରିଆ ଭାବେ ଗୋମାତାଙ୍କ ସେବା କରି ଆସୁଥିବା ୬ ଜଣ କର୍ମଚାରୀ ଏପର୍ଯ୍ୟନ୍ତ ସେମାନଙ୍କୁ ଚତୁର୍ଥ ଶ୍ରେଣୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯାଇ ନ ଥିବା ଅଭିଯୋଗ କରି ଏହି ଧାରଣା ଆରମ୍ଭ କରିଛନ୍ତି। ଏ ନେଇ କର୍ମଚାରୀମାନେ ବହୁବାର ବିଭାଗୀୟ ଅଧିକାରୀଙ୍କ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେମାନଙ୍କ ଦାବିକୁ ବିଚାରକୁ ନିଆଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ନ୍ୟାଯ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ କହିଛନ୍ତି ।

## ମଦ ବିକ୍ରି ପ୍ରୋତ୍ସାହନ ବିରୋଧରେ ସ୍ମାରକପତ୍ର

**ବରଗଡ଼ ଅଫିସ୍,୧୭।୭**

ମଦ ବିକ୍ରେତାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବିଧାନସଭା କମିଟିର ପ୍ରସ୍ତାବକୁ ନେଇ ବିରୋଧ ତେଜିବାରେ ଲାଗିଛି। ବୁଧବାର ଭାଜପା ମହିଳା ମୋର୍ଚ୍ଚା, ଅତାବିରା ଶାଖା ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ରାଜ୍ୟରେ ମଦଜନିତ ଅପରାଧ ଦିନକୁ ଦିନ ବଢ଼ିବାରେ ଲାଗିଛି। ନାରୀ ନିର୍ଯାତନା, ଚୋରି, ଡକାୟତି ଆଦି ନିତିଦିନିଆ ଘଟଣାରେ ପରିଣତ ହୋଇଛି । ସ୍କୁଲ, କଲେଜ, ଦେବାଳୟ ତଥା ଜନଗହଳି ସ୍ଥାନରେ ମଦ ଦୋକାନ ରହିଥିବା ଯୋଗୁ ମହିଳାଙ୍କ ମଦ ବିରୋଧୀ ଅଭିଯାନ ତେଜି ଉଠିଛି। ଏଭଳି ସ୍ଥଳେ ମଦ ବିକ୍ରି ବନ୍ଦ କରିବା ପରିବର୍ତ୍ତେ ମଦ ବ୍ୟବସାୟୀଙ୍କୁ ସରକାରଙ୍କ ପୁରସ୍କାର ବ୍ୟବସ୍ଥା ହାସ୍ୟାସ୍ପଦ ବୋଲି ଅଭିଯୋଗ ହୋଇଛି। ଅନ୍ୟପଟେ ସେହି କମିଟିରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମଧ୍ୟ ରହିଛନ୍ତି। ଫଳରେ ସେଭଳି ନାରୀ ବିରୋଧୀ ଯୋଜନାକୁ ନିନ୍ଦା କରି ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟପାଳଙ୍କୁ ନିବେଦନ କରିଛି । ମହିଳା ମୋର୍ଚ୍ଚାର କେ. ସରସ୍ୱତୀ, ସୁନନ୍ଦା ମେହେର, କ୍ଷୀରେଶ୍ୱରୀ ସ୍ୱାଇଁ, ଶକୁନ୍ତଳା ମହାପାତ୍ର, ଶାନ୍ତିପ୍ରିୟା ମଲ୍ଲିକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିଲେ ।

## ବୌଦ୍ଧରେ ଗୁରୁପୂର୍ଣ୍ଣିମା ମହୋତ୍ସବ

**ବୌଦ୍ଧ,୧୭।୭(ସ୍ୱ.ପ୍ର)**

ବୌଦ୍ଧ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କାର୍ଯ୍ୟାଳୟ ଠାରେ ଜିଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରାଙ୍କ ଅଧ୍ୟକ୍ଷତାରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। କୃଷି ଅଧିକାରୀ ବିଚିତ୍ର କୁମାର ସାହୁ ଅତିଥି ଭାବେ ଯୋଗଦେଇ ଗୁରୁ ପୂର୍ଣ୍ଣିମା ପାଳନର ମହତ୍ତ୍ୱ ଓ ଗୁରୁଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ନଗର କାର୍ଯ୍ୟବାହ ମୁଖ୍ୟ ଶିକ୍ଷକ ଦାୟିତ୍ୱ ତୁଲାଇଥିବା ବେଳେ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଭାରତ ସ୍ୱାଭିମାନ ଟ୍ରଷ୍ଟ ଓ ମହିଳା ପତଞ୍ଜଳି ଯୋଗ ସମିତିର ମିଳିତ ଆନୁକୂଲ୍ୟରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଥିଲା। ସକାଳେ ବୁଟୁପାଲି ଠାରେ ଏକ ସ୍ୱତନ୍ତ୍ର ମହିଳା ଯୋଗ ଶିବିର ହୋଇଥିଲା। ଏଥିରେ ମହିଳା ପ୍ରଭାରୀ ଅନିମା ପଟ୍ଟନାୟକ ଆସନ ଓ ପ୍ରାଣାୟାମ ପ୍ରଶିକ୍ଷଣ ଦେଇଥିଲେ। ସନ୍ଧ୍ୟାରେ ଗୁରୁ ପୂଜନ ମହୋତ୍ସବରେ ବିଶ୍ୱ ପରିବେଶକୁ ସୁରକ୍ଷା ଓ ବିଶ୍ୱଶାନ୍ତି ପାଇଁ ହୋମଯଜ୍ଞ ହୋଇଥିଲା। ସୁଶାନ୍ତ କୁମାର ମହାପାତ୍ର, ରୀତା ମିଶ୍ର, ସ୍ୱାତୀ କୁମାରୀ, ଏଏନ୍ଏମ୍ ତାଲିମ କେନ୍ଦ୍ରର ଅଧକ୍ଷା ରୀତାଞ୍ଜଳି ସ୍ୱାଇଁ, ସୌମିତ୍ରୀ କୁମାର ନାୟକ ଆଲୋଚନା କରିଥିଲେ । ପ୍ରଭାରୀ ରେଣୁପ୍ରଭା ସାହୁ. ବନିତା ମହାପାତ୍ର, ସୌମ୍ୟାଶ୍ରୀ ଲେଙ୍କା, ମମତା ଅଗ୍ରୱାଲା, ରୁମିତା ଦାଶ, ନମିତାରାଣୀ ଦାଶ, ସୁମିତା ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜିଲାପାଳଙ୍କୁ ଫେରାଦ ହୋଇଥିବା କୃଷିଶ୍ରମିକମାନେ ।

## କୃଷି ଶ୍ରମିକଙ୍କୁ କାଳିଆ ଯୋଜନା ଅପହଞ୍ଚ

**ବରଗଡ଼ ଅଫିସ୍,୧୭।୭**

ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ-୧୯ର ଭୂମିହୀନ କୃଷି ଶ୍ରମିକଙ୍କୁ ବର୍ତ୍ତମାନ ସୁଦ୍ଧା କାଳିଆ ଯୋଜନାର ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ବୁଧବାର କୃଷି ଶ୍ରମିକମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସେମାନେ ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ଘୋଷଣା କରିଥିବା କାଳିଆ ଯୋଜନାରେ ଭୂମିହୀନ କୃଷି ଶ୍ରମିକଙ୍କୁ ମଧ୍ୟ ୧୨ହଜାର ୫୦୦ ଟଙ୍କା ଯୋଗାଇ ଦେବେ ବୋଲି ଦର୍ଶାଯାଇଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା ୱାର୍ଡ଼ ନଂ-୧୯ର କୃଷି ଶ୍ରମିକମାନେ ତାହା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବା ସହିତ ସେମାନଙ୍କ ପ୍ରାପ୍ୟରାଶି ଯୋଗାଇ ଦେବା ଦିଗରେ ବିହିତ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିବେଦନ କରାଯାଇଛି। ଆପ୍ ନେତା ଭବାନୀ ପ୍ରସାଦ ସାହୁ, ଅମିତାଭ ପାତ୍ରଙ୍କ ନେତୃତ୍ୱରେ କୃଷି ଶ୍ରମିକମାନେ ଜିଲାପାଳ ଅଫିସ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ପଙ୍ଖା ଚୋରି: ଧରାପଡ଼ିଲେ ୩ ନାବାଳକ

**ବରଗଡ଼ ଅଫିସ୍,୧୭।୭**

ବରଗଡ଼ ସହର ଉପକଣ୍ଠ ତୋରା ହାଇସ୍କୁଲରେ ହୋଇଥିବା ପଙ୍ଖା ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଚୋରି ଘଟଣାରେ ସ୍ଥାନୀୟ ଟାଉନ ଥାନା ପୋଲିସ ହାତରେ ୩ ନାବାଳକ ଧରାପଡ଼ିଛନ୍ତି। ସେମାନଙ୍କ ପାଖରୁ ୧୬ଟି ପଙ୍ଖା ଜବତ ହୋଇଛି। ଧରାପଡ଼ିଥିବା ୩ନାବାଳକଙ୍କୁ ପୋଲିସ ସ୍ଥାନୀୟ କୋର୍ଟରେ ହାଜର କରିଛି। ଏ ନେଇ ଟାଉନ ଥାନାରେ ଏକ ମାମଲା(ନଂ.୨୬୫/୧୯) ରୁଜୁ ହୋଇଛି। ପ୍ରକାଶ ଯେ, ଉପରୋକ୍ତ ହାଇସ୍କୁଲରେ ଲାଗିଥିବା ପଙ୍ଖା ଚୋରି ନେଇ ଗତ ମାସ ୪ ତାରିଖରେ ସ୍ଥାନୀୟ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଚଳାଇଥିଲା। ତଦନ୍ତରେ ୩ ନାବାଳକ ସମ୍ପୃକ୍ତ ଥିବା ଜାଣି ପାରି ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା ଏବଂ ଚୋରି ପଙ୍ଖାକୁ ଜବତ କରିଥିଲା ।



ଉଦ୍ଧାର ହୋଇଥିବା ପଙ୍ଖା।

## ଶିକ୍ଷକ ବିବାଦ: ସ୍କୁଲ ଆଗରେ ଅନଶନ

**ବରଗଡ଼ ଅଫିସ୍,୧୭।୭**

ବରଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡହଥା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଅବସ୍ଥାପିତ ଶିକ୍ଷକଙ୍କ ମଧ୍ୟରେ ବିବାଦ ଲାଗି ରହିଥିବାରୁ ପାଠପଢ଼ା ବ୍ୟାହତ ହୋଇ ପଡ଼ିଛି। ଏ ନେଇ ସ୍ଥାନୀୟ ସ୍କୁଲ କମିଟି ଏବଂ ଅଭିଭାବକମାନେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ବୁଧବାର ସ୍କୁଲ କମିଟିର ସଭ୍ୟାସଭ୍ୟ, ଗ୍ରାମର ଯୁବକମାନେ ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ସହିତ ସ୍କୁଲ ଆଗରେ ଅନଶନରେ ବସିଥିଲେ। ଘଡ଼ଘଡ଼ି, ବର୍ଷା ସତ୍ତ୍ୱେ ସେମାନେ ଅନଶନରୁ ଓହରି ନ ଥିଲେ। ପରେ ଜିଲା ଶିକ୍ଷା ଅଧିକାରୀପ୍ରକାଶ କୁମାର ଯୋଶୀ ଫୋନ ଯୋଗେ ବାର୍ତ୍ତାଳାପ କରି ଆସନ୍ତା ୨ଦିନ ମଧ୍ୟରେ ଉକ୍ତ ଘଟଣା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସେମାନେ ଅନଶନରୁ ଉଠିଥିଲେ। ରିଲୁ ଶତପଥୀ, ରାକେଶ ସାହୁ, ଦୀପକ ମହାପାତ୍ର, ସିପନ ଷଡ଼ଙ୍ଗୀ, ଶ୍ୟାମ ସାହୁ, ବିଶ୍ୱ ସାହୁ, ବ୍ରିଜେଶ ତ୍ରିପାଠୀ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ଛାତ୍ରୀଛାତ୍ରଙ୍କୁ ନେଇ ଅଭିଭାବକମାନେ ଅନଶନରେ ବସିଛନ୍ତି ।

■ ଘରୋଇ ବସ୍ ମାଲିକ ସଂଘ ସଭାପତି ଗିରଫ

# ପ୍ରତିବାଦରେ ୪ ଘଣ୍ଟା ବସ୍ ଚଳାଚଳ ବନ୍ଦ

**ବୌଦ୍ଧ,୧୭।୭(ସ୍ୱ.ପ୍ର)**

ବୌଦ୍ଧରେ ରଥଯାତ୍ରା ସମୟରେ ମିନାବଜାର ପରିଚାଳକଙ୍କ ଭାଇଙ୍କୁ ଛୁରାମାଡ ଘଟଣାରେ ଦୁଇ ବସ୍ତି ମଧ୍ୟରେ ଲାଗିଥିବା ଉତ୍ତେଜନା ବଢିବାରେ ଲାଗିଛି। ଏହି ଘଟଣାରେ ପୋଲିସ ଦୁଇଟି ମାମଲା ରୁଜୁ କରିଥିବା ବେଳେ ମଙ୍ଗଳବାର ରାତ୍ରିରେ ବାପୁଜୀନଗର ସାହିର ଦୁଇଜଣ ଯୁବକଙ୍କୁ ଉଠାଇନେଇଥିଲା। ପରେ ବସ୍ତି ବାସିନ୍ଦାମାନେ ସେମାନଙ୍କୁ ତୁରନ୍ତ ଖଲାସ କରିବା ଦାବିରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ରାତି ୧୨ଟା ପର୍ଯ୍ୟନ୍ତ ସମ୍ମୁଖରେ ଧାରଣାରେ ବସିଥିଲେ। ଜିଲାପାଳ ଲଲାଟେନ୍ଦୁ ମିଶ୍ର ସେମାନଙ୍କ ସହିତ ଆଲୋଚନା କରିବା ପରେ ସେମାନେ ନିଜର ସୁରକ୍ଷା ସହିତ ବସ୍ତିର ପିଲାମାନଙ୍କୁ କୌଣସି କାରଣ ନ ଥାଇ ପୋଲିସ ଥାନାକୁ ନେଇଯିବା ଘଟଣାର ପ୍ରତିବାଦ କରିଥିଲେ। ପୋଲିସ ସହିତ ଆଲୋଚନା କରି ସମାଧାନର ରାସ୍ତା ବାହାର କରିବାକୁ ପ୍ରତିଶ୍ରୁତି ଦେବା ପରେ ସେମାନେ ଘରକୁ ଫେରିଯାଇଥିଲେ। ଅନ୍ୟପଟେ ପୋଲିସ ମଙ୍ଗଳବାର ଏହି ଘଟଣାରେ ସମ୍ପୃକ୍ତି ନେଇ ଘରୋଇ ବସ୍ ମାଲିକ ସଂଘ ସଭାପତି ଶେଖ ସେମିଉଲ୍ଲା ଓ ଅନ୍ୟ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଥିଲା। ଏହାକୁ ନେଇ ମୁସଲମାନ ବସ୍ତିରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏହାପର ପ୍ରତିବାଦରେ ବୁଧବାର ସକାଳେ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଜିଲାର ସମସ୍ତ ଘରୋଇ ଯାତ୍ରୀବାହୀ ବସ ଚଳାଚଳ ବନ୍ଦ କରିଦିଆଯାଇଥିଲା। ଦୀର୍ଘ ୪ ଘଣ୍ଟା ବସ୍ ଚଳାଚଳ ବନ୍ଦ ରହିବା ପରେ ଯାତ୍ରୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ବନ୍ଦ ପ୍ରତ୍ୟାହାର କରାଯିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। କିନ୍ତୁ ପୋଲିସ ଅଟକ ରଖିଥିବା ସେମିଉଲ୍ଲା ଓ ମୁସଲମାନ ସାହିର ଅନ୍ୟ ଜଣେ ଯୁବକଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରୁ ସେମିଉଲ୍ଲା ଓ ଉକ୍ତ ଯୁବକଙ୍କୁ ଜାମିନ ମିଳିଥିଲା । କିନ୍ତୁ ଉଭୟ ବସ୍ତି ମଧ୍ୟରେ ଉତ୍ତେଜନା ଥମିନାହିଁ। ଏ ନେଇ ଘଟଣା ସମ୍ପର୍କରେ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ ।





ବୌଦ୍ଧରେ ବସ୍ ଚଳାଚଳ ବନ୍ଦ ରହିଛି ।

## ସଂକ୍ଷେପରେ

### ତରଭା ଶିଶୁମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ

**ତରଭା,୧୭।୭(ଡି.ଏନ୍.ଏ.) :** ତରଭା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ଭଉଣୀ ପ୍ରତିକ୍ଷା ପ୍ରଦୀପ ପ୍ରଜ୍ଜଳନ କରିଥିଲେ। ଗୁରୁ-ଶିଷ୍ୟଙ୍କ ମଧୁର ସର୍ମ୍ପକକୁ ମନେ ପକାଇବା ଉଦ୍ଦେଶ୍ୟରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳନ କରାଯାଉଥିବା କାହ୍ନା ଗୁରୁଜୀ, ବାବୁଲୁ ଗୁରୁଜୀ ଓ ଆଶୁତୋଷ ଗୁରୁଜୀ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ସୁରେଶ ଗୁରୁଜୀ ସଂଯୋଜନା କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଶିଶୁ ଭାଇ ଭଉଣୀ ଓ ସେବକ ସେବିକା ଉପସ୍ଥିତ ଥିଲେ। ସେହିପରି ସୋନପୁର ବ୍ଲକ ଅଧୀନ ଖାରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସୋନପୁର ଜିଲା ସଂଘ ଚାଳକ ବିପିନ ବିହାରୀ ବାଘ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁଦାମ ଶେଖର ଦାସ ଯୋଗଦେଇ ଗୁରୁପୂର୍ଣ୍ଣିମା ଦିବସର ପାଳନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗୁରୁମା, ଗୁରୁଜୀ ଓ ଶିଶୁ ଭଉଣୀ ଭାଇଙ୍କ ସହ ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ସାହୁ ଉପସ୍ଥିତ ଥିଲେ।

### ନାବାଳିକାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା: ବାଳସୁଧାର ଗୃହ ଗଲେ ଅଭିଯୁକ୍ତ ନାବାଳକ

**ସମ୍ବଲପୁର,୧୭। ୭(ବ୍ୟୁରୋ):** ସମ୍ବଲପୁର ଜିଲା କତବଗା ଥାନା ଅଞ୍ଚଳର ଏକ ଗ୍ରାମରେ ଜଣେ ନାବାଳିକାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଜୁଭେନାଇଲ ଜଷ୍ଟିସ କୋର୍ଟରେ ହାଜର ହୋଇଥିବା ଅଭିଯୁକ୍ତ ନାବାଳକଙ୍କୁ ବୁଧବାର ରାଉରକେଲା ବାଳ ସ୍ୱଧାର ଗୃହକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ଜିଲା ରେଡକ୍ରସ ସଂପାଦକ ଜୟ ଜର୍ଜ, ସଦସ୍ୟା ପ୍ରମିଳା ବେହେରା, ପ୍ରଶାନ୍ତ ପଣ୍ଡା ପ୍ରମୁଖ ନାବାଳିକାଙ୍କୁ ଭେଟି ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଦେଇଛନ୍ତି। ଗତ ସୋମବାର ନାବାଳିକା ଜଣକ ତାଙ୍କ ବାପାଙ୍କ ସହ ନିଜ ପୋଟଳ ବାରିକୁ ଯାଇଥିଲେ। କିଛି ସମୟ ଗଲାପରେ ବାପା ବ୍ୟାଙ୍କ କାମ ଅଛି କହି ଚାଲି ଆସିଥିଲେ। ମାଆ ପୋଟଳ ବାରିକୁ ଗଲାପରେ ସେଠାରେ ଝିଅକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖିବାକୁ ପାଇଥିଲେ। ପ୍ରଥରେ ରେଙ୍ଗାଲି ମେଡିକାଲ ଓ ପରେ ବୁର୍ଲା ମେଡିକାଲ ନେଇଥିଲେ। ପରିବାର ବର୍ଗଙ୍କ ଅଭିଯୋଗ କ୍ରମେ କତରବଗା ଥାନାରେ ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା।
ନାବାଳିକା ସୁସ୍ଥ ହେବା ପରେ ବୟାନ ରେକର୍ଡ କରାଯିବ। ଘଟଣା ସ୍ଥଳରେ ମଙ୍ଗଳବାର ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରି ବିଭିନ୍ନ ନମୁନା ସଂଗ୍ରହ କରିଛନ୍ତି। ରକ୍ତ ଭିଜା ପଥର ଉଦ୍ଧାର ହୋଇଛି। ଏଠାରେ ପ୍ରକାଶଯୋଗ୍ୟ, ୧୭ ବର୍ଷିୟା ନାବାଳକ ଜଣକ ନାବାଳିକାଙ୍କୁ ଏକୁଟିଆ ଦେଖି ବଳାତ୍କାର ଉଦ୍ୟମ କରିଥିଲେ। ହେଲେ ନାବଳିକା ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ନାବାଳକ ତାଙ୍କୁ ପଥରରେ ଛେଚି ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ ପୂର୍ବରୁ ଦଫା ୩୦୭ରେ ମାମଲା (ନଂ.୯୬/୧୯) ରୁଜୁ କରିଥିଲା। ଏବେ ଏଥିରେ ଦଫା ନଂ ୩୭୬, ୫୧୧, ୯ (ଆର) ପୋକ୍‌ସୋ ଆକ୍ଟ ଯୋଡି ହୋଇଛି।

## ଆଷାଢ଼ ସରିଲା, ବର୍ଷା ନାହିଁ

# ଗଜା ମରୁଡ଼ି ଆଶଙ୍କାରେ ଚାଷୀ

**ସୋନପୁର, ୧୭।୭ (ନି.ପ୍ର.)**

- ଜୁନ୍, ଜୁଲାଇରେ ସ୍ୱଳ୍ପ ବୃଷ୍ଟି
- ଚିନ୍ତାରେ ଅଣଜଳସେଚିତ ୪ ବ୍ଲକର ଚାଷୀ

ଆଷାଢ ସରିଲା, ହେଲେ ବର୍ଷାର ଦେଖା ନାହିଁ। ଯେଉଁ ସମୟରେ ନଦୀ, ନାଳ, ପୁଷ୍କରଣୀ ଫୁଲି ଉଠିବା କଥା ସେହି ସମୟରେ ସବୁ ଶୁଖିଲା ପଡିଛି। ପ୍ରଚଣ୍ଡ ଗ୍ରୀଷ୍ମର ଅନୁଭୂତି ହେଉଛି। ମୌସୁମୀ ଉଭାନ ହୋଇଯାଇଥିବା ବେଳେ ପାଣି ଟୋପାଏ ପାଇଁ ଚାଷୀ ହନ୍ତସନ୍ତ ହେଉଛନ୍ତି। କୃଷି ପ୍ରଧାନ ସୁବର୍ଣ୍ଣପୁର ଜିଲାରେ ବିନିକା, ଡୁଙ୍ଗୁରିପାଲି ବ୍ଲକକୁ ଛାଡିଦେଲେ ବାକି ୪ଟି ବ୍ଲକରେ ଜଳସେଚନର ସେଭଳି କୌଣସି ସ୍ଥାୟୀ ବ୍ୟବସ୍ଥା ନାହିଁ। ତେଣୁ ବୀରମହାରାଜପୁର, ଉଲୁଣ୍ଡା, ସୋନପୁର ଓ ତରଭା ବ୍ଲକର ଚାଷୀ ମୁଖ୍ୟତଃ ବର୍ଷା ଜଳ ଉପରେ ନିର୍ଭର କରିଥାନ୍ତି। ହେଲେ ଧାନ ରୁଆ ସମୟ ହୋଇଥିବା ବେଳେ ବର୍ଷାର ଦେଖାନାହିଁ। ଯେଉଁ କେତେକ ସ୍ଥାନରେ କିଛିଦିନ ତଳେ ସାମାନ୍ୟ ବର୍ଷା ହୋଇଥିଲା, ସେହି ସ୍ଥାନରେ ଚାଷୀ ତଳି(ପହ୍ଳା) ପକାଇଥିଲା। ବର୍ତ୍ତମାନ ତାହା ପାଣି ଅଭାବରୁ ମରିବାକୁ ବସିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କୃଷି ବିଭାଗର ରିପୋର୍ଟକୁ ଦେଖିଲେ ଗତ ଜୁନ୍ ମାସରେ ସ୍ୱାଭାବିକଠାରୁ ୨୨.୭୬ ପ୍ରତିଶତ କମ୍ ବର୍ଷା ହୋଇଛି। ସେହିପରି ଜୁଲାଇ ମାସରେ ୧୭ ତାରିଖ ସୁଦ୍ଧା ୨୪.୯୧ ପ୍ରତିଶତ କମ୍ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଅଣଜଳସେଚିତ ୪ ବ୍ଲକର ଅବସ୍ଥା ଏବେ ସଙ୍ଗୀନ ହେଲାଣି। କିଛି ସ୍ଥାନରେ ଗଜା ମରୁଡି ପରିସ୍ଥିତି ସୃଷ୍ଟିହେଲାଣି। ଆଉ ୧ ସପ୍ତାହ ସ୍ଥିତି ଏଭଳି ଲାଗି ରହେ ଅଣଜଳସେଚିତ ବ୍ଲକଗୁଡିକରେ ଗଜା ମରୁଡି ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।



ସ୍ୱଳ୍ପ ବୃଷ୍ଟି ଯୋଗୁ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାରେ ପଡ଼ିଆ ପଡିଥିବା ଜମିରେ ଗୋରୁ ଚରୁଛନ୍ତି।

ଚଳିତ ବର୍ଷ ମୌସୁମୀ ଆସିବା ବିଳମ୍ବ ହେବାରୁ ଚାଷୀମାନେ ପ୍ରାକ୍ ମୌସୁମୀ ବର୍ଷାରେ ଧାନ ବିହନ ବୁଣିଥିବା ବେଳେ ଆଉ କିଛି ଚାଷୀ ଜୁଲାଇ ପ୍ରଥମ ସପ୍ତାହରେ ଧାନ ବୁଣିଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା ବର୍ଷା ସେତେ ଭଲ ହୋଇନାହିଁ। ବିଭାଗୀୟ ରିପୋର୍ଟ ଅନୁସାରେ, ଜୁନ୍ ମାସରେ ସୁବର୍ଣ୍ଣପୁର ଜିଲାରେ ୨୧୭.୪ ମିଲିମିଟର ବର୍ଷା ସ୍ୱାଭାବିକ ଅଟେ। ହେଲେ ୧୬୭.୯୨ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଜୁନ୍‌ରେ ତରଭା ବ୍ଲକରେ ସର୍ବାଧିକ ୨୬୫.୮ମି.ମି. ବର୍ଷା ହୋଇଥିବା ବେଳେ ସୋନପୁରରେ ୧୨୬ମି.ମି., ବିନିକାରେ ୧୫୬.୧ମି.ମି., ଡୁଙ୍ଗୁରିପାଲି ବ୍ଲକରେ ୧୧୮ମି.ସି., ବୀରମହାରାଜପୁରରେ ୧୮୨.୪ମି.ମି., ଉଲୁଣ୍ଡାରେ ୧୫୯.୨ମି.ମି. ବର୍ଷା ହୋଇଥିଲା। ସେହିପରି ଜୁଲାଇ ମାସରେ ୨୧୯.୧୪ମି.ମି. ବର୍ଷା ସ୍ୱାଭାବିକ। ତେବେ ଜୁଲାଇ ମାସ ୧୭ ତାରିଖ ସୁଦ୍ଧା ମାତ୍ର ୧୬୪.୫୫ମି.ମି. ବର୍ଷା ହୋଇଛି। ଗତ ୧୦ ଦିନ ହେଲା ବର୍ଷାର ନାଁ ଗନ୍ଧ ନାହିଁ। ଉଲୁଣ୍ଡା ବ୍ଲକରେ ସର୍ବାଧିକ ୨୦୫ମି.ମି. ବର୍ଷା ହୋଇଥିବା ବେଳେ ବୀରମହାରାଜପୁରରେ ୯୬.୫ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସୋନପୁରରେ ୧୭୦ମି.ମି., ତରଭାରେ ୧୪୧.୮ମି.ମି., ବିନିକାରେ ୧୯୦ମି.ମି., ଡୁଙ୍ଗୁରିପାଲିରେ ୧୮୪ମି.ମି. ବର୍ଷା ହୋଇଛି।

ଜିଲାର ୧ଲକ୍ଷ ୩୫ହଜାର ୪୧୫ହେକ୍ଟର କୃଷି ଜମି ମଧ୍ୟରୁ ଖରିଫ ଋତୁରେ ୧ଲକ୍ଷ ୩୦ହଜାର ୧୫୦ ହେକ୍ଟର ଜମିରେ ଚାଷ କାର୍ଯ୍ୟ ସକାଶେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ସେଥିମଧ୍ୟରୁ ୧ଲକ୍ଷ ୨ହଜାର ୧୩୫ହେକ୍ଟର ଜମିରେ ଖରିଫ ଧାନ ଚାଷ ଓ ୨୮ହଜାର ୧୫ ହେକ୍ଟର ଜମିରେ ଅଣଧାନ ଚାଷ ପାଇଁ ଲକ୍ଷ୍ୟ ରହିଛି। ତେବେ ବିଳମ୍ବିତ ମୌସୁମୀ ଓ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଖରିଫ ଚାଷ ପ୍ରଭାବିତ ହୋଇଛି। ବର୍ତ୍ତମାନ ସୁଦ୍ଧା ଜିଲାର ମାତ୍ର ୩୨ହଜାର ୪୫୦ହେକ୍ଟର ଜମିରେ ଧାନ ଚାଷ ହୋଇପାରିଛି। ୬୧୫୦ହେକ୍ଟର ଜମିରେ ତଳି ପଡିଥିବା ବେଳେ ବିନିକା ଓ ଡୁଙ୍ଗୁରିପାଲି ବ୍ଲକରେ କେନାଲ ପାଣି ଯୋଗୁ ୮୭୫ହେକ୍ଟର ଜମିରେ ଧାନ ରୁଆ ସରିଥିବା ଜଣାପଡିଛି। ନିଅଣ୍ଟିଆ ବର୍ଷା ଯୋଗୁ ହୀରାକୁଦ କେନାଲରେ ପାଣି ଛାଡିବାକୁ ବିନିକା ଓ ଡୁଙ୍ଗୁରିପାଲି ବ୍ଲକର ଚାଷୀ ଦାବି କରିଛନ୍ତି। ତେବେ ଅଣଜଳସେଚିତ ସୋନପୁର, ତରଭା, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ସ୍ଥିତି ସଙ୍ଗୀନ ହେଲାଣି। ପାଣିର ସୁବିଧା ଥିବା ସ୍ଥାନମାନଙ୍କରେ ଚାଷୀ ପମ୍ପ ସାହାଯ୍ୟରେ ଜମିରେ ପାଣି ମଡାଇ ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି। ମାତ୍ର ଜଳାଶୟଗୁଡିକ ଶୁଖିଲା ପଡିଥିବାରୁ ଜଳସଙ୍କଟ ପରିସ୍ଥିତି ସୃଷ୍ଟି ହୋଇଛି। ଚାଷୀ ତଳି ରୋଇ ପାରୁନାହାନ୍ତି। ତରଭା ବ୍ଲକର ମେଗା ଉଠାଜଳସେଚନ ପ୍ରକଳ୍ପଗୁଡିକୁ ଚାଲୁ କରିବା ଓ ବୀରମହାରାଜପୁର ବ୍ଲକର ହରିହର ଯୋର ପ୍ରକଳ୍ପରୁ କେନାଲ ଯୋଗେ ପାଣି ଛାଡିବାକୁ ଅଞ୍ଚଳର ଚାଷୀ ଦାବି କରିଛନ୍ତି। ଖରିଫ ଋତୁର ଆରମ୍ଭ ଅର୍ଥାତ୍ ଜୁନ୍ ମାସରୁ ଚାଷୀମାନେ କ୍ଷେତ ପ୍ରସ୍ତୁତ ପାଇଁ ବର୍ଷାକୁ ଚାଷୀ ଚାହିଁ ରହିଥିଲେ। ମୌସୁମୀ ବିଳମ୍ବିତ ହୋଇଥିଲେ ହେଁ ଲଘୁଚାପ ବର୍ଷା ପରେ ଚିତ୍ର ବଦଳିଥିଲା। ନିର୍ଦ୍ଧାରିତ ସମୟରେ ରୁଆ ଓ ବେଉଷଣ କାର୍ଯ୍ୟ ସରିବା ନେଇ ଚାଷୀ ଆଶା ବାନ୍ଧିଥିଲା। ମାତ୍ର ନିଅଣ୍ଟିଆ ବର୍ଷା ସବୁ ବିଗାଡି ଦେଇଛି। ଏ ସମ୍ପର୍କରେ ଜିଲା କୃଷି ଉପ ନିର୍ଦ୍ଦେଶକ ସନ୍ତୋଷ ଜେନା କୁହନ୍ତି, ଆସନ୍ତା ସପ୍ତାହକ ମଧ୍ୟରେ ଗୋଟିଏ ଦୁଇଟି ବଡ ବର୍ଷା ହେଲେ ପରିସ୍ଥିତିର ସୁଧାର ଆସି ପାରିବ। ନଚେତ ଅଣଜଳସେଚିତ ୪ ବ୍ଲକରେ ମରୁଡି ପରିସ୍ଥିତି ସୃଷ୍ଟି ହେବ।

### ଡିଡିୟୁଜିକେୱାଇର ପ୍ରସ୍ତୁତି ବୈଠକ

**ରେଢ଼ାଖୋଲ,୧୭।୭(ଡି.ଏନ୍.ଏ.)**

ରେଢ଼ାଖୋଲ ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (ଡିଡିୟୁଜିକେୱାଇ)ର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା କବିତା ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ଆସନ୍ତା ୩୦ ତାରିଖ ବ୍ଲକରେ ଅନୁଷ୍ଠିତ ହେବାକୁ ଥିବା ବ୍ଲକସ୍ତରୀୟ ନିଯୁକ୍ତି ଶିବିର ପାଇଁ ଏଥିରେ ଆଲୋଚନା କରାଯାଇଥିଲା। ବିଡିଓ ପରିକ୍ଷୀତ ସାହୁ, ସମ୍ବଲପୁର ଓରମାସର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମନ୍ତ ହୋତା, ଜିଲା ଦକ୍ଷତା କୌଶଳ ସଂଯୋଜକ ରଶ୍ମିରଞ୍ଜନ ପତି, ପ୍ରଗତି ସହାୟକ କିଶୋର କୁମାର ପାତ୍ର, ବ୍ଲକ ସଂଯୋଜକ ଆଶିଷ ଚାନ୍ଦ, ବିଜୁ ଯୁବ ବାହିନୀ ସଂଯୋଜକ ଭକ୍ତବନ୍ଧୁ ବେହେରା, ସରପଞ୍ଚ, ଭିଆରପି, ଜିଆରଏସ, ବିଜୁ ଯୁବବାହିନୀ ସଦସ୍ୟ ଉପସ୍ଥିତ ଥିଲେ।

### ଶିରିଡ଼ି ସାଇ ମନ୍ଦିରରେ ବିବିଧ କାର୍ଯ୍ୟକ୍ରମ

**ସମ୍ବଲପୁର,୧୭।୭(ବ୍ୟୁରୋ)**

ସମ୍ବଲପୁର ଶାନ୍ତିନଗରସ୍ଥିତ ଶ୍ରୀ ସାଇଚରଣ ମନ୍ଦିରରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାତଃରେ କାକଡ଼ ଆରତି, ମହାଭିଷେକ ପୂଜା, ଷୋଡ଼ଶ ଉପଚାର ପୂଜା, ଭିକ୍ଷା, ନାରାୟଣ ସେବା, ଗୁରୁ ଭାଗବତ ପାଠ ଓ ଭଜନ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଅନାଥାଶ୍ରମ ବାଳିକା ବାଳକମାନଙ୍କୁ ପାଠ୍ୟପୁସ୍ତକ, ସ୍କୁଲ ପୋଷାକ, ଛତା ବଣ୍ଟନ କରାଯାଇଥିଲା। ମନ୍ଦିର ଟ୍ରଷ୍ଟର ସ୍ୱାଗତା ଷଡ଼ଙ୍ଗୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଗୁରୁ ଗୋପାଳ ଚରଣ ନାୟକଙ୍କ ପରିଚାଳନା ଓ ସୁରେନ୍ଦ୍ର ବାଗଙ୍କ ସହଯୋଗରେ ଭଜନ ସମାରୋହ ହୋଇଥିଲା।

## ସୁବର୍ଣ୍ଣପୁର ଜିଲା ଓକିଲ ସଂଘର ବୈଠକ

**ସୋନପୁର,୧୭।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଓକିଲ ସଂଘର ଏକ ବୈଠକ ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସର୍ବେଶ୍ୱର ପୁରୋହିତଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ବୈଠକରେ ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ଓ ଆନ୍ଦୋଳନର ରୂପରେଖ ଉପରେ ଆଲୋଚନା ହୋଇଥିଲା। ଆନ୍ଦୋଳନକୁ ଅଧିକ କ୍ରୀୟାଶୀଳ କରିବା ପାଇଁ ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର, ତରଭା, ବିନିକା, ରାମପୁର ଓ ଡୁଙ୍ଗୁରିପାଲି ଓକିଲ ସଂଘର ସଭାପତି, ସମ୍ପାଦକ ଓ ଜିଲା ଓକିଲ ସଂଘର ବରିଷ୍ଠ ସଭ୍ୟ ଆଦିକନ୍ଦ ପାଣିଗ୍ରାହୀ, ସନ୍ତୋଷ କୁମାର ମେହେର, ବିପିନ ବିହାରୀ ବିଦ୍ୟାଧରଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ସୁବର୍ଣ୍ଣପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଯଦିଓ ଜିଲାର ସମସ୍ତ ଓକିଲ ସଂଘ ତଥା ଅଞ୍ଚଳବାସୀ ଦାବି କରୁଛନ୍ତି ହେଲେ ବୃହତ୍ତର ସ୍ୱାର୍ଥ ଓ କେନ୍ଦ୍ରୀୟ ମିଳିତ କ୍ରିୟାନୁଷ୍ଠାନ କମିଟିର ମୂଳଲକ୍ଷ୍ୟକୁ ସମ୍ମାନ ଜଣାଇ ପଶ୍ଚିମ ଓଡ଼ିଶାର ଯେ କୌଣସି ସ୍ଥାନରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ଜିଲା ଓକିଲ ସଂଘ ସମର୍ଥନ କରିବ। ପଶ୍ଚିମ ଓଡ଼ିଶାର ଯେ କୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଯେଉଁ ସମଭାବାପନ୍ନ ଓକିଲ ସଂଘ ସାମୂହିକ ଦାବି ଉପସ୍ଥାପନ କରି ଆସୁଛନ୍ତି, ସେହି ଓକିଲ ସଂଘଗୁଡିକର ମତ ସହିତ ସୁବର୍ଣ୍ଣପୁର ଜିଲାର ସମସ୍ତ ଓକିଲ ସଂଘ ସହମତ ହୋଇ ଆଗାମୀ ଦିନରେ ରାଜ୍ୟ ସରକାର ଓ ଓଡ଼ିଶା ହାଇକୋର୍ଟ ନିକଟରେ ଦାବି ଉପସ୍ଥାପନା କରିବେ। ଅନ୍ୟପକ୍ଷେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ଚାଲିଥିବା ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଆସନ୍ତା ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବୈଠକରେ ଜିଲା ଓକିଲ ସଂଘ ସମ୍ପାଦକ ଗଦାଧର ନେଗୀ, ଆଦିକନ୍ଦ ପାଣିଗ୍ରାହୀ, ସନ୍ତୋଷ କୁମାର ମେହେର, ବିପିନ ବିହାରୀ ବିଦ୍ୟାଧର, ଗୋପାଳକୃଷ୍ଣ ମିଶ୍ର, ଗୌରିଶ୍ୟାମ ପଣ୍ଡା, ବିନାୟକ ରଥ, ଇନ୍ଦ୍ରମଣି ସାହୁ, ଭଗବତୀ ପ୍ରସାଦ ମିଶ୍ର ଓ ରାଜେନ୍ଦ୍ର ଅଗ୍ରୱାଲା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ବରିଷ୍ଠ ନାଗରିକଙ୍କ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ

**ତରଭା,୧୭।୭(ଡି.ଏନ୍.ଏ.)**

ତରଭା ସହରକୁ ସବୁଜ ସୁନ୍ଦର କରିବା ଲକ୍ଷ୍ୟ ନେଇ ତରଭା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତରଭା ବରିଷ୍ଠ ନାଗରିକ କମିଟି କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ବାଘଙ୍କ ନେତୃତ୍ୱରେ ପେଟ୍ରୋଲ ପମ୍ପ ବାଇପାସ୍ ରାସ୍ତାରେ ବନ ବିଭାଗ ପକ୍ଷରୁ ଦିଆଯାଇଥିବା ୪୦ଟି ଚାରା ରୋପଣ କରାଯାଇଥିଲା। ଏପରି କି ଚାରାଗୁଡିକର ଯତ୍ନ ନେବା ପାଇଁ ବରିଷ୍ଠ ନାଗରିକଙ୍କ ପକ୍ଷରୁ ସଙ୍କଳ୍ପ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ନାଗରିକ ସଂଘର ଉପ ସଭାପତି ଜୟ କିଶୋର ସାହୁ, ସମ୍ପାଦକ ବିଚିତ୍ର ସାହୁ, ସହ ସମ୍ପାଦକ ବିଜୟ ମେହେର, କୋଷାଧ୍ୟକ୍ଷ ଧୀରେନ୍ଦ୍ର ବିଜୟ ସାହୁଙ୍କ ସହ ପରିଚାଳନା କମିଟି ସଦସ୍ୟ ଡ. ରମେଶ ପତ୍ରୀ, ପୂର୍ବତନ ନଗରପାଳ ଶୈଳେନ୍ଦ୍ର ସାହୁ, ରାଜେନ୍ଦ୍ର ପ୍ରସାଦ ମିଶ୍ର, ହରିବନ୍ଧୁ ପାଣିଗ୍ରାହୀ, ରଘୁନାଥ ସାହୁ, ଜୟ ପ୍ରକାଶ ନାରାୟଣ ସାହୁ, ମହାବୀର ମେହେର, ଉପେନ୍ଦ୍ର ପଣ୍ଡା, କୃଷ୍ଣଭକ୍ତ ନାଏକ, ମାଙ୍ଗେଲାଲ ଅଗ୍ରୱାଲ, ବୃଷଭ ଦାସ, ନିରଞ୍ଜନ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।




ବିଦ୍ୟାଳୟର କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

## ତମାଖୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ

**ସୋନପୁର,୧୭।୭(ନି.ପ୍ର.)**

ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ବିଦ୍ୟାଳୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଶ୍ରୀ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟ ପଞ୍ଚମହଲାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀଧର ବାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ଯୋଗଦେଇ ତମାଖୁର ଅପକାରିତା ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏପରି କି ବିଦ୍ୟାଳୟ ପରିସରକୁ ତମାଖୁ ମୁକ୍ତ କରିବାରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟକୁ ତମାଖୁ ମୁକ୍ତ ଘୋଷଣା କରିବା ସହ ଏକ ସ୍ୱାସ୍ଥ୍ୟ କର୍ଣ୍ଣରର ଉନ୍ମୋଚନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉଲୁଣ୍ଡା ବ୍ଲକର ଶ୍ରୀ ଗଣେଷ ଉଚ୍ଚ ବିଦ୍ୟାଳୟ ପାଇଁ ମୋ ସ୍କୁଲ ଅଭିଯାନର ସଭାପତି ବନମାଳୀ ପଣ୍ଡା, ଯକ୍ଷ୍ମା ବିଭାଗର ଜିଲା କାର୍ଯ୍ୟକ୍ରମ ସଂଯୋଜକ ସମୀର କୁମାର ସାହୁ, ଉଲୁଣ୍ଡା ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମାଝିଗୌରୀ ପାତ୍ର ଓ ଉଲୁଣ୍ଡା ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ମହେନ୍ଦ୍ର କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଲିଜା ଭୋଇ, ସୁବ୍ରତ ବାଘ ଓ ଶୁଭମ ସାହୁଙ୍କ ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇ ଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବନମାଳୀ ପଣ୍ଡା, ବି ସ୍ୱାତୀ ମୁଚନ ପାତ୍ର ଏବଂ ରୋହିତ ଦଣ୍ଡସେନା ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ଦିଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ପ୍ରଦୀପ ପୂଜାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ସମଶାଦ ଅଲ୍ଲିଙ୍କୁ ପୁରସ୍କୃତ କରୁଛନ୍ତି।

## ରେଳ କର୍ମଚାରୀ ପୁରସ୍କୃତ

**ସମ୍ବଲପୁର,୧୭।୭(ବ୍ୟୁରୋ)**

ସମ୍ବଲପୁର ରେଳମଣ୍ଡଳ ଡୁଙ୍ଗୁରିପାଲି ଷ୍ଟେଶନରେ କାର୍ଯ୍ୟରତ ଟ୍ରାକ୍ ମେଣ୍ଟେନର୍ ସମଶାଦ୍ ଅଲ୍ଲିଙ୍କୁ ପୁରସ୍କୃତ କରାଯାଇଛି। ନିରାପତ୍ତା ପ୍ରତି ସଚେତନତା ଓ କାର୍ଯ୍ୟପ୍ରତି ସମର୍ପଣ ଯୋଗୁ ସେ ଏକ ମାଲବାହୀ ଟ୍ରେନର ହଟ୍ ଆକ୍ସିଲକୁ ଚିହ୍ନଟ କରିପାରିଥିଲେ। ଫଳରେ ଏକ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥିଲା। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ତାଙ୍କୁ ପ୍ରଶଂସାପତ୍ର, ଅର୍ଥରାଶି ଦେଇ ପୁରସ୍କୃତ କରିଛନ୍ତି।

## 'ଅଞ୍ଚଳଭିତ୍ତିକ ପାରମ୍ପରିକ କୃଷିକୁ ଅଣଦେଖା ନେଇ ଗୃହରେ ଉଦ୍‌ବେଗ'

**ଭୁବନେଶ୍ୱର,୧୭।୭(ବ୍ୟୁରୋ)**

### କୃଷି ବିଭାଗୀୟ ଖର୍ଚ୍ଚଦାବି ଆଲୋଚନା

ରାଜ୍ୟରେ ୬୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। ହେଲେ ସରକାର କୃଷି ଏବଂ କୃଷକଙ୍କୁ ନେଇ ରହିଥିବା ପ୍ରକୃତ ସମସ୍ୟା ହୃଦୟଙ୍ଗମ କରିବାରେ ଅସମର୍ଥ ବୋଲି ଖର୍ଚ୍ଚଦାବି ଆଲୋଚନା ବେଳେ ଏକାଧିକ ବିରୋଧୀ ସଦସ୍ୟ ମତ ରଖିଛନ୍ତି। ଆଲୋଚନାକୁ ଆରମ୍ଭକରି ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ କହିଛନ୍ତି ଯେ, ପଦ୍ମଶ୍ରୀ ଦୈତାରୀ ନାଏକ ଖାଇବାକୁ ପାଉନାହାନ୍ତି। ଏହି ଖବର ହିଁ ରାଜ୍ୟ ସରକାରଙ୍କ ଅପାରଗତାକୁ ଦର୍ଶାଇଛି। ଗଙ୍ଗାଧର ମେହେରଙ୍କ ନାଁରେ ଜଳସେଚନ ପ୍ରକଳ୍ପ କରାଯାଇଛି, ହେଲେ ପର୍ଯ୍ୟାପ୍ତ ଅର୍ଥ ପ୍ରଦାନ କରାଯାଇନାହିଁ। ତେଣୁ ଏହା ଗଙ୍ଗାଧର ମେହେରଙ୍କ ପ୍ରତି ଅସମ୍ମାନ। ଆଳୁ ମିଶନକୁ ଆଶ୍ରା କରି ଶୀତଳଭଣ୍ଡାର କରିଥିବା ଉଦ୍ୟୋଗୀ ହନ୍ତସନ୍ତ ହେଉଛନ୍ତି। ସୂର୍ଯ୍ୟମୁଖୀ ଚାଷର ଆଦର ଥାଇ ବି ମାର୍କେଟିଙ୍ଗ ପ୍ରକ୍ରିୟା ଠିକ୍ ନାହିଁ। ଅନେକ ପାରମ୍ପରିକ କୃଷି ଅବହେଳିତ। ତୃଣମୂଳସ୍ତରରେ ନିଯୁକ୍ତ ଭିଏଲ୍‌ଡବ୍ଲ୍ୟୁ ଗ୍ରାମାଞ୍ଚଳକୁ ଗସ୍ତ କରୁନାହାନ୍ତି। ଚାଷୀ ସମ୍ବଲପୁର ଜିଲାପାଳଙ୍କୁ ଘେରାଉ କଲେଣି। ଫନୀ ପ୍ରଭାବିତ ପାନଚାଷୀଙ୍କ ବ୍ୟାପକ ଦୁରବସ୍ଥା ରହିଛି। ତେଣୁ ସରକାର ଚାଷୀଙ୍କ ହିତ ପାଇଁ ଏକ ସର୍ବଦଳୀୟ କମିଟି କରି ସ୍ୱତନ୍ତ୍ର ଆଲୋଚନା ପାଇଁ ଚେଷ୍ଟା କରନ୍ତୁ ବୋଲି ବିଷ୍ଣୁ ସେଠୀ କହିଛନ୍ତି। ତାଙ୍କ ପରେ ଶାସକ ସଭ୍ୟ ପ୍ରଫୁଲ୍ଲ ସାମଲ ଏବଂ ପ୍ରମୋଦ ମଲିକ ଖର୍ଚ୍ଚଦାବିକୁ ସମର୍ଥନ କରିଥିଲେ। ହେଲେ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ସରକାରଙ୍କୁ କଡା ସମାଲୋଚନା କରିଥିଲେ। ସନ୍ତୋଷ କହିଥିଲେ ଯେ, ଧାନ ବିକିବାକୁ ମଣ୍ଡି ନାହିଁ। ଟ୍ରାକ୍ଟରଟିଏ କିଣିବା ପାଇଁ ସର୍ବନିମ୍ନ ୫ରୁ ୬ ଲକ୍ଷ ଟଙ୍କା ଦରକାର ହୋଇଥାଏ, ହେଲେ ସରକାର ମାତ୍ର ୯୦,୦୦୦ ଟଙ୍କାର ସହାୟତା ଦେଉଛନ୍ତି। ତେଣୁ ସାଧାରଣ ଚାଷୀ କିପରି କିଣିବ ବୋଲି ସାଲୁଜା ପ୍ରଶ୍ନ କରିଛନ୍ତି। ରାଜ୍ୟର ଚାଷୀଙ୍କ ସଂଖ୍ୟା ନେଇ କୌଣସି ତାଳମେଳ ରହୁନାହିଁ ବୋଲି ସେ ଅଭିଯୋଗ କରିଥିଲେ। ଏହା ପରେ ବିରୋଧୀ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି ଯେ, ଚାଷୀ ପାଇଁ ହେଉଥିବା ବଜେଟ ପାଇଁ ରାଜ୍ୟ ସରକାର ବିଶ୍ୱବ୍ୟାଙ୍କ ଉପରେ ନିର୍ଭରଶୀଳ। ପନିପରିବା ଚାଷକୁ ପ୍ରୋତ୍ସାହନ ଦିଆଯିବା ସହ ବିଜୁଳି ସୁବିଧା ମଧ୍ୟ ଯୋଗାଇ ଦେବାର ଆବଶ୍ୟକତା ରହିଛି। ଏହା ପରେ ଶାସକ ସଭ୍ୟ ଅନନ୍ତ ଦାସ କହିଥିଲେ ଯେ, ଚାଷରେ ଜୈବିକ ସାର ପ୍ରୟୋଗକୁ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ପୂର୍ବଭଳି ଚକବନ୍ଦୀ ବ୍ୟବସ୍ଥା ପ୍ରଚଳନ କରିବା ପାଇଁ ଅନନ୍ତ ପ୍ରସ୍ତାବ ଦେଇଥିଲେ। ଏହା ପରେ ବିଜେଡି ସଭ୍ୟ ଦେବେଶ ଆଚାର୍ଯ୍ୟ ନିଜ ଅଞ୍ଚଳର କିଛି ସ୍ଥାନୀୟ ଦାବି ରଖିବା ସହ ଖର୍ଚ୍ଚଦାବି ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, ସ୍ୱତନ୍ତ୍ର କୃଷି ବଜେଟ ଉପସ୍ଥାପନ କରିଦେଲେ କିମ୍ବା ବିଭାଗର ନାମ ପରିବର୍ତ୍ତନ କରିଦେଲେ ଚାଷୀଙ୍କ ଉନ୍ନତି ହେବ ନାହିଁ। ଆଖୁ ଚାଷ ଏବଂ କଫି ଚାଷକୁ ପ୍ରୋତ୍ସାହନ ଦିଆଯାଉନାହିଁ। କୋରାପୁଟର ସ୍ଥାନୀୟ ଚାଷକୁ ଗୁରୁତ୍ୱ ଦିଆଗଲେ ଅନେକ ଲୋକ ଉପକୃତ ହୁଅନ୍ତେ। ମାଛ ପାଇଁ ଆନ୍ଧ୍ର ଉପରେ ନିର୍ଭରଶୀଳ, ହେଲେ ରାଜ୍ୟରେ ଥିବା ପୋଖରୀକୁ ମାଛ ଉତ୍ପାଦନ ନିମନ୍ତେ ବ୍ୟବହାର କରାଯାଉ ନାହିଁ ବୋଲି ତାରା କହିଥିଲେ। ଏହାପରେ ନିତ୍ୟାନନ୍ଦ ସାହୁ, ମୌଷୁଧୀ ବାଗ ଏବଂ ନବଚରଣ ମାଝି ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। କିଶୋର ଚନ୍ଦ୍ର ନାୟକ ଆଞ୍ଚଳିକ ପନିପରିବା ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ। ସ୍ୱାଧୀନ ସଭ୍ୟ ମକରନ୍ଦ ମୁଦୁଲି କୃଷି ବଜେଟ ଦ୍ୱିଗୁଣିତ କରିବା ସହ ଚାଷୀଙ୍କୁ ସବୁ ପ୍ରକାର ସହାୟତା ଦେବା ପାଇଁ ମତ ରଖିଥିଲେ। ରାୟଗଡ଼ାରେ ଏକ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପାଇଁ ଦାବି କରିବା ସହ କପାଚାଷକୁ ପ୍ରୋତ୍ସାହନ ଦେବା ପାଇଁ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ଆଲୋଚନାରେ ଭାଗ ନେଇଥିଲେ। ହେଲେ ଆଲୋଚନା ପରେ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ବକ୍ତବ୍ୟ ସରିବା ପୂର୍ବରୁ ୨ ବିରୋଧୀ ଦଳ(ଭାଜପା ଓ କଂଗ୍ରେସ) କକ୍ଷତ୍ୟାଗ କରିଥିଲେ।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଆର୍‌ଏସ୍‌ଏସ୍‌ର ଗୁରୁପୂଜନ ଉତ୍ସବ

**ଟିକ୍ରାପଡ଼,୧୭।୭(ଡି.ଏନ୍.ଏ.):** ବଲାଙ୍ଗର ଜିଲା ସଇଁନ୍ତଳା ବ୍ଲକ କରମତଲା ପଞ୍ଚାୟତ ଛନଛଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆନୁକୂଲ୍ୟରେ ଗୁରୁପୂଜନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପୁରୁଷୋତ୍ତମ ପଣ୍ଡା ସଭାରେ ସଂଯୋଜନା କରିଥିଲେ । ଗୋକୁଳ ଅଗ୍ରୱାଲ ସଭାରେ ଅଧକ୍ଷତା କରିଥିଲେ। ନାରାୟଣ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗୁରୁ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଧରଣୀଧର ରଣା ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ୧୧ କେଭି ବିଦ୍ୟୁତ୍ ତାରରେ ଲାଗି ଯୁବକଙ୍କ ମୃତ୍ୟୁ

**ଗୁଡ଼ଭେଲା,୧୭।୭(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ମଧ୍ୟମ କ୍ଷୁଦ୍ରଜଳସେଚନ ବିଭାଗ ପକ୍ଷରୁ ତୁଷୁରା ସହରସ୍ଥିତ ସୋନଗଡ଼ ନଦୀରେ ଜଳସ୍ତର ମାପୁ ଥିବାବେଳେ ୧୧ କେଭି ବିଦ୍ୟୁତ୍ ତାରରେ ଲାଗି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଗଲପୁର ବ୍ଲକ ଅଧୀନ ଗୁଡୁରୁମୁଣ୍ଡା ଗ୍ରାମର ଧୀରେନ ସାହୁ (୨୮)। ମିଳିଥିବା ସୂଚନା ମୁତାବକ, ଉପର ମୁଣ୍ଡରେ ହୋଇଥିବା ବର୍ଷା ପରିମାଣ ଆକଳନ କରିବା ପାଇଁ ଅତିରିକ୍ତ ଯନ୍ତ୍ରୀ ଖଗେଶ୍ୱର ରାଉତଙ୍କ ଉପସ୍ଥିତିରେ ବୁଧବାର ପୂର୍ବାହ୍ନ ୧୦ଟାରେ ତୁଷୁରା ସହରସ୍ଥିତ ସୋନଗଡ଼ ନଦୀରେ କେତେଜଣ ଯୁବକ କାର୍ଯ୍ୟ କରୁଥିଲେ। ସେତିକିବେଳେ ଧୀରେନ ଏକ ୨୦ଫୁଟ ଲମ୍ବର ଲୁହା ରଡରେ ନଦୀର ଜଳସ୍ତର ମାପ କରୁଥିଲେ। ହେଲେ ଲୁହା ରଡଟି ପାଖରେ ଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ କରେଣ୍ଟ ଲାଗି ଧୀରେନ ଅଚେତ ହୋଇପଡିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ତୁଷୁରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅପରାହ୍ନ ପ୍ରାୟ ୧ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତୁଷୁରା ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ହେଲେ ସନ୍ଧ୍ୟା ସାଢେ ୬ଟାରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ତୁଷୁରା ଡାକ୍ତରଖାନା ଚିକିତ୍ସା ଅଧିକାରୀ ରଞ୍ଜିତ ରାଉତଙ୍କୁ ପଚାରିବାରୁ ସେ କହିଥିଲେ ଯେ, କିଛି ଘଟଣାରେ ମୃତଦେହ ସନ୍ଧ୍ୟା ପରେ ମଧ ବ୍ୟବଚ୍ଛେଦ କରାଯାଇଥାଏ ବୋଲି କହିଥିଲେ। ଅନ୍ୟପକ୍ଷେ ଧୀରେନଙ୍କ ସ୍ତ୍ରୀ ଓ ୩ ବର୍ଷର ଶିଶୁ କନ୍ୟା ଅଛନ୍ତି। ଏନେଇ ତୁରନ୍ତ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

### ବରିଷ୍ଠ ନାଗରିକଙ୍କ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ

**ତରଭା,୧୭।୭(ଡି.ଏନ.ଏ.):** ତରଭା ସହରକୁ ସବୁଜ ସୁନ୍ଦର କରିବା ଲକ୍ଷ୍ୟ ନେଇ ତରଭା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତରଭା ବରିଷ୍ଠ ନାଗରିକ କମିଟି କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ବାଘଙ୍କ ନେତୃତ୍ୱରେ ପେଟ୍ରୋଲ ପମ୍ପ ବାଇପାସ୍ ରାସ୍ତାରେ ବନ ବିଭାଗ ପକ୍ଷରୁ ଦିଆଯାଇଥିବା ୪୦ଟି ଚାରା ରୋପଣ କରାଯାଇଥିଲା।

# ଟ୍ରେଲର ଚାପାରେ ସାଇକେଲ ଆରୋହୀ ମୃତ

## ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

**ବଲାଙ୍ଗୀର ଅଫିସ, ୧୭।୭**

ବଲାଙ୍ଗୀର-ଭବାନୀପାଟଣା ୨୬ ନମ୍ବର ଜାତୀୟ ରାଜପଥର ସିନଖମନ ଛକ ନିକଟରେ ଏକ ମାଲବୋଝେଇ ଟ୍ରେଲର ଚାପାରେ ଜଣେ ସାଇକେଲ ଆରୋହୀଙ୍କ ବୁଧବାର ମୃତ୍ୟୁ ଘଟିଥିଲା। ସେ ହେଲେ ଭାନପୁର ଗ୍ରାମର ସୁବାସ ମାଝି। ମିଳିଥିବା ସୂଚନା ମୁତାବକ, ସୁବାସ ଘରୁ ସାଇକେଲ ଧରି କୌଣସି ଏକ କାମରେ ଯାଉଥିଲେ। ହେଲେ ସିନଖମନ ପୋଲ ଉପରେ ପଛପଟୁ ଆସୁଥିବା ଏକ ମାଲ ବୋଝେଇ ଟ୍ରେଲର ଭାରସାମ୍ୟ ହରାଇ ସାଇକେଲକୁ ଧକ୍କା ଦେଇ ପୋଲ ତଳକୁ ଖସି ପଡିଥିଲା। ଫଳରେ ସୁବାସ ଟ୍ରଲର ତଳେ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ଦୀର୍ଘ ସମୟ ଧରି ସୁବାସଙ୍କ ମୃତଦେହ ଉଦ୍ଧାର ହୋଇପାରି ନ ଥିଲା। ଏନେଇ ସିନ୍‌ଖମନ ଛକରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା । ଏପରି କି ଆନ୍ଦୋଳନକାରୀମାନେ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ସହ ବେପରୁଆ ଗାଡି ଚାଳନା ବନ୍ଦ କରିବାକୁ ଦାବି କରିଥିଲେ। ପୂର୍ବାହ୍ନ ୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଚାଲିଥିଲା। ସଦର ଥାନା ପୋଲିସ ଓ ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ରାସ୍ତାରୋକୋ ପ୍ରତ୍ୟାହାର କରାଯାଇଥିଲା ।



ସିନ୍‌ଖମନ ରାସ୍ତାରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରୁଛନ୍ତି।

### ନୌସେନାର ଜାହାଜ ଭିଆଇପିଙ୍କ ସୁରକ୍ଷାରେ ମୁତୟନ ପ୍ରସଙ୍ଗ

# ‘ଅଭିଯୋଗର କୌଣସି ଭିତ୍ତି ନାହିଁ’

**ବଲାଙ୍ଗୀର ଅଫିସ, ୧୭।୭**

ଭାରତୀୟ ନୌସେନାର ବିମାନବାହୀ ଜାହାଜ ଆଇଏନ୍‌ଏସ୍ ବିରାଟ ସହିତ ଅନ୍ୟ ସମସ୍ତ ଜାହାଜଗୁଡିକର ମୁତୟନ ଭିଆଇପିଙ୍କ ସୁରକ୍ଷା ପାଇଁ କରାଯାଏ ନାହିଁ ବୋଲି ଭାରତୀୟ ସେନାର ସମନ୍ୱିତ ମୁଖ୍ୟାଳୟରୁ ସୂଚନା ଅଧିକାର ଆଇନ ବଳରେ ସୂଚନା ମିଳିଥିବା ଜଣାପଡିଛି। ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ମିଳିଥିବା ସୂଚନାରୁ ଏହା ଜଣାପଡିଛି। ଗତ ନିର୍ବାଚନ ପ୍ରଚାର ସମୟରେ ଏକ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୌସେନାର ବିମାନବାହୀ ଜାହାଜ ଆଇଏନ୍‌ଏସ୍ ବିରାଟକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ନିଜ ପରିବାରର ଛୁଟି କାଟିବା ପାଇଁ ବ୍ୟବହାର କରିଥିଲେ ବୋଲି ଅଭିଯୋଗ କରିବା ପରେ ସମଗ୍ର ଦେଶରେ ଏହାକୁ ନେଇ ଜୋର୍‌ଦାର ଚର୍ଚ୍ଚା ହୋଇଥିଲା । ଏପରି କି ଦେଶର ନିରାପତ୍ତା ସହିତ ଉପହାସ କରାଯାଇଥିବା କଥା ମଧ ଅଭିଯୋଗ ହୋଇଥିଲା। ଏହା ଏକ ଗୁରୁତର ବିଷୟ ହୋଇଥିବାରୁ ସୂଚନା କର୍ମୀ ପଣ୍ଡା ଏହାର ସତ୍ୟାସତ୍ୟ ନେଇ ଭାରତୀୟ ସେନାର ସମନ୍ୱିତ ମୁଖ୍ୟାଳୟସ୍ଥିତ ନୌସେନା କାର୍ଯ୍ୟାଳୟକୁ ଆଇଏନ୍‌ଏସ୍ ବିରାଟ ସହିତ ଆଏନ୍‌ଏସ୍ ଭିକ୍ରମାଦିତ୍ୟ ଜାହାଜ ଏବଂ ଅନ୍ୟ ଜାହାଜଗୁଡିକର ମୁତୟନ ସମ୍ପର୍କୀୟ ସମସ୍ତ ତଥ୍ୟ ଏବଂ କେଉଁ କେଉଁ ଭିଆଇପିଙ୍କ କାର୍ଯ୍ୟରେ ନୌସେନା ଜାହାଜଗୁଡିକୁ କେବେ ବ୍ୟବହାର କରାଯାଇଛି ଏହି ସମ୍ପର୍କରେ ସବିଶେଷ ତଥ୍ୟ ମାଗିଥିଲେ । ନୌସେନା ପକ୍ଷରୁ ଦିଆଯାଇଥିବା ତଥ୍ୟରେ ଆଇଏନ୍‌ଏସ୍ ବିରାଟକୁ ୨୦୧୭ ମାର୍ଚ୍ଚ ୬ ତାରିଖରେ ସେବାରୁ ପ୍ରତ୍ୟାହାର କରାଯାଇଥିବା ତଥ୍ୟ ପ୍ରଦାନ କରାଯାଇଥିବା ବେଳେ ମୁତୟନ କୌଣସି ଜାହାଜକୁ ଦେଶର ଭିଆଇପିଙ୍କ ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇଥିବା ତଥ୍ୟ ସମ୍ପୃକ୍ତ ବିଭାଗରେ ନାହିଁ ବୋଲି ତଥ୍ୟ ପ୍ରଦାନ କରିଥିବା ଜଣାଇଛନ୍ତି । ଏହା ସହ ଆଇଏନ୍‌ଏସ୍ ବିରାଟକୁ ଭାରତ ମହାସାଗର ଅଞ୍ଚଳରେ ମୁତୟନ କରାଯାଇଥିଲା ବୋଲି ସୂଚନା ପ୍ରଦାନ କରାଯାଇଛି। ଏନେଇ ସୂଚନା କର୍ମୀ ପଣ୍ଡା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ତରଭା ଶିଶୁମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ

**ତରଭା,୧୭।୭(ଡି.ଏନ.ଏ.)**

ତରଭା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ଭଉଣୀ ପ୍ରତିକ୍ଷା ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଗୁରୁ-ଶିଷ୍ୟଙ୍କ ମଧୁର ସମ୍ପର୍କକୁ ମନେ ପକାଇବା ଉଦ୍ଦେଶ୍ୟରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳନ କରାଯାଉଥିବା କାନ୍ହା ଗୁରୁଜୀ, ବାବୁଲୁ ଗୁରୁଜୀ ଓ ଆଶୁତୋଷ ଗୁରୁଜୀ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ସୁରେଶ ଗୁରୁଜୀ ସଂଯୋଜନା କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଶିଶୁ ଭାଇ ଭଉଣୀ ଓ ସେବକ ସେବିକା ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

**ବେଲପଡ଼ା,୧୭।୭(ଡି.ଏନ.ଏ.)**

ବେଲପଡ଼ା ବ୍ଲକରେ ବୁଧବାର ମଣ୍ଡଳ, ଧୁମାଭଟା, ଯୁବା ପଞ୍ଚାୟତର ୩୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି ଅବସରରେ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚଙ୍କ ଉପସ୍ଥିତିରେ ବେଲପଡ଼ା ବିଡିଓ ବିଜୟ କୁମାର ହୋତା, ବ୍ଲକ ଅଧକ୍ଷା ବୈଜନ୍ତୀ ପାଣିଗ୍ରାହୀ, ବିଧାୟକଙ୍କ ପ୍ରତିନିଧି ଦୁର୍ଯ୍ୟୋଧନ କୁମ୍ଭାର ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ବିଧାୟକଙ୍କ ପ୍ରତିନିଧି କୁମ୍ଭାର ୪ମାସ ମଧରେ କାମ ସମ୍ପୂର୍ଣ୍ଣ କରି ସରକାରଙ୍କ ଦ୍ୱାରା ପ୍ରଦତ୍ତ ୨୦ହଜାର ଟଙ୍କା ଲାଭ ଉଠାଇବାକୁ ହିତାଧିକାରୀଙ୍କୁ କହିଥିଲେ। ଏପରିକି କାହାରିକୁ ଲାଞ୍ଚ ନ ହେବାକୁ ହିତାଧିକାରୀଙ୍କୁ ଜଣାଇଥିଲେ।



ଅତିଥିମାନେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

## ବୀମା ସମ୍ପର୍କିତ ସୂଚନାରୁ ବଞ୍ଚିତ ଚାଷୀ

**ଦେଓଗାଁ,୧୭।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ପ୍ରାୟ ଚାଷୀ ଗତ ବର୍ଷ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ପଞ୍ଚାୟତ ଏବଂ ଜନସେବାକେନ୍ଦ୍ରରେ ଅନଲାଇନରେ ଚାଷ ଜମିକୁ ବୀମାଭୁକ୍ତ କରାଇଥିଲେ। ଚଳିତ ବର୍ଷ ସରକାର କୃଷି ବିଭାଗର ରିପୋର୍ଟକୁ ଆଧାର କରି ବିଭିନ୍ନ ପଞ୍ଚାୟତକୁ ମରୁଡି ଘୋଷଣା କରିଥିଲେ । ମରୁଡି ଘୋଷିତ ପଞ୍ଚାୟତର ଚାଷୀମାନେ ବୀମାରାଶି ପାଇବାକୁ ନେଇ ବେଶ୍ ଆଶାବାଦୀ ରହିଥିବା ବୀମା ରାଶି ସମ୍ପର୍କରେ କୌଣସି ସୂଚନା ନ ପାଇ ଚାଷୀମାନେ ସମ୍ପୂର୍ଣ୍ଣ ଅନ୍ଧାର ରହିଥିବା ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ କିଛି ଦିନ ହେଲା କେତେକ ଦଲାଲ ଗାଁକୁ ଆସି ଚାଷୀଙ୍କ ତାଲିକା ଧରି ସମ୍ପୃକ୍ତ ବୀମାଭୁକ୍ତ ଚାଷୀଙ୍କୁ ବୀମାରାଶିର ୩୦ ପ୍ରତିଶତ ଟଙ୍କା ଅଗ୍ରିମ ଦେଲେ ଆକାଉଣ୍ଟକୁ ବୀମା ଟଙ୍କା ପଠାଯିବ ବୋଲି କହୁଥିବା ସିଂହାମୁଣ୍ଡା, ଦେଷଣ୍ଡ ଆଦି ପଞ୍ଚାୟତର ଚାଷୀମାନେ ଅଭିଯୋଗ କରିଛନ୍ତି। ଏଠାରେ ପ୍ରଶ୍ନଉଠୁଛି, ଦଲାଲମାନେ ଚାଷୀଙ୍କ ତାଲିକା କେଉଁଠୁ ପାଉଛନ୍ତି ଓ କାହାର ନିର୍ଦ୍ଦେଶରେ ଟଙ୍କା ଆଦାୟ କରୁଛନ୍ତି ତାହା ତଦନ୍ତ ସାପେକ୍ଷ । ସମ୍ପୃକ୍ତ କମ୍ପାନୀ କର୍ମଚାରୀ ତଥା ଏକ ର୍‍ୟାକେଟ କାମ କରୁଥିବା ଚାଷୀ ମହଲରେ ଅଭିଯୋଗ ହେଉଛି । ଏ ନେଇ ଦେଓଗାଁ ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ କୁମାର ନାଏକଙ୍କୁ ପଚାରିବାରୁ ବୀମା ସମ୍ପର୍କରେ କୌଣସି ସୂଚନା କାର୍ଯ୍ୟାଳୟକୁ ଆସି ନାହିଁ । ଅନ୍ୟପକ୍ଷେ ଚାଷୀମାନେ କୌଣସି ଦଲାଲଙ୍କ କଥାରେ ନ ପଡି ସଚେତନ ହେବାକୁ ପରାମର୍ଶ ଦେଇଥିଲେ।

## ପଢ଼ିବାକୁ ଯାଇ ଦଶମ ଶ୍ରେଣୀ ଛାତ୍ରୀ ଫେରାର

**ଦେଓଗାଁ,୧୭।୭(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଜରାସିଂହାର ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀ ସ୍କୁଲକୁ ପଢିବାକୁ ଯାଇ ଫେରାର ହୋଇଯାଇଥିବା ନେଇ ଦେଓଗାଁ ଥାନାରେ ବୁଧବାର ଏକ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ନାବାଳିକା ଛାତ୍ରୀ ଜଣକ ମଙ୍ଗଳବାର ସ୍ଥାନୀୟ ହାଇସ୍କୁଲକୁ ପଢ଼ିବାକୁ ଆସିଥିଲେ। ଅପରାହ୍ନରେ କିଛି ସମୟ ସ୍କୁଲ ଗେଟ୍ ଖୋଲା ହୋଇଥିଲା। ସେତିକିବେଳେ କାହାକୁ ନ ଜଣାଇ ଛାତ୍ରୀ ଜଣକ କୁଆଡେ ଫେରାର ହୋଇଯାଇଥିଲେ। ଏହା ଜାଣି ପ୍ରଧାନ ଶିକ୍ଷକ ନାବାଳିକା ଛାତ୍ରୀଙ୍କ ବାପାଙ୍କୁ ସ୍କୁଲକୁ ଡକାଇ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଛାତ୍ରୀଙ୍କୁ ଖୋଜାଖୋଜି କରାଯାଇଥିଲା। ହେଲେ ଛାତ୍ରୀଙ୍କ କୌଣସି ପତ୍ତା ମିଳି ନ ଥିଲା। ଏନେଇ ଦେଓଗାଁ ଥାନାରେ ଛାତ୍ରୀଙ୍କ ବାପା ଓ ହାଇସ୍କୁଲର ପ୍ରଧାନ ଶିକ୍ଷକ ଲିଖିତ ଭାବେ ଏକ ଅଭିଯୋଗ କରିଥିଲେ। ପରିବାର ଲୋକଙ୍କ କହିବା ମୁତାବକ, ଯୁବକ ଜଣକ ଜରାସିଂହାରେ କିଛି ମାସହେଲା ଏକ ଚା ଦୋକାନ କରିଛନ୍ତି। ଯୁବକ ଜଣକ ତାଙ୍କ ଝିଅଙ୍କ ପଛରେ ପଡିଥିଲେ। ସମ୍ପୃକ୍ତ ଯୁବକ ଜଣକ ତାଙ୍କ ଝିଅକୁ ଅପହରଣ କରି ନେଇଥିବା ପରିବାର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ତୁରନ୍ତ ପୋଲିସ ପ୍ରଶାସନ ନାବାଳିକ ଝିଅଙ୍କୁ ଉଦ୍ଧାର କରିବାକୁ ପରିବାର ଲୋକେ ନିବେଦନ କରିଛନ୍ତି। ପ୍ରକାଶଯେ, କିଛି ମାସ ତଳେ ସ୍ଥାନୀୟ କଲେଜକୁ ପଢିବାକୁ ଯାଇ ଅନ୍ୟ ଜଣେ ଛାତ୍ରୀ ଫେରାର ହୋଇଯାଇଥିଲେ। ପରେ ଛାତ୍ରୀ ଜଣକ ଯୁବକକୁ ପ୍ରେମ ବିବାହ କରି ଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିଲା ।




ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିରରେ ଉପସ୍ଥିତ ଅତିଥିମାନେ।

## ଦକ୍ଷତା ବୃଦ୍ଧି ତାଲିମ ଶିବିର

**ଖପ୍ରାଖୋଲ,୧୭।୭(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ୱାଇସିଡିଏ ଏବଂ ନାବାର୍ଡର ମିଳିତ ଉଦ୍ୟମରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୱାଇସିଡିଏ ପ୍ରୋଗ୍ରାମ ମ୍ୟାନେଜର ଅଜିତ ବସ୍ତିଆ ଅଧକ୍ଷତା କରିଥିବା ବେଳେ ତାଲିମ ଦାତା ଭାବେ ନାବାର୍ଡ ଏଜିଏମ୍ ଲକ୍ଷ୍ମଣ ସାଏ, ଧଣ୍ଡାମୁଣ୍ଡା ୟୁଜିବି ମ୍ୟାନେଜର ରଜରାଜ ପାଣିଗ୍ରାହୀ, ବିଏଲ୍‌ସି ପ୍ରଶାନ୍ତ ନନ୍ଦ, ମାଖୁନୁ ଷାଣ୍ଡ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଶିବିରରେ ଖପ୍ରାଖୋଲ ବିଡିଓ ତରଣୀ ସୁନା, ଜିପିଇଓ ସୁଶାନ୍ତ ପାଣି, ଏପିଓ ପୁଷ୍ପାଞ୍ଜଳୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ଏବଂ ସ୍ୱୟଂ ସହାୟକ ଦଳର ଭୂମିକା ଉପରେ ଆଲୋକପାତ କରିଥିଲେ। ହେମବତୀ ନନ୍ଦନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଦାନନ୍ଦ ବାଗ, ଉମେଶ ଗୁପ୍ତା, ଭୋଜରାଜ ବରିହାଙ୍କ ସମେତ ୪୦ଟି ସ୍ୱୟଂ ସହାୟକ ଦଳର ୭୨ଜଣ ମହିଳା ଯୋଗ ଦେଇଥିଲେ।

## କୋଶଳ କଳାମଣ୍ଡପରେ ସଫେଇ କାର୍ଯ୍ୟକ୍ରମ

**ବଲାଙ୍ଗୀର ଅଫିସ, ୧୭।୭**

ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ସ୍ଥାନୀୟ କୋଶଳ କଳାମଣ୍ଡପ ପଡ଼ିଆରେ ବୁଧବାର ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକାରୀ ସଭ୍ୟ ଗୋପଭୂଷଣ ନାଥ, ମନୋରଞ୍ଜନ ପୁରୋହିତଙ୍କ ଉଦ୍ୟମ କ୍ରମେ କମିଟି ସଦସ୍ୟମାନେ ପଡ଼ିଆରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବଲାଙ୍ଗୀର ଜିଲାପାଳ ଅରବିନ୍ଦ ଡାକୁଆ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ ଉପସ୍ଥିତ ରହି କମିଟି ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ଉପସଭାପତି ନିତ୍ୟାନନ୍ଦ ମିଶ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ନରେଶ କୁମାର ଦାସ, ପର୍ଶୁରାମ ନାଏକ, ଛବିଲାଲ ବେହେରା, ଗୋପ ପୁରୋହିତ, ବରିଷ୍ଠ ସଭ୍ୟ ଦୁର୍ଗାମାଧବ ହୋତା, ଇଂ କିଶୋର ମିଶ୍ର, ଡ. ଚକ୍ରପାଣି ଦାସ, ବ୍ରଜରାଜ ପୁରୋହିତ, ଇନ୍ଦ୍ରମଣି ରଥ, ଶୁଭେନ୍ଦୁ ତ୍ରିପାଠୀ, ବାଦଲ ମହାକୁର, ମନୋରଞ୍ଜନ ଦେହୁରିଆଙ୍କ ସହ ଅନ୍ୟ ସଭ୍ୟମାନେ ଅଂଶଗ୍ରହଣ କରିଥିଲେ।



କୋଶଳ କଳାମଣ୍ଡପ ପଡ଼ିଆରେ ସଫେଇ କାର୍ଯ୍ୟକ୍ରମ କରାଯାଉଛି।

### ଆପ୍‌ନେ ଆର ପୁଓ ଆରପାରେ

# ନିଜର ଭାଏଗ୍‌କେ ନିନ୍ଦୁଁଛନ୍ ଶାଶ୍ ବହ

**ଲୋଇସିଂହା,୧୭।୭ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ ବାଦିବାହାଲ ଗାଁର ବୁରୁଧ୍ ବିଧବା ସଖୀ ମେହେର। ବଛରେ ଭିତରେ ସେ ପୁଓ ଆର ଆପ୍‌ନେକେ ହରେଇଛନ୍। ଏହେଦେ ଘରେ ନିସାହା ବିଧବା ବହ ଆର ୩ ବଛର୍‌ର ନାତି ରହିଛନ୍। ଇଆଡ଼େ ଖାଏଦ୍ ପାଏନ୍ ଅଭାବୁ ନାତିର ଦିହିପା ଠିକ୍ ନାଇଁ ରହିବାର। ଟଁକ ପଏସା ଅଭାବୁ ସେମାନେ ଛୁଆର ଚିକିତ୍ସା ବି କରେଇ ନାଇଁ ପାରବାର। ଇଥିରଲାଗି ଥାନୀୟ ଜନପରତିନିଧି ଆର ବ୍ଲକ ପରଶାସନର ଉଦାସୀନତା ଦାଇ ବଲି ଗାଁର ପୁରଖା ଲୋକ୍ ତପି ଭୋଇ ଆର ଉନିଆମାନେ ଅଭିଯୋଗ କରିଛନ୍।

ବାଦିବାହାଲ ସଦର ଗାଁର ମେହେରପଡ଼ାରେ ସଖୀ ମେହେରକଁର ଘର। ଏହେଦେ ବହୁ ପୁଷ୍ପକାନ୍ତୀ ଆର ନାତି ଚନ୍ଦ୍ରକାନ୍ତଙ୍କୁ ନେଇ ସଖୀକଁର ସଁସାର। ପୁଓ ପ୍ରଭୁଦତ୍ତ ମଜୁରି କରି ଟଁକା ରୁଜଗାର କରୁଥିଲେ। ସେନ୍‌ତା ଆପ୍‌ନେ କଷ୍ଟ ମେହେର ରାକ୍ଷୀ ତିଆରି ଗାଁ ଗାଁ ବିକି ଦୁଇ ପଏସା କମଉଥିଲେ। ହେଲେ ୩ ବଛର ତଲେ କଷ୍ଟ ପକ୍ଷାଘାତ ରୋଗ୍‌ରେ ପଡ଼ଲେ। ଇ ସମିଆରେ ପୁଓ ପ୍ରଭୁଦତ୍ତର ଗୁଟେ ପୁଓ ହେଲା। ହେଲେ ଛୁଆଟା ଜନ୍‌ମୁ ଦୁରବଲିଆ ଥିଲା। ଇଆଡ଼େ ଅଭାବ ଅନାଟନ ଲାଗି ବାପା ଆର ପୁଓର ଚିକିତ୍ସା କରେଇ ନାଇଁପାରି ପ୍ରଭୁଦତ୍ତ ସବୁବେଲେ ମାନସିକ୍ ଚାପ୍‌ରେ ରହୁଥିଲେ। ଏନ୍‌ତା ଘଡ଼ିସଁଧି ସମିଆରେ କେହେନ୍‌ସି କାରନ୍‌ରୁ ପ୍ରଭୁଦତ୍ତକଁର ମୁର୍‌ତୁ ହେଲା। ପରିବାରଟା ଦୁଖରେ ଭାଂଗି ପଡ଼ଲେ। ସେନ୍‌ତା ଗଲା ୩ ମାସ ତଲେ ପକ୍ଷାଘାତରେ ପୀଡ଼ିତ କଷ୍ଟ ବି ଆଏଁଖ୍ ମୁଜିଦେଲେ। ଏହେଦେ ୩ ବଛର୍‌ର ଛୁଆ ଚନ୍ଦ୍ରକାନ୍ତକେ ନେଇ ଶାଶ୍ ବହ ବଡ଼ା ଗୁଲ୍‌ଗୁଲା ହେଇ ଦିନ୍ ବିତଉଛନ୍। ବାପ୍‌ପୁଓକଁର ଚାଲିଗଲା ଉତାରୁ ପରିବାରଟା ପଁଚେତ୍‌ରୁ ପାଉଥିବାର ଚାଉଲ୍ କୁଟା ବି କମିଯାଇଛେ। ଏହେଦେ ଇ ଦୁଖି ପରିବାର ପଁଚେତ୍‌ରୁ ମାସିକ ୧୦ କେଜି ଚାଉଲ ପାଉଥିଲାବେଲେ ସଖୀ ୫ଶହ ଟଁକା ଭତା ପାଉଛନ୍। ହେଲେ ଆଏଜ୍‌କାଲି ଏତ୍‌କିରେ ଗୁଟେ ପରିବାର ମାସେ ଚଲବାରଟା ସମ୍‌ଭବ ନୁହେ। ଇଆଡ଼େ ପ୍ରଭୁଦତ୍ତକଁର ମୁର୍‌ତୁକେ ବଛରେ ବିତିଯାଇଥିଲେ ବି ପୁଷ୍ପକାନ୍ତୀ ବିଧବା ଭତା ଆର ପରିବାର ମଙ୍ଗଲ ଯୋଜନାର ସାହାଯ୍ ଟଁକା ପାଏବାରୁ ବଁଚିତ୍ ହେଇ ରହିଛନ୍। ଇ ବାବ୍‌ଦେ ଥାନୀୟ ସରପଁଚ୍‌କୁଁ ପଚରାଲାରୁ ସବୁ କାଗଜପତର ବ୍ଲକରେ ଦାଖଲ କରାଯାଇଛେ ବଲି ସେ କହିଥିଲେ। ସେନ୍‌ତା ଲୋଇସିଂହା ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ପଚରାଲାରୁ ଯଦି ପରିବାର ମଙ୍ଗଲ ଯୋଜନାରେ ସେ ଆବେଦନ କରିଥିବେ ତ ନିହାତି ସାହାଯ୍ ପାଏବେ। ତାକର ବିଧବା ଭତା କେନ୍‌ଠାନେ ଅଟ୍‌କିଛେ ପତ୍‌ରେଇ ବୁଝୁନ୍। ବ୍ଲକ ପରଶାସନ ତରଫୁ ଆର କେନ୍‌ପରକାର ସାହାଯ୍ ଦିଆଯାଇପାରବା ସେଟା କହେଲେ ସେ ଦିଗେ ବି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।

### ସରକାରୀ ସାହାଯ୍ୟକେ ଆଶ୍



ନାତି ଚନ୍ଦ୍ରକାନ୍ତ, ବହ ପୁଷ୍ପକାନ୍ତୀର ସଂଗେ ସଖୀ ।



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।
- ରବର୍ଟ ବର୍ଟନ



**ସଂକ୍ଷେପରେ**

## ପ୍ରତିଭା ଅନୁଷ୍ଠାନ ପକ୍ଷରୁ ଗୁରୁପୂର୍ଣ୍ଣିମା ପର୍ବ ପାଳିତ

**ଭବାନୀପାଟଣା,୧୭।୭(ଡି.ଏନ.ଏ.)**- ସ୍ଥାନୀୟ ପ୍ରତିଭା ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ପବିତ୍ର ଗୁରୁପୂର୍ଣ୍ଣିମା ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ କଳାହାଣ୍ଡି ଜିଲାର ଦୁଇ ଜଣ ବର୍ଷିୟାନ୍ ଗୁରୁଙ୍କୁ 'ଗୁରୁଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ଭୀମସେନ ସାହୁ ଓ ଗୁରୁ ଲୋକନାଥ ଖୁଣ୍ଟିଆଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ପୂର୍ଣ୍ଣିମା ଅବସରରେ ପ୍ରତିଭା ଅନୁଷ୍ଠାନର ସମ୍ପାଦକ ଚିଣ୍ଟୁ ପ୍ରସାଦ ନାଏକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସଭାପତି ଦେବେଶ କୁମାର ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନ ସଭ୍ୟସଭ୍ୟା ତାପସ କୁମାର ପଟେଲ, ତରୁଣ ଦୁର୍ଗା, ଗୌରି ଦୁର୍ଗା, ଶୁଭମ ପ୍ରଧାନ, ନମିତା ମିଶ୍ର, ଜାଜ୍ଞସେନୀ ନାଏକ, ସ୍ନିଗ୍ଧା ମହାଣୀ, ଜ୍ୟୋତିପ୍ରଭା ମହାନ୍ତି ଭାର୍ଗବୀ ତ୍ରିପାଠୀଙ୍କ ସମେତ ଅନେକ କଳାକାର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଶେଷରେ ଅନୁଷ୍ଠାନ ସାଂସ୍କୃତିକ ସମ୍ପାଦକ ନିଳାଞ୍ଚଳ ପାନ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରୀଡାବିତ୍ ଡ. ମନୋରଞ୍ଜନ ମିଶ୍ରଙ୍କ ବିୟୋଗରେ ଶୋକ

ଭବାନୀପାଟଣା,୧୭।୭(ଡି.ଏନ.ଏ.) ବିଶିଷ୍ଟ କ୍ରୀଡା ସଙ୍ଗଠକ ତଥା କଳାହାଣ୍ଡି କ୍ରୀଡା ସଂସ୍ଥାର ପୂର୍ବତନ ଉପସଭାପତି ଡ. ମନୋରଞ୍ଜନ ମିଶ୍ର(୭୩)ଙ୍କ ଭବାନୀପାଟଣାସ୍ଥିତ ତାଙ୍କ ବାସଭବନରେ ଗତ ୧୪ ତାରିଖ ସକାଳ ୯ଟାରେ ପରଲୋକ ଘଟିଛି। କ୍ରୀଡାସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡିଶା ଆଥେଲେଟିକ୍ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ଶୋକସଭା ଲାଲବାହାଦୁର ଶାସ୍ତ୍ରୀଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇ ଦିବଙ୍ଗତ ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ମିଶ୍ର ବହୁ ବର୍ଷ ଧରି କ୍ରିକେଟ ଖେଳିବା ସହ କ୍ରିକେଟର ଅମ୍ପେୟାରିଂ ମଧ କରୁଥିଲେ। ତାଙ୍କର ବିୟୋଗରେ ଜିଲାର ଏକ ଅପୂରଣୀୟ କ୍ଷତି ଘଟିଲା ବୋଲି ମତ ପ୍ରକାଶପାଇଥିଲା। ଏହି ଶୋକ ସଭାରେ ଅନୁଷ୍ଠାନ ଉପସଭାପତି ସୁରେନ୍ଦ୍ରନାଥ ତ୍ରିପାଠୀ, ଯୁଗ୍ମସମ୍ପାଦକ ସୁନିଲ କୁମାର ବେହେରା, ଶମ୍ଭୁପ୍ରସାଦ ରାଉତ, ଧୀରେନ ପଟ୍ଟନାୟକ, ଚକ୍ର ସେଠୀ, ଅଶୋକ ପଟ୍ଟନାୟକ, ସନ୍ତ ସିଂ, ବିଶିଷ୍ଟ କ୍ରିକେଟର ପଙ୍କଜ ପଟ୍ଟନୟାକ, ଝୁନୁ ପଣ୍ଡା, ଅଜୟ ପଟ୍ଟନାୟକ, ବିପିନ ମିଶ୍ର, ଅବ୍ଦୁଲ କାଦର, ନିର୍ମଳ ସିଂ, କାଳି ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଫସଲ ବୀମା ପ୍ରଦାନ ଦାବି

# ଚାଷୀ ଉପ ଜିଲାପାଳଙ୍କ ଦ୍ୱାରସ୍ଥ

■ ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ

**ଧର୍ମଗଡ,୧୭।୭ (ଡି.ଏନ.ଏ.)**



ଧର୍ମଗଡ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଚାଷୀମାନେ।

ଫସଲ ବୀମା ପ୍ରଦାନ ଦାବିରେ ଚାଷୀମାନେ ବୁଧବାର ଧର୍ମଗଡ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି । କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ଦଣ୍ଡପାଟ ଅଞ୍ଚଳରେ ଗତ ୨୦୧୮ରେ ବର୍ଷା ଅଭାବରୁ ଫସଲ ନଷ୍ଟ ହୋଇ ମରୁଡି ଦେଖାଦେଇଥିଲା। ଏଥିରେ ୭ଟି ଗ୍ରାମପଞ୍ଚାୟତ ଯଥା ବେହେରା, ଜୟନ୍ତପୁର, କଦଳୀମୁଣ୍ଡା, ତେଣ୍ଡାପାଲି, ଜୟନ୍ତପୁର, ଦହଗାଁ ଓ ଛଞ୍ଚାଣବାହିଲି ପଞ୍ଚାୟତ ବହୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ସେତେବେଳେ ସରକାରଙ୍କ ତରଫରୁ ଆକଳନ କରାଯାଇ ୮୦ ପ୍ରତିଶତ ମରୁଡି ଘୋଷଣା ହୋଇଥିଲା ଏବଂ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ଇତିମଧ୍ୟରେ ଦୀର୍ଘ ଦିନ ବିତିଯାଇଥିଲେ ମଧ ବୀମା ଟଙ୍କା ଆଜି ଯାଏ ମିଳିନାହିଁ। ଏ ସମ୍ପର୍କରେ ଚାଷୀମାନେ ବାରମ୍ବାର ପ୍ରଶାସନ ପାଖକୁ ଦୌଡି ଥିଲେ ସୁଦ୍ଧା କୌଣସି ସୁଫଳ ପାଇନାହାନ୍ତି । ଏହାକୁ ନେଇ ବୁଧବାର ପୁଣି ଚାଷୀମାନେ ଧର୍ମଗଡ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏହି ଅବସରରେ ଚାଷୀମାନେ ଏକ ଦାବିପତ୍ର ପ୍ରଦାନ କରିଛି । ଏହାର ଏକ ନକଲ କଳାହାଣ୍ଡି ଜିଲାପାଳ, କୃଷି ନିର୍ଦ୍ଦେଶକ, କୃଷୀମନ୍ତ୍ରୀଙ୍କୁ ମଧ୍ୟ ପ୍ରଦାନ କରିଥିବା ଜଣାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, କାଳିଆ ଯୋଜନାରେ ଟଙ୍କା ପାଇ ନ ଥିବା ଚାଷୀମାନଙ୍କୁ ତୁରନ୍ତ ଏ ଯୋଜନାରେ ସାମିଲ କରିବା, ୨୦୧୮ରେ ରାଜସ୍ୱ ବିଭାଗ ତରଫରୁ ଘୋଷଣା ହୋଇଥିବା ଇନପୁଟ ସବସିଡିର ସମସ୍ତ ଶତପ୍ରତିଶତ ଅର୍ଥ ତୁରନ୍ତ ପ୍ରଦାନ କରିବା, ପର୍ଲା ରାଜସ୍ୱ ମଣ୍ଡଳରେ ପୂର୍ବରୁ ଥିବା ପ୍ରସ୍ତାବିତ ସହକାରୀ କୃଷୀ ଅଧୀକାରୀଙ୍କ କାର୍ଯ୍ୟାଳୟ ସ୍ଥାପନ କରିବା, ଏହି ସମସ୍ତ ପଞ୍ଚାୟତର ଚାଷୀମାନଙ୍କ କୃଷିଋଣ ଛାଡ କରିବା, ପ୍ରଧାନମନ୍ତ୍ରୀ ଫସଲ ବିମା ଯୋଜନାରେ ବାକିଥିବା ସମସ୍ତ ଏମଏନଆରଇଜିଏ ଟଙ୍କା ତୁରନ୍ତ ପ୍ରଦାନ କରିବା, ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଉଚ୍ଛେଦ କରାଯାଇ ବୀମା ଟଙ୍କାକୁ କମ୍ପାନୀକୁ ନ ଦେଇ ସରକାର ନିଜେ ପରିଚାଳନା କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି।



ବାହ୍ୟ ମଳମୁକ୍ତ ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ଶପଥପାଠ କରାଯାଉଛି ।

## କର୍ଲାପଡ଼ାରେ ବାହ୍ୟ ମଳମୁକ୍ତ ସଚେତନତା ଅଭିଯାନ

**ଭବାନୀପାଟଣା,୧୭।୭(ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ବିମ୍ବାଧର ନୋଡାଲ ଉଚ୍ଚ ବିଦ୍ୟାଳୟ କର୍ଲାପଡାଠାରେ ବାହ୍ୟ ମଳମୁକ୍ତ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବାଦହୂର ସାଗରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ସୁବଳ ଚନ୍ଦ୍ର ପଧାନ, ସୁରେନ୍ଦ୍ର କୁମାର ନାଗ, ସୁଶାନ୍ତ ପ୍ରଧାନ, ତରୁଣ କୁମାର ମହାରଣା, ସୁକାନ୍ତି ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ଲାକାର୍ଡ ଧରି ଗାଁ ପରିକ୍ରମା କରି ସଚେତନା ରାଲି କରିଥିଲେ। ଗ୍ରାମର ପ୍ରତ୍ୟେକ ପରିବାରକୁ ଶୌଚାଳୟ ବ୍ୟବହାର କରିବା ପାଇଁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବୈଦ୍ୟନାଥ ପ୍ରଧାନ, ବ୍ରଜ କିଶୋର ପଧାନ ପ୍ରମୁଖ ସହଯୋଗ କରିଥିଲେ ।



ଶିବିରରେ ଯୋଗଦେଇଥିବା ଅତିଥି ।

## ମାଗଣା ସ୍ତ୍ରୀରୋଗ ଚିକିତ୍ସା ଶିବିର ଉଦ୍‌ଘାଟିତ

**ଧର୍ମଗଡ,୧୭।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡଠାରେ ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ ସେବା ସମିତି ପକ୍ଷରୁ ବୁଧବାର ମାଗଣା ସ୍ତ୍ରୀ ରୋଗ ଚିକିତ୍ସା ସ୍ୱାସ୍ଥ୍ୟ ଏବଂ ମାଗଣା ଔଷଧ ବଣ୍ଟନ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଜଗନ୍ନାଥ ସେବା ସମିତି ଅଧକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରକୁ ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡା.ଚୈତନ୍ୟ ମେହେର ଉଦ୍‌ଘାଟନ କରି ଏହି ଅନୁଷ୍ଠାନ ସର୍ବଦା ରୋଗୀ ସେବାକୁ ଗୁରୁତ୍ୱ ଦେଇ ଆସୁଛି ସେଥିପାଇଁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସୁଧୀର ରଞ୍ଜନ ପାଢ଼ୀଯୋଷୀ, ବଣିକ ସଂଘ ସଭାପତି ବିଦ୍ୟାଧର ସାହୁ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀକାନ୍ତ ବାଗ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ଛତିଶଗଡ ରାୟପୁରସ୍ଥିତ ଅଶୋକା ସୁପର ସ୍ପେସାଲିଟି ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ମଧୁପ୍ରିତ ଅଗ୍ରୱାଲ ଯୋଗଦେଇ ମହିଳାମାନଙ୍କ ଗର୍ଭାଶୟ ଜନିତ ସମସ୍ୟାର ଚିକିତ୍ସା କରିଥିଲେ। ପ୍ରଥମ ଦିନରେ ୮୪ ଜଣ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ଜଗନ୍ନାଥ ସେବା ସମିତି ଗତ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ କଳାହାଣ୍ଡି ଜିଲାର ବିଭିନ୍ନ ଦୁର୍ଗମ ତଥା ରୋଗୀ ସେବା ପହଞ୍ଚି ପାରୁ ନ ଥିବା ଅଞ୍ଚଳରେ ଏଭଳି ଶିବିର ଆୟୋଜନ କରିଆସୁଛି। ବର୍ତ୍ତମାନ ଧର୍ମଗଡର ବିଭିନ୍ନ ଅପହଞ୍ଚ ଇଲାକାରେ ଏହି ଶିବର ଆୟୋଜନ କରଯିବା ଲକ୍ଷ ରଖାଯାଇଛି ବୋଲି ସେବା ସମିତି ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ପ୍ରକାଶ କରିଥିଲେ। ଏହି ଶିବିରରେ ଜଗନ୍ନାଥ ସେବା ସମିତିର ଶୁଶାନ୍ତ କୁମାର ସାହୁ, ସମ୍ପାଦକ ବୈଦ୍ୟନାଥ ବେହେରା, ବିଶ୍ୱ ରଞ୍ଜନ ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମୋବାଇଲ ଦୋକାନରୁ ଚୋରି ଘଟଣା: ୩ କୋର୍ଟଚାଲାଣ

**ଭବାନୀପାଟଣା,୧୭।୭(ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ କେଗାଁ ଥାନା ଅନ୍ତର୍ଗତ ବୋର୍ଡାଠାରେ ଗତ ମାସରେ ଏକ ମୋବାଇଲ ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଥିଲା । ଏହି ଘଟଣାରେ ବୋର୍ଡା ପୋଲିସ ୩ ଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନଙ୍କଠାରୁ ଚୋରିରେ ବ୍ୟବହୃତ ଏକ ଶାବଳ, ୧୨ଟି ଦାମି ମୋବାଇଲ ପୋଲିସ ଜବତ କରିଛି । ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବାରୁ ତାଙ୍କୁ ଜୁଭେନାଇଲ କୋର୍ଟକୁ ପଠାଯାଇଥିବା ବେଳେ ଅନ୍ୟ ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ବୋର୍ଡା ଫାଣ୍ଡି ଅଧିକାରୀ ଗୌରୀ ଶଙ୍କର ଦାଶ ପ୍ରକାଶ କରିଛନ୍ତି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ମାସରେ ବୋର୍ଡାରେ ଥିବା ଶକ୍ତି ମୋବାଇଲ ଏଣ୍ଡ ଏଲେକ୍ଟ୍ରିକାଲ୍ସ ଦୋକାନରୁ କାନ୍ଥ ଭାଙ୍ଗି ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ବୋର୍ଡା ଗାଁର ମୁନା ନାଏକ (୨୦), ସାରୁ ବାଗ (୧୯) ଓ ଜଣେ ନାବାଳକଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସେମାନେ ଦୋଷ ସ୍ୱୀକାର କରିଥିଲେ। ପରେ ସେମାନଙ୍କୁ ପୋଲିସ ଗିରଫ କରିଥିଲା।





ଡେଙ୍ଗୁ ନିରାକରଣ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ।

## କେସିଙ୍ଗା ଏନ୍‌ଏସିରେ ଡେଙ୍ଗୁ ନିରାକରଣ ପ୍ରଶିକ୍ଷଣ ଶିବିର

**କେସିଙ୍ଗା,୧୭।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପାଷ୍ଟିକୁଡିସ୍ଥିତ ସିଏଚସିର ମେଡିକାଲ ଅଫିସର ଡା. ଅଭିନାଷ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏନ୍‌ଏସିର ସଦଭାବନା ସଭାଗୃହରେ ବୁଧବାର ଅପରାହ୍ଣ ୪ଟାରେ ଡେଙ୍ଗୁ ନିରାକରଣ ଓ ଡେଙ୍ଗୁ ଦିବସ ଉପରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । କେସିଙ୍ଗା ଏନଏସିର ୱାର୍ଡ ନଂ. ୯ ଓ ୧୦ରେ ଡେଙ୍ଗୁ ପ୍ରଭାବରେ ଗତ ୨୦୧୧ରେ ୧୧ଜଣଙ୍କ ମୃତ୍ୟୁ ଘଟିଥିବାରୁ ଏନଏସିର ୧୨ଟି ୱାର୍ଡରେ ଡେଙ୍ଗୁ କିପରି ନ ହୁଏ ସେହି ବିଷୟରେ ଡା. ପ୍ରଧାନ ବିଷଦ ଭାବରେ ଆଲୋକପାତ କରିଥିଲେ। ସହରର ପ୍ରତ୍ୟେକ ୱାର୍ଡରେ ନାଳ, ନର୍ଦ୍ଦମା, ରାସ୍ତାଘାଟ ସଫା ସୁତୁରା ରଖିବା, ଫମ୍ପା ଟାୟାର ନ ରଖିବା ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା । ଡେଙ୍ଗୁର ଲକ୍ଷଣ ଦେଖାଦେଲେ ସାଙ୍ଗେ ସାଙ୍ଗେ ସ୍ଥାନୀୟ ହସ୍ପିଟାଲକୁ ରୋଗୀଙ୍କୁ ତୁରନ୍ତ ଚିକିତ୍ସା କରିବା ପାଇଁ ଉପସ୍ଥିତ ସମସ୍ତ ପଦାଧିକାରୀଙ୍କୁ କୁହାଯାଇଥିଲା। ଏଥିରେ କେସିଙ୍ଗା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ଶର୍ମା, ଏନଏସିର କନିଷ୍ଠ ଯନ୍ତ୍ରୀ ମାରାଣ୍ଡି ବାବୁ, ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ସମେତ ପାଷ୍ଟିକୁଡି ସିଏଚସିର ଦେବାଶିଷ ଭୋଇ ପ୍ରମୁଖ ଯୋଗଦେଇଥିଲେ ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ ।

## ଶିଳ୍ପ ତାଲିମ ପକ୍ଷରୁ ବିଶ୍ୱ ଯୁବ ଦକ୍ଷତା ଦିବସ

**ଭବାନୀପାଟଣା,୧୭।୭ (ଡି.ଏନ.ଏ.)**

ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ଏକ ଚିତ୍ତାକର୍ଷକ ପରିବେଶ ମଧ୍ୟରେ ବିଶ୍ୱ ଯୁବଦକ୍ଷତା ଦିବସ ଗତ ସୋମବାର ପାଳିତ ହୋଇଯାଇଛି । ଶିଳ୍ପ ତାଲିମର ଅଧକ୍ଷ ଶରତ କୁମାର ମୁଦୁଲିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ଅଧକ୍ଷ ଡ. ଦୁଲୁ ପଟ୍ଟନାୟକ, ଅନ୍ୟତମ ଅତିଥି ଭାବେ ଭବାନୀପାଟଣା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଦଳାଇ, ଭବାନୀପାଟଣା ସହକାରୀ ଜିଲା ଶିକ୍ଷା ଅଧିକାରୀ ବିଜୟ କୁମାର ସିଂହ, ଜିଲା ସହକାରୀ ନିୟୋଜନ ଅଧିକାରୀ ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଯୋଗଦେଇଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଯୁବକମାନଙ୍କ ଦକ୍ଷତା ହିଁ ସର୍ବଶ୍ରେଷ୍ଠ ଏବଂ ଦେଶର ଅର୍ଥନୈତିକ ପ୍ରଗତିରେ ସହାୟକ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ଚାକିରି ପଛରେ ନ ଦୌଡି ଯୁବତୀଯୁବକମାନେ ନିଜର ଦକ୍ଷତା ପ୍ରତିପାଦନ କରି ଅନ୍ୟମାନଙ୍କୁ ରୋଜଗାର କ୍ଷମ କରିବା ଏହି ଦିବସର ଉଦ୍ଦେଶ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଏହି ଅବସରରେ ଓଡିଶା ବୈଷୟିକ ଶିକ୍ଷା ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତା ଉପରେ ଆଲୋଚନା କରାଯାଇଥିଲା । ଏହି ଦିବସ ଉପଲକ୍ଷେ ପ୍ରଥମ ସମାବର୍ତ୍ତନ ଉତ୍ସବ ପାଳନ କରାଯାଇ ପାସ୍ ଆଉଟ୍ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ରୋଲ ମଡେଲ୍‌ମାନେ ଆଇଟିଆଇ ଛାତ୍ରୀଛାତ୍ରମାନଙ୍କୁ ଜୀବନର ସଫଳତା ବାବଦରେ ସୂଚନା ଦେଇଥିଲେ। ଅନୁଷ୍ଠାନର ବିଭିନ୍ନ ଟ୍ରେଡ୍ ଯଥା ଫିଟର୍, ଇଲେକ୍ଟ୍ରିସିଆନ, ସିଓଇ, ଟର୍ଣ୍ଣର, ୱାର୍‌ମେନ୍, ଡି/ଏମ୍ ସିଭିଲ୍‌ର ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମିତ ପ୍ରଡକ୍ଟମାନଙ୍କୁ ନେଇ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏଥିରେ ଫିଟର ଟ୍ରେଡ୍ ଓ ସିଓଇ ଟ୍ରେଡ୍ ମଧ ସ୍ଥାନ ପାଇଥିଲା । ତେଣୁ ଫିଟର୍ ଟ୍ରେଡର ପ୍ରଶିକ୍ଷକ ସରୋଜ କୁମାର ମହାଖୁଡ, ସଞ୍ଜୀବ କୁମାର ସାବତ, ସଞ୍ଜୟ କୁମାର ଠାକୁର, ସୁଜିତ କୁମାର ନାୟକ, ନିଭାସ ସାହୁଙ୍କ ସମେତ ସମସ୍ତ ପ୍ରଶିକ୍ଷକମାନଙ୍କୁ ଅଧକ୍ଷ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ 'ବେଷ୍ଟ ଷ୍ଟୁଡେଣ୍ଟ ଅଫ୍ ଦି ୟର୍ ୨୦୧୯' ଡିଜେଲ୍ ଟ୍ରେଡ୍‌ର ରଜତ କୁମାର ଦାସଙ୍କୁ ଦିଆଯାଇଥିଲା ବେଳେ ଟ୍ରେଡର ବରିଷ୍ଠ ପ୍ରଶିକ୍ଷକ ପ୍ରଦ୍ୟୁମ୍ନ କୁମାର ରାଉତଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ରାଜ୍ୟସ୍ତରୀୟ ଆଇଟିଆଇ ଫେଷ୍ଟରେ ମହିଳା ଚାମ୍ପିୟନ୍ ପୂଜା ମାହାରଙ୍କୁ ସମ୍ମାନିତ କରାଯାଇଥିଲା । ଆଇଟିଆଇର ଟ୍ରାକ୍ଟର ପ୍ରଶିକ୍ଷକ ମହମ୍ମଦ ଆବିଦ୍ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ

**ଭବାନୀପାଟଣା,୧୭।୭ (ଡି.ଏନ.ଏ.)**

ଭବାନୀପାଟଣା ସହରସ୍ଥିତ ଇନଡୋର ଷ୍ଟାଡିୟମଠାରେ କଳାହାଣ୍ଡି ବ୍ୟାଡମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ ଉଦ୍‌ଯାପିତ ହୋଇଯାଇଛି। କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକରୁ ୮୦ ଜଣ ପ୍ରତିଯୋଗୀ ଭାଗନେଇଥିଲେ। ଜିଲା ସଂଘ ସଭାପତି ପ୍ରଦୀପ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ସମ୍ମାନିତ ଅତିଥି ପୂର୍ବ ରଣଜୀ ଖେଳାଳି ଭାବେ ଭାରତ ଭୂଷଣ ଦେଓ, ବରିଷ୍ଠ ଖେଳାଳି ଭୀମସେନ ସାହୁ ପ୍ରମୁଖ ଯୋଗଦେଇଥିଲେ। ୧୩ ବର୍ଷରୁ କମ ଏକକ ବିଭାଗରେ ଭବାନୀପାଟଣା ନରେଶ ନାଏକ ଚାମ୍ପିୟନ ଓ ଜୁନାଗଡର ଭାରତ ସୁନାନୀ ରଚର୍ସଅପ, ୧୫ ବର୍ଷରୁ କମ ସିଙ୍ଗିଲ୍ସ ବିଭାଗରେ ଭବାନୀପାଟଣାର ଶୁଭମ ସାହୁ ଚାମ୍ପିୟନ ଓ ସୌମ୍ୟ ପି. ପଣ୍ଡା ରଚର୍ସଅପ, ୧୫ ବର୍ଷରୁ କମ ଡବଲ୍ସ ବିଭାଗରେ ଭବାନୀପାଟଣା ଅର୍ପିତ ପଣ୍ଡା ଓ ସୌମ୍ୟ ପି ପଣ୍ଡା ଚାମ୍ପିୟନ ଓ ଶୁଭମ ସାହୁ, ଆୟୁଷ୍ମାନ ମୁନୀ ରନର୍ସଅପ୍ ହୋଇଛନ୍ତି । ୧୭ ବର୍ଷରୁ କମ ସିଙ୍ଗିଲ୍ସ ବିଭାଗରେ ଭବାନୀପାଟଣାର ଶୁଭାଶିଷ ପଟ୍ଟନାୟକ ଚାମ୍ପିୟନ୍, ଦେବଦତ୍ତ ବାଣୁଆ ରନର୍ସଅପ୍, ବାଳୀକା ବିଭାଗର ସିଙ୍ଗିଲ୍ସରେ ଜୁନାଗଡର ଭାରତୀ ଭୋଇ ଚାମ୍ପିୟନ୍ ଓ ପ୍ରଜ୍ଞା ପରିମିତା ସୋନି ରନର୍ସଅପ୍, ପୁରୁଷ ସିଙ୍ଗିଲ୍ସ ବିଭାଗରେ ଭବାନୀପାଟଣା ଦେବଦତ୍ତ ବାଣୁଆ ଚାମ୍ପିୟନ୍ ଓ ସୌରଭ ସାହାଣୀ ରନର୍ସଅପ୍ ହୋଇଛନ୍ତି । ପୁରୁଣ ଡବଲ ବିଭାଗରେ ଜୁନାଗଡର ନରେଶ ସୁନାନୀ ଓ ରଜନୀକାନ୍ତ ଦାସ ଚାମ୍ପିୟନ୍ ଓ ଭବାନୀପାଟଣାର ମହେଶ କୁକ୍ରେଜା ଓ ଶୁଭମ ପଣ୍ଡା ରନର୍ସଅପ୍, ମିଶ୍ରିତ ଡବଲରେ ଜୁନାଗଡର ରଜନୀକାନ୍ତ ଦାସ ଓ ଭାରତୀ ଭୋଇ ଚାମ୍ପିୟନ୍ ଏବଂ ଭବାନୀପାଟଣା ସନ୍ଦୀପ ମିଶ୍ର ଓ ସୀତା ସୁନାନୀ ରନର୍ସଅପ୍, ଭେଟେରାନ୍ ଡବଲର ଭବାନୀପାଟଣାର ମହେଶ କୁକ୍ରେଜା ଓ ପରେଶ ପ୍ରଧାନ ଚାମ୍ପିୟନ୍ ଓ ଅନୀଲ ଅଗ୍ରୱାଲ, ରଞ୍ଜିତ ସାହୁ ରନର୍ସଅପ୍ ହୋଇଥିଲେ ।

ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ଚନ୍ଦ୍ରଶେଖର ପଣ୍ଡା, ମୁଖ୍ୟ ମ୍ୟାଚ୍ ରେଫରି ମନୋଜ ସାବତ, କ୍ରୀଡାବିତ୍ ଗୌରୀ ଶଙ୍କର ବିଶି ଓ ହର୍ମୀନ୍ଦର ସିଂହଙ୍କୁ ସମ୍ମାନିତ କରାଯାଇଥିଲା । ସଂଘର କୋଷାଧକ୍ଷ ସରୋଜ ମହାରଣା ଓ ସଭ୍ୟ ମନୋଜ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ସମୀର ସାହୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ସନ୍ଦୀପ ମିଶ୍ର ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା ସଂଘ ସଭାପତି ପ୍ରଦୀପ ଦାସ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ସମ୍ମାନିତ ଅତିଥି ଆଦି ଓସଲ୍ୟାବର ସିଇଓ ମାସନ ମହାପାତ୍ର, ଜିଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ, ସମ୍ପାଦକ ସନ୍ଦୀପ ମିଶ୍ର, ଜାତୀୟ ବ୍ୟାଡମିଣ୍ଟନ କୋଚ୍ ମନୋଜ କୁମାର ସାବତ, ଜୁନାଗଡ ବ୍ୟାଡମିଣ୍ଟନ ଆସୋସିଏଶନ ସଭାପତି ସମୀର କୁମାର ସାହୁ, କ୍ରୀଡାବିତ୍ ଚନ୍ଦ୍ର ଶେଖର ପଣ୍ଡା ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ସଂଘର ବୋର୍ଡା କଲେଜ ଅଧପକ ସୁମନ ରଥ ମଞ୍ଚ ପରିଚାଳନା କରିଥିଲେ ।





ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପନୀରେ କୃତୀ ଖେଳାଳିଙ୍କ ସହ ଅତିଥି ବୃନ୍ଦ ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୮ ଜୁଲାଇ, ୨୦୧୯



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ବହୁଜନ ସମାଜ ପାର୍ଟିର କାର୍ଯ୍ୟକର୍ତ୍ତା ମନୋନୀତ

**ଭବାନୀପାଟଣା,୧୭।୭ (ଡି.ଏନ.ଏ.)**- ଭବାନୀପାଟଣା ସହରସ୍ଥିତ ଏସ୍‌ଏନ୍ କନଫରେନ୍ସ ହଲଠାରେ ବହୁଜନ ସମାଜ ପାର୍ଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କାହ୍ନୁଚରଣ ସୁନାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବହୁଜନ ସମାଜପାର୍ଟୀର ରାଜ୍ୟ ସମ୍ପାଦକ ଭବାନୀଶଙ୍କର ଝଡିଆ, ସମ୍ମାନିତ ଅତିଥି ପଶ୍ଚିମ ଓଡିଶା ସାଧାରଣ ସମ୍ପାଦକ ଦେବୀଚରଣ ଭାଟି ପ୍ରମୁଖ ଯୋଗଦେଇଥିଲେ। ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା । ଲୋକସଭା ପ୍ରଭାରୀ ଭାବେ ଖଗେଶ୍ୱର ନାଏକ, ଜିଲା ସଭାପତି ଜଳନ୍ଧର ବେହେରା, ଉପସଭାପତି ସେନାପତି ନାଏକ, ବାବୁଲାଲ ସାହୁ, ପ୍ରଭାକର ନାଗ, ଜିଲା ସାଧାରଣ ସମ୍ପାଦକ ସୁରେଶ ମାଝି, ସହ ସମ୍ପାଦକ ଯୌବନ ନାଏକ, କାର୍ଯ୍ୟକାରୀ ସଭାପତି ସତ୍ୟବାନ ନାଏକ, ମହେଶଚନ୍ଦ୍ର ସୁନାନୀ, ଆଶାରାମ ଛତ୍ରିଆ, ପାଣ୍ଡବ ମେହେର, ଜିଲା ଯୁବ ସଭାପତି ବିଜୟ୍ ସୁନା, କୋଷାଧ୍ୟକ୍ଷ ପୃଥ୍ୱିରାଜ ଛତ୍ରିଆ, ଜିଲା କାର୍ଯ୍ୟକାରୀ ସଦସ୍ୟ କୃଷ୍ଣ ସେନାପତି, ଗଗନ ମହାନନ୍ଦ, ବିଜୟ୍ ନାଏକ, ଟଙ୍କଧର ନାଏକ, ଘାସିରାମ ଦୁର୍ଗା, ତୁଳସୀରାମ ନିଆଲ ପ୍ରମୁଖ ମନୋନୀତ ହୋଇଥିଲା । ଭବାନୀପାଟଣା ନଗର ସଭାପତି କେଳି କୁମାର ବାଗ, ନଗର ସଂଖ୍ୟାଲଘୁ ସଭାପତି ସାୟଦ ଅଲ୍ଲୀ, କେସିଙ୍ଗା ବ୍ଲକ ସଭାପତି ଜଗନ୍ନାଥ ନାଏକ, ଭବାନୀପାଟଣା ବ୍ଲକ ସଭାପତି ସୁରେଶ ଦୁର୍ଗା, ଗୋଲାମୁଣ୍ଡା ସଭାପତି ନୀଳାମ୍ବର ତାଣ୍ଡି, କଲମପୁର ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ନିଆଲ, ଜୁନାଗଡ ନିର୍ବାଚନ ମଣ୍ଡଳୀ ସମ୍ପାଦକ ଜୟସେନ ନାଏକ, ନର୍ଲା ନିର୍ବାଚନ ମଣ୍ଡଳୀ ସମ୍ପାଦକ ସୁରେନ୍ଦ୍ର ତାଣ୍ଡି, ଧର୍ମଗଡ ନିର୍ବାଚନ ମଣ୍ଡଳୀ ହାତୀରାମ ଦୁର୍ଗା, ଉପଦେଷ୍ଟା ମଣ୍ଡଳୀରେ ପ୍ରେମାନନ୍ଦ ବାଗ, ଜିଲା ପ୍ରଭାରୀ ଦାମୋଦର ଛତ୍ରିଆ ପ୍ରମୁଖ ମନୋନୀତ ହୋଇଥିଲେ । କାହ୍ନୁଚରଣ ସୁନାନୀ ସଭା ପରିଚାଳନା କରିଥିବା ବେଳେ ଦାମୋଦର ଛତ୍ରିଆ ଧନ୍ୟବାଦ ଦେଇଥିଲେ।

# ମଦ ବିକ୍ରି ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ଏସ୍‌ଏସ୍‌ଜି

**ଜୁନାଗଡ,୧୭।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣିଜରା ପଞ୍ଚାୟତ କର୍ଲାକୋଟ ଗ୍ରାମରେ ମଦ ବିକ୍ରି ବନ୍ଦ କରିବା ପାଇଁ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏସ୍‌ଜି) ଅଣ୍ଟା ଭିଡିଛନ୍ତି। ବୁଧବାର ଗ୍ରାମର ମା' ମହାଲକ୍ଷ୍ମୀ, ମା' ଡୋକରୀବୁଢୀ, ମା' ବିମଳା, ମା' ଲଙ୍କେଶ୍ୱରୀ, ମା' ତାରେଣୀ, ମା' ସାରଳା ଆଦି ସ୍ୱଂୟ ସହାୟକ ଗୋଷ୍ଠୀ ଶତାଧିକ ମହିଳା କର୍ଲାକୋର୍ଟସ୍ଥିତ ଦେଶୀ ମଦ ବ୍ରାଞ୍ଚକୁ ଯାଇ ସେଠାକାର ପରିଚାଳକ ଓ ସ୍ଥାନୀୟ ଚିଲଗୁଡା ଫାଣ୍ଡି ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। କର୍ଲାକୋର୍ଟ ଗ୍ରାମରେ ପ୍ରାୟ ଆଦିବାସୀ ଓ ଗରିବ ଶ୍ରେଣୀର ଲୋକେ ବାସ କରନ୍ତି। ପ୍ରତିଦିନ କୁଲି ମଜୁରି କରି ଯାହାକିଛି ଆଣିଲେ ସେଥିରେ ସେମାନେ ପରିବାର ପ୍ରତିପୋଷଣ କରିଥାନ୍ତି। ଏପରିସ୍ଥିତିରେ ଗ୍ରାମର କିଛି ଅସାଧୁ ଲୋକ ମଦକୋଠି ଖୋଲିଥିବାରୁ ଏବେ ଗ୍ରାମର ଗରିବ ଶ୍ରେଣୀର ଲୋକମାନେ ପଥଭ୍ରଷ୍ଟ ହୋଇ ମଦ ପିଇ ସର୍ବସାନ୍ତ ହେଉଛନ୍ତି। ଯାହାକିଛି ପାରିଶ୍ରମିକ ଆଣୁଛନ୍ତି ତାହା ପରିବାରକୁ ଦେବା ବଦଳରେ



ମଦ ବିକ୍ରି ବନ୍ଦ ପାଇଁ ଅଣ୍ଟା ଭିଡ଼ିଥିବା ମହିଳା ଗୋଷ୍ଠୀ।

**କର୍ଲାକୋର୍ଟ ଗ୍ରାମ**
- ଚିଲଗୁଡ଼ା ଫାଣ୍ଡି ଅଧିକାରୀଙ୍କଠାରେ ଅଭିଯୋଗ

କୋଠିରେ ମଦ ପିଇ ସାରି ଦେଉଛନ୍ତି। ମଦ୍ୟପ ବ୍ୟକ୍ତି ଯୋଗୁ ଗ୍ରାମରେ ଅଶାନ୍ତି ବାତାବରଣ ଦେଖାଯିବା ସହ ଘରେ ଘରେ କଳି କଜିଆ ବଢିଚାଲିଛି। ମଦ୍ୟପ ସ୍ୱାମୀ ସ୍ତ୍ରୀଙ୍କୁ ମାଡମାରି ଛାଡପତ୍ର ଦେଉଛନ୍ତି। ଏପରିକି ମଦନିଶାରେ ଏବେ ଛୋଟ ଛୋଟ ପିଲାମାନେ ମଧ୍ୟ ପଡି ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି। ଏହିସବୁ ଦୃଷ୍ଟିରେ ରଖି ମଦକୋଠି ବନ୍ଦ କରିବା ପାଇଁ ସେମାନେ ସ୍ଥାନୀୟ ଭାଟି ବ୍ରାଞ୍ଚ ପରିଚାଳକ ଓ ଫାଣ୍ଡି ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି। ମଦ ବନ୍ଦ ହେଲେ ଗ୍ରାମରେ ଭାଇଚାରା ସହ ଶାନ୍ତ ପରିବେଶ ସୃଷ୍ଟି ହେବ ବୋଲି ମହିଳା ଗୋଷ୍ଠୀ ଆଶା ରଖିଛନ୍ତି। ବୁଧବାର ମଦ ବିକ୍ରି ବନ୍ଦ ଅଭିଜାନରେ ମା' ଡୋକରୀବୁଢୀ ସ୍ୱଂୟ ସହାୟକ ଗୋଷ୍ଠୀ ସଭାନେତ୍ରୀ ସୁଶିଲା ମାଝି, ସମ୍ପାଦିକା ଗୀତାଞ୍ଜଳୀ ଭୋଇ, ମା' ବିମଳାର ସଭାନେତ୍ରୀ ଅଙ୍ଗୁରୀ ହଂସ, ମା' ଲଙ୍କେଶ୍ୱରୀର ସଭାନେତ୍ରୀ ଉକିଆ ଭୋଇ, ମା' ତାରେଣୀର ସଭାନେତ୍ରୀ ଚନ୍ଦ୍ର କାନ୍ତି ଶବର, ମା' ମହାଲକ୍ଷ୍ମୀର ସଭାନେତ୍ରୀ ନମିତା ଭୋଇ, ମା' ସାରଳାର ସଭାନେତ୍ରୀ ପ୍ରତିମା ମୁଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଲାଞ୍ଜିଗଡ଼ ବ୍ଲକ: ବିଡିଓ ଦାୟିତ୍ୱରେ ତହସିଲଦାର, ଉନ୍ନୟନ କାର୍ଯ୍ୟ ଠପ୍

**ଲାଞ୍ଜିଗଡ଼,୧୭।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକରେ ସ୍ଥାୟୀ ବିଡିଓ ନ ଥିବାରୁ ବ୍ଲକର ଉନ୍ନୟନ କାର୍ଯ୍ୟ ପ୍ରକାର ଧିମେଇ ଯାଇଛି । ବିଡିଓ ପ୍ରବୀର ନାୟକଙ୍କ ବଦଳି ପରେ ତହସିଲଦାର ଭାବେ ଯୋଗଦେଇଥିବା ପୀତାମ୍ବର ଭୋଇଙ୍କୁ ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା । ପରେ ସେ ସମ୍ପୂର୍ଣ୍ଣ ଭାବେ ବିଡିଓ ଚାର୍ଜ ନେଇଥିଲେ । ତାଙ୍କ ବଦଳି ପରେ ବାସୁଦେବ ନାୟକ ଲାଞ୍ଜିଗଡ ବିଡିଓ ଭାବେ ଯୋଗଦେଇଥିଲେ। କିନ୍ତୁ ତାଙ୍କ ଉପରେ ତହସିଲଦାରର ଅତିରିକ୍ତ ଦାୟିତ୍ୱ ଦିଆଗଲା ।

ନିର୍ବାଚନ ପୂର୍ବରୁ ତାଙ୍କର ବଦଳି ହୋଇଥିବାବେଳେ ଏବେ ତହସିଲଦାର ଭାବେ ମୁନୀନ୍ଦ୍ର ହୋନ୍ନାଗାଙ୍କୁ ପୁଣି ଥରେ ବିଡିଓ ଭାବେ ଦାୟିତ୍ୱ ଦିଆଯାଇଛି । ହୋନ୍ନାଗା କାର୍ଯ୍ୟାଳୟର ଅଧିକାଂଶ ସମୟ ତହସିଲରେ ରହୁଥିବାବେଳେ ବ୍ଲକ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି । ଫଳରେ ବ୍ଲକର ଅନେକ ଉନ୍ନୟନ ସମ୍ପର୍କିତ ଫାଇଲପତ୍ର ତାଙ୍କର ତନଖି ଓ ଦସ୍ତଖତ ବିନା ସପ୍ତାହ ସପ୍ତାହ ଧରି ପଡି ରହୁଛି। ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକର କର୍ମଚାରୀମାନେ ମନଇଚ୍ଛା କାରବାର ଚଳାଇଛନ୍ତି । ଫଳରେ ବ୍ଲକର ଅନେକ ବିକାଶମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି । ବ୍ଲକ ଅଧକ୍ଷ ଇଂ ଫକୀରମୋହନ ମାଝି ବିଡିଓ ତଥା ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ଖାମଖିଆଲି ମନୋଭାବକୁ ନେଇ ତାଗିଦ୍ କରିବା ସତ୍ତ୍ୱେ ଏଥିରେ ପରିବର୍ତ୍ତନ ହୋଇନାହିଁ । ଏ ସମ୍ପର୍କରେ କଳାହାଣ୍ଡି ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଅଭିଯୋଗଗୁଡିକ ସମ୍ପର୍କରେ ବ୍ଲକ ଅଧକ୍ଷ ଇଂ ଫକୀର ମୋହନ ମାଝିଙ୍କୁ ପଚାରିବାରୁ ସ୍ଥାୟୀ ବିଡିଓ ନ ଥିବାରୁ ଅନେକ ଉନ୍ନୟନ କାର୍ଯ୍ୟ ଧିମେଇ ଯାଉଛି ବୋଲି କହିଛନ୍ତି। ଏ ସମ୍ପର୍କରେ ବ୍ଲକସ୍ତରୀୟ ସମସ୍ତଜନ ପ୍ରତିନିଧିମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ଧର୍ମଗଡ଼,୧୭।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ଛିଲିପା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ନାମ ଥବିର ନାଏକ (୩୦) । ଥବିର ଘରେ ନିଜ ବ୍ୟବସାୟ ପାଇଁ ଏକ ବିଦ୍ୟୁତ ମେଶିନ ସାହାଯ୍ୟରେ ବଡ଼ିଲଡ୍ଡୁ ତିଆରି କରୁଥିଲେ। ଏହି ସମୟରେ ହଠାତ ବିଦ୍ୟୁତ ସଂସ୍ପର୍ଶରେ ଆସି ସେ ଆହତ ହୋଇଥିଲେ। ଗୁରୁତର ହେବାରୁ ତାଙ୍କୁ ଧର୍ମଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଥବିରଙ୍କ ଗୋଟିଏ ୩ ବର୍ଷର ଝିଅ ଥିବା ବେଳେ ସ୍ତ୍ରୀ ପ୍ରଭାସିନି ଏବେ ଗର୍ଭବତୀ ଥିବା ଜଣାପଡିଛି। ତେବେ ବର୍ତ୍ତମାନ ମା' ଓ ଝିଅ ଅସହାୟ ହୋଇ ପଡିଛନ୍ତି । ଏହି ଅସହାୟ ପରିବାରଙ୍କୁ ସରକାରୀ ସାହାଯ୍ୟ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

### ପତଞ୍ଜଳି ଯୋଗ କେନ୍ଦ୍ରରେ ଗୁରୁପୂର୍ଣ୍ଣିମା

**ସମ୍ବଲପୁର,୧୬।୭ (ବ୍ୟୁରୋ)**

ହୀରାକୁଦ କଲୋନୀସ୍ଥିତ ପତଞ୍ଜଳି ଯୋଗ କେନ୍ଦ୍ରରେ ଗୁରୁପୂର୍ଣ୍ଣିମା ଉତ୍ସବ ସମ୍ବଲପୁର ପାଳିତ ହୋଇଯାଇଛି। ସକାଳ ସାଢ଼େ ୫ଟାରେ ହୋମଯଜ୍ଞ, ୬ଟାରେ ସାମୂହିକ ଯୋଗ, ୮ଟାରେ ଯୋଗାଭ୍ୟାସ ହୋଇଥିଲା। ଯୋଗକେନ୍ଦ୍ର ପ୍ରଶିକ୍ଷିକା ତଥା ପତଞ୍ଜଳି ଯୋଗ ସମିତି ରାଜ୍ୟ ପ୍ରଭାରୀ ଜେ. ଗିରିଜାଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୋଗଗୁରୁ ରାମଦେବଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରାଯାଇଥିଲା। ଡା. କ୍ଷୀରୋଧର ନାୟକ ମୁଖ୍ୟ ଅତିଥି, ରୋଟାରି କ୍ଲବ ସମ୍ପାଦକ ଚନ୍ଦ୍ରଶେଖର ସାହା, ମାରୱାଡି ମହିଳା ସମିତି ଅଧ୍ୟକ୍ଷା ଅରୁଣା ସାହା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଦ୍ମିନୀ ମୁଣ୍ଡା, ପ୍ରଶାନ୍ତ ମେହେର, ପରୀ ଅଗ୍ରୱାଲ, ସୁସ୍ମିତା ଓରାମଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଶାନ୍ତ ସାହୁ, ପଙ୍କଜିନୀ ରାୱତ, ରିଙ୍କି ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ଜିଲାସ୍ତରୀୟ ଜଳବାୟୁ କର୍ମଶାଳାରେ ଆଲୋଚନା କରାଯାଉଛି।

# ଜଳବାୟୁ ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା

**ଭବାନୀପାଟଣା,୧୭।୭ (ଡି.ଏନ.ଏ.)**

ପ୍ରାକୃତିକ ବିପର୍ଯ୍ୟୟ ଯଥା ମରୁଡି, ବନ୍ୟା, ବାତ୍ୟା ଚାଷ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବାରୁ ବିଭିନ୍ନ ସମୟରେ ଫସଲର ଉତ୍ପାଦିକା ଉପରେ ନକାରାତ୍ମକ ପ୍ରଭାବ ପଡିଥାଏ। ଏହାକୁ ଆଖି ଆଗରେ ରଖି ସରକାରୀ ବିଭାଗ, ଗବେଷଣାରତ ଅନୁଷ୍ଠାନ ଓ ବେସରକାରୀ ସଂସ୍ଥାଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷା କରି ବିଚାର ଓ ବିମର୍ଷ ଜରିଆରେ ଏକ ସମନ୍ୱିତ କାର୍ଯ୍ୟ ଖସଡା ପ୍ରସ୍ତୁତ ଲାଗି କେୟାର ଇଣ୍ଡିଆ ତରିନା ପ୍ରକଳ୍ପ ଆନୁକୂଲ୍ୟରେ କଳାହାଣ୍ଡି ଜିଲାରେ ଜଳବାୟୁ ଆନୁକୂଳ କୃଷିର ଉତ୍ପାଦନ ଓ ଘରୋଇ ପୌଷ୍ଟିକତା ସୁରକ୍ଷା ଉପରେ ମଙ୍ଗଳବାର ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଡ.ପରାଗ ହର୍ଷଦ ଗାଭାଲି ଅଧ୍ୟକ୍ଷତା କରିଥିବା ବେଳେ ଜିଲା ଜନମଙ୍ଗଳ ଅଧିକାରୀ ଜ୍ୟୋସ୍ନାରାଣୀ ପାତ୍ର, କୃଷି ଉପନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ମଲ୍ଲିକ, ଉଦ୍ୟାନ ଉପନିର୍ଦ୍ଦେଶକ ଶୈଳେଶ ରଞ୍ଜନ ପଟ୍ଟନାୟକ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ତଥା କେଭିକେର ମୁଖ୍ୟ ଓ ଅନ୍ୟାନ୍ୟ ସରକାରୀ ଏବଂ ବେସରକାରୀ ସଂସ୍ଥା ସହିତ ଗବେଷଣାରତ ଅନୁଷ୍ଠାନରୁ ସଦସ୍ୟମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡେପୁଟି ଡାଇରେକ୍ଟର ଅନୁପ କୁମାର ଦାସ ପ୍ରକଳ୍ପର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଧାଂଶୁ ଶେଖର ନାଏକ, ନିରାକାର ଦଣ୍ଡସେନା ବିଭିନ୍ନ ବିଷୟ ପଡରେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ଇରଫାନ ଅଲ୍ଲିଖା, ତିପ୍ରତି ଖୁରା, ବିପ୍ଲବ ଜେନା, ଅସିତ ରାଉତ, ରଣଜିତ ମେହେର, କାର୍ଯ୍ୟକ୍ରମଟିକୁ ସହଯୋଗ କରିଥିବା ବେଳେ ପାର୍ଥ ସାରଥି ମାଝି ଡିପିଓ ଧନ୍ୟବାଦ ଦେଇଥିଲେ।

# କର୍ଲାମୁଣ୍ଡା ବ୍ଲକରେ ଗଜାମରୁଡ଼ି ଆଶଙ୍କା

**ରିଷିଡା,୧୭।୭ (ଡି.ଏନ.ଏ.)**

**ଧାନ ପହ୍ଲା ବଞ୍ଚାଇବାକୁ ଚେଷ୍ଟା**



ବେଲପଡାର ଜଣେ ମହିଳା ଧାନ ପହ୍ଲା ବଞ୍ଚାଇବା ପାଇଁ ଗରାରେ ପାଣି ଦେଉଛନ୍ତି ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ବର୍ଷା ଅଭାବରୁ ଗଜାମରୁଡି ଆଶଙ୍କା ଦେଖାଦେଇଛି । ଅନିୟମିତ ବର୍ଷା ଯୋଗୁ ପରିସ୍ଥିତି ସଙ୍ଗୀନ ହୋଇପଡିଛି। ଲଘୁଚାପ ଜନିତ ବର୍ଷା ପରେ ବର୍ଷା ହେବ ବୋଲି ଚାଷୀ ଆଶା କର ଧାନ ତଳିପକା ଓ ଧାନବୁଣାକୁ ଆରମ୍ଭ କରିଥିଲେ। ଲଘୁଚାପ ବର୍ଷା ପରେ ଆଉ ବର୍ଷା ହୋଇନାହିଁ । ପୁଣି ଏବେ ମୁଣ୍ଡଫଟା ଖରା। ଏଥିପାଇଁ ଧାନ ତଳି ନଷ୍ଟ ହେବାରେ ଲାଗିଛି । କୌଣସି ଚାଷ ଜମିରେ ପାଣି ମୁନ୍ଦାଏ ନାହିଁ । ଆଉ ୭ ଦିନ ଯଦି ବର୍ଷା ନ ହେବ ଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯିବ । କେତେକ ସ୍ଥାନରେ ଧାନ ପହ୍ଲାଗୁଡିକ ବଞ୍ଚାଇବା ପାଇଁ କୌଣସି ମତେ ପାଣି ଆଣି ଧାନ ତଳିରେ ଢ଼ଳାଯାଉଛି । କେତେକ ସ୍ଥାନରେ ପାଣି ମୋଟର ଲଗାଇ ଧାନ ତଳିକୁ ବଞ୍ଚାଇବା ପାଇଁ ଚେଷ୍ଟା କରାଯାଉଛି । ରିଷିଡା ଅଞ୍ଚଳରେ ଗତ ଜୁନରେ ୧୦୭ ମି.ମି. ଓ ଜୁଲାଇ ୧୫ ତାରିଖ ସୁଦ୍ଧା ୧୪୪ ମି.ମି. ବର୍ଷା ହୋଇଛି । କେବଳ ଲଘୁଚାପ ବର୍ଷାରେ ହିଁ ବର୍ଷା ହୋଇଛି । ଅନ୍ୟପକ୍ଷରେ ମୌସୁମୀ ବର୍ଷା ହୋଇ ନ ଥିବାରୁଏହି ଅଞ୍ଚଳରେ ଗଜା ମରୁଡି ଆଶଙ୍କା ଦେଖାଦେଇଛି । ଏହି ବ୍ଲକର ରିଷିଡା, ରାଜପୁର ଓ କର୍ଲାମୁଣ୍ଡା ପଞ୍ଚାୟତରେ ଉତ୍ତେଇ କେନାଲ ରହିଛି । ହେଲେ ନଦୀରେ ପାଣି ଆସିଲେ ଖରିଫ ଋତୁରେ ଜଳସେଚନ କରାଯାଏ । ନଦୀରେ ପାଣି ନ ଥିବାରୁ କେନାଲ ପାଣି ମିଳିବା ସମ୍ଭାବନା କ୍ଷୀଣ। ସେହିପରି ପୌରକେଲା, ଗଜବାହାଲ ପଞ୍ଚାୟତ ଅଳ୍ପ ଅଞ୍ଚଳରେ ଉତ୍ତେଇ କେନାଲ ରହିଛି । ଏହି ଅଞ୍ଚଳର ଚାଷୀ ପ୍ରଥମରୁ ଅକ୍ଷୟ ତୃତୀୟାରୁ ଧାନ ବୁଣା ଆରମ୍ଭ କରିଥିଲେ। ଧାନ ବୁଣା ପରେ ଅନିୟମିତ ବର୍ଷା ଯୋଗୁ କିଛି ମାତ୍ରାରେ ଚାଷ ବଞ୍ଚିଥିଲା । ଲଘୁଚାପ ବର୍ଷା ପରେ ଚାଷୀ ଚିନ୍ତା କରିଥିଲେ ଭଲ ଫସଲ ହେବ, କିନ୍ତୁ ଅନିୟମିତ ବର୍ଷା ଚାଷୀଙ୍କୁ ହତାଶ କରିଛି ।

# ୫ ବର୍ଷରେ ୧୨ ଜଣଙ୍କ ମୃତ୍ୟୁ ଅଭିଯୋଗ

**ଭବାନୀପାଟଣା,୧୭।୭ (ଡି.ଏନ.ଏ.)**

**କିଡ୍‌ନୀ ଆତଙ୍କ**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରା ଓ କର୍ମେଗାଁ ପଞ୍ଚାୟତରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ଗତ ୫ ବର୍ଷରେ ରୁପ୍ରା ପଞ୍ଚାୟତ ଅଧୀନ କଲାରପଦର ଗ୍ରାମରେ କିଡ୍‌ନୀ ରୋଗରେ ୮ ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ସେମାନେ ହେଲେ ରାମେଶ୍ୱର ମାଝି (୪୦), ହୃଷୀକେଶ ଜାଲ୍ (୩୫), ସଂସାର ବିଭାଗ (୪୦), ମଧୁ କୁମାର (୪୦), ହରିଗୁଣ କୁମାର (୪୦), ଫଙ୍କଜ ଜାଲ (୫୦), ମଥୁରା ପାତ୍ର (୩୫) ଓ ମହାଦେବ କୁମାର (୫୦) । ଏହାଛଡା ବର୍ତ୍ତମାନ ନିଳାଦ୍ରୀ କୁମାର (୪୫), ସୁଜାତା (୫୦), ଚନ୍ଦ୍ରମଣୀ ଜାଲ (୫୦), ହୁମିତା ମାଝି (୫୦), ଜଗନ୍ନାଥ କୁମାର (୪୦), ବିଶ୍ୱାମିତ୍ର ପାତ୍ର (୫୦), ଲିଙ୍ଗ ମାଝି (୪୦), କ୍ଷମାନିଧି ମାଝି (୫୧), ଚଞ୍ଚଳା ମାଝି (୫୦), ନିଳାଦ୍ରୀ ମାଝି (୫୫) ପ୍ରମୁଖ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ଡାକ୍ତର ଖାନାରେ ଚିକିତ୍ସିତ ହେଉଥିବା ୱାର୍ଡ ସଭ୍ୟ ଭକ୍ତବନ୍ଧୁ ମାଝି ଓ ପୂର୍ବ ପ୍ରଧାନ ଶିକ୍ଷକ ରୁପାଧର ମାଝି କହିଛନ୍ତି। ଏହି ଗାଁର ଜନସଂଖ୍ୟା ୪୫୦ରୁ ଅଧିକ ଥିବାବେଳେ ୩ଟି ନଳକୂଅ ରହିଛି। ଏହି ନଳକୂଅର ଫ୍ଲୋରାଇଡ ପାଣି ବ୍ୟବହାର ଯୋଗୁ ଲୋକେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବହୁ ଲୋକେ ଗାଁଠାରୁ ଏକ କି.ମି. ଦୂରରୁ ପାଣି ସଂଗ୍ରହ କରୁଥିବା ଦେଖାଯାଇଛି। ସେହିପରି ପଡୋଶୀ କେର୍ମେଗାଁ ପଞ୍ଚାୟତ ଗୋଡପଟା ଗ୍ରାମର ଲୋକ ସଂଖ୍ୟା ୪୭୦ ଥିବାବେଳେ ୭ଟି ନଳକୂଆ ମଧ୍ୟରୁ ଦୁଇଟି ବ୍ୟବହାର ଉପଯୋଗୀ। ଏହି ଗାଁରେ ମଧ୍ୟ ୫ ବର୍ଷରେ ସରୋଜ କରୁଆଁ (୩୬), ଉମ୍ବରୁଧର ମାଝି (୩୫), ସୁଗ୍ରୀ ମାଝି(୨୫) ଓ ପାଣ୍ଡୁ ମାଝି (୪୫)ଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ଘଟିଛି। ଅନ୍ୟପକ୍ଷେ ପୂର୍ବ ସରପଞ୍ଚ ରକ୍ଷାକର ଭୋଇ (୬୫), ଅନିରୁଦ୍ଧ ପୁଟେଲ (୫୩), ଶ୍ରୀଧର ପୋଢ (୫୫), ବାସ ଭୋଇ (୬୫), ସେବତୀ ଭୋଇ (୫୨), ପଦ୍ମଲୋଚନ ପୋଢ (୫୦), କନ୍ଦର୍ପ ବାଗ (୭୦), ଶ୍ୟାମସୁନ୍ଦର ଭୋଇ (୭୦) ପ୍ରମୁଖ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ଡାକ୍ତରାଖାନରେ ଚିକିତ୍ସିତ ହେଉଥିବା ଗ୍ରାମର ପୂର୍ବ ଓ ୱାର୍ଡ ସଭ୍ୟ ବୈଦ୍ୟ ମାଝି ସୂଚନା ଦେଇଛନ୍ତି। ଏହି ସବୁ ଅଞ୍ଚଳରେ କିଡ୍‌ନୀ ଫେଲ୍‌ର ମୁଖ୍ୟ ସମସ୍ୟା ଫ୍ଲୋରାଇଡ ଯୁକ୍ତ ପାଣି ଯୋଗୁ ହେଉଥିବା ଜଣାପଡୁଛି। ଏହିସବୁ ଗ୍ରାମକୁ ସାନ୍ଧୁଲ୍ ନଦୀରୁ ପାଇପ୍ ଯୋଗେ ପାଣି ଯୋଗାଇ ଦେବାକୁ ଦାବି ହେବା ସହ କାରଣ ଓ ନିରାକରଣ ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଆରମ୍ଭ ହେଲା ନକଲି ଶିକ୍ଷକଙ୍କ ଯାଞ୍ଚ ପ୍ରକ୍ରିୟା

## ପ୍ରଥମ ଦିନରେ ବିଶ୍ୱନାଥପୁର କ୍ଲଷ୍ଟରର ଯାଞ୍ଚ ହେଲା ୨୫ ପ୍ରମାଣପତ୍ର

**ଲାଞ୍ଜିଗଡ଼,୧୭।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ଜାଲ୍ ସାର୍ଟିଫିକେଟ୍ ଜରିଆରେ ଅନେକ ଶିକ୍ଷକ ବର୍ଷ ବର୍ଷ ଧରି ଚାକିରି କରୁଥିବା ଅଭିଯୋଗ ହେବା ପରେ ଏବେ ରାଜ୍ୟ ସରକାର ଶିକ୍ଷକଙ୍କ ସାର୍ଟିଫିକେଟ୍ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସରକାରୀ ଯାଞ୍ଚ ପ୍ରକ୍ରିୟା ଅଭିଯାନ ମଙ୍ଗଳବାରଠୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର କ୍ଲଷ୍ଟରର ୫୨ଜଣ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରୁ ୨୫ଜଣଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇଛି । ଏଥିପାଇଁ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଦୁଇଗୋଟି ସେଟ୍ ପ୍ରମାଣ ପତ୍ରର ନକଲ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି । ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ କାଶୀନାଥ ରାଉତରାୟ, ସିଆର୍‌ସିସି ପ୍ରଭାତ ପାଠୀ, ପୂର୍ବତନ ଏବିଇଓ ପୂର୍ଣ୍ଣଚନ୍ଦ୍ର ସୁନା ପ୍ରମୁଖ ପ୍ରମାଣପତ୍ର ଯାଞ୍ଚ କରିଥିଲେ । ଗତ ୨୦୦୫ରେ ନିଯୁକ୍ତି ପାଇଥିବା ଓ ୨୦୧୧ରେ ରେଗୁଲାର ହୋଇଥିବା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପ୍ରମାଣପତ୍ରର ତନ୍ନ ତନ୍ନ କରି ଯାଞ୍ଚ କରାଯିବ ବୋଲି ଅତିରିକ୍ତ ଶିକ୍ଷାଧିକାରୀ ରାଉତରାୟ ପ୍ରକାଶ କରିଛନ୍ତି । ୨୦୦୫ରେ ଗଣଶିକ୍ଷକ ଭାବେ ନିଯୁକ୍ତ ଅନେକ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଶିକ୍ଷାଗତ ଯୋଗ୍ୟତା ଓ ପ୍ରମାଣପତ୍ରରେ ତାଳମେଳ ନ ଥିବା ଲକ୍ଷ୍ୟ କରାଯାଇଥିବାବେଳେ ଅନେକଙ୍କ ପାଖରେ ସେତେବେଳେ ଚାଲିଥିବା ନିଶ୍ଚିତ ଶିକ୍ଷା ଯୋଜନାର କୌଣସି କାଗଜାତ ମଧ୍ୟ ନାହିଁ । ଏପରି କି ମୋଟା ଅଙ୍କର ଟଙ୍କା ଲାଞ୍ଚ ନେଇ ତତ୍କାଳୀନ ବିଆର୍‌ସିସି ବିନା କୌଣସି କାଗଜପତ୍ରରେ ସେମାନଙ୍କୁ ନିଯୁକ୍ତିପତ୍ର ଦେଇଥିବା ଗୁମର ଏବେ ଫିଟିବାରେ ଲାଗିଛି । ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳର ସମସ୍ତ ଗଣଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯେଉଁମାନେ ପୂର୍ବରୁ ନିଶ୍ଚିତ ଶିକ୍ଷା ଯୋଜନାରେ ନିଯୁକ୍ତ ଥିଲେ ବୋଲି ଦର୍ଶାଯାଉଛି । ଏବେ ରେଗୁଲାର ହାରରେ ଦରମା ପାଉଥିଲେ ହେଁ ନିଶ୍ଚିତ ଶିକ୍ଷା ଯୋଜନା କର୍ମୀ ବୋଲି ସେମାନଙ୍କ ପାଖରେ କିଛି ପ୍ରମାଣପତ୍ର ନ ଥିବା ଜଣାପଡିଛି । ଏ ସମ୍ପର୍କରେ ବ୍ଲକସ୍ତରୀୟ ପ୍ରମାଣପତ୍ର ଯାଞ୍ଚ କମିଟି ନିରବ ଥିବା ଓ ସମ୍ପୃକ୍ତ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଉଥିବା ନେଇ ଅଭିଯୋଗ ଉଠୁଛି। ସମ୍ପୃକ୍ତ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ନିଶ୍ଚିତ ଶିକ୍ଷା ଯୋଜନାର ନିଯୁକ୍ତିପତ୍ର, ସ୍କୁଲ ରେଜୋଲେସନ ସମେତ ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି । ପ୍ରମାଣପତ୍ର ଯାଞ୍ଚକୁ ନେଇ ବିଭିନ୍ନ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଥିବାବେଳେ ନକଲି ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ଛନକା ପଶିଛି ।

# ଓମ୍ ସାଇ ଦ୍ୱାରିକାମାୟୀ ଆଶ୍ରମଠାରେ ଗୁରୁପୂର୍ଣ୍ଣିମା

**ଭବାନୀପାଟଣା,୧୭।୭ (ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ରେଡକ୍ରସ କଲ୍ୟାଣ ମଣ୍ଡପ ସମ୍ମୁଖରେ ଥିବା ଶିରିଡି ସାଇ ବାବାଙ୍କ ଓମ୍ ସାଇ ଦ୍ୱାରିକାମାୟୀ ଆଶ୍ରମଠାରେ ମଙ୍ଗଳବାର ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ହଜାର ହଜାର ସାଇ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ପ୍ରତ୍ୟୁଷରୁ ବାବାଙ୍କ କାକଡ ଆରତୀ ସରିବା ପରେ ଦୀର୍ଘ ଦେଢ ଘଣ୍ଟା ଧରି ବାବାଙ୍କ ପୁଣ୍ୟ ମହାସ୍ନାନ ଅନୁଷ୍ଠିତ ହୋଇଥିଲା । ଭକ୍ତମାନେ ଗଙ୍ଗାଜଳ, ପଞ୍ଚାମୃତ ଦ୍ୱାରା ବାବାଙ୍କୁ ନିଜ ହାତରେ ସ୍ନାନ କରାଇ ପୁଣ୍ୟ ଅର୍ଜନର ଶୋଭାଗ୍ୟ ଲାଭ କରିଥିଲେ । ପୂର୍ବାହ୍ନ ୯ଟାଠାରୁ ବାବାଙ୍କ ନିକଟରେ ଘୃତଯଜ୍ଞର ଆୟୋଜନ କରାଯାଇଥିଲା। ଏଥିରେ ଭବାନୀପାଟଣାର ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ ଓ ଶିବାମ୍ବିକା ନନ୍ଦ କର୍ତ୍ତା ଭାବେ ଉପସ୍ଥିତ ରହିଥିବା ବେଳେ ବାବାଙ୍କ ମନ୍ଦିରର ପୂଜକ ଘାସିରାମ ଶତପଥିଙ୍କ ପୌରହିତ୍ୟରେ ମହେଶ୍ୱର ଶତପଥି ଓ କାମନା ଶତପଥୀ ଯଜ୍ଞକର୍ମ ସମ୍ପାଦନ କରିଥିଲେ । ମଧ୍ୟାହ୍ନ ଆରତୀ ପରେ ପରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା । ପ୍ରଥମ ଥର ପାଇଁ ଗୁରୁପୂର୍ଣ୍ଣିମା ଅବସରରେ ଓମ୍ ସାଇ ଦ୍ୱାରୀକାମାୟୀ ଆଶ୍ରମ ତରଫରୁ ବାବାଙ୍କ ସମ୍ପର୍କିତ ମୁଖପତ୍ର 'ସାଇ ଅର୍ଘ୍ୟ' ଉନ୍ମୋଚିତ ହୋଇଥିଲା ।



ସାଇ ବାବାଙ୍କ ସମ୍ପର୍କିତ ମୁଖପତ୍ର 'ସାଇ ଅର୍ଘ୍ୟ' ଉନ୍ମୋଚନ କରାଯାଉଛି।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ



## ସଂକ୍ଷେପରେ

### ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣକୁ ବିରୋଧ

**ସିନାପାଲି,୧୭।୭(ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ସହରସ୍ଥିତ ବାହାଲପଡାଠାରେ ହେବାକୁ ଥିବା ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣକୁ ବିରୋଧ କରାଯାଇଛି। ଏ ନେଇ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ସିନାପାଲି ବିଡିଓ ସୁରେନ୍ଦ୍ର ମେହେର କନିଷ୍ଠଯନ୍ତ୍ରୀ ସି ତିଆଡିଙ୍କୁ ତଦନ୍ତ ପାଇଁ ପଠାଇଥିଲେ। ସମ୍ପୃକ୍ତ ଯନ୍ତ୍ରୀ ମଧ ଏହି ସ୍ଥାନ ଉପଯୁକ୍ତ ନୁହେଁ ବୋଲି କହିଛନ୍ତି। ପୂର୍ବରୁ ବାହାଲପଡାଠାରେ ଥିବା ଅଙ୍ଗନୱାଡି କେନ୍ଦ୍ର ବିଜୁ ଏକ୍ସପ୍ରେସ ରାସ୍ତା ନିର୍ମାଣରେ କ୍ଷତିଗ୍ରସ୍ତ ହୋଇଛି। ନୂତନ କେନ୍ଦ୍ର ନିର୍ମାଣ ପାଇଁ ସରକାରୀସ୍ତରରେ ଟେଣ୍ଡର କାର୍ଯ୍ୟ ସରିଯାଇଛି। ଶିଶୁଙ୍କ ସୁରକ୍ଷା ଦୃଷ୍ଟିରୁ ଠିକ ଜାଗାରେ ହେବା ପାଇଁ ଗ୍ରାମବାସୀ ଅଡି ବସିଛନ୍ତି। ବର୍ତ୍ତମାନ ଯେଉଁ ସ୍ଥାନ ଚିହ୍ନଟ ହୋଇଛି, ସେହି ଜାଗା ଶିଶୁଙ୍କ ପାଇଁ ବିପଦ ରହିଛି। ସରକାରଙ୍କ ନିର୍ମାଣାଧୀନ ବିଜୁ ଏକ୍ସପ୍ରେସ ୱେ ରାସ୍ତା ପାରି ହୋଇ ଯିବାକୁ ପଡିବ। ଏଥିପାଇଁ କୋମଳମତି ଶିଶୁମାନଙ୍କ ପ୍ରତି ବିପଦ ଥିବାରୁ ଅନ୍ୟତ୍ର ଏକ ସ୍ଥାନ ଚିହ୍ନଟ କରିବାକୁ ଗ୍ରାମବାସୀ ସିନାପାଲି ବିଡିଓ, ସିନାପାଲି ତହସିଲଦାରଙ୍କ ସମେତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଲିଖିତ ଜଣାଇଛନ୍ତି। ସମ୍ପୃକ୍ତ ଠିକାଦାର ଯୋର ଜବରଦସ୍ତି କାମ ଆରମ୍ଭ କରିବା ପାଇଁ ବାରମ୍ବାର ଗ୍ରାମକୁ ଆସୁଥିବା ଗ୍ରାମର ବିକ୍ରମ ମେହେର, ଗଙ୍ଗାଧର ମେହେର, ଲମ୍ବୋଦର ମେହେର ପ୍ରମୁଖ ପ୍ରକାଶ କରିବା ସହ ଉଚିତ ସ୍ଥାନରେ ନିର୍ମାଣ କରାଯାଉ ବୋଲି ପ୍ରକାଶ କରିଛନ୍ତି।

# ନିଶାମୁକ୍ତି ପାଇଁ ଜିଲାପାଳଙ୍କୁ ଭେଟିଲେ ମହିଳା

- କୁଞ୍ଜେଲପଡା ଗାଁରେ ମଦ ବିରୋଧୀ ଅଭିଯାନ
- ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ
- ବନ୍ଦ କରା ନ ଗଲେ ଆନ୍ଦୋଳନ ଚେତାବନୀ

**ନୂଆପଡା ଅଫିସ,୧୭।୭**

ନୂଆପଡା ଜିଲା କୋମନା ବ୍ଲକର ନବଗଠିତ ଦେଓଦର୍ହା ଗ୍ରାମପଞ୍ଚାୟତରେ ବନବାସୀ ଆଦିବାସୀମାନେ ଜୀବନ ଜିବିକା ପାଇଁ ସଂଘର୍ଷ କରୁଥିବାବେଳେ ଏଠାରେ ଅବାଧ ନିଶା କାରବାର ଲୋକଙ୍କ ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରୁଛି। ବର୍ତ୍ତମାନ ସଚେତନ ମହିଳାମାନେ ଆଗକୁ ଆସି ନିଶା ମୁକ୍ତି ପାଇଁ ଅଣ୍ଟା ଭିଡିଛନ୍ତି। ବୁଧବାର ନୂଆପଡା ଜିଲା ସଦର ମହକୁମାକୁ ଆସି ସିଧା ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ଉପରେ ତୁରନ୍ତ ଅଙ୍କୁଶ ଲଗାଇବାକୁ ଅନୁରୋଧ କରିଥିବାବେଳେ ନ ହେଲେ ଆନ୍ଦୋଳନକୁ ଉଗ୍ର କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

ଦେଓଦର୍ହା ଗ୍ରାମପଞ୍ଚାୟତରେ କୌଣସି ଲାଇସେନ୍ସପ୍ରାପ୍ତ ମଦଭାଟି କିମ୍ବା କୋଠି ନ ଥିଲେ ହେଁ ଏହି ଅଞ୍ଚଳକୁ ପେଣ୍ଡ୍ରାବନ୍ଧ ମଦଭାଟିରୁ ମଦ ଯୋଗାଣ ହେଉଛି। ଏହି ଗ୍ରାମପଞ୍ଚାୟତ ଅଞ୍ଚଳରେ ଛତୁଫୁଟିଲା ଭଳି ମଦ କୋଠି ସବୁ ଖୋଲିଛି। ପ୍ରତ୍ୟହ ହଜାର ହଜାର ଟଙ୍କାର ମଦ କାରବାର ହେଉଛି। ଏହାକୁ ମଦଭାଟି ବାଲା ପ୍ରତ୍ୟକ୍ଷ ଭାବେ ସମର୍ଥନ କରୁଥିବାବେଳେ ଅଞ୍ଚଳର ବହୁ ବଡମୁଣ୍ଡିଆ ଲୋକଙ୍କୁ ହାତ ବାରିସି କରିଥିବା ମହିଳା ମଣ୍ଡଳର ନେତ୍ରୀମାନେ ଅଭିଯୋଗ କରିଛନ୍ତି। ବିଶେଷ କରି କୁଞ୍ଜେଲପଡା ଭଳି ଆଦିବାସୀ ବହୁଳ ଗାଁରେ ଦିନ ଦ୍ୱିପ୍ରହରେ ମଦ କାରବାର ହେଉଛି। ଏହା ଦ୍ୱାରା ଗରିବ ପରିବାରର ପୁରୁଷଲୋକମାନେ ମଦ ପିଇ ମାତାଲ ହେଉଛନ୍ତି। ଦିନ ବେଳେ କିଛି ରୋଜଗାର କରି ଏଥିରେ ସର୍ବସ୍ୱାନ୍ତ ହେଉଛନ୍ତି। ଘରେ ପିଲାଛୁଆଙ୍କ ଅବସ୍ଥା ସଙ୍ଗୀନ ହୋଇପଡିଛି। ମହିଳାମାନେ କିଛି ବି ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି। ମଦ କୋଠୀ ବନ୍ଦ କରିବାକୁ ଗାଁରେ ବାରମ୍ବାର ସଭାସମିତି ହେଉଥିଲେ ମଧ୍ୟ କୋଠିବାଲା କର୍ଣ୍ଣପାତ କରୁନାହାନ୍ତି। ଅନ୍ୟପକ୍ଷେ ପେଣ୍ଡ୍ରାବନ୍ଧ ଭାଟିବାଲା ଏହାକୁ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି। ଏହା ଦ୍ୱାରା ଭାଟି ଏବଂ କୋଠି ବାଲା ମାଲାମାଲ ହେଉଥିବାବେଳେ ଗରିବ ଲୋକେ ସର୍ବସ୍ୱାନ୍ତ ହେଉଛନ୍ତି। ଏହାକୁ ନେଇ ଗାଁର ମହିଳା ମଣ୍ଡଳ ନେତ୍ରୀମାନେ ଆଗକୁ ପାଦ କାଢି ଗାଁ ତଥା ଆଖପାଖ ଗାଁକୁ ବୁଲି ସଭାସମିତି କରିବାରେ ଭିଡିପଡିଛନ୍ତି। ସମସ୍ତ ପରିବାର ଲୋକଙ୍କୁ ମଦ ନ ପିଇବାକୁ ପ୍ରବର୍ତ୍ତାଉ ଥିବାବେଳେ ମଦକୋଠିବାଲାଙ୍କୁ ମଧ୍ୟ ଚେତାବନୀ ଦେଉଛନ୍ତି। ଶେଷରେ ବୁଧବାର ଏକ ଗାଡି ଯୋଗେ ଦୀର୍ଘ ୫୫ କି.ମି. ଦୂର ନୂଆପଡାକୁ ଆସିଥିଲେ। ଏଠାରେ ଅପରାହ୍ନ ୨ଟାରେ ପହଞ୍ଚି ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଭେଟି ସବିଶେଷ ଜଣାଇଛନ୍ତି। ମଦ କୋଠି ବନ୍ଦ କରିବାକୁ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷେ ଜିଲାପାଳ ସାହୁ ଏହା ଉପରେ ତୁରନ୍ତ ଅବକାରୀ ବିଭାଗକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମହିଳା ମଣ୍ଡଳ ନେତ୍ରୀଙ୍କ ମଧ୍ୟରେ ମା' ବସ୍ତ୍ରାୟଣୀ ସ୍ୱୟଂ ସହାୟକ ଦଳ ସଭାପତି ରୀତା ଚିନ୍ଦା, ମା' ଠାକୁରାଣୀ ଦଳର ସୁଶୀଳା ଚିନ୍ଦା, ମା' ମଙ୍ଗଳା ଦଳର ମକାରୀ ଚିନ୍ଦା, ମା' ଇନ୍ଦ୍ରାଣୀ ଦଳର ସଶୀତା ବାଗ, ବୁଢାରଜା ଦଳର ସଭାପତି ଗୋଲାପି ଚିନ୍ଦା, ଦୁଆରସନୀ ଦଳର ପୁଷ୍ପା ବାଗ, ମା' ଚଣ୍ଡୀ ସମଲେଇ ଦଳର ସଭାପତି ଅଇଁଳା ବାଗ ପ୍ରମୁଖ ସାମିଲ ରହିଥିଲେ। ଏହି ଅବସରରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ମଧ୍ୟ ସାମିଲ ରହି ମଦ ମୁକ୍ତି ପାଇଁ ବର୍ତ୍ତମାନ ମହିଳାମାନେ ଆଗକୁ ଆସିଛନ୍ତି। ଏହାକୁ ସେ ସମର୍ଥନ କରୁଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ବୋଲି ଦାବି କରିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗ କରିବାକୁ ଆସିଥିବା ମହିଳା ମଣ୍ଡଳର ସଦସ୍ୟାମାନେ।

### ସୀମାନ୍ତରେ ଫୁଟବଲ ପ୍ରତିଯୋଗିତା : ଛତିଶଗଡ଼ର ଟପକରା ଦଳ ବିଜୟୀ

**ବାଲିଶଙ୍କରା, ୧୭।୭ (ଡି.ଏନ.ଏ.)**

ବାଲିଶଙ୍କରା ବ୍ଲକର ଲୁଲକିଡିହି ଗ୍ରାମରେ ନିୟୁ ୟଥ କ୍ଲବ ତରଫରୁ ସୀମାନ୍ତ ଫୁଟବଲ ପ୍ରତିଯୋଗିତା ବୁଧବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ୮ଟି ଦଳ ମଧ୍ୟରେ ଖେଳ ହୋଇଥିବାବେଳେ ପ୍ରଥମ ମ୍ୟାଚ ଲୁଲକିଡ଼ିହି ଏକାଦଶ ଓ ଛତିଶଗଡ଼ର ଟପକରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟପକରା ଦଳ ଲୁଲକିଡ଼ିହିକୁ ୨ ଗୋଲ ଦେଇ ବିଜୟୀ ହୋଇଥିଲା। ଓଡ଼ିଶା ସୀମାନ୍ତରେ ହେଉଥିବା ଏହି ଫୁଟବଲ ପ୍ରତିଯୋଗିତାରେ ଓଡ଼ିଶା, ଛତିଶଗଡ, ଝାଡ଼ଖଣ୍ଡର ୩୨ଟି ଫୁଟବଲ ଦଳ ଭାଗ ନେବେ। ୪ଦିନ ଧରି ଖେଳ ହୋଇ ୨୧ରେ ଫାଇନାଲ ଖେଳ ହେବ। ବୁଧବାର ପ୍ରଥମ ଦିବସ ଖେଳକୁ ନିୟୁ ୟଥ କ୍ଲବର ସଭାପତି ତଥା ସାମାଜିକ କର୍ମୀ ଅରୁଣ କୁମାର ଗୁପ୍ତା ଉଦ୍‌ଘାଟନ କରିଥିଲେ। ଖେଳ ଦ୍ୱାରା ରାଜ୍ୟ ରାଜ୍ୟଭିତରେ ଭାଇଚାରା ବୃଦ୍ଧି ପାଇଥାଏ ବୋଲି ସେ କହିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ବୀରେନ୍ଦ୍ର ମାଝି, ସରୋଜ ମାଝି, ଆଶିଷ ସୋରେଙ୍ଗ, ବସନ୍ତ ଦୁଆ, ପ୍ରମୁଖ ଯୋଗଦେଇଥିଲେ। ଶାନ୍ତିଶୃଙ୍ଖଳା ସହ ଖେଳିବାକୁ ପରାମର୍ଶ ଦେଇଥିଲେ।

**କଥା ରଖିଲା ବ୍ଲକ ପରଶାସନ**

## ଭିନ୍ନକ୍ଷମ ଭତା ପାଏଲେ ଭୂମିସୂତା

**କୋକସରା, ୧୭।୭(ଡି.ଏନ୍.ଏ)**

କୋକସରା ବ୍ଲକ କାଉଡ଼ୋଲା ଗାଁର ନୀଲାମ୍ବର ରାଉତକଁର ଦିବ୍ୟାଙ୍ଗ ଝିଁ ଭୂମିସୂତା(୧୭)କୁଁ ବ୍ଲକ ପରଶାସନ ଦେଇଥିବାର ପରତିଶୁରତି ପାଲନ କରିଛେ। ଭୂମିସୂତା ଜନମୁ ଦିବ୍ୟାଙ୍ଗ ଥିଲାବେଲେ ଭିନ୍ନକ୍ଷମ ପରମାନପତର ଅଭାବୁ ସେ ଭତା ପାଏବାରୁ ବଁଚିତ୍ ହେଇ ରହିଥିଲେ। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଲାଗ୍ ଲାଗ୍ ଖବର ବାହାରଲାରୁ ଥାନୀୟ ପରଶାସନର ଚେତା ପସିଥିଲା। କୋକସରା ବିଡିଓ ବସନ୍ତ କୁମାର ସେଠି ଭିନ୍ନକ୍ଷମ ଭୂମିସୂତାକଁର ଘରେ ପୁହୁଁଚି ଦରକାରୀ କାଗଜପତର ନେଇଥିଲେ। ସେ ନିଜେ ଭୂମିସୂତାକଁର ଭିନ୍ନକ୍ଷମ ପରମାନପତର ଲାଗି ଅନ୍‌ଲାଇନ ଆବେଦନ କରିଥିଲେ। ଭୂମିସୂତାକଁର ଭିନ୍ନକ୍ଷମ ପରମାନପତର ମିଲ୍‌ଲା ଉତାରୁ ତାହାକୁ ଭତା ଯୋଜନାରେ ସାମିଲ କରାଯାଇଛେ। ବୁଧୁବାର କାଉଡ଼ୋଲା ସରପଁଚ୍ ଜମ୍ବୁବତୀ ସାହୁ ଆର ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ନିଲାଦ୍ରି ମେହେର ଭୂମିସୂତାକୁଁ ଭିନ୍ନକ୍ଷମ ଭତା ଦେଇଛନ୍। ସେନ୍‌ତା ଭୂମିସୂତାକୁଁ ଆଗ୍‌ରୁ ବ୍ଲକ ପରଶାସନ ଗୁଟେ ହ୍ୱିଲ ଚେୟାର ଯୁଗେଇ ଦେଇଛେ। ବ୍ଲକ ପରଶାସନର ଇ ମହତ୍ କାୟକେ ଗାଁବାସୀ ବଡ଼ଭାରି ପରଶଁସା କରିଛନ୍।



ଥାନୀୟ ସରପଁଚ୍ ଆର ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଭୂମିସୂତାକୁଁ ଭତା ଦେଉଛନ୍।

**ବିଜୁ ଏକ୍‌ସ୍‌ପ୍ରେସ୍ ୱେ କାର୍ଯ୍ୟ**

## ନିମ୍ନମାନର ମୋରମ ବ୍ୟବହାର ଅଭିଯୋଗ

**ସିନାପାଲି,୧୭।୭(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ଦେଇ ଯାଉଥିବା ନିର୍ମାଣାଧୀନ ବିଜୁ ଏକ୍‌ସ୍‌ପ୍ରେସ୍ ୱେ କାର୍ଯ୍ୟ ନିମ୍‌ନମାନର ହେଉଥିବା ଅଭିଯୋଗ ହେଉଛି। ସିନାପାଲି ବ୍ଲକ୍ ଅନ୍ତର୍ଗତ କାପସିଠାରୁ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ପର୍ଯ୍ୟନ୍ତ ପ୍ରାୟ ୧୨ କି.ମି. ରାସ୍ତା ନିର୍ମାଣରେ ବିଳମ୍ବ ହେବା ସହିତ ନିମ୍ନମାନର ମାଟି ମୋରମ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ଏପରିକି ଘଣ୍ଟିଗୁଡାଠାରୁ ଚଲନା ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତାରେ କେବଳ ମାଟି ମୋରମ ପକାଇ ଆଉ କୌଣସି କାର୍ଯ୍ୟ ହେଉ ନ ଥିବା ଯୋଗୁ ଯାନବାହନ ଯିବା ଆସିବାରେ ବ୍ୟାପକ ଅସୁବିଧା ହେଉଛି। ରାସ୍ତାରେ ଠିକ ମାନର ମୋରମ ଦିଆଯାଉ ନ ଥିବା ବେଳେ ଆବଶ୍ୟକତା ଅନୁସାରେ ପାଣି ସିଞ୍ଚନ କରି ରୋଲିଂ କରାଯାଉ ନ ଥିବା ଯୋଗୁ ରାସ୍ତା ସାମାନ୍ୟ ବର୍ଷାରେ କାଦୁଅ ହୋଇ ପଡିରହିଛି। ମାଟି ଅଂଶ ଥିବା ମୋରମର ବହୁଳ ବ୍ୟବହାର ଯୋଗୁ ମଧ ଏପରି ହୋଇଥିବା ଅଭିଯୋଗ ହେଉଛି। ଗ୍ରୀଷ୍ମ ଋତୁରେ ଏଠାରେ ପାଣି ସିଞ୍ଚନ ହୋଇ ନ ଥିବାରୁ ଧୂଳି ଉଡ଼ି ଯାତ୍ରୀ ଅତିଷ୍ଠ ହୋଇପଡୁଥିଲେ। ବର୍ତ୍ତମାନ କାଦୁଅ ରାସ୍ତାରେ ଯେକୌଣସି ଗାଡି ଚଳାଚଳରେ ବିପଦପୂର୍ଣ୍ଣ ହେଉଛି। ଉକ୍ତ ରାସ୍ତାରେ ଅନେକ ସ୍ଥାନରେ ପୋଲ ନିର୍ମାଣ ହେଉଥିବା ବେଳେ ଏଥିପାଇଁ ଆବଶ୍ୟକ ଡାଇଭର୍ସନ ରାସ୍ତା ମଧ ଠିକ୍ ଢଙ୍ଗରେ ହୋଇନାହିଁ। ଏହି ରାସ୍ତା କଳାହାଣ୍ଡି ଜିଲା ଧର୍ମଗଡ ଓ ଭବାନୀପାଟଣା ଯିବା ପାଇଁ ଏକମାତ୍ର ରାସ୍ତା ହୋଇଥିବା ବେଳେ ପ୍ରତ୍ୟହ ଏହି ରାସ୍ତାରେ ଶତାଧିକ ବସ ମୋଟର ଇତ୍ୟାଦି ଯାତାୟାତ କରିଥାଏ। ରାସ୍ତା ଖରାପ ଥିବା ଯୋଗୁ ବିଭିନ୍ନ ସମୟରେ ଗାଡିଗୁଡିକ ରାସ୍ତାରେ ଫସି ରହି ଯାତ୍ରୀମାନଙ୍କୁ ଅସୁବିଧାରେ ପକାଉଛି।

ସିନାପାଲିଠାରୁ ହାତୀବନ୍ଧା ପର୍ଯ୍ୟନ୍ତ ପ୍ରାୟ ୧୨ କି.ମି. ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟାରେ ଭବାନୀପାଟଣାସ୍ଥିତ ବିନୋଦିନୀ ଇନଫ୍ରାଷ୍ଟ୍ରକଚର୍ ଲିମିଟେଡ୍ ନାମକ ଏକ ଘରୋଇ ସଂସ୍ଥା ହାତକୁ ନେଇଛି। ୨୪ କୋଟି ୪୩ ଲକ୍ଷ ୮୬ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଅଟକଳ ମୂଲ୍ୟରେ ନିର୍ମାଣ ହେଉଥିବା ଏହି ରାସ୍ତା ଚଳିତ ଆର୍ଥିକ ବର୍ଷରେ ମେ ମାସ ସୁଦ୍ଧା ସମ୍ପୂର୍ଣ୍ଣ ହେବା କଥା। କିନ୍ତୁ ବର୍ତ୍ତମାନ ସୁଦ୍ଧା ୩୦ ରୁ ୪୦ ପ୍ରତିଶତ କାର୍ଯ୍ୟ ହୋଇଥିବା ଜଣାପଡିଛି। ବର୍ତ୍ତମାନ ବର୍ଷା ଋତୁରେ ଏ ଦୁର୍ବିସହ ରାସ୍ତାରେ ଯିବା ଆସିବା ଅତି କଷ୍ଟକର ହୋଇପଡିବାରୁ ଜନସାଧାରଣ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଏଠାରେ ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଶ୍ରୀଯୁକ୍ତ ଦାସଙ୍କୁ ପଚାରିବାରୁ ସମ୍ପୃକ୍ତ ଠିକାଦାରଙ୍କୁ ଉକ୍ତ ରାସ୍ତା ଉପରେ ଆବଶ୍ୟକ ବାଲି ମୋରମ ପକାଇ ଯାତାୟାତ ସୁବିଧା ଠିକ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତୁରନ୍ତ ଏହାର ସମାଧାନ ହେବ ବୋଲି କହିଥିଲେ।



ବିଜୁ ଏକ୍‌ସ୍‌ପ୍ରେସ୍ ୱେରେ ନିମ୍‌ନମାନର ମୋରମ ବ୍ୟବହାର ଅଭିଯୋଗ।

## ବଜ୍ରପାତରେ ଦମ୍ପତି ଗୁରୁତର

**ଧର୍ମଗଡ,୧୭।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମାନଝରୀ ଗ୍ରାମରେ ଜଙ୍ଗଲକୁ ଯାଇ ଫେରୁଥିବା ବେଳେ ବଜ୍ରଘାତରେ ଦମ୍ପତି ଗୁରୁତର ହୋଇଥିବା ଜଣାପଡିଛି। ବୁଧବାର ଅପରାହ୍ନରେ ସ୍ଥାନୀୟ ଅଞ୍ଚଳରେ ଅଚାନକ ପ୍ରବଳ ଘଡ ଘଡି ସହ ବିଜୁଳି ହୋଇଥିଲା। ଏହି ସମୟରେ ମାନଝରୀ ଗ୍ରାମର ସହଦେବ କେତକୀ ଏବଂ ତାଙ୍କ ସ୍ତ୍ରୀ ପୁଷ୍ପା ନିକଟସ୍ଥ ଜଙ୍ଗଲକୁ ଯାଇ ଫେରୁଥିବା ବେଳେ ବଜ୍ର ଘାତରେ ଗୁରୁତର ହୋଇ ପଡିଯାଇଥିଲେ। ପରେ ସେଠାରେ ଥିବା ଲୋକମାନେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଧର୍ମଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ଦମ୍ପତିଙ୍କ ଚିକିତ୍ସା ଚାଲିଥିବା ବେଳେ ୨ ଜଣ ସୁସ୍ଥଥିବା ଜଣାପଡିଛି।

## ଜିଲାପାଳଙ୍କୁ ଭେଟିଲା ଭାଜପାର ଜିଲା ଶାଖା

**ନୂଆପଡା ଅଫିସ,୧୭।୭**

ନୂତନ ଜିଲାପାଳ ଭାବେ ମଧୁସ୍ମିତା ସାହୁ ଦାୟିତ୍ୱ ଗ୍ରହଣ ପରେ ମଙ୍ଗଳବାର ଭାଜପାର ନୂଆପଡା ଜିଲା ଶାଖା ତରଫରୁ କର୍ମକର୍ତ୍ତାମାନେ ସୌଜନ୍ୟମୂଳକ ଭାବେ ଭେଟି ଫୁଲତୋଡା ପ୍ରଦାନ କରିଛନ୍ତି। ମଧ୍ୟାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳରେ ଭେଟି ସ୍ୱାଗତ ଜଣାଇଥିବା ବେଳେ ଜିଲାର ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଦେବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଭାଜପାର ବରିଷ୍ଠ କର୍ମକର୍ତ୍ତାଙ୍କ ମଧ୍ୟରେ ଜିଲା ସଭାପତି ଶିବ ମୁଣ୍ଡ, ରାଜ୍ୟ ଉପସଭାପତି ପ୍ରସନ୍ନ କୁମାର ପାଢୀ, ଗୋଲଡି ଅଗ୍ରୱାଲ, ଚତୁର୍ଭୁଜ ଶର୍ମା, ସରିତା ସିଂ, ରାକେଶ ଜୈନ, ହୋମସିଂ ମାଝି, ତୁଳସ ପଟେଲ, ମନିଜର ଆର୍ଯ୍ୟ, ମୁରଲୀ ସୁନା ପ୍ରମୁଖ ସାମିଲ ଥିଲେ।



ଭାଜପା କର୍ମକର୍ତ୍ତା ଜିଲାପାଳଙ୍କୁ ଭେଟି ଫୁଲତୋଡା ପ୍ରଦାନ କରୁଛନ୍ତି।

## ସିନାପାଲି ବ୍ଲକ ସମସ୍ୟା ନେଇ ନୂତନ ଜିଲାପାଳଙ୍କ ସହ ଆଲୋଚନା

**ସିନାପାଲି,୧୭।୭(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକରେ ଅନେକ ସମସ୍ୟା ରହିଥିବା ବେଳେ ସମାଧାନ ପାଇଁ ନୂତନ ଜିଲାପାଳଙ୍କ ସହ ଆଲୋଚନା କରାଯାଇଛି। ସିନାପାଲି ବ୍ଲକ ଜିଲା ପରିଷଦ ସଦସ୍ୟମାନେ ସିନାପାଲିରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ସମେତ ସିନାପାଲି ସହରକୁ ଆବଶ୍ୟକ ଡ୍ରେନେଜ ବ୍ୟବସ୍ଥା କରିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ତ୍ୱରାନ୍ୱିତ କରିବା ନେଇ ଆଲୋଚନା କରିଥିଲେ। ନୂତନ ଜିଲାପାଳ ମଧୁସ୍ମିତା ସାହୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସେମାନେ ଏହି ଆଲୋଚନା କରିଥିଲେ। ଏହି ଅବସରରେ ଜିଲାପାଳଙ୍କୁ ଫୁଲତୋଡା ଦେଇ ସ୍ୱାଗତ ଜଣାଇଥିଲେ। ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ଦୋଳକାନ୍ତି ମାଝିଙ୍କ ସମେତ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାୟ ଅଧଘଣ୍ଟା ଧରି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିବା ବେଳେ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।



ସିନାପାଲି ବ୍ଲକର ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ସହ ଆଲୋଚନା କରାଯାଉଛି।

**ଶିଶୁ ସୁରକ୍ଷା ନାଁରେ ଚାଲିଛି ହରିଲୁଟ୍**

## ମିଥ୍ୟା କାଗଜାତ ଦାଖଲକରି ଟଙ୍କା ଆତ୍ମସାତ୍

**ନୂଆପଡା ଅଫିସ,୧୭।୭**

ସରକାର ଶିଶୁଙ୍କ ଅଧିକାର, ସୁରକ୍ଷା ଏବଂ ଜୀବନ ଜିବିକା ସକାଶେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ଏଥିରେ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରୁଥିବା ଅଧିକାରୀମାନେ ଅନିୟମିତତା କରୁଥିବା ଅଭିଯୋଗ ହୋଇଛି। ଶିଶୁଙ୍କ ନାଁରେ ମିଥ୍ୟା କାଗଜାତ ଦାଖଲ କରି ଅଯୋଗ୍ୟ ବ୍ୟକ୍ତି ବିଶେଷଙ୍କୁ ସହାୟତା ପ୍ରଦାନ କରାଯାଉଥିବା ବେଳେ ଯୋଗ୍ୟ ବ୍ୟକ୍ତି ଏଥିରୁ ବଞ୍ଚିତ ରହୁଥିବାବେଳେ ଏଥିରେ ସମ୍ପୃକ୍ତ ଅଧିକାରୀମାନେ ମାଲାମାଲ ହେଉଥିବା ଅଭିଯୋଗ ହୋଇଛି।

ସରକାର ଶିଶୁମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଜିଲାରେ ମହିଳା ଓ ଶିଶୁ ଉନ୍ନୟନ ବିଭାଗ ଅଧୀନରେ ଶିଶୁ ସୁରକ୍ଷା ୟୁନିଟ ସ୍ଥାପନ କରିଛନ୍ତି। ଏହି ଜରିଆରେ ଅନାଥ ଶିଶୁମାନଙ୍କୁ ବିଭିନ୍ନ ଯୋଜନାରେ ଜୀବିକା ନିର୍ବାହ ତଥା ଥଇଥାନ ସକାଶେ ବ୍ୟବସ୍ଥା କରାଯାଇଥାଏ। ସେଥିମଧ୍ୟରୁ ବିଜୁ ଶିଶୁ ସୁରକ୍ଷା ଯୋଜନା (ବିଏସଏସୱାଇ)ରେ ଯେଉଁ ଶିଶୁମାନଙ୍କ ମା' ବାପା ମୃତ୍ୟୁ ବରଣ କରିଥିବେ ତାଙ୍କୁ ବିବାହ ସମୟରେ ଝିଅ ଏବଂ ପୁଅମାନଙ୍କୁ ଯଥାକ୍ରମେ ୫୦ ହଜାର ଏବଂ ୪୦ ହଜାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ। ସୂଚନାଯୋଗ୍ୟ ଯେ, ଜୁଭେନାଇଲ ଜଷ୍ଟିସ ଆକ୍ଟ ୨୦୧୫ର ସେକ୍ସନ ୨ର ସବ ସେକ୍ସନ ୧୨ ଅନୁଯାୟୀ ଯେଉଁ ଶିଶୁମାନଙ୍କୁ ୧୮ବର୍ଷ ପୂର୍ତ୍ତି ପୂର୍ବରୁ ତାଙ୍କର ମା', ବାପା ମୃତ୍ୟୁବରଣ କରିଥିବେ ତାଙ୍କୁ ଅନାଥ (ଅର୍ଫାନ) କୁହାଯାଇଥାଏ। ଏମାନଙ୍କୁ ହିଁ ବିବାହ ସମୟରେ ବିଏସଏସୱାଇରେ ସହାୟତା ପ୍ରଦାନ କରାଯିବା କଥା। ହେଲେ ନୂଆପଡା ଜିଲାରେ ଶିଶୁ ସୁରକ୍ଷା ଅଧିକାରୀ ଭାବେ ନିୟୋଜିତ ବଳଦେବ ରଥ ନାମକ ବ୍ୟକ୍ତି ସମସ୍ତ ନୀତି ନିୟମକୁ ଉଲ୍ଲଂଘନ କରି ସହାୟତା ପ୍ରଦାନ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଉଦାହରଣ ଭାବେ ଶିବ ପ୍ରସାଦ ବେହେରା ନାମକ ବ୍ୟକ୍ତି ଯାହାଙ୍କ ଜନ୍ମ ତାରିଖ ୧୫।୭।୮୧ ହୋଇଥିବାବେଳେ ତାଙ୍କୁ ଯେତେବେଳେ ୩୬ ବର୍ଷ ବୟସ ହେଉଥିଲା ୧୮।୧୦।୨୦୧୭ରେ ତାଙ୍କ ବାପା ବାବୁରାଓ ବେହେରା ମୃତ୍ୟୁବରଣ କରିଥିଲେ। ଏହିଭଳି ଶିବଙ୍କୁ ଯେତେବେଳେ ୨୯ ବର୍ଷ ହେଉଥିଲା ଅର୍ଥାତ ୨୯।୨।୨୦୧୧ରେ ତାଙ୍କର ମା'ଙ୍କ ମୃତ୍ୟୁ ହୋଇଥିଲା। ଏହିଭଳି ଏହି ଯୋଜନାରୁ ଜଣେ ଅନୁପଯୁକ୍ତ ବ୍ୟକ୍ତିଙ୍କୁ ୪୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏହି ଯୋଜନାରେ ଆଜିଯାଏଁ ମୋଟ ୧୧ଜଣଙ୍କୁ ସହାୟତା ପ୍ରଦାନ କରାଯାଇଛି। ଯାହାକି ତଦନ୍ତ ସାପେକ୍ଷ। ଏହିଭଳି ବିଭିନ୍ନ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା କୁହାଯାଇଛି। ଏହାର ଏକ ବିଧିବଦ୍ଧ ତଦନ୍ତ କରିବାକୁ ଗୋପାଳ ପ୍ରସାଦ ଦାସ ନାମକ ଜଣେ ଶିଶୁ ଅଧିକାର ଉପରେ କାମ କରୁଥିବା ସାମାଜିକ କର୍ମୀ ଲିଖିତ ଭାବେ ଜିଲାପାଳ ଏବଂ ଡିଆଇଜି ଭିଜିଲାନ୍ସରେ ଅଭିଯୋଗ କରିଛନ୍ତି। ଏହାର ତୁରନ୍ତ ତଦନ୍ତ କରାଯିବାକୁ ଦାବି କରିଛନ୍ତି। ଏହା ଉପରେ ଶିଶୁ ସୁରକ୍ଷା ଅଧିକାରୀ ରଥଙ୍କୁ ପଚାରିବାରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ମନଗଢା ଆରୋପ। ଏଥିରେ କିଛି ସତ୍ୟତା ନାହିଁ। ଯଦି ସତ୍ୟ ପ୍ରମାଣିତ ହୋଇଯାଏ ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାଁରେ ଅଫିସ ତରଫରୁ ଏତଲା ଦେଇ ଟଙ୍କା ଫେରସ୍ତର ଉଦ୍ୟମ କରାଯିବ ବୋଲି କହିଛନ୍ତି।